ଜୁଲାଇ ୨୦୨୨ • ୫୦ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



ପ୍ରସଙ୍ଗ:

## ଶ୍ରୀ ଜଗନ୍ନାଥ


SMILE GOLD
JEWELLERS
Making
Flat 50% OFF
On Gold Ornaments
Flat 25% OFF
On Diamond Ornaments
Making
Flat 50% OFF
On Silver Ornaments
Flat 20% OFF
On Branded Watches
Saheed Nagar, Bhubaneswar
Mob: 9438019696, 9438029797
Ph.: 0674-2969696, 2969797

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଚତୁର୍ଥ ବର୍ଷ : ୯ମ ସଂଖ୍ୟା, ଜୁଲାଇ ୨୦୨୨ ■ Vol-4, Issue - 9, July 2022



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
**E-mail**
*rebatimedia@gmail.com*

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
**E-mail :**
*rebati.rebati2018@gmail.com*
*rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**


ସୂ ଚୀ ପ ତ୍ର

। ୪ର୍ଥ ବର୍ଷ । ୯ମ ସଂଖ୍ୟା । ଜୁଲାଇ ୨୦୨୨ ।

# ରେବତୀ


ଆମ ମାଟିର ସ୍ୱର


୦୧ ସମ୍ପାଦକୀୟ : ସାଂସାରିକ ସତ୍‌ସଙ୍ଗ : ସୁବାସିନୀ ଜେନା









୦୭
ବିଶେଷ ମତ : ଓଡ଼ିଆ ଗଳ୍ପ ଜଗତର...: ଡକ୍ଟର ଶିଶିର ବେହେରା

୧୨
ପ୍ରସଙ୍ଗ-୧ : ରଥ ରହସ୍ୟ : ଅସିତ୍ ମହାନ୍ତି

୨୪
ପ୍ରସଙ୍ଗ-୨ : ମହାପ୍ରସାଦର ମହକ : ବିଚିତ୍ରା ଦାଶ

୩୦
ପ୍ରସଙ୍ଗ-୩ : ସନ୍ଥଙ୍କ ଶ୍ରୀକ୍ଷେତ୍ର : ପୀତବାସ ରାଉତରାୟ


୩୬
ପ୍ରସଙ୍ଗ-୪ : ଶରଣ ଶ୍ରୀକ୍ଷେତ୍ର : ରତ୍ନରାଜ ଦାସ

୪୦
ଭଲ ବହି : କଥାରେ କଥାରେ କଳା...: ସୁଚେତା ମିଶ୍ର

୪୮
ପ୍ରସଙ୍ଗ-୫ : ରଥ ଯା ଗଡ଼ିଯା : ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ

୫୩
ସମ୍ବାଦ ବାହିକା : ରେବତୀ ନ୍ୟୁଜ୍ ବ୍ୟୁରୋ

୫୪ ଦ୍ୱି-ପ୍ରଚ୍ଛଦ : ଅମ୍ରିତା ସାବତ
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ସେନାପତି ପ୍ରଦ୍ୟୁମ୍ନ କେଶରୀ
୫୮ : ବିପିନ ନାୟକ
୫୯ : ପ୍ରତୀକ୍ଷା ଜେନା
୬୦ : କେ. ଶ୍ୟାମବାବୁ ଦୋରା
୬୧ : ନୀଳମାଧବ କର
: ଜୟନ୍ତିକା
୬୨ : ଅଶ୍ୱିନୀ ଦାଶ
୬୩ : ପ୍ରହ୍ଲାଦ ଶତପଥୀ
୬୪ : ପୂରବୀ ଶତପଥୀ
୬୫ : ବଳରାମ ପୂଜାରୀ
୬୬ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ













୭୪ ପ୍ରସଙ୍ଗ-୬ : **ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

୭୮ ପ୍ରସଙ୍ଗ-୭ : **ଡକ୍ଟର ଫକୀର ମୋହନ ନାହାକ**

୮୪ ପ୍ରସଙ୍ଗ-୮ : **ଶବନମ୍ ଆଦେନୀ**

୯୦ ପ୍ରସଙ୍ଗ-୯ : **ପାରମିତା ଷଡ଼ଙ୍ଗୀ**

୯୫ ପ୍ରସଙ୍ଗ-୧୦ : **ମନୋଜ ଦଳବେହେରା**

୯୮ ପ୍ରସଙ୍ଗ-୧୧ : **ହେନେରିତା ମିଶ୍ର**

୧୦୨ କଥା-କାହାଣୀ : **ସୁଧିର ପ୍ରଧାନ**












୧୦୬ ଶେଷପୃଷ୍ଠା : **ସର୍ଜନଶୀଳତା ଓ ସତ୍‌ସଙ୍ଗ : କୃଷ୍ଣ କୁମାର ମହାନ୍ତି**





କାଲିଗ୍ରାଫି : ସମରେନ୍ଦ୍ର ବେହେରା

ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ଲିପ୍‌ସା ମିଶ୍ର**, ଭୁବନେଶ୍ୱର
ଉଚ୍ଚତା : **୫ ଫୁଟ୍ ୫ ଇଞ୍ଚ୍**
ବୃତ୍ତି : **ଅଭିନେତ୍ରୀ**
ଶିକ୍ଷା : **ସ୍ନାତକ**
ପ୍ରବୃତ୍ତି : **ଅଭିନୟ ଓ ଗୀତଗାଇବା**
ପ୍ରଚ୍ଛଦ ଫଟୋଗ୍ରାଫି : **ସନ୍ତୋଷ**, ଭୁବନେଶ୍ୱର
ଫଟୋଶୁଟ୍ ସହାୟତା : **ସତ୍ୟପ୍ରକାଶ ସାହୁ**
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ**, ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : **ପପୁ ଓ ସରୋଜ**
ସ୍ଥାନ : **ଭୁବନେଶ୍ୱର**

**ମଲାଟ କଥା** : ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ଓଡ଼ିଆ ଜାତିର ନୁହନ୍ତି ବରଂ ସମଗ୍ର ମାନବଜାତିର ଦେବତା । କେଉଁ ଅନାଦି କାଳରୁ ସେ ଓଡ଼ିଶାବାସୀଙ୍କର ବିଶ୍ୱାସର ଅସରନ୍ତି ଉତ୍ସ ହୋଇ ବିରାଜିଛନ୍ତି ଶ୍ରୀକ୍ଷେତ୍ର ପୁରୀରେ । ଜଗନ୍ନାଥଙ୍କୁ ଲୋକଦେବତା ଭାବେ ମାନ୍ୟତା ଦିଆଯାଇଛି । ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ ସମସ୍ତେ ଜଗନ୍ନାଥଙ୍କୁ ନିଜର ଦେବତା ଭାବରେ ଗ୍ରହଣ କରିଛନ୍ତି । ଜଗନ୍ନାଥ ଚତୁର୍ଦ୍ଧା ମୂର୍ତ୍ତି ଭାବେ ଜଗତି(ରତ୍ନବେଦୀ) ଉପରେ ବଳଭଦ୍ର ଓ ସୁଭଦ୍ରାଙ୍କ ସହିତ ପୂଜିତ ହୋଇଥାନ୍ତି । ଆଷାଢ ଶୁକ୍ଳ ଦ୍ୱିତୀୟା ଦିନ ଚତୁର୍ଦ୍ଧା ଦାରୁ ବିଗ୍ରହ ନବନିର୍ମିତ ରଥରେ ବିଜେ କରି ଗୁଣ୍ଡିଚା ମନ୍ଦିରରେ ପହଞ୍ଚନ୍ତି । ସେଠାରେ ସାତଦିନ ରହି ପୁଣି ଶୁକ୍ଳ ଦଶମୀ ଦିନ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେରେ ଫେରନ୍ତି । ପବିତ୍ର ରଥଯାତ୍ରା ଅବସରରେ ଶ୍ରୀଜଗନ୍ନାଥଙ୍କୁ ଧରି ଆମର ଏ ମାସର ପ୍ରଚ୍ଛଦ ।



## ‘ଶେଷପୃଷ୍ଠା’ ଲେଖକଙ୍କ ଜୀବନର ପ୍ରଥମ ପୃଷ୍ଠା ହେଉ

● ଆଜି ଜୁନ୍ ୨୨ ତାରିଖ। ଦିନ ଦୁଇଟାରେ ପାଇଲି ‘ରେବତୀ’। ତିନିଟାରେ ଖୋଲିଲି ତାର ପାଖୁଡ଼ା। ଖୁବ୍ ଧୀରେ। ସ୍ନେହ ଶ୍ରଦ୍ଧାରେ। ଆଘାତ ଲାଗିଯିବ କାଳେ ତା’ର କୋମଳ ପାଖୁଡ଼ା ଗୁଡ଼ିକରେ। ଅଥଚ ଜଣେ କୋମଳାଙ୍ଗୀ ହେଲେ ବି ସେ ଶକ୍ତ। ତେଜମୟୀ ସାହିତ୍ୟ ଜଗତ୍‌କୁ ଆଲୋକିତ କରି ରଖିଛି ସେ ତା’ର ଅନ୍ତରାତ୍ମାର ଆଲୋକରେ। ଏବେ ସମୟ ତିନିଟା ତିରିଶ। ‘ଶେଷପୃଷ୍ଠା’ ପଢ଼ି ସାରି କିଛି ମନକଥା। ସବୁଥର ଭାବେ। କିନ୍ତୁ ଲେଖି ପାରେନି। ତେଣୁ ‘ଶେଷପୃଷ୍ଠା’ ପଢ଼ିସାରି ସାଂଗେ ସାଂଗେ ଲେଖିଲି। ଆଜି ଅନ୍ୟ ପୃଷ୍ଠା ଖୋଲିବିନି। ସର୍ଜନଶୀଳତାରେ ସଂସ୍କାର ଆବେଶରେ ରହିବି ଆଜି। ଯାହା ଭଲ ଲାଗେ ସେ ଆବେଶରେ ବେଶ୍ କିଛି ସମୟ ରହିବାକୁ ଭଲ ଲାଗେ। ଆଚରଣ, ଉଚ୍ଚାରଣରେ ସମାନ ହୋଇ ଏକ ସୁନ୍ଦର ସାହିତ୍ୟ ଜଗତ ଗଢ଼ି ପାରିବା ଆମେ। ସାହିତ୍ୟିକ ସାଧାରଣ ମଣିଷଠୁ ଅଲଗା। ତା’ ଭିତରେ ସଂସ୍କାର ରହିବା ନିହାତି ଜରୁରୀ। କିନ୍ତୁ ହୋଇ ପାରୁନି। ସେ କ୍ଷୋଭରେ କୃଷ୍ଣଙ୍କର ଏଇ ସଚେତନଧର୍ମୀ ‘ଶେଷପୃଷ୍ଠା’। ଅଭିନନ୍ଦନ କୃଷ୍ଣ। ଏ ‘ଶେଷପୃଷ୍ଠା’ ସବୁ ସାହିତ୍ୟିକଙ୍କ ଜୀବନର ପ୍ରଥମ ପୃଷ୍ଠା ହୋଇଯାଉ। ପୁଣି କେବେ।

**ଗାୟତ୍ରୀ ସରାଫ୍,**
ମହାଲକ୍ଷ୍ମୀ ନଗର, ବଲାଙ୍ଗୀର

## ନେତାଜୀ ଅଭିନନ୍ଦନଙ୍କ ଲେଖା ଭଲ ଲାଗିଲା

● ଏ ମାସର ‘ରେବତୀ’ରେ ସ୍ଥାନିତ ‘ରାଜନୀତିର ରେଖାଚିତ୍ର’ ନେତାଜୀ ସାର୍‌ଙ୍କ ଲେଖା ଅନେକ ତଥ୍ୟ-ସମ୍ବଳିତ ଓ ବୁଦ୍ଧିମନ୍ତ ଲାଗିଲା। ସେ ଅନେକ ଐତିହାସିକ ତଥ୍ୟ ଓଡ଼ିଶା ବାବଦରେ ସଂଗ୍ରହ କରିଛନ୍ତି। ଖୁବ୍ ଭଲ ଲାଗିଲା। ଆଗକୁ ଉତ୍ସାହିତ କରିବେ ଏ ଦିଗରେ ବୋଲି ଆଶ। ସାର୍‌ଙ୍କୁ ଧନ୍ୟବାଦ ଓ ନମସ୍କାର।

**ମନୋଜ କୁମାର ସିଂହ,**
ଭୁବନେଶ୍ୱର

## ପ୍ରତିଥର ‘ଶେଷପୃଷ୍ଠା’ ପ୍ରଥମେ ପଢେ

● ‘ଶେଷପୃଷ୍ଠା’ ତ ମୁଁ ସବୁବେଳେ ପ୍ରଥମେ ପଢ଼େ। ଏଥର ସଂସ୍କାର ସମ୍ପର୍କିତ ‘ଶେଷପୃଷ୍ଠା’ ଚିନ୍ତନ ବି ଚମତ୍କାର। ଯାହା ଲେଖିଛନ୍ତି ଗୋଟି ଗୋଟି ହେଇ ଠିକ୍। ବହୁତ କଥା କହିବାକୁ ଅଛି ସେ ସମ୍ପର୍କରେ, ପରେ କେବେ।

**ଶୈଳବାଳା ମହାପାତ୍ର,**
ବାଲିଗୁଆଳି, ପୁରୀ-୭୫୨୦୦୨




## ଉଦୟ ନାରାୟଣ ଦାସଙ୍କ ‘ଆଶ୍ରା’ ଗଳ୍ପ ପଢି ମୁଗ୍ଧ ହେଲି

● ବହୁତ ଭାବଗର୍ଭକ ଲେଖାରେ ସମୃଦ୍ଧ ‘ରେବତୀ’ ଜୁନ ୨୦୨୨ ସଂଖ୍ୟା। ପୃଷ୍ଠାର କ୍ରମିକତାକୁ ନେଇ ବିଚାର କଲେ ବିଶେଷ ମତରେ ଡକ୍ଟର ଶିଶିର ବେହେରାଙ୍କ ତନ୍ମୟ ଆଲେଖ୍ୟ ‘ସଂପର୍କର ଭିନ୍ନ ପରିଭାଷା: ସୌଭାଗ୍ୟବନ୍ତ ଓ ଶର୍ମିଷ୍ଠାଙ୍କ କବିତା’ ମନକୁ ବେଶ୍ ଆଚ୍ଛନ୍ନ କଲା। ଦୁଇ କବିଙ୍କ କାବ୍ୟଦୃଷ୍ଟି ଓ ଜୀବନଜିଜ୍ଞାସାର ଗର୍ଭଗୃହକୁ ଭେଦ କରି ମଇ ମାସ ୨୦୨୨ ସଂଖ୍ୟାର ‘ରେବତୀ’ରେ ପ୍ରକାଶିତ ସେମାନଙ୍କ କବିତାର ଅଙ୍ଗ ଓ ଆତ୍ମା ସଂପର୍କରେ ଶିଶିର ବେହେରାଙ୍କ ସର୍ଜନା ଉପାଦେୟ ମନେହୁଏ। ତାଙ୍କୁ ମୋର ଅପ୍ରମିତ ଶୁଭେଚ୍ଛା ଓ ଅଭିନନ୍ଦନ। ସମ୍ପାଦକୀୟ ପୃଷ୍ଠାରେ ସମ୍ପାଦିକା ସୁବାସିନୀ ଜେନାଙ୍କ ‘ପାରିବାରିକ ସଂସ୍କାର’ର ପୃଷ୍ଠଭୂମିରେ ସମ୍ପାଦିକା ମହୋଦୟା ପରିବାରର ସଦସ୍ୟମାନଙ୍କ ମଧ୍ୟରେ ସଂସ୍କାରର ପ୍ରଭାବକୁ ପ୍ରାଂଜଳ ଭାବରେ ରୂପାୟନ କରିଛନ୍ତି। ‘ଶେଷପୃଷ୍ଠା’ର ସମ୍ପାଦକୀୟରେ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି କବି ଓ ଲେଖକଙ୍କ ସୃଜନଶୀଳତାକୁ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସାହିତ୍ୟର ବିଶାଳ ପରିବାରରେ ପ୍ରତ୍ୟେକ ଲେଖକ ଜଣେ ଜଣେ ସଂସ୍କାରମୁଖୀ ସଦସ୍ୟ ବୋଲି ସେ ମତବ୍ୟକ୍ତ କରିଛନ୍ତି। ପ୍ରଣମ୍ୟ ଗାଳ୍ପିକ ଅଚ୍ୟୁତାନନ୍ଦ ପତିଙ୍କ ଜନ୍ମ ମାସ ଜୁନ୍‌ରେ ଥିବାରୁ ତାଙ୍କ ଉପରେ ବିଶିଷ୍ଟ ଲେଖକ ଗିରୀଶ ଚନ୍ଦ୍ର ସାହୁ ଓ ରବି ପଣ୍ଡାଙ୍କ ମନନଶୀଳ ଆଲୋଚନା ବେଶ୍ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ। ପ୍ରବୀଣ କଥାଶିଳ୍ପୀ ଅଚ୍ୟୁତାନନ୍ଦ ପତିଙ୍କ ବିରଳ ପ୍ରତିଭାର ଅନେକ ଦିଗନ୍ତ ଏଇ ଲେଖାରେ ସନ୍ନିବେଶିତ ହୋଇ ତାଙ୍କୁ ଯଥାର୍ଥ ସମ୍ମାନ ଓ ଶ୍ରଦ୍ଧା ଅର୍ପଣ କରାଯାଇଛି। ଉଦୟ ନାରାୟଣ ଦାସଙ୍କ ‘ଆଶ୍ରା’ ଗପ ପଢ଼ି ମୁଁ ମୁଗ୍ଧ ହୋଇଗଲି ତାଙ୍କ କଥାବସ୍ତୁ ଓ ଭାବବସ୍ତୁ ଭିତରେ ସୃଜନକଳାର ଚମତ୍କାରିତା ଦେଖି। ଭୁବନେଶ୍ୱରୀ ପଣ୍ଡାଙ୍କ ‘ଆରିସା ପିଠା’ ଗଳ୍ପ ମାଧ୍ୟମରେ ତାଙ୍କର ପ୍ରଥମ ପ୍ରବେଶ ଅଭିନନ୍ଦନୀୟ ଓ ପ୍ରଶଂସନୀୟ। ଭ୍ରମଣ କାହାଣୀରେ ‘ପ୍ରେମର ସହର ପ୍ୟାରିସ’କୁ ପାଠ କଲେ ସ୍ୱପ୍ନ ଓ ପ୍ରେମର ଅନିନ୍ଦ୍ୟ ନଗରୀ ପରି ମନେହୁଏ। ବୃନ୍ଦାବନ ଗାର୍ଡ଼େନ ମଧ୍ୟ ଏକ ଉପାଦେୟ ଫିଚର୍ ଯାହା ମନକୁ ଆନ୍ଦୋଳିତ କରେ। ପ୍ରଫୁଲ୍ଲ କୁମାର ମହାନ୍ତି ସାର୍‌ଙ୍କ ଧାରାବାହିକ କାବ୍ୟ ‘ଦ୍ରୌପଦୀ’ ଏଥର ମଧ୍ୟ ଏକ ଉଚ୍ଚକୋଟୀର କବିତାର ଉଲ୍ଲେଖ ଦାବି କରେ। ‘ସମକାଳ କବିତା’ ପୃଷ୍ଠାରେ ଉଭୟ ତରୁଣ ଓ ପ୍ରବୀଣଙ୍କ କବିତା ସବୁ ମନକୁ ଖୁବ୍ ମୋହିତ କଲେ। ଭଗବାନ ଜୟସିଂହଙ୍କ ‘ତାପସର ଦୁଃଖ’, ହରିଶ୍ଚନ୍ଦ୍ର ବେହେରାଙ୍କ ‘କେଉଁଠି ଅଛ’, ନରେନ୍ଦ୍ର ଭୋଇଙ୍କ ‘ଆସନ୍ନ ମୃତ୍ୟୁ’ ଏବଂ ବାବୁଲୁ ପ୍ରଧାନଙ୍କ ‘କଙ୍କାଳର ସହର’ ଭିତରେ ସୃଜନକଳାର ବୈଶିଷ୍ଟ୍ୟ ଉପଲବ୍ଧି କରିହୁଏ। ‘ଦାସେ ଆପଣେ’ ସବୁଥର ପରି ଏଥର ମଧ୍ୟ ଖୁବ୍ ଉପାଦେୟ ଚରିତ ଉପନ୍ୟାସ ସହ ଧାରାବାହିକତାକୁ ବଜାୟ ରଖି ପାରିଛି। ‘ରାଜନୀତିର ରେଖାଚିତ୍ର’ ଧାରାବାହିକ ଆଲେଖ୍ୟରେ ଇତିହାସର ପୁରୁଣା ଅଧ୍ୟାୟ ସବୁ ମନରେ ଭାବାନ୍ତର ଆଣେ। ‘ପ୍ରଜ୍ଞାପୀଠରେ ତେତିଶ ବର୍ଷ’ ଆଲେଖ୍ୟରେ ସଂଗ୍ରହାଳୟର ଗୁରୁତ୍ୱ ଓ ମହତ୍ୱ ବେଶ୍ ଅଭିନନ୍ଦନୀୟ। ଶ୍ୱେତା ରାଉତଙ୍କ ‘ସୁନ୍ଦରୀ ସୂର୍ଯ୍ୟମୁଖୀ’ ଲେଖାଟି ଯେତେ ଚିତ୍ତାକର୍ଷକ ସେତେ ଭାବସମୃଦ୍ଧ। ‘କରୁଣ ରାତିର ନାୟକ’ ପୃଷ୍ଠାରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଭାବକଳ୍ପରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ (ମୁଁ) ଚରିତ୍ରର ଚମତ୍କାର ବିଶ୍ଳେଷଣ ପାଠକଙ୍କୁ ଅଭିଭୂତ କରିଦିଏ। ବରେଣ୍ୟ କଥାଶିଳ୍ପୀ ଶ୍ରଦ୍ଧାକର ସୂପକାରଙ୍କ ‘ଗୋଟିଏ କରୁଣ ରାତି’ ଗଳ୍ପକୁ ଡକ୍ଟର ମେହେର ତାଙ୍କ ଲେଖାରେ ବିରଳ ତର୍ଜମା କରିଛନ୍ତି। ‘ରେବତୀ’ ଏ ସଂଖ୍ୟାର ସମସ୍ତ ସ୍ରଷ୍ଟା ଓ ସମ୍ପାଦକ ମଣ୍ଡଳୀଙ୍କୁ ମୋର ବିନମ୍ର ଅଭିନନ୍ଦନ ଓ ଶୁଭେଚ୍ଛା।

**ସୌଭାଗ୍ୟବନ୍ତ ମହାରଣା,** ଶିବମ୍ କଲୋନୀ, ଆୟକର ଭବନ ପଛ, ସମ୍ବଲପୁର-୭୬୮୦୦୪

## ‘ରେବତୀ’ର କବିତା ସବୁ ଏତେ ଉଚ୍ଚମାନର ଯେ ଯେତେ ପ୍ରଶଂସା କଲେ ବି କମ ହେବ

● ବିଦେଶରେ ରହୁଥିବାରୁ ଅନେକ ଦିନ ପରେ ‘ରେବତୀ’ ପଢ଼ିଲି ଓ ବହୁତ ଖୁସି ହେଲି। ଏବେ ଏବେ ଡିସେମ୍ବର ସଂଖ୍ୟା ପଢ଼ା ସରିଲା। କବିତା ସବୁ ଉଚ୍ଚମାନର, ଶବ୍ଦର ସୁନ୍ଦର କାରିଗରୀ ସବୁ କବିତାରେ, ଯେତେ ପ୍ରଶଂସା କଲେ କମ୍ ପଡ଼ିବ। ‘ଶେଷ ପୃଷ୍ଠା’ ଆମ ଭିତରେ ଚେତନା ଜାଗରଣରେ ନିଶ୍ଚିତ ସହାୟକ ହେବ। ‘କଳାପାଣି କଥା’ ବେଶ୍ ମନଛୁଆଁ ରଚନା, ସ୍ୱର୍ଣ୍ଣ ମନ୍ଦିର ବର୍ଣ୍ଣନା ଅତି ଚମତ୍କାର ହୋଇଛି। ଖୁବ ଭଲ ସର୍ଜନାର ସମ୍ଭାର ‘ରେବତୀ’ର ପ୍ରତିଟି ପୃଷ୍ଠାରେ। ଏଥିରୁ ଜଣାପଡୁଛି କେତେ ଶ୍ରଦ୍ଧା ଓ ବିଶ୍ୱାସର ସହ ‘ରେବତୀ’ର ସମ୍ପାଦକ, ପାଠକ ଓ ଲେଖକଙ୍କ ହୃଦୟରେ ସ୍ଥାନ ପାଇଛନ୍ତି। ମୋର ଅହୋଭାଗ୍ୟ ମୁଁ ଏସବୁର ପଢ଼ିବାର ସୁଯୋଗ ପାଇଛି। ‘ରେବତୀ’ର ଉତ୍ତୋରତ୍ତର ଉନ୍ନତି କାମନା କରୁଛି।

**ବୀଣାପାଣି ପ୍ରଧାନ,** ସୁଆସନା ସେଣ୍ଟ୍ରାଲ, କେଏଲ୍ ସେଣ୍ଟ୍ରାଲ, କୁଆଲାଲାମ୍ପୁର, ମାଲେଶିଆ

# ଓଡ଼ିଆ ଗଳ୍ପ ଜଗତର ଶିଖର ପୁରୁଷ : ଅଚ୍ୟୁତାନନ୍ଦ


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର୍,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪




▲ ଶିଶିର ବେହେରା

ଓଡ଼ିଆ ଗଳ୍ପର ଜନ୍ମଜାତକରୁ ଆଜିଯାଏଁ ସମୟସ୍ରୋତରେ କଥାଧାରା ଗତିଶୀଳ ହୋଇ ଆସିଛି । ସମୟାନୁସାରେ ଗାଳ୍ପିକମାନେ ସ୍ଥାନ-କାଳ-ପାତ୍ର ସହ ତତ୍କାଳୀନ ସାମାଜିକ ବିଧିବ୍ୟବସ୍ଥାକୁ କଳାତ୍ମକ ଶୈଳୀରେ ଚିତ୍ରଣ କରିବାକୁ ମଧ୍ୟ ପ୍ରୟାସ କରିଛନ୍ତି । ଗଳ୍ପରେ କ୍ରମେ ଆସିଛି ପରିବର୍ତ୍ତନ, ଧାରାରେ ଦେଖା ଦେଇଛି ନୂତନତା, ପ୍ରୟୋଗମାନ୍ୟତା ପୁନର୍ବାର ଯୁଗରୁଚି ସହ ସମକାଳର ଲେଖକମାନେ କାହାଣୀ, ଚରିତ୍ର, ବର୍ଣ୍ଣନାରେ ପରୀକ୍ଷା ନିରୀକ୍ଷା କରିଛନ୍ତି, ସଫଳ ମଧ୍ୟ ହୋଇଛନ୍ତି । ତଥାପି ପାଠକଙ୍କ ନିକଟରେ ନିଜର ଅନନ୍ୟ ଶୈଳୀଦ୍ୱାରା ପରିଚିତ ଥିବା ଗାଳ୍ପିକମାନେ ସେମାନଙ୍କର ସ୍ୱତନ୍ତ୍ର ଛାପ ଛାଡ଼ି ଦେଇଥାନ୍ତି । ପାଠକ ତା'ର ପ୍ରିୟ ଗାଳ୍ପିକଙ୍କୁ ଲୋଡ଼େ, ତାଙ୍କ କଲମରୁ ନୂଆ ଗଳ୍ପର ଜନ୍ମଲାଭକୁ ସ୍ୱାଗତ କରେ ଉତ୍କଣ୍ଠାର ସହ । ବଦଳି ଯାଉଥିବା ମୁହୂର୍ତ୍ତର ରୂପରଙ୍ଗ ସହ ସେହି ଗାଳ୍ପିକଙ୍କ କଳାଶିଳ୍ପ ମଉଳିଯାଏ ନାହିଁ; ବରଂ ଆହୁରି ଦେଦୀପ୍ୟମାନ ହୋଇ ଉଠେ ସେହି କାଳଜୟୀ ରଚନାଗୁଡ଼ିକ । ତା'ର ଆବେଦନ ଉତ୍ତର ପିଢ଼ିର ଲେଖକଙ୍କୁ ମଧ୍ୟ ପ୍ରଭାବିତ କରେ, ସ୍ୱୀକାର କରାଇବାକୁ ବାଧ୍ୟ କରାଏ ଲେଖକର ସିଦ୍ଧି ଓ ସଫଳ ସ୍ରଷ୍ଟାପ୍ରାଣକୁ । ବର୍ତ୍ତମାନରେ ଛିଡ଼ା ହୋଇ ଅତୀତକୁ ଅବଲୋକନ କଲେ ଉକ୍ତ ଗୌରବମୟ ଇତିହାସର ପ୍ରେରଣା ଓ ପ୍ରଭାବଶାଳୀ ଗଳ୍ପଧାରାର ସ୍ୱଚ୍ଛନ୍ଦ ପ୍ରବାହ ହୃଦୟକୁ ପ୍ଲାବିତ କରିଦିଏ । ସେହିସବୁ କ୍ଲାସିକ୍ ଗଳ୍ପଗୁଡ଼ିକ ସାହିତ୍ୟର ଅମୂଲ୍ୟ ସଂପଦ ହୋଇ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଥାନ୍ତି । ଏହି ଗୌରବପୂର୍ଣ୍ଣ ପରମ୍ପରାର ବେସାଲିସ୍ ଗାଳ୍ପିକ ଅଚ୍ୟୁତାନନ୍ଦ ପତି ଆମ ଓଡ଼ିଆ ସାହିତ୍ୟର ସ୍ମରଣୀୟ ପ୍ରତିଭା । ଚାରୁ ଚୈତନ୍ୟ ପର୍ଯ୍ୟନ୍ତ ଅନାୟାସରେ ଜୀବନ ଓ ଜଗତକୁ ଗଳ୍ପ ପରିଧିରେ ବାନ୍ଧି ପାରିଥିବା ଏବଂ ଇତର ଠାରୁ ମଣିଷ ଯାଏଁ ସକଳଙ୍କୁ ପରଖିଥିବା ସ୍ମରଣୀୟ ଲେଖକ ଅଚ୍ୟୁତାନନ୍ଦଙ୍କ ଗଳ୍ପ ମାନସ ଓଡ଼ିଆ ଗଳ୍ପ-ଗାଳ୍ପିକ-ଗଳ୍ପଚର୍ଚ୍ଚା ପାଇଁ ସୃଷ୍ଟି କରିଛି ଅସୁମାରି ସୁଯୋଗ । 'ରେବତୀ'ର ଜୁନ୍ ୨୦୨୨ ସଂଖ୍ୟାରେ 'ଛଳଛଳ ଛନ୍ଦ ଅଚ୍ୟୁତାନନ୍ଦ' ଶୀର୍ଷକରେ ଗାଳ୍ପିକ ପତିଙ୍କ କୃତି-କୃତିତ୍ୱକୁ ମୂଲ୍ୟାଙ୍କନ କରିଛନ୍ତି ସମକାଳର ଦୁଇଜଣ ସୁପରିଚିତ ଗାଳ୍ପିକ ଗିରୀଶ ଚନ୍ଦ୍ର ସାହୁ ଏବଂ ରବି ପଣ୍ଡା । ଲେଖକଙ୍କ ସହ ସାକ୍ଷାତକାର ଭିତରେ ଆଲୋଚକ ଦ୍ୱୟ ଅଚ୍ୟୁତାନନ୍ଦଙ୍କ ଗଳ୍ପପ୍ରାଣର ଅନାଲୋଚିତ ଦିଗ, ବ୍ୟକ୍ତିଜୀବନର ରସପୂର୍ଣ୍ଣ ଆବେଗ ଏବ ସୃଜନକଳାରେ ସ୍ଥିତପ୍ରଜ୍ଞ କଥାଶିଳ୍ପୀ ପତିଙ୍କ ଅନତିକ୍ରମ୍ୟ ସାଧନାକୁ ପ୍ରସଙ୍ଗ କ୍ରମେ ଆଲୋଚନା କରିଛନ୍ତି । ଫିଚରଧର୍ମୀରେ ସାକ୍ଷାତାଲୋଚନାରେ ବରିଷ୍ଠ ଗାଳ୍ପିକଙ୍କ ସୃଷ୍ଟିର ମହତୋତ୍ତର ଦୃଷ୍ଟି ଓ ଦିଗନ୍ତକୁ ଉନ୍ମୋଚନ କରିଛନ୍ତି ଶ୍ରୀ ସାହୁ ଓ ପଣ୍ଡା ।



▲ ଅଚ୍ୟୁତାନନ୍ଦ ପତି

ସ୍ୱାଧୀନତୋତ୍ତର ଓଡ଼ିଆ ଗଳ୍ପ ସାହିତ୍ୟରେ ଅଚ୍ୟୁତାନନ୍ଦ ପତିଙ୍କ ସ୍ଥାନ ଯେପରି ଉଲ୍ଲେଖନୀୟ; ସ୍ୱତନ୍ତ୍ର ଗଳ୍ପଶୈଳୀ, ମୌଳିକ କଥାବସ୍ତୁ, ଲୋକଭାଷା ବ୍ୟବହାରରେ ସେହିପରି ଅନ୍ୟ ସ୍ରଷ୍ଟାମାନଙ୍କ ଠାରୁ ଭିନ୍ନ ଓ ଈର୍ଷଣୀୟ । ପାରମ୍ପରିକ ଗଳ୍ପଧାରାରୁ ଦୂରେଇ ଆସି ସ୍ୱକୀୟ ରୀତିରେ ନୂତନ ଗଳ୍ପ ପରିଧି ନିର୍ମାଣରେ ଗାଳ୍ପିକ ପତି ଯେ ସିଦ୍ଧହସ୍ତ, ତାହାକୁ ସମସ୍ତ ପାଠକ-ଆଲୋଚକ ସ୍ୱୀକାର କରିବେ । କେବଳ ଜଣେ

ମାନବବାଦୀ ଗାଳ୍ପିକ ଭାବରେ ଅଚ୍ୟୁତାନନ୍ଦଙ୍କୁ ପରିଚିତ କରାଯାଇନପାର; ବରଂ ଇତର ଜୀବ ପ୍ରତି ମମତ୍ୱ ପ୍ରକାଶ କରି ତାଙ୍କର ଦୁଃଖ ଯନ୍ତ୍ରଣାକୁ ହୃଦୟଙ୍ଗମ କରିପାରିଥିବା ସମର୍ଥ ଦିବ୍ୟାତ୍ମା ଭାବରେ ମଧ୍ୟ ସ୍ୱୀକାର କରାଯାଇପାରିବ । ଲେଖକ ଦ୍ୱିତୀୟ ଈଶ୍ୱର ଏଥିପାଇଁ ନୁହନ୍ତି ଯେ ସେ ସୃଷ୍ଟି ସର୍ଜନା କରନ୍ତି; ଏଥିପାଇଁ ଯେ, ସୃଷ୍ଟିର ସକଳଙ୍କୁ ବୁଝି ପାରିବା ଭଳି ହୃଦୟଟିଏ ରହିଥାଏ ତାଙ୍କ ନିକଟରେ । ଅଚ୍ୟୁତାନନ୍ଦ ପତି ସେହି ସଂପ୍ରଦାୟର ଅଦ୍ୱିତୀୟ ସ୍ରଷ୍ଟା, ଶିକ୍ଷକ, ନୃତ୍ୟ-ସଂଗୀତ ବିଶାରଦ, ବାସ୍ତବବାଦୀ ଗାଳ୍ପିକ, ସଂସ୍କାରଶୀଳ ଲେଖକ, ସଂସ୍କୃତି-ପରମ୍ପରା ପ୍ରତି ଅନୁରାଗୀ ଅଥଚ ସଂସ୍କାର ବିଶ୍ୱାସୀ ବ୍ୟକ୍ତିତ୍ୱ, ମାନବିକ ମୂଲ୍ୟବୋଧକୁ ଅନୁଭବିଥିବା ସଫଳ ମଣିଷଟିଏ ଅଚ୍ୟୁତାନନ୍ଦ । ଏଣୁ ତାଙ୍କ ଗଳ୍ପ ପରିଧିରେ ସେ ଏତେ ନିଖୁଣ ଭାବରେ ଜୀବନକୁ ବିଶ୍ଳେଷଣ କରିବାରେ ସକ୍ଷମ ହୋଇଛନ୍ତି । ନାନାରଙ୍ଗର ଜୀବନ, ମୁଖାପିନ୍ଧା ମଣିଷର ଛଦ୍ମତା, ଇତର ଜୀବର କାରୁଣ୍ୟ ସହ ସେମାନଙ୍କ ପ୍ରତି ମମତ୍ୱ, ମଣିଷମନର ଅନ୍ତର୍ଦ୍ୱନ୍ଦ୍ୱ, ମନସ୍ତାତ୍ତ୍ୱିକା ସମୀକ୍ଷା, ଜୀବନ ପ୍ରତି ସମ୍ବେଦନଶୀଳ ମାନସିକତା ତାଙ୍କ ଗଳ୍ପରେ ଉନ୍ମୋଚିତ । ବ୍ୟଙ୍ଗ ବିଦ୍ରୂପ ଓ ହାସ୍ୟରସ ଭିତରେ ଅଭାବିତ ମାନବିକତାକୁ ସେ ଯେପରି କଟାକ୍ଷ କରିଛନ୍ତି, ବାସ୍ତବତା ପ୍ରତି ସେହିପରି ସମ୍ମୁଖୀନ ହେବା ଲାଗି ଯଥେଷ୍ଟ ଯତ୍ନ କରିଛନ୍ତି । ଗଳ୍ପର ଭାବବିନ୍ଦୁରେ ଜୀବନର ବାସ୍ତବତାକୁ ପ୍ରତ୍ୟକ୍ଷ କରାଇଛନ୍ତି । ପ୍ରତୀକାତ୍ମକ ଆବେଦନ ଓ ଚିତ୍ରଧର୍ମୀ ବର୍ଣ୍ଣନା ମଧ୍ୟରେ ଗାଳ୍ପିକଙ୍କ ଆଭିମୁଖ୍ୟ ପାଠକ ସମ୍ମୁଖରେ ସ୍ପଷ୍ଟ ହୋଇ ଉଠିଛି ।

ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ଗଳ୍ପ ଲେଖିଥିବା ବଳିଷ୍ଠ ଗାଳ୍ପିକ ଅଚ୍ୟୁତାନନ୍ଦଙ୍କ ଗଳ୍ପ ହିଁ ତାଙ୍କ ବ୍ୟକ୍ତିପ୍ରାଣର ମର୍ମଲିପି । କାହାଣୀ ଭିତରେ ବ୍ୟକ୍ତିକୁ ତର୍ଜମା କରିବା, ଶାଣିତ ବ୍ୟଙ୍ଗ ଦ୍ୱାରା ପୀଡ଼କକୁ ବିଦ୍ରୂପ କରିବାରେ ସେ କେବେ ପଛଘୁଞ୍ଚା ଦେଇ ନାହାନ୍ତି । ତାଙ୍କ ଗଳ୍ପ କେବଳ ଚିତ୍ର-ଚରିତ୍ର-କାହାଣୀର ସମାହାର ନୁହେଁ, ବହୁ ଭାବରେ ମୋହମୁଦ୍‌ଗର ଭଳି ଏକ ବାସ୍ତବ ଚେତାବନୀ ମଧ୍ୟ । ଇତରମାନଙ୍କୁ ଉତ୍ତୀର୍ଣ୍ଣ କରାଇବାରେ ତାଙ୍କର ଯେଉଁ ସହାନୁଭୂତିର ସମ୍ବେଦନା ପ୍ରକାଶ ପାଇଛି ତହିଁରେ ଦର୍ଶନ, ଦାର୍ଶନିକତା ଓ ଚେତନା ପ୍ରବାହର ସ୍ୱରକୁ ଅନୁଭବ କରିହୁଏ । ପେଚା, ବିଲେଇ, କୁକୁର, ମାଙ୍କଡ଼, ଷଣ୍ଢ ଠାରୁ ଆରମ୍ଭ କରି ଅନ୍ଧ, ଛୋଟା, ସାଧୁ, ଲମ୍ପଟ, ଶଇତାନ, ମୂଲିଆ, ରିକ୍ସାବାଲା ଆଦି ଚରିତ୍ରମାନ ତାଙ୍କ ସୃଷ୍ଟି ପରିଧିଭୁକ୍ତ ହୋଇଛନ୍ତି ଲେଖକ ଅଚ୍ୟୁତାନନ୍ଦ ତାଙ୍କର ଏହି ଚରିତ୍ରାୟନ ସଂପର୍କରେ ମତ ଦେଇ କହିଛନ୍ତି-

"ମାନବ ଓ ମାନବେତର ଉଭୟ ସ୍ରଷ୍ଟାଙ୍କର ସୃଷ୍ଟିର ସମ୍ପଦ । କ୍ରମ ବିକାଶର ପର୍ଯ୍ୟାୟଦେଖି ମାନବେତରରୁ ମାନବ । କିଛି ଏହି ବିକାଶ ପ୍ରକ୍ରିୟା ପରିଣତିର ମଣିଷ ଏକ ସ୍ୱତନ୍ତ୍ର ଓ ଭୟାବହ ପଶୁଶ୍ରେଣୀର ଅନ୍ୟରୂପ ମାତ୍ର । ଅଭିନୟ ଧର୍ମୀ ମଣିଷର ଛଳନା, କପଟଚାରିତା, ବୌଦ୍ଧିକ ହିଂସ୍ରତା ଠାରୁ ନିର୍ବାକ୍ ମାନବେତର ବିଶୁଦ୍ଧ ସ୍ନେହ, ଶ୍ରଦ୍ଧା, ରାଗ, ଦ୍ୱେଷ ଯଥେଷ୍ଟ ପ୍ରାଣଧର୍ମୀ । ମାନବେତର ଜୀବନ କାହାଣୀକୁ ପ୍ରତୀକ ରୂପେ ବ୍ୟବହାର କରି ମଣିଷକୁ ମୁଁ ଚେତାବନୀ ଦେବାକୁ ଇଚ୍ଛା କରିଛି । ସେମାନେ ମଣିଷ ହୋଇ ଜନ୍ମ ନିଅନ୍ତି, ସମାଜ ସେମାନଙ୍କୁ ପଶୁ ବନାଏ ଓ ଶିକାର କରେ । ଜୀବନ ଯନ୍ତ୍ରଣା କାତର ସେଇ ବ୍ୟଥାତୁର ମଣିଷଙ୍କ ମନତଳର ଅହରହ ମନ୍ଥନକୁ ମାପିବାକୁ ଚେଷ୍ଟା କରି ଆସିଛି ।" **(ପ୍ରଜାତନ୍ତ୍ର ସାପ୍ତାହିକୀ, କଟକ, ୧୩/୦୧/୯୧ ସଂଖ୍ୟା, ପୃଷ୍ଠା-୨୫)**

ଏଥିସହିତ ପ୍ରକାଶ ପାଇଛି ଇତର ଜୀବଙ୍କ ପ୍ରତି ଗାଳ୍ପିକଙ୍କ କରୁଣାତ୍ମକ ମମତ୍ୱ- "ଅପାଂକ୍ତେୟ, ଅବହେଳିତ, ସମାଜବଞ୍ଚିତ ବୋଲି ସେଇମାନଙ୍କୁ ବିଦ୍ରୂପ କରେ, ସେଇମାନଙ୍କୁ ନେଇ ମୋର ଗପ । ସେଇମାନଙ୍କ ଠାରେ ମୁଁ ଦେବତ୍ୱ ଆରୋପ କରେ । ହ୍ୱାଟ୍ ଇଜ୍ ମାଇଁ କମିଟ୍‌ମେଣ୍ଟ୍ ଅଫ୍ ରାଇଟିଂ । ସେଇମାନଙ୍କ ଜୀବନବୋଧ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି । ମୋର ପ୍ରତିଗପ ପଛରେ ନିର୍ଦ୍ଦିଷ୍ଟ ଚଳନ୍ତି ଚରିତ୍ରଟିଏ ନିଶ୍ଚୟ ଅଛି ଓ ଅନୁଭୂତି ବି ଅଛି । ମୋର କୌଣସିଟି ଗଳ୍ପ ସଂପୂର୍ଣ୍ଣ କଳ୍ପନାପ୍ରସୂତ ନୁହେଁ ।" **(ଅଚ୍ୟୁତାନନ୍ଦ ପତିଙ୍କ ସାକ୍ଷାତକାର, ଗଳ୍ପଝର, ୨ୟ ସଂଖ୍ୟା ୧୯୮୮)**

ପାଠକେ ଅଚ୍ୟୁତାନନ୍ଦଙ୍କ ଗଳ୍ପ ପଢ଼ିଲା ବେଳେ କେବଳ ତାଙ୍କର ଗଳ୍ପ-କାହାଣୀକୁ ଉପଭୋଗ କରିନଥାନ୍ତି; ଏଥିସହିତ ଜୀବନକୁ ଓ ସମାଜକୁ ପଢ଼ିଲା ଭଳି ମନେକରନ୍ତି । ପୁନଶ୍ଚ ହାହୁତାଶମୟ ଯନ୍ତ୍ରଣା, ମଣିଷର ନୈତିକ ପ୍ରବୃତ୍ତି, ଜାନ୍ତବ ଲାଳସାର ଜୀବନ୍ତ ରୂପକୁ ପ୍ରତ୍ୟକ୍ଷ କଲାଭଳି ଅବହେଳିତ ମଣିଷ ପ୍ରତି ଥିବା ସମବେଦନାକୁ ଅନୁଭବିଥାନ୍ତି । 'ଅଶୁଭ ପୁତ୍ରର କାହାଣୀ', 'ରାମଦାସ', 'କଇଁ', 'ଝାନସିଂ' ପ୍ରଭୃତି ଗଳ୍ପରେ ପେଚା, ମାଙ୍କଡ଼, ଗାଇ, ଭାଲୁ ଆଦି ମାନବେତର ଚରିତ୍ରଙ୍କ ଦୁର୍ଦ୍ଦଶା ବର୍ଣ୍ଣନା ସହ ସେମାନଙ୍କ ପ୍ରତି ଗାଳ୍ପିକଙ୍କ ଅନୁକମ୍ପା, ଦୟା, କ୍ଷମା, ଗୁଣ ମଧ୍ୟ ନିବେଦିତ ହୋଇଛି । ସେହିପରି ଗାଳ୍ପିକଙ୍କ 'ଝୁଲୁ ସର୍ଦ୍ଦାର', 'ଡାହାଣୀ', 'ଆମଘର ଗଣେଶ ପୂଜା', 'କାନକୋଳି କଣ୍ଟା', 'ୟାକବ୍', 'ବଫୁନ୍' ପ୍ରଭୃତି ଗଳ୍ପରେ ଶିଶୁ, ନାରୀ, ସାଧାରଣ ମଣିଷର ମନସ୍ତତ୍ତ୍ୱକୁ ଚିତ୍ରଣ କରିଛନ୍ତି ନିଖୁଣ ଭାବରେ । ଇତିହାସ ଏବଂ ଲୋକକଥାକୁ ଆଧାର କରି ଲେଖିଛନ୍ତି ଅନେକ ଗଳ୍ପ । ତନ୍ମଧ୍ୟରେ 'ଶୁଭଙ୍କର', 'ମହାଶ୍ମଶାନ', 'ଲର୍ଡ଼ ଉଇଲିୟମ ବେଣ୍ଟିକ୍', 'ପଞ୍ଚତନ୍ତ୍ରର ପରକଥା', 'ମାମୁଘର କଟୁରୀକଥା' ଅନ୍ୟତମ । ଚିତ୍ରଧର୍ମୀ ଭାଷା ବ୍ୟବହାର କରି ଗ୍ରାମୀଣ ଲୋକମୁଖର ସଂଳାପକୁ ଖଞ୍ଜି ଏକ ଅପୂର୍ବ ସାଙ୍ଗୀତିକତା ସୃଷ୍ଟି କରିଛନ୍ତି ଗଳ୍ପରେ ଅଚ୍ୟୁତାନନ୍ଦ । ମାର୍ଜିତ ଭାଷାରେ ସେହିସବୁ ବ୍ୟଞ୍ଜନା କେତେବେଳେ ଶ୍ଳେଷଧର୍ମୀ, କେତେବେଳେ ବିଦ୍ରୂପ, ପୁଣି କେବେ ବାସ୍ତବତାରେ କଠୋର । ଏକ ସାକ୍ଷାତକାରରେ ଲେଖକ ତାଙ୍କ ଗଳ୍ପଶୈଳୀ ସଂପର୍କରେ କହିଛନ୍ତି- "ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପର ଢାଞ୍ଚାରେ ଲୋକକାହାଣୀ, ଲୋକଗଳ୍ପ ଓ ମିଥ୍‌ର ବ୍ୟବହାର ପ୍ରଥମେ ମୁଁ ପ୍ରବର୍ତ୍ତନ କରିଛି । ମୌନାବତୀର କାହାଣୀ, ଚାରି ସଙ୍ଗାତ କଥା, ଅଶୁଭ ପୁତ୍ରର କାହାଣୀ ଇତ୍ୟାଦି ଏହାର ଜ୍ୱଳନ୍ତ ଉଦାହରଣ ଭାବେ ବିଚାର କରାଯାଇପାରେ ।" **(ଗଳ୍ପଝର, ୧୨ଶବର୍ଷ, ୨ୟ ସଂଖ୍ୟା, ୧୯୮୮, ପୃଷ୍ଠା-୮୩)**

ସମସାମୟିକ ଗାଳ୍ପିକ ଯଥା, ସୁରେନ୍ଦ୍ର ମହାନ୍ତି, ଗୋପୀନାଥ ମହାନ୍ତି, ଅଖିଳ ମୋହନ ପଟ୍ଟନାୟକ, ରାଜକିଶୋର ପଟ୍ଟନାୟକ, ରାଜ କିଶୋର ରାୟ, ମହାପାତ୍ର ନୀଳମଣି ସାହୁ, କାହ୍ନୁ ଚରଣ ମହାନ୍ତି, ଅନନ୍ତ ପଟ୍ଟନାୟକ, ଜଳନ୍ଧର ଦେବ, ହରିଶ୍ଚନ୍ଦ୍ର ବଡ଼ାଳ, ଉପେନ୍ଦ୍ର ପ୍ରସାଦ ମହାନ୍ତି, କିଶୋରୀ ଚରଣ ଦାସ, ବାମାଚରଣ ମିତ୍ର, ମନୋଜ ଦାସଙ୍କ ଭଳି ପ୍ରତିଭାଧର କଥାଶିଳ୍ପୀଙ୍କ ସମୟରେ ଅଚ୍ୟୁତାନନ୍ଦଙ୍କ ଗଳ୍ପ ପ୍ରତିଭା ଶିଖରକୁ ସ୍ପର୍ଶ କରିପାରିଛି ।

ସ୍ପଷ୍ଟବାଦୀ ନିର୍ଭୀକ ଗାଳ୍ପିକ ଅଚ୍ୟୁତାନନ୍ଦ ପତିଙ୍କ ବ୍ୟକ୍ତିତ୍ୱ ଓ ଜୀବନ ଏକ ଗପ ଭଳି । 'ରେବତୀ'ର 'ଛଳଛଳ ଅଚ୍ୟୁତାନନ୍ଦ' ଆଲେଖରୁ ଏହି ସତ୍ୟଟିକୁ ଦେଖି ହୁଏ । ଆଲୋଚକଦ୍ୱୟ (ଗିରୀଶ ସାହୁ ଏବଂ ରବି ପଣ୍ଡା) ଯେହେତୁ ଜଣେ ଗାଳ୍ପିକ, ସେହି ଅବବୋଧ ଜନିତ ଅନେକ ପ୍ରଶ୍ନ ସେମାନେ ପଚାରିଛନ୍ତି ଅଚ୍ୟୁତାନନ୍ଦଙ୍କୁ । ଜଣେ ସଚ୍ଚୋଟ ପ୍ରେମିକ, ମିଷ୍ଟଭାଷୀ ବନ୍ଧୁବତ୍ସଳ ମଣିଷ ଏବଂ ସଦାଚଞ୍ଚଳ ସାହିତ୍ୟପ୍ରାଣ ସାଧକଙ୍କ ନିଷ୍କପଟ-ସ୍ପଷ୍ଟ ଜୀବନକୁ ପାଠକ ସମ୍ମୁଖରେ ଉପସ୍ଥାପନ କରିଛନ୍ତି । ଉଭୟେ ଧନ୍ୟବାଦାର୍ହ । ଉତ୍ତରପିଢ଼ି ଭାବରେ ପୂର୍ବଜଙ୍କୁ ସମ୍ମାନିତ କରିବାର ପରମ୍ପରାକୁ ଶ୍ରୀ ସାହୁ ଓ ପଣ୍ଡା ଯଥାର୍ଥ ଭାବରେ ସମ୍ପାଦିତ କରିଛନ୍ତି । ଗାଳ୍ପିକ ପତିଙ୍କ ମୁଖରୁ ଆଦାୟ କରିଥିବା ଦର୍ଶନଧର୍ମୀ ସଂଳାପ 'After lust period, the love period begins' ବାସ୍ତବରେ ଶିହରିତ କରାଏ । ତାଙ୍କ ପ୍ରତିଟି ବକ୍ତବ୍ୟରେ ନିହିତ ଥିବା ସୂକ୍ଷ୍ମ ଚିନ୍ତନ ଓ ଦାର୍ଶନିକ ବିଚାରବୋଧକୁ ଅନୁଭବ କରିହୁଏ । "ମୁଁ ବହୁ ବିଳମ୍ବରେ ପୁରସ୍କାର ସବୁ ପାଇଚି । ଏଥିପାଇଁ ଯମକୁ କୃତଜ୍ଞତା । ଧନ୍ୟବାଦ ଦେବି, ସେ ମୋତେ ବଞ୍ଚେଇ ରଖିଛନ୍ତି ।" - ଏହିଭଳି ବକ୍ତବ୍ୟରେ ଲେଖକଙ୍କ ନିରାସକ୍ତ ପୁରସ୍କାର ଅଭୀପ୍ସା ସହ ସମକାଳୀନ ପୁରସ୍କାର ବ୍ୟବସ୍ଥା ପ୍ରତି ତୀବ୍ର ଶ୍ଳେଷଧର୍ମୀ କଟାକ୍ଷକୁ ମଧ୍ୟ ଲକ୍ଷ୍ୟ କରାଯାଇପାରେ ।

ମୋଟାମୋଟି ଭାବରେ ବିଚାର କଲେ 'ରେବତୀ'ର ଚଳିତ ସଂଖ୍ୟାରେ ଅଚ୍ୟୁତାନନ୍ଦ ପତିଙ୍କ ସାକ୍ଷାତକାର ମର୍ମସ୍ପର୍ଶୀ । ଓଡ଼ିଆ ଗଳ୍ପଜଗତରେ ଏହି ମୂର୍ଦ୍ଧନ୍ୟ ଗାଳ୍ପିକ ଆମ ଜାତୀୟ ଜୀବନର ପରିଚୟ । ଓଡ଼ିଆ ଭାଷାର ଚର୍ଚ୍ଚିତ ଗାଳ୍ପିକ ଭାବରେ ଅଚ୍ୟୁତାନନ୍ଦ ଅନ୍ୟତମ । କଥାକାର ଗୌରହରି ଦାସଙ୍କ ଭାଷାରେ "ଏ ସଂସାରର ସବୁକିଛିକୁ ଏତେ ସ୍ନେହ-ଆଦରରେ ସଙ୍ଗୋଳି ନେବା ପରି ଦ୍ୱିତୀୟ ଅଚ୍ୟୁତାନନ୍ଦ ଓଡ଼ିଆ କଥାସାହିତ୍ୟରେ ବିରଳ । ଏହି ସାରସ୍ୱତ ସାଧକ ଆଜି ମଧ୍ୟ ଅଚ୍ୟୁତ ।" **(ରେବତୀ, ପୃଷ୍ଠା-୨୨)**

ଓଡ଼ିଆ ଗଳ୍ପ ଜଗତର ଶିଖର ପୁରୁଷ ଅଚ୍ୟୁତାନନ୍ଦଙ୍କୁ ଅୟୁତ ପ୍ରଣାମ ।

Pipes & Fittings

PVC
HDPE

# OHM PIPES PVT. LTD.




## "An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

## ସମ୍ପାଦନାରେ ବି ସୃଜନଶୀଳତା ଥାଏ

● 'ରେବତୀ' ମାସିକ ପତ୍ରିକାର ଜଣେ ନିୟମିତ ପାଠକ ହେବା ନିହାତି ଗୌରବର ବିଷୟ ମୋ ପାଇଁ । ସୃଜନଶୀଳତା କେବଳ ଗପ କି କବିତାରେ ନୁହେଁ, ପତ୍ରିକାଟିଏ ସମ୍ପାଦନାରେ ବି ଥାଏ ତାହା ଅନୁଭବ କରିହୁଏ 'ରେବତୀ' ପତ୍ରିକାର ସ୍ପର୍ଶ ମାତ୍ରକେ । ସେଥିପାଇଁ ସମ୍ପାଦିକା ସୁବାସିନୀ ମାଡାମ ଓ ସହଯୋଗୀ ସମ୍ପାଦକ କୃଷ୍ଣ ସାରଙ୍କୁ ଧନ୍ୟବାଦ । ଏଥିରେ ପ୍ରତିଟି ବିଭାଗ ସୁପାଠ୍ୟ ଓ ସଂଗ୍ରହଣୀୟ । ବିଶିଷ୍ଟ କବି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଧାରାବାହିକ କାବ୍ୟ ସହିତ ପ୍ରତି ମାସର ନୂତନ କବିତା ଗୁଡ଼ିକ ବେଶ୍ ହୃଦୟସ୍ପର୍ଶୀ । ଶିଶିର ବେହେରାଙ୍କ ବିଶେଷ ମତ, ପବିତ୍ର ମୋହନ ଦାଶଙ୍କ 'ଦାସେ ଆପଣେ', ଜୟନ୍ତୀ ରଥଙ୍କ ଆତ୍ମଜୀବନୀ ଆଦି ପାଠ କରୁକରୁ ସମୟ କେତେବେଳେ ସରିଯାଏ ଜଣା ପଡ଼େନାହିଁ । ଏହା ଭିତରେ ବେଶୀ ମୁଗ୍ଧ କରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଅବଲୋକନ ପୃଷ୍ଠା । ଅପେକ୍ଷା ଥାଏ ପ୍ରସିଦ୍ଧ ଗଳ୍ପର ଚରିତ୍ରର ମୂଲ୍ୟାୟନକୁ । 'ରେବତୀ'ର 'ମତଅମତ' ପୃଷ୍ଠାରେ ମଣୀନ୍ଦ୍ର କୁମାର ମେହେରଙ୍କ ପାଇଁ ଚିଠିଟିଏ ଦେଉଛି ।

*ସମ୍ମାନନୀୟ ସାର୍,*

*ଓଡ଼ିଆ ସାହିତ୍ୟର ଗଳ୍ପ ପରମ୍ପରା ବହୁ ପ୍ରାଚୀନ । କିନ୍ତୁ ଆମେ ଯେଉଁ ଯେଉଁ ଗଳ୍ପ ପାଠକରି ଚମତ୍କୃତ ହୋଇଛୁ, ବର୍ତ୍ତମାନ ସମୟରେ ବି ଆନନ୍ଦିତ ହେଉଛୁ ସେଇ ଚରିତ୍ରମାନଙ୍କୁ କେବେ କେଉଁଠି ଭେଟ ହୁଏ ଆମ ଜୀବନରେ । କେବଳ ଗାଳ୍ପିକ ଲେଖିଥିବା କାହାଣୀ ଭିତରେ ଆମେ ଆବଦ୍ଧ ରହି ଅବହେଳା କରୁ ସେମାନଙ୍କ ସ୍ୱରୂପକୁ, ପ୍ରକୃତ ଉଦ୍ଦେଶ୍ୟକୁ । (ବାସ୍ତବରେ ପାଠକ ଯାହା ଅନୁଭବ କରିବା କଥା ଗଳ୍ପରୁ ।) ଆପଣ ଯେଉଁପରି ଭାବେ ସେ ଚରିତ୍ରଗୁଡ଼ିକର ମାନସିକତା ପଢ଼ି ପାରିଛନ୍ତି ଗଳ୍ପ ପଠନ ବେଳେ ତାହା କେବଳ ସମ୍ଭବ ହୁଏ ଜଣଙ୍କର ଐଶ୍ୱରିକ ଚେତନା ମାଧ୍ୟମରେ । ଓଡ଼ିଆ ସାହିତ୍ୟରେ ଅନେକ ପ୍ରାବନ୍ଧିକ ଓ ସମାଲୋଚକ ଅଛନ୍ତି ଯେଉଁମାନେ ଏକ ଧରାବନ୍ଧା ନିୟମରେ ଗତିଶୀଳ । ଆପଣ କିନ୍ତୁ ଏହି ଚରିତ୍ର ମୂଲ୍ୟାୟନ ବେଳେ ପ୍ରବନ୍ଧ ଲେଖୁ ଲେଖୁ ଯେଉଁ ନୂଆ ଗଳ୍ପଟିଏର ସ୍ପର୍ଶ ଦିଅନ୍ତି, ତାହାର ତୁଳନା ନାହିଁ । ପ୍ରବନ୍ଧକୁ ଗଳ୍ପଶୈଳୀରେ ବର୍ଣ୍ଣନା କରିବା ହୁଏତ ଆମ ସାହିତ୍ୟରେ ଦୁର୍ଲଭ । କିନ୍ତୁ ଆପଣଙ୍କ ପ୍ରଚେଷ୍ଟା ଯେ ଏକାନ୍ତ ସଫଳ ଏଥିରେ ଦ୍ୱିମତ ନାହିଁ । ପୁନଶ୍ଚ ନୂତନ ଚରିତ୍ରର ବାସ୍ତବ ସ୍ୱରୂପ ଅନୁଭବ କରିବା ଅପେକ୍ଷାରେ । ପ୍ରଣାମ । ଆପଣଙ୍କ ଲେଖାର ମୁଗ୍ଧ ପାଠକ ଜଣେ ।*

**ମାଧବାନନ୍ଦ ପାତ୍ର,**
ଜ୍ଞାନମନ୍ଦିର କଲେଜ ପାଖ, ମଦନପୁର,
କେନ୍ଦ୍ରାପଡ଼ା-୭୫୪୨୪୬

## ସାହିତ୍ୟିକ ଅଚ୍ୟୁତାନନ୍ଦ ପତିଙ୍କ ଜୀବନ ଓ କୃତି ଉପରେ ଆଲେଖ୍ୟ ବେଶ୍ ମନଛୁଆଁ ହୋଇଛି

● 'ରେବତୀ' ଜୁନ୍ ସଂଖ୍ୟା ପଢ଼ି ଖୁବ୍ ଆନନ୍ଦିତ ହେଲି ! ପ୍ରଚ୍ଛଦ ଚମତ୍କାର, ପ୍ରକାଶନ ନିର୍ଭୁଲ୍ ଓ ନିର୍ବାଚିତ ଫିଚର୍ ଏବଂ ସମସ୍ତ ଗଳ୍ପ, କବିତା ପାଠକଙ୍କ ହୃଦୟଗ୍ରାହୀ ! ପ୍ରଥମରେ ପ୍ରକାଶିତ ସାହିତ୍ୟିକ ଅଚ୍ୟୁତାନନ୍ଦ ପତିଙ୍କ ଜୀବନ ଓ କୃତି ଉପରେ ଆଲେଖ୍ୟଟି ଖୁବ୍ ମନଛୁଆଁ ହୋଇପାରିଛି ! ବର୍ଷୀୟାନ୍ ମାତ୍ର ନିରହଂକାରୀ ଜଣେ ଆଜୀବନ ସାରସ୍ୱତ ସାଧନାରତ ଏପରି ଗୁଣୀ ଓ ସୁଧୀଜନଙ୍କୁ ଆମକୁ ଉପହାର ଦେଇଥିବାରୁ ଆପଣଙ୍କ ସମ୍ପାଦନା ମଣ୍ଡଳୀ ପାଖରେ ମୁଁ କୃତଜ୍ଞ ! ଗାଳ୍ପିକ ପତି ମହାଶୟଙ୍କୁ ଭୂମିଷ୍ଠ ପ୍ରଣାମ ! ଉଦୟ ନାରାୟଣ ଦାସଙ୍କ ଲେଖା 'କାହାଣୀ ପଛର କାହାଣୀ'ରେ ଅନେକ ଇଂରାଜୀ ଶବ୍ଦ ଭେଟିଲି ଯାହାର ଓଡ଼ିଆ ଶବ୍ଦ ଅଛି, ଯଥା: 'ଲୋକେସନ୍' 'ବାଉଣ୍ଡେରୀ', 'ମାମ୍' ଆଦି ଶବ୍ଦ ବ୍ୟବହାର ହୋଇଛି । ଅବଶ୍ୟ ମୋର ଏଥିରେ କିଛି ଆପତ୍ତି ନାହିଁ, ମାତ୍ର କିଛି ଶୁଦ୍ଧ ଓଡ଼ିଆ ଆନ୍ଦୋଳନ କଲାବାଲା ଆପତ୍ତି କରି ପାରନ୍ତି ! ଭୁବନେଶ୍ୱରୀ ପଣ୍ଡାଙ୍କ 'ଆରିସା ପିଠା' ଅନୁଭୂତି ଜନିତ ଗଳ୍ପଟି ଖୁବ୍ ଭଲ ଲାଗିଲା ! ତା'ଛଡ଼ା ପ୍ୟାରିସ୍ ସହର ଓ ବୃନ୍ଦାବନ ଗାର୍ଡେନର ସୁନ୍ଦର ସଚିତ୍ର ତଥ୍ୟ ସମ୍ବଳିତ ଉପସ୍ଥାପନା ଖୁବ୍ ସୁଖପାଠ୍ୟ ହୋଇଛି ।

ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ 'ଦ୍ରୌପଦୀ-୧୬' ଭଲ ଲାଗିଲା ! ମାତ୍ର କଥାବାର୍ତ୍ତା ତଳ କୋଟେସନ୍ ମାର୍କ ଭିତରେ ରହିଲେ ସୁଖପାଠ୍ୟ ହୁଅନ୍ତା ! ସମସ୍ତ କବିତା ଉତ୍ତମ ହେଲେ ବି କିଛି କିଛି ବନାନ ଭୁଲ୍ ରହିଥିବା ଲକ୍ଷ୍ୟ କଲି ! ଜଣେ ସମର୍ଥ ସାହିତ୍ୟିକ ଭାଷାକୋଷ ଧରି ବନାନ ଶୁଦ୍ଧି କରିବା ପରେ ଛପାଇଲେ ଆହୁରି ଭଲ ହେବ ଆମ ସାହିତ୍ୟ ଓ ଭାଷା ପାଇଁ ! ପବିତ୍ର ମୋହନ ଦାଶଙ୍କ 'ଦାସେ ଆପଣେ' 'ରେବତୀ'ର ସବୁଠୁ ବଡ଼ ଆକର୍ଷଣୀୟ ଫିଚର୍ ! ବହୁତ ବଢ଼ିଆ ଉଦ୍ୟମ ! ଲେଖକଙ୍କୁ ସାଧୁବାଦ ! ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ରେଖାଚିତ୍ର' ପାଠକଙ୍କ ପାଇଁ ଏକ ଅନନ୍ୟ ଉପହାର ! ଇତିହାସ ପଢ଼ି ନଥିବା, ଜାଣି ନଥିବା ଓଡ଼ିଆଙ୍କ ଜ୍ଞାନ ଓ ଉତ୍କଳ ମାତା ପ୍ରତି ସମ୍ମାନ ବଢ଼ାଇବା ପାଇଁ ଉପଯୁକ୍ତ ! ଜୟନ୍ତୀ ରଥଙ୍କ ସ୍ମୃତିର ପ୍ରଜ୍ଞାପୀଠ ଅତି ସରଳ ଭାବରେ ଲିଖିତ ଅନୁଭୂତିର ଉପସ୍ଥାପନା ! ମୋ ମତରେ ଲେଖାଟିରେ ଟିକେ ସାହିତ୍ୟିକତା ଅଧିକ ହୋଇଥିଲେ ବିଶେଷ ରୋଚକ ହୋଇଥାଆନ୍ତା ! ତାଙ୍କ ପରି ଜଣେ ସୁସାହିତ୍ୟିକ ଠାରୁ ଅଧିକ ଆଶା କରା ଯାଇପାରେ ! ଶ୍ୱେତା ରାଉତଙ୍କ 'ସୂର୍ଯ୍ୟଙ୍କ ସଖୀ' ଫୁଲଟିଏ ଉପରେ ଏକ ସୁନ୍ଦର ଆଲେଖ୍ୟ ! ପୌରାଣିକ, ଲୋକକଥା ସାହିତ୍ୟ ଏହି ଫୁଲର ଇତିହାସ, ରୋପଣ ବିଧି, ଔଷଧୀୟ ଉପଚାର ଆଦି ସମ୍ମିଳିତ କରି ଲେଖାଟିକୁ ସର୍ବାଙ୍ଗ ସୁନ୍ଦର ଓ ତଥ୍ୟଭିତ୍ତିକ କରିଛନ୍ତି ଲେଖିକା ! ଅନ୍ୟାନ୍ୟ ସମସ୍ତ ବିଷୟ ମହତ୍ୱପୂର୍ଣ୍ଣ ! ମୋ ମତରେ 'ରେବତୀ' ପ୍ରକୃତରେ ଏକ ଉଚ୍ଚକୋଟୀର ସାହିତ୍ୟ ପତ୍ରିକା ! ମୁଁ ବାଲେଶ୍ୱର ଜିଲ୍ଲାର ଝିଅ ଏବଂ ବାଲେଶ୍ୱର ସହରରେ ସ୍ଥିତ ଦୁଇ ସରକାରୀ କଲେଜ ଫକୀରମୋହନ କଲେଜରେ ଆଠ ବର୍ଷ ଏବଂ କୁନ୍ତଳା କୁମାରୀ ସାବତରେ ଛଅ ବର୍ଷ ଇଂରାଜୀରେ ଅଧ୍ୟାପିକା ଥିଲି । ଆଜିମାବାଦରେ ଆମ ନିଜର ଘର ଥିଲା ! ତେଣୁ ବାଲେଶ୍ୱରର ସାହିତ୍ୟିକ ସଂସ୍କୃତିକୁ ପୁନର୍ଜୀବିତ କରିବା ପାଇଁ 'ରେବତୀ'ର ସମ୍ପାଦନା ମଣ୍ଡଳୀ ତଥା ଉପଦେଷ୍ଟାଙ୍କର ଏ ମହନୀୟ ପ୍ରୟାସ ପାଇଁ ମୋର ହାର୍ଦ୍ଦିକ ଅଭିନନ୍ଦନ !

**ଡକ୍ଟର ସୁମିତ୍ରା ମିଶ୍ର,** କୋଳଥିଆ, ଭୁବନେଶ୍ୱର-୭୫୧-୧୯

**ଆମ ଉତ୍ତର :** ଆପଣଙ୍କୁ ରେବତୀ ପରିବାର ପକ୍ଷରୁ ସାଧୁବାଦ ଜଣାଉଛୁ ଏଇଥି ପାଇଁ ଯେ ଆପଣ ମନଯୋଗୀ ହୋଇ ପତ୍ରିକାଟିକୁ କିଣି ପଢ଼ିଛନ୍ତି ଓ ମତାମତ ପଠାଇଛନ୍ତି । 'ରେବତୀ' ଆପଣଙ୍କୁ ପଠନୀୟ ଆନନ୍ଦ ଦେଇ ପାରିଛି, ଏହା ଆମର ସଫଳତା । ତେବେ ଲେଖାରେ ଇଂରାଜି କି ଅନ୍ୟ ଯେକୌଣସି ଭାଷାର ଶବ୍ଦ ବ୍ୟବହାର କରିବା ସଂପୃକ୍ତ ଲେଖକଙ୍କ ଇଚ୍ଛାଧୀନ ବ୍ୟାପାର । 'ରେବତୀ' ଏଥିରେ ପକ୍ଷ ରଖିବ ନାହିଁ । ତେବେ ହଁ ବନାନ ଅଶୁଦ୍ଧି ଆମର ରହୁଛି ଓ ଏହାକୁ ଧୀରେ ଧୀରେ ଆମେ ସଜାଡ଼ିବୁ । ସମକକ୍ଷ ନୁହେଁ ରେବତୀ ଭିନ୍ନ ହେବାକୁ ଚାହେଁ ଓ ହେବ ମଧ୍ୟ ।

## ଅଚ୍ୟୁତାନନ୍ଦଙ୍କ ଆଲେଖ୍ୟ ଭଲ ଲାଗିଲା

● ଜୁନ୍ ସଂଖ୍ୟା 'ରେବତୀ' ପଢ଼ିଲି । ୧. 'ଛଳଛଳ ଛନ୍ଦ: ଅଚ୍ୟୁତାନନ୍ଦ' ବହୁତ ଭଲ ଲାଗିଲା । 'ଅଚ୍ୟୁତାନନ୍ଦ ନନ୍ଦ' କଣ ଜାଣି ପାରିଲି ନାହିଁ । ୨.ଗଳ୍ପ ଓ କବିତା ବିଭାଗ ବେଶ୍ ସମୃଦ୍ଧ । ଗଳ୍ପ ବିଭାଗରେ ଚିତ୍ର ବଦଳରେ ଫଟୋ କିମ୍ବା ଆର୍ଟ ଦେଲେ ଅଧିକ ଆକର୍ଷଣୀୟ ହେବ, ୩. ଇଂରାଜୀ ଉଦ୍ଧୃତି କିମ୍ବା ଚିଠି ସହିତ ଓଡ଼ିଆ ଅନୁବାଦ ଦେଲେ ଭଲ ହେବ, ୪. ସ୍ୱାସ୍ଥ୍ୟ ସଂପର୍କୀୟ ଲେଖାର ଅଭାବ ଅନୁଭବ କଲି । ୫. ସାଂପ୍ରତିକ ଜାତୀୟ / ଆନ୍ତର୍ଜାତୀୟ ଘଟଣା ଉପରେ ଆଧାରିତ ଲେଖାଟିଏ ରହିଲେ କେମିତି ହୁଅନ୍ତା ? ଏ ସଂଖ୍ୟାର ସଫଳତା ପାଇଁ ଅଭିନନ୍ଦନ ଜଣାଉଛି ।

**ରବି ସ୍ୱାଇଁ,**
ସତ୍ୟ ବିହାର, ଭୁବନେଶ୍ୱର

## 'ରେବତୀ' ମୋ ପାଇଁ ଏକ କ୍ଲାସିକ୍ ପତ୍ରିକା

● ମାଗୁଣିର ଶଗଡ଼ର ପୁନଃପାଠ କରିଛନ୍ତି ଅଧ୍ୟାପକ ମଣୀନ୍ଦ୍ର ସାର୍ । ଗୋଦାବରୀଶଙ୍କ ଗଳ୍ପ ଯାହା ଆମ ପ୍ରାକ୍ କଲେଜ ଜୀବନର କିଶୋର ପୁଲକ ସହ ସଂପୃକ୍ତ ତାହା ଆମ ଦଂପତ୍ତିଙ୍କୁ ଅଭିଭୂତ କରିଦେଲା ଅନେକ ସମୟ । ମୋ ଠାରୁ ପତ୍ରିକାକୁ ନେଇ ଯାଇଛନ୍ତି ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା । ସମ୍ପାଦକ ଓ ମାଗୁଣିର ଶଗଡ଼ର ଉପସ୍ଥାପକଙ୍କୁ ଅଜସ୍ର ଅଭିନନ୍ଦନ । ଏହି ସଂଖ୍ୟାରେ ପତ୍ରସ୍ଥ 'ଦାସେ ଆପଣେ'ଙ୍କ ରୋମାଞ୍ଚକର ଜୀବନ ଆଧାରିତ ଉପନ୍ୟାସ ସଂପର୍କରେ ଆଲେଖ୍ୟ ମର୍ମସ୍ପର୍ଶୀ ହୋଇଛି । ଏପରି ମହତ୍ ଲେଖାରେ ଭରପୁର 'ରେବତୀ'କୁ ମୁଁ ଦେବି କ୍ଲାସିକ୍ ପତ୍ରିକାର ଦର୍ଜା ! ଆପଣଙ୍କୁ ପ୍ରଶଂସା (Kudos)!

**ରମେଶ ପଟ୍ଟନାୟକ,** ଭୁବନେଶ୍ୱର

# ସାଂସାରିକ ସତ୍‌ସଙ୍ଗ

ଆମେ ସଭିଏଁ ସଂସାର ନାମକ ଏକ ଭିନ୍ନ ଜଗତରେ ବସବାସ କରୁ । ମନୁଷ୍ୟ ଜନ୍ମଗ୍ରହଣ କରି ମୃତ୍ୟୁ ପର୍ଯ୍ୟନ୍ତ ଯେଉଁଠି କାଳାତିପାତ କରେ ତାହା ହିଁ ସ୍ଥୁଳତଃ ସଂସାର । ସାଂସାରିକ ମୋହମାୟା ଓ ବନ୍ଧନ ଭିତରେ ଆମେ ଆମ ଜୀବନକୁ ସରସ ସୁନ୍ଦର କରି ବଞ୍ଚୁ । ପୁତ୍ରକନ୍ୟା ପିତାମାତା ଏବଂ ଅନ୍ୟାନ୍ୟ କୁଟୁମ୍ବକୁ ନେଇ ସଂସାର ଏକ ଏମିତି ଆସ୍ଥାନ ଯେଉଁଠି ପଶୁପକ୍ଷୀ, ଗଛଲତା, କୀଟପତଙ୍ଗ ଠାରୁ ଏକ ଭିନ୍ନତା ପରିଲକ୍ଷିତ ହୋଇଥାଏ । ତେବେ ସଂସାରର ପରିଭାଷାକୁ ଦେଖିଲେ, ଆମେ ଏତିକି ବୁଝୁ ଯେ କର୍ମ କାରଣରୁ ଦୁଃଖ ଓ ମୃତ୍ୟୁର ଅନିଶ୍ଚିତ କାଳ ପର୍ଯ୍ୟନ୍ତ ଦୋହରା ଯାଉଥିବା ଏକ ଚକ୍ର । ସେଥିପାଇଁ ସଂସାରର ଅନ୍ୟ ନାମ ଦୁଃଖାଳୟ ବୋଲି କୁହାଯାଏ । କାରଣ ସୁଖ କେବଳ ଭଗବାନଙ୍କ କଥା ଶ୍ରବଣରେ ବା ସତ୍‌ସଙ୍ଗରେ ପ୍ରାପ୍ତ ହୋଇଥାଏ । କୁହାଯାଏ ଯେ, ଅହଙ୍କାରୀ ଜୀବ ନିଜ କ୍ରୋଧାଗ୍ନିରେ ନିରନ୍ତର ଜଳୁଥାଏ । ଫଳରେ ସେ ରହୁଥିବା ସଂସାରଟି ଏକ ବିନାଶକାରୀ ଶକ୍ତି ଦ୍ୱାରା ନଷ୍ଟ ବିନଷ୍ଟ ହେଉଥାଏ ।


ସୁତରାଂ ସଂସାର ବା ଯେଉଁ ପରିବାରରେ ଆମେ ସମ୍ବନ୍ଧିତ ହୋଇଥାଉ, ତାକୁ ସୁଖମୟ କରି ଗଢ଼ି ତୋଳିବାକୁ ଆମ ପାଇଁ ବିଶେଷ ଜରୁରୀ ରହିଛି ସତ୍‌ସଙ୍ଗର । ଏହି ସତ୍‌ସଙ୍ଗ ବା ପରମାତ୍ମାଙ୍କ ସଙ୍ଗ ଲାଭ ଆମ ପାଇଁ ଅତ୍ୟନ୍ତ ଜରୁରୀ । ଜୀବନକୁ ଆନନ୍ଦମୟ ଓ ସୁଖମୟ କରି ଗଢ଼ି ତୋଳିବା ସଂସାରର ପ୍ରତିଟି ମନୁଷ୍ୟର ଧ୍ୟେୟ ହେବା ଉଚିତ୍ । କାମ, କ୍ରୋଧ, ହିଂସା, ଅସୂୟାରେ ଆମେ ଜର୍ଜରିତ ହୋଇ ଜୀବନକୁ ସତ୍‌ସଙ୍ଗର ଲାଭ ଠାରୁ କାହିଁ କେତେ ଦୂରକୁ ଘେନି ଯାଉଛୁ । ଏ ସମ୍ପର୍କରେ କେବେ ଚର୍ଚ୍ଚା କରୁନା କି ଭାବୁନା । ସାରାଜୀବନ ମୋ ପୁଅଝିଅ କେତେ ଭଲ ପଢିବେ, ବଡ଼ ଡାକ୍ତର ଇଂଜିନିୟର୍ ହେବେ, ସେଇ କଥା ଜପୁଥାଉ । ଆମ ପାଖରେ ନା ଥାଏ ସତ୍‌ସଙ୍ଗର ଅଭୀପ୍‌ସା ନା ଥାଏ ସତ୍‌ସଙ୍ଗ ଲାଭର ଆଗ୍ରହ । ଖୁବ୍ ବେଶିରେ ଆମେ ପୁଣ୍ୟାର୍ଥେ ମନ୍ଦିରରେ ପୂଜା କରୁ ବା ଘରେ ପୂଜାର୍ଚ୍ଚନା କରୁ । ବାସ୍ । ଏତିକିରେ ସରିଯାଏ ଆମର ଭଗବାନଙ୍କ ପ୍ରତି କର୍ତ୍ତବ୍ୟ । ଈଶ୍ୱରଙ୍କ ମହିମା, ଗୁଣଗାଥା ଆମେ ସମୂହ ଭାବେ ପରିବାରର ସମସ୍ତଙ୍କୁ ବସାଇ ଶୁଣାଉ କି ! ନା । ଫଳରେ ଆମ ସାଂସାରିକ ସତ୍‌ସଙ୍ଗର ନା ହୁଏ ପ୍ରତିଷ୍ଠା ନା ଆମ ପିଲାଏ ଶିଖନ୍ତି ସତ୍‌ସଙ୍ଗର ଅର୍ଥ ।

ପରମାତ୍ମାଙ୍କ ସଙ୍ଗ ଲାଭ ହିଁ ସତ୍‌ସଙ୍ଗର ମୂଳକଥା । ପରମାତ୍ମା ଅର୍ଥାତ୍ ଏକରୁ ଅଧିକ ଲୋକଙ୍କ ସମୂହ ସଙ୍ଗ ଅର୍ଥାତ୍ ପରମାତ୍ମାଙ୍କ ସମ୍ପର୍କରେ କେହି ସନ୍ଥ ମହାତ୍ମା କିମ୍ବା ସାଧୁଜନ  ଚର୍ଚ୍ଚା କରୁଥିଲେ ବା ଗୁଣକୀର୍ତ୍ତନ କରୁଥିଲେ ବା ପରମାତ୍ମାଙ୍କ ସମ୍ପର୍କରେ ଆଲୋଚନା କରୁଥିଲେ ତାହାକୁ ସମୂହ ଭାବେ ଶ୍ରବଣ କରିବା ହିଁ ସତ୍‌ସଙ୍ଗ । ସତ୍ୟର ସଙ୍ଗ ହେଉଛି ସତ୍‌ସଙ୍ଗ । ସତ୍ୟ ହେଉଛି ପରମାତ୍ମା ଏବଂ ସଙ୍ଗ ହେଉଛି ପ୍ରେମ । ପରମାତ୍ମାଙ୍କ ପ୍ରତି ପ୍ରେମଭାବ ହିଁ ସତ୍‌ସଙ୍ଗ । ପରମାତ୍ମାଙ୍କ ସହିତ ରହିବା ଅର୍ଥାତ୍ ପରମାତ୍ମାଙ୍କୁ ଦର୍ଶନ କରି ଭକ୍ତଗଣ ତାଙ୍କ ସହିତ ରହିବା ହେଉଛି ସର୍ବୋତ୍ତମ ସତ୍‌ସଙ୍ଗ । ସତ୍‌ସଙ୍ଗର ସୁଖ ସତରେ ଅତୁଳନୀୟ । ନିରନ୍ତର ସତ୍‌ସଙ୍ଗରେ ରହିବା ହେଉଛି ଆମର ଧର୍ମ । ସେଥିପାଇଁ ସଂସାରରେ ସମୂହ ଭାବେ ରହୁଥିବା ଆମେ ସମସ୍ତେ ସର୍ବଦା ସତ୍‌ସଙ୍ଗ ବା ପରମାତ୍ମାଙ୍କ ଗୁଣଗାନ କରିବା ଉଚିତ ବା ସାଧୁସନ୍ଥ କରୁଥିବା ଈଶ୍ୱରଙ୍କ ଗୁଣକୀର୍ତ୍ତନକୁ ଶ୍ରବଣ କରିବା ଦରକାର । କେତେକ କ୍ଷେତ୍ରରେ କେହି କେହି ଦୁଃଖୀ ହେଲେ ହିଁ ପ୍ରଭୁଙ୍କୁ ସ୍ମରଣ କରନ୍ତି ।  ଏହା ଠିକ୍ ନୁହେଁ । ସୁଖରେ ଦୁଃଖରେ ସବୁବେଳେ ଈଶ୍ୱର ସ୍ମରଣରେ ରହିବା ବିଧେୟ । ତାଙ୍କର ଗୁଣକୀର୍ତ୍ତନ ଶୁଣିବାରେ ସମୟ ଦେବା ଉଚିତ । ଏହା ବ୍ୟତୀତ ଶାସ୍ତ୍ରରେ ଏକଥା ମଧ୍ୟ କୁହାଯାଇଛି ଯେ ଯେଉଁ ସତ୍ ଗ୍ରନ୍ଥରେ ଭକ୍ତି, ଜ୍ଞାନ, ସଦାଚାର ବିଷୟର ବର୍ଣ୍ଣନା ଅଛି, ସେସବୁ ଗ୍ରନ୍ଥକୁ ଶ୍ରଦ୍ଧା ଓ ପ୍ରେମପୂର୍ବକ ପଠନ ଅଧ୍ୟୟନ ମନନ ଅନୁଶୀଳନ କଲେ ସତ୍‌ସଙ୍ଗର ଉପକାର ମିଳିଥାଏ ।

ଭଗବାନଙ୍କ କୃପାରୁ ହିଁ ଏସବୁ ପ୍ରାପ୍ତ ହୋଇଥାଏ । ସଙ୍ଗ ପ୍ରାପ୍ତ ହେବା ମଧ୍ୟ କୌଣସି ସହଜସାଧ୍ୟ କାର୍ଯ୍ୟ ନୁହେଁ । ଏହା ମଧ୍ୟ ବଡ଼ ସୌଭାଗ୍ୟରେ ପ୍ରାପ୍ତ ହୋଇଥାଏ । ପୁଣ୍ୟର ପୁଞ୍ଜି ଏବଂ ପୂର୍ବଜନ୍ମର ମହାନ ଶୁଭ ସଂସ୍କାରରୁ ହିଁ ମହାପୁରୁଷଙ୍କ ସଙ୍ଗ ଲାଭ ହୋଇଥାଏ । ଏପରି ସତ୍‌ସଙ୍ଗର ପାଳନ ସ୍ୱରୂପ ଜଣେ ସଂସାରର ଜନ୍ମମୃତ୍ୟୁର ଉର୍ଦ୍ଧ୍ୱକୁ ଚାଲି ଯାଇଥାଏ । ମହାତ୍ମାଙ୍କ ସଙ୍ଗ ଲାଭରୁ ଯେଉଁ ଲାଭ ମିଳେ, ତାହା ସଂସାରର କୌଣସି ବି ସଂଗରୁ ମିଳି ନଥାଏ । ମନୁଷ୍ୟ ସବୁବେଳେ ପାର୍ଥିବ ପ୍ରାପ୍ତିକୁ ଜୀବନର ବଡ଼ ଲାଭ ବୋଲି ବିବେଚନା କରୁଥିବା ବେଳେ ସତ୍‌ସଙ୍ଗର ଲାଭକୁ ବୁଝନ୍ତି ହିଁ ନାହିଁ । କିନ୍ତୁ ସତ୍‌ସଙ୍ଗର ଲାଭ ଜୀବନରେ କେତେ ଯେ ଉପକାରୀ ତାହା କେବଳ ଜଣେ ଅନୁଭବ କରିପାରିବ । ସାଧୁସନ୍ଥ କିମ୍ବା ମହାତ୍ମା ପୁରୁଷଙ୍କ ସଙ୍ଗ ଲାଭ ଦ୍ୱାରା ଜଣେ ସାଧାରଣ ଲୋକ ସେପରି ସାଧୁସନ୍ଥ ବନିବା ଅସମ୍ଭବ ନୁହେଁ । କିନ୍ତୁ ଜଣେ ସଂସାରରେ ଥାଇ କାହିଁକି ଅସାଧୁ ଭାବେ ପରିଚିତ ହେବ ! ସୁତରାଂ ସତ୍‌ସଙ୍ଗର ଆବଶ୍ୟକତାକୁ ଆଦୌ ଏଡ଼ାଇ ଦିଆ ଯାଇନପାରେ । ଆମେ ଆମ ପରିବାରରୁ ଏପରି ଏକ ସତ୍‌ସଙ୍ଗର ଶୁଭାରମ୍ଭ ନକରିବା କାହିଁକି, ଯାହା ଦ୍ୱାରା ଏକ ସୁନ୍ଦର ଦିବ୍ୟସମାଜ ଗଠନ ହୋଇପାରିବ ।

ସାଂସାରିକ ସତ୍‌ସଙ୍ଗର ଆବଶ୍ୟକତାକୁ ଉପଲବ୍ଧି କରି ଆମେ ସମସ୍ତେ ପରମାତ୍ମାଙ୍କ ସଙ୍ଗ ଲାଭ ପାଇଁ ସମସ୍ତଙ୍କୁ ଉତ୍‌ପ୍ରେରିତ କରିବା ଆସନ୍ତୁ । ଆମ ବଡ଼ଠାକୁର ଆମ ସଭିଙ୍କ ଭିତରେ ସେଇ ଦିବ୍ୟଭାବନା ଭରି ଦିଅନ୍ତୁ, ଏତିକି ପ୍ରାର୍ଥନା । ଜୟ ଜଗନ୍ନାଥ ।





# ରଥ ରହସ୍ୟ

# ରଥକଥା


## ଅସିତ୍ ମହାନ୍ତି

ଠିକଣା : ୪ଆର୍ -୧/୨, ୟୁନିଟ୍- ୩
ଭୁବନେଶ୍ୱର-୭୫୧୦୦୧
ଫୋନ : ୯୪୩୭୦୩୪୮୦୪

ଫଟୋ ସୌଜନ୍ୟ : ଲେଖକ


ଗୋଟିଏ ପଟେ ଶ୍ରୀମନ୍ଦିର । ଆଉ ଗୋଟିଏ ପଟେ ଶ୍ରୀଗୁଣ୍ଡିଚା ମନ୍ଦିର । ଦକ୍ଷିଣ ଓ ଉତ୍ତର ହୋଇ ବିରାଜମାନ କରୁଥିବା ଏ ଦୁଇ ମନ୍ଦିରକୁ ଯୋଡୁଛି ବଡ଼ଦାଣ୍ଡ । ପ୍ରଥମଟି ଲୀଳାକ୍ଷେତ୍ର । ସେଇଠି ଅଛି ତାଙ୍କର ରତ୍ନବେଦୀ । ଦ୍ୱିତୀୟଟି ଜନ୍ମବେଦୀ । ତାହା ତାଙ୍କର ଜନ୍ମସ୍ଥାନ । ବର୍ଷକୁ ଥରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥାରୂଢ଼ ହୋଇ ସେ ବଡ଼ଭାଇ ବଳଭଦ୍ର ଓ ସାନଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ଏଇ ଜନ୍ମବେଦୀକୁ ଯାଆନ୍ତି । ସେଠି ସାତଦିନର ରହଣି ପରେ ବାହୁଡ଼ା ଯାତ୍ରାରେ ଫେରିଆସନ୍ତି ଶ୍ରୀମନ୍ଦିରକୁ । ଏଇ ହେଉଛି ତାଙ୍କ ରଥଯାତ୍ରାର ଲୀଳା । ସେଇ କେତେଦିନ ବଡ଼ଦାଣ୍ଡ ତାଙ୍କୁ ଓ ତାଙ୍କ ରଥକୁ ବକ୍ଷରେ ଧରି ଧନ୍ୟ ହୁଏ । ସାରା ବର୍ଷ କିନ୍ତୁ ବଡ଼ଦାଣ୍ଡ ଧନ୍ୟ ହେଉଥାଏ, ଅନ୍ୟାନ୍ୟ ପର୍ବ, ଉତ୍ସବର ବିଜେ ପ୍ରତିମା ଓ ଭକ୍ତଜନଙ୍କୁ ବକ୍ଷରେ ଧରି । ସେଥିପାଇଁ କୁହାଯାଇଛି- ଧନ୍ୟ ସେ ରଥ, ଧନ୍ୟ ସେ ପଥ ।

ଏହି ଯାତ୍ରାପାଇଁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ବଡ଼ଦାଣ୍ଡରେ ପ୍ରବେଶ କରିବାର ଦୃଶ୍ୟକୁ ଭକ୍ତକବି ସାଲବେଗ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ତାଙ୍କର ଗୋଟିଏ ଭକ୍ତିଗୀତିରେ । ସେଥିରେ ସେ କହିଛନ୍ତି-

"ପ୍ରବେଶ ହୋଇଲ ବଡ଼ଦାଣ୍ଡ
ଚରଣ ଧୂଳିରେ ପୂରିଲା ତୁଣ୍ଡ
ଦାଣ୍ଡରେ ବସିଛି କୈବଲ୍ୟ ପସରା
ଟଙ୍କ ତୁରାଣିରେ ମନ ତୋଷ
ଆହେ ରାମ ହରି ।
ପ୍ରଭୁ ବିଜେ କରିଅଛ ନୀଳଗିରି ।
ପ୍ରଭୁ ଦର୍ଶନ ମାତ୍ରକେ ଯିବି ତରି ।"

ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ନିର୍ଦ୍ଦିଷ୍ଟ ଭାବରେ କେବେଠାରୁ ହେଉଛି, ତାହାର ସର୍ବଗ୍ରାହ୍ୟ ଇତିହାସ ନାହିଁ । କିନ୍ତୁ କେବେଠାରୁ ଛଅ ରଥ ପରିବର୍ତ୍ତେ ତିନିରଥ ହେଉଛି, ତାହାର ଇତିହାସ ଅଛି । ଏ ଇତିହାସର ସୂତ୍ର ଆମକୁ ମିଳେ 'ମାଦଳା ପାଞ୍ଜି'ରୁ । ପ୍ରଫେସର୍ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସଂପାଦିତ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ 'ମାଦଳା ପାଞ୍ଜି'ର 'ରାଜଭୋଗ ଇତିହାସ'ରେ ବର୍ଣ୍ଣିତ ଅଛି- "ଏ ରାଜା ବାଙ୍କୀ ମୁହାଣ ପୋତାଇଲେ । ଛଅ ରଥ ହେଉଥିଲା ନଈ ପୋତାଇ ତିନି ରଥ କରାଇଲେ । ଗୁଣ୍ଡିଚାଘର ଦେଉଳ କାଠ ମଣ୍ଡପ ହୋଇଥିଲା, ତାହା ପଥର ମଣ୍ଡପ କଲେ । ଚାରିପାଖେ ବେଢ଼ା କଲେ... ।"

ଏହି ରାଜଭୋଗ ଇତିହାସରୁ ଜଣାଯାଏ, ଏହା ଗଙ୍ଗବଂଶୀ ରାଜା ନରସିଂହ ଦେବ (ଦ୍ୱିତୀୟ)ଙ୍କର କୀର୍ତ୍ତି । ଏହାଙ୍କର ରାଜତ୍ୱ କାଳ ଖ୍ରୀଷ୍ଟୀୟ ୧୨୭୮ରୁ ୧୩୦୬ । ଏଣୁ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ତିନିଟି ରଥରେ ଅନୁଷ୍ଠିତ ହେବାର ସମୟ ତ୍ରୟୋଦଶ ଶତାବ୍ଦୀ ।

ପ୍ରତ୍ନତାତ୍ତ୍ୱିକ ପ୍ରମାଣ ମଧ୍ୟ ଏହି ତଥ୍ୟକୁ ସ୍ୱୀକାର କରେ । ସେହି ପ୍ରତ୍ନତାତ୍ତ୍ୱିକ ପ୍ରମାଣ ସଂରକ୍ଷିତ ଅଛି ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିସରରେ । ସଂଗ୍ରହାଳୟର ପ୍ରବେଶ ପଥରେ ଥିବା ସ୍ଥାପତ୍ୟ ବୀଥିରେ ଏହି ପ୍ରମାଣ ଉତ୍କୀର୍ଣ୍ଣ ରହିଛି । କଟକ ଜିଲ୍ଲାର ଧାନମଣ୍ଡଳ ଷ୍ଟେସନ ନିକଟବର୍ତ୍ତୀ ତେଲିଗଡ଼ର ଏକ ମନ୍ଦିରର ନିମ୍ନାଂଶରେ ରଥଯାତ୍ରାର କେତେକ ଦୃଶ୍ୟ ଖୋଦିତ ହୋଇଥିଲା । ସେହି ମନ୍ଦିରର ଭଗ୍ନାବଶେଷ ମଧ୍ୟରୁ ତାହାକୁ ସଂଗ୍ରହ କରାଯାଇ ଏହି ସ୍ଥାପତ୍ୟ ବୀଥିରେ ସଂରକ୍ଷିତ କରି ରଖାଯାଇଛି । ସେଗୁଡ଼ିକ ତ୍ରୟୋଦଶ ଶତାବ୍ଦୀର । ତାହା ସୂଚାଏ ଯେ ଶ୍ରୀକ୍ଷେତ୍ରର ରଥଯାତ୍ରା ସେତେବେଳକୁ ସୁପ୍ରତିଷ୍ଠିତ ଓ ଲୋକପ୍ରିୟ ହୋଇସାରିଥିଲା । ସେହି ଅବସରରେ ଉତ୍କଳୀୟ ଶିଳ୍ପୀ ପୁରୀ ରଥଯାତ୍ରାର ଅବିକଳ ସ୍ଥାପତ୍ୟ ଉକ୍ତ ମନ୍ଦିର ଗାତ୍ରରେ ଖୋଦନ କରିଛନ୍ତି । ସେହି ସ୍ଥାପତ୍ୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନିମନ୍ତେ ପୀଢ଼ ଦେଉଳ ସଦୃଶ ତିନିଟି ରଥ ଅତି ସ୍ପଷ୍ଟ ଭାବେ ଖୋଦିତ ହୋଇଛି । ଏବେ ପୁରୀରେ ହେଉଥିବା ରେଖମନ୍ଦିର ସଦୃଶ ରଥର ଊର୍ଦ୍ଧ୍ୱଭାଗ ସହ ସେହି ରଥର ସାଦୃଶ୍ୟ ନାହିଁ । କିନ୍ତୁ ତାହାର ନିମ୍ନଭାଗ ବର୍ତ୍ତମାନର ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥ ସହ ସଂପୂର୍ଣ୍ଣ ସାମ୍ୟ ବହନ କରେ । ସେହି ଅର୍ଦ୍ଧଭଗ୍ନ ତ୍ରିରଥ-ସ୍ଥାପତ୍ୟର ଯେତିକି ଅବଶେଷ ଉପଲବ୍ଧ, ସେଥିରୁ ସ୍ପଷ୍ଟ ଯେ ସେହି ତିନି ରଥରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଆରୂଢ଼ ଅଛନ୍ତି । ଶ୍ରୀକ୍ଷେତ୍ରର ଆଜିର ରଥଯାତ୍ରା ପରି ସେତେବେଳେ ମଧ୍ୟ ପାରମ୍ପରିକ ରୀତିରେ ଛତ୍ର, ଚାମର, ଘଣ୍ଟ ଓ କାହାଳୀ ଆଦି ସହିତ ରଥମାନଙ୍କୁ ଶୋଭାଯାତ୍ରାରେ ନିଆ



◀ଲେଖକ ଅସିତ୍ ମହାନ୍ତି

ଯାଉଥିଲା । ଭକ୍ତମାନେ ରଥରଜ୍ଜୁ ଦ୍ୱାରା ସେହି ରଥକୁ ଟାଣୁଥିଲେ ।

ଏବେ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚାଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ହିଁ ଅନୁଷ୍ଠିତ ହେଉଛି । କିନ୍ତୁ 'ସ୍କନ୍ଦ ପୁରାଣ'ର ୨୯ ଅଧ୍ୟାୟର 'ପ୍ରତିମା ଉବାଚ' ଅନ୍ତର୍ଗତ ୩୦-୩୧-୩୨ ଶ୍ଳୋକରେ, ସ୍ୱୟଂ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଏହି ଯାତ୍ରାର ଅନ୍ୟ ତିଥିର କଥା ବି କହିଛନ୍ତି । ସେ କହିଛନ୍ତି, "ଗୁଣ୍ଡିଚା ନାମକ ଏହି ମହୋତ୍ସବ ବା ଏହି ମହାଯାତ୍ରାର ନାମ କୀର୍ତ୍ତନ କରିବା ମାତ୍ରେ ମାନବ ପାପମୁକ୍ତ ହୁଏ । ମାଘ ମାସର ଶୁକ୍ଳ ପଞ୍ଚମୀ ଓ ଚୈତ୍ର ମାସର ଶୁକ୍ଳ ଅଷ୍ଟମୀ ଗୁଣ୍ଡିଚା ମହୋତ୍ସବ ନିମିତ୍ତ ପ୍ରଶସ୍ତ କାଳ । ବିଶେଷକରି, ଆଷାଢ଼ ମାସର ଶୁକ୍ଳ ଦ୍ୱିତୀୟା ଯଦି ପୁଷ୍ୟା ନକ୍ଷତ୍ରଯୁକ୍ତା ହୋଇଥାଏ, ତାହାହେଲେ ତାହା ଏହି ଯାତ୍ରା ପାଇଁ ପ୍ରଶସ୍ତତମ । ତାହା ସମସ୍ତଙ୍କର ମୋକ୍ଷଦାତ୍ରୀ । ପୁଷ୍ୟା ନକ୍ଷତ୍ର ନଥିଲେ ମଧ୍ୟ, ଏହି ତିଥିରେ ହିଁ ସେହି ମହୋତ୍ସବ କରଣୀୟ । କାରଣ ଏହି ତିଥି ହିଁ ମୋର ପରମ ପ୍ରୀତିକର ଅଟେ ।" ଏଣୁ 'ପ୍ରତିମା' ବା ଶ୍ରୀଜଗନ୍ନାଥ ନିଜେ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ତିନିଟି ତିଥିର କଥା କହିଥିଲେ ମଧ୍ୟ, ପ୍ରଶସ୍ତତମ ତଥା ତାଙ୍କର ପରମ ପ୍ରୀତିପ୍ରଦ ହୋଇଥିବାରୁ, ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ହିଁ ଶ୍ରୀଜଗନ୍ନାଥଙ୍କର ଶ୍ରୀଗୁଣ୍ଡିଚାଯାତ୍ରା ଅନୁଷ୍ଠିତ ହୋଇ ଆସୁଛି ।

ଏହି ରଥଯାତ୍ରା ଯେଉଁ ତିନିଟି ରଥରେ ଅନୁଷ୍ଠିତ ହୋଇଥାଏ, ତାହା ହେଉଛି- 'ତାଳଧ୍ୱଜ', 'ନନ୍ଦିଘୋଷ' ଓ 'ଦେବଦଳନ' । କିନ୍ତୁ ଏହି ନାମ ତିନିଟି ପଛରେ ଅନେକ ରହସ୍ୟ ଓ ତାତ୍ପର୍ଯ୍ୟ ରହିଛି । ସେହିସବୁ ନାମର କେତେକ ନାମାନ୍ତର ମଧ୍ୟ ରହିଛି ।

## 'ଶ୍ରୀମଦ୍‌ଭାଗବତ'ର ରଥ

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଯେ ସନାତନ ଧର୍ମର ଶ୍ରେଷ୍ଠ ରଥଯାତ୍ରା, ଆମକୁ ଏହାର ସ୍ପଷ୍ଟ ପ୍ରମାଣ ମିଳେ 'ଶ୍ରୀମଦ୍‌ଭାଗବତ'ରୁ ।

'ଶ୍ରୀମଦ୍‌ଭାଗବତ'ର ଦ୍ୱାଦଶ ସ୍କନ୍ଧ, ଏକାଦଶ ଅଧ୍ୟାୟରେ ଭଗବାନଙ୍କର ଅଙ୍ଗ, ଉପାଙ୍ଗ ଓ ଆୟୁଧମାନଙ୍କର ବର୍ଣ୍ଣନା ଅଛି ଏବଂ ତା' ସହିତ ଅଛି ସୂର୍ଯ୍ୟଙ୍କ ଗତିର ବର୍ଣ୍ଣନା । ଶୌନକାଦି ଋଷି ଓ ସୂତମୁନିଙ୍କ କଥୋପକଥନ ମାଧ୍ୟମରେ ଏହା ଖୁବ୍ ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି ।

ଶୌନକ ଋଷି ସୂତମୁନିଙ୍କୁ କହିଛନ୍ତି- ଆପଣ ବ୍ୟାସଦେବଙ୍କର ଶିଷ୍ୟ, ଶାସ୍ତ୍ରଜ୍ଞାନୀ ଓ ମନ୍ତ୍ରତନ୍ତ୍ରର ବକ୍ତା । ଯେଉଁ ଲକ୍ଷ୍ମୀପତି ଶ୍ରୀଜଗନ୍ନାଥଙ୍କର ମହିମା ଦେବତାମାନେ ମଧ୍ୟ ଜାଣିପାରି ନାହାନ୍ତି- ତାଙ୍କୁ କିପରି ଧ୍ୟାନ, କଳ୍ପନା ଓ ପୂଜା କରିହେବ ଏବଂ ତାଙ୍କର ଅଙ୍ଗାଭରଣ, ପ୍ରତ୍ୟଙ୍ଗ ଓ ଆୟୁଧ ଆଦି କ'ଣ ତାହା ଆମକୁ କହନ୍ତୁ ।

ଏହିସବୁ ପ୍ରଶ୍ନର ଉତ୍ତରରେ ସୂତମୁନି ଶୌନକାଦି ଋଷିଙ୍କ ଆଗରେ ସୂର୍ଯ୍ୟଙ୍କ ରଥର ବର୍ଣ୍ଣନା କରିଛନ୍ତି । ତାଙ୍କ ଅନୁସାରେ- ସୂର୍ଯ୍ୟଙ୍କର ରଥ ହେଉଛି ବିଶ୍ୱମୟ ରଥ । ସେହି ରଥର ବର୍ଣ୍ଣନାରୁ ସ୍ପଷ୍ଟ ହୁଏ ଯେ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ରଥ-କଳ୍ପନାରେ ସେହି ସୂର୍ଯ୍ୟରଥ ହିଁ ଯେପରି ନବରୂପ ଲାଭ କରିଛି ।

'ଶ୍ରୀମଦ୍‌ଭାଗବତ'ର ସେହି ବର୍ଣ୍ଣନାରେ ଅତି ସ୍ପଷ୍ଟ ଭାବରେ କୁହାଯାଇଛି- ସୂର୍ଯ୍ୟମଣ୍ଡଳ ହେଉଛି ଭଗବାନଙ୍କର ପୂଜାସ୍ଥଳ । ଅନ୍ତଃକରଣର ଶୁଦ୍ଧି ହେଉଛି ତାଙ୍କର ମନ୍ତ୍ରଦୀକ୍ଷା ଏବଂ ସମସ୍ତ ପାପର ବିନାଶ ହିଁ ତାଙ୍କର ପୂଜା ।

ଏହି ପ୍ରସଙ୍ଗରେ ଶୌନକ ଋଷି ସୂତମୁନିଙ୍କ ଠାରୁ ସୂର୍ଯ୍ୟଙ୍କ ସହିତ ସମ୍ବନ୍ଧିତ 'ସପ୍ତଗଣ'ଙ୍କ ସଂପର୍କରେ ଜାଣିବାକୁ ଚାହିଛନ୍ତି । ଏହା ମଧ୍ୟ ତାଙ୍କୁ କଥା ପ୍ରସଙ୍ଗରେ ସୂଚାଇ ଦେଇଛନ୍ତି ଯେ ପ୍ରଶ୍ନକର୍ତ୍ତା ପରିକ୍ଷିତଙ୍କୁ ଶୁକଦେବ ଏହି କଥା କହିଥିଲେ ।

ସୂର୍ଯ୍ୟଙ୍କ ସହିତ ସମ୍ବନ୍ଧିତ ସେହି 'ସପ୍ତଗଣ' ହେଉଛନ୍ତି- ଋଷି, ଗନ୍ଧର୍ବ, ନାଗ, ଅପ୍ସରା, ଯକ୍ଷ, ରକ୍ଷ ଓ ଦେବତା । ଏମାନେ ନିଜର ଅଧିପତିଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କର୍ମରେ ନିୟୋଜିତ ହୋଇଥାଆନ୍ତି ଏବଂ ମାସ ଭେଦରେ ଭିନ୍ନଭିନ୍ନ ହୁଅନ୍ତି । ଏଣୁ ସେମାନଙ୍କର ନାମ ଓ କର୍ମ ସଂପର୍କରେ ଶୁଣିବା ପାଇଁ ଶୌନକ ଋଷି ସୂତମୁନିଙ୍କ ନିକଟରେ ଆଗ୍ରହ ପ୍ରକାଶ କରିଛନ୍ତି ।

ଏହି ପ୍ରସଙ୍ଗରେ ସୂତମୁନି କହିଛନ୍ତି- ସମସ୍ତ ପ୍ରାଣୀଙ୍କର ଆତ୍ମଭୂତ ହେଉଛନ୍ତି ଭଗବାନ ବିଷ୍ଣୁ । ତାଙ୍କରି ମାୟାରେ ସୂର୍ଯ୍ୟ ଲୋକଯାତ୍ରାର ପ୍ରବର୍ତ୍ତକ ଭାବରେ ତ୍ରିଲୋକରେ ଭ୍ରମଣ କରିଥାଆନ୍ତି । ତାଙ୍କର ରଥ ତେଜମୟ ରଥ ଏବଂ ସେଥିରେ ସେ ସାକ୍ଷୀ ରୂପେ ମଧ୍ୟସ୍ଥଳରେ ବିରାଜମାନ ଥାଆନ୍ତି । ଏହି ରଥର ବିହାର କେବଳ ପ୍ରାଣୀଙ୍କର ମଙ୍ଗଳ ପାଇଁ ।

## ଭାଗବତ-ରଥର ସ୍ୱରୂପ ଓ ପୁରୀ ରଥ

'ଶ୍ରୀମଦ୍‌ଭାଗବତ'ର ଦ୍ୱାଦଶ ସ୍କନ୍ଧ, ଏକାଦଶ ଅଧ୍ୟାୟରେ ଥିବା ବର୍ଣ୍ଣନା ଅନୁସାରେ, ସୂର୍ଯ୍ୟଦେବ ହେଉଛନ୍ତି କାଳରୂପୀ ଭଗବାନ୍ । ବାରମାସରେ ତାଙ୍କର ଭିନ୍ନଭିନ୍ନ ନାମ ହୋଇଥାଏ । ଏହି ଭିନ୍ନଭିନ୍ନ ମାସରେ ସେ ଭିନ୍ନ ଭିନ୍ନ ନାମରେ ଋଷି, ଗନ୍ଧର୍ବ, ନାଗ, ଅପ୍ସରା, ଯକ୍ଷ ଓ ରାକ୍ଷସଙ୍କ ସହିତ ରଥରେ ବସି ଭ୍ରମଣ କରି ଥାଆନ୍ତି । ଉଦାହରଣ ସ୍ୱରୂପ- 'ଧାତା' ନାମରେ ସୂର୍ଯ୍ୟଦେବ 'କୃତସ୍ଥଳୀ' ନାମକ ଅପ୍ସରା, 'ହେତି' ନାମକ ରାକ୍ଷସ, 'ବାସୁକୀ' ନାମକ ନାଗ, 'ରଥକୃତ୍' ନାମକ ଯକ୍ଷ, 'ପୁଲସ୍ତ୍ୟ' ନାମକ ଋଷି ଓ 'ତୁମ୍ବୁରୁ' ନାମକ ଗନ୍ଧର୍ବଙ୍କ ସହିତ ବିଚରଣ କରିଥାଆନ୍ତି । ଏହି ବିଚରଣ ମାଧ୍ୟମରେ ସେ ଇହଲୋକ ଓ ପରଲୋକରେ ବିବେକ-ବୁଦ୍ଧି ବିସ୍ତାର କରିଥାଆନ୍ତି ।

ଭାଗବତରେ ଏ ସଂପର୍କରେ ଅଧିକ ବର୍ଣ୍ଣନା କରାଯାଇ ଏହି ସପ୍ତଗଣଙ୍କର କାର୍ଯ୍ୟ କ'ଣ- ତାହା କୁହାଯାଇଛି । ସୂର୍ଯ୍ୟଦେବ ବା ସଂପୃକ୍ତ ମାସ ଅନୁସାରେ ତାଙ୍କର ବିଭୂତିଙ୍କର କାର୍ଯ୍ୟ ହେଉଛି, ତେଜ ପ୍ରକାଶ କରିବା । ସେହି ମାସରେ ସେ ରଥଟିର ରଥୀ । ସେହି ମାସର ଜ୍ୟୋତିଷଚକ୍ର ଅନୁସାରେ ସେ ବିଭିନ୍ନ ରାଶିରେ ବିଚରଣ କରିଥାଆନ୍ତି । ଋଷିମାନେ ତାଙ୍କୁ ଋକ୍, ସାମ ଓ ଯଜୁଃ ମନ୍ତ୍ରରେ ସ୍ତବ କରନ୍ତି । ଗନ୍ଧର୍ବମାନଙ୍କର କାର୍ଯ୍ୟ ହେଉଛି ସଂଗୀତ ଗାନ । ଅପ୍ସରାମାନଙ୍କର କାର୍ଯ୍ୟ ହେଉଛି ନୃତ୍ୟ ସହିତ ଗମନ । ନାଗମାନେ ତାଙ୍କର ରଥକୁ ଉତ୍ତମ ଭାବରେ ବନ୍ଧନ କରନ୍ତି । ଯକ୍ଷମାନେ ରଥର ସାଜସଜ୍ଜା କରନ୍ତି ଏବଂ ବଳବାନ ରକ୍ଷଃ (ରାକ୍ଷସ)ମାନେ ରଥର ପୃଷ୍ଠଭାଗର ସୁରକ୍ଷା କରିଥାନ୍ତି ।

ଏହି ରଥର ସାରଥି ଓ ଅଶ୍ୱ ଆଦି ମଧ୍ୟ ରହିଛନ୍ତି । ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସଙ୍କ ସରଳ ନବାକ୍ଷରୀ ଅନୁବାଦରେ ଏ ସଂପର୍କରେ ସୁନ୍ଦର ବର୍ଣ୍ଣନା ଅଛି-

ଅରୁଣ ସାରଥିର ନାମ । ସାତ ଅଶ୍ୱ ଚାଳେ ବେଗେଣ ॥
ଗାୟତ୍ରୀ ଆଦି ଛନ୍ଦ ସାତ । ବହନ୍ତି ବିଶ୍ୱରୂପ ରଥ ॥
ଏ ରଥ ଆଗରେଣ ବସି । ଷଷ୍ଠି ସହସ୍ର ବାଳ ଋଷି ॥
ଆଗରେ ସ୍ତୁତି କରୁଛନ୍ତି । ପ୍ରାଣୀଙ୍କି ଆଶୀର୍ବାଦ ଦ୍ୟନ୍ତି ॥
ଏ ଭାବେ ଅନାଦି ନିଧାନ । ସେ ଯେ ଈଶ୍ୱର ଭଗବାନ ॥

ଏହି ରଥର ଏକ ବ୍ୟାପକ ସ୍ୱରୂପ ମଧ୍ୟ ସେହି ଦ୍ୱାଦଶ ସ୍କନ୍ଧ, ଏକାଦଶ ଅଧ୍ୟାୟରେ ଅଛି । ଏହି ରଥ-କଳ୍ପନା ଅତ୍ୟନ୍ତ ତତ୍ତ୍ୱପୂର୍ଣ୍ଣ । ଜଗନ୍ନାଥ ଦାସଙ୍କ ଭାଗବତର ବର୍ଣ୍ଣନା ଅନୁସାରେ-

ମନକୁ କରିଣ ସାରଥି । ତ୍ରିଗୁଣେ ଅଶ୍ୱ ରୂପେ ସ୍ଥିତି ॥
ଇନ୍ଦ୍ରିୟମାନଙ୍କ ଲକ୍ଷଣ । ଆକୃତି ରୂପ ନାନାବର୍ଣ୍ଣ ॥
ଅର୍ଥ କ୍ରିୟା ଇନ୍ଦ୍ରି ବିକାର । ମଣ୍ଡଳ ନାମେ ସେ ପ୍ରଚାର ॥
ଦେବତା ସ୍ୱରୂପ ଗ୍ରହଣ । ଯଜ୍ଞାଦି ଦୀକ୍ଷାମାନେ ଗୁଣ ॥
ଏହି ରଥରେ ସେ ସଂସ୍କାର । ଧର୍ମାଧର୍ମ ରଥଚକ୍ରର ॥
ଏହାଙ୍କ ଭାବ ଚତୁର୍ଦ୍ଦଶ । ଏମନ୍ତେ ଚକ୍ର ଷଟଦଶ ॥
ରଥରେ ଘୋଷ ତିନିବେଦ । ନନ୍ଦୀ ଯମକ ସର୍ବଭେଦ ॥
ତହିଁରୁ ବେଦଧ୍ୱନି ରସ । ରଥର ନାମ ନନ୍ଦିଘୋଷ ॥
ତାହାଙ୍କ ଧ୍ୱଜ ଯେ ଗରୁଡ଼ । ଶବଦ ବ୍ରହ୍ମଲୋକେ ବଡ଼ ॥
ଏହି ପ୍ରକାରେ ବାସୁଦେବ । ସର୍ବପ୍ରାଣୀ ହୃଦେ ପ୍ରଭବ ॥



ଜୀବ ସ୍ୱରୂପେ ପୂରିଛନ୍ତି ।     ପିଣ୍ଡ ବ୍ରହ୍ମାଣ୍ଡ ଏକ ମତି ॥

ଶ୍ରୀଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ ଓ ତାହାର ଅନ୍ୟନାମ ଗରୁଡ଼ଧ୍ୱଜ । ସେହି ରଥର ଷୋଡ଼ଶ ଚକ ଏବଂ ଯକ୍ଷ, ଗନ୍ଧର୍ବ, ଋଷି, ରଜ୍ଜୁ ଓ ଅପ୍ସରୀ ଆଦିଙ୍କୁ ଲକ୍ଷ୍ୟ କଲେ ମନେହୁଏ, ଭାଗବତ ବର୍ଣ୍ଣିତ ଏହି ରଥର ଢାଞ୍ଚାଟି ହିଁ ସତେ ଯେପରି ଶ୍ରୀକ୍ଷେତ୍ରର ରଥଯାତ୍ରାରେ ସ୍ୱତନ୍ତ୍ର ରୂପ ପାଇଛି ।

## ଓଡ଼ିଆ ଭାଗବତରେ 'ନନ୍ଦିଘୋଷ'ର ତାତ୍ପର୍ଯ୍ୟ

ଜଗନ୍ନାଥ ଦାସଙ୍କ ନବାକ୍ଷରୀ ଓଡ଼ିଆ ଭାଗବତର ସୂର୍ଯ୍ୟ-ରଥ ବର୍ଣ୍ଣନା ସହିତ ପୁରୀ ରଥର ତୁଳନା କଲେ ମନରେ ପ୍ରଶ୍ନ ଆସେ, ବ୍ୟାସଦେବକୃତ ସଂସ୍କୃତ ଭାଗବତରେ କ'ଣ ଏହି ନନ୍ଦିଘୋଷ ରଥ, ତାହାର ଷୋହଳ ଚକ, ନନ୍ଦିଘୋଷ ରଥର ନାମାନ୍ତର 'ଗରୁଡ଼ଧ୍ୱଜ' କଥା ଅଛି ?

ଏ ପ୍ରଶ୍ନର ସ୍ପଷ୍ଟ ଉତ୍ତର ହେଉଛି- ମୂଳ ସଂସ୍କୃତ ଭାଗବତର ଦ୍ୱାଦଶ ସ୍କନ୍ଧ, ଏକାଦଶ ଅଧ୍ୟାୟରେ ଏ କଥା ନାହିଁ । କେବଳ ମାସ ଅନୁସାରେ 'ସପ୍ତଗଣ'- ଯଥା ଋଷି, ଗନ୍ଧର୍ବ, ନାଗ, ଅପ୍ସରା, ଯକ୍ଷ, ରାକ୍ଷସ ଓ ଦେବତାଙ୍କ ପ୍ରସଙ୍ଗ ରହିଛି । ଏହା ସୂଚାଏ ଯେ ଓଡ଼ିଶାର ଲୋକଙ୍କ ପାଇଁ ଓଡ଼ିଆ ଭାଷାରେ 'ଶ୍ରୀମଦ୍‌ଭାଗବତ' ରଚନା କରିବା ସମୟରେ, ଜଗନ୍ନାଥ ଦାସ ନିଜର ସଂସ୍କାର ଓ ସର୍ଜନଶୀଳତା ଆଧାରରେ ମୂଳ ସଂସ୍କୃତ ଭାଗବତର ମୁକ୍ତ ଅନୁବାଦ କରିଛନ୍ତି । ଫଳରେ ନବାକ୍ଷରୀ ଓଡ଼ିଆ ଭାଗବତ ବ୍ୟାସକୃତ ସଂସ୍କୃତ ଭାଗବତର ଅନୁବାଦ ନହୋଇ ଏକ ଅନୁସୃଷ୍ଟିରେ ପରିଣତ ହୋଇଛି ।

ଏ ପ୍ରସଙ୍ଗରେ ସ୍ମରଣୀୟ ଯେ 'ଅତିବଡ଼ି' ସମ୍ବୋଧନରେ ଭୂଷିତ ଜଗନ୍ନାଥ ଦାସଙ୍କର ସମୟ ହେଉଛି ଷୋଡ଼ଶ ଶତାବ୍ଦୀ । ତାହାର ବହୁ ଶତାବ୍ଦୀ ପୂର୍ବରୁ ପୁରୀରେ ଶ୍ରୀଜଗନ୍ନାଥର ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଥିଲା । ତେଣୁ ସଂସ୍କୃତ 'ଶ୍ରୀମଦ୍‌ଭାଗବତ'କୁ ଓଡ଼ିଶାର ଲୋକଙ୍କ ପାଇଁ ଓଡ଼ିଆ ଭାଷାରେ ରଚନା କରିବା ବେଳେ, ସ୍ୱାଭାବିକ ଭାବରେ ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଓ ତାଙ୍କର ରଥକୁ ସେ ବ୍ୟାସକୃତ ଭାଗବତର ସୂର୍ଯ୍ୟରଥ ସହ ସଂଯୁକ୍ତ କରିଛନ୍ତି । ଏହା ଫଳରେ ନବାକ୍ଷରୀ ଓଡ଼ିଆ ଭାଗବତରେ ସୂର୍ଯ୍ୟଦେବଙ୍କ ଏକଚକ୍ର ରଥ ଓ ଶ୍ରୀଜଗନ୍ନାଥଙ୍କ ଷୋଡ଼ଶଚକ୍ର ବିଶିଷ୍ଟ ନନ୍ଦିଘୋଷ ରଥ ଏକ ହୋଇଯାଇଛି ।

ଜଗନ୍ନାଥ ଦାସ ଓଡ଼ିଆ ଭାଗବତରେ ଏପରି କରିବାର କାରଣ ଯେତିକି ଧାର୍ମିକ ଓ ସାମାଜିକ, ସେତିକି ଐତିହାସିକ । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ ଭାଗବତର ଶୁଦ୍ଧ ସଂସ୍କରଣ ପ୍ରକାଶ ଅବସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଲେଖିଥିବା ଏକ ଲେଖା ଏ ପ୍ରସଙ୍ଗରେ ବିଶେଷ ଗୁରୁତ୍ୱ ରଖେ । ସେ କହିଛନ୍ତି, "ତାହା ଥିଲା ଓଡ଼ିଶାର ଜାତୀୟ ଇତିହାସର ଏକ ସନ୍ଧିକ୍ଷଣ,ଏକ ସଂକଟମୟ ମୁହୂର୍ତ୍ତ । ଓଡ଼ିଶାର ଶେଷସୂର୍ଯ୍ୟ ଗଜପତି ପ୍ରତାପରୁଦ୍ର ଦେବ ବାରମ୍ବାର ପରାଜୟର ସମ୍ମୁଖୀନ ହୋଇଥିଲେ । ବିଜୟୀ, ବୀର ଓଡ଼ିଆ ଜାତିର ଭାଗ୍ୟାକାଶରେ ଘୋର ଦୁର୍ଦ୍ଦିନର ସର୍ବନାଶୀ କଳାମେଘ ଘୋଟି ଆସୁଥିଲା । ଏକ ଦୀର୍ଘ ଅନ୍ଧକାରମୟ କାଳରାତ୍ରି- ଯେପରିକି ସେ ଅନ୍ଧକାର ଓଡ଼ିଆ ଜାତିର ତେଜଦୀପ୍ତି ଓ ଅସ୍ତିତ୍ୱକୁ ଗ୍ରାସ କରିବାକୁ ବସିଚି । ସେହି ଅନ୍ଧକାରମୟ ରାତ୍ରିରେ, ଏହି ଅନ୍ଧକାରକୁ ପଦାଘାତ କରି, ମିଞ୍ଜିମିଞ୍ଜି ହୋଇ ଅସଂଖ୍ୟ ଦୀପସବୁ ଜଳୁଥିଲେ ଓଡ଼ିଶାର ଅଗଣିତ ତାଳ, ନଡ଼ିଆ, ବାଉଁଶବଣ ଘେରା ପଲ୍ଲୀ ଗ୍ରାମର ଚାଳଛପର ଭାଗବତ ଘର ଓ ଟୁଙ୍ଗିମାନଙ୍କରେ । ତାହାକୁ ଆଶ୍ରୟ କରି ଦୀର୍ଘ ୪୦୦ ବର୍ଷ ଧରି ଓଡ଼ିଆ ଜାତିର ଆତ୍ମା ବଞ୍ଚି ରହିଲା ଏବଂ ତା'ର ଜାତୀୟ ଜୀବନୀଶକ୍ତିକୁ ବଞ୍ଚାଇ ରଖିଲା ।"

ଏଣୁ ଏଇ ହେଉଛି କାରଣ, ଯେଉଁଥିପାଇଁ ଜଗନ୍ନାଥ ଦାସ ତାଙ୍କ ଓଡ଼ିଆ ଭାଗବତରେ ଶ୍ରୀଜଗନ୍ନାଥଙ୍କୁ ଓ ତାଙ୍କର 'ନନ୍ଦିଘୋଷ' ରଥକୁ ଯୋଡ଼ିଛନ୍ତି । ସେଦିନ ତାହା ଥିଲା ଏକ ଧାର୍ମିକ, ସାମାଜିକ ଓ ଐତିହାସିକ ଆବଶ୍ୟକତା ।

ତେବେ ଆଉ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ହେଉଛି, ଶ୍ରୀଜଗନ୍ନାଥଙ୍କ ସଂପର୍କିତ କେତେକ ସୂର୍ଯ୍ୟପୂଜା ସମୟରେ, ମୂରୁଜଦ୍ୱାରା, ବିଧିମତେ, ବିନ୍ଦୁ, ତ୍ରିକୋଣ, ବୃତ୍ତ, ଷଟ୍‌କୋଣ, ଅଷ୍ଟଦଳ ପଦ୍ମ ଓ ଖଗୋଳ ଆଦି ସମ୍ବଳିତ ସୂର୍ଯ୍ୟଯନ୍ତ୍ର କଟା ଯାଉଥିଲେ ମଧ୍ୟ ତାହାକୁ ନେଇ ଏକ ନନ୍ଦିଘୋଷ ଆକୃତିର ରଥ ମଧ୍ୟ ଅଙ୍କନ କରାଯାଇଥାଏ । ଏହା ଭାଗବତ ବର୍ଣ୍ଣିତ 'ସୂର୍ଯ୍ୟଦେବଙ୍କ ରଥ' ଓ ପୁରୀର ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ ରଥ' ମଧ୍ୟରେ ଅଭେଦତ୍ୱ ସୂଚାଇଥାଏ ।



ଶିଳ୍ପୀ ସୌମ୍ୟରଂଜନ ପଟ୍ଟନାୟକ

## ‘ଘୋଷଯାତ୍ରା’ର ଅନ୍ତରାଳେ

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଅନେକ ନାମ । ସେଥିରୁ ଗୋଟିଏ ହେଉଛି ‘ପତିତପାବନ ଯାତ୍ରା’ । ଏ ପ୍ରସଙ୍ଗରେ ଆମକୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ‘ବୈଦେହୀଶ ବିଳାସ’ରୁ ଗୋଟିଏ ସୁନ୍ଦର ଉଦ୍ଧୃତି ମିଳେ । ତାହା ହେଉଛି- ‘ସ୍ନାନ ଶ୍ରୀଗୁଣ୍ଡିଚା ଏ ବେନି ସ୍ୱୟଂଲୀଳାର ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର ।’ ଏହାର ଅର୍ଥ ହେଉଛି- ଏହା ତାଙ୍କର ‘ସ୍ୱୟଂ ଲୀଳା’ । କାରଣ ଏହି ଦୁଇ ଯାତ୍ରାରେ ସେ ପତିତମାନଙ୍କର ତାରଣ ପାଇଁ ତାଙ୍କର ପ୍ରାସାଦ (ମନ୍ଦିର)ରୁ ବାହାରି ଭକ୍ତଜନଙ୍କ ମେଳକୁ ଆସି ଥାଆନ୍ତି ।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଆଉଗୋଟିଏ ନାମ ହେଉଛି ‘ଘୋଷଯାତ୍ରା’ । କିନ୍ତୁ ‘ଘୋଷଯାତ୍ରା’ କ’ଣ ‘ନନ୍ଦିଘୋଷ-ଯାତ୍ରା’ର ସଂକ୍ଷିପ୍ତ ରୂପ ?

ନିର୍ଦ୍ଦିଷ୍ଟ ଗୋଟିଏ କାରଣରୁ ପଣ୍ଡିତ ନୀଳକଣ୍ଠ ଦାସ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ‘ଘୋଷଯାତ୍ରା’ କୁହାଯିବାକୁ ବିରୋଧ କରନ୍ତି । ତାଙ୍କ ଅନୁସାରେ, ମୈତ୍ରୀଦେବ ଜଗନ୍ନାଥଙ୍କୁ ବୃନ୍ଦାବନର ଗୋପୀବଲ୍ଲଭ କୃଷ୍ଣ କରିବା ପାଇଁ ଏହା ଏକ ସଂକୀର୍ଣ୍ଣ ଉଦ୍ୟମ । ଏହା କହିବା ପଛରେ ତାଙ୍କର ଯୁକ୍ତି ହେଉଛି- ଏପରି ଉଦ୍ୟମ ଦୀର୍ଘକାଳ ଧରି କରାହୋଇ ଆସିଛି । ସେଇଥିପାଇଁ ଶ୍ରୀଜଗନ୍ନାଥଙ୍କ ‘ନୈବେଦ୍ୟମନ୍ତ୍ର’କୁ ବଦଳାଯାଇ “ଓଁ କ୍ଲୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନବଲ୍ଲଭାୟ ସ୍ୱାହା” କରାଯାଇଛି । ସେହି ଅନୁକ୍ରମରେ ବଡ଼ଭାଇ ‘ବଳଭଦ୍ର’ ହୋଇଛନ୍ତି ବଡ଼ଭାଇ ‘ବଳରାମ’ । ‘ସୁଭଦ୍ରା’ ହୋଇଛନ୍ତି ଭଉଣୀ । ରଥଯାତ୍ରା ହୋଇଛି ‘ଘୋଷଯାତ୍ରା’ ବା କୃଷ୍ଣ ଓ ବଳରାମଙ୍କ ମଥୁରା-ବିଜୟ ଯାତ୍ରା । କିନ୍ତୁ ଯେତେ ଚେଷ୍ଟା କଲେ ମଧ୍ୟ ମୈତ୍ରୀଦେବ ଜଗନ୍ନାଥ ବୃନ୍ଦାବନର ‘ଗୋପୀଜନବଲ୍ଲଭ’ କୃଷ୍ଣ ହୋଇ ନାହାନ୍ତି । ତାଙ୍କର ରଥଯାତ୍ରା ଦ୍ୱାପରର ସେହି ଘୋଷଯାତ୍ରାର ଅନୁକରଣ ନୁହେଁ ବା ହୋଇ ନପାରେ ।

ଏ ସଂପର୍କରେ ସୂଚନାଯୋଗ୍ୟ ଯେ ବଙ୍ଗୀୟ କାୟସ୍ଥ ବା ଗୋପାଳମାନଙ୍କର ଏକ ବଂଶଗତ ଉପାଧି ହେଉଛି ‘ଘୋଷ’ । ଏହା ସେମାନଙ୍କର ଏକ ସଂଜ୍ଞା (ସାଙ୍ଗିଆ) ଭାବରେ ମଧ୍ୟ ପ୍ରଚଳିତ । ଅତୀତ କାଳରେ ରାଜାମାନଙ୍କର ଏକ ମୁଖ୍ୟ ଧନ ଥିଲା ‘ଗୋ-ଧନ’ । ସେହି ଗୋଧନମାନଙ୍କୁ ରାଜପ୍ରାସାଦରୁ ଦୂରରେ ବନ-ପଲ୍ଲୀ ଭିତରେ ରଖା ଯାଉଥିଲା । ସେଠାରେ ସେମାନଙ୍କର ରକ୍ଷଣାବେକ୍ଷଣ ପାଇଁ ଏହି ‘ଘୋଷ’ ବା ଗୋପାଳମାନେ ରହୁଥିଲେ । ରାଜାମାନେ ଭଲଦିନ ଦେଖି ପଟୁଆରରେ ଗୋ-ଗୋପାଳମାନଙ୍କୁ ଦେଖିବାକୁ ଯାଉଥିଲେ । ସେହି ଯାତ୍ରା-ପଟୁଆର ଥିଲା ‘ଘୋଷଯାତ୍ରା’ ।

‘ମହାଭାରତ’ରେ ମଧ୍ୟ ଏପରି ଏକ ‘ଘୋଷଯାତ୍ରା’ର ବର୍ଣ୍ଣନା ଅଛି । ପାଣ୍ଡବମାନେ ବନବାସରେ ଥିବାବେଳେ କର୍ଣ୍ଣ ପ୍ରଭୃତିଙ୍କର ପରାମର୍ଶରେ ଦୁର୍ଯ୍ୟୋଧନ ନିଜର ଐଶ୍ୱର୍ଯ୍ୟ ପ୍ରଦର୍ଶନ ପାଇଁ ସେମାନେ ରହୁଥିବା ଜୈତ୍ରବନକୁ ଯାତ୍ରା କରିଥିଲେ । ସେଥିପାଇଁ ଦୁର୍ଯ୍ୟୋଧନ ରଥ ପଠାଇ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଧ୍ୟ ଲୋଡ଼ିଥିଲେ । ତାହା ମଧ୍ୟ ଏକ ‘ଘୋଷଯାତ୍ରା’ ଥିଲା ।

ଶ୍ରୀଜଗନ୍ନାଥଙ୍କ ‘ରଥଯାତ୍ରା’ କିନ୍ତୁ କୌଣସି ପ୍ରତିପକ୍ଷଙ୍କୁ ନିଜର ବଳବୈଭବ ଦେଖାଇବାର ଏକ ଯାତ୍ରା ନୁହେଁ । ଏଣୁ ଏହି ଦୁଇ ‘ଘୋଷଯାତ୍ରା’ ସହିତ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର କୌଣସି ସଂପର୍କ ନାହିଁ । କାରଣ, ଧନୁଯାତ୍ରା ଦେଖିବାର ନିମନ୍ତ୍ରଣ ପାଇ କୃଷ୍ଣ ଓ ବଳରାମ କଂସର ନଗରୀ ମଥୁରାକୁ ଯେଉଁ ଯାତ୍ରା କରିଥିଲେ, ସେ ଯାତ୍ରାରୁ ଆଉ ସ୍ୱସ୍ଥାନକୁ ଫେରି ଆସି ନଥିଲେ । ମାର୍କଣ୍ଡ ଦାସଙ୍କ ‘କେଶବ କୋଇଲି’ର ‘ଗଲାପୁତ୍ର ବାହୁଡ଼ି ନଇଲା’ରେ ଏହା ଅତି କରୁଣ ଓ ଆବେଗପୂର୍ଣ୍ଣ ଭାବରେ ରୂପ ପାଇଛି । ସେହିପରି ଜୈତ୍ରବନକୁ ଦୁର୍ଯ୍ୟୋଧନ କରିଥିବା ଯାତ୍ରାରେ ମଧ୍ୟ ଶ୍ରୀକୃଷ୍ଣ ପୁନର୍ବାର ଯାତ୍ରାରମ୍ଭ ସ୍ଥାନକୁ ଫେରିନଥିଲେ । କିନ୍ତୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ତିନିରଥ ଓ ସେଥିରେ ଆରୂଢ଼ ଦେବତାମାନେ ପୁନର୍ବାର ଶ୍ରୀମନ୍ଦିରକୁ ବାହୁଡ଼ି ଆସିବାର ବିଧି ରହି ଆସିଛି ।

ଏ ଦୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ‘ଘୋଷଯାତ୍ରା’ କୁହାଯିବାର ଅନ୍ୟ ତାତ୍ପର୍ଯ୍ୟ ରହିଛି ।

## ‘ନନ୍ଦି’ ଓ ‘ଘୋଷ’: ଅର୍ଥ, ଅର୍ଥାନ୍ତର

‘ନନ୍ଦିଘୋଷ’ ଓ ‘ଘୋଷଯାତ୍ରା’- ଏ ଦୁଇଟି ଶବ୍ଦ ତିନିଟି ଛୋଟ ଛୋଟ ଶବ୍ଦକୁ ନେଇ ଗଠିତ । ଏହି ତିନିଟି ଶବ୍ଦ ହେଉଛି- ‘ନନ୍ଦି’, ‘ଘୋଷ’ ଓ ‘ଯାତ୍ରା’ । ଏଥିରୁ ‘ନନ୍ଦି’ ଓ ‘ଘୋଷ’ର ଅର୍ଥ, ଅର୍ଥାନ୍ତର ଆମକୁ ଯେଉଁ ଜଗତକୁ ନେଇଯାଏ- ତାହା ହେଉଛି ଆନନ୍ଦର ଜଗତ । ମଙ୍ଗଳର ଜଗତ ।

‘ନନ୍ଦ୍’ ଧାତୁରୁ କର୍ତ୍ତୃବାଚ୍ୟରେ ‘ଇ’ ଯୋଗେ ‘ନନ୍ଦି’ ହୋଇଛି- ଯାହାର ଅର୍ଥ ଆନନ୍ଦଦାୟୀ । ଏହାର ଆଧ୍ୟାତ୍ମିକ ଅର୍ଥ ବ୍ରହ୍ମାନନ୍ଦ ପ୍ରଦାନକାରୀ । ‘ଘୋଷ’ର ସାଧାରଣ ଅର୍ଥ ଉଚ୍ଚ ଶବ୍ଦ ବା ଧ୍ୱନି । ଏଣୁ ‘ନନ୍ଦିଘୋଷ’ର ଗୋଟିଏ ଅର୍ଥ ହେଉଛି- ଆନନ୍ଦପ୍ରଦାୟକ ଶବ୍ଦ ବା ଧ୍ୱନି ।

ଅନ୍ୟ ଦୃଷ୍ଟିରୁ ବିଚାର କଲେ, ‘ଘୋଷ’ର ଅର୍ଥ ମଙ୍ଗଳପ୍ରଦାୟକ ଶବ୍ଦ ବା ଧ୍ୱନି । ଏ ଦୃଷ୍ଟିରୁ ‘ଘୋଷଯାତ୍ରା’ ହେଉଛି ମଙ୍ଗଳପ୍ରଦାୟକ ଯାତ୍ରା ।

ଏ ସଂପର୍କରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ଶ୍ରୀମନ୍ଦିରର ଐତିହ୍ୟରେ ରହିଛି । ଏବେ ଏହା ପାଳିତ ହେଉଛି କି ନା ନିର୍ଦ୍ଦିଷ୍ଟ ଭାବରେ ଜଣାନାହିଁ- କିନ୍ତୁ ବିଧି ରହି ଆସିଥିଲା ଯେ ରଥଯାତ୍ରା ଦିନ, ଯାତ୍ରାର ମଙ୍ଗଳାରୋପଣ ସମୟରେ, ପଡିମହାପାତ୍ର ବା ବିଦ୍ୟାପତି ସେବକ ଉଚ୍ଚ ସ୍ୱରରେ ଏହି ଯାତ୍ରାର ଅଭିପ୍ରାୟ ସଂପର୍କରେ ଘୋଷଣା ବା ସେ ନେଇ ସଂକଳ୍ପ କରିବେ । ପ୍ରାପ୍ତ ତଥ୍ୟ ଅନୁସାରେ, ସେହି ସଂକଳ୍ପ ବାକ୍ୟ ହେଉଛି, “ପୁଷ୍ୟାନାମଧେୟନକ୍ଷତ୍ରେ ସକଳ ଚରାଚରସ୍ୟ ତିର୍ଯ୍ୟକ୍‌ଯୋନିମାରଭ୍ୟ ବିବୁଧଲୋକପର୍ଯ୍ୟନ୍ତ ଚତୁରଶୀତି ଜୀବମାତ୍ରସ୍ୟ ଚତୁର୍ଦ୍ଦଶବ୍ରହ୍ମାଣ୍ଡକଲ୍ୟାଣ କାମନୟା ଚତୁର୍ଦ୍ଦଶବ୍ରହ୍ମାଣ୍ଡନାୟକ ପୁରୁଷୋତ୍ତମସ୍ୟ ଚତୁର୍ବର୍ଗଫଳପ୍ରଦ ଘୋଷଯାତ୍ରା ମଙ୍ଗଳାର୍ପଣ କର୍ମ ଅହଂ କରିଷ୍ୟେ ।”

ଏହାର ତାତ୍ପର୍ଯ୍ୟ ହେଉଛି- ଚଉଦ ବ୍ରହ୍ମାଣ୍ଡର ନାୟକ ପୁରୁଷୋତ୍ତମଙ୍କର ଏହି ରଥଯାତ୍ରା ସଂସାରର ମାନବେତର ପ୍ରାଣୀଙ୍କ ଠାରୁ ଆରମ୍ଭ କରି ଦେବତାଙ୍କ ପର୍ଯ୍ୟନ୍ତ, ୮୪ ଲକ୍ଷ ଯୋନିରେ ଜନ୍ମ ନେଇଥିବା ସମସ୍ତଙ୍କର ଚତୁର୍ବର୍ଗ ଫଳପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ଯାତ୍ରା । ଅର୍ଥାତ୍ ଏହି ଯାତ୍ରା ସମସ୍ତଙ୍କର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ ।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକାଳୀନ ରଥଚକ୍ରର ଘର୍ଘର ଧ୍ୱନିକୁ ମଧ୍ୟ ‘ଘୋଷ’ କୁହାଯାଏ । ବିଶ୍ୱାସ ରହି ଆସିଛି ଯେ ରଥଚକ୍ରର ଏହି ଧ୍ୱନିରେ ସମସ୍ତ କଳୁଷ ନାଶ ହୋଇ ସମସ୍ତଙ୍କର ମଙ୍ଗଳ ହୋଇଥାଏ । ଏ ପ୍ରସଙ୍ଗରେ ଜଗନ୍ନାଥ ଦାସଙ୍କ



ଭାଗବତରେ ବର୍ଣ୍ଣିତ ରଥର ଅବତାରଣା ଆମେ କରିପାରିବା । ସେଥିରେ କୁହାଯାଇଛି- "ରଥର ଘୋଷ ତିନିବେଦ / ନନ୍ଦି ଯମକ ସର୍ବଭେଦ ।"

ଉତ୍କଳ ବିଶ୍ୱବିଦ୍ୟାଳୟ, ସଂସ୍କୃତ ବିଭାଗର ପୂର୍ବତନ ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ମତରେ, 'ନନ୍ଦି' ଚତୁର୍ଦ୍ଦଶ ଛନ୍ଦର ବୃତ୍ତ ବିଶେଷ । ଏହା ସାମବେଦର ପ୍ରଥମ ମୂର୍ଚ୍ଛନା । ଧ୍ୱନି ଓ ଶବ୍ଦର କ୍ରମ ହେଉଛି 'ଯମକ' । ବେଦପାଠର ଧାରାରେ ପଦପାଠ, କ୍ରମପାଠ ଓ ବିକୃତିପାଠର ବ୍ୟବସ୍ଥା ଅଛି । ଏଥିରୁ କ୍ରମପାଠ ଯମକକୁ ବୁଝାଏ । ସେହିପରି ବେଦବାଚସ୍ପତି ବୀରେନ୍ଦ୍ର କିଶୋର ତ୍ରିପାଠୀଙ୍କ ଅନୁସାରେ, ସଂସାରର ସକଳ ଶାସ୍ତ୍ରର ଯେଉଁଠାରେ ଅନ୍ତ ତାହା ହେଉଛି ବେଦ । ଏଣୁ ବେଦ ହେଉଛି 'ସର୍ବଭେଦ' । ଋକ୍, ଯଜୁଃ ଓ ସାମ ତିନି ବେଦ ହେଉଛି ରଥର 'ଘୋଷ' ।

ଏହା ବ୍ୟତୀତ, ବିଭିନ୍ନ ମଙ୍ଗଳ ବାଦ୍ୟର ଧ୍ୱନି ସହିତ ସଂକୀର୍ତ୍ତନ, ହରିବୋଲ ଓ ହୁଳହୁଳି ଆଦି ମଙ୍ଗଳ ଧ୍ୱନି ମଧ୍ୟରେ ଏହି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ଏ ଦୃଷ୍ଟିରୁ 'ନନ୍ଦିଘୋଷ' ଓ 'ଘୋଷଯାତ୍ରା' ଆନନ୍ଦ ଓ ମଙ୍ଗଳ ସହିତ ଜଡ଼ିତ ।

### ନନ୍ଦିଘୋଷ: ଶିବବାହନ 'ନନ୍ଦୀ'ଙ୍କର ଘୋଷ

ବେଦ ବା ଭାଗବତର ତତ୍ତ୍ୱ ଓ ଦର୍ଶନ ଠାରୁ ଆମେ ଯଦି ଆମ କାବ୍ୟସାହିତ୍ୟକୁ ଆସୁ, ତେବେ 'ନନ୍ଦିଘୋଷ'ର ଆଉ ଗୋଟିଏ ଅର୍ଥ ଜାଣିବାକୁ ପାଉ । ଆମ ଓଡ଼ିଆ ଭାଷାର ଗୋଟିଏ ପ୍ରସିଦ୍ଧ ସାହିତ୍ୟ କୃତି ହେଉଛି ପଂଚଦଶ-ଷୋଡ଼ଶ ଶତାବ୍ଦୀର ବଳରାମ ଦାସଙ୍କ 'ରାମାୟଣ' । ଏହା 'ଦାଣ୍ଡି ରାମାୟଣ' ବା 'ଜଗମୋହନ ରାମାୟଣ' ଭାବରେ ମଧ୍ୟ ପ୍ରସିଦ୍ଧ ।

ରାମକାବ୍ୟ 'ଦାଣ୍ଡି ରାମାୟଣ'ର 'ଲଙ୍କାକାଣ୍ଡ'ରେ ରାମ-ରାବଣ ଯୁଦ୍ଧ ପ୍ରସଙ୍ଗରେ 'ନନ୍ଦିଘୋଷ'ର ଅବତାରଣା ଅଛି । ଆଦିକବି ବାଲ୍ମୀକିଙ୍କ 'ରାମାୟଣ'ର 'ଯୁଦ୍ଧକାଣ୍ଡ' ଆଧାରରେ ଏହା ଉପସ୍ଥାପିତ । 'ବାଲ୍ମୀକି ରାମାୟଣ' ଅନୁସାରେ, ରାମ-ରାବଣ ଯୁଦ୍ଧ ସମୟରେ ରାବଣ ରଥ ଉପରେ ଥିବା ବେଳେ ରାମ ଖାଲିପାଦରେ ଭୂମିରେ ଥିଲେ । 'ତୁଳସୀ ରାମାୟଣ'ରେ ମଧ୍ୟ ଏହି ଉପାଖ୍ୟାନ ଅଛି । ରାମଙ୍କୁ ସେପରି ଅବସ୍ଥାରେ ଦେଖି ଦେବତା, ଗନ୍ଧର୍ବ ଓ କିନ୍ନରମାନେ କହିଲେ, 'ରଥୀ' ରାବଣ ସହିତ 'ବିରଥ' ରାମ କିପରି ଲଢ଼ିବେ ? ସେମାନଙ୍କର ସେହି ଅମୃତମୟ ବାଣୀ ଶୁଣି ଦେବରାଜ ଇନ୍ଦ୍ର ନିଜର ସାରଥି ମାତଳିଙ୍କୁ ଡାକି, ତୁରନ୍ତ ଯାଇ ରାମଙ୍କ ନିକଟରେ ଉପସ୍ଥିତ ହେବାକୁ ତାଙ୍କୁ ଆଦେଶ ଦେଲେ । ସେହି ଆଦେଶ ପାଇ ମାତଳି ରଥ ନେଇ ଯାଇ ରାମଙ୍କ ନିକଟରେ ପହଞ୍ଚିଲେ ।

ଯୁଦ୍ଧଭୂମିରେ ପହଞ୍ଚି ଇନ୍ଦ୍ରଦେବ ତାଙ୍କ ପାଇଁ ଏହି ରଥ ପଠାଇଛନ୍ତି ବୋଲି ମାତଳି କହିବାରେ, ରାମ ସେହି ରଥକୁ ତ୍ରିବାର ପରିକ୍ରମା କରି ତାହାକୁ ସମ୍ମାନ ଜଣାଇଲେ ଏବଂ ସେଥିରେ ଆରୋହଣ କରି ଯୁଦ୍ଧ କଲେ ।

'ବାଲ୍ମୀକି ରାମାୟଣ'ର ଏହି କାହାଣୀକୁ ବଳରାମ ଦାସ ତାଙ୍କ 'ରାମାୟଣ'ର 'ଲଙ୍କାକାଣ୍ଡ'ରେ ଗ୍ରହଣ କରିବା ସହିତ, ସେଥିରେ ଆଉ ଗୋଟିଏ ଉପାଖ୍ୟାନ ଯୋଡ଼ିଛନ୍ତି । ସେହି ଉପାଖ୍ୟାନ ଅନୁସାରେ, ଥରେ ରାବଣ ଦେବଦେବ ମହାଦେବଙ୍କ ଦର୍ଶନ ପାଇଁ ହିମାଳୟକୁ ଯାଇଥିବା ବେଳେ, ଶିବବାହନ ନନ୍ଦୀ (ନନ୍ଦିକେଶ୍ୱର)ଙ୍କୁ ଚାପୁଡ଼ାଟିଏ ମାରିଥିଲା । ସେହି ଅପମାନର ପ୍ରତିଶୋଧ ନେବା ପାଇଁ ରାମ-ରାବଣ ଯୁଦ୍ଧବେଳେ ବ୍ରହ୍ମା ନନ୍ଦୀଙ୍କୁ ଲଙ୍କାର ଯୁଦ୍ଧସ୍ଥଳୀକୁ ପଠାଇଥିଲେ ।

ବଳରାମ ଦାସଙ୍କ ବର୍ଣ୍ଣନା ଅନୁସାରେ-

"ବ୍ରହ୍ମାର ବଚନେ ନନ୍ଦିକେଶ୍ୱର ଗଲା । ଗରୁଡ଼ଧ୍ୱଜ ରଥଚକ୍ରରେ ବସିଲା ॥
ଶରୀର ଲୁଚାଇ ସେ ଗୁପତେ ଅଛି ରହି । ପୂର୍ବର ଶାପ ଅର୍ଥେ ବ୍ରହ୍ମାର ବର ପାଇ ॥
ଘୋ ଘୋ କିରି କିରି ରାବ ଘୋଷ ଶୁଭେ । ଶୁଣିଣ ଉସତ ହୋଇଲେ ସର୍ବଦେବେ"॥

ବଳରାମ ଦାସଙ୍କ ବର୍ଣ୍ଣନାର 'ଗରୁଡ଼ଧ୍ୱଜ' ହେଉଛି ଶ୍ରୀଜଗନ୍ନାଥଙ୍କ ରଥର ଅନ୍ୟ ନାମ । ସେହିପରି ରଥଚକରେ ଗୁପ୍ତରେ ରହି 'ଘୋ ଘୋ କିରି କିରି ରାବ ଘୋଷ' କରୁଥିବା 'ନନ୍ଦିକେଶ୍ୱର' (ନନ୍ଦୀ) ଅନୁସାରେ ଏହି ରଥର ନାମ 'ନନ୍ଦିଘୋଷ' ହୋଇଛି । ବଳରାମ ଦାସ ତାଙ୍କ ବର୍ଣ୍ଣନାରେ କହିଛନ୍ତି, ଏହି ଘୋଷ ଦେବତାମାନଙ୍କ ପାଇଁ ମଧ୍ୟ 'ଉସତ' ବା ଆନନ୍ଦଦାୟକ ।

### 'ବୈଦେହୀଶ ବିଳାସ'ର 'ନନ୍ଦିଘୋଷ'

ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ' ପରି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ'ରେ ମଧ୍ୟ 'ନନ୍ଦିଘୋଷ'ର ପ୍ରସଙ୍ଗ ଅଛି । ସପ୍ତଦଶ-ଅଷ୍ଟାଦଶ ଶତାବ୍ଦୀର ଏହି ରାମକାବ୍ୟ ରୀତିଯୁଗୀୟ ଓଡ଼ିଆ ସାହିତ୍ୟର ଏକ ପ୍ରସିଦ୍ଧ କୃତି ।

'ବୈଦେହୀଶ ବିଳାସ'ର ୪୯ ଛାନ୍ଦରେ ଥିବା ବର୍ଣ୍ଣନା ଅନୁସାରେ, ବ୍ରହ୍ମା ନନ୍ଦୀଙ୍କୁ ଅତ୍ୟନ୍ତ ବିନୟରେ ମନାଇ ରାମଙ୍କ ନିକଟକୁ ପଠାଇଥିଲେ । ତାଙ୍କୁ ଇନ୍ଦ୍ରଙ୍କ ରଥର ଚକରେ ବସାଇ ସନ୍ତୁଷ୍ଟ କଲେ ଏବଂ ତାଙ୍କର ଗର୍ଜନକୁ ମଧ୍ୟ ବନ୍ଦନା କଲେ ।

ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ-

"ବିନୟେ ଅନାଇ ସେ ଲୟେ ମଣାଇ
କହି ନନ୍ଦୀ ସନ୍ନିଧିକୁ ।
ବସାଇ ଚକ୍ରରେ ରସାଇ ବନ୍ଦିଲେ
ସେ ସର୍ଜନ ଗର୍ଜନକୁ ॥"

ରଥ ସଂପର୍କିତ ପୁରାଣ ପ୍ରସଙ୍ଗ କହେ, ଇନ୍ଦ୍ର ବଜ୍ର ଦ୍ୱାରା ବୃତ୍ରାସୁରକୁ ନିହତ କରିବା ବେଳେ, ବଜ୍ର ଚାରିଖଣ୍ଡ ହୋଇଯାଇ ଗୋଟିଏ ଖଣ୍ଡରୁ ରଥର ସୃଷ୍ଟି ହୋଇଥିଲା । ଇନ୍ଦ୍ରଙ୍କର ସେହି ରଥର ବର୍ଣ୍ଣନା ଅତ୍ୟନ୍ତ ମନୋରମ । ରଥଟି ଥିଲା ସୁବର୍ଣ୍ଣମୟ । ତାହାର ଚତୁର୍ପାର୍ଶ୍ୱରେ ଅନେକଗୁଡ଼ିଏ ଛୋଟଛୋଟ ଘଣ୍ଟି ଖଞ୍ଜା ଯାଇଥିଲା । ସ୍ତମ୍ଭଗୁଡ଼ିକରେ ଖଞ୍ଜା ହୋଇଥିବା ମଣି ବାଳସୂର୍ଯ୍ୟ ପରି ଶୋଭା ପାଉଥିଲା । ହରିତ୍ ବର୍ଣ୍ଣର ଅଶ୍ୱ ସେହି ରଥରେ ଯୋଚା ହୋଇଥିଲେ । ସୁନାରଙ୍ଗର ବାଂଶଦଣ୍ଡରେ ଧ୍ୱଜା ଉଡୁଥିଲା । ସେହି ରଥର ସାରଥି ମାତଳିଙ୍କ ହାତରେ ଇନ୍ଦ୍ର ରାମଙ୍କ ପାଇଁ ତୀର, ତୂଣୀର ଓ ଅନ୍ୟ ଅସ୍ତ୍ର ପଠାଇଥିଲେ ।




ଏ ପ୍ରସଙ୍ଗରେ ଆଉ ଗୋଟିଏ ପ୍ରସଙ୍ଗ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଶ୍ରୀରାମ ଯୁଦ୍ଧଭୂମିରେ କାହିଁକି ଖାଲିପାଦରେ ଓ ବିନା ରଥରେ ରାବଣ ସହିତ ଯୁଦ୍ଧ କରିବାକୁ ବାହାରିଥିଲେ, ତାହାର ଗୋଟିଏ କାରଣ ଅଛି । ପୁରାଣ ପ୍ରସଙ୍ଗ ଅନୁସାରେ, ସେ ଚଉଦ ବର୍ଷର ବନବାସ ପାଇଁ ଅଯୋଧ୍ୟାରୁ ବିଦାୟ ନେବା ବେଳେ ପିତା ଦଶରଥଙ୍କୁ କହିଥିଲେ, ଏହି ବନବାସ କାଳରେ ସେ କୌଣସି ରାଜକୀୟ ବିଳାସ ବ୍ୟସନରେ ନରହି ସାଧାରଣ ଲୋକଙ୍କ ପରି ସରଳ ଜୀବନଯାପନ କରିବେ । କିନ୍ତୁ ରାବଣଙ୍କୁ ଯୁଦ୍ଧରେ ଜିତିବା ପାଇଁ ତା'ସହ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଯୁଦ୍ଧ କରିବା ଆବଶ୍ୟକ ଥିଲା । ସେଥିପାଇଁ ଦେବତା, ଗନ୍ଧର୍ବ ଓ କିନ୍ନରଙ୍କ ଅନୁରୋଧରେ ଇନ୍ଦ୍ର ତାଙ୍କ ପାଇଁ ରଥ ପଠାଇଥିଲେ ଏବଂ ସେହି ରଥରେ ଆରୋହଣ କରି ସେ ରାବଣ ସହ ଯୁଦ୍ଧ କରିଥିଲେ ।

ତେବେ 'ବୈଦେହୀଶ ବିଳାସ'ରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବର୍ଣ୍ଣନାର ସେହି ଅଂଶଟି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ରଥଚକ୍ରରେ ଅବସ୍ଥାନ କରିଥିବା ନନ୍ଦୀଙ୍କର ଗର୍ଜନକୁ ସେ 'ସର୍ଜନ ଗର୍ଜନ' ବୋଲି କହିଛନ୍ତି । ଏଣୁ ନନ୍ଦୀଙ୍କର ଏହି 'ଘୋଷ' ବା ନନ୍ଦୀ-ଘୋଷର ଗର୍ଜନ ହେଉଛି ନୂତନ ସର୍ଜନାର ଦ୍ୟୋତକ । ସର୍ଜନ ଗର୍ଜନ ।

## ନନ୍ଦିଘୋଷ: ବିଷ୍ଣୁ, କୃଷ୍ଣ ଓ ଅର୍ଜୁନଙ୍କ ରଥ

ଦେବରାଜ ଇନ୍ଦ୍ରଙ୍କ ରଥର ନିର୍ଦ୍ଦିଷ୍ଟ ନାମ କ'ଣ ସେ ସଂପର୍କରେ 'ବାଲ୍ମୀକି ରାମାୟଣ'ରେ ଉଲ୍ଲେଖ ନାହିଁ । ତେବେ ରଥଚକ୍ରରେ ଅବସ୍ଥାନ କରୁଥିବା ନନ୍ଦୀର ଘୋଷ ଦୃଷ୍ଟିରୁ ଏହାକୁ 'ନନ୍ଦୀ-ଘୋଷ' ବା 'ନନ୍ଦିଘୋଷ' କୁହାଯାଇଛି । ସେ ଦୃଷ୍ଟିରୁ 'ନନ୍ଦିଘୋଷ' ରାମଙ୍କ ରଥ । କିନ୍ତୁ 'ତୁଳସୀ ରାମାୟଣ'ରେ ଏହି ରଥର ନିର୍ଦ୍ଦିଷ୍ଟ ନାମର ଉଲ୍ଲେଖ ନାହିଁ ।

ବ୍ୟାସଦେବଙ୍କ 'ମହାଭାରତ'ର 'ବନପର୍ବ'ରେ, ରାମ-ରାବଣ ଯୁଦ୍ଧ ପ୍ରସଙ୍ଗର ଯେଉଁ ସଂକ୍ଷିପ୍ତ ବର୍ଣ୍ଣନା ଅଛି, ସେଥିରେ ଏହି ରଥକୁ 'ଜୟପ୍ରଦ' ବୋଲି କୁହାଯାଇଛି । କିନ୍ତୁ ଏହା ଏକ ନାମ ନୁହେଁ, ଏକ ବିଶେଷଣ । ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କ ମହାଭାରତ ଗଦ୍ୟାନୁବାଦରେ ମଧ୍ୟ ଏହା ରହିଛି । ସେହିପରି ମହେଶ ଚନ୍ଦ୍ର ମହାପାତ୍ରଙ୍କ ଅନୂଦିତ ଯେଉଁ ବାଲ୍ମୀକି ରାମାୟଣ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶ କରିଛନ୍ତି, ସେଥିରେ ରାମଙ୍କ 'ବିଜୟାର୍ଥ' (ବିଜୟ ନିମନ୍ତେ) ଇନ୍ଦ୍ର ସେହି ରଥ ପଠାଇଥିଲେ ବୋଲି କୁହାଯାଇଛି । ପୁଣି 'ବିଜୟୀ ନନ୍ଦିଘୋଷର ବିଜୟୀ' ରାମଚନ୍ଦ୍ର ଧନୁରେ ତୀର ଯୋଖି ରାବଣ ସହ ଯୁଦ୍ଧ କଲେ ବୋଲି ଉପେନ୍ଦ୍ର ଭଞ୍ଜ 'ବୈଦେହୀଶ ବିଳାସ'ରେ କହିଛନ୍ତି ।

'ନନ୍ଦିଘୋଷ ରଥ' ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ରବନ୍ଧରେ ଗବେଷକ ମହୀମୋହନ ତ୍ରିପାଠୀ ଏ ସଂପର୍କରେ ସବିଶେଷ ଆଲୋଚନା କରିଛନ୍ତି । ବିଭିନ୍ନ ଧର୍ମଗ୍ରନ୍ଥରେ ଥିବା ପ୍ରାସଙ୍ଗିକ ଉଲ୍ଲେଖ ଆଧାରରେ ସେ କହିଛନ୍ତି, ରାମଙ୍କ ନିମନ୍ତେ ଇନ୍ଦ୍ର ପଠାଇଥିବା ରଥର ନିର୍ଦ୍ଦିଷ୍ଟ ନାମ ନଥିଲା, କିନ୍ତୁ କେତେକ ଅନୁବାଦକ ଏହି ରଥର ନାମ 'ବିଜୟ' ବୋଲି ଉଲ୍ଲେଖ କରିଛନ୍ତି ।

ସେମାନଙ୍କ ମଧ୍ୟରୁ, ଭାଗବତ ପ୍ରସାଦ ଦାସଙ୍କ ଦ୍ୱାରା ଅନୂଦିତ 'ବାଲ୍ମୀକି ରାମାୟଣ' ଅନ୍ୟତମ । କଟକ, ଅରୁଣୋଦୟ ପ୍ରେସ୍ ଦ୍ୱାରା ପ୍ରକାଶିତ ତାହାର ଅଷ୍ଟମ ସଂସ୍କରଣରେ ଉଲ୍ଲେଖ ଅଛି-

"ଦେବତାମାନଙ୍କ କଥା ଶୁଣି ପୁରନ୍ଦର ।
ମାତଳିକି ବୋଇଲେ ତୁ ଯାଆ ଲଙ୍କାପୁର ॥
ତଳେ ଥାଇ ରଘୁନାଥ କରନ୍ତି ସମର ।
ବିଜୟ ନାମରେ ଯେଉଁ ରଥ ଅଛି ମୋର ॥
ସେ ରଥରେ ହରିଦ୍ୱର୍ଣ୍ଣ ଅଶ୍ୱ ଯୋଚି ନେବ ।
ଯୁଦ୍ଧ ଶେଷ ଯାଏ ତୁମେ ସାରଥି ହୋଇବ ॥"

କିନ୍ତୁ ଅନ୍ୟ କେତେକ ପ୍ରାଚୀନ କବିଙ୍କ ରଚନାରେ ଏହି ରଥର ନାମ 'ନନ୍ଦିଘୋଷ' ବୋଲି ଉଲ୍ଲେଖ ଅଛି ।

ଅନେକ ଧର୍ମଗ୍ରନ୍ଥରେ ବିଷ୍ଣୁ, କୃଷ୍ଣ ଓ ଅର୍ଜୁନଙ୍କ ରଥର ନାମ ନନ୍ଦିଘୋଷ ବୋଲି ଉଲ୍ଲେଖ ମିଳେ । ଜଗନ୍ନାଥ ଦାସଙ୍କ ନବାକ୍ଷରୀ ଓଡ଼ିଆ ଭାଗବତର ଦଶମ ସ୍କନ୍ଧରେ ଶ୍ରୀକୃଷ୍ଣଙ୍କ ରଥର ନାମ 'ନନ୍ଦିଘୋଷ' ଓ ସାରଥିଙ୍କ ନାମ 'ଦାରୁକ' ବୋଲି ବର୍ଣ୍ଣନା ରହିଛି । ମହୀମୋହନ ତ୍ରିପାଠୀ ଏହାର ଆଧାରରେ କହିଛନ୍ତି, "ମହାପ୍ରଭୁ ଜଗନ୍ନାଥ ଯେହେତୁ 'କୃଷ୍ଣ-ବାସୁଦେବ' ଭାବରେ ଉପାସିତ, ତାଙ୍କ ରଥର ନାମ ତେଣୁ 'ନନ୍ଦିଘୋଷ' ରଖାଯାଇଛି ।" କିନ୍ତୁ ସଂସ୍କୃତ' ଶ୍ରୀମଦ୍ ଭାଗବତ'ରେ ଶ୍ରୀକୃଷ୍ଣଙ୍କ ରଥର ନାମ 'ଗରୁଡ଼ଧ୍ୱଜ' ବୋଲି ଉଲ୍ଲେଖ ଅଛି ।

ପୀତାମ୍ବର ଦାସ ବିରଚିତ 'ନୃସିଂହ ପୁରାଣ' ଓ ଅନ୍ୟାନ୍ୟ ଧର୍ମଗ୍ରନ୍ଥରେ ମଧ୍ୟ ଅର୍ଜୁନଙ୍କ ରଥର ନାମ 'ନନ୍ଦିଘୋଷ' ବୋଲି ବର୍ଣ୍ଣନା ଅଛି । ବିଶେଷକରି ଆଦିକବି ସାରଳା ଦାସଙ୍କ 'ମହାଭାରତ'ର 'ଭୀଷ୍ମପର୍ବ'ରେ ଏ ସଂପର୍କରେ କୁହାଯାଇଛି-

"ହନୁମାନଙ୍କୁ ଗୋବିନ୍ଦ ଆଜ୍ଞା ଦେଲେ ତହିଁ ।
ଭାରତଯୁଦ୍ଧ ଦେଖିବୁ ଧ୍ୱଜେ ବସ ଯାଇ ॥
ତୁହି ଯାଇ ବିଜେ କର ନନ୍ଦିଘୋଷ ଧ୍ୱଜେ ।
ଯୁଦ୍ଧ ଦେଖୁଥିବୁ ତୁହି ରହିଣ ଅବାଧେ ॥"

ଏହିଥିରୁ ଅର୍ଜୁନଙ୍କ ରଥ 'ନନ୍ଦିଘୋଷ' ଭାବରେ ପ୍ରସିଦ୍ଧି ପାଇଥିବା ଜଣାଯାଏ ।

ତେବେ 'ନନ୍ଦିଘୋଷ' ଅର୍ଜୁନଙ୍କ ରଥ ହେବା ସଂପର୍କରେ ଏକ ତାତ୍ତ୍ୱିକ ବ୍ୟାଖ୍ୟା ଦିଅନ୍ତି ବିଶିଷ୍ଟ ବିଦ୍ୱାନ୍ ଦୁଃଖୀଶ୍ୟାମ ପଟ୍ଟନାୟକ । ତାଙ୍କ ଅନୁସାରେ, "ଅର୍ଜୁନ ଋଜୁ ଅର୍ଥାତ୍ ସରଳତାର ପ୍ରତୀକ । ସରଳ ଭକ୍ତର ଶରୀରରଥ ଆନନ୍ଦରଥର ସଂଚାଳକ ଭଗବାନ ।"

ଏଣୁ ରାମ, କୃଷ୍ଣ ଓ ଅର୍ଜୁନ- ଏ ସମସ୍ତଙ୍କର ରଥ 'ନନ୍ଦିଘୋଷ' । ବିଷ୍ଣୁ ଓ ନୃସିଂହସ୍ୱରୂପ ଶ୍ରୀଜଗନ୍ନାଥଙ୍କ ରଥର ନାମ ମଧ୍ୟ 'ନନ୍ଦିଘୋଷ' ।

ଏହି ପରିପ୍ରେକ୍ଷୀରେ ଶ୍ରୀବଳଭଦ୍ରଙ୍କ 'ତାଳଧ୍ୱଜ' ରଥର ନାମ ତାତ୍ପର୍ଯ୍ୟ ବା ନାମ, ନାମାନ୍ତର ସଂପର୍କରେ ଆଲୋଚନା ଆବଶ୍ୟକ ।



## ବଡ଼ବାଡ଼ ରଥ: ତାଳଧ୍ୱଜ

ଶ୍ରୀଜନ୍ନାଥଙ୍କ 'ନନ୍ଦିଘୋଷ' ରଥର ଅନ୍ୟ ନାମ ଯେଉଁପରି 'ଗରୁଡ଼ଧ୍ୱଜ' ବା 'କପିଧ୍ୱଜ', ବଳଭଦ୍ରଙ୍କ ରଥର ନାମ ସେହିପରି 'ତାଳଧ୍ୱଜ' । ଏହାର ଅନ୍ୟ ଗୋଟିଏ ନାମ 'ହଳଧ୍ୱଜ' ବା 'ଲାଙ୍ଗଳଧ୍ୱଜ' । ବଳଭଦ୍ର ବଡ଼ଠାକୁର । ତେଣୁ ତାଙ୍କର ବାଡ଼ ବା ଭାଗ ବଡ଼ବାଡ଼ । ସେହି ଅନୁସାରେ ତାଳଧ୍ୱଜ 'ବଡ଼ବାଡ଼ ରଥ' ।

ବଳଭଦ୍ରଙ୍କର ଦୁଇଟି ମୁଖ୍ୟ ଆୟୁଧ- ହଳ ଓ ମୂଷଳ । ଏଥରୁ ହଳ ବା ଲଙ୍ଗଳ ଅନୁସାରେ ତାଙ୍କର ରଥର ନାମ 'ଲାଙ୍ଗଳଧ୍ୱଜ' ହୋଇଛି । କିନ୍ତୁ ତାଙ୍କ ରଥର ନାମ କାହିଁକି 'ତାଳଧ୍ୱଜ' ତାହାର ଭିନ୍ନ ଭିନ୍ନ କାରଣ ମିଳେ । ଶ୍ରୀଜଗନ୍ନାଥଙ୍କ ରଥର ନାମ ଯେପରି 'ନନ୍ଦିଘୋଷ' ଏବଂ ତାହାକୁ ନେଇ ରହିଥିବା ଭିନ୍ନଭିନ୍ନ ମତ ମଧ୍ୟରୁ କେଉଁଟି ବି ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ନୁହେଁ- ସେମିତି 'ତାଳଧ୍ୱଜ'ର ନାମକରଣ ନେଇ ଭିନ୍ନ ଭିନ୍ନ ମତ ରହିଛି ଏବଂ ସେଥିରୁ କୌଣସିଟି ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ନୁହେଁ ।

ଜଗନ୍ନାଥ ଦାସଙ୍କ ନବାକ୍ଷରୀ ଓଡ଼ିଆ 'ଭାଗବତ'ର ଦଶମ ସ୍କନ୍ଧ, ସପ୍ତତିତମ (୭୦) ଅଧ୍ୟାୟରେ 'ତାଳଧ୍ୱଜ'ର ଉଲ୍ଲେଖ ଅଛି । ତାହା ଶ୍ରୀକୃଷ୍ଣଙ୍କ ବଡ଼ଭାଇ 'ବଳରାମ'ଙ୍କ ରଥ ବୋଲି ସେଥିରେ ବର୍ଣ୍ଣନା କରାଯାଇଛି । ତେବେ ତତ୍ତ୍ୱବିତ୍‌ମାନଙ୍କ ମତରେ, ବଳରାମ ଓ ବଳଭଦ୍ର ଏକ ନୁହନ୍ତି । ତାହା ସତ୍ତ୍ୱେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ରଥର ନାମ ଏକ (ନନ୍ଦିଘୋଷ) ହେବା ପରି ବଳରାମ ଓ ବଳଭଦ୍ରଙ୍କ ରଥର ନାମ ଏକ (ତାଳଧ୍ୱଜ) ହୋଇଛି । ଏହା ଦ୍ୱାପରଯୁଗର ଓ ଦ୍ୱାରକାପୁରର କଥା ।

ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ବର୍ଣ୍ଣନା ଅଛି-

"ଏବେ ହେ ଶୁଣ କୁରୁ ବୀର । ଦ୍ୱାରକାପୁରେ ହଳଧର ॥
ସୁହୃଦ ଦରଶନ ସଧେ । ବିଜୟ ତାଳଧ୍ୱଜ ମଧ୍ୟେ ॥
ନିଜ ସେବକ ସଙ୍ଗ ମେଳେ । ମିଳିଲେ ନନ୍ଦର ଗୋକୁଳେ ॥"

ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ରଥର ନାମ କାହିଁକି 'ତାଳଧ୍ୱଜ' ସେ ସଂପର୍କରେ ଗୋଟିଏ ମତ ହେଉଛି- ଶ୍ରୀବଳରାମଙ୍କର ପ୍ରିୟ ପାନୀୟ ହେଉଛି କାଦମ୍ବରୀ । ତାଳକେତୁ ନାମକ ଏକ ଦାନବକୁ ସେ କାଦମ୍ବରୀ ପାଇଁ ବଧ କରିଥିଲେ । ସେହି ଦାନବ ତାହାର ଅନ୍ତିମ ଇଚ୍ଛା ରୂପେ ତାଙ୍କ ରଥର ଧ୍ୱଜରେ ରହିବା ପାଇଁ ପ୍ରାର୍ଥନା କରିଥିଲା । ତାହାର ସେହି ଇଚ୍ଛା ଶ୍ରୀବଳରାମ ପୂରଣ କରିଥିଲେ । ସେଥିପାଇଁ ତାଙ୍କ ରଥର ନାମ 'ତାଳଧ୍ୱଜ' ।

କିନ୍ତୁ ଦ୍ୱାପରଯୁଗର ଶ୍ରୀବଳରାମଙ୍କ ପାଖରୁ ଶ୍ରୀମନ୍ଦିରର ରତ୍ନସିଂହାସନରେ ବିରାଜିତ ଶ୍ରୀବଳଭଦ୍ରଙ୍କ ତତ୍ତ୍ୱ ପାଖକୁ ଆସିଲେ, ଆମେ ତାଙ୍କୁ ଶିବ-ସ୍ୱରୂପ ଭାବରେ ମଧ୍ୟ ପାଇଥାଉ । 'ଶ୍ରୀମନ୍ଦିର ସମାଚାର' ୧୯୯୮ର ଏକ ଆଲେଖ୍ୟ ଅନୁସାରେ, ଶିବସ୍ୱରୂପ ବଳଭଦ୍ରଙ୍କର ତାଣ୍ଡବନୃତ୍ୟର ତାଳଲୟ ବିସ୍ମୟକର ହେବା ଯୋଗୁଁ ତାଙ୍କ ରଥର ନାମ ତାଳଧ୍ୱଜ ହୋଇଛି । ମାତ୍ର ଏହା ଯଥାର୍ଥ ମନେହୁଏ ନାହିଁ ।

ଓଡ଼ିଆ ଭାଷାରେ 'ତାଳ' ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବୃକ୍ଷକୁ ବୁଝାଏ । ଏହା ମୁଖ୍ୟତଃ ଗ୍ରୀଷ୍ମପ୍ରଧାନ ଦେଶର ବୃକ୍ଷ । ଏହା ଭାରତ, ଲଙ୍କା, ବ୍ରହ୍ମଦେଶ, ସୁମାତ୍ରା, ଜାଭା ଆଦି ଦ୍ୱୀପ, ପାରସ୍ୟ ଉପସାଗର ତଟବର୍ତ୍ତୀ ଦେଶ ଆଦିରେ ଅଧିକ ପରିମାଣରେ ଦେଖାଯାଏ । ଖଜୁରି ମଧ୍ୟ ଏହି ଜାତୀୟ ଏକ ବୃକ୍ଷ । ଏହାର ପୁଷ୍ପକୋଷର ଅଗ୍ରଭାଗକୁ କାଟିଲେ ସେଥିରୁ ଏକ ପ୍ରକାର ମଧୁର ରସର କ୍ଷରଣ ହୁଏ । ଏହି ରସ ମତ୍ତତା କାରକ । ବଳରାମଙ୍କର ପ୍ରିୟ ପାନୀୟ 'କାଦମ୍ବରୀ' ସହିତ ଏହାର ସାମ୍ୟ ରହିଛି । ଶ୍ରୀବଳଭଦ୍ରଙ୍କ ରଥର ଧ୍ୱଜରେ ଏହି 'ତାଳ'ର ଚିହ୍ନ ଥିବାରୁ ଏହାର ନାମ ତାଳଧ୍ୱଜହୋଇଛି ବୋଲି କେତେକ ଆଲୋଚକ କହିଛନ୍ତି ।

'ନୀଳାଦ୍ରି ମହୋଦୟ'ର ଷୋଡ଼ଶ ଅଧ୍ୟାୟରେ ମଧ୍ୟ ଏହାକୁ 'ଲାଙ୍ଗଳଧ୍ୱଜ' ଓ 'ତାଳଧ୍ୱଜ' ବୋଲି କୁହାଯାଇଛି ।

## ତାଳଧ୍ୱଜର ପ୍ରଭୁ: କରତଳରେ ଜ୍ଞାନର ଦର୍ପଣ

ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ଧ୍ୱଜାରେ ତାଳଚିହ୍ନ ରହେ ବୋଲି କେତେକ ଆଲୋଚକଙ୍କ ଲେଖାରୁ ଜଣାଯାଏ । କିନ୍ତୁ ୧୯୬୯ ମସିହାର ନବକଳେବର ଅବସରରେ ପ୍ରକାଶିତ 'ଶ୍ରୀଜଗନ୍ନାଥ ଓ ନବକଳେବର' ପୁସ୍ତକରେ ମଧ୍ୟ ଡକ୍ଟର କାହ୍ନୁଚରଣ ମିଶ୍ର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ଧ୍ୱଜାରେ ଦର୍ପଣ ଚିହ୍ନ ରହେ ବୋଲି ଲେଖିଛନ୍ତି । କିନ୍ତୁ କେବଳ ଶ୍ରୀବଳଭଦ୍ରଙ୍କ ରଥରେ କାହିଁକି, ଶ୍ରୀଜଗନ୍ନାଥ କି ଦେବୀ ସୁଭଦ୍ରାଙ୍କ ରଥର ଧ୍ୱଜାରେ କୌଣସି ଚିହ୍ନ ରହେନାହିଁ ବୋଲି ଜଣାଯାଏ ।

'ସ୍କନ୍ଦପୁରାଣ-ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ରେ ଶ୍ରୀବଳଭଦ୍ରଙ୍କ ରଥ କାହିଁକି ତାଳଧ୍ୱଜ ହୋଇଛି, ସେ ସଂପର୍କରେ ଗୋଟିଏ ତାତ୍ତ୍ୱିକ ପ୍ରସଙ୍ଗ ରହିଛି । ପଞ୍ଚବିଂଶ ଅଧ୍ୟାୟର ୧୩, ୧୪ ଓ ୧୫ ଶ୍ଲୋକରେ 'ତାଳଧ୍ୱଜ'ର 'ତାଳ'କୁ

ଦର୍ପଣ ସହିତ ଯୋଡ଼ା ଯାଇଛି । ୧୩ ଶ୍ଳୋକରେ କୁହାଯାଇଛି– ଶ୍ରୀବଳଭଦ୍ର ସୁନିର୍ମଳ ଜ୍ଞାନରୂପ ଆଦର୍ଶ ବା ଦର୍ପଣ ଦ୍ୱାରା ସମସ୍ତ ଚରାଚରଙ୍କୁ ଦର୍ଶନ କରୁଅଛନ୍ତି । ତାହାଙ୍କ କରତଳ (ପାପୁଲି)ରେ ସଦାସର୍ବଦା ନିର୍ମଳ ଦର୍ପଣ ଅବସ୍ଥାନ କରୁଅଛି । ଡକ୍ଟର କାହ୍ନୁଚରଣ ମିଶ୍ର ଉପରୋକ୍ତ ପୁସ୍ତକରେ, ମହୀମୋହନ ତ୍ରିପାଠୀ 'ପ୍ରବନ୍ଧେ ପୁରୁଷୋତ୍ତମ'ର 'ତାଳଧ୍ୱଜ ରଥ' ପ୍ରବନ୍ଧରେ ଏବଂ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର 'ପୁରୀ ବୋଲି' ପୁସ୍ତକରେ ଏ ସଂପର୍କରେ ଆଲୋଚନା କରିଛନ୍ତି । 'ସ୍କନ୍ଦପୁରାଣ'ର ପରବର୍ତ୍ତୀ ଦୁଇ ଶ୍ଳୋକ (୧୪-୧୫)ର ଅନୁବାଦ କରି ବାବା ଚୈତନ୍ୟ ଚରଣ ଦାସ କହିଛନ୍ତି– 'ଅତଏବ ବଳଭଦ୍ର ଅବତାର ଅନନ୍ତ ଦେବଙ୍କ ହସ୍ତତଳସ୍ଥିତ ହେତୁ ଏହାର ନାମ ତାଳ । ପ୍ରଭୁ ସର୍ବଦା ଏହି ତାଳ ଚିହ୍ନରେ ଚିହ୍ନିତ । ଅଥବା ରଥର ଧ୍ୱଜରେ ସୁନିର୍ମଳ ହଳ ଅର୍ଥାତ୍ ଲଙ୍ଗଳ ଚିହ୍ନ ଯୁକ୍ତ ଥିବାରୁ ଏହି ରଥର ନାମ ତାଳଧ୍ୱଜ ।'

କିନ୍ତୁ ମହୀମୋହନ ତ୍ରିପାଠୀ ଉପର ସୂଚିତ ପ୍ରବନ୍ଧରେ ଏହାର ଏକ ଭିନ୍ନ ଆଲୋଚନା କରିଛନ୍ତି । ସେ ଲେଖିଛନ୍ତି– "ପୌରାଣିକ ବୀରପୁରୁଷମାନଙ୍କର ରଥମାନଙ୍କରେ ଧ୍ୱଜା ଶୋଭା ପାଉଥିଲା । ତାହା ଥିଲା ବିଭିନ୍ନ ରଙ୍ଗର ଓ ବିଭିନ୍ନ ସଙ୍କେତଯୁକ୍ତ । ମହାବୀର ଭୀଷ୍ମଙ୍କ ଧ୍ୱଜା ବା ପତାକାରେ ପାଂଚଟି ତାରକା ସହିତ ତାଳବୃକ୍ଷ ଚିହ୍ନ ଥିଲା । ବଳରାମଙ୍କ ରଥର ଧ୍ୱଜାରେ ମଧ୍ୟ ତାଳବୃକ୍ଷ ଚିହ୍ନ ଥିଲା । ହୁଏତ ସେଥିପାଇଁ ବଳରାମଙ୍କ ରଥକୁ 'ତାଳଧ୍ୱଜ' କୁହାଯାଇଛି ।' **'ଯୁଗଶକ୍ତି ଗାୟତ୍ରୀ'** ରେ ପ୍ରକାଶିତ ଏକ ପ୍ରବନ୍ଧ **(ଅଗଷ୍ଟ, ୨୦୦୬)** ଆଧାରରେ ସେ ଏହା କହିଛନ୍ତି ।

ଏହି ପ୍ରସଙ୍ଗରେ ଶ୍ରୀ ତ୍ରିପାଠୀ ଡାଉସନ୍‌ଙ୍କ ଅଭିଧାନ (ଏ କ୍ଲାସିକାଲ୍ ଡିକ୍ସନାରୀ ଅଫ୍ ହିନ୍ଦୁ ମାଇଥୋଲଜି ଆଣ୍ଡ୍ ରିଲିଜିଅନ୍)କୁ ମଧ୍ୟ ଉଦ୍ଧାର କରି କହିଛନ୍ତି, "ଡାଉସନ୍‌ଙ୍କ ଅନୁସାରେ– ବଳରାମଙ୍କ ରଥରେ ଥିବା ପତାକା ବା ଧ୍ୱଜାରେ ତାଳ ଚିହ୍ନ ଥିବାରୁ ତାଙ୍କର ନାମ ବା ଉପାଧି ଥିଲା ତାଳଧ୍ୱଜ । ଭୀଷ୍ମଙ୍କ ପତାକା, ନାମ ବା ଉପାଧି ସହିତ 'ତାଳ' କାହିଁକି ସଂଯୁକ୍ତ ହେଲା ତାହାର କାରଣ ଜଣା ପଡୁନାହିଁ ।"

କିନ୍ତୁ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ରଥ କିମ୍ବା ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ରଥର ଧ୍ୱଜାରେ କୌଣସି ଚିହ୍ନ ନଥିବାରୁ, 'ସ୍କନ୍ଦପୁରାଣ'ର ତାତ୍ତ୍ୱିକ ଅର୍ଥଟି ହିଁ 'ତାଳଧ୍ୱଜ' କ୍ଷେତ୍ରରେ ଅଧିକ ପ୍ରାସଙ୍ଗିକ ମନେହୁଏ ।

'ତାଳଧ୍ୱଜ' ସଂପର୍କରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳେ ବାସୁଦେବ ଶରଣ ଅଗ୍ରୱାଲଙ୍କ ହିନ୍ଦୀ ଗବେଷଣା ଗ୍ରନ୍ଥ 'ଭାରତୀୟ କଳା'ରୁ । ସେଥିରେ ବିଭିନ୍ନ ନିଶାଣ (ଚିହ୍ନ ବା ପ୍ରତୀକ) ସମ୍ବଳିତ ଧ୍ୱଜାର ବିବରଣୀ ରହିଛି ଏବଂ ସେଥି ମଧ୍ୟରେ 'ତାଳଧ୍ୱଜ' ଅଛି । 'ତାଳଧ୍ୱଜ' ହେଉଛି ତାଳପର୍ଣ୍ଣ (ବାହୁଙ୍ଗା ସହିତ ପୂର୍ଣ୍ଣ ଏକ ତାଳପତ୍ର)ର ନିଶାଣ । ଏହା ଏବେ ମଧ୍ୟ ମଥୁରାର କଳା ପରମ୍ପରାରେ ରହିଥିବା ଜଣାଯାଏ । ଏହା ସୂଚାଏ ଯେ ସୁପ୍ରାଚୀନ କାଳରେ ହୁଏତ ଏପରି (ତାଳପର୍ଣ୍ଣ ପରି) ଧ୍ୱଜା ଶ୍ରୀବଳଭଦ୍ରଙ୍କ ରଥରେ ରହୁଥିଲା ।

ଶ୍ରୀଜଗନ୍ନାଥଙ୍କ ରଥ 'ନନ୍ଦିଘୋଷ' ଓ ଶ୍ରୀବଳଭଦ୍ରଙ୍କ ରଥ 'ତାଳଧ୍ୱଜ' ପରି, ଦେବୀ ସୁଭଦ୍ରାଙ୍କ ରଥର ମଧ୍ୟ ନାମ, ନାମାନ୍ତର ଓ ନାମ ତାତ୍ପର୍ଯ୍ୟ ରହିଛି ।

## ଦେବୀଙ୍କ ରଥ: ନାଆଁ କିନ୍ତୁ 'ଦେବଦଳନ'

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ' ଓ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ 'ତାଳଧ୍ୱଜ' ପରି ଦେବୀ ସୁଭଦ୍ରାଙ୍କ ରଥର ନାମ 'ଦେବଦଳନ' । କିନ୍ତୁ ଶ୍ରୀଜଗନ୍ନାଥ ମନ୍ଦିରର 'ଅଧିକାର ଅଭିଲେଖ' ବା 'ସ୍ୱତ୍ୱଲିପି'ରେ ଏହାକୁ 'ଦେବୀଦଳନ' କୁହାଯାଇଛି । ଏହା ହୁଏତ ଏକ ମୁଦ୍ରଣ ତ୍ରୁଟି ହୋଇପାରେ । କିନ୍ତୁ ଏହା ମୁଦ୍ରଣ ତ୍ରୁଟି ହେଲେ ବି, ଦେବୀଙ୍କ ରଥ କାହିଁକି 'ଦେବଦଳନ' ସେ ନେଇ କୌତୂହଳ ଜାତ ହୁଏ ।

'ବାଲ୍ମୀକି ରାମାୟଣ'ର 'ଯୁଦ୍ଧକାଣ୍ଡ'ରେ 'ଦେବଦଳନ' ଇନ୍ଦ୍ରଜିତର ରଥ ବୋଲି ବର୍ଣ୍ଣନା ନାହିଁ । କିନ୍ତୁ କେତେକ ଅନୁବାଦକ ଏହାର ଅନୁବାଦରେ 'ଦେବଦଳନ' ଇନ୍ଦ୍ରଜିତର ରଥ ବୋଲି ବର୍ଣ୍ଣନା କରିଛନ୍ତି ।

ଇନ୍ଦ୍ରଜିତ ହେଉଛି ଲଙ୍କପତି ରାବଣର ଜ୍ୟେଷ୍ଠପୁତ୍ର । ରାବଣର ପାଟରାଣୀ ମନ୍ଦୋଦରୀ ଗର୍ଭରୁ ତାହାର ଜନ୍ମ । ରାମାୟଣର କାହାଣୀ ଅନୁସାରେ, ଇନ୍ଦ୍ରଜିତର ମୃତ୍ୟୁଭେଦ କ'ଣ ତାହା ଜାଣିବା ପାଇଁ ରାମଚନ୍ଦ୍ର ବିଭୀଷଣଙ୍କୁ ପ୍ରଶ୍ନ କରିଥିଲେ ଏବଂ ବିଭୀଷଣ ସେହି ମୃତ୍ୟୁଭେଦ କହିଥିଲେ । ସେହି ପ୍ରସଙ୍ଗରେ କେତେକ ଲେଖକ ଓ ଅନୁବାଦକ 'ଦେବଦଳନ' ଇନ୍ଦ୍ରଜିତର ରଥ ବୋଲି ଉଲ୍ଲେଖ କରିଛନ୍ତି ।

'ବାଲ୍ମୀକି ରାମାୟଣ'ର ସେହି ଆଖ୍ୟାନ ଅନୁସାରେ, ରାବଣର ରାଜଧାନୀ ସ୍ୱର୍ଣ୍ଣଲଙ୍କାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ନିକୁମ୍ଭିଳା । ଇନ୍ଦ୍ରଜିତ ଅମର ହେବା ପାଇଁ ସେଠାରେ ଥିବା ନିକୁମ୍ଭିଳା ବଟବୃକ୍ଷ ଠାରେ ଗୋଟିଏ ଯଜ୍ଞ କରିଥିଲା । ତାହା ଥିଲା ସପ୍ତଯଜ୍ଞ । ସେହି ସପ୍ତଯଜ୍ଞ ହେଉଛି– ଅଗ୍ନିଷ୍ଟୋମ, ଅଶ୍ୱମେଧ, ବହୁସ୍ୱର୍ଣ୍ଣ, ରାଜସୂୟ, ଗୋମେଧ, ବୈଷ୍ଣବ ଓ ମାହେଶ୍ୱର । ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କୁ ନେଇ ପ୍ରଥମେ ସେ ପ୍ରଥମ ଛଅଟି ଯଜ୍ଞ କରିବା ପରେ, ଶେଷରେ ମାହେଶ୍ୱର ଯଜ୍ଞ କରିଥିଲା । ବ୍ରହ୍ମା ତାକୁ ବର ଦେଇଥିଲେ, ସେହି ଯଜ୍ଞ ସଂପୂର୍ଣ୍ଣ ହେଲେ ସେଥିରୁ ଗୋଟିଏ ରଥ ବାହାରିବ ଏବଂ ସେହି ରଥରେ ବସି ଯୁଦ୍ଧ କଲେ ତାକୁ କେହି ପରାସ୍ତ କରିପାରିବେ ନାହିଁ । ସେହି ଯଜ୍ଞ ସଂପୂର୍ଣ୍ଣ ହେବା ପରେ ଇନ୍ଦ୍ରଜିତକୁ ନିକୁମ୍ଭିଳା ଯଜ୍ଞକୁଣ୍ଡରୁ ମିଳିଥିଲା ଏକ ବ୍ୟୋମଚାରୀ, ଆକାଶଗାମୀ ରଥ । ସେଥିରେ ବସି, ଯୁଦ୍ଧକରି ସେ ଦେବଗଣଙ୍କୁ ପରାସ୍ତ କରିବାରୁ ରଥର ନାଆଁ 'ଦେବଦଳନ' ହେଲା ।

ଏ ସଂପର୍କରେ ଭୌଗୋଳିକ ସୂଚନା ମଧ୍ୟ ମିଳେ । 'ଏନ୍‌ସାଇକ୍ଲୋପିଡ଼ିଆ ଅଫ୍ ଆନ୍‌ସିଏଣ୍ଟ୍ ଇଣ୍ଡିଆନ୍ ଜୋଗ୍ରାଫି'ର ଦ୍ୱିତୀୟ ଖଣ୍ଡ, ପୃ. ୪୧୭ରେ 'ନିକୁମ୍ଭିଳା' ନାମକ ଗୋଟିଏ ସ୍ଥାନର ବର୍ଣ୍ଣନା ଅଛି । ତାହା ସିଂହଳ (ଶ୍ରୀଲଙ୍କା)ର ରାଜଧାନୀ କଲମ୍ବୋ ଠାରୁ ପ୍ରାୟ ୪୦ ମାଇଲ୍ ଦୂରରେ ଅବସ୍ଥିତ ।

ପୁରାଣ ପ୍ରସଙ୍ଗ କହେ, ଇନ୍ଦ୍ରଜିତର ନାଆଁ କିନ୍ତୁ ପୂର୍ବରୁ ଇନ୍ଦ୍ରଜିତ ନଥିଲା । ତାହାର ନାଆଁ ଥିଲା ମେଘନାଦ । କାରଣ ଜନ୍ମ ହେବା ପରେ ସେ ମେଘ ପରି ଘୋର ଗର୍ଜନ କରିବାରୁ ସେହି ନାମ ରଖା ଯାଇଥିଲା । ପରେ ମହାମାୟାଙ୍କୁ ପୂଜା କରି ମେଘନାଦ ମାୟାବଳ ଲାଭ କଲା ଏବଂ ମାୟା ବଳରେ ଇନ୍ଦ୍ରଙ୍କୁ ବିବଶ କରି ପରାସ୍ତ କଲା । ତେଣୁ ବ୍ରହ୍ମା ତାର ନାଆଁ ରଖିଲେ ଇନ୍ଦ୍ରଜିତ ।

କିନ୍ତୁ ଦେବୀ ସୁଭଦ୍ରାଙ୍କ ରଥର ନାଆଁ କାହିଁକି ଓ କିପରି 'ଦେବଦଳନ' ହେଲା, ସେ ସଂପର୍କରେ ସେପରି କିଛି ଯୁକ୍ତିଯୁକ୍ତ ତଥ୍ୟ ମିଳେନାହିଁ ।

## 'ଦେବଦଳନ' ଓ 'ଦର୍ପଦଳନ'ର ସନ୍ଧାନେ

'ଦେବଦଳନ' ସଂପର୍କରେ ଗୋଟିଏ ଉଲ୍ଲେଖନୀୟ ବିଷୟ ହେଉଛି, ଏହା ଇନ୍ଦ୍ରଜିତର ରଥ ବୋଲି ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ' ବା 'ଜଗମୋହନ ରାମାୟଣ'ରେ ବର୍ଣ୍ଣନା ଅଛି । ମନେହୁଏ, ତାହାର ପ୍ରଭାବରେ ହିଁ 'ବାଲ୍ମୀକି ରାମାୟଣ'ର ନବସର୍ଜକ ଓ ଅନୁବାଦକମାନେ 'ଯୁଦ୍ଧକାଣ୍ଡ'ର ବର୍ଣ୍ଣନା ପ୍ରସଙ୍ଗରେ ଇନ୍ଦ୍ରଜିତର ରଥର ନାମ 'ଦେବଦଳନ' ବୋଲି କହିଛନ୍ତି । ବଳରାମ ଦାସଙ୍କ 'ରାମାୟଣ'ର 'ଲଙ୍କାକାଣ୍ଡ'ରେ ରାବଣ ଓ ଇନ୍ଦ୍ରଜିତଙ୍କ ଯୁଦ୍ଧରଥ ପ୍ରସଙ୍ଗରେ କୁହାଯାଇଛି–

"ଦାଢ଼ି ଫୁଲାଇଣ ଯେ ଖୋଜଇ ନିଃଶ୍ୱାସ ।
ପୁଷ୍ପକ ରଥରେ ଯାଇ ବିଜେ ଦଶଈଶ ॥
ଲକ୍ଷେକ ଶଙ୍ଖ ଯେ ତହିଁ ସ୍ୱରେ ଘନଘନ ।
ଇନ୍ଦ୍ରଜିତ ଚଢ଼ିଲା ଯେ ଦେବଦଳନ ଯାନ ॥"

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟ ତାଙ୍କ 'ବୈଦେହୀଶ ବିଳାସ'ରେ ଲେଖିଛନ୍ତି–

"ବାଟେ ଲଙ୍କା ଭୂସ୍ଥଳେ ଅବଟେ ଲଙ୍କା ତଳେ ଜାତ

ଜାତବେଦରେ ହୋମ ।
ବିହି ଅଜରୁଧୀରେ ଧୀରେ ମନୋରଥରେ ରଥ
ଦେବଦଳନ ନାମ ସେ ॥"

ଏହି 'ଦେବଦଳନ' ରଥରେ ଆରୋହଣ କରି ଓ ଯୁଦ୍ଧରେ ଇନ୍ଦ୍ରଙ୍କୁ ଜିତି ମେଘନାଦ 'ଇନ୍ଦ୍ରଜିତ' ନାମ ପାଇଥିଲା । ପୁଣି ସେହି ରଥରେ ଆରୂଢ଼ ହୋଇ ଦେବତାମାନଙ୍କୁ ପରାସ୍ତ କରିଥିବାରୁ ତାହାର ରଥର ନାମ 'ଦେବଦଳନ' ହୋଇଥିଲା । କିନ୍ତୁ ସେହି ରଥ ସେ 'ନିକୁମ୍ଭିଳା ବଟ'ଠାରେ ଯଜ୍ଞ କରି ପାଇଥିଲା । ନିକୁମ୍ଭିଳା ହେଉଛନ୍ତି ବଟମଙ୍ଗଳାଙ୍କ ତୁଲ୍ୟା ଦେବୀ । ସେହି ରଥ ଦେବୀଙ୍କ ଆଶୀର୍ବାଦରୁ ତାକୁ ଯଜ୍ଞକୁଣ୍ଡରୁ ମିଳିଥିଲା । ତେଣୁ ତାହା 'ଦେବୀରଥ' । ସମ୍ଭବତଃ ସେହି ସୂତ୍ରରୁ ଦେବୀ ସୁଭଦ୍ରାଙ୍କ ରଥର ନାମ ଇନ୍ଦ୍ରଜିତ ରଥର ନାମ ଅନୁସାରେ 'ଦେବଦଳନ' ରଖାଯାଇଛି । ଶ୍ରୀମନ୍ଦିରର ଅଧିକାର ଅଭିଲେଖ ବା 'ସ୍ୱତ୍ୱଲିପି'ରେ ମଧ୍ୟ ଏହା 'ଦେବୀ ରଥ' ଓ 'ଶ୍ରୀ ସୁଭଦ୍ରାଙ୍କ ରଥ' ବୋଲି ଉଲ୍ଲେଖ ଅଛି । ତେଣୁ ଦେବୀ ସୁଭଦ୍ରାଙ୍କ ରଥର 'ଦେବଦଳନ' ନାମ ସହିତ ଦେବତାଙ୍କ ପରାଭବର କୌଣସି ସଂପର୍କ ନାହିଁ ।

କିନ୍ତୁ 'ଦେବଦଳନ' ସହିତ ଦେବୀ ସୁଭଦ୍ରାଙ୍କ ରଥର ଆଉ ଗୋଟିଏ ନାମ ମଧ୍ୟ ପ୍ରଚଳିତ । ତାହା ହେଉଛି 'ଦର୍ପଦଳନ' । 'ଦର୍ପଦଳନକାରିଣୀ ଆନନ୍ଦମୟୀ ସୁଭଦ୍ରା' ପ୍ରବନ୍ଧରେ ଏହାର ଏକ ତାତ୍ତ୍ୱିକ ବ୍ୟାଖ୍ୟା ଦେଇଛନ୍ତି ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର । ସେ କହିଛନ୍ତି- "ଶରୀରରୂପୀ ରଥର ଆତ୍ମଶକ୍ତି ହେଉଛନ୍ତି ସୁଭଦ୍ରା । ଉତ୍ତମ ଭଦ୍ରା । ତାଙ୍କୁ ଆପଣେଇବା ପାଇଁ ଗର୍ବ ଅହଂକାର ତ୍ୟାଗ କରିବା ପାଇଁ ପଡ଼େ । ଅହଂକାର ହିଁ ଦର୍ପ । ଏହି ଦର୍ପ ଦଳନ ନହେଲେ ଆତ୍ମଶକ୍ତି କାହିଁ କେତେଦୂର । ସେଇ ଆତ୍ମଶକ୍ତି ସ୍ୱୟଂ ଆରୋହଣ କରନ୍ତି 'ଦର୍ପଦଳନ' ରଥରେ, ଦର୍ପକୁ ଦଳନ କରି ଭକ୍ତକୁ ଆପଣେଇ ନେବାକୁ । ସେହି ଆଦ୍ୟାଶକ୍ତି ହିଁ ଆତ୍ମଶକ୍ତି ରୂପେ ସମସ୍ତ ଜୀବରେ ବିଦ୍ୟମାନ । ଶରୀର ରୂପକ ରଥରେ ସେ ଯେପରି ଆତ୍ମଶକ୍ତି, ବିଶ୍ୱରୂପକ ରଥରେ ସେ ସେପରି ଆତ୍ମଶକ୍ତି । ଏହା ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱର ଜ୍ୱଳନ୍ତ ପରାକାଷ୍ଠା । ଶ୍ରୀଜଗନ୍ନାଥ ଚେତନାର ରଥ ମହୋତ୍ସବ ହିଁ ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱର ଲୌକିକ ଲୀଳା । ଏହି ମହୋତ୍ସବରେ ଆତ୍ମଶକ୍ତି ସୁଭଦ୍ରା ଦର୍ପଦଳନ କଲା ପରେ ଯାଇ ଦର୍ଶନ ମିଳେ ଦାରୁବ୍ରହ୍ମଙ୍କର ।"

ଦେବୀ ସୁଭଦ୍ରାଙ୍କ ରଥର ଆଉ ଗୋଟିଏ ନାମ ମଧ୍ୟ 'ପଦ୍ମଧ୍ୱଜ' । 'ଦେବଦଳନ' ଯେ ଦେବୀରଥ, ଏହି 'ପଦ୍ମଧ୍ୱଜ' ନାମ ତାହାର ଦ୍ୟୋତକ । ଏ ପ୍ରସଙ୍ଗରେ 'ସାରଳା ମହାଭାରତ'ରେ ବର୍ଣ୍ଣିତ 'ନନ୍ଦିଘୋଷ', 'ତାଳଧ୍ୱଜ' ଓ 'ପଦ୍ମଧ୍ୱଜ' ପ୍ରସଙ୍ଗ ଉଲ୍ଲେଖନୀୟ ।

## ପ୍ରସଙ୍ଗ: ପଦ୍ମଧ୍ୱଜ

ସାରଳା ଦାସଙ୍କ 'ମହାଭାରତ'ରେ ସୂର୍ଯ୍ୟଦେବଙ୍କ ରଥ ପ୍ରସଙ୍ଗରେ 'ନନ୍ଦିଘୋଷ', 'ତାଳଧ୍ୱଜ' ଓ 'ପଦ୍ମଧ୍ୱଜ' ରଥତ୍ରୟର ବର୍ଣ୍ଣନା ଅଛି । ତଦନୁଯାୟୀ ମାଘ ଶୁକ୍ଳ ଏକାଦଶୀ ତିଥିରେ ଚନ୍ଦ୍ରଭାଗା ନଦୀରେ ସ୍ନାନ ନିମନ୍ତେ ସୂର୍ଯ୍ୟଦେବ ଅର୍କକ୍ଷେତ୍ର କୋଣାର୍କକୁ ଆସିଥିଲେ । ନିଜର ରଥ ଓ ସାରଥୀଙ୍କୁ ଅର୍କବଟ ତଳେ ରହିବାକୁ କହି ସେ ନଦୀକୁ ସ୍ନାନ କରିବାକୁ ଗଲେ । ସେହି ସମୟରେ ଅର୍କବଟ ତଳେ ବିଶ୍ରାମ କରୁଥିବା ଅର୍କଦୈତ୍ୟ ସେହି ସୁନ୍ଦର ରଥକୁ ଦେଖି ତାହାକୁ ଗିଳିଦେଲା ।

ସୂର୍ଯ୍ୟଦେବ ଚନ୍ଦ୍ରଭାଗାରେ ସ୍ନାନସାରି ଆସି ନିଜର ରଥକୁ ପାଇଲେ ନାହିଁ । ସେ ଜାଣିଲେ ଯେ ଅର୍କଦୈତ୍ୟ ତାକୁ ଉଦରସ୍ଥ କରିଦେଇଛି । ଅର୍କଦୈତ୍ୟର ନିଧନ ଅସମ୍ଭବ ଥିବା ଜାଣି ସେ ବ୍ରହ୍ମାଙ୍କୁ ସ୍ମରଣ କଲେ । ବ୍ରହ୍ମା ଜାଣିଲେ ଯେ ସୂର୍ଯ୍ୟଦେବଙ୍କ ରଥର ଉଦ୍ଧାର ନହେଲେ ପ୍ରତିଦିନର ଉଦୟାସ୍ତର ବିଧାନରେ ବିଘ୍ନ ହେବ । ତେଣୁ ସେ ଏକ ଯଜ୍ଞ କଲେ ଏବଂ ସେହି ଯଜ୍ଞରୁ ଅଷ୍ଟରଥ ଓ ଅଷ୍ଟଅଶ୍ୱ ଜାତ ହେଲେ ।

ସାରଳା ଦାସଙ୍କ ବର୍ଣ୍ଣନା ଅନୁସାରେ-
"ତହିଁରୁ ଜନ୍ମ ହୋଇଲେ ଆଠଟି ତୁରଂଗ ।
ଶଙ୍ଖ ଶ୍ୱେତ ଗୋକ୍ଷୀର ଯେ ଆଉ କାମପାଳ
କାଳୀ ହରିତାଳ ମହାକୋଳ ବିଦ୍ୟାରୋଳ
ଏ ଆଠ ଅଶ୍ୱକୁ ଜନ୍ମ କଲେ ଶୂଦ୍ର ବ୍ରହ୍ମା
ଅଷ୍ଟରଥ ଭିଆଇଲେ ସେହି ମହାତମା ॥
ଚନ୍ଦ୍ର ସୂର୍ଯ୍ୟ ମଣ୍ଡଳ ପୁଷ୍ପକ ପଦ୍ମଧ୍ୱଜ ।
ଇନ୍ଦ୍ର କୁବେର ଯେ ନନ୍ଦିଘୋଷ ତାଳଧ୍ୱଜ ॥





ଶିଳ୍ପୀ ମନୋଜ ସାହୁ

ଏହି ରୂପ ଆଠ ରଥ ଯାଗୁଁ ଉପୁଜିଲେ ।
ତହୁଁ ଏକ ରଥ ଚାରି ଅଶ୍ୱ ସୂର୍ଯ୍ୟେ ଦେଲେ ।।"

ସାରଳା ଦାସଙ୍କ ବର୍ଣ୍ଣନା ଅନୁସାରେ, ସେହି ରଥ ହେଉଛି 'ପଦ୍ମଧ୍ୱଜ' ରଥ । ସେହି ରଥରେ ବସି ବିରଞ୍ଚି ବା ସୂର୍ଯ୍ୟଦେବ ତାଙ୍କର ପରିକ୍ରମା କଲେ ଏବଂ ଅବଶିଷ୍ଟ ସପ୍ତରଥଙ୍କୁ ବ୍ରହ୍ମା ନେଇ କୁବେରଙ୍କ ଭଣ୍ଡାରରେ ରଖିଲେ । କଳ୍ପାନ୍ତରେ ଅର୍କଦୈତ୍ୟକୁ ବଧ କରି ସୂର୍ଯ୍ୟ ତାଙ୍କର ଏକଚକ୍ର ରଥକୁ ଉଦ୍ଧାର କଲେ ଏବଂ ବ୍ରହ୍ମା ଦେଇଥିବା ପଦ୍ମଧ୍ୱଜ ରଥଟିକୁ ତାଙ୍କୁ ଫେରାଇ ଦେଲେ । ବ୍ରହ୍ମା ସେ ରଥକୁ ନେଇ ବୈକୁଣ୍ଠପୁରରେ ରଖିଲେ ।

ସାରଳା ଦାସ ଏହି ପ୍ରସଙ୍ଗରେ ଖାଣ୍ଡବ ବନ ଦହନ ପ୍ରସଙ୍ଗର ଅବତାରଣା କରିଛନ୍ତି ଏବଂ ସେହି ସମୟରେ ବ୍ରହ୍ମା ପାର୍ଥ ବା ଅର୍ଜୁନଙ୍କୁ ସେହି ପଦ୍ମଧ୍ୱଜ ରଥ ଦେଇଥିବା କଥା କହିଛନ୍ତି ।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ଦେବୀ ସୁଭଦ୍ରାଙ୍କ ରଥର ସାରଥି ହେଉଛନ୍ତି ଅର୍ଜୁନ । ଅର୍ଜୁନ ବ୍ରହ୍ମାପ୍ରଦତ୍ତ ପଦ୍ମଧ୍ୱଜ ରଥରେ ବସି ମହାଭାରତ ଯୁଦ୍ଧ କରିଥିଲେ ଏବଂ ଶ୍ରୀକ୍ଷେତ୍ରର ରଥଯାତ୍ରାରେ ଦେବୀ ସୁଭଦ୍ରାଙ୍କର ସେହି ରଥରେ ସେ ସାରଥି ହୋଇଛନ୍ତି ।

## 'ଧ୍ୱଜପଟା'ରେ ଶ୍ରୀନୃସିଂହ, ଶ୍ରୀହନୁମାନ ଓ ଭୁବନେଶ୍ୱରୀ

ପୁରୀର ରଥଯାତ୍ରା ଭାଇ-ଭଉଣୀଙ୍କ ଯାତ୍ରା ଭାବରେ ଲୋକମୁଖରେ ପ୍ରଚାରିତ । ବଡ଼ଭାଇ ଶ୍ରୀବଳଭଦ୍ର, ସାନଭାଇ ଶ୍ରୀଜଗନ୍ନାଥ ଏବଂ ଭଉଣୀ ଶ୍ରୀସୁଭଦ୍ରାଙ୍କର ଏହି ରଥଯାତ୍ରା ବୋଲି କଥିତ ହୋଇଥାଏ । ଏହି ଭାବଧାରା ଦ୍ୱାପର ଯୁଗର ବଳରାମ, କୃଷ୍ଣ ଓ ସୁଭଦ୍ରାଙ୍କୁ ନେଇ କଳ୍ପିତ । କିନ୍ତୁ ଏହି ରଥଯାତ୍ରାର ବିଧି-ବ୍ୟବସ୍ଥାକୁ ଲକ୍ଷ୍ୟ କଲେ, ଏହାର ଭିନ୍ନ ତାତ୍ପର୍ଯ୍ୟ ରହିଥିବା ଜଣାଯାଏ ।

ଶ୍ରୀବଳଭଦ୍ରଙ୍କ 'ତାଳଧ୍ୱଜ' ରଥର ଅନ୍ୟ ନାମ 'ହଳଧ୍ୱଜ' ବା 'ଲଙ୍ଗଳଧ୍ୱଜ' ବୋଲି ପୂର୍ବରୁ ଆଲୋଚିତ ହୋଇଛି । ସେହିପରି ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ' ରଥର ଅନ୍ୟନାମ 'ଗରୁଡ଼ଧ୍ୱଜ' ବା 'କପିଧ୍ୱଜ' ବୋଲି ମଧ୍ୟ ପୂର୍ବରୁ କୁହାଯାଇଛି । ଦେବୀ ସୁଭଦ୍ରାଙ୍କ 'ଦେବଦଳନ' ବା 'ଦର୍ପଦଳନ' ରଥର ଅନ୍ୟନାମ 'ପଦ୍ମଧ୍ୱଜ' ବୋଲି ମଧ୍ୟ ସୂଚିତ ହୋଇଛି ।

ଏହି ତିନିରଥର ଶୀର୍ଷରେ ପାଞ୍ଚରଙ୍ଗର ଧ୍ୱଜା ବା ପତାକା ଲାଗିଥାଏ । ଏହି ପାଞ୍ଚଟି ରଙ୍ଗ ହେଉଛି- ଲାଲ, ହଳଦି, ଧଳା, କଳା ଓ ସବୁଜ । ଏହି ପାଞ୍ଚରଙ୍ଗ ପଞ୍ଚ ଦେବତା ଉପାସନାର ଗଣନାଥ, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କରଙ୍କୁ ପ୍ରତୀକିତ କରେ । କିନ୍ତୁ ତିନିରଥର ଏହି ପାଞ୍ଚରଙ୍ଗର ପତାକା ବ୍ୟତୀତ ପ୍ରତି ରଥରେ ଆଉ ଗୋଟିଏ ଲେଖାଏଁ କାଠରେ ତିଆରି ଧ୍ୱଜା ଲଗାଯାଇଥାଏ । ଶ୍ରୀମନ୍ଦିର ପରିଭାଷାରେ ଏହା 'ରଥଧ୍ୱଜ' । ଏହାକୁ 'ଧ୍ୱଜପଟା' ମଧ୍ୟ କୁହାଯାଏ । ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରାୟ ଏକଫୁଟ ଏବଂ ରଥ ଅନୁସାରେ ଏଥିରେ ଅଙ୍କିତ ବା ଖୋଦିତ ବିଗ୍ରହ ଭିନ୍ନଭିନ୍ନ ହୋଇଥାଆନ୍ତି ।

ବଡ଼ଠାକୁର ବଳଭଦ୍ରଙ୍କ 'ତାଳଧ୍ୱଜ' ରଥପାଇଁ ଉଦ୍ଦିଷ୍ଟ ଏହି ରଥଧ୍ୱଜ ବା ଧ୍ୱଜପଟାରେ ଶ୍ରୀନୃସିଂହ, ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ' ରଥ ପାଇଁ ଉଦ୍ଦିଷ୍ଟ ଏହି ଧ୍ୱଜପଟାରେ ଶ୍ରୀହନୁମାନ ଏବଂ ଦେବୀ ସୁଭଦ୍ରାଙ୍କ 'ଦେବଦଳନ' ବା 'ଦର୍ପଦଳନ' ରଥ ପାଇଁ ଉଦ୍ଦିଷ୍ଟ ଏହି ଧ୍ୱଜପଟାରେ ଶ୍ରୀଭୁବନେଶ୍ୱରୀଙ୍କ ବିଗ୍ରହ ଉତ୍କୀର୍ଣ୍ଣ ହୋଇଥାଏ । ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ଏହି 'ରଥଧ୍ୱଜ'ତ୍ରୟ ନବକଳେବର ସମୟରେ ହିଁ ନୂତନ ଭାବରେ ନିର୍ମିତ ହୋଇଥାଆନ୍ତି । ଘଟ ପରିବର୍ତ୍ତନ ପରେ ବିଦାୟୀ ବିଗ୍ରହଙ୍କ ସହ ପୁରାତନ ଧ୍ୱଜପଟା ମଧ୍ୟ ପାତାଳୀ ହୋଇଥାଆନ୍ତି । ଏଣୁ ଏହାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି ।

ଆଉ ଗୋଟିଏ ବିଷୟ ମଧ୍ୟ ଏ ପ୍ରସଙ୍ଗରେ ବିଶେଷ ଗୁରୁତ୍ୱପୂର୍ଣ୍ଣ । ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ବା ରଥଯାତ୍ରା ଦିନ ସକାଳେ, ଶ୍ରୀମନ୍ଦିର ପରିସରରେ ଥିବା ଚାହାଣି ମଣ୍ଡପ (ସ୍ନାନବେଦି ନିକଟ)ଠାରେ ଏକ ପ୍ରତିଷ୍ଠା ଯଜ୍ଞ ଅନୁଷ୍ଠିତ ହୁଏ । ଏହି ପ୍ରତିଷ୍ଠା ଯଜ୍ଞରେ ତିନିରଥର ଏହି ତିନି 'ଧ୍ୱଜ' ସହିତ ସଂପୃକ୍ତ ରଥର ଆୟୁଧଙ୍କର ପୂଜା ବା ପ୍ରତିଷ୍ଠା ମଧ୍ୟ କରାଯାଏ । ତିନିରଥର ଧ୍ୱଜ ଓ ଆୟୁଧଙ୍କ ପାଇଁ ଦେଉଳ ପୁରୋହିତ ଏହି ପ୍ରତିଷ୍ଠା ଯଜ୍ଞ କରିଥାଆନ୍ତି । ସେଥିରେ ଶ୍ରୀବଳଭଦ୍ରଙ୍କ ରଥର 'ଶ୍ରୀନୃସିଂହ ଧ୍ୱଜ' ସହିତ ଆୟୁଧ ଭାବରେ ହଳ ଓ ମୂଷଳ, ଶ୍ରୀଜଗନ୍ନାଥଙ୍କ ରଥର 'କପି (ହନୁମାନ) ଧ୍ୱଜ' ସହିତ ଆୟୁଧ ଭାବରେ ଶଙ୍ଖ ଓ ଚକ୍ର ଏବଂ ଦେବୀ ସୁଭଦ୍ରାଙ୍କ ରଥର 'ଭୁବନେଶ୍ୱରୀ ଧ୍ୱଜ' ସହିତ ଆୟୁଧ ଭାବରେ ପଦ୍ମ ଓ କହ୍ଲାର ପୂଜିତ ହୁଅନ୍ତି । 'ରଥଧ୍ୱଜ' ପରି ଏହି 'ରଥଆୟୁଧ' ମଧ୍ୟ କ୍ଷୁଦ୍ର କାଠ ପଟାରେ ଖୋଦିତ ବା ଅଙ୍କିତ ହୋଇ ଥାଆନ୍ତି ।


ପ୍ରତିଷ୍ଠା ଯଜ୍ଞ ସଂପନ୍ନ ହେବା ପରେ ଏହି ଧ୍ୱଜ ଓ ଆୟୁଧଙ୍କୁ ଉପଯୁକ୍ତ ମର୍ଯ୍ୟାଦା ସହିତ ନିଆଯାଇ ସଂପୃକ୍ତ ରଥର ପାରାଭାଡ଼ି (ଦଧିନଉତି ଓ ଖପୁରିର ନିମ୍ନଭାଗ)ଠାରେ ଖଞ୍ଜାଯାଏ । ଏହା ପରେ ହୁଏ ଶ୍ରୀକ୍ଷେତ୍ରର ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ।

ଏହା ସ୍ପଷ୍ଟ ଭାବରେ ସୂଚାଏ ଯେ ଶ୍ରୀଗୁଣ୍ଡିଚା ଯାତ୍ରାର ଏହି ତିନିରଥର ତିନି ଦେବ-ଦେବୀ ଦ୍ୱାପର ଯୁଗର ତିନି ଭାଇଭଉଣୀ- ବଳରାମ, କୃଷ୍ଣ ଓ ସୁଭଦ୍ରା ରୂପେ ଆଖ୍ୟାୟିତ ହେଲେ ମଧ୍ୟ, ପ୍ରକୃତରେ ତିନି ରଥର ଅଧିଷ୍ଠିତ ଦେବଦେବୀ ହେଉଛନ୍ତି- ଶିବ, ବିଷ୍ଣୁ ଓ ଶକ୍ତି । ଏହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।




**Jayadurga Homecare Products Pvt. Ltd.**
**Mancheswar, Bhubaneswar**
**Customer Care : 9861049796, 9238349796**

ପ୍ରସଙ୍ଗ - ୨



# ମହାପ୍ରସାଦର ମହତ୍ତ୍ୱ

# ଛପନ ଭୋଗ


**ବିଚିତ୍ରା ଦାଶ**

ଶ୍ରୀମୟ, ଇନ୍ଦ୍ରଦ୍ୟୁମ୍ନ ଛକ, ଟିକରପଡ଼ା, ପୁରୀ-୭୫୨୦୦୨
ଫୋନ:୯୪୩୮୫୦୪୫୮୯


ଫଟୋ ସୌଜନ୍ୟ : ଲେଖିକା



ଲେଖିକା ବିଚିତ୍ରା ଦାଶ

ପୃଥିବୀ ପ୍ରସିଦ୍ଧ ପୁରୁଷୋତ୍ତମ କ୍ଷେତ୍ରର ମହାନାୟକ ଶ୍ରୀଜଗନ୍ନାଥଙ୍କୁ ଅର୍ପିତ ନୈବେଦ୍ୟକୁ ମହାପ୍ରସାଦ କୁହାଯାଏ । ଏହି ମହାପ୍ରସାଦର ପ୍ରଭାବ ଯୋଗୁଁ ଶ୍ରୀକ୍ଷେତ୍ର ଧାମ ଦ୍ୱାରକା, ବଦ୍ରିନାଥ, ରାମେଶ୍ୱରମ୍ ଠାରୁ ଶ୍ରେଷ୍ଠ । ଚଣ୍ଡାଳ, ବ୍ରାହ୍ମଣ, ଧନୀ-ଦରିଦ୍ର, ଜାତି-ବର୍ଣ୍ଣ ନିର୍ବିଶେଷରେ ଏକତ୍ର ମହାପ୍ରସାଦ ସେବନ କରି ନିଜକୁ ପରମ କୃତାର୍ଥ ମନେ କରନ୍ତି । ସାରା ବିଶ୍ୱରେ ଅନ୍ୟ କେଉଁଠାରେ ଏପରି ଦୃଶ୍ୟମାନ ହୁଏ ନାହିଁ । କୌଣସି ଦ୍ରବ୍ୟ ଦେବତାଙ୍କୁ ଅର୍ପଣ କରାଯିବା ପରେ ତାକୁ ପ୍ରସାଦ କୁହାଯାଏ । କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରାଯାଉଥିବା ନୈବେଦ୍ୟକୁ ମହାପ୍ରସାଦ କୁହାଯାଏ । ମହାପ୍ରଭୁଙ୍କୁ ଯେଉଁ ଭୋଗ ଅର୍ପଣ କରାଯାଏ ତାହା ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇ ବୈଦିକ ବିଧାନରେ ସଂସ୍କାର କରାଯାଇଥାଏ । ମହାପ୍ରସାଦର ମହାତ୍ମ୍ୟ ସମ୍ବନ୍ଧରେ କୁହାଯାଇଛି ତାହା ଶ୍ରୀମନ୍ଦିରର ପାକଶାଳାରେ ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀଙ୍କ ଆନୁକୂଲ୍ୟରେ ପାକ କରାଯାଏ ଏବଂ ଶ୍ରୀ ଜଗନ୍ନାଥଙ୍କୁ ଭୋଗ ଅର୍ପଣ ଉପରାନ୍ତ ଶ୍ରୀମନ୍ଦିର ବେଢ଼ାରେ ନୈରତ କୋଣରେ ଅବସ୍ଥିତ ମା' ବିମଳାଙ୍କୁ ସମର୍ପଣ କରାଯାଏ । ବୈଦିକ ଶାସ୍ତ୍ରାନୁସାରେ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯାଉଥିବା ନୈବେଦ୍ୟ ଷଡ଼ାଙ୍ଗ ସଂସ୍କାର ଦ୍ୱାରା ଅନ୍ନତ୍ୱରୁ ବ୍ରହ୍ମତ୍ୱରେ ପରିଣତ ହୁଏ । ଷଡ଼ାଙ୍ଗ ସଂସ୍କାର ମଧ୍ୟରେ ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ରନ୍ଧନ, ଶ୍ରୀଯନ୍ତ୍ର ଅଙ୍କିତ ଚିତ୍ର ମୂରୁଜରେ ପରିବେଷଣ, ଦ୍ୱାବିଂଶାକ୍ଷରୀ ନୃସିଂହ ମନ୍ତ୍ରରେ ପ୍ରେକ୍ଷିତ, ଅଷ୍ଟାଦଶାକ୍ଷର ଗୋପାଳମନ୍ତ୍ରରେ ନିବେଦିତ, ଭୈରବୀ ଚକ୍ରରେ ବିମଳାଙ୍କୁ ସମର୍ପଣ ଏବଂ ଶେଷରେ ବିଶ୍ୱକେସେନ, ଶୁକ, ପ୍ରହ୍ଲାଦ, ହନୁମାନ, ନାରଦ, ବୈନତେୟ, ଦେବକ, ଇନ୍ଦ୍ରଦ୍ୟୁମ୍ନାଦି ଅଷ୍ଟ ସାତ୍ତ୍ୱିକ ବୈଷ୍ଣବଙ୍କୁ ଅନ୍ନବଳି ପ୍ରଦାନ ଫଳରେ ତାହା ମହାପ୍ରସାଦରେ ପରିଣତ ହୋଇଥାଏ । ଏହି ପ୍ରଣାଳୀ ବିଶ୍ୱର ଅନ୍ୟ କୌଣସି ଦେବାଦେବୀଙ୍କ ପୂଜାନୀତିରେ ଅନୁସୃତ ହୁଏନାହିଁ, ସେହେତୁ ଶ୍ରୀଜଗନ୍ନାଥ ଭୋଗ 'ମହାପ୍ରସାଦ' ରୂପେ ସୁପ୍ରସିଦ୍ଧ । ଶ୍ରୀଜଗନ୍ନାଥଙ୍କୁ ସାଧାରଣତଃ ଦୁଇ ପ୍ରକାର ନୈବେଦ୍ୟ ଅର୍ପଣ କରାଯାଏ । ଅନ୍ନ, ଡାଲି, ବେସର, ମହୁର ଆଦି ସଙ୍କୁଡ଼ି ଭୋଗ ଏବଂ ଆରିସା, କାକରା, ଖଜା, ପୁଳି,ନାଡ଼ି, ନିସଙ୍କୁଡ଼ି ଭୋଗ । ଦୈନିକ ମହାପ୍ରଭୁଙ୍କୁ ଛପନ ପ୍ରକାରର ଭୋଗ ଅର୍ପଣ କରାଯାଏ । ଛପନ ଭୋଗ ହେଲା ଅଟକାଳି, ଅମାଲୁ, ଆରିସା, ଏଣ୍ଡୁରି, କଦମ୍ବ, କାକରା, କାନ୍ତି, କେଳି, କେରା, ଖଇରଚୂଳ, ଖଜା, ଖିରି,ଖିରିସଂ, ଖୁରୁମା, ଖେଚେଡ଼ି, ଗଇଁଠା, ଗଜା, ଗୋଟାଳି, ଚକଟା, ଚକୁଳି, ଚିତଉ, ଛୁଞ୍ଚିପତ୍ର, ଜଗନ୍ନାଥବଲ୍ଲଭ, ଜେନାମଣି, ଝିଲ୍ଲି, ଟାକୁଆ, ଡାଳିମ୍ବ, ଚକା ଅବସର, ତ୍ରିପୁରୀ, ଅଉଲା, ନାଡ଼ି, ପଣସୁଆ, ପଣା, ପାଚେଡ଼ି, ପାପୁଡ଼ି, ପାଲୁଅ, ପଖାଳ, ପିଠା, ପୁରୀ, ପୁଳି, ଫେଣି, ବଡ଼ା, ବଳିବାମନ, ଭଜା, ମଣ୍ଡା, ମନୋହରୀ, ମହାଦେଇ, ମାଣ୍ଡୁଆ, ମୋହନ ଭୋଗ, ରସାବଳୀ, ଲଡ୍ଡୁ, ରାଧାବଲ୍ଲଭ, ଲହୁଣିଖିଆ, ଲକ୍ଷ୍ମୀ ବିଳାସ, ସରସ୍ୱତିଆ, ହଂସବଲ୍ଲଭ ।

ଏହି ଛପନ ଭୋଗକୁ କୋଠଭୋଗ ବା ରାଜଭୋଗ ମଧ୍ୟ କୁହାଯାଏ । ଶ୍ରୀକ୍ଷେତ୍ରର ମଠ ପରମ୍ପରା ମୁଦ୍ରାର ଦୁଇପାର୍ଶ୍ୱ ପରି ପରସ୍ପର ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଶ୍ରୀମନ୍ଦିର ନିତିକାନ୍ତି, ଯାନିଯାତ୍ରା, ପର୍ବପର୍ବାଣି ସହିତ । ଉତ୍କଳୀୟ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମ ସ୍ୱରୂପକୁ କଳନା କରିବା ଏବଂ ବିଶ୍ଳେଷଣ କରିବା ସଂପୂର୍ଣ୍ଣ ଭାବରେ ଅସମ୍ଭବ । କତିପୟ ଗୁଣଗ୍ରାହୀ ବ୍ୟକ୍ତିଙ୍କ ଶତତ ପ୍ରଚେଷ୍ଟା ଦ୍ୱାରା ଉତ୍କଳର ଅଧିବାସୀମାନେ ଶ୍ରୀ ବିଗ୍ରହଙ୍କ ନିତ୍ୟଲୀଳା ସମ୍ବନ୍ଧରେ ସାମାନ୍ୟତମ ବିଶୁଦ୍ଧ ଅନୁଭବ କରିପାରୁଛନ୍ତି । ଯେପରିକି ରାଜଭୋଗ ବା କୋଠଭୋଗରେ ଛପନ ପ୍ରକାରର ବ୍ୟଞ୍ଜନ ଶ୍ରୀମନ୍ଦିର ରୋଷଶାଳାରେ ପ୍ରସ୍ତୁତ ହୋଇ ରତ୍ନସିଂହାସନ ନିକଟରେ ପ୍ରାତଃ ସମୟରୁ ଆରମ୍ଭ କରି ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଅର୍ପଣ କରାଯାଏ । ଉକ୍ତ ନୈବେଦ୍ୟର ଦ୍ରବ୍ୟ ପୂର୍ବରୁ ରାଜାଙ୍କ ଦ୍ୱାରା ପ୍ରଦାନ କରାଯାଉଥିଲା । ବର୍ତ୍ତମାନ ଏହା ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ଯୋଗାଇ ଦିଆ ଯାଉଛି । ୧୯୩୦ ମସିହାରୁ ଆଜି ପର୍ଯ୍ୟନ୍ତ ଛପନଭୋଗର ପ୍ରସ୍ତୁତି ପ୍ରଣାଳୀରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ଶ୍ରୀମନ୍ଦିରରେ ଭୋଗ ମଣ୍ଡପରେ ଅର୍ପଣ ହେଉଥିବା ନୈବେଦ୍ୟ ବରାଦିଭୋଗ, ମଠମାନଙ୍କ ଭୋଗରେ ସର୍ବଦା ତାରତମ୍ୟ ପରିଲକ୍ଷିତ ହୁଏ ।

ପ୍ରଥମ ଭୋଗ ହେଉଛି ବଲ୍ଲଭ ଭୋଗ । ଏହା ଶ୍ରୀମନ୍ଦିର ଗର୍ଭଗୃହ ଓ ଜଗମୋହନ ମଧ୍ୟସ୍ଥଳ ଯାହାକି ବଲ୍ଲଭ ପିଣ୍ଡି ବା ଅଣସର ପିଣ୍ଡି ଭାବେ ପରିଚିତ । ସେହିଠାରେ ବଲ୍ଲଭ ଭୋଗ ବଢ଼ା ଯାଇ ପୂଜା କରାଯାଇଥାଏ । ଚାରିଗୋଟି ଧୂପ ରତ୍ନସିଂହାସନ ସମ୍ମୁଖସ୍ଥ ଗର୍ଭଗୃହ ବା ପୋଖରିଆରେ ମୂରୁଜ ପଡ଼ି ଯଥାକ୍ରମେ ସକାଳ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ, ବଡ଼ସିଂହାର ଧୂପ ଅନୁଷ୍ଠିତ ହୋଇଥାଏ । ଏଥିମଧ୍ୟରୁ ପ୍ରଥମ ତିନୋଟି ଧୂପ ଷୋଡ଼ଶ ଉପଚାରରେ ପୂଜା ହେଉଥିବା ବେଳେ ସର୍ବଶେଷ ବଡ଼ସିଂହାର ଧୂପ ପଞ୍ଚୋପଚାରରେ ହୋଇଥାଏ । ପରିଦୃଶ୍ୟମାନ ଶ୍ରୀମନ୍ଦିରରେ ଥିବା ରୋଷଶାଳାଟି ପୂର୍ବଦିଗ ଠାରୁ ଦକ୍ଷିଣ ଦିଗ ଆଡ଼କୁ ଦଶଗୋଟି କୋଠରୀକୁ ନେଇ ଗଠିତ । ଏହାର

ଲମ୍ବ ୧୦୦ଫୁଟ୍ ଓସାର ୮୦ଫୁଟ । ଉକ୍ତ ଗୃହମାନଙ୍କରେ ୨୪୦ଗୋଟି ଚୂଲା ରହିଛି । ଉପରୋକ୍ତ ଚୂଲା ମଧ୍ୟରୁ ୭ଗୋଟି ଚୂଲାରେ କୋଠ ଭୋଗ ପ୍ରସ୍ତୁତ ହୁଏ । ଅନ୍ୟ ଚୂଲା ମଧ୍ୟରୁ ବଡ଼ବାଡ଼ ରୋଷ, ସାତପୁରୀ ରୋଷ, କୋଠଭୋଗ ରୋଷ, ଥାଳିଆଡ଼ ରୋଷ, ଶ୍ରୀମନ୍ଦିର ପୁରାତନ ରୋଷର ନାମ ମେରଦା ରୋଷ । ଏହା ଭିତରେ ବେଣସ୍ଥ ସତ୍ୟନାରାୟଣ ମନ୍ଦିର ପଛପାର୍ଶ୍ୱରେ ଅବସ୍ଥିତ । ଏଥିରେ ସର୍ବମୋଟ୍ ୧୦ଗୋଟି ଚୂଲା ରହିଛି । ସେଥିମଧ୍ୟରୁ ୪ଟି ପିଠା ଚୂଲି, ୪ଟି ଅନ୍ନଚୂଲି, ୨ଗୋଟି ଅହିଆ ରହିଛି । ବର୍ତ୍ତମାନ ସମୟରେ ମେରଦା ରୋଷକାର୍ଯ୍ୟକ୍ଷମ ନୁହେଁ । ଶ୍ରୀମନ୍ଦିରରେ ୩ ପ୍ରକାରର ଚୂଲା ଦୃଷ୍ଟିଗୋଚର ହୁଏ । ସେଗୁଡ଼ିକ ହେଉଛି ଅନ୍ନଚୂଲି, ଅହିଆ (ଯେଉଁଥିରେ ଡାଲି, ବେସର, ମହୁର, ଖଟା, ଶାଗ ପ୍ରସ୍ତୁତ କରାଯାଏ) ଏହା ଗୋଟି ଛୋଟ ମଣ୍ଡପ ପରି ହୋଇଥାଏ, ତାହା ଉପରେ କାଠ ଅଙ୍ଗାର ଦ୍ୱାରା ପ୍ରଜ୍ୱଳିତ ହୋଇ ବିଞ୍ଚଣା ସାହାଯ୍ୟରେ ବିଞ୍ଚା ଯାଇ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ । ଅନ୍ୟଦୁଇଟି ଚୂଲାରେ କାଠ ଦ୍ୱାରା ଅଗ୍ନି ପ୍ରଜ୍ୱଳିତ ହୁଏ ।

ଶ୍ରୀମନ୍ଦିରରେ ଦୈନନ୍ଦିନ ୨୨ଗୋଟି ନୀତି ପାଳିତ ହୋଇଥାଏ । ପ୍ରଥମେ ଦ୍ୱାରଫିଟା, ମଙ୍ଗଳ ଆଳତୀ, ଅବକାଶ, ସାଧାବେଶ, ଗୋପାଳ ବଲ୍ଲଭ, ସକାଳ ଧୂପ, ଭୋଗ ମଣ୍ଡପ, ମଧ୍ୟାହ୍ନ ଧୂପ, ସଂଧ୍ୟା ଆଳତୀ, ସଂଧ୍ୟା ଧୂପ, ଚନ୍ଦନ ଲାଗି, ବଡ଼ ସିଂହାର ବେଶ, ବଡ଼ସିଂହାର ଭୋଗ, ରାତ୍ର ପହୁଡ଼ । ଉପରୋକ୍ତ କାର୍ଯ୍ୟ ସମ୍ପାଦନ ନିମନ୍ତେ ୮୫ଜଣ ସେବକଙ୍କର ଆବଶ୍ୟକତା ପଡ଼ିଥାଏ । ସେବକମାନଙ୍କର ପ୍ରକାର ଭେଦ ଏହିପରି: ଭିତରଚ୍ଛ, ପୁଷ୍ପପାଳକ, ପ୍ରତିହାରୀ, ଅଖଣ୍ଡ ମେକାପ, ମୁଦୁଲି, ଖୁଣ୍ଟିଆ ପୂଜାପଣ୍ଡା, ପ୍ରଧାନୀ, ମହାଜନ, ଶୁଦ୍ଧ ସୁଆର, ମହାସୁଆର, ବଡୁସୁଆର, ପନ୍ତି ବଡୁ, ପାଣିଆପଟ, ଖଟଶେଯ ମେକାପ, ଭଣ୍ଡାର ମେକାପ, ଚଙ୍ଗଡ଼ା ମେକାପ, ମୁଦ୍ରା, ଦେଉଳ କରଣ, ତେଢ଼ କରଣ, ବେହେରା କରଣ, ଲେଙ୍କା ।

ରତ୍ନସିଂହାସନ ନିକଟରେ ୪ଟି ଧୂପ ଅନୁଷ୍ଠିତ ହୋଇଥାଏ ତନ୍ମଧ୍ୟରେ ସକାଳ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ ଓ ବଡ଼ସିଂହାର ଧୂପ ଅନ୍ତର୍ଭୁକ୍ତ ଅଟେ । ଉକ୍ତ ଭୋଗକୁ କୋଠ ଭୋଗ ବ ରାଜଭୋଗ କୁହାଯାଏ । ଏହି ଭୋଗ ସାମଗ୍ରୀ ଶ୍ରୀମନ୍ଦର ପ୍ରଶାସନ ତରଫରୁ ଦୈନନ୍ଦିନ କୋଠ ଭୋଗ ଗୋଦାମରୁ ଯୋଗାଇଥାଏ ୧୯୬୦ ମସିହା ପୂର୍ବରୁ ଭୋଗ ଦ୍ରବ୍ୟାଦି ସାମଗ୍ରୀମାନ ଗଜପତି ମହାରାଜା ଯୋଗାଇ ଆସୁଥିଲେ ।

ଦୈନନ୍ଦିନ ଶ୍ରୀମନ୍ଦିରରେ ୬୦ରୁ ଉର୍ଦ୍ଧ୍ୱ ପ୍ରକାରର ଭୋଗ ଦ୍ରବ୍ୟ ବିଭିନ୍ନ ଧୂପରେ ନୈବେଦ୍ୟ ହୋଇଥାଏ । କିନ୍ତୁ ମକର ସଂକ୍ରାନ୍ତି ଦିନ ୮୪ ପ୍ରକାରର ଭୋଗ ପ୍ରସ୍ତୁତ ହୋଇଥାଏ । ଶ୍ରୀମନ୍ଦିର ମଧ୍ୟରେ ଅବସ୍ଥିତ ଅନ୍ୟ ମନ୍ଦିରରେ ମଧ୍ୟ ଭୋଗ ରନ୍ଧନ ହୋଇଥାଏ ପ୍ରତ୍ୟହ ମହାଲକ୍ଷ୍ମୀଙ୍କ ରୋଗରେ ବାହାର ଦେଉଳି ସୂପକାରଙ୍କ ଦ୍ୱାରା ବାହାର ଦେଉଳି ଭୋଗ ପସ୍ତୁତି ପୂର୍ବକ ମହାଲକ୍ଷ୍ମୀଙ୍କୁ ଭୋଗ ହୋଇଥାଏ । ଏହି ଭୋଗ ମଧ୍ୟରୁ ଦକ୍ଷିଣୀ ଘରେ ବିରାଜିତ ଚଳନ୍ତି ପ୍ରତିମାମାନଙ୍କୁ ଓ ଅନ୍ୟ କେତେକ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଭୋଗ ହୋଇଥାଏ । ଏତଦ୍‌ବ୍ୟତୀତ ସୂର୍ଯ୍ୟ ମନ୍ଦିରର ରୋଷଘରେ ସ୍ୱତନ୍ତ୍ର ଭାବେ ମଜା, କାକରା, ଲଡୁ ଇତ୍ୟାଦି ପ୍ରସ୍ତୁତ ହୋଇ ଉକ୍ତ ମନ୍ଦିରରେ ବିରାଜିତ ବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ହୁଏ । ଏହି ଭୋଗ ନିସଙ୍ଖୁଡ଼ି ଅଟେ ।

କୋଠ ଭୋଗ ପ୍ରସ୍ତୁତ କରୁଥିବା ସୁଆର ଏବଂ ମହାସୁଆରଙ୍କ ନାମ ହେଉଛି ମିନ ମହାସୁଅର, ଚନ୍ଦ୍ରକାନ୍ତି, ମହାସୁଆର, ମହାସୁଆର, ପିଠାସୁଆର, ଚଣାପୁଆ, ପାରୁଆ, ଆଳିସୁଆ, ତୁଣ ସୁଆର, ଅମାଲୁ ସୁଆର, ବିଣ୍ଟୁଆ, ପୁରୁଆ, ପନ୍ତିବଡୁ, ବିଡୁଆ, ବେହେରା, ରୋଷଶାଳା ସହାୟକ ସେବା ହେଉଛି ଧୋପଖାଳ, ଅଙ୍ଗାରୁଆ, ଗୋବରପାଣିଆ, ରବାଡ଼ିଆ, କୋଠଭୋଗ ଯୋଗାଣିଆ, ହାଣ୍ଡି ଯୋଗାଣିଆ, ବିରିବଟା ସମର୍ଥା, କୋଠଭୋଗ ପାଣିଆ ।

ଶ୍ରୀମନ୍ଦିରର ଶ୍ରୀ ମହାପ୍ରସାଦ ମହାତ୍ମ୍ୟ ସଂପର୍କରେ ପଦ୍ମପୁରାଣ, ସ୍କନ୍ଦ ପୁରାଣ, ବୃହତ ବିଷ୍ଣୁ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ, ରୁଦ୍ର ଯମକ, ବ୍ରହ୍ମାଣ୍ଡ ପୁରାଣ, ନୀଳାଦ୍ରି ମହୋଦୟ, ବାମଦେବ ସଂହିତା ଓ ମହାପୁରୁଷ ବିଦ୍ୟା ପ୍ରଭୃତି ଗ୍ରନ୍ଥରେ ସବିଶେଷ ବର୍ଣ୍ଣନା ହୋଇଛି । ରୋଷଶାଳାରେ ୪ ପ୍ରକାରର ଅନ୍ନ ପ୍ରସ୍ତୁତ କରାଯାଏ । ଶାଳୀ ଅନ୍ନ, କ୍ଷୀର ଅନ୍ନ, ଦଧି ଅନ୍ନ ଏବଂ ଶଂତଳ ଅନ୍ନ । ୪ ପ୍ରକାରର ପାକ ମଧ୍ୟ କରାଯାଏ । ଭୀମପାକ, ନଳପାକ, ସୌରୀପାକ ଏବଂ ଗୌରୀ ଅନ୍ୟତମ । ଭୋଗ ମଣ୍ଡପରେ ଭୋଗ ନିମନ୍ତେ ରୋଷଶାଳାରେ ବିଭିନ୍ନ ମଠମାନଙ୍କର ଚୂଲା ରହିଛି । ଶ୍ରୀରାମଦାସ ମଠ, ଶ୍ମଶାନନ୍ଦ ମଠ, ଗଙ୍ଗାମାତା ମଠ କୌଶଲ୍ୟା ଦାସ ମଠ, ଲକ୍ଷ୍ମୀଦ୍ର ମଠ, ଜଗନ୍ନାଥ ବଲ୍ଲଭ ମଠ, ଉତ୍ତର ପାର୍ଶ୍ୱ ମଠ, ବଡ଼ ଓଡ଼ିଆ ମଠ, ରାଧାକାନ୍ତ ମଠ, ବଡ଼ ଝାଡୁ ମଠ, ମହୀପ୍ରକାଶ ମଠ, ଆଚାରୀ ମଠ, ଦୁଃଖିଶ୍ୟାମ ବାବାଜୀ ମଠ, ଖକୁରିଆ ମଠ, ତ୍ରିମାଳି ମଠ, ହରିଡ଼ା ଖଣ୍ଡି ମଠ, ପଞ୍ଜାବୀ ମଠ, ରାଘବ ଦାସ ମଠ, ଏମାର ମଠ ।





ଭୋଗ ମଣ୍ଡପରେ ଦୈନନ୍ଦିନ ଅନ୍ନ, ଡାଲି, ବେସର, ଶାଗ, ମହୁର, ମଧୁରୁଚି, କାନିକା, ଖେଚେଡ଼ି, ଘିଅ ଅନ୍ନ, ଡାଲମା, ଗୋଟି ପୋଟଳ, ରାଇତା, ଫାଳ ସୋଲା, ଦେଶୀ ଆଳୁରସା, କଦଳୀ ରସା, ଗଡ଼ା, ଫେଣି ଭୋଗ କରାଯାଏ । କୋଠ ଭୋଗରେ ବିରି, ଚାଉଳଚୂନା, ଅଟା ଦ୍ୱାରା ବିଭିନ୍ନ ପ୍ରକାରର ପିଠା ପ୍ରସ୍ତୁତ କରାଯାଏ । ଚନ୍ଦ୍ରକାନ୍ତି, କାକତୁଆ, ଝିଲ୍ଲୀ, ଚଣ୍ଡମାଠପୁଳି, ହଂସକେଳି, ତାଟ ଖେଚେଡ଼ି, କାନିକା, ଥାଳି ଖେଚେଡ଼ି, ନୁଖୁରା ଖେଚେଡ଼ି, ମେଣ୍ଢା ମୁଣ୍ଡିଆ ଖେଚେଡ଼ି, ସାନକାନ୍ତି, ମାଠପୁଳି, ହଂସକେଳି, ତଟ ଖେଚେଡ଼ି, କାନିକା, ଥାଳି ଖେଚେଡ଼ି, ନୁଖୁରା ଖେଚେଡ଼ି, ମେଣ୍ଢା ମୁଣ୍ଡିଆ ଖେଚେଡ଼ି, ସାନକାନ୍ତି, ଏଣ୍ଡୁରି, ପୁଳିପିଠା, ଶାଗ, ଅଦା, ପାଚେଡ଼ି, ଭଜା, ତିପୁରୀ, ଆରିସା, ବଡ଼ା, କାକରା, ମହାବୀର ପିଠା, ଫେଣି, ଝଡ଼େଇନେଦା, ଆରିସା ବଡ଼ା, କାକରା, ମହାବୀର ପିଠା, ଫେଣି, ଝଡ଼େଇ ନେଦା, ଓରିଆ, ମୁଗଡାଲି, ପିତାଅନ୍ନ, ମରିଚି ପାଣି, ମନୋହର, ଖଇରଚୂଳ, ଖରିସା, ପଖାଳ, ପାଣି ପଖାଳ, ଅମାଲୁ, କଅଁଳ ପୁଳି, ହତପୋଡ଼ା, ଅମାଲୁ ସରପୁଳି ପିଠା, ସୁଆର ପିଠା, କଦଳୀ ବଡ଼ା, କ୍ଷୀରି, କାଞ୍ଜି, ରୋଗ ପଇକ ପିଠା ଇତ୍ୟାଦି ।

## ଛପନ ଭୋଗ ପିଠା ଓ ଅନ୍ୟାନ୍ୟ ଭୋଗର ପ୍ରସ୍ତୁତି ପ୍ରଣାଳୀ

**ଚନ୍ଦ୍ରକାନ୍ତି:** ଚନ୍ଦ୍ରମଣି ଜେମାଦେଇଙ୍କ ନାମରେ ଏହି ପିଠାର ସୃଷ୍ଟି ହୋଇଥିଲା । ଶ୍ରୀ ବିଗ୍ରହଙ୍କ ସକାଳ ଧୂପର ଏହା ହେଉଛି ପ୍ରଥମ ରାଜଭୋଗ ଯାହାକି ଅଗୋଳିଆ ଓ ଅମିଶା ବିରିରେ ପ୍ରସ୍ତୁତ ହୋଇଥାଏ । ଏହି ପିଠାର ଆକୃତି ଚନ୍ଦ୍ର ସଦୃଶ ହୋଇଥାଏ । ଶ୍ରୀ ଛାମୁରୁ ଭୋଗ ଡାକି ଆସିଲେ ପ୍ରଥମେ ଛେକରେ ଚନ୍ଦ୍ରକାନ୍ତି ମହାସୁଆର ଉକ୍ତ ପିଠାକୁ ସରାରେ ଧରି ସବା ଆଗରେ ଯାଇଥା'ନ୍ତି ।

**କାକୁଡିଆ ଝିଲ୍ଲୀ:** ଏହି ପିଠାଟି ଅଗୋଳିଆ ବିରିରେ ପ୍ରସ୍ତୁତ ହେଇଥାଏ । ଏଥି ନିମନ୍ତେ ଏକ ନୂଆ କନାରେ ବିରିକୁ ରଖାଯାଇ କଡ଼େଇ (ତେଲୁଣି)ରେ ଘିଅ ତାଡ଼ିବା ପରେ ଝିଲ୍ଲୀ ସଦୃଶ ଛଣା ଯାଇ ତାହାକୁ ଗୁଡ଼ ପାଗରେ ତିଆରି କରା ଯାଇଥାଏ । କୋଠ ଭୋଗ ଚୁଲି ଲାଗିବା ପରେ ପ୍ରଥମେ କାକତୁଆ ଝିଲ୍ଲୀର ପ୍ରସ୍ତୁତ ହୋଇଥାଏ । ଏହା ସକାଳ ଧୂପ ରାଜଭୋଗର ଏକ ବିଶେଷ ପିଠା ଅଟେ ।

**ଚଣ୍ଡମାଠପୁଳି:** ଏହା ଏକ ବିରି ଜାତୀୟ ପିଠା । ବଟା ବିରି ଓ ଅରୁଆ ଚାଉଳ ଚୁନା ସହିତ ହେଙ୍ଗୁ, ଅଦା, ଲୁଣ ମିଶାଯାଇ ଗୋଲାକାର ସଦୃଶ ପିଠା ଘିଅରେ ଛଣା ଯାଇଥାଏ । ଏହି ପିଠା ଆସନ ଉପରେ ରହିବା ପରେ ତାଡ଼ରେ ସଜା ଯାଇଥାଏ । ପିଠା ଉପରେ ଖଣ୍ଡ (ଚିନିର ବିକଳ୍ପ) ଛିଞ୍ଚା ଯାଇ ଭୋଗ ନିମିତ୍ତ ଶ୍ରୀ ଛାମୁକୁ ଯାଇଥାଏ । ଏହା ପାଳିଆ ପୂଜା ପଣ୍ଡା ସେବକମାନଙ୍କର ଖେଇ ବାବଦ ପ୍ରାପ୍ୟ ଅଟେ । ସୁତରାଂ ଏହି ଭୋଗଟି 'ଚଣ୍ଡମାଠପୁଳି' ନାମରେ ସୁପରିଚିତ ।

**ହଂସକେଳି:** ଏହି ପିଠା ବିରିବଡ଼ି ସଦୃଶ ଏକ ସ୍ୱତନ୍ତ୍ର ଧରଣର ପିଠା ଓ ଏହା ଉପରେ ଖଞ୍ଜା ଛିଞ୍ଚା ଯାଇଥାଏ । ସରାରେ ଚକ୍ର ଆକାରରେ ଏହି 'ହଂସକେଳି' ପିଠାକୁ ଏଭଳି ସଜା ଯାଇଥାଏ ଯେ, ଏହା ମନ୍ଦିରର ଦଧିନଉତି ସଦୃଶ ଦୃଶ୍ୟମାନ ହୋଇଥାଏ । ସକାଳ ଧୂପରେ ଭୋଗ ନିମନ୍ତେ ୪ ସରା ହଂସକେଳି ଭୋଗ ହୋଇଥାଏ । ଉଲ୍ଲେଖଯୋଗ୍ୟ ଯେ, ଗୋଟିଏ ସରାରେ ୩୬ଟି ବଡ଼ି ରହିଥାଏ ।

**ତଟଖେଚେଡ଼ି :** ଗଜପତି ମହାରାଜାଙ୍କ ଶ୍ରୀ ନଅରକୁ ଯାଉଥିବା ଖେଚେଡ଼ି ମହାପ୍ରସାଦ 'ତାଟ ଖେଚେଡ଼ି' ନାମରେ ପରିଚିତ । ସେରେକିଆ କୁଡ଼ୁଆରେ ଏହି ଖେଚେଡ଼ି ଭୋଗ ହୋଇ ଦୈନନ୍ଦିନ ଗଜପତିଙ୍କ ଶ୍ରୀନଅରକୁ ଖେଇ ପ୍ରାପ୍ୟ ସ୍ୱରୂପ ପଠା ଯାଇଥାଏ ।

**ମଜୁରୀ ଖେଚେଡ଼ି:** ପନ୍ତିବଡ଼ୁ ପାଳିଆ ସେବକମାନେ ପ୍ରତ୍ୟହ ଦୁଇଟି ଖେଚେଡ଼ି କୁଡ଼ୁଆ ମହାପ୍ରସାଦ ଖେଇ ଭାବେ ପାଇଥା'ନ୍ତି । ଏହା ଶ୍ରୀମନ୍ଦିର ପରିଭାଷାରେ 'ମଜୁରୀ ଖେଚେଡ଼ି' ନାମରେ କୁହାଯାଇଥାଏ ।

**କାନିକା:** ଶ୍ରୀମନ୍ଦିରରେ ପ୍ରଚଳିତ ଥିବା ଅନ୍ୟ ମହାପ୍ରସାଦମାନଙ୍କ ମଧ୍ୟରେ ଏହା ସର୍ବପ୍ରାଚୀନ ଅଟେ । ଉତ୍କଳୀୟ ଭୋଗ ପରମ୍ପରାର ଏହା ଏକ ଅନନ୍ୟ ତଥା ସ୍ୱତନ୍ତ୍ର ଅଟେ । ସରୁ ଉତ୍କୃଷ୍ଟ ଭୋଗ ଅରୁଆ ଚାଉଳରେ ଭଲ ଘିଅ, ଗୁଡ଼ଖଣ୍ଡ, ଡାଲ୍‌ଚିନି, ଲବଙ୍ଗ, ଅଳେଇଚ ପକାଯାଇ ଏହି 'କାନିକା' ପ୍ରସ୍ତୁତ ହୋଇଥାଏ ।

**ଥାଳିଖେଚେଡ଼ି:** ଏହି ଥାଳି ଖେଚେଡ଼ି 'କର୍ମାବାଇ ଖେଚେଡ଼ି' ନାମରେ ସୁପରିଚିତ । ଜନୈକା ଶ୍ରୀଜଗନ୍ନାଥଙ୍କ ଭକ୍ତ କର୍ମାବାଇଙ୍କ ସ୍ମୃତିରେ ଏହି ଖେଚେଡ଼ି କୋଠଭୋଗ ପନ୍ତିରେ ନୈବେଦ୍ୟ ହେଉଛି । ଉକ୍ତ ଖେଚେଡ଼ିକୁ ପ୍ରଥମ ଛେକରେ ପନ୍ତିବଡ଼ୁ ସେବକ ଆଣି ବଳଭଦ୍ରଙ୍କ ବାଡ଼ ପନ୍ତିରେ ପକା ଯାଉଥିବା ଥାଳିରେ ବାଢ଼ି ସେଥିରେ ଘିଅ ପକାଇ ଥା'ନ୍ତି । ସେହିପରି ଜଗନ୍ନାଥ ଓ ସୁଦର୍ଶନଙ୍କ ଥାଳିରେ ବେହେରା ପନ୍ତି ବଡ଼ୁ ସୁଭଦ୍ରାଙ୍କ ଥାଳିରେ ବିଡୁଆ ପନ୍ତିବଡ଼ୁ ଖେଚେଡ଼ି ଅନ୍ନ ବାଢ଼ି ସେଥିରେ ଘିଅ ପକାଇଥା'ନ୍ତି ।

**ନୁଖୁରା ଖେଚେଡ଼ି:** ୩ କୁଡ଼ୁଆ ନୁଖୁରା ଖେଚେଡ଼ି ପ୍ରତ୍ୟହ ଶ୍ରୀବିଗ୍ରହଙ୍କ ସକାଳ ଧୂପ ରାଜଭୋଗରେ ନୈବେଦ୍ୟ ହୋଇଥାଏ । ଏହି ଖେଚେଡ଼ି କେବଳ ମୁଗ, ଚାଉଳ, ଅଦା, ହେଙ୍ଗୁ ପକାଯାଇ କୁଡ଼ୁଆରେ ରନ୍ଧାଯାଇଥାଏ । ଏଥିରେ ଘିଅ ପଡୁନଥିବାରୁ ଏହାକୁ 'ନୁଖୁରା ଖେଚେଡ଼ି' କୁହାଯାଏ ।

**ମେଣ୍ଢା ମୁଣ୍ଡିଆ ଖେଚେଡ଼ି:** ଏକଗୋଟି କୁଡ଼ୁଆରେ ପ୍ରସ୍ତୁତ ଖେଚେଡ଼ି 'ମେଣ୍ଢା ମୁଣ୍ଡିଆ ଖେଚେଡ଼ି' ନାମରେ ସୁପରିଚିତ । କୁଡ଼ୁଆରେ ଏହି ଖେଚେଡ଼ି ଅନ୍ନକୁ ମେଣ୍ଢା ମୁଣ୍ଡ ସଦୃଶ ସଜା ଯାଇଥାଏ ।

**ମଠପୁଳି:** ମଠପୁଳି ପିଠା ଏକ ବିରିଜାତୀୟ ପିଠା ଅଟେ । ବିରିରେ ଅଦା, ହେଙ୍ଗୁ ଇତ୍ୟାଦି ମସଲା ପଡ଼ି ଘିଅରେ ଛଣା ଯାଇଥାଏ ।

**ଏଣ୍ଡୁରି:** ଉତ୍କଳୀୟ ପିଠାର ଏହା ଏକ ଜ୍ୱଳନ୍ତ ଉଦାହରଣ । ବିରିରେ ପ୍ରସ୍ତୁତ ଏହି ପିଠା ସିଝାଯାଇ ତିଆରି ହୋଇଥାଏ । ବିରିରେ ନଡ଼ିଆ ପାଣି, ଅଦା, ଗୋଲ ମରିଚ ଦିଆଯାଇ ତାକୁ ଚନ୍ଦ୍ର ଆକାରରେ ବଢ଼ାଯାଇ ସିଝା ଯାଇଥାଏ ।

**ଶାଗ:** ଦୈନିକ ରାଜ ଭୋଗରେ ଶାଗ ହୋଇଥାଏ । ମୁଖ୍ୟତଃ କୋଶଳା, ଲେଉଟିଆ, ଅଗସ୍ତି ଇତ୍ୟାଦି ଶାଗ ଭଲ ଘିଅରେ ସିଝାଯିବା ପୂର୍ବକ ଜିରା ଭଜା ଯାଇ ସେଥିରେ ପକା ଯାଇଥାଏ ।



**ଅଦା ପାଚେଡ଼ି:** ଖଣ୍ଡ ଅଦାକୁ ଏକ ସରାରେ ତେନ୍ତୁଳି ମଣ୍ଡ ଏବଂ ଖଣ୍ଡ ଇତ୍ୟାଦି ପକାଯାଇ 'ଅଦା ପାଚେଡ଼ି' ପ୍ରସ୍ତୁତ କରାଯାଏ ।

**ଭଜା:** ଦେଶୀ ଆଳୁ, କଦଳୀ, ପଣସ, ପୋଟଳ, ଶ୍ରମିକ, କଙ୍କଣ ଇତ୍ୟାଦି ପରିବା କଟାଯାଇ ହଳଦି, ଜିରା, ଲୁଣ ଗୋଳାଇ ବେସନ ଓ ବିରି ଦିଆଯାଇ ଭଲ ଘିଅରେ ଭଜା ଯାଇଥାଏ ।



**ଗୋପାଳ ବଲ୍ଲଭ ଭୋଗରେ ନୈବେଦ୍ୟ :**

ଏହି ଭୋଗ ଶ୍ରୀମନ୍ଦିର ଭିତର କାଠ ନିକଟସ୍ଥ ବଲ୍ଲଭ ପିଣ୍ଡି ଠାରେ ହୋଇଥାଏ । ଦୈନନ୍ଦିନ ସାହାଣ ମେଲା ଓ ବେଶ ଇତ୍ୟାଦି ନୀତି ସରିବା ପରେ ଗୋପାଳବଲ୍ଲଭ ଭୋଗ କରାଯାଏ । ପାଳିଆ ପୂଜାପଣ୍ଡା ସେବକମାନେ ବଲ୍ଲଭ ପିଣ୍ଡି ବା ଅଣସର ପିଣ୍ଡି ଠାରେ 'ପଞ୍ଚୋପଚାର' ବିଧିରେ ଏହି ଭୋଗ ହୋଇଥାଏ ।

## ଭୋଗ ତାଲିକା

ସାନ ନଡ଼ିଆ କୋରା-୨୨୮ଟି, ବଡ଼ ନଡ଼ିଆ କୋରା ୨୯ଟି, ପାଗ ଖଇ-୪୪ ଓଳି, ପାଚିଲା କଦଳୀ- ୩ ସରା, ପାତି ବା ଖୁନ୍ଦି ନଡ଼ିଆ-ନସରା, ଦହି - ୪ବଡ଼ା, ଏତଦ୍ ବ୍ୟତୀତ ବିକ୍ରୟ ଉଦ୍ଦେଶ୍ୟରେ ୧୯୮୮ ମସିହା ଠାରୁ ଗୋପାଳବଲ୍ଲଭ ପୂଜା ପରେ ଜଗମୋହନ ଠାରେ ୨୦ କୁଡୁଆ ସର, ରାବିଡ଼ି, ଖୁଆମଣ୍ଡା ଆଦି ସର୍ପାମଣୋହି ପୂର୍ବକ ଭୋଗ କରାଯାଉଛି । ସେହିପରି ଗୋପାଳବଲ୍ଲଭ ଭୋଗରେ ପୁରୀର କେତେକ ପ୍ରାଚୀନ ମଠ ପକ୍ଷରୁ ବିଭିନ୍ନ ଫଳ, ଖୁଆପେଡ଼ା, ସର, ପଇଡ଼, ଖଇ, କଦଳୀ ଇତ୍ୟାଦି ଭୋଗ କରାଯାଇଥାଏ ।

## ସକାଳ ଧୂପ

ଶ୍ରୀମନ୍ଦିରର ଦୈନିକ ଧୂପପୂଜା ମଧ୍ୟରେ ପ୍ରଥମ ହେଉଛି ସକାଳ ଧୂପ । ଗୋପାଳବଲ୍ଲଭ ଭୋଗ ସରିବା ପରେ ସକାଳ ଧୂପ ନୀତି ଅନୁଷ୍ଠିତ ହୋଇଥାଏ । ରତ୍ନସିଂହାସନାଧିଷ୍ଠିତ ଶ୍ରୀଜଗନ୍ନାଥାଦି ଦାରୁ ବିଗ୍ରହଙ୍କର ପ୍ରଥମ ଅନ୍ନଭୋଗ ହେଉଛି ସକାଳ ଧୂପ । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ବର୍ଣ୍ଣିତ ତଥ୍ୟ ପ୍ରକାରେ ୧୯୧୦ ମସିହାରେ ରାଜଭୋଗରେ ବହୁ ପରିମାଣର ଭୋଗ ଦ୍ରବ୍ୟ ପୂଜା ହେଉଥିଲା । କାଳକ୍ରମେ ସେଥିରେ ହ୍ରାସ ଘଟିଛି । ସମ୍ପ୍ରତି କୋଠଭୋଗ ବା ରାଜ ଭୋଗରେ ପୂଜା ପାଉଥିବା ଭୋଗ ଦ୍ରବ୍ୟ ମଧ୍ୟରେ ଥାଳି ଖେଚେଡ଼ି-୧୪ କୁଡୁଆ (ବଳଭଦ୍ରଙ୍କୁ) କୁଡୁଆ ସୁଭଦ୍ରାଙ୍କୁ ୨ କୁଡୁଆ, ସୁଦର୍ଶନଙ୍କୁ-୨ କୁଡୁଆ, ଜଗନ୍ନାଥଙ୍କୁ ୪ କୁଡୁଆ, ଡାଟ ଖେଚେଡ଼ି-୩ କୁଡୁଆ, କାନିକା, ନୁଖୁରା ଖେଚେଡ଼ି, ବଡ଼କାନ୍ତି ମାଠପୁଳି, ହଂସକେଳି, ପିଠାପୁଳି, ଝିଲ୍ଲି ।

## ମଧ୍ୟାହ୍ନ ଧୂପ

ଭୋଗ ମଣ୍ଡପ ନୀତି ପରେ ମଧ୍ୟାହ୍ନ ଧୂପ ଭୋଗ ଅନୁଷ୍ଠିତହୁଏ । ଏହି ଧୂପରେ ଅନେକ ପ୍ରକାରର ପିଠା ନୈବେଦ୍ୟ ହୋଇଥାଏ । ଏହା 'ଷୋଡ଼ଶ ଉପଚାର' ବିଧିରେ କରାଯାଇଥାଏ । ଛେନାପିଠା, ତ୍ରିପୁରୀ, ଆରିସା, ମାଠପୁଳି, ବଡ଼ା, କାକରା, ମହାବୀର ପିଠା, ଗୋଟିକିଆ ପଟ, ଫେଣି, ଝଡ଼େଇ ନେଦା, ତାଡ଼, ଥାଳି ଅନ୍ନ, ଭୋଗ ଓରିଆ, ପିତ ଅନ୍ନ, ମୁଗଡାଲି, ମରିଚିପାଣି, ଝଡ଼େଇ ନେଦା ଗୁଳା, ଝଡ଼େଇ ମନୋହର, ଖଇର ଚୂଳ, ମରିଚ ଲଡୁ, ବଡ଼ି ଖିରିସା, ସୁଜିବଡ଼ି ଖିରି, ଟାକୁଆ, ଗନା, ବିରିବଡ଼ି, କଡ଼ମ୍ବା ହାଣ୍ଡି, ପଣା, ସାକରା, ସୁବାସ ପଖାଳ ଇତ୍ୟାଦି ନୈବେଦ୍ୟ ହୁଏ ।

## ସଂଧ୍ୟାଧୂପ

ଭୋଗ ମଣ୍ଡପ ନୀତି ପରେ ମଧ୍ୟାହ୍ନ ଧୂପ ଭୋଗ ଅନୁଷ୍ଠିତ ହୁଏ । ଏହି ଧୂପରେ ଅନେକ ପ୍ରକାରର ପିଠା ନୈବେଦ୍ୟ ହୋଇଥାଏ । ଏହା 'ଷୋଡ଼ଶ ଉପଚାର' ବିଧିରେ କରା ଯାଇଥାଏ । ଛେନାପିଠା, ତ୍ରିପୁରୀ, ଆରିସା, ମାଠପୁଳି, ବଡ଼ା, କାକରା, ମହାବୀର, ପିଠା, ଗୋଟିକିଆ, ପଟ, ଫେଣି, ଝଡ଼େଇ ନେଦା, ତାଡ଼, ଥାଳିଅନ୍ନ, ଭୋଗ ଓରିଆ, ପିତ, ଅନ୍ନ, ମୁଗଡାଲି, ମରିଚିପାଣି, ଝଡ଼େଇ ନେଦା ଗୁଳା, ଝଡ଼େଇ ମନୋହର, ଖଇର ଚୂଳ ମରିଚି ଲଡୁ, ବଡ଼ି ଖିରିସା, ସୁଜିବଡ଼ି ଖିରି, ଟାକୁଆ, ଗନା, ବିରିବଡ଼ି, କଡ଼ମ୍ବା ହାଣ୍ଡି, ପଣା, ସାକରା, ସୁବାସ ପଖାଳ ଇତ୍ୟାଦି ନୈବେଦ୍ୟ ହୁଏ ।

## ସଂଧ୍ୟାଧୂପ


ପ୍ରତ୍ୟହ ସଂଧ୍ୟା ଆଳତୀ ପରେ ଶ୍ରୀ ବିଗ୍ରହମାନଙ୍କର ମଇଲମ, ବେଶ, ଓଲାଗି ହୋଇ ସନ୍ଧ୍ୟାଧୂପ ଅନୁଷ୍ଠିତ ହୋଇଥାଏ । ସଂଧ୍ୟାଧୂପ 'ଷୋଡ଼ଶ ଉପଚାର' ବିଧିରେ ହୋଇଥାଏ । ଚୁପୁଡ଼ା ପଖାଳ, ପାଣି ପଖାଳ, ସାକରା, ବଡ଼ଅମାଲୁ, କଅଁଳପୁଳି, ମାଠପୁଳି ଇତ୍ୟାଦି ନୈବେଦ୍ୟ ହୁଏ ।

## ବଡ଼ସିଂହାର ଧୂପ

ଏହି ଧୂପ 'ପଞ୍ଚୋପଚାର' ବିଧିରେ ଅନୁଷ୍ଠିତ ହୋଇଥାଏ । ସରପୁଳି ପିଠା, ସୁଆରପିଠା, ରୋଷ ପାଇଖ ପିଠା, ବିରିବୁହା ପିଠା, କଦଳୀ ବଡ଼ା, ମିଠା, ପଖାଳ, କ୍ଷୀରି, କାଞ୍ଜି ଇତ୍ୟାଦି ନୈବେଦ୍ୟ ହୁଏ ।

ରାଜଭୋଗ ବା କୋଠଭୋଗ ବ୍ୟତୀତ ଭୋଗ ମଣ୍ଡପରେ ବିକ୍ରୟ, ଖଟଣୀ ତଥା ବରାଦି ଭୋଗରେ ସାଧାରଣତଃ ସାଧାଅନ୍ନ, ଘିଅଅନ୍ନ, ଖେଚେଡ଼ି, କାନିକା, ମିଷ୍ଟାନ୍ନ, ଡାଲି, ଡାଲମା, ବେସର, ମହୁର, ଶାଗ, ଗୋଟି ବାଇଗଣ, ଛେନାବଡ଼ି ତରକାରୀ, ଗୋଟାମୁଗ, ମଧୁରୁଚି, କଦଳୀ ରସା, ଆଦି ଅନ୍ନବ୍ୟଞ୍ଜନ ରୋଷରେ ପ୍ରସ୍ତୁତ ହୋଇ ଭୋଗ ହୋଇଥାଏ । ଦୈନନ୍ଦିନ ଛପନ ଭୋଗ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଯୋଗାଉଥିବା ଦ୍ରବ୍ୟ- ଥାଳି ଚାଉଳ-୫୫ କିଲୋ, ଚୂନା ଚାଉଳ- ୨୯ କିଲୋ, ମୁଗ-୭ କିଲୋ, ବିରି-୧୮ କିଲୋ, ଘିଅ (ଓମଫେଡ଼), ୨୨ କିଲୋ, କିସ୍‌ମିସ୍ ୫୦ଗ୍ରାମ, ଗୁଡ଼-୨୨କିଲୋ, ଚିନି-୪କିଲୋ, ଅଟା-୨୫ କିଲୋ, ସୁଜି-୧ କିଲୋ, ହରଡ଼ ଡାଲି- ୧ କିଲୋ, ବେସନ, ଜିରା, ଗୋଲମରିଚ, ଲୁଣ, ହଳଦୀ ଗୁଣ୍ଡ, ପାନମଧୁରୀ, ଡାଲଚିନି, ଲବଙ୍ଗ, ହେଙ୍ଗୁ, ଜାଇଫଳ, ଲିଆ, ନଡ଼ିଆ, ପରିବା (କଖାରୁ ବାଇଗଣ, ପୋଟଳ, ଅଦା, ଦେଶୀଆଳୁ, କଞ୍ଚା କଦଳୀ, ଶାଗ, ତେନ୍ତୁଳି) ।

ଶ୍ରୀମନ୍ଦିରରେ କୋଠ ଭୋଗ ଏବଂ ଭୋଗ ମଣ୍ଡପ ଉପରାନ୍ତ ପର୍ବାଣୀ ଭୋଗର ବ୍ୟବସ୍ଥା ରହିଛି । ରଥଯାତ୍ରାରେ ପର୍ବଯାତ୍ରା ଭୋଗ ଆବହନମାନ କାଳରୁ ରଥରେ ନିସଙ୍ଖୁଡ଼ି ପିଡାମାନ ଭୋଗ ହେଉଥିଲା । କୌଣସି କାରଣବଶତଃ ୧୯୩୦ ମସିହା ଠାରୁ ରଥ ଉପରେ କୋରା, ଖଇ, ଗଜାମୁଗ, ବିଭିନ୍ନ ଫଳ ଯଥା କଦଳୀ, ସେଓ, କାକୁଡ଼ି, କମଳା, ଚାଉଳିଆ, ପଣସ, ଆମ୍ବ, ସେପେଟା ଭୋଗ ହେଉଛି । ଏହି ସମୟରେ ସ୍ୱତନ୍ତ୍ର ଆକାରର ନଡ଼ିଆ କୋରା ପ୍ରସ୍ତୁତ ହୋଇଥାଏ । (ନଡ଼ିଆ କୋରା ଯାଇ ଖଣ୍ଡ ଅଳେଇଚ, ଲବଙ୍ଗ ଗୁଣ୍ଡ ଦେଇ_ସ୍ତୁତ କରାଯାଏ) ଏହାକୁ ରଥକୋରା କୁହାଯାଏ । ଶ୍ରୀଗୁଣ୍ଡିଚା ମନ୍ଦିରରେ ପାର୍ବଣୀ ଭୋଗ ହୋଇଥାଏ । ଏହିପରି ବର୍ଷର ବିଭିନ୍ନ ପର୍ବରେ ବିଶେଷ ନୈବେଦ୍ୟ ଶ୍ରୀ ବିଗ୍ରହମାନଙ୍କୁ ଅର୍ପଣ କରାଯାଇଥାଏ ।


R
RITHVIKA
GOLD & DIAMOND
MASTER CANTEEN, JANPATH, BHUBANESWAR



ଫଟୋ : ଓ

# ସନ୍ଥଙ୍କ ଶ୍ରୀକ୍ଷେତ୍ର

# ଶ୍ରୀକ୍ଷେତ୍ରରେ ପଦାର୍ପଣ କରିଥିବା ଦୁଇ ସନ୍ଥଙ୍କ ଅଲୌକିକ କାହାଣୀ


## ପୀତବାସ ରାଉତରାୟ

ସମ୍ପାଦକ: ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ,
ଏ-୬୬, ପିପିଏଲ୍ ହାଉସିଂ କଲୋନୀ,
ଖଣ୍ଡଗିରି ଛକ, ଭୁବନେଶ୍ୱର-୭୫୧୦୧୯
ଫୋନ: ୯୪୩୭୫୭୪୬୪୯


ଫଟୋ ସୌଜନ୍ୟ : ଗୁଗୁଲ୍



▲ ଲେଖକ ପୀତବାସ ରାଉତରାୟ

ଶ୍ରୀଜଗନ୍ନାଥ ହେଉଛନ୍ତି ବିଚିତ୍ର ବିସ୍ମୟ ଓ ଅବୋଧ ରହସ୍ୟ । ସେ ହେଉଛନ୍ତି ଅକଳ୍ପନୀୟ, ଅବର୍ଣ୍ଣନୀୟ ଓ ଅନନ୍ୟ । ଭାରତବର୍ଷର ପୂର୍ବତଟରେ ମହୋଦଧି କୂଳରେ 'ପୁରୀ' ଯାହା 'ଶ୍ରୀକ୍ଷେତ୍ର' ବା 'ପୁରୁଷୋତ୍ତମ କ୍ଷେତ୍ର' ନାମରେ ପ୍ରସିଦ୍ଧ । ଏହି ସ୍ଥାନରେ ଚୋଡ଼ଗଙ୍ଗଦେବ ଓ ଅନଙ୍ଗଭୀମଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ମନ୍ଦିର, ଏକାଦଶ ଦ୍ୱାଦଶ ଶତାବ୍ଦୀଠାରୁ ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ଆଠଶହରୁ ଊର୍ଦ୍ଧ୍ୱ ବର୍ଷ ଧରି ପୂଜା ପାଉଥିବା ଚତୁର୍ଦ୍ଧାମୂର୍ତ୍ତି କେବଳ ସାରା ଭାରତରୁ ଲକ୍ଷ ଲକ୍ଷ ଭକ୍ତଙ୍କୁ ଆକର୍ଷିତ କରିନାହାନ୍ତି ବରଂ ବିଭିନ୍ନ ଧର୍ମ ଓ ବିଭିନ୍ନ ସଂପ୍ରଦାୟର ସାଧୁ ସନ୍ଥଙ୍କୁ ଆକର୍ଷିତ କରାଇ ବିଶ୍ୱର ବା ଜଗତର ଠାକୁର ଜଗନ୍ନାଥ ନାମକୁ ସାର୍ଥକ କରିଛନ୍ତି ।

ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁମୂର୍ତ୍ତିର ପରିକଳ୍ପନା, ବିଶ୍ୱକର୍ମାଙ୍କ ଦ୍ୱାରା ଗଠନ, ପୂଜାବିଧି ପ୍ରକ୍ରିୟା ତଥା ଏହାର ଐତିହ୍ୟ, ଦର୍ଶନ, ଇତିହାସ ଓ ପରମ୍ପରା ସବୁ ରହସ୍ୟମୟ । ସବୁଠାରୁ ଆଶ୍ଚର୍ଯ୍ୟ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ସମସ୍ତ ସାଧୁସନ୍ଥ ସନ୍ୟାସୀ ଓ ଆଧ୍ୟାତ୍ମିକ ପୁରୁଷମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ । ଗମନାଗମନର କୌଣସି ସୁବିଧା ନଥାଇ କିପରି ପାହାଡ଼, ଜଙ୍ଗଲ, ନଦୀନାଳକୁ ଅତିକ୍ରମ କରି ଶହ ଶହ ମାଇଲ ପାର ହୋଇ କେତେ କେତେ ସାଧୁ ପହଂଚିଛନ୍ତି ଏହି ଶ୍ରୀକ୍ଷେତ୍ରରେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଜଗନ୍ନାଥ ସଡ଼କ ନିର୍ମାଣ ପୂର୍ବରୁ ବହୁ ସାଧୁ ସନ୍ଥ କିପରି ପୁରୁଷୋତ୍ତମ କ୍ଷେତ୍ରରେ ପଦାର୍ପଣ କରି ଶ୍ରୀଜଗନ୍ନାଥ ପ୍ରତି ଆକୃଷ୍ଟ ହୋଇ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରି ମଠ ସ୍ଥାପିତ କରିଛନ୍ତି ତାହା ତାଙ୍କ ଭକ୍ତିଭାବର ବଳିଷ୍ଠ ନିଦର୍ଶନ ।

ଆଚାର୍ଯ୍ୟ ଶଙ୍କରଙ୍କ ପରେ ପରେ ପଦ୍ମପାଦାଚାର୍ଯ୍ୟ, ଯୋଗୀ କର୍ଣ୍ଣାମଗିରି, ଶ୍ରୀଧର ସ୍ୱାମୀ, ସାଧକ ଲକ୍ଷ୍ମୀଭଦ୍ର ମାଧବେନ୍ଦ୍ର ପୁରୀ, ସନ୍ଥ କବୀର, ଗୁରୁନାନକ, ସନ୍ଥ ତୁଳସୀ ଦାସ, ଶ୍ରୀ ଚୈତନ୍ୟ, ମା ଶାରଦା ଦେବୀ, ଦୟାମାତା, ଶଙ୍କର ଦେବ, ରାମାନୁଜାଚାର୍ଯ୍ୟ, ଶ୍ରୀଯୁକ୍ତେଶ୍ୱର ଗିରି, ଠାକୁର ଅନୁକୂଳଚନ୍ଦ୍ର, ନିଗମାନନ୍ଦ ଓ ଶିବାନନ୍ଦ ସରସ୍ୱତୀ ପ୍ରଭୃତି ବହୁ ସାଧୁସନ୍ଥ ଶ୍ରୀକ୍ଷେତ୍ରରେ ପଦାର୍ପଣ କରି ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଦିନ ଦିନ ମାସ ମାସ ବର୍ଷ ବର୍ଷ ଧରି ଶ୍ରୀକ୍ଷେତ୍ରରେ ସମୟ ବିତାଇଛନ୍ତି । ବହୁ ସନ୍ଥ ମଠ ନିର୍ମାଣ କରି ପ୍ରଭୁଙ୍କ ନୀତିକାନ୍ତି ସହ ନିଜକୁ ସାମିଲ କରିଦେଇଛନ୍ତି । ଶ୍ରୀକ୍ଷେତ୍ରରେ ଥିବା ଶତାଧିକ ମଠ ଏହାର ବଳିଷ୍ଠ ପ୍ରମାଣ ।

ଓଡ଼ିଶା ମାଟିର ପଂଚସଖାଙ୍କଠାରୁ ଆରମ୍ଭ କରି, ଭକ୍ତ ସାଲବେଗ, ଦାସିଆ ବାଉରୀ, ବନ୍ଧୁ ମହାନ୍ତି, ରଘୁଅରକ୍ଷିତ, ପଠାଣିସାମନ୍ତ ଓ ବହୁ କବିକୁଳଙ୍କ ବନ୍ଦନାରେ ଜଗନ୍ନାଥ ସଂସ୍କୃତି ଏକ ଚିରଜାଜ୍ୱଲ୍ୟମାନ ଶିଖା ଭଳି ଭକ୍ତଗଣଙ୍କୁ ଆଲୋକ ପ୍ରଦାନ କରିବାପୂର୍ବକ ଆକର୍ଷିତ ଓ ପ୍ରଭାବିତ କରିଚାଲିଅଛି ।

ସବୁ ସନ୍ଥଙ୍କ ପୁରୁଷୋତ୍ତମ କ୍ଷେତ୍ର ରାହଣୀ ସମୟରେ ବହୁ ଆଲୌକିକ ଘଟଣା ଘଟିଅଛି । ପ୍ରଭୁଙ୍କ ଲୀଳାକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ରରେ ସବୁ ସନ୍ଥଙ୍କର ଲୀଳାକୁ ବର୍ଣ୍ଣନା କଲେ ଗୋଟିଏ ଗ୍ରନ୍ଥ ହେବ । ଏହି ରଚନାରେ ଦୁଇଜଣ ସନ୍ଥଙ୍କ ଜୀବନରେ ଘଟିଥିବା ଦୁଇଟି ଅବିସ୍ମରଣୀୟ ଘଟଣାର ବର୍ଣ୍ଣନା କରୁଅଛି ।


### ତୁଳସୀ ଦାସ

ସନ୍ଥ ତୁଳସୀ ଦାସ ୧୪୯୭ ମସିହାରେ ଜନ୍ମଲାଭ କରିଥିଲେ । ୧୫୨୬ ମସିହାରେ ସେ ବିବାହ କରିଥିଲେ । ବିବାହ ପରେ ସେ ଅତିଶୟ କାମାତୁର ହେବାର ଦେଖି ତାଙ୍କ ପତ୍ନୀ ତାଙ୍କୁ ଭର୍ତ୍ସନା କରିଥିଲେ । ପତ୍ନୀଙ୍କର ଭର୍ତ୍ସନା ପରେ ତୁଳସୀ ଦାସ ନିଜର ଇଷ୍ଟ ଶ୍ରୀରାମଚନ୍ଦ୍ରଙ୍କର ଦର୍ଶନ ପାଇଁ ପାଗଳ ହୋଇ ଉଠିଲେ ଓ ଶ୍ରୀରାମଙ୍କ ସନ୍ଧାନ କରି ପ୍ରୟାଗକୁ ଚାଲିଆସିଥିଲେ । ସେଠାରେ ଗୃହସ୍ଥ ବେଶ ତ୍ୟାଗ କରି ସାଧୁବେଶ ଧାରଣ କଲେ । ସେଠାରେ ଚିତ୍ରକୂଟରେ ପ୍ରଭୁଙ୍କ ଦର୍ଶନ ମିଳିବ ବୋଲି ଜାଣି ଚିତ୍ରକୂଟର ରାମଘାଟରେ ବାସକଲେ ଓ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ପ୍ରାପ୍ତ ହୋଇ କାଶୀଧାମକୁ ଆସି ରାମକଥା ରଚନା ଆରମ୍ଭ କଲେ । କାଶୀଠାରେ ଅବସ୍ଥାନ ବେଳେ ଏକଦା ସେ ଶ୍ରୀ ବାଲ୍ମିକୀ ରାମାୟଣ ପାଠ କରୁଥିବାବେଳେ ଲଙ୍କାକାଣ୍ଡରେ ଗୋଟିଏ ଶ୍ଳୋକ ତାଙ୍କୁ ଚେତନାକୁ ଚହଲାଇ ଦେଇଥିଲା ।

'ଆରାଧ୍ୟ ଜଗନ୍ନାଥ ଇକ୍ଷ୍ୱାକୁ କୂଳ ଦେବତୁମ୍' ଏହା ପଠନ କରି ଶ୍ରୀ ରଘୁନାଥ ଯେ ଶ୍ରୀଜଗନ୍ନାଥ ରୂପରେ ବିରାଜିତ ଏହା ଜାଣି ସେ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିଥିଲେ ।

ସନ୍ଥ ତୁଳସୀ ଦାସ ଶ୍ରୀକ୍ଷେତ୍ରରେ ପଦାର୍ପଣ କରିବା ମାତ୍ରେ ଶ୍ରୀକ୍ଷେତ୍ରର ଇତିହାସକୁ ସ୍ମରଣ କଲେ । ଇନ୍ଦ୍ରଦ୍ୟୁମ୍ନ ମହାରାଜ ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ସିଦ୍ଧ ମହାବୀରଙ୍କ ପୀଠରେ ମହାବୀରଙ୍କର ପୂଜାର୍ଚ୍ଚନା କରିଥିଲେ ବୋଲି ଇନ୍ଦ୍ରନୀଳମଣି ପୁରାଣରେ ବର୍ଣ୍ଣିତ । ସେହି କାରଣରୁ ତୁଳସୀ ଦାସ ସିଦ୍ଧ ମହାବୀରଙ୍କ ପୀଠର ଅନ୍ୱେଷଣ କରି ସେଠାରେ ପ୍ରଥମେ ଆସି ପହଞ୍ଚିଲେ । ତାଙ୍କର ମନେ ହେଲା ଯେଉଁ ମହାବୀରଙ୍କ କୃପାରୁ ଇନ୍ଦ୍ରଦ୍ୟୁମ୍ନ ମହାରାଜ ଦାରୁବ୍ରହ୍ମଙ୍କ ଦର୍ଶନ ଲାଭ କରି ଧନ୍ୟ ହୋଇଥିଲେ ମୁଁ ମଧ୍ୟ ତାଙ୍କରି କୃପାକୁ ପାଥେୟ କରି ଶ୍ରୀଜଗନ୍ନାଥଙ୍କର ପ୍ରକୃତ ସ୍ୱରୂପ ଅବଗତ ହେବି । ଶ୍ରୀଜଗନ୍ନାଥଙ୍କୁ ମୋର ଇଷ୍ଟଦେବ ଶ୍ରୀରଘୁନାଥଙ୍କ ରୂପରେ ଦର୍ଶନ କରିବାକୁ ସମର୍ଥ ହୋଇପାରିବି । ଏହି ଆକାଂକ୍ଷା ନେଇ ତୁଳସୀ ଦାସ ସିଦ୍ଧ ମହାବୀର ନିକଟରେ ଉପାସନା ଆରମ୍ଭ କଲେ । ଆଜିର ସିଦ୍ଧ ମହାବୀର ମନ୍ଦିରର

ଦକ୍ଷିଣ ପାର୍ଶ୍ୱରେ ସନ୍ଥ ତୁଳସୀଦାସ ଅନେକ ସନ୍ଥମାନଙ୍କ ସହ ଶ୍ରୀ ରାମକଥାର ସତସଙ୍ଗ କରୁଥିବାର ଅପୂର୍ବ ଚିତ୍ରାବଳୀ ଚିତ୍ରିତ ହୋଇଅଛି । ଏଥିରୁ ଜଣାପଡ଼େ ତୁଳସୀଦାସ ଶ୍ରୀରାମଚରିତ ମାନସ ପାଠ ପାରାୟଣ ଓ ସତ୍‌ସଙ୍ଗ ଇତ୍ୟାଦି ଏହିଠାରେ ରହି କରୁଥିଲେ ।




ମହାବୀରଙ୍କର କୃପାଲାଭ କରି ତୁଳସୀଦାସ ଜଗନ୍ନାଥଙ୍କୁ ଶ୍ରୀ ରଘୁନାଥ ବେଶରେ ଦର୍ଶନ କରିବାକୁ ଶ୍ରୀମନ୍ଦିରକୁ ପ୍ରବେଶ କଲେ । ସେଦିନ ଥିଲା ପୌଷମାସ ଶୁକ୍ଳ ଚତୁର୍ଦ୍ଦଶୀ । ମାତ୍ର ତାଙ୍କର ଇଷ୍ଟ ଶ୍ରୀରଘୁନାଥଙ୍କୁ ନ ଦେଖି ତାଙ୍କ ମନରେ ପରିପୂର୍ଣ୍ଣତା ଆସିଲା ନାହିଁ । ସେ ଦୁଃଖିତ ମନରେ ଫେରିଗଲେ । ମହାବୀରଙ୍କୁ ଦୁଃଖ ଜଣାଇ ସେ ପୁରୀଠାରୁ ଦୁଇକୋଶ ଦୂର 'ତୁଳସୀ ଚଉରା' ଠାରେ ଏକ ବଟବୃକ୍ଷ ମୂଳେ ବିଶ୍ରାମ ନେବେ, ସାରାଦିନ ଉପବାସରେ ରହିଛନ୍ତି । ରାତିରେ ମଧ୍ୟ ଖାଦ୍ୟ ଗ୍ରହଣ ନକରି ଲୋଟାରୁ କିଛି ପାଣିପିଇ ଚଉତରାରେ ଶୋଇଯିବାକୁ ଉଦ୍ୟତ ହେଲେ । ଏତିକିବେଳେ ରାସ୍ତାଉପରୁ କିଏ ଜଣେ ପାଟିକରି କହିଲା, 'ସାଧୁବାବା ବସିଛନ୍ତି ?' ତୁଳସୀ ଦାସ ଜବାବ ଦେଇ କହିଲେ, 'କାହାକୁ ଖୋଜୁଛ', ସେ ବ୍ୟକ୍ତିଜଣକ କହିଲେ, 'ତୁମ ପାଇଁ ଜଣେ ବାବା ମହାପ୍ରସାଦ ପଠାଇଛନ୍ତି' । ତୁଳସୀ ସେ ବ୍ୟକ୍ତିଙ୍କ କଥାରେ ବିସ୍ମିତ ହେଲେ କାରଣ ତାଙ୍କ ପାଇଁ କେହି ମହାପ୍ରସାଦ ପଠାଇବା ସଂଭବ ନଥିଲା । ସେ କହିଲେ, 'ନା ବାବା, ସେ ଅନ୍ୟ କାହାପାଇଁ ପ୍ରସାଦ ପଠାଇଥିବେ, ମୁଁ ତ ବାହାରୁ ଆସିଛି । ମୋର ଏଠି କେହି ଲୋକ ଚିହ୍ନାଲୋକ ନାହାନ୍ତି । ମୋ ପାଇଁ କିଏ ବା କାହିଁକି ପ୍ରସାଦ ପଠାଇବ ।'

ବ୍ୟକ୍ତିଜଣକ କହିଲେ, 'ଯେ ପ୍ରସାଦ ପଠାଇଛନ୍ତି, ସେ ପ୍ରସାଦ ଦେଲାବେଳେ ହିଁ କହିଥିଲେ ଜଣେ ରାମଭକ୍ତ ଶ୍ରୀକ୍ଷେତ୍ରରୁ ଅଭିମାନରେ ଫେରିଯାଇ ବସିଛନ୍ତି, ତାଙ୍କୁ ଏହା ଦେଇଦେବ ।' ତା'ଙ୍କ କଥାରେ ତୁଳସୀ ଦାସ ଆହୁରି ବିସ୍ମିତ ହେଲେ । ବିସ୍ମିତ ହୋଇ ଭାବିଲେ ଯେ ସ୍ୱୟଂ ପ୍ରଭୁ ତାଙ୍କ ବେଦନା ହୃଦୟଙ୍ଗମ କରି ମହାପ୍ରସାଦ ପଠାଇଛନ୍ତି । ସେ ପ୍ରସାଦର ସ୍ୱାଦ ଚାଖୁ ଚାଖୁ ତାଙ୍କୁ ଅମୃତ ଭଳି ଲାଗିଲା । ସେ ଶୁଣିଥିଲେ ଯେ ନିଜେ ମହାମାୟୀ ଲକ୍ଷ୍ମୀ ପ୍ରସାଦ ରାନ୍ଧିଥାଆନ୍ତି ଭୈରବୀଚକ୍ରରେ ଓ ପ୍ରସାଦ ନୃସିଂହ ମନ୍ତ୍ରରେ ଲାଗି ହୋଇଥାଏ ।

ତୁଳସୀଦାସ ଭାବିଲେ ଜଗନ୍ନାଥଙ୍କ ପ୍ରସାଦ ମହାପ୍ରସାଦ ହୋଇପାରିଥାଏ କିନ୍ତୁ ଜଗନ୍ନାଥ ତ ନିଜେ ରାମଚନ୍ଦ୍ର ନୁହଁନ୍ତି । ସେ ଶୁଣିଛନ୍ତି ଯେ, ବିଭୀଷଣ ଓ ହନୁମାନ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସନ୍ତି ମାତ୍ର ତାଙ୍କୁ ତ ପ୍ରଭୁ ଶ୍ରୀରାମଚନ୍ଦ୍ର ରୂପେ ଦର୍ଶନ ଦେଉନାହାନ୍ତି । ଏହିପରି ଭାବି ଭାବି ସେ ନିଦରେ ଶୋଇଗଲେ । ରାତିରେ ସ୍ୱପ୍ନରେ ପ୍ରଭୁ ଶ୍ରୀ ରାଘବେନ୍ଦ୍ରଙ୍କୁ ଦର୍ଶନ କଲେ । ପ୍ରଭୁ କହିଲେ ତୁଳସୀ ତମେ ତୁମର ଗ୍ରନ୍ଥରେ ବ୍ରହ୍ମର ସଗୁଣ ନିର୍ଗୁଣ ବର୍ଣ୍ଣନା କଣ କରିଅଛ ? ମୁଁ ତ ସେହି ସ୍ୱରୂପରେ ତୁମକୁ ଦେଖାଦେଲି । ତୁମେ ପରା ନିଜେ ଲେଖିଛ ।

'ବିନୁ ପଦ ଚଲଇ, ସୁନଇ ବିନୁ କାନା । କର ବିନୁ କରମ କରଇ ବିଧି ନାନା ।' (ରାମ ଚରିତ ମାନସ)

ମୋ ଠାରେ ତ ଦାରୁବ୍ରହ୍ମ ରୂପରେ ଦେଖିଲ । ଏତିକି କହି ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ରାତ୍ରି ପାହି ଆସିଲା । ସକାଳୁ ସକାଳୁ ଦୁଇଜଣ ପଣ୍ଡା ସେବକ ତୁଳସୀ ଦାସଙ୍କ ନିକଟରେ ପହଂଚି ପ୍ରଭୁ ଆମ୍ଭଙ୍କୁ ପଠାଇଛନ୍ତି ଆମ୍ଭଙ୍କୁ ସ୍ୱପ୍ନାଦେଶ ହୋଇଛି । ଆପଣ ପୁନଃ ଦର୍ଶନ ପାଇଁ ଆସନ୍ତୁ ? ତୁଳସୀ ଦାସ ପୁଣି ଥରେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କଲେ । ସେଦିନ ଥିଲା ପୌଷ ଶୁକ୍ଳପୂର୍ଣ୍ଣମୀ । ତୁଳସୀ ଦାସ ମନେ ମନେ ଭାବୁଥାନ୍ତି ଆଜି କ'ଣ ପ୍ରଭୁ ଶ୍ରୀଜଗନ୍ନାଥ ମୋର ଇଷ୍ଟ ଶ୍ରୀ ରଘୁନାଥ ହୋଇ ପାରିବେ ନାହିଁ ? ଯେତେବେଳେ ଶ୍ରୀମନ୍ଦିରରେ ପ୍ରବେଶ କରି ରତ୍ନ ସିଂହାସନକୁ ଚାହିଁଦେଲେ ତୁଳସୀ ଦେଖୁଛନ୍ତି ସିଂହାସନରେ ଆଉ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦର୍ଶନ ହେଉନାହିଁ । ଜଗନ୍ନାଥ ଶ୍ରୀରାମ, ବଳଭଦ୍ର-ଲକ୍ଷ୍ମଣ ଓ ମା ସୁଭଦ୍ରା ସୀତା ସ୍ୱରୂପରେ ବିରାଜିତ । ଶ୍ରୀରାମାଭିଷେକର ଦୃଶ୍ୟକୁ ଅବଲୋକନ କରି ତୁଳସୀ ପ୍ରଭୁଙ୍କ ଶ୍ରୀ ଚରଣରେ ଲୋଟିଗଲେ । ତୁଳସୀ ଦାସ ପୁରୀରୁ କାଶୀ ଅଭିମୁଖେ ଯାତ୍ରା କରିବା ସମୟରେ କଟକ ଠାରେ ଏକ ପୁଷ୍କରଣୀରେ ସ୍ନାନ କରିଥିଲେ ଯାହା ଆଜି ମଧ୍ୟ ସନ୍ଥ ତୁଳସୀ ସରୋବର ନାମରେ ଖ୍ୟାତ । ଏହି ପୁଷ୍କରଣୀରେ ସ୍ନାନ କରି ନିଜର ଇଷ୍ଟ ବିଗ୍ରହଙ୍କୁ ଗୋଟିଏ ଶୁଦ୍ଧପୂତ ସ୍ଥାନରେ



ରୂପାୟନ : ପ୍ରିୟଙ୍କା ସାହାଣୀ

ପ୍ରତିଷ୍ଠା କରିଥିଲେ ଯାହାର ନାମ 'ତୁଳସୀପୁର' । ଆଜି ମଧ୍ୟ ସେଠାରେ ତୁଳସୀପୁର ମଠ ସ୍ଥାପିତ ହୋଇ ପ୍ରସିଦ୍ଧି ଲାଭ କରିଅଛି ?

କିମ୍ବଦନ୍ତୀ କୁହେ ତୁଳସୀ ଦାସ ଏକ ଛତା ପକାଇ ଶ୍ରୀମନ୍ଦିର ଦ୍ୱାର ଦେଶରେ ସାଧୁସନ୍ଥମାନଙ୍କ ସହ ରହି ପ୍ରଭୁଙ୍କର ମଙ୍ଗଳ ଆରତୀ ଦର୍ଶନ ଏବଂ ପହୁଡ଼ ଆରତୀ ଦର୍ଶନ ପ୍ରତ୍ୟହ କରୁଥିଲେ । ଦିନରେ ଦକ୍ଷିଣ ଦ୍ୱାରସ୍ଥ ମହାବୀରଙ୍କ ନିକଟରେ ପୂଜା ଅର୍ଚ୍ଚନା ଜପାଦି କରୁଥିଲେ- ସେହି ଛତାସ୍ଥଳଟି ଆଜିର ବଡ଼ଛତା ମଠ ଅଟେ । ଆଜି ମଧ୍ୟ ମହାପ୍ରଭୁଙ୍କର ମଙ୍ଗଳ ଆଳତୀ ଏବଂ ପହୁଡ଼ ଆଳତୀ ବେଳେ ଏହି ମଠର ସାଧୁସନ୍ଥ ଯାଇ ପ୍ରଭୁଙ୍କର ଏହି ସେବା କରି ଆସୁଅଛନ୍ତି ।



## ଗୁରୁନାନକ

ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁନାନକ ୧୪୬୯ ମସିହାରେ ଜନ୍ମଗ୍ରହଣ କରିଥିଲେ । ଜାତି-ଧର୍ମ ନିର୍ବିଶେଷରେ ପ୍ରତିଟି ମଣିଷ ଯେ ପରମେଶ୍ୱରଙ୍କ ସନ୍ତାନ, ତାହା ଗୁରୁନାନକ ବିଶ୍ୱାସ କରୁଥିଲେ । ଗୁରୁନାନକ ୧୫୦୮ ମସିହାରେ ପଦାର୍ପଣ କରିଥିଲେ ଶ୍ରୀ ପୁରୁଷୋତ୍ତମ ଧାମରେ । ସେ ଶ୍ରୀକ୍ଷେତ୍ରରେ ପଦାର୍ପଣ କରି ଧୂଳି ମୁଠାଏ ଆଣି ବୋଳି ହେଲେ ନିଜ ମଥାରେ । ପୁଲକରେ ଶରୀର ତାଙ୍କର ରୋମାଞ୍ଚିତ ହେଲା । ଆନନ୍ଦରେ ସେ ଗଦ୍‌ଗଦ ହୋଇ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ପ୍ରଣାମ ଜଣାଇଲେ । ବର୍ତ୍ତମାନ 'ବାଉଳି ମଠ' ନାମରେ ଯେଉଁ ସ୍ଥାନ ସୁପ୍ରସିଦ୍ଧ ସେହି ସ୍ଥାନରେ ଗୁରୁ ନାନକ ନିଜର ଆସ୍ଥାନ ରୂପେ ଚିହ୍ନଟ କଲେ ।

ମର୍ଦ୍ଦାନା ଥିଲା ନାନକଙ୍କର ଏକମାତ୍ର ପଟ୍ଟଶିଷ୍ୟ । ଗୁରୁଙ୍କ ସହିତ ସମସ୍ତ ତୀର୍ଥ ଭ୍ରମଣ କରି ସେ ନିଜର ଜୀବନକୁ ଧନ୍ୟ ମନେ କରୁଥିଲା । ଶ୍ରୀକ୍ଷେତ୍ରରେ ପହଞ୍ଚି ତା'ର ମନ ଆନନ୍ଦରେ ନାଚି ଉଠୁଥିଲା । ସେ ମୁସଲମାନ କୁଳରେ ଜନ୍ମ ହୋଇଥିଲେ ମଧ୍ୟ ଜଣେ ପ୍ରକୃତ ହିନ୍ଦୁ ଭଳି ତା'ର ଆଚରଣ ଓ ଭକ୍ତିଥିଲା । ହିନ୍ଦୁ, ମୁସଲମାନ ଭେଦକୁ ଦୂର କରିବା ପାଇଁ ସେ ନାନକ ଧର୍ମକୁ ନିଜ ଜୀବନର ଆଦର୍ଶ ବୋଲି ଧରି ନେଇଥିଲା ।

ମର୍ଦ୍ଦାନା କେଉଁଠାରୁ କିଛି ଖାଦ୍ୟ ସଂଗ୍ରହ କରି ଭୋଜନ କରିବା ପାଇଁ ଅନୁରୋଧ କଲା; ମାତ୍ର ନାନକ ସେତେବେଳକୁ ଖାଦ୍ୟ ବିଷୟ ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ । କ୍ଷୁଧା, ତୃଷା ତାଙ୍କୁ କୌଣସି ପ୍ରକାର କଷ୍ଟ ଦେଇପାରୁ ନ ଥିଲା । ମର୍ଦ୍ଦାନାର କଥା ଶୁଣି ସେ ଜଗନ୍ନାଥଙ୍କ ପ୍ରସାଦ ଆଣିବାକୁ ନିର୍ଦ୍ଦେଶ ଦେଲେ ।

ସେଦିନ ସିଂହଦ୍ୱାର ସମ୍ମୁଖରେ ଭକ୍ତମାନଙ୍କର ଅସମ୍ଭବ ଭିଡ଼ । ମର୍ଦ୍ଦାନା ସିଂହଦ୍ୱାରରେ ପହଞ୍ଚି ଶ୍ରୀମନ୍ଦିରରେ ପ୍ରବେଶ କରିବା ପାଇଁ ପଣ୍ଡାମାନଙ୍କ ସ୍ୱୀକୃତି ମାଗିଲା; ମାତ୍ର ପଣ୍ଡାମାନେ ଜଣେ ମୁସଲମାନଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ଓ ପ୍ରସାଦ ସେବନ କରିବା ପାଇଁ ଆଦେଶ ଦେଇ ନ ଥିଲେ ।

କ୍ଷୁଧା, ଅପମାନ, କ୍ଷୋଭର ଲାଞ୍ଛନାକୁ ବହନ କରି ମର୍ଦ୍ଦାନା ଫେରି ଆସିଲା ନାନକଙ୍କ ନିକଟକୁ ଆଉ ଗୋଟି ଗୋଟି କରି କହିଗଲା ସିଂହଦ୍ୱାର ଠାରେ ଘଟିଥିବା ସମସ୍ତ ବିଷୟ ।

"ହେ ପ୍ରଭୁ, ଏ କ'ଣ କଲ ? ତୁମ ପ୍ରସାଦ ସେବନରୁ ମୋତେ ଓ ମୋର ଶିଷ୍ୟକୁ ତୁମେ ବଞ୍ଚିତ କଲ କାହିଁକି ? ମୁସଲମାନ ହେଲେ ବି ମର୍ଦ୍ଦାନା କ'ଣ ତୁମର ଭକ୍ତ ନୁହେଁ ପ୍ରଭୁ !" ଏହାହିଁ ଥିଲା ଗୁରୁ ନାନକଙ୍କର ପ୍ରଭୁ ଜଗନ୍ନାଥଙ୍କ ଠାରେ ଅଭିମାନ ଓ ଅନୁନୟ ପ୍ରାର୍ଥନା । ତାଙ୍କ ଚକ୍ଷୁରେ ଦେଖା ଦେଲା ଦୁଇଟୋପା ଲୁହ ।

ଭକ୍ତର ଡାକ ବୋଧହୁଏ ବାଜିଲା ଭକ୍ତବତ୍ସଳ ଜଗନ୍ନାଥଙ୍କ ନିକଟରେ । ସେହିଦିନ ସନ୍ଧ୍ୟା ଆଳତି ସମୟରେ ଗଜପତି ମହାରାଜା ପ୍ରତାପରୁଦ୍ର ଦେବ ଆଳତି ଦର୍ଶନ ପାଇଁ ଆସିଥିଲେ ।

ଏହି ସମୟରେ ଏକ ଅଦ୍ଭୁତ ଘଟଣା ଘଟିଗଲା । ଆଳତିର ଥାଳ ପଣ୍ଡାହାତରୁ ଶୂନ୍ୟେ ଶୂନ୍ୟେ ମନ୍ଦିରରୁ ବାହାରିଗଲା । ଗଜପତି ମହାରାଜା ଏ ଅଦ୍ଭୁତ କାଣ୍ଡ ଦେଖି ବିରସ ମନରେ ଆଳତି ଥାଳକୁ ଅନୁସରଣ କଲେ । ସେହି ଥାଳ ଶୂନ୍ୟରେ ଉଡ଼ିଯାଇ ସମୁଦ୍ରକୂଳ ଆଡ଼କୁ ଗତିକଲା । ରାଜା ଥାଳ ପଛରେ ଗତି କରିବାକୁ ଲାଗିଲେ । ଥାଳଟି ଉଡ଼ି ଉଡ଼ି ପହଞ୍ଚିଲା ନାନକଙ୍କ ନିକଟରେ ଓ ନାନକଙ୍କ ମସ୍ତକ ଉପରେ ତାହା ସ୍ଥିର ହୋଇ ରହିଲା । ସେତେବେଳକୁ ନାନକଙ୍କ ଚକ୍ଷୁରେ ଥିଲା ଅର୍ଦ୍ଧଶୁଷ୍କ, ଦୁଇଧାର ଲୁହ ଓ ମୁଖମଣ୍ଡଳରେ ଗମ୍ଭୀରତାର ଲକ୍ଷଣ । ତାଙ୍କର ଆକୁଳ ପ୍ରାର୍ଥନା ଯେ ଜଗନ୍ନାଥଙ୍କ ନିକଟରେ ପହଞ୍ଚିଛି, ଏହା ସ୍ମରଣ କରି ନାନକ ଭାବବିହ୍ୱଳ ହୋଇପଡ଼ିଲେ । ତାଙ୍କ ଆଖିରୁ ଦୁଇ ଧାର ଲୁହ ଅଜସ୍ର ବେଗରେ ଝରିବାକୁ ଲାଗିଲା । ମହାରାଜା ଏ ବିଚିତ୍ର ଦୃଶ୍ୟ ଦେଖି ଅବାକ୍ ହୋଇ ସାଧୁଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ରହିଲେ ।

ନାନକ ରାଜାଙ୍କୁ ହାତଯୋଡ଼ି କହିଲେ- "ମହାରାଜ ! ଈଶ୍ୱର ସବୁଠାରୁ ଅଛନ୍ତି । ସେ କୌଣସି ବ୍ୟକ୍ତି ବା ଗୋଷ୍ଠୀବିଶେଷର ନୁହନ୍ତି । ଏ ସମଗ୍ର ସୃଷ୍ଟି ତାଙ୍କର । ସୃଷ୍ଟିର ପ୍ରତି ଜୀବ ମଧ୍ୟରେ ସେ ବିରାଜମାନ କରିଛନ୍ତି । ପ୍ରତ୍ୟେକ ମନୁଷ୍ୟ ଯେ ତାଙ୍କର ସନ୍ତାନ ! ହେଉ ସେ ହିନ୍ଦୁ, ହେଉ ସେ ମୁସଲମାନ,




ରୂପାୟନ : ଲୋପାମୁଦ୍ରା ପରିଡ଼ାଙ୍କ କନ୍ୟାପୁତ୍ର ମୁକ୍ତି ଶାମ୍ଭବୀ ବଳ ଓ ମୋକ୍ଷ ସାନିଧ୍ୟ ବଳ

ହେଉ ସେ ବୌଦ୍ଧ ଅବା ହେଉ ସେ ଜୈନ, ପ୍ରତ୍ୟେକ ବ୍ୟକ୍ତି ତାଙ୍କର ପ୍ରିୟ । ଜଗନ୍ନାଥଙ୍କ ପ୍ରସାଦ କେବଳ ହିନ୍ଦୁ ପାଇଁ ଉଦ୍ଦିଷ୍ଟ ନୁହେଁ, ତାହା ସମସ୍ତଙ୍କ ପାଇଁ । ଜଗନ୍ନାଥ ଧର୍ମ ହିନ୍ଦୁ ଧର୍ମର ଅନ୍ତର୍ଭୁକ୍ତ ନୁହେଁ, ତାହା ହେଉଛି ମାନବୀୟ ଧର୍ମ, ତାହା ହେଉଛନ୍ତି ସମଗ୍ର ମାନବ ସମାଜର ଓ ସାରା ବିଶ୍ୱ ବ୍ରହ୍ମାଣ୍ଡର । ଜଗନ୍ନାଥ କେବଳ ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନରେ ଆବଦ୍ଧ ନୁହନ୍ତି, ସେ ପ୍ରତ୍ୟେକଙ୍କ ହୃଦୟ ସିଂହାସନରେ ବିରାଜମାନ ।" ଏହିପରି କହି ନାନକ ତାଙ୍କର ଦୁଇ ପାପୁଲି ଯୋଡ଼ି ରାଜାଙ୍କୁ ଦେଖାଇଲେ । ମହାରାଜାଙ୍କ ସମେତ ସମସ୍ତ ଜନତା ନାନକଙ୍କ ହାତରେ ଦର୍ଶନ କଲେ ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଓ ଉପବିଷ୍ଟ ଶ୍ରୀଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ବିଶ୍ୱଜନନୀ ସୁଭଦ୍ରା । ଦିବ୍ୟ ଅଳଂକାରଭୂଷିତ ହୋଇ ଭକ୍ତ ପାପୁଲି ମଧ୍ୟରେ ସେ ହସ ହସ ମୁଖରେ ସମସ୍ତଙ୍କୁ ଯେପରି କରୁଣାର ଚକ୍ଷୁରେ ଅନାଇଁ ରହିଛନ୍ତି । ମହାରାଜା ଆଶ୍ଚର୍ଯ୍ୟ ହୋଇ ନାନକଙ୍କ ପାପୁଲି ମଧ୍ୟସ୍ଥ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ପ୍ରଣାମ ଅର୍ପଣ କଲେ । ଚତୁର୍ଦ୍ଦିଗ "ଜୟ ଜଗନ୍ନାଥ", "ଜୟ ଗୁରୁ ନାନକ" ଧ୍ୱନିରେ ମୁଖରିତ ହୋଇଉଠିଲା । ଆନନ୍ଦର କଳରବରେ ଆକାଶ-ପବନ କମ୍ପି ଉଠିଲା ।

ଆଳତିର ଥାଳକୁ ଦର୍ଶନ କରି ଭକ୍ତ ନାନକଙ୍କ ମୁଖରୁ ବାହାରି ଆସିଲା ପ୍ରଭୁଙ୍କ ଉଦ୍ଦେଶ୍ୟରେ କେଇ ପଦ କଥା-

"ଗଗନ ମୈ ଥାଲୁ ରବି ଚନ୍ଦୁ ଦୀପକ ବନେ ।  
ତାରକା ମଣ୍ଡଲ କନକ ମୋତି ॥  
ଧୂପମଲ ଆନଲୋ ପବଣୁ ଚବରୋ ।  
ସଚଲ ବନରାଇ ଫଲଂତ ଜ୍ୟୋତି ॥  
କୈସେ ଆରତି ହୋଇ ଭବ ଖଣ୍ଡନା ତେରି ଆଳତି ।  
ଅନହତା ଶବଦ ଶବଦ ବାଜନ୍ତା ଭେରୀ ॥"

(ହେ ମୋର ପ୍ରଭୁ! ଗଗନ ହେଲା ତୁମର ଆରତିର ଥାଳ । ସେଠାରେ ରବି ଓ ଚନ୍ଦ୍ର, ଏହି ଦୁଇ ଦୀପ ନିରନ୍ତର ଜଳୁଛନ୍ତି । ମୁକ୍ତାଖଚିତ ଚାନ୍ଦୁଆ ପରି ସେଠାରେ ତାରକାମଣ୍ଡଳ ସୁଶୋଭିତ ହୋଇ ରହିଛନ୍ତି । ମଳୟ ପବନ ଆପଣଙ୍କ ନିକଟରେ ନିବେଦିତ ସୁଗନ୍ଧଭରା ଧୂପ । ସଂସାରର ସମସ୍ତ ବନଭୂମୀ ଆପଣଙ୍କ ପୂଜାଫୁଲ । ହେ ଜ୍ୟୋତିର୍ମୟ ପ୍ରଭୁ! ହେ ମୁକ୍ତିଦାତା! ଅନିର୍ବଚନୀୟ ତୁମ୍ଭର ଆଳତି । ଏହି ଆଳତି ଅନାହତ ଧ୍ୱନି ମଧ୍ୟରେ ବାଜି ଉଠୁଛି ।)





ଶ୍ରୀ ଗୁରୁ ନାନକଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ଆକର୍ଷଣ ଯୋଗୁଁ ଶିଖ୍ ସମ୍ପ୍ରଦାୟର ବାଉଳି ମଠ ଓ ମଙ୍ଗୁ ମଠ ଶ୍ରୀକ୍ଷେତ୍ରରେ ସ୍ଥାପିତ ହୋଇଅଛି ।

ଶିଖ୍‌ମାନଙ୍କ ଧର୍ମଗ୍ରନ୍ଥ 'ଗୁରୁଗ୍ରନ୍ଥ ସାହିବ'ରେ ଏହି ଗାନକୁ ଦିଆ ଯାଇଛି ସ୍ୱତନ୍ତ୍ର ମାନ୍ୟତା । ପ୍ରଥମେ ଏହା ଅମୃତସରର 'ହରମନ୍ଦିର ସାହିବ୍'ରେ ପ୍ରକାଶିତ ହୋଇଥିଲା ଓ ଏହି ଆଳତି ପ୍ରତିଦିନ ସନ୍ଧ୍ୟାରେ 'ହରମନ୍ଦିର ସାହିବ୍'ରେ ଗାନ କରାଯାଏ ।

ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ବହୁକାଳରୁ ଯୋଗୀ ଋଷି ଧର୍ମଗୁରୁ ତଥା ବିଶିଷ୍ଟ ଦାର୍ଶନିକମାନଙ୍କୁ ଆକୃଷ୍ଟ କରି ରଖିଛି ଏଥିରେ ସନ୍ଦେହ ନାହିଁ । ଏପରିକି କିଛି ଗବେଷକ ଖ୍ରୀଷ୍ଟଧର୍ମର ପ୍ରତିଷ୍ଠାତା ସ୍ୱୟଂ ଯୁଶୀଖ୍ରୀଷ୍ଟ ପୁରୀ ଆସି ଶ୍ରୀଜଗନ୍ନାଥଙ୍କ କରୁଣାପ୍ରାପ୍ତ ହୋଇଥିଲେ ବୋଲି ଉଲ୍ଲେଖ କରିଛନ୍ତି । ଏହିପୀଠରେ ଦ୍ୱାଦଶ ଶତାବ୍ଦୀରେ ରୁଦ୍ରସମ୍ପ୍ରଦାୟର ପ୍ରବର୍ତ୍ତକ ବୈଷ୍ଣବାଚାର୍ଯ୍ୟ, ଦ୍ୱୈତବାଦୀ ନିମ୍ବାର୍କ, ଚତୁର୍ଦ୍ଦଶ ଶତାବ୍ଦୀରେ ଏକେଶ୍ୱରବାଦର ପ୍ରବର୍ତ୍ତକ ଶ୍ରୀରାମାନନ୍ଦ ଶ୍ରୀକ୍ଷେତ୍ର ଆସି ଶ୍ରୀଜଗନ୍ନାଥ ଚେତନାରେ ନିଜକୁ ସମର୍ପି ଦେଇଥିଲେ । ଓଡ଼ିଶାର ବହୁ ସାଧୁସନ୍ଥ, ଭକ୍ତକବି ତଥା ବିଶିଷ୍ଟ ଭକ୍ତଗଣ ଶ୍ରୀଜଗନ୍ନାଥଙ୍କୁ ନେଇ ଅନୁଭୂତି ଓ ଅନୁଭବ ସେମାନଙ୍କର ଲେଖନୀରେ ସ୍ଥାନପାଇଛି ଓ ବହୁ କିମ୍ବଦନ୍ତୀ ଜନଶ୍ରୁତି ଆଜି ପର୍ଯ୍ୟନ୍ତ ଲୋକମୁଖରେ ପ୍ରଚଳିତ ହୋଇଆସୁଛି ।

ଶ୍ରୀଜଗନ୍ନାଥ ସଂସ୍କୃତିର ଏହି ମହାନ ପରମ୍ପରା ଯେ କେତେ ସୁଦୂରପ୍ରସାରୀ ପ୍ରଭାବ ବିସ୍ତାର କରିପାରିଛି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ ପ୍ରତ୍ୟେକ ସନ୍ଥ ଶ୍ରୀକ୍ଷେତ୍ରକୁ ଆକର୍ଷିତ ହୋଇ ଆସିବା, ଶ୍ରୀକ୍ଷେତ୍ରରେ ପଦାର୍ପଣ ମାତ୍ରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହ ନିଜକୁ ସାମିଲ କରିବା ତଥା ପ୍ରଭୁଙ୍କ ପାଖରୁ ଅଲୌକିକ ଅନୁଭୂତି ଅର୍ଜନ ପରେ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରି କିଛି ସ୍ମୃତିକୁ ଉତ୍ତରପିଢ଼ି ପାଇଁ ରଖିଦେଇଯିବା କ'ଣ ସ୍ୱୟଂ ପ୍ରଭୁଙ୍କର ଲୀଳା ନୁହେଁ କି ?

**(ସହାୟକ ଲେଖା : ଡ. ରାମଚରଣ ଦାସ, ଡ. ବ୍ରଜକିଶୋର ସାହୁ ଓ ଶ୍ରୀ ଗଣେଶ ପ୍ରସାଦ ପରିଜା)**



★★★HIGHLAND★★★
Group
Image: HIGHLAND AGRO PLANT, Balasore, Odisha
Highland Oishii
Highland Oishii
SHRIMP
Highland Ajisen
Highland Ajisen
/ highlandagro
HIGHLAND GROUP
Corporate Office: Alupur, Near Laxminaryan Temple, O.T. Road, Balasore, Odisha (India) - 756001
+91-6782 - 262550 I info@highlandgroups.com
www.highlandgroups.com



# ଶରଣ ଶ୍ରୀକ୍ଷେତ୍ର



# ମାରଦା ମନ୍ଦିରର ମାହାତ୍ମ୍ୟ


## ଋତୁରାଜ ଦାସ

ଠିକଣା: ଓଡ଼ିଆ ଅଧ୍ୟାପକ, ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମ
ଫୋନ : ୯୪୩୮୪୬୬୪୬୬


ଫଟୋ ସୌଜନ୍ୟ : ଲେଖକ

'ଜୟ ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବ ତୁମେ ।'

ଓଡ଼ିଶାର ସଭ୍ୟତା, ସଂସ୍କୃତି, ଜନଜୀବନ ଓ ଇତିହାସ ସହ ଏକାତ୍ମ ଭାବେ ଜଡ଼ିତ ଶ୍ରୀଜଗନ୍ନାଥ । ସେ ଓଡ଼ିଆମାନଙ୍କର ସାଥୀ, ସାକ୍ଷୀ ଓ ସାମର୍ଥ୍ୟ । ପ୍ରଥମେ ଶବର (ଜାରା)ମାନଙ୍କର ଦେବତା ଭାବେ ପୂଜା ପାଉଥିବା ଜଗନ୍ନାଥ ପରେ ପରେ ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ ଓ ସୌର ଆଦି ନାନା ଧର୍ମ ତଥା ସଂପ୍ରଦାୟର ଦେବତା ଭାବେ ବିବେଚିତ ହୋଇଛନ୍ତି । ସର୍ବଧର୍ମର ଉପାସ୍ୟ ଦେବତା ଜଗନ୍ନାଥଙ୍କୁ ସତ୍ୟରେ ନୃସିଂହ, ତ୍ରେତୟାରେ ରାମ, ଦ୍ୱାପରରେ ଶ୍ରୀକୃଷ୍ଣ ଓ କଳିଯୁଗରେ ବୁଦ୍ଧଙ୍କ ଅଂଶ ବିଶେଷ ଭାବରେ କଳ୍ପନା କରାଯାଇଛି । ସମଗ୍ର ବିଶ୍ୱରେ ସେ ଏକ ପ୍ରତିରୂପ । ଓଡ଼ିଶା ଇତିହାସରେ ବୈଷ୍ଣବ ଧର୍ମର ପ୍ରତୀକ ହେଲେ ଜଗନ୍ନାଥ ଓ ତାଙ୍କୁ କେନ୍ଦ୍ର କରି ବିକାଶ ଲାଭ କରିଥିଲା ଜଗନ୍ନାଥ ଧର୍ମ । ଦ୍ୱାଦଶ ଶତାବ୍ଦୀରେ ସମ୍ରାଟ ଅନନ୍ତବର୍ମଣ ଚୋଡ଼ଗଙ୍ଗଙ୍କ ଦ୍ୱାରା ନିର୍ମିତ ପୁରୀର ବିଶାଳ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ନାମକ ତିନି ଠାକୁର ସୁଦର୍ଶନଙ୍କ ସହିତ ପୂଜିତ ହୁଅନ୍ତି । ସେମାନେ ବିଷ୍ଣୁ, ଶିବ ଓ ଶକ୍ତିଙ୍କ ପ୍ରତୀକ । ଏହି ତ୍ରିମୂର୍ତ୍ତିଙ୍କୁ ଭାଇ ଭଉଣୀ ଭାବରେ ସେବକମାନେ ପରିଚୟ ଦିଅନ୍ତି । ବଡ଼ଭାଇ ବଳଭଦ୍ର ଓ ସାନଭାଇ ଜଗନ୍ନାଥଙ୍କ ମଧ୍ୟରେ ଭଉଣୀ ସୁଭଦ୍ରାଙ୍କ କାଷ୍ଠ ନିର୍ମିତ ବିଗ୍ରହକୁ ସେବା କରନ୍ତି ଦଇତାପତିମାନେ ଓ ପୂଜା କରନ୍ତି ପଣ୍ଡାମାନେ । ଦଇତାମାନେ ଶବର ସଂପ୍ରଦାୟର ଏବଂ ପଣ୍ଡାମାନେ ବ୍ରାହ୍ମଣ । ନାନା ଘାତ-ପ୍ରତିଘାତ, ଉତ୍‌ଥାନ-ପତନ ଓ ପରିବର୍ତ୍ତନର ରୂପାୟନ ଆଦି ଦେଖାଯାଏ ଜଗନ୍ନାଥ ଧର୍ମରେ, କିନ୍ତୁ କେବେ ବି ଜଗନ୍ନାଥଙ୍କୁ ନେଇ ଓଡ଼ିଆମାନଙ୍କ ଭିତରେ ରକ୍ତପାତର ଘଟଣା ଘଟିନାହିଁ । ଏହା ହିଁ ଉତ୍କଳୀୟ ଭାଇଚାରା ଓ ଜଗନ୍ନାଥ ସଂସ୍କୃତିର ବିଶେଷତ୍ୱ ।

ଗଞ୍ଜାମ ସହିତ ପ୍ରଭୁ ଜଗନ୍ନାଥଙ୍କ ସମ୍ପର୍କ ଖୁବ୍ ନିବିଡ଼ । ଗଞ୍ଜାମର ସାମାଜିକ ତଥା ଅର୍ଥନୈତିକ ସଂସ୍କୃତିରେ ଜଗନ୍ନାଥ ସଂସ୍କୃତି ଜଡ଼ିତ । ସମଗ୍ର ଓଡ଼ିଶାରେ ଥିବା ପ୍ରାୟ ୯୩୩ଗୋଟି ଜଗନ୍ନାଥ ମନ୍ଦିରରୁ କେବଳ ଗଞ୍ଜାମରେ ପାଖାପାଖି ୨୦୦ଗୋଟି ମନ୍ଦିର ଥିବାର ସୂଚନା ମିଳେ । ଜଗନ୍ନାଥଙ୍କ ଏତେଗୁଡ଼ିଏ ମନ୍ଦିର ଭିତରୁ ଆମେ ଆଲୋଚନା କରିବା କୋଦଳା ଆଠଗଡ଼ ପାଟଣାର ମଧ୍ୟ ଭାଗରେ ଅବସ୍ଥିତ ଶରଣ ଶ୍ରୀକ୍ଷେତ୍ର ଭାବେ ଖ୍ୟାତ ମାରଦା ମନ୍ଦିର ସମ୍ପର୍କରେ ।

ମଣିଷ ତ ମଣିଷ ଭଗବାନ ମଧ୍ୟ ଆକ୍ରମଣକାରୀଙ୍କ ଦାଉରୁ ରକ୍ଷା ପାଇ ପାରିନାହାନ୍ତି । ଇତିହାସର ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ପବିତ୍ର ଶ୍ରୀକ୍ଷେତ୍ର ଧାମକୁ ନଷ୍ଟ କରିବା ପାଇଁ ମୁସଲମାନ ଶାସକମାନେ ଶ୍ରୀଜଗନ୍ନାଥଙ୍କୁ ଓ ମନ୍ଦିରର ସଂପତ୍ତି ଲୁଟ୍ କରିବା ପାଇଁ ବାରମ୍ବାର ଜଗନ୍ନାଥ ମନ୍ଦିରକୁ ଆକ୍ରମଣ କରିଥିଲେ । ଗଜପତି ମହାରାଜା, ସେବାୟତମାନଙ୍କ ଆନ୍ତରିକତା ଓ ନିଷ୍ଠା ଯୋଗୁଁ ପ୍ରଭୁ ଜଗନ୍ନାଥଙ୍କୁ ବାରମ୍ବାର ଏହି ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ରତ୍ନ ସିଂହାସନରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏହି ସମୟରେ ଶ୍ରୀଜଗନ୍ନାଥଙ୍କୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଜ୍ଞାତ ସ୍ଥାନରେ ରଖା ଯାଇଥିବା କଥା ଐତିହାସିକ ତଥ୍ୟରୁ ସୂଚନା ମିଳେ । ତନ୍ମଧ୍ୟରୁ ମାରଦା ମନ୍ଦିର ଅନ୍ୟତମ । ମନ୍ଦିରର ଆଖପାଖ ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ । ମନ୍ଦିରର ଉତ୍ତରରେ ହାତୀବାରି ପାହାଡ଼, ପୂର୍ବରେ ଅସୁରେଇ ପାହାଡ଼ ଓ ପଶ୍ଚିମରେ କାକୁଡ଼ିଆ ପାହାଡ଼ ଅବସ୍ଥିତ ।

ଦକ୍ଷିଣ ଓଡ଼ିଶାର ମୁଖ୍ୟ ସହର ବ୍ରହ୍ମପୁର ଠାରୁ ଉତ୍ତର-ପଶ୍ଚିମକୁ ପ୍ରାୟ ୬୫ କି.ମି. ଦୂରତାରେ



▶ ଲେଖକ ଋତୁରାଜ ଦାସ



ଏହି ଆଠଗଡ଼ ପାଟଣା ଗଡ଼ଜାତ ଅଞ୍ଚଳର ମାରଦା ମନ୍ଦିର । ଯଦି ଆପଣ ଭୁବନେଶ୍ୱର ପଟୁ ଆସୁଛନ୍ତି ତା'ହେଲେ କଲିକତା-ଚେନ୍ନାଇ ଜାତୀୟ ରାଜପଥରୁ ଖଲ୍ଲିକୋଟ ଛକ ଠାରୁ ଦକ୍ଷିଣକୁ କୋଦଳା-ବୁଢ଼ାଆମ୍ବ ଦେଇ ୩୫/୪୦ କି.ମି. ଗଲେ ଶରଣ ଶ୍ରୀକ୍ଷେତ୍ର ରାସ୍ତା ପଡ଼େ । ଏହି ଶରଣ ଶ୍ରୀକ୍ଷେତ୍ର ଛକ ଠାରୁ ଅଧ କିଲୋମିଟର ଦୂରତାରେ ମାରଦା ମନ୍ଦିର ଅବସ୍ଥିତ । ଏଇଠୁ ୬.କି.ମି. ଆଗକୁ ଗଲେ ପଡ଼େ ପୋଲସରା ଛକ । ପଥର ଶିଳ୍ପ, କଂସା, ପିତ୍ତଳ କାରିଗର, ଇତିହାସ ଓ କିମ୍ବଦନ୍ତୀକୁ ନେଇ ଓଡ଼ିଶାର ପରିଚିତ ଗାଁଟିଏ ହେଲା ମଥୁରା । ମାରଦାର ଇତିହାସ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ୧୬୦୦ ଖ୍ରୀଷ୍ଟାବ୍ଦରୁ ୧୮୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାୟ ୧୦ଥର ସ୍ଥାନାନ୍ତର କରିବାକୁ ପଡ଼ିଥିଲା ଏବଂ ଆତ୍ମ ସନ୍ତୋଷର କଥା ହେଲା ମାରଦା ଠାରେ ପ୍ରଭୁ ଜଗନ୍ନାଥଙ୍କୁ ଦୁଇବର୍ଷ ଛ'ମାସ ଗୁପ୍ତ ଭାବରେ ରଖି ସାରିଲା ପରେ ଆଗକୁ ପ୍ରଭୁଙ୍କୁ ଆଉ ଲୁଚେଇବାକୁ ପଡ଼ିନଥିଲା ।

ପ୍ରଭୁ ଜଗନ୍ନାଥଙ୍କର କେହି କ'ଣ କେବେ କ୍ଷତି କରିପାରିବ ? ଭକ୍ତଙ୍କ ଦୁଃଖକୁ ହରଣ କରିବା ପାଇଁ ସେ ନାଁ ପାଇଛନ୍ତି ଜଗନ୍ନାଥ । ତେଣୁ ଯେବେ ଯେବେ ଜଗନ୍ନାଥଙ୍କୁ ନେଇ ଷଡ଼ଯନ୍ତ୍ର କିମ୍ବା ଆକ୍ରମଣର ବ୍ୟୁହ ରଚନା କରାଯାଇଛି ସେତେବେଳେ ପ୍ରଭୁ ନିଜେ ଭକ୍ତମାନଙ୍କ ଦ୍ୱାରା ନିଜକୁ ରକ୍ଷା କରିଛନ୍ତି । ଖୋର୍ଦ୍ଧାର ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ରାଜୁତି କାଳରେ ପଶ୍ଚିମବଙ୍ଗର ମୋଗଲ ସୁବେଦାର ତକି ଖାଁ ଅଚାନକ ଆକ୍ରମଣ କରିବାରୁ ସ୍ୱୟଂ ରାଜା ସପରିବାର ଖୋର୍ଦ୍ଧା ଛାଡ଼ି ଆଠଗଡ଼ ରାଜା ରଘୁନାଥ ହରିଚନ୍ଦନ ଜଗଦେବଙ୍କ ଠାରେ ଆଶ୍ରୟ ନେଲେ । ତକି ଖାଁ ପୁରୀ ଆକ୍ରମଣ କରିବା ପୂର୍ବରୁ ରାଜାଙ୍କ ନିର୍ଦ୍ଦେଶ କ୍ରମେ ସେବାୟତମାନେ ଠାକୁରଙ୍କ ଅଳଙ୍କାର ଗୁଡ଼ିକୁ ନିକଟସ୍ଥ ପାତାଳେଶ୍ୱର ମନ୍ଦିରରେ ଗୋପନୀୟ ଭାବେ ରଖି ତିନି ଦାରୁବ୍ରହ୍ମ ଓ ସୁଦଶନଙ୍କୁ ମୁଣ୍ଡରେ ମୁଣ୍ଡେଇ ଚିଲିକା ପାର୍ ହୋଇ ବାଣପୁର ନଇରି ଗ୍ରାମସ୍ଥ ପ୍ରଥମେ ହରିଶ୍ୱର ଓ ପରେ ଖଲ୍ଲିକୋଟ ଚିକିଲି ଗ୍ରାମକୁ ନେଇ ସେଠାରେ ରଖାଗଲା । ପୁନଶ୍ଚ ମୋଗଲମାନଙ୍କ ଦ୍ୱାରା ପୁରୀ ମନ୍ଦିର ଆକ୍ରମଣ ଆଶଙ୍କାରେ ଶ୍ରୀବିଗ୍ରହମାନଙ୍କୁ ଅନ୍ୟ ଏକ

## ମନ୍ଦିରର ପୂଜକଙ୍କ ସହ ବାର୍ତ୍ତାଳାପ

▶**ମନ୍ଦିରର ନାମ ମାରଦା କ'ଣ ପାଇଁ ?**

▶▶ଜନଶ୍ରୁତି ଅଛି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମୁସଲମାନମାନଙ୍କ କବଳରୁ ରକ୍ଷା କରିବା ପାଇଁ ଏହି ସ୍ଥାନଟି ନିର୍ବାଚନ କରାଗଲା, କିନ୍ତୁ ସେତେବେଳେ ଘଞ୍ଚ ଜଙ୍ଗଲରେ ଏହି ସ୍ଥାନଟି ପରିପୂର୍ଣ୍ଣ ଥିଲା । ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଜମିକୁ ଦା' ମାରି ସଫା କରାଯାଇଥିବାରୁ ସ୍ଥାନର ନାମ ମାରଦା ।

▶**କେବେ ରଥଯାତ୍ରା ଅନୁଷ୍ଠିତ ହୋଇଛି କି ?**

▶▶କେବେ ନୁହଁ । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଏଇଠି ଦୁଇ ବର୍ଷ ଛ'ମାସ ଲୁଚେଇ ରଖା ଯାଇଥିଲା । ଠାକୁରମାନଙ୍କ କୌଣସି ଦାରୁ ବିଗ୍ରହ ନଥିବାରୁ ରଥଯାତ୍ରା ଅନୁଷ୍ଠିତ ହୋଇନାହିଁ ।

▶**ଆପଣଙ୍କ ମାସିକ ବେତନ କେତେ ଟଙ୍କା ?**

▶▶ସରକାରଙ୍କ ତରଫରୁ ମାସିକ ବେତନ କିଛି ସ୍ଥିର ହୋଇନାହିଁ । ଭକ୍ତମାନେ ଯାହା ଦିଅନ୍ତି ତା'ହିଁ ବେତନ । ମନ୍ଦିର କମିଟି ମଧ୍ୟ କେତେବେଳେ କେମିତି ସାହାଯ୍ୟ କରନ୍ତି ।

▶**ରାତ୍ରି ସମୟରେ ମନ୍ଦିର ବେଢ଼ାରେ ଆପଣ ରୁହନ୍ତି କି ?**

▶▶ନା ଆଜ୍ଞା, ନିଛାଟିଆ ସ୍ଥାନ ସହ ଦୋକାନ ବଜାର ନଥିବାରୁ ଭାରି ଖାଁ ଖାଁ ଲାଗେ । ପ୍ରଭୁଙ୍କ ନୀତିକାନ୍ତି ସରିଲା ପରେ ମୁଁ ସଂଧ୍ୟା ୭ଟା ବେଳକୁ ପଳେଇ ଯାଏ ।

▶**ମନ୍ଦିର ସଂପର୍କରେ କିଛି ଅଲୌକିକ ଘଟଣା କୁହନ୍ତୁ ।**

▶▶ମନ୍ଦିର ସଂପର୍କରେ ବିଶେଷ କିଛି କହି ପାରିବିନି । କିନ୍ତୁ ଏଇଠି ରତ୍ନ ସିଂହାସନରେ ଗୋଟିଏ ପଥର ଖଣ୍ଡ ଅଛି ଯାହାକୁ ପାଣିରେ ପକାଇଲେ ନବୁଡ଼ି ଭାସି ଉଠେ ।



ଗୁପ୍ତ ସ୍ଥାନ ବାଣପୁରର ମାଳ ନୀଳାଦ୍ରିଗଡ଼ସ୍ଥ ହନ୍ତୁଆଳରେ ଲୁଚାଇ ରଖିବା ପରେ ଆଠଗଡ଼କୁ ନେବା ପାଇଁ ରାଜା ନିର୍ଦ୍ଦେଶ ଦେଲେ । ଆଠଗଡ଼ର ତତ୍କାଳୀନ ରାଜା ରଘୁନାଥ ହରିଚନ୍ଦନ ଜଗଦେବ ମାରଦା ଠାରେ ଠାକୁରଙ୍କ ପାଇଁ ବିଶାଳ ନହେଲେ ମଧ୍ୟ ୧୭୩୩ ମସିହାରେ ମଧ୍ୟମ ଧରଣର ସୁନ୍ଦର ମନ୍ଦିର ପଥର କାରିଗରମାନଙ୍କ ଦ୍ୱାରା ଦୁଇମାସ ମଧ୍ୟରେ ନିର୍ମାଣ କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ଥାପନା କରି ଗୁପ୍ତ ଭାବରେ ଦୀର୍ଘ ତିରିଶ ମାସ ପୂଜା କରାଇଲେ ।

ମାରଦା ମନ୍ଦିରର କଳେବର ବଉଳମାଳା ପଥର ଦ୍ୱାରା ନିର୍ମିତ । ମନ୍ଦିର ମଧ୍ୟରେ ପୁରୀ ଶ୍ରୀମନ୍ଦିର ପୀଠ ଶୈଳୀରେ ରତ୍ନ ସିଂହାସନ ନିର୍ମିତ । ସିଂହାସନକୁ ଲାଗି ଦୁଇ ପାର୍ଶ୍ୱରେ ଦୁଇଟି ସ୍ତମ୍ଭ । ତକି ଖାଁର ମୃତ୍ୟୁ ପରେ ଯେତେବେଳେ ହୃଦ୍‌ବୋଧ ହେଲା ଯେ ଠାକୁରଙ୍କ ପ୍ରତି ଆଉ କୌଣସି ପ୍ରକାର ବିପଦ ନାହିଁ ସେତେବେଳେ ୧୭୩୫ ମସିହାରେ ପ୍ରଭୁ ବାହୁଡ଼ା ବିଜୟ କରିଥିଲେ ଶ୍ରୀକ୍ଷେତ୍ର ପୁରୀକୁ । ପ୍ରଭୁଙ୍କ ଆସ୍ଥାନ ହିସାବରେ ସେବେଠୁ ଏହି ମନ୍ଦିର ମଧ୍ୟରେ ତିନୋଟି ଚକାପଥର (ବେଠି) ପୂଜା ପାଇ ଆସୁଛନ୍ତି । ମନ୍ଦିରର ପୂଜକଙ୍କ କହିବା ମୁତାବକ, ବହୁ ବର୍ଷ ଧରି ତିନୋଟି ଚକାପଥର (ବେଠି)ରେ ପ୍ରଭୁଙ୍କୁ ପୂଜା କରାଯାଉଥିଲା । ଭକ୍ତମାନେ ଯେତେବେଳେ ମନ୍ଦିରକୁ ଆସୁଥିଲେ ଏହି ତିନୋଟି ଶୂନ୍ୟ ପଥର ଚକି (ବେଠି) ଦେଖି ଆଶ୍ଚର୍ଯ୍ୟ ପ୍ରକଟ କଲେ ଓ ପୂଜକଙ୍କୁ ବାରମ୍ବାର ପ୍ରଶ୍ନ କଲେ କେଉଁ ପଥର ଚକିରେ (ବେଠି) କେଉଁ ତ୍ରିମୂର୍ତ୍ତି ବିରାଜମାନ କରିଥିଲେ ? ପୂଜକ ଏ ସମ୍ପର୍କରେ ମନ୍ଦିର କମିଟିକୁ ଅବଗତ କରାଇଲେ । କମିଟିରେ ନିଷ୍ପତ୍ତି ନିଆଗଲା ଯେ, ତିନୋଟି ପଥର ଚକି (ବେଠି) ପାଇଁ ନିମ୍ବ ଦାରୁର ତିନୋଟି ପତଳା ପଟା ଅଣାଯିବ, ସେଇ ପତଳା ପଟା ଉପରେ ଚିତ୍ରଶିଳ୍ପୀ ଦ୍ୱାରା ପ୍ରଭୁ ଜଗନ୍ନାଥ, ମା' ସୁଭଦ୍ରା ଓ ପ୍ରଭୁ ବଳଭଦ୍ରଙ୍କ ଚିତ୍ର ଅଙ୍କାଯାଇ ନିର୍ଦ୍ଦିଷ୍ଟ ପଥର ଚକି (ବେଠି) ଉପରେ ସେଇ ପଟାଗୁଡ଼ିକ ଗଙ୍ଗାଜଳ ସିଞ୍ଚନ କରି ରଖାଯିବ, ଯାହା ଫଳରେ ଭକ୍ତମାନେ ପଥର ଚକି (ବେଠି) ଚିହ୍ନିବାରେ ଦ୍ୱନ୍ଦ୍ୱରେ ପଡ଼ିବେ ନାହିଁ । ଶ୍ରୀମନ୍ଦିର ପରି ଠାକୁରମାନଙ୍କୁ ପରିକ୍ରମା କରିବା ପାଇଁ ତିନି ଭାଗରେ ଏକ ସଂକୀର୍ଣ୍ଣ ରାସ୍ତା ରହିଛି । ସୁଦର୍ଶନଙ୍କ ପାଇଁ ଅନ୍ୟ ଏକ ଗୋଲାକାର ପଥରର ଆସନ ନିର୍ମିତ । ମନ୍ଦିରର ପୂର୍ବ, ଦକ୍ଷିଣ ଓ ଉତ୍ତର ଦିଗକୁ ମୁହଁକରି ତିନିଗୋଟି ଦ୍ୱାରା ଜଗମୋହନରେ ରହିଛି । ମନ୍ଦିର ମଧ୍ୟରେ ଗରୁଡ଼ସ୍ତମ୍ଭ ରହିଛି । ମନ୍ଦିର ଗାତ୍ରରେ ଖୋଦି ମୂର୍ତ୍ତି କଳା ଓଡ଼ିଶାର ଉନ୍ନତ କଳା, ଭାସ୍କର୍ଯ୍ୟର ପ୍ରମାଣ ପ୍ରଦାନ କରେ । ମନ୍ଦିରର ଦକ୍ଷିଣ ଭାଗରେ ବାମନ, ପଶ୍ଚିମ ଭାଗରେ ନୃସିଂହ ଓ ଉତ୍ତର ଭାଗରେ ବରାହ ପାର୍ଶ୍ୱ ଦେବତା ରୂପେ ବିରାଜମାନ । ମନ୍ଦିରର ଉତ୍ତରକୋଣରେ ଏକ କୂପ ଖନନ କରା ଯାଇଛି । ଯାହାକି ଏବେ ପରିତ୍ୟକ୍ତ । କିନ୍ତୁ କୂଅକୁ ଦେଖିଲେ ଲାଗୁଛି କୂଅଟି ନିଶ୍ଚୟ ମନ୍ଦିର ବୟସର । ମନ୍ଦିର ବେଢ଼ାରେ ଚତୁର୍ଦ୍ଧା ମୂର୍ତ୍ତି ବ୍ୟତୀତ ଆଗ୍ନେୟ କୋଣରେ ଗୋଟିଏ ଶିବମନ୍ଦିର ଅଛି । ଯାହାର ଅଧିଶ୍ୱର ହେଲେ ପ୍ରଭୁ ଲୋକନାଥ । ଐଶାନ୍ୟ କୋଣରେ ପ୍ରଭୁ ହନୁମାନ ଓ ପୂର୍ବ ଦିଗର ଅଳ୍ପଦୂରରେ ମା' ଭରାଣ୍ଡୀ ଦେବୀ ଏକ ବୃକ୍ଷମୂଳେ ବିରାଜିତା । ବେଢ଼ା ମଧ୍ୟରେ ଏକ ଛୋଟ ରୋଷଶାଳା ଅଛି, ଭକ୍ତମାନଙ୍କ ବରାଦ ମୁତାବକ ମହାପ୍ରସାଦ ପ୍ରସ୍ତୁତ ହୁଏ । ରୋଷଶାଳକୁ ଲାଗି ପ୍ରାୟ ଶହେବର୍ଷ ତଳର ଏକ ବିଶାଳ ଆମ୍ବଗଛ ଅଛି । ଦଉଳ ଊର୍ଦ୍ଧ୍ୱ ଭାଗ ଗରୁଡ଼ ମୂର୍ତ୍ତି, କଳସ ଓ ନୀଳଚକ୍ର ଦ୍ୱାରା ବିମଣ୍ଡିତ । ପତିତପାବନ ବାନା ଫର୍‌ଫର୍ ହୋଇ ଉଡୁଛି ।

ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ମନ୍ଦିରର କାରୁକାର୍ଯ୍ୟରେ କୌଣସି କ୍ଷୟକ୍ଷତି ହୋଇନାହିଁ । ବହୁବର୍ଷ ଧରି ଏ ମନ୍ଦିର ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିଲା । ରାଜତନ୍ତ୍ରର ଅବସାନ ପରେ ମନ୍ଦିରର ଦାୟିତ୍ୱ କେହି ବହନ କରିଲେ ନାହିଁ । ସ୍ଥାନୀୟ ବୁଦ୍ଧିଜୀବି ଓ ଜଗନ୍ନାଥ ପ୍ରେମୀ ଏକାଠି ହୋଇ 'ମାରଦା ମନ୍ଦିର ଉନ୍ନୟନ କମିଟ' ଗଠନ କରି ମନ୍ଦିରର ଉନ୍ନତି ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ । ତେବେ ୨୦୦୭ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମାରଦା ମନ୍ଦିର ପାଇଁ ପାଣ୍ଠିର ସହାୟତା ଯୋଗାଇଦେବା ସହ ମାରଦା ମନ୍ଦିର ଚତୁଃପାର୍ଶ୍ୱ ଜମିକୁ ମନ୍ଦିର ପାଇଁ ସଂରକ୍ଷିତ ରଖିବା ନିମନ୍ତେ ଜିଲ୍ଲା ପ୍ରଶାସନକୁ ସୂଚନା ଦେଇଥିଲେ । ଶ୍ରୀଜଗନ୍ନାଥ ଓ ଗଜପତି ନିରାପଦରେ ଏଠାରେ ଶରଣ ନେଇଥିବାରୁ ଏହାକୁ 'ଶରଣ ଶ୍ରୀକ୍ଷେତ୍ର' ବୋଲି କୁହାଯାଉଛି ।

# କଥାରେ କଥାରେ



▼ ଅନୁବାଦକ ପ୍ରଦୀପ କୁମାର ରାୟ



ଜଗନ୍ନାଥଙ୍କୁ ଆଧାର କରି ବଙ୍ଗାଳି ଗାଳ୍ପିକମାନଙ୍କ ଦ୍ୱାରା ରଚିତ ଏହି ଗଳ୍ପଗୁଡ଼ିକ ଓଡ଼ିଆଙ୍କ ପାଇଁ ବିଶେଷ ...ର୍ଶ କରେ । ପ୍ରଦୀପ ବାବୁଙ୍କ ରଚି ସହିତ ମୁଁ ଯେତିକି ...ଚିବା, ତାଙ୍କର ଏହି ସୁନିର୍ବାଚିତ ...ପରିବେଷଣ କରିଥିବା ସୂକ୍ଷ୍ମ ...ପାଇଥିବା ଭକ୍ତିର ନିର୍ମାଲ୍ୟ । ...ଅବସରରେ ମୁଁ ଅନୁବାଦକଙ୍କୁ


-ଶୈଳଜ ରବି

"ନୀଳ ନିମନ୍ତ୍ରଣ" ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ଆଧାରିତ ବଙ୍ଗଳା ଗଳ୍ପର ଅନୁବାଦ ସଂକଳନ । ନୀଳମାଧବ ପ୍ରଭୁ ଶ୍ରୀଜଗନ୍ନାଥ, ନୀଳାଚଳ ଧାମ ଶ୍ରୀକ୍ଷେତ୍ର ଏବଂ ନୀଳ ସମୁଦ୍ରର ଆକର୍ଷଣ ଅପ୍ରତିହତ । ଯୁଗ ଯୁଗ ଧରି ସମସ୍ତ ବିଶ୍ୱରୁ ଅଗଣିତ ଭକ୍ତ ତଥା ପର୍ଯ୍ୟଟକଙ୍କ ଆଗମନ ଫଳରେ ସଦାସର୍ବଦା ମୁଖରିତ ହୋଇ ରହିଛି ଏହି କ୍ଷେତ୍ର । ତେବେ ଶ୍ରୀଚୈତନ୍ୟ, ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଠାରୁ ଆରମ୍ଭ କରି ଏଯାବତ୍ ସର୍ବାଧିକ ବଙ୍ଗବାସୀ ଆସିଛନ୍ତି ଏହି କ୍ଷେତ୍ରକୁ । ତେଣୁ ସ୍ୱାଭାବିକ ଭାବରେ ପ୍ରଭୁ ଶ୍ରୀଜଗନ୍ନାଥ ତଥା ଶ୍ରୀକ୍ଷେତ୍ର ବଙ୍ଗଳା ସାହିତ୍ୟରେ ଏକ ବିଶେଷ ସ୍ଥାନ ଅଧିକାର କରିଛନ୍ତି । ପ୍ରଭୁ ଶ୍ରୀଜଗନ୍ନାଥ ତଥା ଶ୍ରୀକ୍ଷେତ୍ରକୁ ଆଧାର କରି ରଚିତ ହୋଇଥିବା ଅସଂଖ୍ୟ ଅନବଦ୍ୟ ସୃଷ୍ଟିରାଜି ମଧ୍ୟରୁ ନିର୍ବାଚିତ କେତୋଟି ଗଳ୍ପର ଓଡ଼ିଆ ଅନୁବାଦ ସଂକଳନ "ନୀଳ ନିମନ୍ତ୍ରଣ" ଶ୍ରୀଜଗନ୍ନାଥ ପ୍ରେମୀମାନଙ୍କ ପାଇଁ ଏହା "ଅଭିମାନ ପ୍ରକାଶନୀ"ର ଶ୍ରଦ୍ଧା ଉପହାର । ମୂଳ ବଙ୍ଗଳା ଗଳ୍ପଗୁଡ଼ିକର ଓଡ଼ିଆ ରୂପାନ୍ତର କରି ସୁସାହିତ୍ୟିକ ପ୍ରଦୀପ କୁମାର ରାୟ ଏକ ମହାନ କାର୍ଯ୍ୟ ସମ୍ପାଦନ କରିଛନ୍ତି । ପାଠକମାନଙ୍କ ସମାଦର ଲାଭ କଲେ ଅନୁବାଦକ ଓ ପ୍ରକାଶକଙ୍କ ଶ୍ରମ ସାର୍ଥକ ହେବ ।

- ପ୍ରକାଶକ



# କଳା ଶ୍ରୀମୁଖ






ପ୍ରଦୀପ କୁମାର ରାୟ

ଅନୁବାଦ ମାଧ୍ୟମରେ ଭାଷା ଭାଷା ମଧ୍ୟରେ ପାରସ୍ପରିକ ଯୋଗସୂତ୍ର ତିଆରି ହୋଇପାରିବ ବୋଲି ଗଭୀର ବିଶ୍ୱାସ ରଖିଥିବା ନିଷ୍ଠାପର ଓ ଅଧ୍ୟବସାୟୀ ପ୍ରଦୀପ କୁମାର ରାୟ ଅନୁରାଗର ସହ ଓଡ଼ିଆରୁ ବଙ୍ଗଳା ଓ ଅନ୍ୟାନ୍ୟ ଭାଷାରୁ ଓଡ଼ିଆକୁ ବିପୁଳ ଅନୁବାଦ କରି ଆମ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଗନ୍ନାଥଙ୍କ ନୀଳଶୈଳ ଓ ନୀଳ ମହୋଦଧିର ମିଳିତ ଆମନ୍ତ୍ରଣକୁ ନେଇ ରଚିତ ବଙ୍ଗଳା ଗଳ୍ପଗୁଡ଼ିକର ଓଡ଼ିଆ ରୂପାନ୍ତର କରିଛନ୍ତି ପ୍ରଦୀପ କୁମାର ରାୟ । ଏହା ଆମ ସାଂସ୍କୃତିକ ଜଗତ ପାଇଁ ଏକ ବିଶେଷ କାର୍ଯ୍ୟ । ଅଣଓଡ଼ିଆ ଦୃଷ୍ଟିରେ ଓଡ଼ିଆ ଗଣଦେବତା ଶ୍ରୀଜଗନ୍ନାଥ କିପରି ଚିତ୍ରିଛନ୍ତି ପାଠକେ ତାହା ଏଥିରୁ ପ୍ରତ୍ୟକ୍ଷ କରିବେ ।




# ବିଶ୍ୱାସର ଗବାକ୍ଷ ଓ ନୀଳ ନିମନ୍ତ୍ରଣ


## ସୁଚେତା ମିଶ୍ର

ଲିଡ୍ ବ୍ୟାଙ୍କ୍ ଲେନ୍, ପୋଲିସ ଲାଇନ୍,
ପୁରୀ-୭୫୨୦୦୧
ଫୋନ:୯୯୩୭୧୫୯୮୯୧


ଫଟୋ ସୌଜନ୍ୟ : ମାନମୟୀ ରଥ ଓ ପ୍ରଦୀପ କୁମାର ରାୟ




ଈଶ୍ୱରଙ୍କର ଉପସ୍ଥିତି ବା ଅନୁପସ୍ଥିତିକୁ ନେଇ ସଦାକାଳେ ତର୍କ ଜାରି ରହିଛି । ନିହାତି ନାସ୍ତିକଟିଏ ଚମକପ୍ରଦ ଘଟଣା ବା ଦୁର୍ଘଟଣାର ଉପଲବ୍ଧିରୁ ବୁଝିଛି ଯେ, ଯିଏ ମୋତେ ବଞ୍ଚେଇ ଦେଲା ସେ ନିଶ୍ଚୟ ଈଶ୍ୱର ହୋଇଥିବେ, ନହେଲେ ମୋ ହାତରେ ତ କିଛି ନଥିଲା । ଏହାକୁ ସେ କାଳକ୍ରମେ ଅଲୌକିକ ବା ଆସ୍ତିକପଣ ବୋଲି ପ୍ରମାଣିତ କରିପାରେ । ପୁଣି ନିହାତି ଆସ୍ତିକ ଜଣେ ବାରମ୍ବାର ଦୁର୍ଯୋଗ ଓ ତାଡ଼ନାର ସାମ୍ନା କରିବା ପରେ କହିବ, 'ଈଶ୍ୱର ନାହାନ୍ତି...ଯଦି ଅଛନ୍ତି ସେ ବଡ଼ ନିଷ୍ଠୁର ।' ବା ଏମିତି କହିପାରେ 'ମୁଁ ଆଜି ଈଶ୍ୱରଙ୍କୁ ମାରିଦେଲି ।'

ତେବେ ଏସବୁ ପଛରେ ଯାହା ଉହ୍ୟ ରହି ଯାଇଥାଏ ସେ ହେଉଛି ବିଶ୍ୱାସ । ଆମେ କହୁ 'ନିଃଶ୍ୱାସକୁ ବିଶ୍ୱାସ ନାହିଁ ।' ଅର୍ଥାତ୍ ଏ ଜୀବନ ସୀମିତ । କିନ୍ତୁ ବିଶ୍ୱାସ ପାଇଁ ନିଃଶ୍ୱାସର ଅଭାବ ନାହିଁ କାରଣ କିଛି ବିଶ୍ୱାସ ବଂଶଗତ ଭାବରେ ଆମ ପାଖରେ ପ୍ରତିଷ୍ଠିତ । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି 'ଯଥା ମାଂପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍' । ଅର୍ଥାତ୍ ଯିଏ ଯେଉଁ ଭାବରେ, ଯେଉଁ ରୂପରେ ମୋତେ ଚାହେଁ ମୁଁ ସେହି ଭାବରେ ହିଁ ତା ପାଖରେ ଉଭା ହୁଏ । ଓଡ଼ିଆ ଜାତିର ପ୍ରାଣ ହେଉଛନ୍ତି ଭାବର ଠାକୁର ଶ୍ରୀଜଗନ୍ନାଥ । କୁହାଯାଏ ଯେତେ ସମ୍ପତ୍ତି ଢାଳିଦିଅ, ମୁଣ୍ଡ ପିଟିଦିଅ, ସେ ଶୁଣିବେ ନାହିଁ । ହେଲେ ତାଙ୍କୁ ଭାବରେ ବାନ୍ଧି ଦେଇଛି ଭକ୍ତ ଯଦି ସେ ନିଶ୍ଚୟ ତା ଡାକ ଶୁଣିବେ । ସେ ଦାସିଆ ବାଉରୀ ହେଉ କି ଜଗନ୍ନାଥ ଦାସ, ସାଲବେଗ ହୁଅନ୍ତୁ କି ସାରିଆ ଭିକ । ସମସ୍ତେ ଏହି ଭାବ ଡୋରରେ ବନ୍ଧା । ଜଗନ୍ନାଥ ଚେତନା, ଜଗନ୍ନାଥ ତତ୍ତ୍ୱ, ଜଗନ୍ନାଥଙ୍କର ଶ୍ରୀମନ୍ଦିର ଓ ବହୁ ଗୂଢ଼ କଥାକୁ ନେଇ ଆମର ପୁରାଣ ଓ ସାହିତ୍ୟ ସମୃଦ୍ଧ । ତେବେ ଏଇ ବର୍ଷ ସ୍ନାନପୂର୍ଣ୍ଣିମୀ ଦିନ ପୁରୀ ଠାରେ ମୁକ୍ତିଲାଭ କରିଥିବା 'ନୀଳ ନିମନ୍ତ୍ରଣ' ଶୀର୍ଷକ ଏକ କ୍ଷୁଦ୍ର ଗଳ୍ପ ସଂକଳନ ପାଠକଙ୍କର ଦୃଷ୍ଟି ଆକର୍ଷଣ କରିବ ନିଶ୍ଚୟ । ଏ ପୁସ୍ତକର ବିଶେଷତ୍ୱ ହେଉଛି ଏହା ଷୋହଳଟି କ୍ଷୁଦ୍ର ଗଳ୍ପ ସମ୍ମିଳିତ ଏକ ଗଳ୍ପ ସଂକଳନ ଯାହା ବାଂଲା ଭାଷାରେ ଲିଖିତ ଗଳ୍ପଗୁଡ଼ିକର ଓଡ଼ିଆ ରୂପାନ୍ତର । ଏହି ଅନୁବାଦ ବା କୁହାଯାଉ ଅନୁସୃଜନ କର୍ମଟି ତୁଲେଇଛନ୍ତି ଶ୍ରୀଯୁକ୍ତ ପ୍ରଦୀପ କୁମାର ରାୟ ।

ତେବେ ଏହା ଏକକ ପ୍ରଚେଷ୍ଟା ନୁହେଁ । ଏ ସଂକଳନର ଜନ୍ମ ପଛରେ 'ପୌରୁଷ' ପତ୍ରିକାର ସମ୍ପାଦକ, ସ୍ତମ୍ଭକାର ଓ ସୁଲେଖକ ଶ୍ରୀଯୁକ୍ତ ଅସିତ୍ ମହାନ୍ତିଙ୍କର ପ୍ରଚେଷ୍ଟା ନିଶ୍ଚିତ ଭାବରେ ପ୍ରଶଂସନୀୟ । କାରଣ ଏଭଳି ଏକ ପୁସ୍ତକ ଆମ ଭାଷାରେ ରହିବା ଉଚିତ ବୋଲି ଶ୍ରୀଯୁକ୍ତ ମହାନ୍ତି ସ୍ୱପ୍ନ ଦେଖିଥିଲେ ୨୦୧୬ ମସିହାରେ । ବିଦେଶରୁ ବା ଦେଶର ଅନ୍ୟ ଅଂଶରୁ ଆସୁଥିବା ଭକ୍ତମାନଙ୍କ ମଧ୍ୟରେ ପୁରୀକୁ ପଶ୍ଚିମବଙ୍ଗରୁ ଆସୁଥିବା ଭକ୍ତଙ୍କର ସଂଖ୍ୟା ସର୍ବାଧିକ । ନିଶ୍ଚିତ ଭାବରେ ସେମାନେ ତାଙ୍କ ଭାଷାରେ ଆମ ରାଜ୍ୟ, ଶ୍ରୀକ୍ଷେତ୍ର, ଶ୍ରୀଜଗନ୍ନାଥ, ସମୁଦ୍ରକୁ ନେଇ କିଛି ନା କିଛି ରଚନା କରିଥିବେ, ଯାହା ଓଡ଼ିଆରେ ଅନୂଦିତ ହୋଇ ସଂକଳିତ ହେବା ବିଧେୟ ବୋଲି ଶ୍ରୀଯୁକ୍ତ ଅସିତ୍ ମହାନ୍ତି ଚିନ୍ତା କରିଥିଲେ ଓ ଏହି ସ୍ୱପ୍ନଟିକୁ ସତ କରିବା ପାଇଁ ଢେର୍ ଦିନ କଳବଳ ହେଲେ । କିଛି ଜଣଙ୍କୁ ଅନୁରୋଧ କରି ମଧ୍ୟ ସୁଫଳ ପାଇଲେ ନାହିଁ । ତାଙ୍କର ଏ ସ୍ୱପ୍ନର ବୀଜଟି ଯାହା ବୃକ୍ଷ ହୋଇପାରି ନଥିଲା ତାହା ସମାହିତ ହେଲା ଲେଖକ ଓ ଅନୁବାଦକ ଶ୍ରୀଯୁକ୍ତ ପ୍ରଦୀପ କୁମାର ରାୟଙ୍କ ପାଖରେ । ବାଂଲା ଭାଷାର ବିଖ୍ୟାତ ଲେଖକ ବିଭୂତି ଭୂଷଣ ବନ୍ଦୋପାଧ୍ୟାୟଙ୍କ ଠାରୁ ମହାଶ୍ୱେତା ଦେବୀ ଓ ସମକାଳୀନ କିଛି ଲେଖକଙ୍କ ଦ୍ୱାରା ଲିଖିତ ଅନବଦ୍ୟ ଗଳ୍ପର ଅନୁବାଦ ପ୍ରକାଶିତ ହେଲା ସଂକଳନ ଆକାରରେ ଏ ବର୍ଷ ସ୍ନାନପୂର୍ଣ୍ଣିମୀ ତିଥିରେ ଏବଂ ପୁରୀରେ । ଏ ପୁସ୍ତକର କିଛି ଗଳ୍ପ 'ପୌରୁଷ', 'କଥାନ୍ତର', 'କଥା ତରଙ୍ଗରେ ଶ୍ରୀଜଗନ୍ନାଥ', 'ନବଲିପି', 'ବନଫୁଲ' ପ୍ରଭୃତି ପତ୍ରିକାରେ ପୂର୍ବରୁ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଲାଭ କରିଛି । ପୁସ୍ତକର ପ୍ରାରମ୍ଭରେ ଶ୍ରୀ ପ୍ରଦୀପ କୁମାର ରାୟ ଏବଂ ଅସିତ୍ ମହାନ୍ତିଙ୍କର ଅଗ୍ରଲେଖ



▲ ଲେଖିକା ସୁଚେତା ମିଶ୍ର

ପ୍ରଣିଧାନଯୋଗ୍ୟ ।

ଏଥର ଆସିବା କାହାଣୀ ପାଖକୁ । କାହାଣୀ ସବୁବେଳେ ମନଲୋଭା । ତାହା ଏ ଲୋକରୁ ଅନ୍ୟ ଏକ ଲୋକକୁ ନେଇଯାଏ ଆମକୁ । ସତ ସବୁ ସତ ଏବଂ ମିଛ ବି ସତ ହେଇଯାଏ କାହାଣୀରେ । ବହୁ ଆତ୍ମାନୁଭୂତି, ବହୁ ଚରିତ୍ର ସେଠାରେ ଜୀବନ ପାଆନ୍ତି ଓ ତାଙ୍କ ଅତିକାୟତାରେ ଆମକୁ ତ୍ରସ୍ତ ବିହ୍ୱଳ କରିପକାନ୍ତି । ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଚଳଚ୍ଚିତ୍ର (ପଥେର୍ ପାଞ୍ଚାଳୀ)ର କାହାଣୀକାର ବିଭୂତି ଭୂଷଣ ବନ୍ଦୋପାଧ୍ୟାୟଙ୍କର କାହାଣୀ ଥାପନ କରିଛି 'ନୀଳ ନିମନ୍ତ୍ରଣ'ର ପ୍ରଥମ ପାହାଚ । ଏଠି ଆପଣ ଭେଟିବେ ବୁଧୋର ମାଆକୁ । ବାଆସ୍ତରୀ ପାର୍ ହୋଇ ଯାଇଥିବା ସେ ମହିଳା, ଯିଏ ଏ ବୟସରେ ପକ୍ୱକେଶ ହୋଇ ମଧ୍ୟ ଅପୂର୍ବ ସୁନ୍ଦରୀ । ଗାଆଁରେ ତାଙ୍କୁ କିଏ କଳିହୁଡ଼ି ଶାଶୁ କହେ ତ କିଏ ସାହାଯ୍ୟ କାରିଣୀ । ଅତୀତରେ କାଳେ ତାଙ୍କର ଥିଲେ ଅନେକ ପ୍ରେମିକ ହେଲେ ଆଜି କେହି ମୁହଁ ଖୋଲି ତାଙ୍କୁ କିଛି କହନ୍ତିନି, କାରଣ ବେଳ ଅବେଳରେ ବୁଢ଼ୀ ପାଖରେ ହାତ ପତେଇବାକୁ ହୁଏ । 'ଏ ସାହିର ସେ ମହାଜନ' । ସେ ପୁରୀ ଯାଆନ୍ତି ଓ ହଠାତ୍ ନିଜ ଗାଆଁର ଆଉ ଦୁଇଜଣ ଖୁଡ଼ୀ ମା' ଏବଂ ବ୍ରାହ୍ମଣ ଦିଦି ସହିତ ଭେଟ ହୁଅନ୍ତି । ତିନିହେଁ ଏକାଠି ଭୁବନେଶ୍ୱର ଓ ପୁରୀର ବିଭିନ୍ନ ସ୍ଥାନ ବୁଲନ୍ତି । ସମୁଦ୍ର ଦେଖନ୍ତି । ଜଣେ ପଣ୍ଡାଙ୍କ ଘରେ ଆଶ୍ରା ନିଅନ୍ତି ।




ଶ୍ରୀମନ୍ଦିର ଓ ସମୁଦ୍ର ଦେଖି କୃତକୃତ୍ୟ ହେଇଯାଏ ବୁଧୋର ମାଆ ହେଲେ ସନ୍ଧ୍ୟା ବେଳେ ବିମଳା ଦେବୀ ମନ୍ଦିର ପ୍ରାଙ୍ଗଣରେ ସାଧୁଙ୍କର ଗୀତାପାଠରୁ କିଛି ବୁଝେ ନାହିଁ ବୁଧୋର ମାଆ । ଯେଉଁ ପଣ୍ଡାଙ୍କ ଘରେ ସେ ରହୁଥିଲେ ତାଙ୍କର ଝିଅ ରୁକ୍ମିଣୀ କହେ ଯେ, 'ଧ୍ୟାନ ଧାରଣା ତପସ୍ୟା ଏସବୁ ଶିକାରେ ଝୁଲେଇ ରଖ । କେବଳ ଅନ୍ନ ବାଣ୍ଟିଚାଲ । ଅନ୍ନଦାନ ହେଉଛି ମହାଯଜ୍ଞ । ବୁଧୋର ମାଆ ଭାବେ, ଅଭାବ ବେଳେ ମୋଚି ପଡ଼ାରେ ସେ ସତର ଜଣଙ୍କୁ ବିନା ସୁଧରେ ଧାନ ଦେଉଛି । ଏତେ ଦୂରରେ ଥାଇ ପ୍ରଭୁ ଜଗନ୍ନାଥ ତାହା ଜାଣି ପାରିଛନ୍ତି, ତେଣୁ ତାକୁ ଡକେଇ ଆଣିଛନ୍ତି । କାହାଣୀଟି ସରୁଛି ଏମିତି: "ଗାଁରେ ସମସ୍ତେ କହିଲେ, ରଥଦିନ, ତୀର୍ଥସ୍ଥଳୀର ମୃତ୍ୟୁ....କେଜାଣି କେମିତି ସମ୍ଭବ ହେଲା, ଏମିତି ବଦ୍ ଚରିତ୍ର ଖରାପ ସ୍ତ୍ରୀଲୋକ.... ।"

ଏଠି ଆଉ ଏକ ଗଳ୍ପ 'ମହାପ୍ରସାଦ'ର ଉଲ୍ଲେଖ କରାଯାଇପାରେ । ଗଜେନ୍ଦ୍ର କୁମାର ମିତ୍ରଙ୍କ ଦ୍ୱାରା ଲିଖିତ ଏ ଗଳ୍ପରେ ସେ ପ୍ରାରମ୍ଭରୁ ହିଁ ଉଲ୍ଲେଖ କରିଛନ୍ତି ଯେ, ନବେ ଭାଗ ସତ ଏବଂ ଏକ ଭାଗ ମିଛ । ଏଠି ଏକ ଚରିତ୍ର ଯିଏ ହେଉଛନ୍ତି ପ୍ରଭାସ୍ ଦା', ବାଲିପୋଡ଼ା ଇଂରାଜୀ ସ୍କୁଲ୍‌ର ସେକେଣ୍ଡ୍ ଟିଚର୍ । ସେ ଜଣେ ସଚ୍ଚୋଟ ଶିକ୍ଷକ । ହେଲେ ସେ ଗପ, ଉପନ୍ୟାସ ପଢ଼ନ୍ତି ନାହିଁ । ତାକୁ ତାହା ମିଛ ବୋଲି କହନ୍ତି ଏବଂ କୌଣସି ଦେବାଦେବୀଙ୍କୁ ପୂଜା କରନ୍ତି ନାହିଁ । ବିଚାରୀ ଭାଉଜ (ତାଙ୍କ ସ୍ତ୍ରୀ)ଙ୍କୁ ସନ୍ଧ୍ୟାରେ ଛାତ ଉପରେ ନହେଲେ ରୋଷେଇ ଘରେ ଲୁଚେଇ ଲୁଚେଇ ପୂଜା କରିବାକୁ ହୁଏ । ପ୍ରଭାସ୍ ଦା' ଅବନୀ ବାବୁ ଓ ନରେନ୍ ବାବୁଙ୍କ ସହ ପୁରୀ ଆସନ୍ତି । ପ୍ରଭାସ୍ ଦା'ଙ୍କର ଭକ୍ତି ନାହିଁ । ସେ କହିଛନ୍ତି, 'ଯେମିତି ତାଜମହଲ ଦେଖିବାକୁ ଯାଉ, ସେମିତି ମନ୍ଦିର ଦେଖିବାକୁ ଯିବି ।' ମନ୍ଦିର ଭିତରେ ପଣ୍ଡାମାନେ ଲାଗି ରହନ୍ତି ଦର୍ଶନ, ଭୋଗାଦି କରେଇ ଦେବା ପାଇଁ । ଏ ଭିତରେ ଅଭିନବ ଉପାୟ ଆପଣେଇଛନ୍ତି ଯାତ୍ରୀଙ୍କ ମୁହଁରେ ଅବଢ଼ା ଟିକିଏ ପୂରେଇ ଦେଇ ପଇସା ଯାଚନା କରିଥାଆନ୍ତି । ଭକ୍ତି ଥାଉ ବା ନଥାଉ ଅବଢ଼ାକୁ କେହି ଅବଜ୍ଞା କରନ୍ତି ନାହିଁ । କେହିହେକି ଭକ୍ତ ବାଟ ଭାଙ୍ଗି ଚାଲି ଯାଆନ୍ତି, ସାମ୍ନାରେ ପଡ଼ିଗଲେ ଅବଢ଼ା ଥିବା ହାତକୁ ମୁଣ୍ଡରେ ଛୁଆଁଇ ପ୍ରସାଦ




## ବଙ୍ଗଭାଷୀ କଥାକାରଗଣ


ରମ୍ୟାଣୀ ଗୋସ୍ୱାମୀ


ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ


ଶ୍ୟାମଳୀ ରକ୍ଷିତ୍


ଶାଶ୍ୱତୀ ଚନ୍ଦ

## ବଙ୍ଗଭାଷୀ କଥାକାରଗଣ



ତାରାଶଙ୍କର ବନ୍ଦୋପାଧ୍ୟାୟ


ଶ୍ୟାମଳୀ ସେନଗୁପ୍ତ


ଅଦିତି ଭଟ୍ଟାଚାର୍ଯ୍ୟ


ତୃଷ୍ଣା ବସାକ

ପ୍ରତି ଭକ୍ତି ପ୍ରଦର୍ଶନ କରନ୍ତି । ପ୍ରଭାସ୍ ଦା'ଙ୍କର ଭକ୍ତି କି ସୌଜନ୍ୟ ନାହିଁ । ସେ ଏଭଳି ଗୋଟେ ଲୋକର ହାତକୁ ଧରି ଜୋର୍‌ରେ ଝଟ୍‌କା ଦେଲେ ଯେ ହାତରେ ଥିବା ମହାପ୍ରସାଦ ତଳେ ପଡ଼ିଲା ଆଉ ପ୍ରଭାସ୍ ଦା' ତା ଉପରେ କୁଦି ଚାଲିଗଲେ । ଏହାପରେ ଚାରିପାଖରୁ ମହାପ୍ରସାଦ ବିକ୍ରେତା, ପଣ୍ଡା ତାଙ୍କୁ ଘେରିଯାଇ ଗାଳିଗୁଲଜ କଲେ । ପ୍ରଭାସ୍ ଦା'ଙ୍କୁ କୌଣସି ପ୍ରକାରେ ମୁକୁଳେଇ ନରେନ୍ ବାବୁ ଓ ଅବନୀ ବାବୁ ହୋଟେଲ ଫେରିଲେ । ହେଲେ ହୋଟେଲ ପାହାଚ ଚଢୁ ଚଢୁ ପ୍ରଭାସ୍ ଦା' ଗୋଡ଼ ମୋଡ଼ି ହୋଇ କଚାଡ଼ି ହୋଇ ପଡ଼ିଲେ । ଗୋଡ଼ ଅସମ୍ଭବ ଭାବେ ଫୁଲିଗଲା, ଅସହ୍ୟ ଯନ୍ତ୍ରଣା । ତାଙ୍କର ଚିକିତ୍ସା କରି, ଟ୍ରେନ୍‌ରେ ଶୁଏଇ ଷ୍ଟ୍ରେଚର୍‌ରେ ଆଣି ଚିକିତ୍ସା କରିବାକୁ ହେଲା ଘରେ । ପ୍ଲାଷ୍ଟର ହୋଇ ଗୋଡ଼, ତିନିମାସ ରହିଲା ଫ୍ରାକ୍‌ଚର୍ ସହିତ ଗୋଇଠିର ଲିଗାମେଣ୍ଟ୍ ଛିଡ଼ି ଯାଇଛି । ଗରିବ, ସ୍କୁଲ୍ ମାଷ୍ଟର, ଛଅ ଜଣିଆ ସଂସାର, ସ୍ତ୍ରୀଙ୍କର ଦୁଇଟି ଗହଣା ବିକ୍ରି ହେଲା । ଯେଉଁ ପାଦରେ ମହାପ୍ରସାଦ କୁଦିଥଲେ ସେହି ଗୋଡ଼ଟି ପାଇଁ କଷ୍ଟ ପାଇଲେ । କାହାଣୀର ଅନ୍ତରେ ପ୍ରଭାସ୍ ଦା' କିନ୍ତୁ ଆସ୍ତିକ ପାଲଟିଗଲେ ।



ଚିତ୍ର : ସମରେନ୍ଦ୍ର ବେହେରା
ମୂଳ ବଙ୍ଗଳା : ମୌଳିନାଥ ଗୋସ୍ୱାମୀ

ଅନୀତା ଅଗ୍ନିହୋତ୍ରୀଙ୍କ କଲମରେ ସ୍ଥାନ ପାଇଛି ଦୁଇଟି ଗଳ୍ପ 'ଠାକୁରଙ୍କ ସ୍ତ୍ରୀ' ଓ 'କୋଟି ପାପ' । ଦୁଇଟିଯାକ ଗଳ୍ପରେ ସେ ନାରୀ ହୃଦୟର ଏକାନ୍ତ ଗୋପନ ଆବେଗକୁ ଫୁଟେଇ ପାରିଛନ୍ତି । 'ଠାକୁରଙ୍କ ସ୍ତ୍ରୀ'ରେ ସେ ବେଳାରାଣୀଙ୍କ ଚରିତ୍ର ଯିଏ ହେଉଛନ୍ତି ଶ୍ରୀମନ୍ଦିରର ଶେଷ ମାହାରୀ ତାଙ୍କୁ ଚିତ୍ରଣ କରିଛନ୍ତି । ନବ କଳେବର ସମୟରେ ମିଥ୍ୟା ଅପଚାର, ଅହଂକାରୀ ଘୋଷଣା, କ୍ଷମତାସୀନଙ୍କର ମିଛ ସବୁ ଶୁଣି ମୃତ୍ୟୁ ଶଯ୍ୟାରେ ବେଳାରାଣୀ । 'ମନ୍ଦିରର ନିର୍ଜନ ଚତ୍ୱରରେ ପ୍ରାଣହୀନ ଘୁମନ୍ତ ଠାକୁର ଜାଣି ପାରୁନାହାନ୍ତି, ତାଙ୍କର ଶେଷ ସଙ୍ଗିନୀ ଖେଳର ପୃଥିବୀ ଛାଡ଼ି ଚାଲି ଯାଉଛନ୍ତି ।' 'କୋଟି ପାପ'ର ମୁଖ୍ୟ ଚରିତ୍ର ଅହଲ୍ୟା, ଯିଏ ବିବାହିତ ହୋଇ ମଧ୍ୟ କେଉଁ ଦୁର୍ବଳ ମୁହୂର୍ତ୍ତରେ ଆକର୍ଷିତ ହୋଇଛି ଅନ୍ୟ ପୁରୁଷ ଆଡ଼କୁ । ସେ କିନ୍ତୁ ଧୋକା ଦେଇ ଚାଲିଯାଇଛି । ଅହଲ୍ୟା ଗର୍ଭବତୀ ହୋଇଛି । ପ୍ରାର୍ଥନା କରିଛି ସନ୍ତାନ ତା ଭଳି ଶ୍ୟାମଳ ଓ ତା ଆଖି ଭଳି ଆଖି ଆଣୁ । ହେଲେ ପୁଅଟିଏ ଜନ୍ମ ହୋଇଛି ପ୍ରେମିକ ଭଳି ଗୋରା ଆଉ ନୀଳ ଆଖି ନେଇ । ସ୍ୱାମୀ ଯଦୁ ମାଝି ସେଦିନରୁ ତା ସହିତ କଥା କହିବା ବନ୍ଦ କରି ଦେଇଛି । ହେଲେ ଉପାସା ରହିନି ତାକୁ ବାହା ହେଇଥିବାରୁ ନିୟମ ମୁତାବକ ରାମ୍ପି ବିଦାରି ଖାଇଛି । ଏଇ ଗୋଟିଏ ପାପକୁ କୋଟିଏ ପାପ ଭଳି ଧାରଣ କରିଥିବା ଅହଲ୍ୟା ଶାଶୁ ଓ ପୁଅ ସହ ଆସିଛି ଶ୍ରୀକ୍ଷେତ୍ର ପାପମୁକ୍ତ ହେବାକୁ ।



ଚିତ୍ର : ଶଶିଭୂଷଣ ଜେନା
ମୂଳ ବଙ୍ଗଳା : ଗଜେନ୍ଦ୍ର କୁମାର ମିତ୍ର

ମୌଳିନାଥ ଗୋସ୍ୱାମୀଙ୍କର ଗଳ୍ପର ଆବେଦନ ସତରେ ହୃଦୟସ୍ପର୍ଶୀ । ମଣିଷର ପ୍ରଚଣ୍ଡ ବିଶ୍ୱାସ କେମିତି ତାକୁ ସଫଳତାର ସ୍ୱାଦ ଦେଇଥାଏ ତାହାର ଏକ ଉଦାହରଣ ଏ ଗଳ୍ପ । ଶ୍ରୀକ୍ଷେତ୍ର ପୁରୀରେ ଜଗନ୍ନାଥଙ୍କର ସ୍ନାନଯାତ୍ରା ପୂର୍ବରୁ ପହଞ୍ଚନ୍ତି ସୁଦର୍ଶନ, ସ୍ତ୍ରୀ ମଇନା ଆଉ ବାଳୁତ ପୁଅ । ଚୈତ୍ର ମାସର ପ୍ରଚଣ୍ଡ ରୌଦ୍ରରେ ରେଳଯାତ୍ରା କଲାବେଳେ ସେମାନେ ଆବିଷ୍କାର କରନ୍ତି ପୁଅ ଦେହରେ ଜ୍ୱର । ସେମାନେ ପୁରୀରେ ପହଞ୍ଚି ଔଷଧାଦି ଖୁଆଇବା ପରେ ବି ପୁଅ ସୁସ୍ଥ ହୁଏନି । ସୁଦର୍ଶନ ପୁଅକୁ ସ୍ୱପ୍ନ ଦେଇଛନ୍ତି ଯେ ସେ ଦେଖିବ ବଡ଼ ଜଗନ୍ନାଥ ଆଉ ସମୁଦ୍ର । ଡାକେଶ୍ୱରୀ କଟନ୍ ମିଲ୍‌ରେ କାମ କରୁଥିବା ସୁଦର୍ଶନ କେତେ କଷ୍ଟରେ ଟଙ୍କା ସଞ୍ଚୟ କରି ପୁରୀକୁ ଆସିଛି ସ୍ତ୍ରୀପିଲାଙ୍କୁ ଧରି

**ବଙ୍ଗଭାଷୀ କଥାକାରଗଣ**



ମୌଳିନାଥ ଗୋସ୍ୱାମୀ


ଅନୀତା ଅଗ୍ନିହୋତ୍ରୀ



ଗଜେନ୍ଦ୍ର କୁମାର ମିତ୍ର


ବିନୋଦ ଘୋଷାଲ

ସବୁ କଣ ବେକାର ଯିବ । ହେଲେ ତାର ଅଦମ୍ୟ ବିଶ୍ୱାସ, ତା ପୁଅକୁ ଭଲ କରିଦେବେ । ସ୍ନାନ ପୂର୍ଣ୍ଣମୀ ଦିନ ସେ ପୁଅକୁ କାନ୍ଧରେ ବସେଇ ଦର୍ଶନ ପାଇଁ ଆସିଛି । ପୁଅକୁ ଯେମିତି ହେଲେ ଦେବ ଦର୍ଶନ କରେଇବ । କଳସୀ ପରେ କଳସୀ ଶୀତଳ ଜଳ, ସେବାୟତମାନେ ଢାଳୁଛନ୍ତି ମହାପ୍ରଭୁଙ୍କ ଉପରେ । ଏଣେ ଅତୀବ କ୍ରୁଦ୍ଧ ସୂର୍ଯ୍ୟ । ପୁଅର ମୁଣ୍ଡ ଢଳି ପଡ଼ିଲାଣି । 'ବାବୁରେ...ବାବୁରେ' ଚିତ୍କାର କରେ ସୁଦର୍ଶନ । ସ୍ତ୍ରୀ ମଇନା, 'କଣ କଲ କଣ କଲ' ବୋଲି ଚିତ୍କାର କରେ । ଭିଡ଼ ଭିତରେ ଜଗନ୍ନାଥଙ୍କ ପାଖାପାଖି ପହଂଚି ଯାଇଥିବା ସୁଦର୍ଶନ ପୁଅକୁ ତଳେ ଶୁଏଇ ଦେଇ 'ପାଣି...ପାଣି' ଚିତ୍କାର କରେ । କେହି ଜଣେ ଗରାଏ ପାଣି ଢାଳିଦିଏ ତା ପୁଅ ଉପରେ । ଗଭୀର ନିଦରୁ ଉଠିବା ଭଳି ପୁଅ ଉଠି ବସେ । ପୁଅ ଦେହରେ ଆଦୌ ତାତି ନାହିଁ । ମଇନା ଆଶ୍ଚର୍ଯ୍ୟ ହୁଏ । ସେମାନେ ହୋଟେଲ୍‌କୁ ଫେରି ଆସନ୍ତି । ପ୍ରଭୁ ଏମିତି ଆର୍ତ୍ତ, ପୀଡ଼ିତଙ୍କର ଜ୍ୱର ଧାରଣ କରି ଆସୁଛନ୍ତି କୋଉ କାଳରୁ । ପରଦନ ମହାପ୍ରଭୁଙ୍କୁ ଜ୍ୱର ହେଉଛି ।




ବ୍ୟାଘ୍ର ଦ୍ୱାର ଦେଇ ପ୍ରବେଶ କରନ୍ତି ସାଧୁସନ୍ଥମାନେ । କଥାରେ ଅଛି ଏହି ଦ୍ୱାର ଦେଇ ପ୍ରବେଶ କଲେ ମୋକ୍ଷ ପ୍ରାପ୍ତ ହୁଏ । ସାଧାରଣ ତୀର୍ଥଯାତ୍ରୀ ସିଂହଦ୍ୱାର ଦେଇ ଆସନ୍ତି । ହେଲେ କେୟା ଓ ତା'ର ଶାଶୁ ଆସନ୍ତି ବ୍ୟାଘ୍ର ଦ୍ୱାର ଦେଇ । ଜଣେ କଳା ଅସୁନ୍ଦର ପଣ୍ଡା ଯାହାଙ୍କର ନାମ ପୁରୁଷୋତ୍ତମ, ତାଙ୍କୁ ନେଇ ଆସିଛନ୍ତି । ଏଭଳି ଅସୁନ୍ଦର ପୁରୁଷ ପୁଣି ପୁରୁଷୋତ୍ତମ– ତାଙ୍କର ଯୁକ୍ତି ଓ ଭକ୍ତିକୁ କେୟା ତାଚ୍ଛଲ୍ୟ କରି ଚାଲିଛନ୍ତି । କେବଳ ପଇସା ଠୁଳେଇବାର ଏ ଫିକର ବୋଲି ଭାବୁଛନ୍ତି । କେୟାର ସ୍ୱାମୀ କୌଣସି ଅନୈତିକ କାର୍ଯ୍ୟ କରି ଫେରାର୍ ହୋଇଯାଇଛି । ତେଣୁ କେୟାର ଶାଶୁ ତାଙ୍କୁ ବାରମ୍ବାର କହୁଛନ୍ତି ଜଗନ୍ନାଥଙ୍କୁ ପ୍ରାର୍ଥନା କରିବାକୁ । ପୁରୁଷୋତ୍ତମ ମନ୍ଦିର, ବାଇଶି ପାହାଚ ଏଭଳି ବିଷୟରେ ବହୁତ କଥା କହୁଛନ୍ତି ଯାହାକୁ କେୟା ଗ୍ରହଣ କରୁନାହାନ୍ତି । କିଛି ସମୟ ପରେ ପୁରୁଷୋତ୍ତମ କେଉଁ ଆଡ଼େ ଚାଲିଯାଆନ୍ତି । ତାଙ୍କର ଦେଖା ଆଉ ମିଳେନି । ହୁଏତ ଅନ୍ୟ କେଉଁ ଯାତ୍ରୀଙ୍କ ଠାରୁ ମୋଟା ଟଙ୍କା ଆଦାୟ କରିବାକୁ ଯାଇଛନ୍ତି ବୋଲି କେୟା ଭାବନ୍ତି । ପରଦିନ ଶାଶୁବୋହୂ ପୁଣି ମନ୍ଦିର ଆସି ଖୋଜାଖୋଜି କରନ୍ତି । ଦକ୍ଷିଣା ନଦେଲେ ଭକ୍ତିର, ପୂଜାର କୌଣସି ମୂଲ୍ୟ ନାହିଁ ବୋଲି ଭାବନ୍ତି । ହେଲେ ସେଦିନ ତ ପୁରୁଷୋତ୍ତମ 'ଜଗନ୍ନାଥ ସ୍ୱାମୀ ନୟନପଥଗାମୀ' ଗୁଣୁଗୁଣୁ ହୋଇ ନାଟମଣ୍ଡପ ଆଡ଼େ ଚାଲି ଯାଇଛନ୍ତି ।




ମୋଟ ଉପରେ ବହିରେ ଅଛି ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ, ତାରାଶଙ୍କର ବନ୍ଦୋପାଧ୍ୟାୟ, ଗଜେନ୍ଦ୍ର କୁମାର ମିତ୍ର, ମହାଶ୍ୱେତା ଦେବୀ, ଅନୀତା ଅଗ୍ନିହୋତ୍ରୀ, ଆଦିତି ଭଟ୍ଟାଚାର୍ଯ୍ୟ, ମୌଳିନାଥ ଗୋସ୍ୱାମୀ, ଶ୍ୟାମଳୀ ସେନଗୁପ୍ତ, ରମ୍ୟାଣୀ ଗୋସ୍ୱାମୀ, ଶ୍ରୀପର୍ଣ୍ଣା ବନ୍ଦୋପାଧ୍ୟାୟ, ଶାଶ୍ୱତୀ ଚନ୍ଦ, ଶ୍ୟାମଳୀ ରକ୍ଷିତ, ବିନୋଦ ଘୋଷାଲ, କୃଷ୍ଣା ଦାସ, ତୃଷ୍ଣା ବସାକ ପ୍ରଭୃତି ପନ୍ଦର ଜଣ ଗାଳ୍ପିକ ଗାଳ୍ପିକାଙ୍କର ଷୋହଳଟି ଗଳ୍ପ ।

ପାଠକେ ଯଦି ଭାବୁଥିବେ ଯେ ଗଳ୍ପଗୁଡ଼ିକରେ କେବଳ ଅଛି ଶ୍ରୀଜଗନ୍ନାଥ ମହାତ୍ମ୍ୟ, ଶ୍ରୀକ୍ଷେତ୍ର ଭ୍ରମଣ ଓ ଈଶ୍ୱରଙ୍କ ପ୍ରତି ଅନ୍ଧଭକ୍ତି ତେବେ ସେ ଭୁଲ୍ କଥା । ଗଳ୍ପ ଗୁଡ଼ିକରେ ଯାହା ଅଧିକ ପ୍ରାଞ୍ଜଳ ତାହା ହେଉଛି ମଣିଷ ପଣିଆ ପ୍ରତି ଆସ୍ଥା ଏବଂ କେଉଁ ଅତିନ୍ଦ୍ରୀୟ ଶକ୍ତି ପ୍ରତି

## ବଙ୍ଗଭାଷୀ କଥାକାରଗଣ



ମହାଶ୍ୱେତା ଦେବୀ



ଶ୍ରୀପର୍ଣ୍ଣା ବନ୍ଦୋପାଧ୍ୟାୟ




ଅନୀତା ଅଗ୍ନିହୋତ୍ରୀ



କୃଷ୍ଣା ଦାସ

ଗଭୀର ବିଶ୍ୱାସ । ପୁସ୍ତକର ନାମକରଣ ଯଥାର୍ଥ ମନେହୁଏ । 'ନୀଳ' ହେଉଛି ବିଶ୍ୱାସ, ପ୍ରେମ ସୀମାହୀନତା, ବ୍ୟାପ୍ତି ସମର୍ପଣର ପ୍ରତୀକ । ଶ୍ରୀକ୍ଷେତ୍ରରେ ଅଛନ୍ତି ଆମ ଓଡ଼ିଆ ଜାତିର ମୁଖ୍ୟ ପୁରୋଧା ଶ୍ରୀଜଗନ୍ନାଥ । ଅଛି ଅନନ୍ତ ସାଗର । ବଂଗୀୟମାନେ ଶ୍ରୀକ୍ଷେତ୍ରକୁ ତାଙ୍କର ଦ୍ୱିତୀୟ ଘର ବୋଲି ଭାବି ଥାଆନ୍ତି । ଗଳ୍ପ ସଂକଳନରେ କିଛି ଗଳ୍ପରେ କଲିକତାରେ ପାଳିତ ହେଉଥିବା ରଥଯାତ୍ରା ଓ ଜଗନ୍ନାଥଙ୍କର ପୂଜା କଥା ମଧ୍ୟ ଉଲ୍ଲେଖ ଅଛି । ତେବେ ପାଠକ ଗଳ୍ପଗୁଡ଼ିକ ପଢ଼ିବା ବେଳେ ଉଭୟ ବିଭୂପ୍ରେମ ଏବଂ ମାନବୀୟ କରୁଣାରେ ଆପ୍ଲୁତ ହେବେ- ଏଥିରେ ଦ୍ୱିମତ ନାହିଁ ।


ଅଭିମାନ ପ୍ରକାଶନୀ, ପୁରୀ ଦ୍ୱାରା ପ୍ରକାଶିତ ଏ ପୁସ୍ତକଟି ଆକର୍ଷଣୀୟ ହୋଇ ପାରିଛି ଏହାର ପ୍ରଚ୍ଛଦ ଏବଂ ଏଥିରେ ସନ୍ନିବେଶସିତ ତିରିଶରୁ ଉର୍ଦ୍ଧ୍ୱ ଚିତ୍ର ପାଇଁ । ପ୍ରକାଶିକା ମାନମୟୀ ରଥ ଯେହେତୁ ଜଣେ ଚିତ୍ରଶିଳ୍ପୀ ତେଣୁ ପ୍ରତି ଗଳ୍ପ ଲାଗି ସଂଯୋଜିତ ହୋଇଛି ସୁନ୍ଦର ସୁନ୍ଦର ଚିତ୍ର । ନିଜେ ସେ ପ୍ରଚ୍ଛଦ ଅଙ୍କନ କରିଛନ୍ତି । ମୋଟ ଉପରେ କହିବାକୁ ଗଲେ 'ନୀଳ ନିମନ୍ତ୍ରଣ' ଏକ ସୁଖପାଠ୍ୟ ପୁସ୍ତକ ।




ଏଠାରେ ଅନୁବାଦକ ଶ୍ରୀ ପ୍ରଦୀପ କୁମାର ରାୟଙ୍କ ବିଷୟରେ ଦୁଇପଦ ନକହିଲେ କଥା ଅଧା ରହିଯିବ । ଅନୁବାଦ- ଏକ ଗୌଣ କର୍ମ ଭାବୁଥିବା ଅଧିକାଂଶ ଲେଖକ ଓ ପାଠକ ଏ ବହିଟି ପାଠ କଲା ପରେ ଅନ୍ତତଃ ଏତିକି ହୃଦୟଙ୍ଗମ କରିପାରିବେ ଯେ ମୌଳିକ ଲେଖାର ସମତୁଲ୍ୟ ଏହାର ଅନୁବାଦ ମଧ୍ୟ । କେଉଁଠାରେ ବି ଏହା ଓଡ଼ିଆରେ ଲେଖା ନଯାଇ ଅନୁବାଦ ହୋଇଛି ବୋଲି ମନେହୁଏ ନାହିଁ । ଅନୁବାଦର ସାବଲୀଳତା, ସର୍ଜନାର କର୍ମନୀୟତା ଓ ଉପସ୍ଥାପନାର ସଂଜତ ଭାବ ଗଳ୍ପଗୁଡ଼ିକ ଯେମିତି ଓଡ଼ିଆ ଭାଷାରେ ଲିଖିତ ମୌଳିକ ଗପର ବିଶ୍ୱାସ ଦିଏ । ଏ କାରଣରୁ 'ନୀଳ ନିମନ୍ତ୍ରଣ' ଲାଗି ପାଠକବର୍ଗ ନିଶ୍ଚିତ ଭାବରେ ଅନୁବାଦକଙ୍କ ପାଖରେ ଋଣୀ ରହିବେ ।




ବିଶ୍ୱାସର ଅର୍ଥ ନୁହେଁ ଯେ ଭଗବାନ ବା ଭାଗ୍ୟ ସବୁକିଛି ଠିକ୍ କରିଦେବେ । ବିଶ୍ୱାସର ଅର୍ଥ ହେଉଛି ସବୁ ବିସଂଗତି ଭିତରେ ବି ଗୋଟେ ଭଲ, ଗୋଟେ ଠିକ୍ ଖୋଜି ପାଇବା ପାଇଁ ଚେଷ୍ଟା କରିବା । ଏଠି କବି ଓ ଦାର୍ଶନିକ ଖଲିଲ୍ ଜିବ୍ରାନ୍‌ଙ୍କ ପଦେ କଥା ମନେପଡ଼େ । 'Faith is as Oasis in the heart which will never be reached by the caravan of thinking.ବିଶ୍ୱାସ, ହୃଦୟର ଏମିତି ଏକ ମରୁଦ୍ୟାନ ଯେଉଁଠି ଚିନ୍ତା ଓ ଚେତନାକୁ ମରୁଯାତ୍ରୀ କରି ପହଞ୍ଚେଇ ହେବନି । ହେଲେ ଏହା ସତ ଯେ ଯେତେବେଳେ ଚର୍ମଚକ୍ଷୁ ଅନ୍ଧକାର ଦେଖୁଥାଏ ବିଶ୍ୱାସ ହୃଦୟର ଆଲୋକ ସାଜିଥାଏ, 'ନୀଳ ନିମନ୍ତ୍ରଣ' ପାଠକଙ୍କ ହୃଦୟକୁ ସେହି ଆଲୋକର ଗବାକ୍ଷ ଆଡ଼କୁ ଆକର୍ଷିତ କରିବ, ଏଥିରେ ଦ୍ୱିମତ ନାହିଁ ।




*We Make*

• Etching • Beveling • H-Polish • Designers Glass
• Colour Etching • Hi-Polish Etc. • Decorative Mirror







MIRROR HOUSE

Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road,
Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com

# ରଥ ଯା ଗଡ଼ିଯା...



# ଶରୀର ରଥ, ଆତ୍ମାରଥୀ


## ଶ୍ରଦ୍ଧାଞ୍ଜଳି କାନୁନଗୋ

କୃପାସିନ୍ଧୁ ମଣ୍ଡପ, ନିଆଳି, କଟକ-୭୫୪୦୦୨
ଫୋନ : ୯୪୩୭୩୦୦୪୩୬

ଫଟୋ ସୌଜନ୍ୟ : ଲେଖିକା


ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ହେଉଛି ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ଏକ ଶ୍ରେଷ୍ଠ ମାନବୀୟ ଲୀଳା ।

'ରମ୍' ଧାତୁରୁ 'ତ' ପ୍ରତ୍ୟୟ ହୋଇ 'ରଥ' ଶବ୍ଦର ଉତ୍ପତ୍ତି ହୋଇଅଛି । 'ରମ୍' ଧାତୁର ଅର୍ଥ କ୍ରୀଡ଼ା କରିବା । ତେଣୁ ଅନ୍ୟ ଅର୍ଥରେ ଏହି ଯାତ୍ରା ପରଂବ୍ରହ୍ମଙ୍କର ଏକ ମଧୁର କ୍ରୀଡ଼ା ବା ଖେଳ ।

ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱାଧାର, ତ୍ରିଭୁବନର କର୍ତ୍ତା । ଭକ୍ତକବି ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଷାରେ ଏଇ ସମଗ୍ର ବ୍ରହ୍ମାଣ୍ଡ ମାଳମାଳ ହୋଇ ତାଙ୍କ ଲୋମକୂପରେ ବିରାଜିତ । ତେଣୁ ସେ ବ୍ରହ୍ମାଣ୍ଡପତି । ଜୀବକୁଳର ସ୍ରଷ୍ଟା ଓ ସଂହାରକର୍ତ୍ତା । କର୍ମର ବିଚାରକ । ପଞ୍ଚଭୂତର ଆତ୍ମା । ତେଣୁ ତାଙ୍କର ପ୍ରତିଟି ଲୀଳାଖେଳା ଭିତରେ ନିହିତ ଥାଏ ଜଗତଜନଙ୍କ କଲ୍ୟାଣ ଓ ଜୀବ ଏବଂ ପରମଙ୍କ ସମ୍ବନ୍ଧର ସୂକ୍ଷ୍ମ ଅନୁଶୀଳନ ।

ଏହି ଦୃଷ୍ଟିକୋଣରୁ ମହାପ୍ରଭୁଙ୍କର ଏଇ ଅନନ୍ୟ ଉତ୍ସବଟି କେବଳ ଏକ ପାର୍ବଣ ଉତ୍ସବ ନୁହେଁ, ବରଂ ଏଥିରେ ନିହିତ ଅଛି ତତ୍ତ୍ୱ ଓ ଦର୍ଶନର ପ୍ରଗାଢ଼ତା ।

'ରଥ'ର ବ୍ୟବହାର ବୈଦିକ କାଳରୁ ରହି ଆସିଛି । ବୈଦିକ ଦେବତା ସୂର୍ଯ୍ୟ, ଅଗ୍ନି, ବରୁଣ, ଇନ୍ଦ୍ର, ଅଶ୍ୱିନୀକୁମାର ଓ ଦେବୀ ଉଷା ରଥାରୂଢ଼ ହୋଇ ଯାତାୟତ କରୁଥିବା ବେଦ ବର୍ଣ୍ଣିତ । ମାତ୍ର ବେଦ ଓ ଏହାର ପରବର୍ତ୍ତୀ ଉପନିଷଦକାଳରେ 'ରଥ'କୁ ଦେବ ସ୍ୱରୂପରେ ସ୍ୱୀକାର କରାଯାଇଥିଲା । ଏହାକୁ ସମ୍ବୋଧନ କରି କୁହାଯାଉଥିଲା, "ହେ ଦିବ୍ୟରଥ ! ଆପଣ ଇନ୍ଦ୍ରଙ୍କର ବଜ୍ର ଓ ମରୁତଙ୍କର ସୈନ୍ୟସମ ଦୃଢ଼ ଶକ୍ତିସମ୍ପନ୍ନ । ଆପଣ ସୂର୍ଯ୍ୟଦେବଙ୍କର ଆତ୍ମା ଓ ବରୁଣଦେବଙ୍କ ନାଭି ସଦୃଶ । ଆମ ଦ୍ୱାରା ସମର୍ପିତ ଏଇ ହବିଷାନ୍ନ ଗ୍ରହଣ କରି ତୃପ୍ତ ହୁଅନ୍ତୁ ।"

ତେଣୁ 'ରଥ' ହେଉଛନ୍ତି ଦେବତା । ଋଗ୍‌ବେଦରେ ଏହାଙ୍କୁ 'ବନସ୍ପତି' ଭାବେ ସମ୍ବୋଧନ କରାଯାଇ ପୃଥିବୀ ଓ ସ୍ୱର୍ଗଲୋକର ସାର ବୋଲି କୁହାଯାଇଛି ।

କଠୋପନିଷଦରେ ବର୍ଣ୍ଣିତ 'ରଥ ପ୍ରସଙ୍ଗ'ଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଋଷି ବାଜଶ୍ରବାଙ୍କ ପୁତ୍ର ନଚିକେତା ଓ ଯମରାଜଙ୍କ କଥୋପକଥନ ପ୍ରସଙ୍ଗରେ ଏହି 'ରଥ' କଥାର ଅବତାରଣା କରାଯାଇଛି । ଏଇ ଜନ୍ମ-ମୃତ୍ୟୁର ପରିକ୍ରମଣରେ ଆବଦ୍ଧ ଜୀବକୁ ମୁକ୍ତିର ମାର୍ଗଦର୍ଶନ ଦେବାକୁ ଯାଇ ଯମରାଜ କହିଛନ୍ତି, "ହେ ନଚିକେତା ! ଏଇ ଭବବନ୍ଧନର ଦୁଃଖ, ଶୋକରୁ ପରିତ୍ରାଣ ପାଇବାକୁ ହେଲେ ଆମକୁ ସାଧନ ସ୍ୱରୂପ 'ରଥ'ର ପରିକଳ୍ପନା କରିବାକୁ ପଡ଼ିବ । ଯଥା- ଶରୀରକୁ ରଥ ଜ୍ଞାନରେ ସଂଦର୍ଶନ କରିବାକୁ ହେବ ।

"ଆତ୍ମାନଂ ରଥିନଂ ବିଦ୍ଧି
ଶରୀରଂ ରଥମେବ ତୁ
ବୁଦ୍ଧିଂ ତୁ ସାରଥି ବିଦ୍ଧ
ମନଃ ପ୍ରଗହମେବ ଚ ।
ଇନ୍ଦ୍ରିୟାଣି ହୟନାହୁଃ
ବିଷୟାଂସ୍ତେଷୁ ଗୋଚରାନ୍
ଆତ୍ମେନ୍ଦ୍ରିୟ ମନୋଯୁକ୍ତଃ
ଭୋକ୍ତେତ୍ୟାହୁଃ ମନୀଷିତାଃ ।"

ଏଇ ଶରୀର ହେଉଛି ଏକ ରଥ । 'ଆତ୍ମା' ଏହାର ରଥୀ । ବୁଦ୍ଧି ଏହି ରଥର ସାରଥୀ । ମନ ଏହାର ପ୍ରଗ୍ରହ ବା ଲଗାମ୍ । ଇନ୍ଦ୍ରିୟମାନେ ଏହି ରଥର ଅଶ୍ୱ ।

ଏହି ଇନ୍ଦ୍ରିୟ ଯଥା- ଆଖି, କାନ, ନାକ, ଜିଭ ଓ ତ୍ୱକ୍ ରୂପୀ ଅଶ୍ୱମାନେ ସେମାନଙ୍କର ଇଚ୍ଛା ଅନୁସାରେ ମନୁଷ୍ୟକୁ ପଥଭ୍ରଷ୍ଟ କରି ଦୃଶ୍ୟ, ଶବ୍ଦ, ଗନ୍ଧ, ରସ ଓ ସ୍ପର୍ଶର ଅଧୀନ କରିଥାନ୍ତି ଓ ପାର୍ଥିବ ସୁଖ, ବିଳାସ ଦିଗକୁ ଆକର୍ଷିତ କରିଥାନ୍ତି । ଚଞ୍ଚଳମନ ଏହି ରଥର ପ୍ରଗ୍ରହ ବା ଲଗାମ ଓ 'ବୁଦ୍ଧି'ହେଉଛି ସାରଥୀ । ତେଣୁ ବୁଦ୍ଧିମାନ



◀ ଲେଖିକା ଶ୍ରଦ୍ଧାଞ୍ଜଳି କାନୁନଗୋ



ମନୁଷ୍ୟ ନିଜ ବୁଦ୍ଧିର ପ୍ରଗାଢ଼ତା ଦ୍ୱାରା ଅଶ୍ୱର ପ୍ରଗ୍ରହକୁ ନିଜ ହାତରେ ଟାଣି ଅଶ୍ୱମାନଙ୍କୁ ନିଜ ଅଧିନକୁ ଆଣିଥାଏ ଓ ପ୍ରକୃଷ୍ଟ ପଥରେ ପରିଚାଳିତ କରିଥାଏ । ଯାହାଦ୍ୱାରା ଆତ୍ମ-ରୂପକ ରଥୀ ମୋହବନ୍ଧନ ଓ ଭୋଗ ଲାଳସାରୁ ନିଜକୁ ମୁକ୍ତ କରେ ଓ ପରମେଶ୍ୱରଙ୍କ ନିକଟରେ ପହଞ୍ଚିପାରେ । ଏ ସଂସାରରେ ସତ୍ୟ ଅନ୍ୱେଷଣର ପଥ ହିଁ ଆତ୍ମାର ପରମ ଗତି ।

ଋଗ୍‌ବେଦ ସଂହିତାରେ ଗୋଟିଏ ଶ୍ଳୋକରେ ବର୍ଣ୍ଣିତ ଅଛି, ଏହି ଆତ୍ମା ଅବିନାଶୀ ହୋଇ ମଧ୍ୟ ବିନାଶକାଳରେ ଶରୀର ସହିତ ଆବଦ୍ଧ ରହିଥାଏ । ତେଣୁ ତାକୁ ବିଭିନ୍ନ ଯୋନିରେ ପ୍ରବେଶ କରିବାକୁ ପଡ଼େ । ଏହା ନିଜର ଧାରଣ କ୍ଷମତା ଦ୍ୱାରା ହିଁ ବିଭିନ୍ନ ଶରୀର ମଧ୍ୟକୁ ପ୍ରବେଶ କରେ ଏବଂ ଶରୀରରୁ ମଧ୍ୟ ପୃଥକ୍ ହେଉଥାଏ । ଶରୀର ଓ ଆତ୍ମା ଦୁହେଁ ଶାଶ୍ୱତ ଓ ଗତିଶୀଳ ହୋଇଥିଲେ ମଧ୍ୟ ଦୁହିଁଙ୍କର ଗତି ବିପରୀତ ଦିଗକୁ ହୋଇଥାଏ । ମନୁଷ୍ୟ ଏ ଦୁହିଁଙ୍କ ଭିତରୁ ଶରୀରକୁ ଜାଣେ କିନ୍ତୁ 'ଆତ୍ମା'କୁ ଜାଣିପାରେ ନାହିଁ ।

ଅଥଚ୍ ଏହି ଶରୀର ରୂପୀ ରଥରେ କେବଳ 'ଆତ୍ମା' ହିଁ ରଥୀ । ବିବେକୀ ମନୁଷ୍ୟ ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବାର ସାଧନାରେ ବ୍ରତୀ ରୁହେ ଓ ପରଂବ୍ରହ୍ମଙ୍କର କରୁଣାପ୍ରାପ୍ତ ହୋଇଥାଏ ।

ତେଣୁ 'ରଥ' ଏକ ପ୍ରତୀକ; ଆତ୍ମା ଓ ପରମାତ୍ମାଙ୍କର ମିଳନ ପଥରେ ଏକ ସାଧନ-ଯାନ । ବେଦରେ ସେ ଦେବତା ଓ କାଳଚକ୍ରର ପ୍ରତୀକ ଭାବେ ବର୍ଣ୍ଣିତ ।

ସୂର୍ଯ୍ୟ ବା ମିତ୍ରଦେବଙ୍କୁ ବେଦରେ ଶ୍ରେଷ୍ଠ ଦେବତା ଭାବେ ସ୍ୱୀକାର କରାଯାଏ । ଋଗ୍‌ବେଦରେ ବର୍ଣ୍ଣିତ ଅଛି ଯେ "ଦ୍ୟୁଲୋକସ୍ଥିତ ସୂର୍ଯ୍ୟଦେବ ଆମର ପିତା ଓ ବନ୍ଧୁ ଅଟନ୍ତି । ସେ ମଧ୍ୟ ଏଇ ସଂସାରର ନାଭି ରୂପ ଅଟନ୍ତି । ଏଇ ବିଶାଳ ପୃଥିବୀ ଆମର ମାତା । ଦୁଇ ପୁତ୍ର ଅର୍ଥାତ୍ ଆକାଶର ଦୁଇଗୋଟି ଗୋଲାର୍ଦ୍ଧ ମଧ୍ୟସ୍ଥିତ ସୂର୍ଯ୍ୟଦେବ ନିଜ ଦ୍ୱାରା ଉତ୍ପନ୍ନ ଏଇ ପୃଥିବୀରେ ଗର୍ଭ ସ୍ଥାପନ କରନ୍ତି; ଅର୍ଥାତ୍ ଜୀବନ ସ୍ଥାପନ କରନ୍ତି ।"

ସୂର୍ଯ୍ୟଦେବ ତେଣୁ ଜୀବନ ସୃଷ୍ଟିର ଆଧାର । ସୂର୍ଯ୍ୟଦେବଙ୍କର ରଥ ବେଦରେ ଦିବ୍ୟ ରଥ ଭାବରେ ବର୍ଣ୍ଣିତ । ଏଥିରେ କୁହାଯାଇଛି ଯେ ସୂର୍ଯ୍ୟଙ୍କର ରଥ ସ୍ୱର୍ଣ୍ଣର, ଶ୍ୱେତପଦ୍ମ ବିଶିଷ୍ଟ ଅଶ୍ୱ ଏହି ସ୍ୱର୍ଣ୍ଣରଥକୁ ବହନ କରନ୍ତି ଏବଂ ଜୀବକୁଳକୁ ପ୍ରକାଶ ବା ଆଲୋକ ପ୍ରଦାନ କରନ୍ତି । ସମସ୍ତ ଲୋକର ପ୍ରାଣୀ ତାଙ୍କରି କୋଳରେ ଆଶ୍ରୟ ନେଇଥାନ୍ତି ।

'ଋଗ୍‌ବେଦ'ର 'ସବିତସୂକ୍ତ'ରେ ଉଲ୍ଲେଖ ଅଛି ଯେ ହିରଣ୍ମୟ ରଥାରୂଢ଼ ସୂର୍ଯ୍ୟଦେବ ଅନ୍ଧକାର ପଥରେ ଗମନ କରିବା ସମୟରେ ମର (ମନୁଷ୍ୟ) ଓ ଅମର (ଦେବତା) ମାନଙ୍କୁ ଜାଗ୍ରତ କରନ୍ତି ଓ ସକଳ ଲୋକଙ୍କୁ ନିରୀକ୍ଷଣ କରି ପ୍ରତ୍ୟାବର୍ତ୍ତନ କରନ୍ତି ।

'ଶ୍ରୀମଦ୍‌ଭାଗବତ'ରେ ଶୂକଦେବ ରାଜା ପରୀକ୍ଷିତଙ୍କୁ ସୂର୍ଯ୍ୟଦେବଙ୍କ ରଥ ଓ ତା'ର ଗତି ସମ୍ପର୍କରେ କହିଛନ୍ତି । ଏହାର ଗଦ୍ୟାନୁବାଦ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ପ୍ରାଞ୍ଜଳ ଭାବେ ବୁଝାଇଛନ୍ତି ।

ସେଥିରେ ବର୍ଣ୍ଣିତ ଅଛି ଯେ ସୂର୍ଯ୍ୟ ଇନ୍ଦ୍ରପୁରୀରୁ ଯମପୁରୀକୁ, ଯମପୁରୀରୁ ବରୁଣପୁରୀକୁ ଏବଂ ସେଠାରୁ ଚନ୍ଦ୍ରପୁରୀକୁ ଓ ଚନ୍ଦ୍ରପୁରୀରୁ ଇନ୍ଦ୍ରପୁରୀକୁ ଯାତ୍ରା କରିଥାନ୍ତି । ଏହିପରି ଭାବେ ସୂର୍ଯ୍ୟଙ୍କର ବେଦମୟ ରଥ ମୁହୂର୍ତ୍ତ ମଧ୍ୟରେ ଚଉତିରିଶ ଲକ୍ଷ ଆଠଶହ ଯୋଜନ ହିସାବରେ ଯାତ୍ରା କରି ଏହି ଚାରି ନଗରୀରେ ଘୂରି ବୁଲୁଥାଏ । ଏହି ରଥର ଗୋଟିଏ ଚକ୍ରର ନାମ ହେଉଛି ସମ୍ୱତ୍ସର । ସେଥିରେ ମାସ ନାମରେ ବାରଟି ଅର ଅଛି । ଛଅ ଋତୁ ହେଉଛି ଏହାର ନାଲ୍ ବା ପରିଧି ଏବଂ ତିନି ଚତୁର୍ମାସ୍ୟ ଏହାର ମଧ୍ୟଭାଗସ୍ଥ ତୁମ୍ବ । ଏହାର ଅଖଦଣ୍ଡର ଗୋଟିଏ ଭାଗ ମେରୁ ପର୍ବତ ଉପରେ ଓ ଅନ୍ୟ ଭାଗଟି ମନସୋତ୍ତର ପର୍ବତ ଉପରେ ଓ ଅନ୍ୟ ଭାଗଟି ମନସୋତ୍ତର ପର୍ବତ ଉପରେ ଅବସ୍ଥିତ । ଏହାର ଗୋଟିଏ ଅଖ ସୁମେରୁ ଓ ମନସୋତ୍ତର ପର୍ବତରେ ଓ ଆଉ ଏକ ଅଖର ଶେଷଭାଗ ଧ୍ରୁବଲୋକ ସହିତ ସଂଲଗ୍ନ ହୋଇଛି । ଏହି ରଥରେ ଅରୁଣ ନାମକ ସାରଥି ଗାୟତ୍ରୀ ଆଦି ସାତଛନ୍ଦର ସାତଟି ଘୋଡ଼ାକୁ ଯୋଚିଥାନ୍ତି । ସେହି ରଥରେ ଭଗବାନ ସୂର୍ଯ୍ୟଙ୍କୁ ବସାଇ ସେ ନେଇଯାନ୍ତି ।"


କେବଳ ଏତିକି ନୁହେଁ, ବେଦରେ ସୂର୍ଯ୍ୟଦେବଙ୍କର ଏହି ଦିବ୍ୟରଥକୁ ମଧ୍ୟ ସମୟ ବା କାଳର ପ୍ରତୀକ ଭାବେ ମାନି ନିଆଯାଇଛି ।

ଏହି ଚରାଚର ଜଗତରେ ବାସ କରୁଥିବା ସମସ୍ତଲୋକ ଏଇ କାଳଚକ୍ରର ଅଧୀନ । 'ଶ୍ରୀମଦ୍‌ଭଗବତ'ର ଦ୍ୱାଦଶ ସ୍କନ୍ଧରେ ସୂର୍ଯ୍ୟଦେବ ଓ ତାଙ୍କର ରଥ ସମ୍ପର୍କର ଆହୁରି ମଧ୍ୟ ବର୍ଣ୍ଣନା ରହିଛି ଯେ "ସୂର୍ଯ୍ୟଦେବ ହେଉଛନ୍ତି କାଳରୂପୀ ଭଗବାନ । ସେ ଋଷି, ଗନ୍ଧର୍ବ, ନାଗ, ଅପ୍ସରା, ଯକ୍ଷ ଓ ରାକ୍ଷସଙ୍କ ସହିତ ବାର ମାସରେ ଭିନ୍ନ ଭିନ୍ନ ନାମରେ ରଥରେ ବସି ଭ୍ରମଣ କରନ୍ତି । ଇହଲୋକ ଓ ପରଲୋକରେ ବିବେକ ବୁଦ୍ଧି ବିସ୍ତାର କରନ୍ତି ।

ଋଷିମାନେ ତାଙ୍କୁ ବେଦମନ୍ତ୍ରରେ ସ୍ତୁତି କରନ୍ତି । ଗନ୍ଧର୍ବମାନେ ଗାନ କରନ୍ତି ଓ ଅପସରାମାନେ ନୃତ୍ୟ କରନ୍ତି । ନାଗମାନେ ତାଙ୍କର ରଥକୁ ଦୃଢ଼ ଭାବରେ ବାନ୍ଧି ଦିଅନ୍ତି, ଯକ୍ଷମାନେ ଏହାକୁ ସଜେଇଥାନ୍ତି ଓ ରାକ୍ଷସମାନେ ରଥକୁ ପଛରୁ ଠେଲି ଆଗକୁ ନିଅନ୍ତି ।"

ସମସ୍ତ ଜୀବଙ୍କର ଆତ୍ମାସ୍ଥ ଶ୍ରୀବିଷ୍ଣୁଙ୍କର ମାୟା ଦ୍ୱାରା ଲୋକଯାତ୍ରାର ପ୍ରବର୍ତ୍ତକ ସୂର୍ଯ୍ୟ ତ୍ରିଲୋକରେ ଭ୍ରମଣ କରନ୍ତି ।

'ଋଗ୍‌ବେଦ ସଂହିତା'ରେ କୁହାଯାଇଛି, "ଆୟନ, ମାସ, ଋତୁ, ପକ୍ଷ, ଦିନ ଓ ରାତି ରୂପୀ ପାଞ୍ଚ ପାଦ ବିଶିଷ୍ଟ ମାସ ରୂପୀ ବାୟୁ, ଆକୃତିଯୁକ୍ତ ତଥା



ଜଳ ବୃଷ୍ଟିକାରୀ ପିତାରୂପୀ ସୂର୍ଯ୍ୟଦେବ ଦିବ୍ୟଲୋକର ଅର୍ଦ୍ଧାଂଶରେ ରୁହନ୍ତି । ପୁନଶ୍ଚ ବିଦ୍ୱାନ୍‌ମାନଙ୍କ ମତାନୁସାରେ ଏହି ସୂର୍ଯ୍ୟଦେବ ଋତୁରୂପୀ ଛଅ ଅର ତଥା ଆୟନ, ମାସ, ପକ୍ଷ, ଦିନ, ରାତି ଏବଂ ମୁହୂର୍ତ୍ତରୂପୀ ସାତଚକ୍ର ବିଶିଷ୍ଟ ରଥ ଉପରେ ଆରୂଢ଼ ଅଟନ୍ତି ।



ଅୟନ, ମାସ ଆଦି ପାଞ୍ଚ ଅର ବିଶିଷ୍ଟ ଏଇ କାଳଚକ୍ର (ରଥ)ରେ ସମସ୍ତ ଲୋକ ବିଦ୍ୟମାନ ଅଛନ୍ତି । ଏତେ ଲୋକର ଭାର ବହନ କରି ମଧ୍ୟ ଏହି ଚକ୍ରର ଅଖ ଗରମ ହୁଏ ନାହିଁ କି ଭାଙ୍ଗେ ନାହିଁ ।

"ସନେମି ଚକ୍ରମଜରଂ ବି ବାବୃତ ଉତ୍ତାନାୟାଂ ଦଶଯୁକ୍ତା ବହନ୍ତି ।/ ସୂର୍ଯ୍ୟସ୍ୟ ଚକ୍ଷୁ ରଜିସୈତ୍ୟାବୃତଂ ତସ୍ମିନ୍ନାର୍ପିତା ଭୁବନାନିବିଶ୍ୱା ।"

"ନେମି (ଅକ୍ଷଦଣ୍ଡ) ସହିତ ଯୁକ୍ତ ଏଇ ଅକ୍ଷୟ ସୃଷ୍ଟିଚକ୍ର ସର୍ବଦା ଗତିଶୀଳ ରହିଥାଏ । ଏଇ ପରିବ୍ୟାପ୍ତ ପ୍ରକୃତିର ଉତ୍ପନ୍ନ ପରେ ଏହାକୁ ଦଶଘୋଡ଼ା (ପାଞ୍ଚପ୍ରାଣ ଓ ପାଞ୍ଚ ଉପପ୍ରାଣ, ପାଞ୍ଚପ୍ରାଣ ଓ ପାଞ୍ଚ ଅଗ୍ନି ଆଦି) ଚଳାଇଥାନ୍ତି । ସୂର୍ଯ୍ୟରୂପୀ ନେତ୍ରର ପ୍ରକାଶ ଜଳ ଦ୍ୱାରା ଆଚ୍ଛାଦିତ ହୋଇ ଏହା ଗତିମାନ୍ ହୋଇଥାଏ । ତହିଁରେ ସମସ୍ତ ଲୋକ ବିଦ୍ୟମାନ ଥାନ୍ତି । ତେଣୁ 'ରଥଦେବତା' ଏଠାରେ ଜୀବନଚକ୍ର ଓ ସଂସାରଚକ୍ରର ମୂଳାଧାର ।

ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବଙ୍କର ପୋଷଣଚକ୍ର ସହିତ ସଂଲଗ୍ନ ସପ୍ତବର୍ଣ୍ଣ (ଅୟନ, ଋତୁ, ମାସ, ପକ୍ଷ, ଦିନ, ମୁହୂର୍ତ୍ତ) ସାତଚକ୍ର ଅଥବା ସପ୍ତଅଶ୍ୱ ଭାବରେ ଏହି ରଥକୁ ଚାଳନା କରନ୍ତି । ଏହା ମଧ୍ୟରେ ହିଁ ସମସ୍ତ ଲୋକ ବିଦ୍ୟମାନ ଥା'ନ୍ତି ।

'ଶ୍ରୀମଦ୍‌ଭାଗବତ'ରେ ଶ୍ରୀ ଶୁକଦେବ ରାଜା ପରୀକ୍ଷିତଙ୍କୁ ଏହି ସଂସାରଚକ୍ର ଓ ଏହାର ଅଧିଷ୍ଠାତାଙ୍କ କଥାର ଉପଲବ୍ଧି କରାଇବାକୁ ଯାଇ କହିଛନ୍ତି ଯେ "ବ୍ରହ୍ମା ବେଦବାଣୀ ଦ୍ୱାରା ଭଗବାନଙ୍କୁ ଶ୍ରୁତି କରି କହିଲେ,ଏଇ ସଂସାର ଏକ ଚକ୍ର ସଦୃଶ୍ୟ- ଜୀବନ ମୃତ୍ୟୁର ପରିକ୍ରମଣ ଦେଇ ଅହର୍ନିଶ ଏଇ ଚକ୍ର ମଧ୍ୟରେ ଘୂରି ବୁଲୁଛି । ଏହି ଚକ୍ର 'ମାୟା' ଦ୍ୱାରା ହିଁ ଚାଳିତ ହୋଇଥାଏ । ଦଶ ଇନ୍ଦ୍ରିୟ ଓ ପଞ୍ଚପ୍ରାଣକୁ ମିଶାଇ ଏହାର ଅର ସଂଖ୍ୟା ପନ୍ଦର; ସତ୍ତ୍ୱ,ରଜ ଓ ତମ- ଏହି ତିନି ଗୁଣ ହେଉଛି ଏହାର ନାଭି ବା ତୁମ୍ବ । ପୃଥିବୀ, ଜଳ,ତେଜ, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଂକାର- ଏହି ଆଠଟି ହେଉଛି ଏହାର ପହି; ମାୟା ଦ୍ୱାରା ଚାଳିତ ଏହି ଚକ୍ର ବିଜୁଳିଠାରୁ ମଧ୍ୟ ଅଧିକ ବେଗରେ ଗତିଶୀଳ । ଏହି ଜୀବନଚକ୍ରର ଅଧିଷ୍ଠାତା ହେଉଛନ୍ତି ସେହି ସତ୍ୟରୂପୀ ଭଗବାନ, ଯାହାଙ୍କ ଚରଣ ତଳେ ମୁଁ ଶରଣାପନ୍ନ ହେଉଛି ।"

'ଶ୍ରୀମଦ୍‌ଭାଗବତ'ରେ ଅତିବଡ଼ି ଜଗନ୍ନାଥ ଦାସ ମଧ୍ୟ ଏହି ଭାବରେ ରଥର ବର୍ଣ୍ଣନା କରିଛନ୍ତି । ରଥର ସ୍ୱରୂପ ଦର୍ଶାଇ ଦ୍ୱାଦଶ ସ୍କନ୍ଦରେ ସେ ଲେଖିଛନ୍ତି:

"ମନକୁ କରିଣ ସାରଥୀ
ତ୍ରିଗୁଣ ଅଶ୍ୱ ରୂପେ ସ୍ଥିତି ।
ଇନ୍ଦ୍ରିୟମାନଙ୍କ ଲକ୍ଷଣ
ଆକୃତି ରୂପ ନାନାବର୍ଣ୍ଣ ।
ଅର୍ଥ କ୍ରିୟା ଇନ୍ଦ୍ରିବିକାର
ମଣ୍ଡଳ ନାମେ ସେ ପ୍ରଚାର ।
ଦେବତା ସ୍ୱରୂପ ଗ୍ରହଣ
ଯଜ୍ଞାଦି ଦୀକ୍ଷାମାନେ ଗୁଣ ।
ଏହି ରଥରେ ସେ ସଂସ୍କାର
ଧର୍ମାଧର୍ମ ରଥ ଚକ୍ରର ।"

ତେଣୁ ବେଦ, ଉପନିଷଦ ଆଦିର ତାତ୍ତ୍ୱିକ ଅନୁଶୀଳନରେ 'ରଥ' କେବଳ ଏକ ଯାନ ନୁହେଁ; ଏହା ସଂସାର, ଜୀବନ ଓ ଜଗତର ଘୂର୍ଣ୍ଣାୟମାନ ପରିଧିରେ ଏକ ଦିବ୍ୟଚେତନା । ଏହା ମନୁଷ୍ୟ ଟାଣି ନେଇଯାଏ ଅମୃତତ୍ତ୍ୱର ଉଦ୍‌ଭାସିତ ବଳୟକୁ ।

ସୂର୍ଯ୍ୟଦେବଙ୍କ ପରି ଇନ୍ଦ୍ର, ଅଗ୍ନି, ଅଶ୍ୱିନୀକୁମାର, ବରୁଣଦେବ ଓ ଉଷା ଆଦିଙ୍କ ରଥ ସମ୍ପର୍କରେ ମଧ୍ୟ ବର୍ଣ୍ଣନା ରହିଛି ।

ଇନ୍ଦ୍ରଙ୍କ ରଥ ସମ୍ପର୍କରେ କୁହାଯାଇଛି ଯେ, "ଜଗତ୍ ପୋଷଣକାରୀ ଇନ୍ଦ୍ରଦେବ ଯଜମାନଙ୍କର ବହୁ ସଂଖ୍ୟକ ସୋମପାତ୍ରକୁ ପ୍ରସନ୍ନତା ପୂର୍ବକ ସ୍ୱୀକାର କରନ୍ତି । ସେହି ଯଜମାନମାନେ ସୁନ୍ଦର ଅଶ୍ୱସବୁ ଦ୍ୱାରା ସଂଯୋଜିତ, ଦୀପ୍ତିମାନ ସ୍ୱର୍ଣ୍ଣିମ ରଥରେ ଘେରିବସି ମହାନ୍ ବଳବାନ ଇନ୍ଦ୍ରଙ୍କୁ ସୋମପାନ କରାନ୍ତି । ଇନ୍ଦ୍ରଙ୍କ ରଥ ମନ ଠାରୁ ମଧ୍ୟ ବେଗବାନ୍ । ଏହି ବେଗବାନ୍ ରଥରେ ଆରୂଢ଼ ହୋଇ ଇନ୍ଦ୍ରଦେବ ଦାନବ ସହିତ ବୀରତ୍ୱର ସହ ଲଢ଼ିଥାନ୍ତି । ତେଣୁ ତାଙ୍କ ରଥକୁ 'ବଜ୍ର' ବୋଲି ମଧ୍ୟ କୁହାଯାଏ ।

ସୁତରାଂ ବେଦ, ଉପନିଷଦ, ଭଗବତ୍‌ଗୀତା, ଶ୍ରୀମଦ୍‌ଭଗବତ ସବୁଥିରେ ରଥକୁ ପ୍ରତୀକାତ୍ମକ ଭାବେ ଗ୍ରହଣ କରାଯାଇଛି ଓ ଏହାକୁ ଦିବ୍ୟରଥ ତଥା ଦେବ ଭାବରେ ସ୍ୱୀକାର କରାଯାଇଛି ।

ଯଦିଓ ବେଦର ରଚନା କାଳରୁ 'ରଥ' ସମ୍ବନ୍ଧୀୟ ତାତ୍ତ୍ୱିକ ଚିନ୍ତନର ଅୟମାରମ୍ଭ ହୋଇଥିଲା, କିନ୍ତୁ ଏହାର ପରବର୍ତ୍ତୀ କାଳରେ ମଧ୍ୟ ବୌଦ୍ଧ, ଜୈନ, ହିନ୍ଦୁ ଧର୍ମମାନଙ୍କରେ ଏହାର ବୈଶିଷ୍ଟ୍ୟ ପ୍ରତିପାଦନ କରାଯାଇ ଆସିଛି ।


'ତୁଳସୀ ରାମାୟଣ'ରେ ସନ୍ଥ ତୁଳସୀ ଦାସଙ୍କର 'ରଥ'ର ମହତ୍ତ୍ୱ ବର୍ଣ୍ଣନା ତାତ୍ପର୍ଯ୍ୟପୂର୍ଣ୍ଣ । ଯେତେବେଳେ ରାବଣ ରଥାରୂଢ଼ ହୋଇ ଆସିବା ଓ ବିନା ରଥରେ ରାମଚନ୍ଦ୍ର ଯୁଦ୍ଧ କରିବା ନେଇ ଆଶଙ୍କିତ ହୋଇ ପଡ଼ିଛନ୍ତି, ସେତେବେଳେ ରାମଚନ୍ଦ୍ର ବିଭୀଷଣଙ୍କୁ ପ୍ରକୃତରେ 'ବିଜୟ-ରଥ' କାହାକୁ କହନ୍ତି ଏ କଥା ବୁଝାଇଛନ୍ତି ।

ଏ ପ୍ରସଙ୍ଗରେ ତୁଳସୀ ଦାସ ଲେଖିଛନ୍ତି, "ଶୌର୍ଯ୍ୟ ଓ ସହନଶୀଳତା ହେଉଛି ବିଜୟ-ରଥର ଚକ । ସତ୍ୟ ଓ ବୀରତ୍ୱ ତାହାର ପତାକା । ବିବେକ, ବଳ ଓ ଶୌର୍ଯ୍ୟ ତାହାର ଅଶ୍ୱ । କ୍ଷମା ଓ କରୁଣା ସେହି ରଥର ରଜ୍ଜୁ ଏବଂ ଈଶ୍ୱରଙ୍କ ନାମ ସ୍ମରଣ ତାହାର ସାରଥୀ ।"

ଏହାକୁ ହିଁ 'ଧର୍ମରଥ' ବୋଲି କୁହାଯାଏ । ଏହି ରଥରେ ଆରୂଢ଼ ରଥୀଙ୍କୁ ଇନ୍ଦ୍ରିୟ କେବେ ପରାହତ କରିପାରେ ନାହିଁ । ଶତ୍ରୁ ଠାରୁ ସେ ପରାଜିତ ହୁଅନ୍ତି ନାହିଁ ।

ସେହିପରି ବୌଦ୍ଧ ଓ ଜୈନ ଧର୍ମରେ ମଧ୍ୟ 'ରଥ' ବିଶେଷ ସ୍ଥାନ ଗ୍ରହଣ କରିଥାଏ । ଫାହିୟାନଙ୍କ ବିବରଣୀରେ ଉଲ୍ଲେଖ ଅଛି ଯେ ପାଟଳିପୁତ୍ରରେ ବୌଦ୍ଧ ଶ୍ରମଣମାନେ ବୁଦ୍ଧଦେବଙ୍କର ଏକ ପ୍ରତିମୂର୍ତ୍ତିକୁ ରଥରେ ବସାଇ ଆଡ଼ମ୍ବର ସହକାରେ ନଗର ପରିଭ୍ରମଣ କରୁଥିଲେ । ଗବେଷକମାନଙ୍କ ମତାନୁସାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଏଇ ପ୍ରସିଦ୍ଧ ରଥଯାତ୍ରାର ପରିକଳ୍ପନା ସମ୍ଭବତଃ ବୌଦ୍ଧ ଓ ଜୈନମାନଙ୍କ ପାଖରୁ ହୋଇଥିଲା । ବୌଦ୍ଧମାନେ ବୁଦ୍ଧଦେବଙ୍କୁ ଜଗନ୍ନାଥ ଭାବେ ଗ୍ରହଣ କରିଥିଲେ ।

ସେହିପରି ଜୈନମାନଙ୍କ ମଧ୍ୟରେ ମଧ୍ୟ ରଥଯାତ୍ରା ପ୍ରଚଳିତ ଥିବାର ପ୍ରମାଣ ମିଳିଥାଏ । ଶେଷ ଜୈନତୀର୍ଥଙ୍କର ମହାବୀର ଜୈନଙ୍କର ମୂର୍ତ୍ତିକୁ ମଧ୍ୟ



ରଥାରୂଢ଼ କରି ନଗର ପରିକ୍ରମା କରାଯାଇଥିଲା ।

ବୌଦ୍ଧ ଦର୍ଶନରେ ମଧ୍ୟ ରଥକୁ ଶରୀର ସହିତ ତୁଳନା କରାଯାଇଛି । ଏ ପ୍ରସଙ୍ଗରେ ବୌଦ୍ଧ ଶ୍ରମଣା ଭିକ୍ଷୁଣୀ ବାଜିରାଙ୍କ କଥା ଉଲ୍ଲେଖଯୋଗ୍ୟ ।

'ବାଜିରାସୂତ୍ର'ରେ ଉଲ୍ଲେଖ ଅଛି ବୌଦ୍ଧ ଭିକ୍ଷୁଣୀ 'ବାଜିରା' ଭିକ୍ଷା ସଂଗ୍ରହ କରି ଫେରିବା ପଥରେ ଏକ ବୃକ୍ଷଛାୟାରେ ବିଶ୍ରାମ ନେଉଥିଲେ । ଏହି ସମୟରେ ଅଦୃଶ୍ୟରେ 'ମାର' ତାଙ୍କୁ ପ୍ରଶ୍ନ କଲା, "ଏ ମଣିଷକୁ କିଏ ଗଢ଼ିଛି ? ଏଇ ମନୁଷ୍ୟ ସୃଷ୍ଟିର ମୂଳ କେଉଁଠାରେ ? କେବେ ପୁଣି ଏଇ ମନୁଷ୍ୟ ଆଉ ମନୁଷ୍ୟ ହୋଇ ରହିବନି ?"

ପ୍ରକୃତରେ 'ବୌଦ୍ଧ କଥା'ରେ 'ମାର' ଏକ ଅଦୃଶ୍ୟ ଶକ୍ତି, ଯିଏ ମନୁଷ୍ୟର ମନ ଭିତରେ ନାନା ପ୍ରଶ୍ନର ଉଦ୍ରେକ କରି ତାକୁ ସତ୍ୟପଥରୁ ନିବୃତ୍ତ କରାଏ । 'ବାଜିରା'ଙ୍କ 'ମାର'ର ଏଇ ପ୍ରଶ୍ନ ବାସ୍ତବରେ ମନୁଷ୍ୟ ମନ ଭିତରେ ଉଦ୍ରେକ ହେଉଥିବା 'ସୃଷ୍ଟି' ସମ୍ବନ୍ଧୀୟ ପ୍ରଶ୍ନ ମଧ୍ୟରୁ ଅନ୍ୟତମ ।

ଏହି ପ୍ରଶ୍ନର ଉତ୍ତରରେ 'ଶ୍ରମଣୀ ବାଜିରା'ର ମନ ଭିତରେ 'ରଥ' ଶବ୍ଦଟିର ପରିକଳ୍ପନା ଘଟିଛି । ସେ ଉତ୍ତର ଦେଇଛନ୍ତି, "ଏଇ ମନୁଷ୍ୟର ଶରୀର କେବଳ ଏକ 'ରଥ' ପରି 'ପଞ୍ଚମହାଭୂତ'ର ସମାହାର । ବିଭିନ୍ନ ଅବୟବ ନେଇ ଯେପରି 'ରଥ'ଟିଏ ଗଢ଼ା ହୁଏ ଓ ପୁଣି ଦିନେ ତାହା ଗୋଟି ଗୋଟି ହୋଇ ବିଚ୍ଛିନ୍ନ ହୋଇଯାଏ, ମନୁଷ୍ୟ ବି ସେମିତି । ଯେତେବେଳେ ତା'ର ଦେହ ନିଷ୍ପ୍ରାଣ ହୋଇଯାଏ, ସେତେବେଳେ ଏଇ ପଞ୍ଚମହାଭୂତ ଦେହରୁ ବିଚ୍ଛିନ୍ନ ହୋଇଯାନ୍ତି, ମଣିଷ ଆଉ ମଣିଷ ହୋଇ ରୁହେନାହିଁ ।"

'ମହା ପରିନିର୍ବାଣ ସୂତ୍ର'ରେ ମଧ୍ୟ ଏଇ 'ଶରୀର ରଥ' ସମ୍ପର୍କରେ ଏକ ସୁନ୍ଦର ଉକ୍ତି ରହିଛି । ଏଥିରେ ସ୍ୱୟଂ ବୁଦ୍ଧଦେବ ଶରୀରକୁ ରଥ ସହିତ ତୁଳନା କରିଛନ୍ତି ।

ପରିଣତ ବୟସରେ ଥରେ ଆନନ୍ଦ ବୁଦ୍ଧଦେବଙ୍କୁ ବୌଦ୍ଧଭିକ୍ଷୁ ସଂଘକୁ ଜୀବନର ଶେଷ ସମୟରେ ଶେଷ ବାଣୀ ଶୁଣାଇବା ପାଇଁ ଅନୁରୋଧ କରିଥିଲେ, ଯାହା 'ଭିକ୍ଷୁସଂଘ'ଙ୍କୁ ଜୀବନର ମାର୍ଗଦର୍ଶନ କରାଇବାରେ ସହାୟକ ହୋଇପାରିବ । ଭଗବାନ ବୁଦ୍ଧ ଏହି ଅନୁରୋଧକୁ ଏଡ଼େଇ ଯାଇ କହିଥିଲେ– "ଆନନ୍ଦ ! ମୁଁ ଏବେ ଅଶୀ ବର୍ଷ ଅତିକ୍ରମ କରି ସାରିଥିବା ଏକ ବୃଦ୍ଧ, ମୋର ଶରୀର ଏବେ ଗୋଟିଏ ଭଗ୍ନ ପ୍ରାୟ ଶକଟ ସହିତ ସମାନ । ଗୋଟିଏ ଭାଙ୍ଗି ଯାଇଥିବା ଶଗଡ଼ର ଭଙ୍ଗା ଅଂଶଗୁଡ଼ିକୁ ଯୋଖାଯୋଖି କରି ଯେପରି ଚଳାଇବା କାର୍ଯ୍ୟ କରାଯାଏ, ମୁଁ ମଧ୍ୟ ଏବେ ସେହିପରି । ତେଣୁ ମୁଁ ଭିକ୍ଷୁସଂଘକୁ କାହିଁକି ବା ବାନ୍ଧି ରଖିବି ? ନିଜ ଅନ୍ତରର ପ୍ରଦୀପ ଶିଖାରେ ସେମାନେ ନିଜ ନିଜର ମାର୍ଗଦର୍ଶକ ହୁଅନ୍ତୁ ।"

ଏଠାରେ ବୁଦ୍ଧଦେବ ଶରୀରକୁ ଶଗଡ଼ ବା ରଥ ସହିତ ତୁଳନା କରିଛନ୍ତି । 'ରଥ'କୁ ଅନ୍ୟ ଅର୍ଥରେ ଚକ୍ରଯାନ ବା ଶଗଡ଼ ବୋଲି ମଧ୍ୟ କୁହାଯାଏ । ଏହାର ପ୍ରତିଶବ୍ଦ ସ୍ୱଦନ ।

ତେବେ 'କଠୋପନିଷଦ'ର ଉକ୍ତିଟି ହିଁ ସମୟାନ୍ତରରେ ବିଭିନ୍ନ ଧର୍ମ ଓ ପରମ୍ପରା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହୋଇ ରହି ଆସିଛି । ଏଇ ଯଥା– ଏଇ ଶରୀର ଏକ ରଥ ଓ ଆତ୍ମପୁରୁଷ ରଥୀ । ବୁଦ୍ଧି ତା'ର ସାରଥୀ, ମନ ତା'ର ପ୍ରଗ୍ରହ, ଇନ୍ଦ୍ରିୟମାନ ଅଶ୍ୱ ଓ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁମାନେ ରଥ-ପଥ ।

କେବଳ ତାତ୍ତ୍ୱିକତା ଦୃଷ୍ଟିରୁ ନୁହେଁ, ଗଠନ ଦୃଷ୍ଟିରୁ ମଧ୍ୟ 'ରଥ' ମାନବ ଶରୀର ସହିତ ତୁଳନୀୟ ।

ପ୍ରଭାକର-କଳିଙ୍ଗ ନାମକ ଏକ ରଥକାରଙ୍କର ଉଲ୍ଲେଖ ମତ: ମନୁଷ୍ୟ ଶରୀର ଯେପରି ପଞ୍ଚମହାଭୂତ ଯଥା କ୍ଷିତି, ଅପ୍, ତେଜ, ମରୁତ, ବ୍ୟୋମଙ୍କୁ ନେଇ ଗଠିତ, ମହାପ୍ରଭୁଙ୍କର ରଥ ମଧ୍ୟ ସେହିପରି କାଠ, ରଙ୍ଗ, କନା ଓ ଧାତୁ ଆଦି ପଞ୍ଚ ଉପାଦାନରେ ଗଠିତ ହୋଇଥାଏ ।

ଏହାଛଡ଼ା ମାନବ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପରି 'ରଥ' ମଧ୍ୟ ନିର୍ମିତ ହୋଇଥାଏ– ଚକ, ଅର, ଦଣ୍ଡିଆ, ବାଙ୍କି, କଜୀ, ଶଂଖ ଦ୍ୱାର, ହଂସପଟି, ଜାଲି, ସାରଥୀ ପୀଢ଼, ଗାଇପଟା, ସିଂହାସନ, ବାଜି, ଶୂନ୍ୟଚକ୍ର, ନେତ, ରକ୍ଷିପଟା, ପାରାଭାଡ଼ି, କୁମ୍ଭପଟି, ରାହୁପଟି, ପୀଢ଼ ଇତ୍ୟାଦି ଅଙ୍ଗପ୍ରତ୍ୟଙ୍ଗଙ୍କୁ ନେଇ ।

ଶରୀର ସଂଚାଳନ ପାଇଁ ଯେପରି ଖଞ୍ଜାର ଆବଶ୍ୟକତା ରହିଛି, ସେହିପରି ରଥ ନିର୍ମାଣ ପଦ୍ଧତିରେ ମଧ୍ୟ ଏହାକୁ ଯୋଡ଼ିବା ପାଇଁ କାଠ ଖଞ୍ଜା ହୋଇଥାଏ ।

ସେହିପରି ମନୁଷ୍ୟ ଶରୀରରେ ୩୨ଟି ନାଡ଼ି ରହିଛି । ରଥର ଚକ ଠାରୁ ଧ୍ୱଜ ପର୍ଯ୍ୟନ୍ତ ମଧ୍ୟ ସମଗ୍ର ଅଙ୍ଗପ୍ରତ୍ୟଙ୍ଗକୁ ୩୨ ବା ୩୪ ଅଂଶରେ ବିଭକ୍ତ କରାଯାଇଛି । ଶ୍ରୀ ଅସିତ ମହାନ୍ତିଙ୍କ 'ରଥକଥା'ରେ 'ଅପରାଜିତ ପୁଚ୍ଛା'ରେ ଥିବା ରଥର ୩୨ ଅଂଶର ବର୍ଣ୍ଣନା ରହିଛି । ସେଗୁଡ଼ିକ ହେଉଛି–୧. କୁବର, ୨.ଭଦ୍ରପୀଠ, ୩.ଆଡ଼ଭଦ୍ର, ୪.କୀଳକ, ୫.ଅରସ୍ତମ୍ଭ, ୬.ଚକ୍ରନେମୀ, ତୁମ୍ବିକା, ଅର ଓ ପରିଧି, ୭. ଚଉଡ଼ା, ୮ ଗର୍ଗରା, ୯. ହଂସମୌଳି, ୧୦.କୂର୍ମ, ୧୧.ରଥଭରାଣ୍ଡି, ୧୨.ପୃଷ୍ଠ, ୧୩. ପୀଠ, ୧୪.ବେଦପୀଠ, ୧୫. କଣାନାହାକା, ୧୬. ବଳାନାହାକା, ୧୭. କର୍ଣ୍ଣସ୍ତମ୍ଭ, ୧୮. ନାଟସ୍ତମ୍ଭ, ୧୯. ଛନ୍ଦ କୁବର, ୨୦.ପଟାଦ୍ୱାର, ୨୧. ଦ୍ୱିତୀୟ କୁବର, ୨୨.ସ୍ତମ୍ଭନେମୀ, ୨୩. ତୃତୀୟ କୁବର, ୨୪.ରକ୍ଷିପଟା, ୨୫. ଦୋରଟିକା, ୨୬. କପୋତାଳି, ୨୭. ପୋଟଳ, ୨୮. ଭଦ୍ରକରତି, ୨୯.ବେକି, ୩୦.ନୌତି, ୩୧.କଳସ, ୩୨.ଆୟୁଧ ।

ପୁନଶ୍ଚ ଶିଳ୍ପଶାସ୍ତ୍ର ଅନୁସାରେ ଏହି ତ୍ରିରଥକୁ ନିମ୍ନ, ମଧ୍ୟ ଓ ଶୀର୍ଷ ଏହିପରି ତିନି ଭାଗରେ ବିଭକ୍ତ କରାଯାଇଛି । ତତ୍ତ୍ୱ ଦୃଷ୍ଟିରୁ ଏହାର ସତ୍ତ୍ୱ, ରଜ ଓ ତମ (ସାତ୍ତ୍ୱିକ, ରାଜସିକ ଓ ତାମସିକ) ଆଧାରରେ ଗ୍ରହଣ କରାଯାଇଥାଏ ।

ତେଣୁ 'ରଥ' ପ୍ରକୃତ ପକ୍ଷେ ବେଦ, ଉପନିଷଦ ଓ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଥିବା ଏକ ଦିବ୍ୟସତ୍ତା; ଏଇ ସମୁଦାୟ ଜୀବକୁଳ, ସମସ୍ତ ଲୋକ, ବିଶ୍ୱବ୍ରହ୍ମାଣ୍ଡ କାଳର ଏକ ବେଗବାନ ବାହକ । ସ୍ୱୟଂ ଜଗତର କର୍ତ୍ତା ଏହା ଉପରେ ବିଦ୍ୟମାନ ରହି ସଂସାରରୂପୀ ରଥକୁ ଚଳାଇ ନେଉଛନ୍ତି । ମନୁଷ୍ୟ ତ ନିମିତ୍ତ ମାତ୍ର । ଯିଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଅଧିଶ୍ୱର, କାଳ ତାଙ୍କର ଅଧିନସ୍ଥ । ସମଗ୍ର ଜୀବଲୋକ ତାଙ୍କରି ଶରଣାଗତ, ସେ ହିଁ 'ରଥ' ଆଉ ସେ ହିଁ 'ରଥୀ' ।

ତେଣୁ ହିଁ ତ କୁହାଯାଏ: 'ରଥ ପଥ କିଛି ନାହିଁ, ସବୁ ସେ ଜଗତସାଇଁ ।'

# ଭାବ ଉତ୍ତରଣ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ

# ସମ୍ବର୍ଦ୍ଧିତ ହେଲେ ୧୯ ପ୍ରତିଭା




ଭୁବନେଶ୍ୱର: ଭାବ ଉତ୍ତରଣ ସାହିତ୍ୟ ପରିଷଦର ରାଜ୍ୟସ୍ତରୀୟ ସାରସ୍ୱତ ସମ୍ବର୍ଦ୍ଧନା ଓ ବାର୍ଷିକ ଉତ୍ସବ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଅତିଥି ଭାବେ ଓଡ଼ିଶା ସହିତ୍ୟ ଏକାଡ଼େମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ଡକ୍ଟର ପ୍ରସନ୍ନ ପାଟଶାଣି, ବରିଷ୍ଠ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, ଗାଳ୍ପିକା ଡକ୍ଟର ହିରଣ୍ମୟୀ ମିଶ୍ର, ଅନୁଷ୍ଠାନର ପ୍ରତିଷ୍ଠାତା ଦୀପକ ରଞ୍ଜନ ଗ୍ରହାଚାର୍ଯ୍ୟ ଓ ସଭାପତି ଡକ୍ଟର ଆରତି ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରାବନ୍ଧିକ ଡ. ସର୍ବେଶ୍ୱର ସେଣ, ଗାଳ୍ପିକା ଡ. ଆରତି କର, ଗାଳ୍ପିକ ଡ. ଅଜୟ ସ୍ୱାଇଁ, ସୁଭାଷ ଚନ୍ଦ୍ର ପଟ୍ଟନାୟକ, ଶରତ ଚନ୍ଦ୍ର ସାହୁ, ଗାଳ୍ପିକ ଡ. ପ୍ରଭାତ ରଞ୍ଜନ ବେଉରିଆ, ଡ. ସତ୍ୟ ନାରାୟଣ ମିଶ୍ର, ଡ. ଭୁବନାନନ୍ଦ ସାହୁ, ମହାଶ୍ୱେତା ସାହୁ, ବ୍ୟଙ୍ଗ କବି ସତ୍ୟାନାଶ, ଡ. ଚନ୍ଦ୍ର ଶେଖର ଦାଶ, ଅନାମ କବି, ଭିଜୁଆଲ୍ ଆର୍ଟିଷ୍ଟ୍ ଫିର୍ଦୌସୀ ତବସୁମ୍ , କବି ମନୁ ଦାଶଙ୍କୁ ଭାବ ଉତ୍ତରଣ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ନାଟ୍ୟକାର ସ୍ୱର୍ଗତ ପଦ୍ମଲୋଚନ ମହାକୁଡ଼ଙ୍କ ପତ୍ନୀଙ୍କୁ ଭାବଉତ୍ତରଣ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଭାବ ଉତ୍ତରଣ ସାହିତ୍ୟ ପରିଷଦର ବାର୍ଷିକ ପତ୍ରିକା 'ଭାବ ଉତ୍ତରଣ' ଉନ୍ମୋଚିତ ହୋଇଥିଲା । ଏହାସହ ବିଭିନ୍ନ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ପରିଷଦ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ କୃତି ସଦସ୍ୟ ସଦସ୍ୟାଙ୍କୁ ସମ୍ମାନିତ କରାଯାଇଥିଲା । ପରିଷଦର ମୁଖ୍ୟ ଉପଦେଷ୍ଟା ଦେବୀ ପ୍ରସନ୍ନ ନନ୍ଦ ଓ ସମ୍ପାଦକ ସରୋଜ ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଟ୍ରାଫିକ୍ ପୋଷ୍ଟରେ ତାଳପତ୍ର ଛତା



ପୁରୀ: ଟ୍ରାଫିକ୍ ପୋଷ୍ଟରେ ଲାଗିଲା ତାଳପତ୍ର ଛତା । ପବିତ୍ର ଭଉଁରୀ ଅବସରରେ ଏହି ଛତାର ବ୍ୟବହାର ଆରମ୍ଭ କରିଛି ପୋଲିସ୍ । ଟ୍ରାଫିକ୍ ଡିଏସ୍‌ପି ମନୋବ୍ରତା ଶତପଥୀ ଓ ଟ୍ରାଫିକ୍ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ସହ ଅନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଏହି ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି । ଖରାରୁ ରକ୍ଷା ପାଇବା ପାଇଁ ପୋଲିସ୍‌କୁ ଛତାର ଆବଶ୍ୟକତା ରହିଛି । ହେଲେ ପୋଲିସକୁ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଛତା ବ୍ୟବହାର କରିବାକୁ ପଡୁଛି । ଗୋଟିଏ ପଟେ ପ୍ଲାଷ୍ଟିକ୍ ବ୍ୟାନ୍ ହୋଇଥିବା ବେଳେ ଅନ୍ୟପଟେ ଏହି ଛତା ପବନରେ ଖୁବ୍ ଶୀଘ୍ର ନଷ୍ଟ ହୋଇ ଯାଉଛି ବୋଲି କହିଛନ୍ତି ଡିଏସ୍‌ପି । ତେଣୁ ପରିବେଶ ଉପଯୋଗୀ ଛତା ପାଇଁ ମନ ବଳାଇଛି ପୋଲିସ୍ । ପୁରୀ ପୋଲିସ ପକ୍ଷରୁ ସ୍ୱତନ୍ତ୍ର କାରିଗରଙ୍କ ଦ୍ୱାରା ତାଳପତ୍ରର ଛତା ପ୍ରସ୍ତୁତ କରାଯାଇଛି । ଗୋଟିଏ ଛତା ପିଛା ୨ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସହରରେ ଥିବା ୭ଟି ଟ୍ରାଫିକ ପୋଷ୍ଟରେ ଏହା ଲଗାଯିବ ।

## ଉନ୍ମୋଚିତ ହେଲା ପ୍ରଶାନ୍ତ ଦାସଙ୍କ 'ଉଡ଼ାଣ'



ବାଲେଶ୍ୱର: କବି ପ୍ରଶାନ୍ତ ଦାସଙ୍କ କବିତା ପୁସ୍ତକ 'ଉଡ଼ାଣ' ଶୁକ୍ରବାର ସଂଧ୍ୟାରେ ଉନ୍ମୋଚିତ ହୋଇଯାଇଛି । ଏନେଇ ସ୍ଥାନୀୟ ଆତିଥ୍ୟ ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରା ଯାଇଥିଲା । ଏଥିରେ ବରେଣ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର, 'ରେବତୀ'ର ସହଯୋଗୀ ସଂପାଦକ କବି କୃଷ୍ଣ କୁମାର ମହାନ୍ତି, କବି ଶ୍ରୀଦେବ, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସହଯୋଗୀ ପ୍ରଫେସର ଡକ୍ଟର ପାତ୍ର କହିଥିଲେ, ଜିଜ୍ଞାସା ଗର୍ଭରେ ନୂତନ ରଚନା ବା ସୃଜନର ପରିସ୍ଫୁଟନ ହୁଏ । ଜିଜ୍ଞାସା ଯେତେ ଗଭୀର ହୁଏ ସୃଜନ ସେତେ ଅର୍ଥପୂର୍ଣ୍ଣ ହୁଏ । ସମ୍ମାନିତ ଅତିଥି କବି ଶ୍ରୀ ମହାନ୍ତି ପ୍ରଶାନ୍ତ ଦାସଙ୍କ କବିତାଗୁଡ଼ିକ ବିଷୟରେ ନିଜର ଅନୁଭବ ବଖାଣିଥିଲେ । କବିଟିଏ ଅଭିଳାଷରୁ ଦୂରେଇ ଯାଇ ନିଜର ସୃଷ୍ଟିକୁ ସହଜ, ସରଳ ଓ ସୁନ୍ଦର କରିବା ଆବଶ୍ୟକ ବୋଲି କହିଥିଲେ । ଗାଳ୍ପିକ ଶ୍ରୀ ବିଶ୍ୱାଳ କବି ଶ୍ରୀ ଦାସଙ୍କ ସାମଗ୍ରିକ ସାହିତ୍ୟ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ । କବି ଶ୍ରୀଦେବ, ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, ଶିଳ୍ପୀ ସନ୍ତୋଷ ମହାରଣା ଶ୍ରୀଦାସଙ୍କ ସାରସ୍ୱତ ସୃଷ୍ଟିକୁ ପ୍ରଶଂସା କରିଥିଲେ । ପୁସ୍ତକର ପ୍ରକାଶକ ତଥା ବହିଘର ପ୍ରକାଶନ ପ୍ରତିଷ୍ଠାନର ମୁଖ୍ୟ କବି ଅଭୟ ଦାସ କବିତା ପୁସ୍ତକରେ ଥିବା କବିତାଗୁଡ଼ିକୁ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ଆବାହକ ରାଜେଶ ଗିରି ମଞ୍ଚ ଆବାହନ ସହ କବିଙ୍କ ସମ୍ପର୍କରେ ଆଦ୍ୟକଥା ରଖିଥିଲେ । 'ଉଡ଼ାଣ'ର କବି ପ୍ରଶାନ୍ତ ଦାସ ଉତ୍ସବ ପରିଚାଳନା ସହ ନିଜର ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ । ଏହି ଉନ୍ମୋଚନ ଉତ୍ସବରେ ପୁସ୍ତକର ପ୍ରଚ୍ଛଦ ଚିତ୍ରକର ସୁନାମଧନ୍ୟ ଚିତ୍ରଶିଳ୍ପୀ ସନ୍ତୋଷ କୁମାର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ପ୍ରୀତିକ୍ରିଷ୍ଣା ଦାସ, କବି ମଧୁସୂଦନ ମିଶ୍ର ପୁସ୍ତକରୁ ଦୁଇଟି କବିତା ପାଠ କରିଥିଲେ ।

# ଜୁଲାଇ - ୨୦୨୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

୦୧/୦୭/୨୦୨୨ : ଶ୍ରୀଗୁଣ୍ଡିଚା (ରଥଯାତ୍ରା)
୦୫/୦୭/୨୦୨୨ : ହେରା ପଞ୍ଚମୀ
୦୯/୦୭/୨୦୨୨ : ବାହୁଡ଼ା ରଥଯାତ୍ରା
୧୦/୦୭/୨୦୨୨ : ଇଦ୍‌ଜୁହା

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |


ଆମ ମାଟିର ସ୍ୱର
ମଡେଲ୍ : ଅମ୍ରିତା ସାବତ, ଭୁବନେଶ୍ୱର
ଫଟୋଗ୍ରାଫି: ଜନସନ ରାଉତରାୟ
ଉଚ୍ଚତା : ୫ ଫୁଟ୍ ୧୦ ଇଞ୍ଚ୍
ଶିକ୍ଷା : ବିଟେକ୍, ଏମ୍‌ବିଏ
ବୃତ୍ତି : ପରିଚାଳନା ନିର୍ଦ୍ଦେଶିକା, ସାବତ ଏକ୍ସପୋର୍ଟସ୍
ପ୍ରବୃତ୍ତି : ନାଚିବା ଓ ଗୀତ ଗାଇବା
ମେକ୍‌ଅପ୍ : ରତିରଞ୍ଜନ
କଷ୍ଟ୍ୟୁମ : ଉତ୍କଳଅମ୍ରିତା, ଖଣ୍ଡୁଆ ନାଚୁରାଲ ଡାଏଡ୍ ସିଲ୍କ୍
ସ୍ଥାନ : ଲାସ୍ୟକଳା ଡ୍ୟାନ୍ସ ଭିଜନ, ଭୁବନେଶ୍ୱର

ଧାରାବାହିକ କାବ୍ୟ

# ଦ୍ରୌପଦୀ-୧୭

## ପ୍ରଫୁଲ୍ଲ କୁମାର ମହାନ୍ତି

(ସ୍ୱୟଂବର ପ୍ରସ୍ତୁତିରେ ଚକିତ ଦ୍ରୌପଦୀ)
ଆଶ୍ଚର୍ଯ୍ୟରେ ଚାହିଁଲା ଦ୍ରୌପଦୀ
ଏତେ ଶୋଭା ଏତେ ଦିବ୍ୟ ସ୍ଫଟିକ ଚମକ
ପ୍ରାଚୁର୍ଯ୍ୟର ଦୀର୍ଘ ଇସ୍ତାହାର !
କାହାର କଳ୍ପନା ଯାହା ବିସ୍ତାରି ଯାଇଛି
ପ୍ରାସାଦରୁ ଘରଦ୍ୱାର ଗ୍ରାମନଗ୍ର ଘେରି
ରତ୍ନ ବିଜଡ଼ିତ ବିଶାଳ ଗମ୍ବୁଜ
ତାରାଖଚିତ ଆକାଶକୁ ଫିକା କରି
ଏ କି ଆଲୋକମାଳା ବିଶ୍ୱଦୀପାବଳି !
ଆନନ୍ଦର କାରିଗରୀ ହସରେ ପୁଲକ ସ୍ତମ୍ଭ
ଏଇ ବୋଧେ କାମ୍ପିଲ୍ୟର ସରଗ ବିଭବ
ସାତ ପରସ୍ତର ସୁଷମା ଖଚିତ ଆଡ଼ମ୍ବର
ସ୍ୱୟଂବର ପ୍ରସ୍ତୁତି ପାଞ୍ଚାଳ ରାଜାର ।

ବିଶ୍ୱ ପରିଧି ପରି ଅମାପ କ୍ରୀଡ଼ାଙ୍ଗନ
ଝଲସାଉଥିଲା ସ୍ଥପତିର କଳ୍ପିତ ପ୍ରାଙ୍ଗଣ
ଅତିଥିଙ୍କ ପାଇଁ ସଜା ହୋଇଥିଲା
ରାଜକୀୟ ମର୍ଯ୍ୟାଦାର ସୁବର୍ଣ୍ଣ ଆସନ
ବର୍ଗାକାର ଥିଲା ଅସ୍ତ୍ରକଳା ପରୀକ୍ଷା ବେଦିକା
ନାୟକର ନିମନ୍ତ୍ରଣ ଦକ୍ଷତାର ଆହ୍ୱାନ
ମଝିରେ ଥିଲା ସନ୍ଦିପନୀ ରାଧାଚକ୍ର
ନିସ୍ତରଙ୍ଗ ସ୍ୱଚ୍ଛ ପାଣି ମଧ୍ୟ ମଣ୍ଡପରେ
ସ୍ତମ୍ଭ ଶିଖରରେ ଘୁରୁଥିଲା ସ୍ଫଟିକର ମାଛ
ଦୁଇଥାକ ହୋଇ ରହିଥିଲା ଅବନ୍ଧା ଧନୁକ...

ଆଉ ଚାହିଁ ପାରିଲାନି ପାଞ୍ଚାଳ କୁମାରୀ
ଭାବିସଙ୍କଟରେ ରହିଗଲା ଗମ୍ଭୀର ସ୍ଥିର:
ରାଜା ଯଦି କର୍ତ୍ତା ହୁଏ ନିଜ ଗୌରବର
କରିଯାଏ ପ୍ରଦର୍ଶନ ବିନା କାରୁଣ୍ୟରେ
ଏହା ଯଦି ଦ୍ରୌପଦୀର ଭାଗ୍ୟ, ଇଚ୍ଛା ବିପରୀତ
ମୁଣ୍ଡ ପାତି ସହିନେବା ଛଡ଼ା ଇଚ୍ଛାର ଦମନ ଛଡ଼ା
ନିଜ ପଥ ବାଛିନେବା ଶକ୍ତି ଆପେ ପରାଜିତ ।
ତେବେ କାହିଁକି ଅଯଥାରେ କରି ଅଭିମାନ
ପାଞ୍ଚାଳର ସ୍ୱାଭିମାନ କରିବି ମୁଁ ମ୍ଳାନ ?


ରାଜକନ୍ୟା ପରିଚୟ ମୋର
ଚଳନ୍ତି ମୁହୂର୍ତ୍ତର ସମୟ ପ୍ରବାହର
ତେଣୁ ମୁଁ ମଧ୍ୟ ବୋହିଯିବି ଭାଗ୍ୟ ପ୍ରବାହରେ
ଧୈର୍ଯ୍ୟ ଧରି କରିବି ଅପେକ୍ଷା ଘଟଣାର ପରିଣାମ
ସ୍ରୋତ ବିପକ୍ଷରେ ଗଲେ ପରାଜୟ ସୁନିଶ୍ଚିତ

ଆଶଙ୍କାରେ କାହିଁକି ମୁଁ ହରାଇବି ଆଶାର ଅସ୍ମିତା
ଅହମିକା ତ୍ୟାଗ କରି ମୁଁ ବି ହେବି ଐଶ୍ୱର୍ଯ୍ୟ ନାୟିକା ।

ଲେଉଟିଲା ଦ୍ରୌପଦୀ ମଗ୍ନ ଭାବନାରେ
ସବୁ ଘର ହସୁଥିଲା ଚିତ୍ରିତ ଢେଉ ପରି
ସବୁ କାନ୍ଥ ଅଗଣାରେ ପୃଥିବୀର ଚିତ୍ରପଟ
ଭାରତର ସବୁ ହାତ ବୋଳିଥିଲା ଲକ୍ଷେ ରଙ୍ଗ
ଫୁଲତାରା ମୟୂରର କାନ୍ତି ବିଚିତ୍ରାରେ
ଶୁଭୁଥିଲା ଜୟଗାନ ମଣିଷର ହାତକଳା ସ୍ୱନ
ମଣିଷର ଇତିହାସ ଜୀବନର ସ୍ୱପ୍ନ ସୁରଙ୍ଗିଣୀ
ରାସ୍ତାର ଦୁଇଧାରେ ଥିଲା ଫୁଲ କୁଣ୍ଡ କୁଞ୍ଜଲତା
ଛନ୍ଦା ପାଦର ଛନ୍ଦେ ବାଜୁଥିଲା ଜୀବନ ସଂହିତା ।

ବିଜୁଳି ଖେଳିଗଲା ମନରେ ଦେହରେ
ଉଲୁସିଲା କଳ୍ପନାର ଆଗାମୀ ଇଙ୍ଗିତରେ
ରୁଦ୍ରବୀଣା ଅଭ୍ୟାସର ଗମ୍ଭୀର ତରଙ୍ଗ
କାନରେ ବାଜୁଥିଲା ପ୍ରସ୍ତୁତିର ସ୍ୱର ଅନ୍ତରଙ୍ଗ
ବାଦ୍ୟକାରର ନୃତ୍ୟ ଲହରୀରେ ।

ଆଗେଇଲା ଦ୍ରୌପଦୀ ଦୀପ୍ତ କୁମାରୀ
ରସ ଉନ୍ମାଦର ସମ୍ଭାବନାରେ:
ସାମନାରେ ରାଜା ଦ୍ରୁପଦ
ପିତା ପାରିଷଦ ।



ଦେଖିଲୁତ କନ୍ୟା ମୋର ସ୍ନେହ ଆୟତନ
ଆଉରି ଦେଖିବୁ ପାଞ୍ଚାଳର ନାନା କୋଟିକମ
ତୋ ପାଇଁ ଯେ ଜିତିବ ସେ କଣ
କେବେ ହେବ ଠେକୁଆ ଶିକାରୀ
ସେ ହେବ ରାଜପୁତ୍ର ମୋର କନ୍ୟା ଦ୍ରୌପଦୀର ପତି
ପାଞ୍ଚାଳ ଜାମାତା ହେବ ପୃଥିବୀ ବିଜେତା
ସଭିଙ୍କର ସ୍ନେହ ଅଧିକାରୀ
ଆ' ମା' ତୁ ତ ମୋର ଜାଗୃତିର କନ୍ୟା
ତୋ ପାଇଁ ଛୁଟାଇ ଦେବି ଆନନ୍ଦର ବନ୍ୟା ।

'ଚିତ୍ରକାବ୍ୟ', ଶିଶୁ ବିହାର, ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩



## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି



▶ଚିତ୍ର : ଶିଳ୍ପୀ ସୌମ୍ୟରଂଜନ ପଣ୍ଡା

# ଲକ୍ଷ୍ମୀ ପୁରାଣ

## ସେନାପତି ପ୍ରଦ୍ୟୁମ୍ନ କେଶରୀ

କେଡ଼େ ମର୍ମନ୍ତୁଦ ଆହା
ଯେବେ ହୃଦୟର ଉଠ୍‌ପଡ଼୍ ହୁଏ ଦୁଇଗଡ଼
ଯେବେ ଭୂମିରୁ ଭୋକିଲା ଈଗଲ୍ ପରି
ଦେହକୁ ଉଠାଇ ନିଏ ଝଡ଼
କେଡ଼େ ମର୍ମନ୍ତୁଦ ଆହା
ଯେବେ ଛାତିର ପବନ ଅସମୟେ ପାଲଟେ ବରଫ
ସତେ ଅବା ଲାଗେ, ନିଜ ବେକକୁ ହାଣୁଛି
ନିଜ ହାତର କୃପାଣ ।

କାହିଁକି ଏତେ ଅଭିମାନ ସଖୀ
ସତେ କଣ ତୁମେ ମୋ'ଠୁ ହୋଇଛ ଅଲଗା ?
ସବୁବେଳେ ମୋ ତନୁରେ ବହୁଛ ତ ରୁଧିର ଝରଣା ପରି
ପିଣ୍ଡରେ ପବନ ହୋଇ ଖେଳୁଛ ବୁଲୁଛ
ଅନ୍ତରଙ୍ଗ ଭାଷା ହୋଇ ଝରୁଛ ଓଠରୁ
ପାଦ କାଢୁ କାଢୁ
ମୋ ଆଗରେ ନିଜକୁ ଏମିତି ବିଛେଇ ଦେଉଛ
ଯେମିତି ଗୋଟେ ସଜଫୁଟା ଫୁଲର ସଡ଼କ ।

ସେଦିନ ଛଳ କୋପ ପରି
ତୁମକୁ ଘରୁ ତଡ଼ିଦେବା ଥିଲା
ମୋର ନିଜକୁ ନିଜେ ପରଖିବା
ଖାସ୍ ନିଜେ ଜାଣିବାକୁ ଚାହୁଁଥିଲି
ସତେ କଣ ତୁମ ବିନା ମୁଁ ଖଣ୍ଡେ ଶୁଷ୍କ କାଠଗଡ଼
ତୁମେ ଥିଲେ ମୋ ଚଉପାଶ ବାସେ ମହମହ
କ୍ଷୀରିପୁରି ସୁଖଶିରୀ
ଖୁସିରେ ସାରା ଘର ଲାଗେ ଗହଗହ ।

ତୁମେ ନଥିଲେ ପାଖରେ
ଜଳେ ନାହିଁ ଚୁଲି, ତାତେନା ବି ହାଣ୍ଡିପାଣି, ଫୁଟେନା
ଚାଉଳ ।
ଦିନ ଦିଶେ ସୂର୍ଯ୍ୟହୀନ
ରାତିର ଅନ୍ଧାର ପରି
ବିଷାଦରେ କଳା ଦିଶେ ଜୀବନର ଚାରି କାନ୍ଥ
ମନ ତଳ ଆହୁରି ମଳିନ ।

ତୁମେ ଯେବେ ଓଦା ଓଦା ଅଭିମାନେ ଭିଜି
ଉଆସରୁ ଦାଣ୍ଡକୁ ଓହ୍ଲାଇଗଲ
ଲାଗିଲା ସତେ ଅବା ମୁଁ ବି ଧାଉଁଛି ତୁମ ପଛେ ପଛେ
ଯେମିତି ଆଗେ ଆଗେ ଧେନୁ ତା ପଛରେ ଅବୋଧ ବତ୍ସାଟିଏ
ପଛରୁ ଯେତେ ଭିଡ଼ିଲେ ବି ମୋ ବେକକୁ
ଉଚ୍ଚନୀଚ ଜାତିଆଣ ଧମକର ପାପ ହାତ
ସବୁ ବାଧାକୁ ଫାଙ୍କି ଦେଇ
ଛାଇ ପରି ମୁଁ ତୁମର ସାଥେ ଚାଲୁଥାଏ ।

ତୁମେ ଜାଣ ସଖୀ
ତୁମେ ନଥିଲେ ପାଖରେ ନଥାଏ ବୋଧେ ମୋର ପରିଚୟ
ନିଜକୁ ମୁଁ ଦିଶେ ନିଜ ଠାରୁ ଆହୁରି ଅଳପ !
ମୋ ଦେହରେ ପିନ୍ଧା ଦାମୀ ବସ୍ତ୍ର
ଲାଗେ ଖଣ୍ଡେ ମଇଳା ଗାମୁଛା ପରି
ଯାହା ମୋର ଲଜ୍ଜା ଢାଙ୍କିବାକୁ ତଥାପି ଅକ୍ଷମ ।
ମରୁଭୂମିର ନିରୁପାୟ ଓଟ ପରି
କଣ୍ଟା ଗଛ ପାକୁଳି କରି କରି
ନିଜେ ଚାଖୁଥାଏ ଯାହା ଖାଲି ନିଜ ରକ୍ତର ସୁଆଦ ।

ଦୟାକରି ଭଲପାଇବାର ପ୍ରମାଣ
ମୋତେ ମାଗନି ସଖୀ
ଯୋଉଦିନ ମୁଁ ଛିଟିକି ପଡ଼ିଲି ସୁନାଥାଳିରୁ ଶୂନ୍ୟଥାଳକୁ
ସେଦିନ ମୋ ପୁରୁଷକାର ଭିତରୁ
ବାରୁଥିଲି ତୁମର ଅମାପ ତେଜ
ସବୁବେଳେ ତୁମେ ମୋର ନିଃଶ୍ୱାସରେ ଥିଲ,
ଆଜି ବି ସେମିତି ଅଛ ।
ତୁମଠୁ କେବେ ଅଲଗା ନଥିଲି ମୁଁ ଧନ
ଆଜି ବି ଖରାଦିନ ବାଲିରେ ଚାଲି ଚାଲି
ତୁମ ଦୁଆରେ ପହଂଚିବା ପାଇଁ
ହାତ ଠାରି ଡାକୁଛି ମୋତେ ତୁମର ମିଠା ଅଭିମାନ ।

♥ସାଇସର୍ଜନା, ଜଗନ୍ନାଥ ବିହାର,
ବାଲିକୁଦା, କଟକ-୭୫୩୦୧୧



▶ଫଟୋ : ସେନାପତି ପ୍ରଦ୍ୟୁମ୍ନ କେଶରୀ



▲ ଚିତ୍ର : ଶିଳ୍ପୀ ଦୀନବନ୍ଧୁ ସାହୁ

# ଭଙ୍ଗାଗଢ଼ା

## ବିପିନ ନାୟକ

ଭଙ୍ଗାଗଢ଼ା
ରୁଣୁଝୁଣୁ
ଧ୍ୱସ୍ତ ନିରବତା,
ଆଲୋକ ଅନ୍ଧାର
କିଛି ରକ୍ତ
କିଛି କ୍ଷତ
ଶବ୍ଦ,
ମୋର ପ୍ରିୟ ଦୁଃଖ
ପ୍ରିୟତମ ମିତ୍ର ।

ତା ଶୃଙ୍ଗରେ
ଶୀତ
ସୂର୍ଯ୍ୟ
ତୁଷାର ଓ ଝରାପତ୍ର
ଆଲୋକର ଝଡ଼,
ଅତଳରେ
ମୁକ୍ତା ଓ ମଗ୍ନତା
ଶ୍ୱାସରୁଦ୍ଧତା

ସପ୍ତସ୍ୱର
ଅଜସ୍ର ଅନ୍ଧାର ।

ସେ' ତ ମୋର
ଆତ୍ମାର କୌତୁକ,
ଦୟାକରେ ଦୟାର୍ଦ୍ରକୁ
ତୃଷାର୍ତ୍ତକୁ ତୃଷା ଦିଏ
ଶୀତରାତିକୁ ଢାଙ୍କେ କମ୍ବଳରେ,
ଗ୍ରୀଷ୍ମକୁ ଗ୍ରୀଷ୍ମରେ ଢାଙ୍କେ
କେବେ ପ୍ରେମକୁ ନିଆଁରେ ତ
କେବେ ନିଆଁକୁ ପ୍ରେମରେ ।

ସିଏ ମୋର ପକ୍ୱକେଶ
ଶୈଶବ ଓ ବାନପ୍ରସ୍ଥ
ମୋ ପୂର୍ବପୁରୁଷଙ୍କ ପାଉଁଶ ଓ
ପ୍ରବାଳର ଗୋପନ ପର୍ବତ,
ଶବ୍ଦ ମୋର ଉଷାକାଳ
ଶ୍ମଶାନ,
ସ୍ଥିର ବର୍ତ୍ତମାନ
ଗୋଧୂଳିର ତାରା,
ସିଏ ପୁଣି ଅନାଗତ,
ଉଦାସ ଅତୀତ
ଯୁଗପତ୍ ଶୋକ ଓ ଶୃଙ୍ଗାର
ମୃତ୍ୟୁ ଓ ମଦିରା ।

♥ ନିର୍ବିକଳ୍ପ, ବାଞ୍ଛାନିଧି ନଗର,ବ୍ରହ୍ମପୁର-୭୬୦୦୧୦
ଫୋନ:୭୦୭୭୯୭୩୦୫୩



# ଜଗନ୍ନାଥ ଓ ସୁମି ରାଜପୁତ୍

**ପ୍ରତୀକ୍ଷା ଜେନା**

ତୁ ରଥରେ ବିଜେ ଥିଲୁ ପ୍ରଥମଥର,
ମୁଁ ସମୁଦ୍ରବାଲି ଭରୁଥିଲି ଫ୍ରକ୍‌ରେ,
ତୁ କିଏ ବୋଲି ଚିହ୍ନିନଥିଲି ସେଦିନ ।

ଅଠର ବର୍ଷରେ ଦିନେ ଅକସ୍ମାତ୍ ସନ୍ଧ୍ୟା ଆଳତୀବେଳେ
ତୋ ଗର୍ଭଗୃହର ଅନ୍ଧାରରେ ହଜିଗଲି,
କିଛି ଲୋକ କହିଲେ ମୁଁ ଅନ୍ୟମନସ୍କତାରୁ ଫେରିଆସିବା ଉଚିତ୍,
ସେମାନଙ୍କ ପରି, ସେମାନଙ୍କ ସାଥିରେ ସ୍ୱର ମିଳେଇ
ତୋର ସ୍ତୁତି ଗାଇବା ଉଚିତ୍ ।

ମୁଁ ଅଟଳ, ବାରମ୍ବାର ଲହଡି ପରି
ଉତ୍ତାଳ ଆସୁଥିଲି ଓ ଅପ୍ରେମରେ ଫେରୁଥିଲି ତାରାପୁଞ୍ଜୀକୁ ।

ସମୁଦ୍ର ବୁଲିଯିବା ବେଳେ ସ୍ୱର୍ଗଦ୍ୱାରରେ ଦୀପ ଲଗାଏ,
ପୁଣି ଲୋକମାନେ କହୁଥିବାର ଶୁଣେ
ତୋ ଦେହର ଶୁଖିଲାକାଠରେ ମୋ ବାପା ପାଉଁଶ ହେଇ ମିଳେଇଯିବା
ତୋର ଭିଆଣ,
ତତେ ପଛ କରି ମୁଁ ସମୁଦ୍ରକୂଳରେ ବସେ,
ଆଙ୍ଗୁଳିରେ ଚିତ୍ରିତ କରେ ବେଳାଭୂଇଁ,
ଶାମୁକା ଦେହରେ ଧାଡିଏ କବିତା ଲେଖି ଫେରିଆସେ ।

ସେଥର ପ୍ରେମିକ ସହ ଶେଷଥର
ଯାଇଥିବା ବେଳେ,



▲ ଚିତ୍ର : ଶିଳ୍ପୀ ଚିନ୍ତାମଣି ବିଶ୍ୱାଳ

କୋଇଲିବୈକୁଣ୍ଠରେ ଦେହ ଶୀତେଇ ଉଠିଲା,
ତୋର ଶହ ଶହ ମୃତଦେହ
ସହସ୍ରବର୍ଷରୁ କାହା ଅପେକ୍ଷାରେ !

ମନ୍ଦିରରୁ ବାହାରି ଆସିବାଦିନୁ ମୁଁ କାଢିଦେଇଚି ମୋର ଦେବୀଦେହ,
ଶଂଖା ସିନ୍ଦୁରବୋଳା, ଭାରି ପାଟପିନ୍ଧା ଦେହ,
ମୋର ଧନବର୍ଷାର ବରଦା ଡାହାଣ ହାତ ଓ ମୋର ଅଭୟଦାୟିନୀ ନେତ୍ରଯୁଗଳ
କାଢି ଦେଇଚି ।
ମୁଁ ଭୁଲିଯାଇଚି ତୋର ସାହଚର୍ଯ୍ୟ ।

ମୁଁ ଏବେ ପ୍ରତିରାତିରେ ଉଲ୍‌କା ପରି ଖସୁଚି ମୋର ଆତ୍ମପ୍ରତ୍ୟୟରୁ
ଓ ଦୃଢ ହେଇ ପତ୍ର ମେଲୁଚି ସୂର୍ଯ୍ୟୋଦୟ ସହ,
ମୁଁ ଘୂର୍ଣ୍ଣି ହେଇ ଘୁରୁଚି ଆସ୍ଥଳ-ସମୁଦ୍ର,
ମୁଁ ଧାରଧାର ମେଘ ହେଇ ଝରୁଚି,

ମୁଁ ମତେ ଭୋଗି ଚାଲିଚି ଆକଣ୍ଠ,
ତୁ ଠାକୁର ହେଇ ବସିରହ ରତ୍ନବେଦୀରେ ନିଶ୍ଚଳ,
ପ୍ରେମରେ ମାରିଦେବାକୁ ଚାହୁଁଚୁ ତ...
ମତେ ମୋର ମୃତ୍ୟୁ ଯାଏଁ ଅପେକ୍ଷା କର୍ ।


♥ ନାଲ୍‌କୋ ନଗର
ଅନୁଗୁଳ, ଫୋନ: ୮୨୪୯୧୩୬୨୭୭




▲ ପ୍ରତୀକ୍ଷା ଜେନା

# ନିଜ ପାଇଁ ହିତୋପଦେଶ

## କେ. ଶ୍ୟାମବାବୁ ଦୋରା

କିଛି ଅଛି
କିଛି ନଥିବା ହେଇପାରନ୍ତା ମୋର ସୌଭାଗ୍ୟ
ଅଥଚ କିଛି ଅଛି ।

ତମର ଆଶାବାଡ଼ି ହିଁ ତମର ସବୁଠୁଁ ବଡ଼ ଶତ୍ରୁ
ସୁଠାମ ହୁଅ କି' ନହୁଅ, ସକ୍ଷମ ହୁଅ
ଭରସା କରନାହିଁ ଯାହାକୁ ଅନୁସରଣ କରୁଛ ତା'ର ଆଲୋକ ଉପରେ
ଦିନେ ରାସ୍ତା ବଦଳିଯିବ ତମର
ତା'ପରେ ତ ପଥ ଓ ପ୍ରତ୍ୟନ୍ତ ସାରା
ଅନ୍ଧାର ହିଁ ଅନ୍ଧାର ।

କିଛି ଅଛି
ନହେଲେ ହାତକୁ ମୁଁ ଏମିତି ମୁଠାକରି ରଖନ୍ତି କାହିଁକି
ମଜୁନ୍ତି କାହିଁକି
ହଜି ଯିବାର ଆଗ୍ରହକୁ ପାଳନ୍ତି କାହିଁକି ସରାଗରେ
ନାଚନ୍ତି କି' କାନ୍ଦନ୍ତି କାହିଁକି
ଅକାରଣ ବୋଲି କିଛି ନାହିଁ, ସବୁ କିଛି ସକାରଣ
ନିଜେ ରମ୍ୟ, ନିଜେ ଇ ରମଣ ।

ଫୁଲଚାରା ରୋପି ରୋପି ଚାଲିଛି ବାଟ କଡ଼ରେ
ଯୋଉ ବାଟ ଦେଇ ମୋର କେବେ ଫେରିବାର ନାହିଁ
ଦିନେ ଶାଗୁଆ ରଙ୍ଗର ଅନେକ ସୂର୍ଯ୍ୟ ଉଦୟ ହେବେ ସେଠି
ମହମହ ବାସିବ ଆଲୋକ



▲ ଚିତ୍ର : ଶିଳ୍ପୀ ଚିନ୍ତାମଣି ବିଶ୍ୱାଳ

କୋଉ ଆଖିମାନେ ତ ଦେଖିବେ, ଶୁଙ୍ଘିବେ କେତେ କେତେ ନାକ
ସେମାନେ ମୋର
ମୁଁ ନିଜ ପାଇଁ ବୁଣୁଛି ମଞ୍ଜି, ମୁଁ ନଥିବି ।

କିଛି ଅଛି ମୋର ହାତରେ, କିଛି ଅଛି
ମୁଁ ଈଶ୍ୱର ନୁହେଁ
ଈଶ୍ୱରଙ୍କ ହାତରେ ଥାଏ କ'ଣ ? କିଛି ନୁହେଁ
ତମେ ଯାହା ଦେବ ସେ ତାହା ତମକୁ ଫେରସ୍ତ କରିବେ
ଦୁଃଖ ବଦଳରେ ଦୁଃଖ
ଶବ୍ଦ ବଦଳରେ ଶବ୍ଦ
କିଛି ନାହିଁ ପାଇଁ କିଛି ନାହିଁର ବିଭବ ।

ଶୁଣ
ତମ ପାଖରେ ଯୋଉ କବିତାର ଆସବାବ ଅଛି
ତାକୁ ଘଷ, ମାଜ, ଚିକ୍‌କଣ କର
ଯେମିତି କୌଣସି ଦୁଷ୍ପ୍ରାପ୍ୟ ଧାତୁର ମୂଲ୍ୟବାନ ଗୋଟେ ଚୌକି, ବସ

ଆଖି ବୁଜ, ବିସ୍ମୃତ ହୁଅ
ଭାସ
ଅଥବା ବୁଡ଼ିଯାଅ ।

♥ ଜନାନା ହସ୍ପିଟାଲ୍ ରୋଡ୍, ବ୍ରହ୍ମପୁର-୭୬୦୦୦୧
ଫୋନ:୭୦୦୮୯୨୩୨୯୬



▲ ଫଟୋ : କେ. ଶ୍ୟାମବାବୁ ଡୋରା

# ଘା'

## ନୀଳମାଧବ କର

ଯଦି ପାରିବ,
ମୋତେ ଦେଖାଅ ତମେ,
ତମ ଘା'
ଜାଗା, ଅଜାଗା
ବିନା ଦ୍ୱିଧାରେ ଚିନ୍ତାରେ..

ଯଦି ସହଜ ହେବ ତମକୁ
ମୁଁ ଧିରେ ମଲମ ଲଗେଇ ଦେବି
ଆଉଁସି ଦେବି ଟିକେ
କାଳେ ଟିକେ ଉଶ୍ୱାସ ହେବ ତମକୁ

ମୁଁ ଯଦି ଅଂଶଟିଏ ବି କାରଣ ହେଇଥିବି
ତମ ଘା'ର...
ତାର ଉପଶମ ପାଇଁ
ମୋତେ ଥରେ ମଉକା ଦେବା ଯାଏଁ, ଅଳି କରୁଥିବି..
ଏମିତିକି,
ଯଦି ମୋତେ ଆଘାତ କରି
ତମ ଘା'ର ଉପଶମ ହେବ, ତା ପାଇଁ
ମୋ ଦେହ, ମନ ବିଛେଇ ଦେବି
ତମ ଆଗରେ ।

❤ ଓଲ୍‌ଭରହାମ୍ପଟନ୍, ୟୁକେ



# ରାତି ବାକି ଥିଲା

## ଜୟନ୍ତିକା

ରାତି ତଥାପି ବାକି ଥିଲା,
ନିସ୍ପନ୍ଦ ଥିଲା ପୃଥିବୀ, ନିଥର ଜୀବନ,
ମାଛି ଅନ୍ଧାରକୁ ପଛରେ ପକେଇ ତରତର ହୋଇ
କୁଆଡ଼େ ବାହାରିଗଲେ ଖାଲିପାଦରେ ସେଦିନ ?

ରାତିଟିଏ ଏତେ ଦୀର୍ଘ, ଏତେ ନିଃସଙ୍ଗ ହୋଇପାରେ
ଜଣା ନଥିଲା,
ଦେହରେ ମୋର ଲଟେଇ ହୋଇ ପଡ଼ିଲା ଅସୁମାରୀ ପ୍ରଶ୍ନଲତା,
ମାଳ କରି ପିନ୍ଧିନେବାକୁ ହେଲା ସେସବୁ,
ନିକଟରୁ ବାରି ନେବାକୁ ହେଲା
ଏ ରାତି ଆଉ ପାହିବନି,
ଫୁକିଆ ତାରାଟି ପରି ଉଦାସ ରହିବ ଜୀବନ, ସାରାଜନ୍ମ ।

ଏବେ ଯୁଆଡ଼େ ଗଲେ
ସାଥିରେ କେହିଜଣେ ଘଷିହୋଇ ଚାଲେ
କାନ୍ଥ ସନ୍ଧିରୁ ବାହାରି ଆସେ ଅଜବ ଶୂନ୍ୟତା
ଜମାଟ ବାନ୍ଧେ ଆଖି ସାମ୍ନାରେ
ଜମା ସାଜୁନଥିବା ମୁହଁରେ ନିଷ୍ଠୁର ହସ ହସେ,
ଉହୁଙ୍କା ପବନ ହୋଇ ଓଟାରି ଆଣେ
ଦୀର୍ଘଶ୍ୱାସ ସବୁ ଛାତି ଭିତରୁ
ଯେତେ ଘୁଞ୍ଚିଗଲେ ସେତେ ଦେହ ଛୁଇଁ ବସେ ।

ଆଖି ମୁଦିଲେ,
ଓଦାମାଟି ପରି ଦଳଦଳ ମଣିଷ ପଲଙ୍କ ସାଥିରେ କେହିଜଣେ
ଧପ୍ କରି ବାହାରି ଯାଏ ଦରଆଉଜା ଦୁଆର ଦେଇ
ଥରଟେ ବି ପଛକୁ ନ ଚାହିଁ ।

ରାତି ତଥାପି ବାକି ଥିଲା ।

❤ କଥାକାର, ୧୬୧- ଶୈଳଶ୍ରୀ ବିହାର,
ଭୁବନେଶ୍ୱର-୭୫୧୦୨୧
ଫୋନ:୮୭୬୩୯୯୮୪୯୮





▲ ଚିତ୍ର : ଶିଳ୍ପୀ ସୌମ୍ୟରଂଜନ ପଟ୍ଟନାୟକ

# ସ୍ୱରାଜ୍ୟ ଭାବନା

## ଅଶ୍ୱିନୀ ଦାଶ

ଓଲେଇ ପକା / ଓଲେଇ ପକା ବଡ଼ଦାଣ୍ଡ ।
ପଚା ବିଲାତି ଅଣ୍ଡା ଖୋଳପା ଘଣ୍ଟମାଦଳ ବୋବାଲ୍‌ରେ
ଚମକ ଧଇଲାଣି ଟାହିଆ ।
ଫେରିବାଲାର ଛତା ଖଂଜା ରିବନ୍ ପରି
ଫର୍‌ଫର୍ ଭାବମୂର୍ତ୍ତି
ସ୍ୱରାଜ୍ୟ ବାଗାନ୍‌ରେ କଡ଼ କଡ଼ ଫୁଲସବୁ
ଫୁଟିବାର ପ୍ରତୀକ୍ଷାରେ ସ୍ୱଗତୋକ୍ତ ।

ଓଲେଇ ପକା / ଓଲେଇ ପକା ବଡ଼ଦାଣ୍ଡ
ଗଙ୍ଗା ଗୋମୟ ଜଳର ପ୍ଲାବନରେ
ପରିପ୍ଲୁତ ହେଉ ସ୍ୱସ୍ତିର ଆଳୟ ।
ଧର୍ଷିତା ରକ୍ତର ଜରାୟୁ ଉଠି ଆସୁ ମାଟିର ଗର୍ଭରୁ
ବଡ଼ପଣ୍ଡାଏ' ମଙ୍ଗୁଆଳ ସାଜି
ମେଲି ଦେଲେଣି ନୌକା
ପପେୟା ନଳୀରେ ବଇଁଶୀ ବନେଇ
ଫୁଙ୍କୁଥା'ରେ ଜଳକା ।

ଏବେ ତ ଦେଶ କହିଲେ ଅଖ ବନ୍ଦ୍
ହରତାଳର ହୁତାଶନ
ଧର୍ଷଣ ଓ ହତ୍ୟାର ରକ୍ତ ଦାଗରେ ଦାଏର୍ ଦାଗୀ
ଶବର ତାରକସିରେ ସଜିଲ୍ କବିତା
ଭୋଟ୍-ଭାଟୁଆ-ଗଣ ପାର୍ବଣ ତିଥିରେ
ବତ୍ରିଶ୍ ସିଂହାସନ ହିଁ ଏକଇ ଉପାଖ୍ୟାନ

ବିକାଶ ତ ଅକପଟ ନୀଳିମ ଆକାଶ ।
ମା' ମାଟି ଓ ମାତୃଭାଷାର ଦରୋଟି ଉଚ୍ଚାରଣ
ଥତମତ ଗେହ୍ଲାପୁଅ
ଚାରିଚାରି କୋଟି ଜନତାର ଏକଇ ଗଣତନ୍ତ୍ର
ରତନ ଶଙ୍ଖାଳି । ଦଶନ୍ଧି ଦଶନ୍ଧି ସ୍ୱପ୍ନର
ମୁଁ କାର ସର୍ବସ୍ୱ ପଦରେଣୁ
ଉତ୍କଳିକାର ଉର୍ଜାରେ ଉର୍ଜସ୍ୱଳା ଜନନୀ

କାଳ କାଳର ନବୀନ ସକାଳ । ସ୍ମିତହାସ୍ୟ ।
ନମନ୍ତି ବୃକ୍ଷାଃ । ପିତାମହଙ୍କ ପରି ସ୍ଥିତପ୍ରଜ୍ଞ
ଇଚ୍ଛାଧୀନ ଯାତ୍ରା...

ଏବେ ଓଲେଇ ପକା ଓଲେଇ ପକା ବଡ଼ଦାଣ୍ଡ
ଶ୍ରେୟ ଦିଶୁ ଲକ୍ଷ୍ମୀପୁର । ହୋ ହାଲ୍ଲା । ମୁଲତବି
କକ୍ଷତ୍ୟାଗ, ବିଦ୍ରୋହ, ବିପ୍ଲବ, ବିଷର୍ଣ୍ଣ ବୈରାଗ୍ୟ
ଶୁଭମସ୍ତୁ....ଶୁଭମସ୍ତୁ ଗଣତନ୍ତ୍ର
ଅବିଳମ୍ବେ ହେଉ ସେ ଆରୋଗ୍ୟ.... ।

♥ 'ସୃଜନ: ସ୍ମୃତି ଓ ସ୍ୱପ୍ନର', ସିଦ୍ଧେଶ୍ୱର କଲୋନୀ
ରେମୁଣା ଗୋଲେଇ, ବାଲେଶ୍ୱର-୭୫୬୦୧୯
ଫୋନ:୯୮୬୧୭୬୭୮୦୪



▲ ଫଟୋ ଅଶ୍ୱିନୀ ଦାଶ

# ଆଉଥରେ ମଣିଷକୁ ଖୋଜାଯାଉ

**ପ୍ରହ୍ଲାଦ ଶତପଥୀ**



▲ ଚିତ୍ର : ଶିଳ୍ପୀ ସୌମ୍ୟରଂଜନ ପଟ୍ଟନାୟକ

କେମିତି ଉଭା ହେବି ତା' ସମ୍ମୁଖରେ ?
ଦଲକାଏ ପବନ ସଦୃଶ ନା ଝିପିଝିପି ବର୍ଷା ପରି
ଅବା ସୂର୍ଯ୍ୟରେଣୁରେ ଉଦ୍ଭାସିତ ଗୋଟାଏ ସତ୍ତା ହେଇ ?
ଭ୍ରୁଣ ହେଇ ମାଟି ଭିତରେ ବି ରହିଯାଇପାରେ
ଜଳଚର ଜୀବଟିଏ ହେଇ ବଂଚି ଯାଇପାରେ ।

କ୍ଷିତି, ଅପ, ବ୍ୟୋମ, ମରୁତ, ତେଜ
ସବୁକିଛି ତ ତା'ରି ଦାନ ।
ମୁଁ ଖାଲି ଲୋଭୀ, ସ୍ୱାର୍ଥ ଜର୍ଜରିତ,ରାଗ ଗରଗର,
ଇର୍ଷାରେ ଉବୁଟୁବୁ ସତ୍ତାଟିଏ ।
ଛାଇ ଟିକିଏ ବି ଦେଇ ପାରିନି କାହାକୁ ବି ଏଯାବତ୍ ଗଛଟିଏ ହେଇ,
ନଈର ଏପାରିରୁ ସେ ପାରିକୁ ହେଲେ କୋଉ ବାହି ନେଇ ପାରିଲି କାହାକୁ ?
ନା ନୌକା ନା ନାବିକ, ଛଳଛଳ ଚଞ୍ଚଳ ନଈଟିଏ ବି ହେଇ ପାରିଲିନି ।

ପାହାଡ଼ ସାମ୍ନାରେ ଛିଡ଼ା ହେଇଛି
ଖୁବ୍ ଛୋଟ ମନେ ହେଉଛି
ଆକାଶ ପଟେ ଅନଉଛି
କ୍ଷୁଦ୍ରାପି କ୍ଷୁଦ୍ର ପ୍ରତୀତ ହେଉଛି ମୋର ଅସ୍ତିତ୍ୱ ।
ଯୁଆଡ଼େ ଯାଉଛି, ଶୁଣୁଛି ଗୁଞ୍ଜରଣ, ମଧୁମକ୍ଷୀର,
ଆଘ୍ରାଣ କରିଛି ଫୁଲର ମହ ମହକିଆ ବାସ୍ନାକୁ,
ପରାଗରେଣୁ ମୋ ଭିତରେ, ମୋ ଭିତରେ ଏବେ ଫୁଲର ନରମ ପାଖୁଡ଼ା ।

ତୋ ପୃଥିବୀରେ ଫୁଲ ଫୁଟୁଛି
ବୋମା ଫୁଟୁଛି,
ତୋ ପୃଥିବୀରେ ପାହାଡ଼ ବି ଫାଟୁଛି, ଖଣ୍ଡ ବିଖଣ୍ଡିତ,



▲ ଡଃ ପ୍ରହ୍ଲାଦ ଶତପଥୀ

ଶାନ୍ତି ଅଛି, ଯୁଦ୍ଧ ଅଛି,
ପ୍ରାର୍ଥନାର ଘେରରେ, ମନ୍ଦିର, ମସଜିଦ,
ଗୀର୍ଜା ବି ଅଛି,
ହେଲେ ଈଶ୍ୱର, ଆଲ୍ଲା, ଯୀଶୁ, ନାହାନ୍ତି ।
ହୁଏତ ଯାଇଥିବେ ପ୍ରାତଃ ଭ୍ରମଣରେ
ନତୁବା ନିରୁଦ୍ଦିଷ୍ଟ ।
ଖୋଜା ଚାଲିଛି ଈଶ୍ୱରଙ୍କୁ ।

ଖୋଜୁଛନ୍ତି ଧାଡ଼ିବାନ୍ଧି, ଦଳଦଳ ହେଇ ପିମ୍ପୁଡ଼ିମାନେ
ଖୋଜୁଛନ୍ତି ଦଳେ ପାହାଡ଼ ଚଢ଼ାଳି,
ସମୁଦ୍ର ଭିତରେ ଖୋଜୁଛନ୍ତି ଦଳେ ବୁଡ଼ାଳି,
କେହି କେହି ଅନ୍ତରୀକ୍ଷରେ ଖୋଜୁଛନ୍ତି ।
ଯଦି ମିଳୁନାହାନ୍ତି ଈଶ୍ୱର, ତାଙ୍କୁ ଆବିଷ୍କାର କର ଓ ପୁନଃସ୍ଥାପନ କର,
ଆଉ ଥୋକେ ଜିଦ୍ ଧରିଛନ୍ତି ।


ସବୁଜ ଦୁବଘାସ ଉପରେ ଢଳଢଳ କାକର, ଈଶ୍ୱର ପ୍ରତୀତ ହେଉଛନ୍ତି
ଝିପି ଝିପି ବର୍ଷା ଈଶ୍ୱର ଲାଗୁଛନ୍ତି,
ମାଟି ଭିତରୁ ଗଜୁରୁ ଥିବା ଚାରା ବି ଈଶ୍ୱର ସଦୃଶ, କେହି କେହି କହୁଛନ୍ତି,
ଯିଏ ଯାହାକୁ ଭେଟୁଛି ତା ଭିତରେ ଈଶ୍ୱରଙ୍କୁ ଖୋଜୁଛି !

ପ୍ରାର୍ଥନା ମୁଦ୍ରାରେ ପୃଥିବୀ
ଯୁଦ୍ଧର ମୃତ୍ୟୁ ହେଉ
ଶାନ୍ତି ପୁନଶ୍ଚ ଜନ୍ମ ନେଉ ।
ଉଭେଇ ଯାଉ ଲୋଭ ମଣିଷ ଠୁ
ମାଟିକୁ ମାଡ଼ି ବସିବାର ନିଶା ବି ଚାଲିଯାଉ
ଈର୍ଷା ଚାଲି ଚାଲି ଯାଉ ଖୁବ୍ ଦୂରକୁ ଓ କେବେବି ନଫେରୁ ।
ବୋମା ବଦଳରେ ଫୁଲ ଫୁଟୁ
ପାପୁଲିରେ ସୂର୍ଯ୍ୟରେଣୁ ନେଇ ଜଣେ ଆର ଜଣକୁ ଉପହାର ଦେଉ ।
ମଣିଷ ନିଜେ ଈଶ୍ୱର ପାଲଟିଯାଉ,
ଆଉଥରେ ମଣିଷକୁ ଖୋଜାଯାଉ ।

♥ ଟିକ୍ରାପଡ଼ା, ବଲାଙ୍ଗୀର
ଫୋନ:୮୪୫୬୦୦୨୭୭୭

# ମେଘିନୀ ନାମ ମୋର

## ପୂରବୀ ଶତପଥୀ



▶ ଚିତ୍ର : ଶିଳ୍ପୀ ଅନ୍ନପୂର୍ଣ୍ଣା ପୃଷ୍ଟି

ଆବର୍ତ୍ତକ ନୁହେଁ କି
ସଂବର୍ତ୍ତକ ନୁହେଁ ମୁଁ
ଏତେ ସ୍ପର୍ଦ୍ଧା ନାହିଁ ମୋର !

ଆକାଶରେ ଭାସନ୍ତା ଓ ବେଳେବେଳେ ଉଡନ୍ତା
ଅଣଶରତ ଋତୁରେ ଉପୁଜିଥିବା
କାଇଁଶ ତୋଟାଟିଏ ପରି
ଏକ ଶ୍ୱେତ ରଂଗର ଭ୍ରମ ମୁଁ...

ଏକ ଜୀବନ-ବଣା ନିରୁଦ୍ଦିଷ୍ଟ ବଳାହକ
ବର୍ଷା-ସମ୍ରାଟଙ୍କର କନ୍ୟା
ମେଘିନୀ ନାମ ମୋର . . .

ମୁଁ ଖାଲି ଶାବନୀ ନୁହେଁ
ଆହୁରି ଶ୍ୟାମାଂଗୀ
ଆହୁରି ଶ୍ୟାମପ୍ରାଣା ଯେ-
ସେମିତି ବି ଦିଶିବାକୁ ଚାହେଁ
ଏଇ ସୃଷ୍ଟିରେ

ମୁଁ ଏମିତି ଯେ
ମୋର ଭିତର ସାରା ବାଦଲ୍
ବର୍ଣ୍ଣ ଚର୍ମ ବି ବାଦଲ୍
ଚେତନା ବି ଘନମେଘୀ :
ମୁଁ ବର୍ଷିବାକୁ ଚାହେଁ !



▶ କବି ପୂରବୀ ଶତପଥୀ

ମୋ ଠୁ ଆହୁରି ଘନକୃଷ୍ଣ ବାଦଲ୍ ସହିତ
ମୋର ସାକ୍ଷାତ୍ ହେବାର ଅଛି
ସେଠୁ କିଛି ବିଜୁଳି
କିଛି ଘଡଘଡି ମୋର ଆଣିବାର ଅଛି

ସେତିକି ଆଣି
ମୋର ନାଚିବାର ଅଛି
ଦୁମୁକାଣି ଖେଳାଇ ନାଚିବାର ଅଛି

ପୃଥିବୀର ସେଇ ଅଦୃଶ୍ୟ ବିନ୍ଦୁକୁ ପହଂଚି
ଶୁଖି ଆସୁଥିବା ମଣିଷତ୍ୱର ମୁଖ୍ୟ ଚେରକୁ
ନୂତନ ପଲ୍ଲବନ ପାଇଁ
ସଂଜୀବନୀ ଦେବାର ଅଛି
ସଂଜୀବନୀ ଦେବାର ଅଛି ।

♥ ଭୁବନେଶ୍ୱର -୭୫୧୦୦୨
ଫୋନ:୮୮୪୭୮୨୫୬୮୮

# ଅଳସୀ ଫୁଲର ଅଣ୍ଟାସୂତା

## ବଳରାମ ପୂଜାରୀ

ଧାଙ୍ଗଡ଼ି ବସାର ଦେହଘଷା
ପିଉଳ ହଳଦୀ କାଠୁଆରୁ
କିଏ ଗୋ ଛାଟି ଦେଇଛି ତୁମକୁ,
ତମାମ୍ ଡଙ୍ଗର ରାଜ୍ୟର ରଙ୍ଗଡ଼ିଆ ଅଗଣାରେ,
'ମୟୂରଝୋଲା'ର ଗାଧୁଆ ତୁଠରୁ
ଖିଲଖିଲି, ଝୁଲି ଝୁଲି ଝୁଲୁଛ ଗୋ
ସୁବର୍ଣ୍ଣ ସୁନ୍ଦରୀ,
ଅଳସ ଭାଙ୍ଗୁଛ ଅଳସେଇ ଅଳସୀ,
ପୂର୍ବଘାଟ ପର୍ବତ ଉପରେ,
କିଏ ?
ଥାପି ଦେଇଛି ତୁମକୁ,
କାହା, ପ୍ରତୀକ୍ଷାରେ ସଜେଇ ହୋଇଛ ?
'ଦେଓମାଳୀ'ରୁ 'ତୁଳସୀ ପାହାଡ଼',
'ଫଗୁଣସିନେରୀ' ରୁ 'ଜୁମଡାଙ୍ଗ'ଯାଏଁ
ତୁମ ହଳଦୀମଖା ଦେହ ଦେଉଳ,
ନିର୍ବାକ୍ କରିଦିଏ, ପଥଚାରୀକୁ
ଅଗନା ଅଗନି ଅଗଣାରେ
ଅଳସୀ ଫୁଲ ଝୁଲଣାରେ,
ଝୁଲି ଝୁଲି ଓହ୍ଲାଇ ଆସନ୍ତି
ସରଗ ରାଇଜ ଦିଆଁ ଦେବତା ଓ
ଡୁମା ଡାହାଣୀ,
ଆମ ଭୂସ୍ୱର୍ଗ 'କୋରାପୁଟ' ମାଳଭୂମିର ମହାର୍ଘ
ମଥାନରେ ।

ରତୁରେ ତ ସଂଚରିଯାଏ
ଆଟବିକ ସାମ୍ରାଜ୍ୟର ଗର୍ଭିଣୀ ପେଟରେ,
ଆୟୁଷ୍ମାନ ଅଶିଣ ଭୂମିଷ୍ଠ କରେ
ଯୁବାଧାଙ୍ଗଡ଼ି ଅଳସୀ କନ୍ୟାକୁ,
ମାଘ ମହାର୍ଘର ଆମନ୍ତ୍ରଣରେ କିଶୋରୀ ପାଲଟେ,
ନବଯୌବନା ରୂପାୟିତା ରୂପସୀ,
ଝୁମୁରୁ ଝୁମୁରୁ ଚାଲିରେ ଫୁଟେ
ଲକ୍ଷେ ସୁନାରୀ ଫୁଲର ସ୍ୱର୍ଣ୍ଣାଭ ସ୍ୱତିକା,
'ଅଳସୀ ଅଣ୍ଟାସୂତା'ରେ
ବନ୍ଧାପଡ଼େ, ଜୁଆନ ଧାଙ୍ଗଡ଼ାର କଷି କଷି ମନ,
ସଗର୍ଡା ଜଲାଡାବୁ ଯୋଗାଡ଼ରେ
ଲାଗିପଡ଼େ ଜଲାପୁଟର ପଥର ବନ୍ଧ,
'କୋଣ୍ଡାକାମ୍ବେରୁ' ସନ୍ଧିରୁ ଶୁଭେ
ଆୟୁଷ୍ମତୀ ଅଳସୀର
ସାତସୁରର 'ରିଂଜୋଡ଼ି' ।

ଝୁମୁଥାଅ,
କାଶିପୁରର ଝୋଡ଼ିଆବସ୍ତିରେ,
ଖେଳୁଥାଅ,
ପଟାଙ୍ଗିର କୁହୁଡ଼ିଆ ପେଟରେ,
ଝୁଲୁଥାଅ,
ରାୟଗଡ଼ାର ମୁକୁନ୍ଦପୁର ଘାଟିରେ
ଲାଞ୍ଜିଗଡ଼ ନିୟମଗିରିରୁ
ମାଲ୍ୟବନ୍ତର 'ଦେବଡଂଗର'
ଲମତାପୁଟର ମାଛକୁଣ୍ଡରୁ
ନବରଙ୍ଗପୁରର ତୃରୀନଦୀ
ଶିମିଳିଗୁଡ଼ା କଡ଼େ କଡ଼େ
ଦାମନଯୋଡ଼ି ମୁହାଁ ହଳଦୀ ରଂଗର ତାରକସି ଚାନ୍ଦୁଆ
ବଣ୍ଡା ପାହାଡ଼ 'ମୁଦୁଲିପଡ଼ା'ରୁ 'ରାଫୁକଣା' କାକରଭିଜା ଛକ, ଚାଟିକଣା
ଲାଞ୍ଜିଆସୌରା ଗାଁରୁ
ଜୟପୁରର ଡଙ୍ଗରଭେଜା
ସବୁ ମାଟିଆ ମାଟିରେ ତୁମ
ହଳଦୀମଖା ମୁହଁ ମଂଗନ,
ଅବିଭକ୍ତ କୋରାପୁଟିଆ
ଛପନଇଞ୍ଚ ଛାତିରେ,
ଗର୍ବରେ ନାଚୁଥିଲା,
ଧାଙ୍ଗଡ଼ି ଅଳସୀର ଢେମସା ଡଗାଣି
ଧୂଳିଆ ପାଉଁଜି ।

ସବୁଜିଆ ସ୍ୱର୍ଗର ସୁନ୍ଦରୀ ତୁମେ
ଓଦା ଓଦା ସୁବର୍ଣ୍ଣ ରଙ୍ଗ, ପୌଷ ପସରାରେ
ଅଳସ ଭାଙ୍ଗୁଛ ଡଂଗର ଛାତିରେ,
ହଳଦିଆ ଓଦା ଓଦା ପାଟ୍ଟଶାଢ଼ି ଫାଙ୍କରୁ
ଛିଟ୍‌କି ପଡୁଛି, ତୁମ ପାହାଡ଼ୀ ଝୋଲାର
ବତୁରା ବତୁରା ଢାଲୁଆ ଛାତି,
ଓହଳି ପଡ଼ିଛି 'ଅଳସୀ ଫୁଲର ଅଣ୍ଟାସୂତା'
ଓ ଦିଶାରି ମନ୍ତୁରା ତମ୍ବା ଡେଉଁରା,
କଣେଇ ଚାହୁଁଛି !
କୋରାପୁଟିଆ ଜୁଆନ ପରଜାର
ଧାଙ୍ଗଡ଼ି ସୁତୁରା ଯୋଡ଼ିଏ ଆଖି ।

♥ କୁନ୍ଦୁମୁଲୁଗୁମ୍ମା, ମାଲକାନାଗିରି, ଫୋନ:୯୬୬୮୬୮୮୪୭୪



▶ ଫଟୋ ବଳରାମ ପୂଜାରୀ

ଧାରାବାହିକ ଚରିତ-ଉପନ୍ୟାସ

# ଦାସେ ଆପଣେ



୨୫

# ଦାସେ ଆପଣେ

**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



▲ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଳ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ନଭେମ୍ବର ମାସର ନରମ ଓ ମନୋରମ ସୂର୍ଯ୍ୟ କିରଣରେ ସ୍ନାନ କରୁଛି କଟକ ନଗର । ନଇଁ ଆସୁଥାଏ ଅପରାହ୍ନ । କଚେରୀରୁ ନିଜ ନାମରେ ବାରିପଦାରୁ ଆସିଥିବା ଚିଠି ଖଣ୍ଡିକ ଧରି ଗୋପବନ୍ଧୁ ଚାଲି ଚାଲି ପହଞ୍ଚନ୍ତି ବ୍ରଜସୁନ୍ଦର ଦାସଙ୍କ ଘରେ । ନାଁ ଧରି ଡାକନ୍ତି ଦି ଥର । ତେଣେ ବ୍ରଜ ପୂଜାରୀକୁ ନ କହି ନିଜେ ରୋଷେଇ ଘରେ ଜଳଖିଆ ପ୍ରସ୍ତୁତ କରିବାରେ ବ୍ୟସ୍ତ । ମୁହଁରୁ ଛୁଟୁଛି ଗୀତର ଲହର- "କି ଶୋଭା ଗୋ କୁଞ୍ଜେ ମଦନ ମୋହନ ଚାହାଁରେ ପ୍ରାଣ ମିତଣି ।" ଗୋପବନ୍ଧୁ ଘର ଭିତରେ ପ୍ରବେଶ କଲାବେଳକୁ ତାଙ୍କ ଗଳାରୁ ଭାସି ଆସୁଥାଏ: 'ତ୍ରିଭଙ୍ଗ ଛନ୍ଦେ ଛିଡା...'

ଘରେ ପଶୁ ପଶୁ ଗୋପବନ୍ଧୁ କହିଲେ, 'କଣ ଦାସେ ଖନ୍ଦା ଭିତରୁ ସଙ୍ଗୀତ ! ପୁଣି ଓଡିଶୀ ପଡିର ଲହରା !'

'ଓହୋ ତମେ କି ? ଇଏ ପରା ଓଡ଼ିଶୀର ତମ ପୁରୀ ଘରାନା । ଆହେ ପୁରୀ ଦାସେଙ୍କର ସିନା ଖାଲି ଦେଶ ଚିନ୍ତା । ଆମର ତା ସହିତ ସଙ୍ଗୀତ ଚିନ୍ତା,ସୁଆଦ ଚିନ୍ତା ।'

'ଆଉ ଆଜି ନିଜେ ଏ ଉପର ଓଳି ରୋଷେଇ ଘରେ ? ଚାକର ଟୋକାଏ ନାହାଁନ୍ତି କି ?'

'ସମସ୍ତେ ଅଛନ୍ତି ଦାସେ । ହେଲେ ସେମାନଙ୍କ ହାତର ବରା ଗୁଲୁଗୁଲା କେମିତି ଚିଟା ଲାଗିଲାଣି । ଆଜି ସୁଜି ହାଲୁଆ କରୁଥିଲି । ଯାହା ହେଉ ତମେ ଆସିଗଲ । ସାଙ୍ଗ ହେଇ ସୁଆଦ ବାରିବାର ସୁଖ ଅଲଗା । ଆଉ କଣ କଚେରୀ ଆଡୁ ଆସିଲ ? ବାରିପଦା ପଟ ଖବର କଣ ? ପ୍ରାପ୍ୟ ମିଳିଲା ?'

'ହଁ ବ୍ରଜ ! ଶେଷରେ ବାରିପଦାରୁ ମୋର ପ୍ରାପ୍ୟ ମଞ୍ଜୁର ହୋଇଛି । ଆଜି କଚେରୀ ଠିକଣାରେ ଆସିଛି ଏ ଚିଠି ।'

'ଦେଖେ' କହି ତାଙ୍କ ହାତରୁ ଚିଠିଟି ନେଇ ବ୍ରଜସୁନ୍ଦର ପଢି ବସିଲେ । ତା ପରେ ଦୁଇ ବନ୍ଧୁ ହାଲୁଆ ଖାଇବା ଭିତରେ ଚିଠି ବିଷୟରେ ଆଲୋଚନା କଲେ । ପ୍ରଥମେ ବ୍ରଜ ଚିଠିଟି ପଢିବା ଆରମ୍ଭ କଲେ ବଡ଼ ପାଟିରେ – ଶୁଭିବା ଭଳି:

To

Babu Gopabandhu Das,B.I.

Judge's court,

Pleader,Cuttack.

Issue No.2030,Dated 10-11-1912

Sir,

I have the honour to advise remittance of Rs 764/ on account of your retainer for August and September 1912 @ Rs100 per mensem and fees in crl. Case No 3 of 11-12 Mayurbhanj state verses Banamali dhar mahapatra, and travelling allowance as sanctioned by the P.A. in currency notes and by money order as per details given below, less cost of remittance.

Please acknowledge receipt of the amount by stamped receipt.

Retainer for August and September 12

@Rs 100/ a month .............Rs200

Fees for 12 days in Moffusil @Rs24 at

Rs24 per diem (6th to 11th and 17th to 22nd May 1912)--------------------------Rs288

T.A. for the above 12 days at Rs 3/ per diem Rs36

Fees for 15 days @16 per diem

(2nd,15th,25th June ,10th July, 6th to 9th and 13th August 12)---------------------Rs 240

Total ---------------Rs764/

I have etc,<br>C.L.Philip,<br>Superintendent,

୭/୧୧/୧୨

ଚିଠି ପଢିବା ଭିତରେ ବ୍ରଜ ଗୁଳାଏ ଲେଖାଏଁ ହାଲୁଆ ପାଟିକୁ ନେଉଥାନ୍ତି । ତେଣେ ଗୋପବନ୍ଧୁ ଧୀରେ ଖାଇ କହିଲେ, 'ଦାସେ ଟିକେ ମିଠା ହୋଇଛି ।'

'ହଁ ପୁରୀ ଦାସେଙ୍କୁ ଏ କଟକୀ ଦାସେ କେତେ ବା ମିଠା ଦେଇ ପାରିବେ । ତେବେ ଅର୍ଥ ମଞ୍ଜୁର ତେଣୁ ମିଠା ଟିକେ ହେଲେ ଭଲ । ହେଲେ ଦାସେ ମହାରାଜ ଗଲା ପରେ ବାରିପଦା ତୁମକୁ ଘାଂଟି ପକାଇଲା ।'

'କୁହନା ବ୍ରଜ । ରାଜାଙ୍କ ଅନ୍ତେ ସବୁ ଖାତିର ପଛକୁ ରହିଲା ବଡ଼ ହେଲା କାଗଜ ଆଉ ବନମାଳୀ ମାମଲା । ମୋତେ ଏତିକି ହକ୍ ପାଇଁ କମ୍ ଲଢ଼ିବାକୁ ପଡିଛି !'

'ତୁମକୁ ସେମିତି ସାଜେ । ତୁମେ ତ କହିବ- ମର୍ଯ୍ୟାଦା ରକ୍ଷା ପାଇଁ ନଖ ଦାନ୍ତ ଲଗାଇ ଲଢ଼େଇ କରା ଯାଇପାରେ । ମାତ୍ର ଉଦାରତା ବଳି ଦିଆ ଯାଇ ପାରେନା । ଅନ୍ୟ ଠାରୁ ନିଜର ପ୍ରାପ୍ୟ ଆଦାୟ କରାଯାଇପାରେ । କିନ୍ତୁ ଅନ୍ୟକୁ ଅକଳରେ ପକାଇ ନୁହେଁ । ଅନ୍ୟକୁ ତା ଆଡୁ ବୁଝି ତା ମୁତାବକ ସହଯୋଗ କରି ମଧ ତା ଠାରୁ ନିଜର ମର୍ଯ୍ୟାଦା ହାସଲ କରାଯାଇପାରେ । – ମୟୂରଭଞ୍ଜର କଚେରୀ ଓ ବନମାଳୀ ଧରମହାପାତ୍ର ମାମଲାରେ ମଧ ଏ ନୀତି ବଜାଏ ରଖିଲ ।'

ଅଳ୍ପ ଗମ୍ଭୀର ହୋଇ ଗୋପବନ୍ଧୁ କହିଲେ, 'ତୁମେ ମୋତେ ବିଦ୍ରୁପ କର ବ୍ରଜ, କିନ୍ତୁ ଏ କଥା ମୋର ଧ୍ରୁବ । କାହାକୁ ଅକଳରେ ପକାଇ କିଛି ବି ହାସଲ କରିବା ମୋର ନୀତି ବିରୁଦ୍ଧ । ମୁଁ ମୋ ବାଟରେ ଭୋଗିଲି । ଇସ୍ତଫା ପତ୍ର ଦେଇଥିବା ସତ୍ୱେ ସେମାନଙ୍କୁ ମାମଲାରେ ସହଯୋଗ କଲି । ସେ ମାମଲାର ଶୁଣାଣି ପାଇଁ ମଝିରେ ମଝିରେ କଟକରୁ ବାରିପଦା ଯାତ୍ରା କଲି । ନିଷ୍ଠାର ସହ ଶୁଣାଣିରେ ଅଂଶ ଗ୍ରହଣ କଲି । କାର୍ଯ୍ୟର ତାଡନାରେ ସୁଦୂର ମଫସଲକୁ ଯାଇ ଅକ୍ଲାନ୍ତ ପରିଶ୍ରମ କରି ମାମଲା ବିରୁଦ୍ଧରେ ଷ୍ଟେଟ୍‌କୁ ଜିତାଇବାର ଉଦ୍ୟମ ଜାରି ରଖିଥିଲି । ପ୍ରଶାସନ କିନ୍ତୁ ମୋ ପ୍ରତି ବେଶିରୁ ବେଶି ଦାପ୍ତରିକ ମନୋଭାବ ପୋଷଣ କରୁଥିଲା । ଆଉ ମୁଁ ମଧ କଚେରୀର ଆଦବ କାଏଦା ଆହୁରି କଡାକଡି ଭାବେ ପାଳନ କରୁଥିଲେ । ସଦର ମହକୁମା ଛାଡିବାକୁ ହେଲେ ଆଉ ମୌଖିକ ଭାବେ ଅନୁମତି ନମାଗି ବିଧିବଦ୍ଧ ଭାବେ ଚିଠି ଲେଖୁଥିଲି । ରଥଯାତ୍ରା ବେଳେ ମଧ ମୋତେ ଲେଖିବାକୁ ହୋଇଥିଲା:

25th June, ,1912

Baripada.

To

The State Judge

Mayurbhanj,

Sir,


I beg to be permitted to leave the station today. I hope to be back after holidays for the car festival. I have no state work in the interval.

Yours sincerely,<br>Sd/ Gopabandhu Das,<br>State pleader.

ଆଉ ଏଥିପାଇଁ ମଧ୍ୟ ରୀତିମତ ଫାଇଲ୍ କାର୍ଯ୍ୟ ହୋଇଥିଲା । ଜୁଲାଇ ବାର ତାରିଖରେ ଷ୍ଟେଟ୍ ସୁପରିନ୍‌ଟେଣ୍ଡେଣ୍ଟ୍‌କୁ ଆଦେଶ ଦେବା ପାଇଁ ଅନୁରୋଧ କରା ଯାଇଥିଲା । ତା'ପରେ ଆଦେଶ ଆସିଥିଲା:

State Judge,

Babu Gopabandhu Das having permission to go to Cuttack after hearing of the state case against Sardar Banamali, he will return to argue the appeal if any. If appeal filed, he should be given seven days clear notice and the appeal ground sent to him. He will come back to argue it.



Nilakantha Das, Legislator, Delhi Central Assembly *(1924-30, 1935-45)*

ତାଙ୍କ ଠାରୁ ସମସ୍ତ ବିବରଣୀ ଶୁଣି ବ୍ରଜସୁନ୍ଦର କହିଥିଲେ:

'ଏସବୁ ରୀତିନୀତି ତ କାଗଜ ପତ୍ରରେ ଠିକ ଠାକ ଚାଲିଛି ହେଲେ ତୁମେ ତୁମର ପ୍ରାପ୍ୟ ପାଇଁ ଠିକ ବିଲ ଦେଇଥିଲ ତ ? ମୁଁ ଏଥିପାଇଁ ପଚାରୁଛି ଯେ ଠିକ ପରିମାଣର ଅର୍ଥ ମଞ୍ଜୁର ହୋଇଛି କି ନାହିଁ ।'

'ହଁ ଟିକିନିଖି ହିସାବ ଦେଇଥିଲି ।'

'ଆର୍ଗୁମେଣ୍ଟ କେବେ ସରିଲା ?'

'ଆର୍ଗୁମେଣ୍ଟ ସରିଥିଲା ଅଗଷ୍ଟ ତେର ତାରିଖରେ । ମାମଲାରେ ମୋର ସଂପୃକ୍ତିକୁ ନେଇ ମୁଁ ଏକ ନୋଟ୍ ଦାଖଲ କରିଥିଲି । ସେଥିରେ ଜଣାଇଥିଲି- ୧୯୧୧-୧୨ର ରାଜ୍ୟ ବନାମ ବନମାଳୀ ଧର ମହାପାତ୍ର ମାମଲାର ଆର୍ଗୁମେଣ୍ଟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ବାବୁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ଇଜଲାସରେ ଅଗଷ୍ଟ ୧୩ ତାରିଖରେ ସମ୍ପନ୍ନ ହୋଇଛି । ଏ ପ୍ରସଙ୍ଗରେ ମୁଁ ମୋର ପ୍ରାପ୍ୟ ବାବଦକୁ ୨୭ଟି ବିଲ୍ ଉପସ୍ଥାପନ କରୁଛି । ୨୭ ଦିନ ଧରି ମୁଁ ପରିଚାଳନା କରିଥିବା ଏହି ମାମଲାରେ ବାର ଦିନ ମଫସଲ ଅଞ୍ଚଳରେ କାମ କରିଛି । ସେ ସମୟରେ ଭୟଙ୍କର ଗରମରେ କାମ କରିବା କେତେ ଯେ ବ୍ୟଥା ଦାୟକ ତା' ମୋ ଛଡା ଆଉ କେହି ବୁଝି ପାରିବେ ନାହିଁ । ମଫସଲରେ ପୁଣି କଚେରୀ ଦିନକୁ ଦୁଇ ଥର ବସୁଥିଲା । ଏଣେ ସଦର ମହକୁମାରେ ମୋର ଅନୁପସ୍ଥିତି ଯୋଗୁ ମୋର ମଧ୍ୟ ଅନେକ କ୍ଷତି ହୋଇଛି । ବାକି ଅତିରିକ୍ତ ଖର୍ଚ୍ଚ ବାଦ୍ ଦିଆଯାଉ । ସଦର ମହକୁମାରେ କୌଣସି ମାମଲାରେ ଯେତିକି ସମୟ କୌଣସି ମାମଲାରେ ଦିଆଯାଏ ମଫସଲରେ ପୁଣି ତା ଠାରୁ ଦୁଇଗୁଣ ଅଧିକ ସମୟ ଦେବାକୁ ପଡୁଥିଲା । ମାମଲା ମଝିରେ ମୁଁ ଦିନ ପିଛା ୩୨ ଟଙ୍କା ହିସାବରେ ବିଲ୍ ଦାଖଲ କରିଥିଲି । ଏହା ଅବଶ୍ୟ ସହରରେ ଦୁଇ ଓଳିର କଚେରୀ କାର୍ଯ୍ୟର ପ୍ରାପ୍ୟ । ତେବେ ସେ ବିଲ୍ ପାଶ୍ ହୋଇ ନଥିଲା । ତେଣୁ ଏବେ ମଫସଲରେ ମୋର ଦୁଇ ଓଳିର କାମ ପାଇଁ ଦିନ ପିଛା ୪୦ଟଙ୍କା ହିସାବରେ ବିଲ୍ ଦେଇଥିଲି । ଆଶା ରଖିଥିଲି ପରିସ୍ଥିତିକୁ ଅନୁଧ୍ୟାନ କରି ବିଲ୍ ମଞ୍ଜୁର କରାଯିବ ।'

'ତା ହେଲେ ଏତେ ଶ୍ରମ ପରେ ସେମାନେ ଏ ପଦକ୍ଷେପ ନେଲେ ?'

'ହଁ ବ୍ରଜ ସେଠି ସମୟ ବଡ଼ କଠିନ ଥିଲା । ଅନେକ ସମୟରେ ମୋତେ ଅଦ୍ଭୁତ ସ୍ପଷ୍ଟୀକରଣ ଦେବାକୁ ପଡିଛି । ଥରେ ତ ଗୋଟିଏ ବିଲ୍ ଦେବାବେଳେ ମୋତେ ଲେଖିବାକୁ ହୋଇଥିଲା ଯେ ମୁଁ ଅନୁମତି ନେଇ କଟକ ଯାଇଛି । ଆଉ ମୁଁ ଲେଖିଥିଲି:

To

The State Judge,

Mayurbhanj

Sir,

I have the honour to submit here with a bill for Rs32/ on account of work I did on 26th and 27th instant in connection with the appeal of the deceased Sardar Banamali Dharmahapatra . The order of the political agent was that I should continue as the state pleader till the case against the deceased sardar and his appeal are closed. It was only with the permission of the political agent I had gone to Cuttack. I therefore take this opportunity to request you for the payment of my retainer for the month along with the amount under the bill.

I have the honour to be sir

Your obedient servant .

Gopabandhu Das

ତେଣୁ ସମସ୍ୟାର ସୀମା ନଥିଲା ।'

'ଦାସେ ଇଏତ ଜାଣ ତିନି ସେଣାରେ ପାଣି ଉଠିବା କଥା ।'

'ହଁ ବ୍ରଜ କାମ ଥିଲା ସେପରି । ତୁମର ତିନି ସେଣା କଟାକ୍ଷ ବି ଏଠି ଠିକ ଉପଯୋଗୀ ହେବ । ମୋର ସାମଗ୍ରିକ ବିଲ୍ ଉପରେ ଷ୍ଟେଟ୍ ସୁପରିନ୍‌ଟେଣ୍ଡେଣ୍ଟ ସାହେବ ପଲିଟିକାଲ୍ ଏଜେଣ୍ଟଙ୍କୁ ସୁପାରିଶ ପତ୍ର ଲେଖିଥିଲେ । ତାଙ୍କ ଚିଠି ପଢି ଏଜେ କବଡେନ ରାମସେ ବାସ୍ତବ କଥା ବୁଝିଥିଲେ ।'

'ତୁମ ଜାଗାରେ ମୁଁ ଥିଲେ କେତେ ପ୍ରତିକ୍ରିୟା କରିଥାନ୍ତି ।'

'ମୁଁ ପ୍ରତିକ୍ରିୟା ବଦଳରେ ମୋ କର୍ତ୍ତବ୍ୟ କରିବାକୁ ସ୍ଥିର କରିଥିଲି । ଅବଶ୍ୟ ମୋର ମଫସଲ ଯିବା ସମ୍ବନ୍ଧୀୟ ବିଲ୍‌ର ବାସ୍ତବ ଦିଗ ସୁପରିନ୍‌ଟେଣ୍ଡେଣ୍ଟ ବୁଝିଥିଲେ । ତେଣୁ ରାମସେଙ୍କୁ ସେପ୍ଟେମ୍ବର ତିରିଶ ତାରିଖରେ ସେ ଯେଉଁ ଦୀର୍ଘ ଚିଠି ଲେଖିଥିଲେ ସେଥିରେ ସ୍ପଷ୍ଟ ଲେଖିଥିଲେ-

"The pleader now claims to be paid his usual retainer of Rs100/ not only for the month of August last but also up to the date the appeal was heard and concluded up to 27th September 1912 on the ground that he was expected to return and argue the case before the appellate court and was not free to accept any other brief in Cuttack or elsewhere. Such being the



case, I think he is entitled to the fees claimed. ସେ ପୁଣି ସେହି ଚିଠିରେ ୨୭ସେପ୍ଟେମ୍ବର ପର୍ଯ୍ୟନ୍ତ ମୋର ପ୍ରାପ୍ୟ ସପକ୍ଷରେ ଯୁକ୍ତି ବାଢ଼ିଥିଲେ କାରଣ ସେଦିନ ଶୁଣାଣିର ଶେଷ ଥିଲା । ସେଥିରେ ବି ମୋର ମଫସଲ ରହଣି ଜନିତ ଖର୍ଚ୍ଚ ଦାବୀ ସପକ୍ଷରେ ତାଙ୍କ ମତ ସ୍ପଷ୍ଟ ଥିଲା । ସେ ତୃତୀୟ ପାରାରେ ଠାଏ ଲେଖିଥିଲେ- He is entitled to get the fees claimed by him for these days. Besides this he he worked in the moffusil in the same case for 12 days.He claims a fee of Rs40/ per diem for these 12 days . In the moffusil he had to work for more than 8 hours for 3 days. The state judge recommends that he may be paid Rs24/ per diem for these 3 days and Rs16/ per diem for the other days. He may also be paid travelling allowances and halting charges admissible to an officer of the second class for his stay in the moffusil in connection with the case. I agree with the state judge and recommend the above payment.",

ଆଉ ସୁପରିନ୍‌ଟେଣ୍ଡେଣ୍ଟଙ୍କ ସୁପାରିଶ ପରେ ପଲିଟିକାଲ ଏଜେଣ୍ଟ ଓଡିଶା ଫ୍ୟୁଡ଼ାଟୋରୀ ଷ୍ଟେଟସ୍ ମାନ୍ୟବର କବଡେନ ରାମସେ କଣ କହିଲେ ?'

'ସେ ତ କେବଳ ସୁପାରିଶ୍‌କୁ ଗ୍ରହଣ କଲେ ଓ ବିଲ୍ ମଞ୍ଜୁର କଲେ । ତାଙ୍କ ଚିଠିରେ ଲେଖିଲେ- I agree with the remarks in para 2 of your letter. He may therefore be paid his retainer fee for the month of August and Rs 100 for the month of September. He may also be paid traveling allowances as a second class officer for the period he was in moffusil.

'ତା ହେଲେ ପ୍ରକୃତରେ ତିନି ସେଣା ଜଜ,ସୁପରିନ୍‌ଟେଣ୍ଡେଣ୍ଟ, ଏଜେଣ୍ଟ ! ବ୍ରଜସୁନ୍ଦର ଏତିକି କହିବା ପରେ ଦୁଇ ବନ୍ଧୁ ହସି ଉଠିଲେ । ତା ପରେ ବ୍ରଜ ସୁନ୍ଦର କହିଲେ, 'ଯାହା ହେଲେ ବି ମହାରାଜ ତୁମକୁ ସ୍ୱତନ୍ତ୍ର ମନେ କରୁଥିଲେ । ସବୁଥିରେ ଅଗ୍ରାଧିକାର ବି ଦେଉଥିଲେ । ସେକଥା ସରକାରୀ ଅଧିକାରୀଏ ବୁଝିବେ କାହୁଁ ।'

'ତାହା ସତ୍ୟ । ହେଲେ ସ୍ଥାନୀୟ ଲୋକଙ୍କର ମୋ ପ୍ରତି କିଛି କମ ସ୍ନେହ ନଥିଲା । ଏବେ ମଧ୍ୟ କବଡେନ ରାମସେ ମୋତେ ବାରିପଦା ନ ଛାଡିବା ପାଇଁ ପ୍ରବ୍‌ରାଉ ଥିଲେ । ଅନେକ ସ୍ଥାନୀୟ ଲୋକେ ସେଠି ରହି ଯିବାକୁ କହୁଥିଲେ ।'

'ହଁ ଦାସେ !ତା ନହୋଇ ଥିଲେ କି ସେମାନେ ତୁମକୁ ମ୍ୟୁନିସିପାଲିଟି ଭାଇସ୍ ଚେୟାରମ୍ୟାନ୍ କରିଥାନ୍ତେ ।'

'ସେଥିରେ ବି ମହାରାଜଙ୍କର ବିପୁଳ ଆଗ୍ରହ ଥିଲା ।'

'ଆଚ୍ଛା ସେଠି ମ୍ୟୁନିସିପାଲିଟିରେ ତୁମେ ଯୋଗ ଦେଲା ପରେ କଣ ସବୁ କାର୍ଯ୍ୟ ହୋଇଥିଲା ? ହୁଏତ କଟକ ପାଇଁ ସେ କାର୍ଯ୍ୟ ପ୍ରେରଣା ହୋଇପାରେ । ସେଥିପାଇଁ ପଚାରୁଛି ।'

'ମୁଁ ଯୋଗ ଦେବା ଏମିତି କିଛି ବିଶେଷ କଥା ନଥିଲା । ତେବେ ସେ ସମୟରେ ଯାହା କିଛି ହେଲା ତା ପଛରେ ଥିଲା ମିଳିତ ଉଦ୍ୟମ । ପ୍ରଥମତଃ ଆମେ ମ୍ୟୁନିସିପାଲିଟିର ପରିସର ସମ୍ପ୍ରସାରଣ କରାଇଥିଲୁ । ତାପରେ ଅନେକ ନୂଆ ନିଯୁକ୍ତି ଦେଇଥିଲୁ । ପୂର୍ବରୁ ନିୟମିତ ସଭା ବସୁ ନଥିଲା । ଆମେମାନେ ଚେଷ୍ଟା କରିଥିଲୁ ନିୟମିତ କାଉନସିଲରମାନଙ୍କ ବୈଠକ କରାଇ କିଛି ନା କିଛି ପ୍ରସ୍ତାବ ପକାଇ ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ।'

'କଣ ସବୁ ନୂଆ ହୋଇଥିଲା ।'

'ପ୍ରଥମତଃ ଅଧିକ ସଭ୍ୟ କିପରି ଯୋଗ ଦେବେ ସେଥିପାଇଁ ବ୍ୟବସ୍ଥା କରିଥିଲୁ । ତେଣୁ ସଭ୍ୟଙ୍କ ଉପସ୍ଥାନ ହାର ୪୬ ହୋଇଥିଲା । ରାସ୍ତା ସବୁ ଅଣଓସାରିଆ ଥିବାରୁ ଚଉଡା କରିବା ନିମି ଅନେକ ଗଛ କଟାଇଥିଲୁ । ସଡ଼କକୁ ଲାଗି ଯାହାର କାନ୍ଥ ବା ବାଡ ଥିଲା ସେସବୁକୁ ମଧ୍ୟ ଆପୋଷ ଆଲୋଚନା ମାଧ୍ୟମରେ ଉଠାଇଥିଲୁ । ନଅଟି ନୂଆ ଲାଇଟ୍ ପୋଷ୍ଟ ଲଗାଇଥିଲୁ । ଜଳ ନିଷ୍କାସନ ପାଇଁ ପାଣି ନାଳଗୁଡିକୁ ଭଲରେ ଖୋଲାଇଥିଲୁ । ଆମେ ପୁଣି ମ୍ୟୁନିସିପାଲିଟିର ଆୟ ବଢାଇବାକୁ ଯତ୍ନଶୀଳ ହୋଇଥିଲୁ । ତେଣୁ ବିଭିନ୍ନ ଉପାୟରେ ତାହା ସମ୍ଭବ କରାଇଥିଲୁ । ଘର ଟିକସ, ଗାଡି ପଞ୍ଜିକରଣ,ନଦୀ ଘାଟ ନିଲାମ, କଞ୍ଜରଭେସନ ଆଉ ପାଇଖାନା ଟିକସ, ମାର୍କେଟ ଖୁଆଡ଼ ଆଦି ଉତ୍ସରୁ ଆୟ ବଢ଼ାଇଥିଲୁ । ସହରର ଶିକ୍ଷା ଆଉ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେବାକୁ ଚେଷ୍ଟା କରିଥିଲୁ । ଅନେକ ସଭ୍ୟ ବାରମ୍ବାର ଅନୁପସ୍ଥିତ ରହୁଥିଲେ । ସେମାନଙ୍କୁ ନାମକୁ ମାତ୍ର ସଭ୍ୟ ନରଖି ପଦରୁ ଅବ୍ୟାହତି ଦେଇଥିଲୁ । ମୋଟାମୋଟି ଅଭିଜ୍ଞତା ମନ୍ଦ ନଥିଲା ।'

'ହଁ ଦାସେ ମୁଁ ଯେତେବେଳେ ଶୁଣେ ଯେ ମହାରାଜ ଭାଇସ୍ ଚେୟାରମ୍ୟାନ୍ ଭାବେ ତୁମ କାମରେ ପରମ ସନ୍ତୋଷ ଲାଭ କରିଛନ୍ତି ସେତେବେଳେ ମୋର ବି ଗର୍ବ ଆସେ । ଯାହ ହେଉ ଏବେ ବାରିପଦା ଅଧ୍ୟାୟରେ ଯବନିକା ପଡିଲା । ଏବେ ଆସିବା ସତ୍ୟବାଦୀକୁ । ତୁମ ସ୍ୱପ୍ନର ବିଦ୍ୟାଳୟ କାମ କିପରି ଚାଲିଛି ?'

'ବିଦ୍ୟାଳୟର ଭାଗ୍ୟ ବାରମ୍ବାର ପିଳ୍ହୁଳ ରୋଗ ଭୋଗୁଥିବା ଶିଶୁ ପରି



ଦୁଆରକୁ ଯାଉଛ । ଏ କଣ ତୁମର ବ୍ୟକ୍ତିଗତ କାମ । ଏ ପରା ଜାତିର କାମ, ତୁମର ଆମ ସମସ୍ତଙ୍କର କାମ । ଆମେ ସମସ୍ତେ ତୁମ ପଛରେ ଅଛୁ ।'

'ତା ଜାଣେ ବ୍ରଜ । ହେଲେ ବେଳେବେଳେ ମନ ବିଚଳିତ ହୋଇ ପଡୁଛି । କେତେ ଗରିବ ଅଭିଭାବକ ମୋ ଉପରେ ଭରସା କରି ସେମାନଙ୍କ ପିଲାଙ୍କୁ ମୋ ପାଖକୁ ପଠାଇଛନ୍ତି । ପିଲା ସଂଖ୍ୟା ତିନି ଶହ ହେଲାଣି । ଦାୟିତ୍ୱ ଅକଳନ୍ତି । ତେବେ ପିଲାଙ୍କ ଭିତରେ ଘଡ଼ିଏ ବସିଲେ ମୁଁ ଏ କଷ୍ଟ ଭୁଲିଯାଏ । ହେଲେ କାର୍ଯ୍ୟ ଚାପରେ ସେମାନଙ୍କୁ ସମୟ ଦେଇ ପାରେନା ।'

'ହଁ ଦାସେ ତୁମେ ସେମାନଙ୍କୁ ବାରମ୍ବାର ସମୟ ଦେବ । ଆଜି ପାଇଁ ଦୁଃଖ ସେତିକି ଥାଉ । ଚାଲ କଣ ଦି'ଟା ପାଟିରେ ଦେଇ ବିଶ୍ରାମ ନେବ ।'

ଖାଇବା ବେଳେ ମଧ୍ୟ ଗୋପବନ୍ଧୁ ପକାଇଲେ ଉତ୍କଳ ସମ୍ମିଳନୀର କଥା । 'ତୁମେ କଣ ଭାବୁଛ ବ୍ରଜ ଉତ୍କଳ ସମ୍ମିଳନୀ ଆମ ପାଇଁ ସାମଗ୍ରିକ ମୁକ୍ତିର ମାର୍ଗ ହୋଇପାରିବ ?'

'ମୁଁ ଚିନ୍ତା କରେ ଏହା ଓଡ଼ିଆ ହିସାବରେ ଆମ ଅସ୍ତିତ୍ୱ ନିର୍ଣ୍ଣୟ ପାଇଁ ସହାୟକ । କିନ୍ତୁ ସାମଗ୍ରିକ କଥା ଭିନ୍ନ ।'

'ମୋର କାହିଁକି ମନେ ହୁଏ ବିଦେଶୀ ଶାସନ କବଳରୁ ମୁକ୍ତି ଆମ ପାଇଁ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ମହାଭାରତୀୟତା ସହିତ ଆମେ ଅବଶ୍ୟ ଓଡ଼ିଆ ଅସ୍ମିତା ନେଇ ଯୋଡି ହେବା । ହେଲେ ଯଦି ଆମେ କେବଳ ଓଡ଼ିଆ ବୋଲି ହୁରି ପକାଇବା ତା ହେଲେ ଆମେ ସୀମିତ ହୋଇଯିବା ।'

'ତେବେ ଯାହା ହେଉ ଏ ବର୍ଷ ବ୍ରହ୍ମପୁରରେ ଅଷ୍ଟମ ଅଧିବେଶନ ସୁରୁଖୁରୁରେ ହେଲା ।'

'ହଁ ବ୍ରଜ ଏ ବର୍ଷ ବ୍ରହ୍ମପୁରରେ ଅଷ୍ଟମ ଅଧିବେଶନ ସାଙ୍ଗକୁ ଏବେଏବେ ବିଶେଷ ଅଧିବେଶନ ବି ହୋଇଛି । ତୁମେ ତ ସବୁ ଜାଣ ।'

'ଜାଣେ । ଅଷ୍ଟମ ଅଧିବେଶନରେ ତୁମେ ଅଷ୍ଟମ ପ୍ରସ୍ତାବର ଅନୁମୋଦକ ଭାବେ ଏକ ସୁନ୍ଦର ବକ୍ତବ୍ୟ ବି ଦେଇଥିଲ । ଆଉ ବିଦ୍ୟାଳୟ ଗଠନ ସହିତ ଜାତୀୟ ଜୀବନର ବିକାଶ କଥାଟିକୁ ସୁନ୍ଦର ଭାବେ ଯୋଡି ଦେଇଥିଲ ।'

'ହଁ । ପ୍ରସ୍ତାବ ଥିଲା ରସେଲକୋଣ୍ଡା ଠାରେ ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁରୋଧ । ଆଉ ମୋତେ ତ ଲାଗେ ବିଦ୍ୟାଳୟ ଗଠନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ । ଲୋକେ ଶିକ୍ଷିତ ହେଲେ ବାକି କଥା ଛାଏଁ ହେବ । ସେଠି ତ ମୁଁ ଚତୁର୍ଥ ପ୍ରସ୍ତାବ ଅନୁସାରେ ଗଠିତ କାର୍ଯ୍ୟ ନିର୍ବାହିକା ସମିତିର ସଦସ୍ୟ ନିର୍ବାଚିତ ହୋଇଥିଲ । ତେଣୁ ଯେତେବେଳେ ବିଦ୍ୟାଳୟ ଗଠନ କଥା ଅଷ୍ଟମ ପ୍ରସ୍ତାବ ଅନୁସାରେ ଆସିଲା । ମୁଁ ତା'ର ସମର୍ଥନରେ କହିଥିଲି, 'ଏହି ବିଷୟ ପ୍ରାର୍ଥନା (ରସେଲକୋଣ୍ଡାରେ ଗୋଟିଏ ଇଂରାଜୀ ବିଦ୍ୟାଳୟ ସ୍ଥାପନା ସକାଶେ କର୍ତ୍ତୃପକ୍ଷଙ୍କୁ ପ୍ରାର୍ଥନା) ନିମନ୍ତେ ଅଧିକ ବ୍ୟୟ ଲାଗିବ ନାହିଁ । କେବଳ ଡାକ ଟିକେଟ ଖର୍ଚ୍ଚ ହେଲେ ଯଥେଷ୍ଟ ହେବ । ନାନା ଉପାୟରେ ଜାତୀୟ ଜୀବନ ଗଠନ କରିବା ନିମନ୍ତେ –

ଆମ୍ଭେମାନେ ଦୁଇଦିନ ହେଲା ରୁଣ୍ଡ ହୋଇଅଛୁଁ । ସବୁ କାର୍ଯ୍ୟର ଫଳ ସିଦ୍ଧି ବିଳମ୍ବରେ ହୁଏ,କିନ୍ତୁ ଶିକ୍ଷାର ଫଳ ସଙ୍ଗେସଙ୍ଗେ । ବଙ୍ଗ ଦେଶର ଉନ୍ନତି ଶିକ୍ଷା ଯୋଗୁଁ ହୋଇଅଛି । ମାନନୀୟ ସୁରେନ୍ଦ୍ରନାଥ ଓ ଗୋଖଲେ ଶିକ୍ଷୋନ୍ନତି ଚେଷ୍ଟାରେ

ହୋଇଯାଉଛି । ତେବେ ଶିକ୍ଷକମାନଙ୍କ ମନୋବଳରେ ସାମାନ୍ୟ ଘାଟତି ହୋଇନାହିଁ । ତୃତୀୟ ଶ୍ରେଣୀ(ନବମ) ତ ଆରମ୍ଭ ହୋଇଗଲା । ନୀଳକଣ୍ଠ ଉପରେ ଏବେ ଚାପ ବହୁତ । ତାକୁ ଏବେ ଉପର ଶ୍ରେଣୀରେ ଅଧିକ ବିଷୟ ପଢ଼ାଇବାକୁ ପଡୁଛି । ଛାତ୍ରମାନେ କିପରି ଭଲ କରିବେ ସେ ସେଥିପ୍ରତି ବରାବର ଜାଗତିଆର ଅଛି । ବାସୁଦେବ ମହାପାତ୍ର କିଛି ଦିନ ପାଇଁ ଆସିଥିଲା । ସେ ବଡ଼ ଦେଶ ପ୍ରାଣ । ଶିକ୍ଷକ ହିସାବରେ ବି ଦକ୍ଷ । ଅଙ୍କ ଆଉ ଓଡ଼ିଆ ସାହିତ୍ୟରେ ସେ ଢେର ଦକ୍ଷ । ହେଲେ ସେ ଏବେ ଏଫ.ଏ. ପରୀକ୍ଷା ଦେବାକୁ ଯାଇଛି । ଦେଇସାରି ଫେରିବ । ହେଲେ ଘର ତୋଳା ଏବେ ବଡ଼ ସମସ୍ୟା ।'

'ଆମେ ତ ଲାଗିଥାଉ ଦାସେ । ତୁମେ ନିଜେ ତ ଦେଶ ସାରା ବୁଲୁଛ । କେତେ କାହାକୁ ସମସ୍ୟା ଜଣାଉଛ ।'

'ହଁ ବ୍ରଜ ଏମାର ମଠ ମହନ୍ତ ଗଦାଧର ରାମାନୁଜ ଦାସ,ରାଧାକାନ୍ତ ମଠ ମହନ୍ତ ସହଯୋଗର ହାତ ବଢ଼ାଇଛନ୍ତି । ସତ୍ୟବାଦୀ ଆଖପାଖ ଗାଁ ଗୁଡିକରୁ ବି ଢେର ସହଯୋଗ ମିଳୁଛି । ତୁମେମାନେ ତ ଲାଗି ପଡିଛ ।'

'ଆଚ୍ଛା ବାହାରର ରାଜା ଜମିଦାର ?'

'ଗଞ୍ଜାମର ରାଜା ଓ ଜମିଦାର ମାନଙ୍କୁ ମୁଁ ନିବେଦନ କରିଛି । ସେମାନଙ୍କ ଭିତରୁ ଅନେକ ସାହାଯ୍ୟ କରିଛନ୍ତି । ଆଉ ଅନେକେ ପ୍ରତିଶ୍ରୁତି ବି ଦେଇଛନ୍ତି । ହେଲେ ସେଠି ଯେଉଁ ଅସ୍ଥାୟୀ ଘର ସବୁ ନିର୍ମିତ ହୋଇଛି ଟିକେ ବର୍ଷା କି ପବନ ହେଲେ ଅବସ୍ଥା ଖରାପ ହୋଇଯାଉଛି । ପୋଡା ଘରର କାନ୍ଥ ଉପରେ ଟିଣ ଘୋଡା ହୋଇଛି । ବାକି ଯାହା ଦୁଇ ସାହାଲା ଘର ତିଆରି ହୋଇଛି ତାହା ବାଡିତିଆଡି ଉପରେ ଚାଳ । ବୋଡିଂ ଘର ଛଅ ବଖରା ଅଛି । ଟିକେ ବର୍ଷା ପବନ ହେଲେ କେତେବେଳେ ଚାଳ ତ କେତେ ବେଳେ ଟିଣ ଉଡିଯାଉଛି । ସେତେବେଳେ ସମସ୍ୟା କହିଲେ ନ ସରେ । ପିଲେ ବଡ଼ ହନ୍ତସନ୍ତ ହେଉଛନ୍ତି । ଶିକ୍ଷକମାନେ ମୋରି କଥାରେ ପଡି କମ ଦରମାରେ କାମ କରି ପୁଣି ଏ ଜଂଜାଳ ସମ୍ଭାଳୁଛନ୍ତି । ମୋର ମନ ଦିନରାତି ଘାଣ୍ଟି ହେଉଛି ।'

ଏତିକି କହିବା ଶେଷକୁ ଗୋପବନ୍ଧୁଙ୍କ ଆଖି ଛଳଛଳ ହୋଇ ଉଠିଲା । ତହୁଁ ବ୍ରଜ କହିଲେ, 'ସମ୍ଭାଳ ଗୋପ ନିଜକୁ ସମ୍ଭାଳ । ଆମେ ସମସ୍ତେ ତୁମ ସହ ଅଛୁ । ତୁମେ ନିଜେ କୋଉ କମ ଖଟୁଛ ? ଦରକାର ନଥାଇ କେତେ କାହା

ଜୀବନ କଟାଇଛନ୍ତି । ସମ୍ପ୍ରତି ଭାରତର ଚାରି ଦିଗରେ ଜାତୀୟ ଜୀବନର ଉଦଭାଷଣ ସଂଗେ ସଂଗେ ଶିକ୍ଷା ପ୍ରସାରର ଚେଷ୍ଟା ଲାଗିଅଛି । କି ହିନ୍ଦୁ,କି ମୁସଲମାନ ଶିକ୍ଷୋନ୍ନତି ସକାଶେ ଲେଜିସଲେଟିଭ କାଉନ୍‌ସିଲ୍‌ରେ, କଂଗ୍ରେସରେ, ସମ୍ମିଳନୀରେ ସେ ବିଷୟ ଆଲୋଚନା କରୁ ଅଛନ୍ତି । ଶିକ୍ଷୋନ୍ନତି ବିଷୟ ଉତ୍କଳ ସମ୍ମିଳନୀର ପ୍ରଥମ ଆଲୋଚ୍ୟ ବିଷୟ ହେବା ଉଚିତ । ଇଂରାଜୀ ଶିକ୍ଷା ସର୍ବପ୍ରଧାନ ଅଟେ । ସ୍କୁଲରେ ବାଳକମାନଙ୍କ ଜାତୀୟ ଜୀବନ ଜାଗ୍ରତ ହୁଏ ।

ସମ୍ପ୍ରତି ଗଞ୍ଜାମରେ ଜାତୀୟ ଜୀବନ ଗଠନ ହେବା ନିହାତି ଆବଶ୍ୟକ । ସେଥିପାଇଁ ରସେଲକୋଣ୍ଡା ଠାରେ ଉଚ୍ଚ ବିଦ୍ୟାଳୟ ସ୍ଥାପିତ ହେବା ବିଧେୟ । ଆମ୍ଭମାନଙ୍କର ନ୍ୟାର୍ଯ୍ୟ ଦାବି ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇବା ଆବଶ୍ୟକ । ତାହା ତାଙ୍କ ନିକଟରେ ପୂର୍ଣ୍ଣ ନହେଲେ ନିଜନିଜ ଅଣ୍ଟା ଭିଡ଼ିବାକୁ ହେବ । ଆମ୍ଭେମାନେ ନିଜେ ନିଜେ ଯୋଗ୍ୟ ହୋଇ ନିଜ ନିଜକୁ ସାହାଯ୍ୟ କରିବୁ ଓ ଗଭର୍ଣ୍ଣମେଣ୍ଟଙ୍କୁ ଦେଖାଇବୁ ଯେ ଆମ୍ଭମାନେ ପାଇବା ସକାଶେ ଇଚ୍ଛା କରୁଅଛୁ ଓ ସେଥିପାଇଁ ଯୋଗ୍ୟ ହୋଇଅଛୁଁ । ଗଭର୍ଣ୍ଣମେଣ୍ଟ୍ ଏହି ପ୍ରାର୍ଥନା ବେଶୀ ଦିନ ଉପେକ୍ଷା କରି ପାରିବେ ନାହିଁ ।'

'ବୁଝିଲି ଯେ । କିନ୍ତୁ ସତ୍ୟବାଦୀରେ ପ୍ରତିଷ୍ଠିତ ବିଦ୍ୟାଳୟ ପାଇଁ ତୁମେ ଯେତିକି ବ୍ୟଗ୍ର ରସେଲକୋଣ୍ଡା ଠାରେ ବିଦ୍ୟାଳୟ ପାଇଁ ପ୍ରସ୍ତାବ ବିଷୟରେ ବି ସେତିକି ।'

'ବ୍ରଜ ! ଶିକ୍ଷା ବିକାଶ ହେଉଛି ଏକ ସ୍ୱପ୍ନ । ବାକୀ ସ୍ଥାନ ଯେଉଁଠି ହେଉ ।'

'ଅଳ୍ପ ସମୟ ତଳେ ସତ୍ୟବାଦୀର ପିଲାମାନଙ୍କ ପାଇଁ ତୁମ ବ୍ୟସ୍ତତା ଦେଖୁଥିଲି । ଏବେ ବୁଝୁଛି ।'

'ହଁ । କେତେ ଅଭିଭାବକଙ୍କ କେତେ ଭରସା । ତେଣୁ ସେମାନଙ୍କୁ ଆମେ ନିଜ ପିଲାରୁ ବଳି ନ ଦେଖିଲେ ଅପରାଧ ହେବ ପରା ।'

'ହେଉ ଏବେ ତ ଟିକେ ଶୁଅ ।'

ସେ ରାତିରେ ଦୁଇ ବନ୍ଧୁ ବିଶ୍ରାମ ନେବାର ମାସେ ଦୁଇ ମାସ ପରର କଥା । ଗୋପବନ୍ଧୁ ବିଦ୍ୟାଳୟରେ କିଛି ସମୟ କଟାଇବା ପାଇଁ ସତ୍ୟବାଦୀ ଯାଇଥାନ୍ତି । ଜାନୁଆରୀ ମାସର ଏକ ଶନି ବାର । ପିଲମାନଙ୍କର ସେଦିନ ସମ୍ମିଳନୀ ହେଉଥାଏ । ଶିକ୍ଷକମାନେ ଉପସ୍ଥିତ ଥାଆନ୍ତି । ତାଙ୍କ ନିଜ ଉପସ୍ଥିତି ହେତୁ ପରିବେଶ ଆଉ ଟିକେ ଗମ୍ଭୀର ହୋଇ ଯାଇଥାଏ । ଛାତ୍ରମାନଙ୍କ ମନରେ ଥାଏ କିଛିଟା ଭୟ ଓ ସଂକୋଚ ମିଶା ସଂଭ୍ରମ ।ନୀଳକଣ୍ଠଙ୍କ ତତ୍ତ୍ୱାବଧାନରେ ଚାଲିଥାଏ ବକ୍ତୃତା ପୁଣି ପ୍ରବନ୍ଧ ପାଠ । ପ୍ରବନ୍ଧ ପାଠ ବେଳେ ଆସିଲା, ଗୋପବନ୍ଧୁଙ୍କ ଆଗ୍ରହର ବିଷୟ । ଜଣେ ଛାତ୍ର ଚନ୍ଦ୍ରଶେଖର ପ୍ରବଂଧଟିଏ ଲେଖିଥାଏ 'ଛାତ୍ର ଜୀବନର ଉଦ୍ଦେଶ୍ୟ ।'

ଗୋପବନ୍ଧୁ ମନ ଧ୍ୟାନ ଦେଇ ଶୁଣିଲେ । ଚନ୍ଦ୍ରଶେଖର ପଢୁଥାଏ:

– ଛାତ୍ର ନିର୍ଭୀକ ଓ ଅକୁତୋଭୟ ହେବା ଉଚିତ । ନିଜର ଅନ୍ୱେଷଣକୁ ନେଇ ନିଷ୍ଠାପର ହେବା ଭଲ ଛାତ୍ରର ଲକ୍ଷଣ । କୌଣସି ପ୍ରତିକୂଳ ପରିସ୍ଥିତିରେ ଦବି ନ ଯାଇ ବିଦ୍ୟା ଆହରଣ ପାଇଁ କଠିନ ପରିଶ୍ରମ କରିବା ଜରୁରୀ ।'

ଗୋପବନ୍ଧୁ ଜାଣିଥିଲେ ପିଲାଟି ମାଇନର ସେକେଣ୍ଡ୍ କ୍ଲାସ୍‌ର ଛାତ୍ର । ଉତ୍କଟ ଅଭାବ ଭିତରେ ପାଠ ପଢୁଛି, ବିପୁଳ ପରିଶ୍ରମ କରି ନିଜର ମାନରେ ଉନ୍ନତି ଆଣିଛି । କିନ୍ତୁ ମନ ଭୟରେ ପରିପୂର୍ଣ୍ଣ । ପ୍ରବନ୍ଧ ପଢିବା ବେଳେ ସେ ଏକପ୍ରକାର ଥରୁଛି । ଗଳା କମ୍ପି ଉଠୁଛି । ବୋଧହୁଏ ଛାତ୍ର ଓ ଶିକ୍ଷକମାନଙ୍କ ସମାବେଶରେ ସେ ଭୟ ପାଇଛି । ତାକୁ ସାହସ ଦେବା ଦରକାର । ତେଣୁ ସେ କହିଲେ, 'ଆରେ ବାବୁ ! ଏତେ ଡରିବା ଦରକାର ନାହିଁ । ଏ ପିଲାମାନେ ତ ତୋର ଭାଇ । ଆମେମାନେ ତୋର ଗୁରୁଜନ । ତୋର ଡର କାହାକୁ । ଆମେ ସମସ୍ତେ ତୋର ସାହସ । ଦେ ଆଉ ଥରେ ପଢ । କେତେ ସୁନ୍ଦର କଥା ଲେଖିଛୁ । ଭଲ କରି ପଢ଼ ।'

ଏତେ ସାହସ ପାଇବା ପରେ ବି ଚନ୍ଦ୍ର ଥରୁଥାଏ । ସେହି ଅବସ୍ଥାରେ କୌଣସି ମତେ ନିଜ ପ୍ରବନ୍ଧ ପାଠ ସାରି ସେ ଚାଲିଗଲା ।

ସେଦିନ ସନ୍ଧ୍ୟାରେ ଗୋପବନ୍ଧୁ ନୀଳକଣ୍ଠଙ୍କ ସହ କଥା ହେଲେ:

'ଚନ୍ଦ୍ର କେତେ ସୁନ୍ଦର ପ୍ରବନ୍ଧ ପଢିଲା । ହେଲେ ତା'ର ସମସ୍ୟା କଣ ଜାଣ ?'

'ଭୟ ହିଁ ମୂଳ ସମସ୍ୟା ଆପଣେ ।'

'ଏ ଆମର ଜାତୀୟ ସମସ୍ୟା । ଦାରିଦ୍ର୍ୟ, ଅନାହାର,ଅପପୁଷ୍ଟି ପୀଡିତ ଓଡ଼ିଆ ଭୟ ଓ ହୀନମନ୍ୟତା ଯୋଗୁଁ ନିଜର ଭଲ କଥାକୁ ବି ସାହସରେ କହି ପାରନ୍ତି ନାହିଁ । ଚନ୍ଦ୍ର ତ ଆମର ସେଇ ଜାତୀୟ ସମସ୍ୟାର ପ୍ରତୀକ । ସିଏ ବି ଗରିବ ଘରୁ ଆସିଛି । ବଡ଼ କଷ୍ଟରେ ନିଜର ମାନ ବଢ଼ାଇଛି । କିନ୍ତୁ ଭିତରୁ ଭୟ ଯାଇ ନାହିଁ । ତାକୁ ଟିକେ ଡାକ । ତା ମନରେ ସାହସ ଦେବା । ଅନ୍ୟ ପିଲାମାନଙ୍କୁ ମଧ ଡାକ ।

ତା ପରେ ନୀଳକଣ୍ଠ ଚନ୍ଦ୍ରକୁ ଓ ଅନ୍ୟ କେତେ ଜଣ ପିଲାଙ୍କୁ ଡକାଇ ପଠାଇଲେ ।

ସେଠି ଗୋପବନ୍ଧୁ କହିଲେ, 'ପିଲାଏ ! ଜୀବନ ଧାରଣ ପଛରେ ଉଦ୍ଦେଶ୍ୟ ନରହିଲେ ତାହା ପଶୁବତ୍ ହୋଇଯାଏ । ତେଣୁ ତୁମେମାନେ ନିଜ ନିଜ ଜୀବନର ଅନୁରାଗର ଉଦ୍ଦେଶ୍ୟ ଖୋଜ । ଇଂଲଣ୍ଡର ପୋପ୍ କବି ହେବାକୁ ମନସ୍ଥ କରିଥିଲେ । ତେଣୁ ଘୋର ଅର୍ଥାଭାବ ସତ୍ତ୍ୱେ ଅକ୍ଳାନ୍ତ ଉଦ୍ୟମ କରି ସେ ସଫଳ ହେଲେ । ଆବ୍ରାହାମ ଗାରଫିଲଡ଼ ନିଜର ଅଧ୍ୟବସାୟ ବଳରେ ଆମେରିକାର ରାଷ୍ଟ୍ରପତି ହୋଇ ପାରିଲେ । ପ୍ରତିକୂଳ ପରିସ୍ଥିତି ସେମାନଙ୍କୁ ସଂକଳ୍ପରୁ ଓହରାଇ ପାରି ନ ଥିଲା । ତେଣୁ ତୁମେମାନେ ଉଦ୍ଦେଶ୍ୟ ଖୋଜ । ଭୟମୁକ୍ତ ହୁଅ । ତା ପରେ ଜଣ ଜଣ କରି ପିଲାଙ୍କୁ ଜୀବନର ଉଦ୍ଦେଶ୍ୟ ପଚାରିଲେ । ସମସ୍ତଙ୍କ ଉତ୍ତର ପାଇବା ପରେ କହିଲେ, 'ଉଦ୍ଦେଶ୍ୟକୁ ପରଖି ଦେଖ । ସେଥିରେ ଦେଶ ପାଇଁ କିଛି ଅଛି କି ନା ।'

ପିଲାଏ ଏକଥା ଶୁଣି ମନେମନେ ବିଶ୍ଳେଷଣରେ ଲାଗିଗଲେ । ତେବେ ଅନେକ କଥା କହିବା ପରେ ଗୋପବନ୍ଧୁ ଚନ୍ଦ୍ରକୁ ଛାଡି ଅନ୍ୟମାନଙ୍କୁ ଯିବାକୁ କହିଲେ । ଚନ୍ଦ୍ରକୁ ପାଖକୁ ଡାକିଲେ ।

ସେ ଆସିବା ମାତ୍ରେ ଟିକେ ସରସ ହୋଇ ଗୋପବନ୍ଧୁ କହିଲେ, 'ଆଜି କଣ ଖାଇଛୁରେ ବାବୁ ।'

'ମେସ୍‌ରେ ଯାହା ହୋଇଥିଲା ।'

'ଯାହା ହୋଇଥିଲା ସେଥିରୁ ତୋତେ କଣ ଭଲ ଲାଗିଲା ।'

'ସବୁ ।'

ତା ଭିତରର ଭୟ ତଥାପି ଯାଇନି ଦେଖି ତ'ର ପିଠି ଆଉଁସି କହିଲେ, 'ଦେଖ ବାବୁ ଡର ଆମର ବଡ଼ ଶତ୍ରୁ । ନିର୍ଭୀକ ହୋଇ ଚାଲିବୁ, ବୁଲିବୁ, ପଢିବୁ, ଲେଖିବୁ । ସବୁବେଳେ ମେରୁ ହାଡ଼ ସିଧା ରଖିବୁ । ପରମେଶ୍ୱରଙ୍କ ଇଚ୍ଛାରେ ତୁ ଏ ଦୁନିଆକୁ ଆସିଛୁ । କାହାକୁ ଭୟ କରିବୁ କିଆଁ । ଏଡ଼େ ସୁନ୍ଦର ପ୍ରବନ୍ଧ ଲେଖିଛୁ । ତୁ ତ ଆମର ଗର୍ବ ।'

ନୀଳକଣ୍ଠ କହିଲେ, 'ତୁ ଛାତ୍ର ଜୀବନ ଉଦ୍ଦେଶ୍ୟ ବିଷୟରେ କେଡ଼େ ସୁନ୍ଦର କଥା ସବୁ କହିଲୁ । ନିଜେ ସେ ସବୁ ପାଳନ କର । ତୁ ତ ଲେଖିଛୁ ନିର୍ଭୀକ ଅକୁତୋଭୟ ହେବା କଥା । ଏତେ ଡରୁଛୁ କାହାକୁ? କାହିଁକି ? ଗରିବ ଓ ସାହାଯ୍ୟ ପୁଷ୍ଟ ବିଚାରି ଆତ୍ମ ସଂକୋଚ ରଖିବା ଠିକ ନୁହଁ । ଆତ୍ମ ସଂକୋଚ ଆତ୍ମ ଅବଜ୍ଞାରେ ପରିଣତ ହୋଇ ଜୀବନ ନଷ୍ଟ କରେ । ବରଂ ଉତ୍ତମ ଛାତ୍ର ହୋଇ ତ୍ୟାଗପୂତ ଜୀବନ ବଂଚିଲେ ସେଇ ହେବ ପ୍ରାପ୍ତ ସାହାଯ୍ୟର ପ୍ରତିଦାନ ।'

ଦୁଇ ଗୁରୁଙ୍କ ଠାରୁ ଏପରି ପ୍ରେରଣା ଓ ଉତ୍ସାହ ପାଇ ଚନ୍ଦ୍ର ଦୁହିଁଙ୍କୁ ପ୍ରଣାମ କଲା । ତା' ଭିତରୁ ଭୟ ମୁକ୍ତ ହେବାକୁ ଆରମ୍ଭ କଲା ।

ସେଦିନ ଚନ୍ଦ୍ର ଗଲା ପରେ ଗୋପବନ୍ଧୁ କହିଲେ, 'ନୀଳକଣ୍ଠ ଏ କଥା ଆମକୁ ଆମ ଜାତିର କାନରେ ମଧ କହିବାକୁ ହେବ ।'




Aryan Life Sciences, Main Road, Opp. Auro Spinning mills, Vardhaman Chowk, Baddi, Dist- Solan, H.P., Pin- 173205
Mob: 09318032233, 09338932233 | E-mail: aaryanlifescience@gmail.com | Web: www.aryanlifesciences.in

# ଭକ୍ତର ଭଗବାନ



ଚିତ୍ର : ଗୁଗୁଲ୍

# ଠାକୁର ପଠାଇଲେ ମନିଅର୍ଡର୍


**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୭୫୩୦୧୨
ଫୋନ : ୯୪୩୭୦୫୫୦୦୭


ଫଟୋ ସୌଜନ୍ୟ : ଗୁଗୁଲ୍



ଗୋଟିଏ ଦିବ୍ୟ ଅନୁଭବ ପାଇଁ ସାରାଜୀବନ ଆରାଧନା କରିବାକୁ ପଡିଥାଏ, ମହା ମହିମଙ୍କର ଟିକିଏ କରୁଣା ପାଇଁ ସାରା ଆୟୁଷ ପଦ୍ମାସନରେ ବସି ଉପାସନା କରିବାକୁ ପଡିଥାଏ ଏବଂ ଗୋଟିଏ ପୁଣ୍ୟମୟ ସ୍ମୃତିକୁ ସତେଜ ରଖିବା ପାଇଁ ସହସ୍ର ସହସ୍ର ମୁହୂର୍ତ୍ତ ପ୍ରଭୁଙ୍କ ଆଗରେ ହାତଯୋଡି ତପସ୍ୟା କରିବାକୁ ପଡିଥାଏ । ମୁନିଋଷି ଭଳି ଅରଣ୍ୟରେ ଅଗ୍ନି ଜାଳି ତା' ଭିତରେ କଠୋର ତପସ୍ୟା ନୁହେଁ - ପ୍ରଭୁଙ୍କର କୃପା ପାଇଁ ଲୋଡା ହୋଇଥାଏ ନିଷ୍ଠା, ସ୍ନେହ, ପ୍ରେମ, ପ୍ରୀତି ଓ ଭକ୍ତିର ଦୁଇଧାର ଲୁହ । ଏହି ଅନାବିଳ ଭକ୍ତିଭାବ ଓ ଭଲ ପାଇବାରେ ସେ ଆପେ ବାନ୍ଧି ହୋଇ ପଡନ୍ତି ଓ ଭକ୍ତକୁ ଟେକି ଆଣି ହୃଦୟରେ ସ୍ଥାନ ଦେଇଥା'ନ୍ତି । ଏପରିକି ଭକ୍ତର ପଦାଘାତ ଓ କଠଉ ଚିହ୍ନକୁ ବି ଭାବଗ୍ରାହୀ ଆଦରରେ ଆଂକିଥା'ନ୍ତି ନିଜ ହୃଦୟରେ ଓ ଲେଖି ଦେଇଥାନ୍ତି ଭକ୍ତଟିର ନାମ ନିଜ ମନରେ: "ଲକ୍ଷେ ଜଳଧିରେ ଜଳରେ ନତିନ୍ତେ ଯା'ର ମହା କଳେବର ଗୋଟିଏ ଭକ୍ତର ଦି'ଟୋପା ଲୁହରେ ହୁଏ ଓଦା ଜରଜର ।" ସେଥିପାଇଁ ସୁସଜ୍ଜିତ ନନ୍ଦିଘୋଷ ଛାଡି ସେ ଚାଲିଆସନ୍ତି ଦାସିଆ ବାଉରୀର ଲୁହଭିଜା ବାଲିରଥକୁ । ସେତିକିବେଳେ ଶ୍ରୀକ୍ଷେତ୍ରର ପ୍ରତିଟି ଧୂଳିକଣା ଜୀବନ୍ତ ହୋଇ ପାଲଟି ଯାଆନ୍ତି ସୁବର୍ଣ୍ଣର ମହାରେଣୁ । ଅନ୍ତରୀକ୍ଷରେ ସୂର୍ଯ୍ୟ, ନେପଥ୍ୟରେ ନକ୍ଷତ୍ର ଓ ତନ୍ମୟ ତାରା ସହ କିଛି ମେଘଫୁଲ ବିଂଚି ଦିଅନ୍ତି, ପୃଥିବୀରେ ଅମ୍ଳାନ ଜ୍ୟୋତି । ଏଭଳି ହାତନଥିବା ମହାବାହୁ ବଳିଆର ଭୁଜର ଆଶିଷ ଯିଏ ପାଇଛି, ତାଙ୍କ ପଦ୍ମପାଦର କରୁଣାର ସ୍ପର୍ଶ ଯିଏ ଲଭିଛି, ପଲକ ନଥାଇ ପଲକ ପାତରେ ଯିଏ ସେଇ ଚକାଆଖିର ଅପଲକ ଚାହାଣୀର କୃପା ଲଭିଛି, ତା' ଠାରୁ ପୁଣ୍ୟବାନ ଆଉ କିଏ ହୋଇପାରେ ?

ଯେତେବେଳେ ପୁରୀର ପବିତ୍ର ବଡ଼ଦାଣ୍ଡରେ ପହଞ୍ଚେ ଓ ମନ୍ଦିରରେ ପ୍ରବେଶ କରିବା ଆଗରୁ ଠାକୁରଙ୍କୁ କିଛି ମାଗିବାର ଇଚ୍ଛାରେ ମନ ଦୃଢ କରିନେଇ ଥାଏ, କିନ୍ତୁ ଶ୍ରୀମନ୍ଦିରକୁ ଦର୍ଶନ କରିବାକୁ ବାଇଶି ପାହାଚ ଡେଇଁ ଗଲାବେଳେ, ଶ୍ରୀ ଜଗନ୍ନାଥଙ୍କ ଆଗରେ ହାତଯୋଡି ଆଖିବୁଜି ଠିଆ ହେବା ବେଳେ କୁଆଡେ ଯାଏ ସେସବୁ ଭିକ୍ଷା ? ପ୍ରଭୁଙ୍କୁ ଦେଖିବା ମାତ୍ରେ ଯେପରି ସେଗୁଡିକ ତରଳି ଦୁଇଧାର ନଈ ହୋଇ ବହିଯାଏ, ଯେଉଁ ନଈରେ ଦିବ୍ୟସ୍ନାନ କଲା ପରେ ଆଉ କି ମାଗିବାର ଇଚ୍ଛାଟିଏ ମନରେ ରହିପାରେ ? ପ୍ରଭୁଙ୍କୁ ଦେଖି ବିହ୍ୱଳ ହୋଇଗଲା ପରେ ଆଉ କ'ଣ କିଛି ମାଗି ହୁଏ ? ସବୁ ଭୁଲି ହୋଇଯାଏ, ଭୁଲି ହୋଇଯାଏ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ । ପାଶୋର ହୋଇଯାଏ ବ୍ୟକ୍ତିତ୍ୱ, ସର୍ତ୍ତ ସବୁ କିଛି । ଆଖି ଆଗରେ ରତ୍ନ ସିଂହାସନରେ ଉଭା ଚତୁର୍ଦ୍ଧା ମୂର୍ତ୍ତି । ତାଙ୍କ ପାଦ ତଳେ ଠିଆ ହୋଇଥିବା ନିରିମାଖୀ ମଣିଷଟିଏ ମୁଁ । ତାଙ୍କ ଅପଲକ ନୟନରେ ପଲକ ମିଶିବା ମାତ୍ରେ ଆଉରେ ଥିବା ଜନସମୁଦ୍ର ଆଉ ସମୁଦ୍ର ହୋଇ ରହେନାହିଁ ହୋଇଯାଏ ବିନ୍ଦୁଏ ଅଶ୍ରୁ, ଯେଉଁ ବିନ୍ଦୁଏ ଅଶ୍ରୁରେ ଲୁଚି ରହିଥାଏ କୋଟି କୋଟି ଭକ୍ତିର ପାରାବାର । ଆଶ୍ଚର୍ଯ୍ୟ ଏ ଅନୁରାଗ, ଭିକ୍ଷା ମିଳାଇଯାଏ ଆଂଜୁଳାଏ ଅନନ୍ଦାଶ୍ରୁରେ । ଦେବ ଦୁର୍ଲଭ ଭକ୍ତିର ଏ ନିବିଡ ଅନୁଭବ, ନିମିଷକେ ଦେଇଥାଏ କୋଟି କୋଟି ଜନ୍ମର ପୁଣ୍ୟ । ଲାଗେ ଏଇଠି ଏଇ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଆଗରେ ଚିରକାଳ ହାତଯୋଡି ଠିଆ ହୋଇଥିବି ।



◀ ଲେଖିକା ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

ପ୍ରଭୁ ବେଳେବେଳେ ନିଶ୍ଚୟ ଆସନ୍ତି ଭକ୍ତର ଜୀବନକୁ । ମହ ମହ ବାସ୍ନାରେ ପରିପୂର୍ଣ୍ଣ କରି ଦିଅନ୍ତି ଭକ୍ତର ହୃଦୟ । କେତେବେଳେ ସେ ବାସ୍ନା ଆତ୍ମା ଭିତରେ ଥାଏ ତ' କେତେବେଳେ ଥାଏ ପଦ୍ମ ପାଖୁଡାର ବିଲୋଳ ହସରେ । ବେଳେବେଳେ ନିଳାଂଜନଙ୍କର କୃପାର ଗୋଟିଏ ବିନ୍ଦୁ ଦେଇଥାଏ ଜୀବନର ପରମ ପ୍ରାପ୍ତି । ଭକ୍ତର ଜୀବନ ପରିଧିକୁ ସେ କେତେବେଳେ ଆସନ୍ତି ନିଃଶ୍ୱାସର ଉଷ୍ଣମ ସ୍ପନ୍ଦନଟିଏ ହୋଇ ତ', ଆଉ କେତେବେଳେ ପ୍ରଳୟଙ୍କର ପ୍ରଭଂଜନ ହୋଇ । କେତେବେଳେ

ସକାଳର ଖରା, ମଧ୍ୟାହ୍ନର ଜ୍ୱଳନ୍ତ ସୂର୍ଯ୍ୟ ତ' ଆଉ କେତେବେଳେ ଅପରାହ୍ନ ଓ ରାତିର ନୈଶ ଚନ୍ଦ୍ରମା ହୋଇ । ଆଖିବୁଜି ତାଂକର ନାନା ଅବତାର କଥା ଭାବୁ ଭାବୁ ସେ ଉଭା ଗହୁଅନ୍ତି ସୂକ୍ଷ୍ମାତିସୂକ୍ଷ୍ମ ଅଣୁବିନ୍ଦୁରେ ନାଦବ୍ରହ୍ମ ହୋଇ, ପୁଣି ପଦ୍ମଫୁଲର କେଶରରେ ମଧୁଭ୍ରମର ହୋଇ । କେତେବେଳେ ଆକାଶକୁ ଚାହିଁଲେ ତାଂକର ବିଶ୍ୱରୂପ ଦୃଷ୍ଟି ଗୋଚର ହୁଏତ' କେତେବେଳେ ସେ ପ୍ରତିଭାତ ହୁଅନ୍ତି ହୃଦୟରେ ଏକ ମୁଗ୍ଧ ସମାହିତ ସୂକ୍ଷ୍ମାତିସୂକ୍ଷ୍ମ ରୂପରେ ।

ସେ ଆସନ୍ତି ଭକ୍ତର ଭକ୍ତି ଡୋରିରେ ବନ୍ଧା ହୋଇ ବିଭିନ୍ନ ରୂପରେ,ବିଭିନ୍ନ ଭାବରେ,ବିଭିନ୍ନ ଅବତାରରେ । ଆସନ୍ତି ତାଙ୍କର ପରମ ପ୍ରିୟତମା ରାସେଶ୍ୱରୀ ରାଧାଙ୍କ ପାଖକୁ ଶ୍ରୀକୃଷ୍ଣଙ୍କ ବେଶରେ, ଆସନ୍ତି ତପସ୍ୱିନୀ ସୀତାଙ୍କ ପାଖକୁ ରାମଚନ୍ଦ୍ରଙ୍କ ବେଶରେ ଏବଂ ରହନ୍ତି ଶ୍ରୀମନ୍ଦିରରେ ଲକ୍ଷ୍ମୀଙ୍କ ସହ ଉଦ୍ଧାର କରନ୍ତି ପାଷାଣ ରୂପିଣୀ ଅହଲ୍ୟାମାନଙ୍କୁ । ମୋ ଭଳି ଅକିଂଚନର କେଉଁ ପୁଣ୍ୟ ଅଛି ଯେ, ତାଙ୍କର କୃପା ଲାଭ କରିବ ?



ରୂପାୟନ : ଲୋପାମୁଦ୍ରା ପରିଡ଼ା

କଟକ ମେଡିକାଲ୍ କଲେଜ୍‌ରୁ ଏମ୍.ବି.ବି.ଏସ୍ ପାସ୍ କଲା ପରେ ସମସ୍ତଙ୍କ ପରି ମୁଁ ମଧ୍ୟ ଖୁବ୍ ଶୀଘ୍ର ପୋଷ୍ଟ୍ ଗ୍ରାଜୁଏଟ୍ କରିବା ପାଇଁ ମନ ବଳାଇଥିଲି,କିନ୍ତୁ ସୁଯୋଗ ପାଇନଥିଲି । ଠାକୁରଙ୍କୁ ହାତ ବଢାଇ ମାଗିଲା ବେଳେ ସେସବୁ ମନ ଭିତରେ କୁଆଡେ ଉଭେଇ ଯାଏ । ଲାଗେ ଯେମିତି ଠାକୁର କହୁଛନ୍ତି : "ଏଇ ସାମାନ୍ୟ କଥା – ଏଇ ପାର୍ଥିବ କଥା ପାଇଁ ଏତେ ମୋହ ?" ଯା ଭିତରେ କିଛି ସମୟ ମଧ୍ୟ ଗଡ଼ିଗଲା ।

ସେ ବହୁବର୍ଷ ତଳର କଥା । ମେଡିକାଲ୍ ପାଶ୍ କରି ପେରିଫେରି ଚାକିରୀ ଏବଂ ତା'ପରେ ପୋଷ୍ଟ୍‌ଗ୍ରାଜୁଏଟ୍ ପାଇଁ ପ୍ରସ୍ତୁତି । ମୋର ସ୍ୱାମୀ ଡାକ୍ତର ରମାରମଣ ଷଡ଼ଙ୍ଗୀ ମଧ୍ୟ ପ୍ରସ୍ତୁତ ହେଉଥା'ନ୍ତି ହୃଦ୍‌ବକ୍ଷ ଶଲ୍ୟ ଚିକିତ୍ସା ଶାସ୍ତ୍ରରେ ଏମ୍.ସି.ଏଚ୍. ପାଇଁ । ସେ ସେତେବେଳକୁ ସର୍ଜରୀରେ ଏମ୍.ଏସ୍. କରି ସାରିଲେଣି । ମୋର ପ୍ରସ୍ତୁତି ଥାଏ ସ୍ତ୍ରୀରୋଗ ଓ ପ୍ରସବ ତତ୍ତ୍ୱରେ ଏମ୍.ଡି. । ଡାକ୍ତର ଷଡ଼ଙ୍ଗୀଙ୍କର ବାଧ୍ୟବାଧକତାରେ ଆମେ ପୋଷ୍ଟ୍ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ,ଚଣ୍ଡୀଗଡକୁ ଦରଖାସ୍ତ କଲୁ । ବହୁ କଷ୍ଟରେ ଏଣ୍ଟ୍ରାନ୍ସ ପରୀକ୍ଷା ପାଇଁ ପହଂଚିଲା ବେଳକୁ ମୋର ସ୍ୱାସ୍ଥ୍ୟ ବିଭାଗରୁ 'ନୋ ଅବ୍‌ଜେକ୍‌ସନ୍ ସାର୍ଟିଫିକେଟ୍' ପହଂଚି ପାରିଲା ନାହିଁ । ଅଗତ୍ୟା ମତେ ଫେରି ଆସିବାକୁ ପଡିଲା । ଦ୍ୱିତୀୟ ଥର ମୋର ଶ୍ୱଶୁର ନାରାୟଣ ଚନ୍ଦ୍ର ଷଡ଼ଙ୍ଗୀଙ୍କର ଦେହାନ୍ତ ହୋଇଗଲା, ଏବଂ ମୁଁ ସେତେବେଳେ ଠିକ୍ ସମୟରେ ପହଂଚି ପାରିଲି ନାହିଁ । କିନ୍ତୁ ତୃତୀୟ ଥର ଠାକୁରଙ୍କ ଆଶୀର୍ବାଦ ଥିଲା ମୋ ସାଂଗରେ ଏବଂ ଥିଲା ମୋ ସ୍ୱାମୀଙ୍କ ପ୍ରେରଣା,ସକାରାତ୍ମକ ମନୋଭାବ ଓ ଦିଗ୍‌ଦର୍ଶନ ।

କହିବା ବାହୁଲ୍ୟ ମୁଁ କେବେହେଲେ ସ୍ତ୍ରୀରୋଗରେ ଏମ୍.ଡି. କରିବା ପାଇଁ ପ୍ରସ୍ତୁତ ନଥିଲି ଏବଂ ଡାକ୍ତର ଷଡ଼ଙ୍ଗୀଙ୍କର ଏକରକମ୍ ଜିଦ୍ କେବଳ ସ୍ତ୍ରୀରୋଗ ବିଭାଗରେ ହିଁ ମୁଁ ପି.ଜି. କରେ । ମୋର ତୃତୀୟ ଥର ପି.ଜି. ଏଣ୍ଟ୍ରାନ୍ସ ବେଳକୁ ଡାକ୍ତର ଷଡ଼ଙ୍ଗୀ ହାର୍ଟ ସର୍ଜରୀରେ ଚଣ୍ଡୀଗଡରେ ଏମ୍.ସି.ଏଚ୍. କରୁଥା'ନ୍ତି ।

ଅଗତ୍ୟା ଛୁଟି ନେଇ ୪ମାସ ପାଇଁ ମତେ ଚଣ୍ଡୀଗଡ ଯିବାକୁ ପଡିଲା । ସେ ହାର୍ଟ ସର୍ଜରୀ ୱାର୍ଡ୍‌କୁ ଗଲା ପରେ ଦିନସାରା ମୋର ଲାଇବ୍ରେରୀରେ ପଢାପଢି ଓ ପ୍ରସ୍ତୁତି ଲାଗିଯାଏ । ଚାରି ମହଲା ଉପରେ ପି.ଜି.ଆଇ. ଚଣ୍ଡୀଗଡର ଯେଉଁ ଲାଇବ୍ରେରୀ, ତାହା ସାରା ଭାରତବର୍ଷର ଶ୍ରେଷ୍ଠ ଲାଇବ୍ରେରୀ । ପ୍ରତିଦିନ ସକାଳୁ ଲାଇବ୍ରେରୀକୁ ଯାଇ ରାତ୍ରି ଏଗାର ଯାଏଁ ପଢ଼ିଥାଏ ।

ମଝିରେ ଲାଇବ୍ରେରୀରୁ ଓହ୍ଲାଇ ଆସି ଦୁଧ କି ଲସି ବୋତଲେ ପିଇ ପୁଣି ପଢାପଢିରେ ଲାଗିଯାଏ । ଦୀର୍ଘ ୪ମାସ ଖଣ୍ଡେ ଦ୍ୱିପ୍ରହର ଲଂଚ୍ ମଧ୍ୟ ଖାଇବାକୁ ମତେ ସମୟ ହୋଇନାହିଁ । ଯେହେତୁ ପି.ଜି.ଆଇ. ଚଣ୍ଡିଗଡ, ଏମ୍‌ସ୍ (ଦିଲ୍ଲୀ) ଭଳି ପି.ଜି. ଶିକ୍ଷାରେ ପ୍ରଥମ, ତେଣୁ ସାରା ଭାରତର ମେଡିକାଲ୍ ଛାତ୍ରଛାତ୍ରୀ ସେଠିକି ଏଣ୍ଟ୍ରାନ୍ସ ଦେବାକୁ ଆସନ୍ତି । ଶେଷରେ ଏଣ୍ଟ୍ରାନ୍ସ ଲିଖିତ ପରୀକ୍ଷା ଦିନ ଆସି ପହଁଚିଲା ପୁଣି ଥିଓରୀରେ ଭଲ ହେଲା । ଅପେକ୍ଷା ପୁଣି ଭାଇଭା (ମୌଖିକ) ପାଇଁ । ଯାହାହେଉ ଠାକୁରଙ୍କ କୃପାରୁ ସିଲେକ୍ସନ୍ ହେବା ପରେ ଭାଇଭା ଓ କ୍ଲିନିକାଲ୍ ଟେଷ୍ଟ୍ । ସେଗୁଡିକ ମଧ୍ୟ ଭଲରେ ଭଲରେ ହୋଇଗଲ । ପି.ଜି.ଆଇ.ରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ରେଜେଲ୍ଟ ଆଉଟ୍ ହୁଏ ଏବଂ ଆଡ୍‌ମିସନ୍ ହୁଏ । ଏତେ ଜଲ୍‌ଦି ଆଉ କେଉଁ ଇନ୍‌ଷ୍ଟିଚ୍ୟୁଟ୍‌ରେ ପରୀକ୍ଷା ଓ ଫଳ ବାହାରେ ନାହିଁ ।

ପି.ଜି.ଆଇ.ରେ ଗୋଟିଏ ବିରାଟ ଅଡିଟୋରିୟମ୍ ଅଛି । ରେଜଲ୍ଟ ବାହାରିବା ପୂର୍ବରୁ ସବୁ ଛାତ୍ରଛାତ୍ରୀ ସେଠି ଅପେକ୍ଷା କରନ୍ତି । ଡିନ୍ ଓ ରେଜିଷ୍ଟ୍ରାର୍ ଆସି ଗୋଟିଏ ପରେ ଗୋଟିଏ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ନାଁ ଡାକନ୍ତି । ଷ୍ଟୁଡେଣ୍ଟ୍‌ମାନେ ଗଲେ ତାଙ୍କୁ କଂଗ୍ରାଚ୍ୟୁଲେଟ୍ କରି ସଂଗେ ସଂଗେ ଆଡ୍‌ମିଶନ୍ ନେବା ପାଇଁ କହିଥାଆନ୍ତି । ଯେଉଁ ଷ୍ଟୁଡେଣ୍ଟ୍ ମାନେ ସଂଗେ ସଂଗେ ଆଡ୍‌ମିଶନ୍ କରନ୍ତି ନାହିଁ, ତାଙ୍କର ସିଟ୍ ପରବର୍ତ୍ତୀ କୃତକାର୍ଯ୍ୟ ଛାତ୍ର ଛାତ୍ରୀମାନଙ୍କ ପାଖକୁ ଚାଲିଯାଏ । ସେଥିପାଇଁ ସମସ୍ତେ ଟଂକା ଧରି ପ୍ରସ୍ତୁତ ହୋଇ ବସିଥା'ନ୍ତି । ଆମ ପାଖରେ ଥିବା ଟଙ୍କା ସରି ଆସିଥାଏ ଏବଂ ଘରୁ ଟଙ୍କା ସେଯାଏଁ ପହଂଚି ପାରି ନଥାଏ । ଆମେ ଚିନ୍ତାଗ୍ରସ୍ତ ଅବସ୍ଥାରେ ବସିଥାଉ । ପରମାରାଧ ଦେବତା ଶ୍ରୀ ଶ୍ରୀଜଗନ୍ନାଥଙ୍କୁ ଧ୍ୟାନ କରି ବସିଥାଉ । କିନ୍ତୁ ସାରା ଭାରତବର୍ଷର କୋଣ ଅନୁକୋଣରୁ ଡାକ୍ତରୀ ଛାତ୍ରଛାତ୍ରୀ ମାନେ ପରୀକ୍ଷା ଦେଇଛନ୍ତି ଏବଂ ସିଟ୍ ସଂଖ୍ୟା ମଧ୍ୟ କମ୍ । ପି.ଜି. ସିଟ୍‌ଟିଏ କ'ଣ ସତରେ ପାଇବି ? ମୋର ଆଶାର ବାହାରେ ଥିଲା ଫଳାଫଳ । ସିଟ୍ ପାଇଲେ ବି ଆଡ୍‌ମିଶନ୍ କେମିତି ହେବ ? ଟଙ୍କା କେଉଁଠୁ ଆସିବ ? ମୁଁ ଓ ଡାକ୍ତର ଷଡ଼ଙ୍ଗୀ ଦୁହେଁ ମନ ମାରି ବସିଛୁ । ଏହି ସମୟରେ ହଠାତ୍ ସ୍ତ୍ରୀରୋଗ ଓ ପ୍ରସବ ତତ୍ତ୍ୱର ପି.ଜି. ଫଳାଫଳ ପ୍ରକାଶ ପାଇଲା । ମୁଁ ଆକାଶରୁ ଖସି ପଡିଲି ଯେତେବେଳେ ରେଜିଷ୍ଟ୍ରାର୍ ମୋ ନାଁ ଧରି ଡାକିଲେ । ଆନନ୍ଦର ଲୁହରେ ମୋର ଦୁଇ ଆଖି ଭର୍ତ୍ତି ହୋଇଗଲା । ଠାକୁରଙ୍କୁ ବିନମ୍ର ପ୍ରଣାମ ଜଣାଇଲି । ଡାକ୍ତର ଷଡ଼ଙ୍ଗୀଙ୍କ ସାଂଗରେ ହ୍ୟାଣ୍ଡ୍‌ସେକ୍ କରି ଗଲି ଆଡ୍‌ମିଶନ୍ ଲେଟର୍ ଆଣିବାକୁ ଏବଂ ଗୋଟିଏ ସେକେଣ୍ଡ୍ ଯାଇଛି କି ନାହିଁ ପଛ ଆଡୁ ପୋଷ୍ଟ୍‌ପିଅନର ପାଟି ଶୁଭିଲା: 'ଡଃ ଆର୍.ଆର୍. ଷଡ଼ଙ୍ଗୀ କହାଁ ହୈ, ଆପ୍‌କେ ପାଶ୍ ଓଡ଼ିଶାସେ ମନିଅର୍ଡର୍ ଆୟାହେ' । ମୁଁ ଥରଟିଏ ଅନାଇଲି ଡାକ୍ତର ଷଡ଼ଙ୍ଗୀଙ୍କ ମୁହଁକୁ ।



ସେ ହାତ ହଲାଇ କହିଲେ, 'ତୁମେ ଯାଅ ଆଡ୍‌ମିଶନ୍ କାଉଣ୍ଟର୍‌କୁ, ମୁଁ ଟଂକା ନେଇ ପହଂଚୁଛି ।' ରେଜିଷ୍ଟ୍ରାର୍ ମୋତେ କଂଗ୍ରାଚ୍ୟୁଲେଟ୍ କରି ଆଡ୍‌ମିଶନ୍ ଲେଟର୍ ଦେଲେ ଓ ମୁଁ ଆଡ୍‌ମିଶନ୍ କାଉଣ୍ଟର୍‌ରେ ପହଂଚିଲା ବେଳକୁ ଡାକ୍ତର ଷଡ଼ଙ୍ଗୀ ବଢାଇ ଦେଲେ ମନିଅର୍ଡର୍ ଟଙ୍କା । ଯେଉଁ ମନିଅର୍ଡର୍ ପାଇଁ ଆମେ ତିନି ଚାରି ଦିନ ହେବ ଅପେକ୍ଷା କରିକରି ଟଙ୍କା ଆସିନଥିଲା କେମିତି ଶେଷ ମୁହୂର୍ତ୍ତରେ, ଠିକ୍ ମୋର ଆଡ୍‌ମିଶନ୍ ସମୟରେ ଆସି ପହଂଚିଗଲା ? ମୋର ଚତୁର୍ଦ୍ଦିଗରେ ଯେପରି ସାରା ବ୍ରହ୍ମାଣ୍ଡ ଘୁରୁଥିଲା । ମୁଁ ବିଶ୍ୱାସ ମଧ କରି ପାରୁନଥିଲି ଯେ ବିଭୁଙ୍କ କୃପା ଏମିତି ଭାବରେ ପାଇବି ? ସାରା ଭାରତରେ ସବୁଠାରୁ ଶ୍ରେଷ୍ଠତମ ମେଡିକାଲ୍ କଲେଜ୍‌ରେ ସ୍ତ୍ରୀରୋଗ ଓ ପ୍ରସବ ତତ୍ତ୍ୱରେ ପୋଷ୍ଟ୍‌ଗ୍ରାଜୁଏଟ୍ କରିବା ମୋ ପାଇଁ ଯେ କେତେ ବଡ ଭାଗ୍ୟ ଏ ମୋର ବିଶ୍ୱାସର ବାହାରେ ଥିଲା । ଲାଗୁଥିଲା ଯେପରି ଗରୁଡ ସ୍ତମ୍ଭ ପାଖରେ ରହି ଆକୁଳରେ ଡାକିଲେ ଭକ୍ତ, ସିଂହାସନ ଛାଡି ପ୍ରଭୁ ଭକ୍ତ ପାଖକୁ ଚାଲି ଆସନ୍ତି, ସତରେ ସୁଦୂର ଚଣ୍ଡୀଗଡରୁ ମୋ ଡାକ ଶୁଣିଲେ ପ୍ରଭୁ, ଆଉ ଅଯାଚିତ ଭାବରେ ପଠାଇ ଦେଲେ ମୋ ଆଡ୍‌ମିଶନ୍ ପାଇଁ ଟଙ୍କା, ମନିଅର୍ଡର ମାଧ୍ୟମରେ ?

ବିନା ବଜ୍ରପାତରେ ବର୍ଷା ହେବା ଭଳି ମୋର ଦୁଇ ଆଖି ଲୁହରେ ପରିପୂର୍ଣ୍ଣ ହୋଇ ଯାଇଥିଲା ଏବଂ ପଲକରୁ ଉଛୁଳି ଆସୁଥିଲା ଉଦ୍‌ଗତ ଅଶ୍ରୁର ଧାର । ସେ ଲୁହ ଦୁଃଖର ନା ସୁଖର ! କପାଳରେ ମୋର ଚିକ୍ ଚିକ୍ କରୁଥିଲା ମୁକ୍ତା ଭଳି ବିନ୍ଦୁ ବିନ୍ଦୁ ଝାଳ; ସେ ଝାଳ ଉଦ୍‌ବିଗ୍ନତାର ନା ଉତ୍କଣ୍ଠାର ? ସର୍ବୋପରି ମୋର ଶରୀର ରୋମାଂଚିତ ହୋଇ ଉଠୁଥିଲା କୃତଜ୍ଞତାରେ ଏବଂ ମୋର ଦୁଇ ଆଂଜୁଳାରେ ଭରି ରହିଥିଲା ଯେଉଁ ନୈବେଦ୍ୟ, ସେ ପରମ କାରୁଣିକଙ୍କ ପାଇଁ ଥିଲା ପ୍ରୀତିର ଓ ଭକ୍ତିର ଅର୍ଘ୍ୟ ।

ଇଚ୍ଛା ହେଲା ମୁହୂର୍ତ୍ତକରେ ଦୁଇଟି ଡେଣା ନେଇ ଉଡି ଯାଆନ୍ତି ଓଡ଼ିଶାକୁ ଏବଂ ପ୍ରଭୁଙ୍କର ଚରଣାରବିନ୍ଦରେ, ଦୁଇ ପାଦ କଲ୍ଲୋଳରେ ଅର୍ପଣ କରଦିଅନ୍ତି ନିଜକୁ ।

'ରତ୍ନାକର ତବ ଗୃହଂ/ ଗୃହିଣୀ ଚ ପଦ୍ମା/ ଦେୟଂ କିମସ୍ତି ଭବସ୍ତେ/ ପୁରୁଷୋତ୍ତମଃୟ/ ଆଭିର ନୟନା ଦୃତ ମାନସାୟ/ ଦତ୍ତଂ ମନୋ ଯଦୁପତେ/ ତ୍ୱଂ ଦିଦଂ ଗୃହାଣ'

'ଯେଉଁ ପୁରୁଷୋତ୍ତମଙ୍କର ଗୃହ ହେଉଛି ରତ୍ନାକର, ପଦ୍ମା ହେଉଛନ୍ତି ଗୃହିଣୀ, ତାଙ୍କୁ ପୃଥିବୀର କେଉଁ ଅର୍ଘ୍ୟ ଭଲା ଦେଇ ହେବ ? କେବଳ ଏ ମନ ଓ ହୃଦୟ ହିଁ ତୁମ ପଦ୍ମପାଦରେ ଅର୍ପଣ କରୁଛି, ପ୍ରଭୁ ତାହା ହିଁ ତୁମେ ଗ୍ରହଣ କର ।' ମୋ ଆଖି ଆଗରେ କେବଳ ଉଭା ଥିଲେ ବଡଠାକୁର । ରଜତ ଗରିନିଭ ଧାନଗମ୍ଭୀର ମୂର୍ତ୍ତି । ଜ୍ୟୋସ୍ନାସ୍ନାତ ଅନନ୍ତ ଆକାଶ ପରି ବିପୁଳ ସୁନ୍ଦର ଗୌର ତନୁ ତାଙ୍କର । ସେ ପ୍ରଲମ୍ବିତ ବିଶାଳ ଭୁଜରେ କେରିକେରି ନକ୍ଷତ୍ରର ମାଳ । ବିଚିତ୍ର ବର୍ଣ୍ଣର ଫୁଲ ଓ ଦୟଣାର ମାଳରେ ସୁଶୋଭିତ ତାଙ୍କର ଶରୀର ।ହେ ପରମ ଆତ୍ମନ ବାସୁଦେବ । ହେ ନିରାକାର ନୀଳାଂଜନ । ହେ ଅପୂର୍ବ ତେଜରଶ୍ମୀ ବିକିରଣକାରୀ ଅଂଶୁମାନ ! ତୁମ ଅଜସ୍ର ଜ୍ୟୋତିରେ ଏ ବ୍ରହ୍ମାଣ୍ଡ ନିମିଷକେ ଅପୂର୍ବ ଦ୍ୟୁତିରେ ଦ୍ୟୁତିମାନ ହୋଇଯାଏ । ତୁମ ଦେହର ଦିବ୍ୟମାଳ, ଦିବ୍ୟ ପଟ୍ଟବସ୍ତ୍ର, ଦିବ୍ୟ ସୁଗନ୍ଧ ଏସବୁ ଆଶ୍ଚର୍ଯ୍ୟ ଭାବେ ପ୍ରକଟିତ ହୋଇଥାଏ । ଏହା ଯେ ଭଗବାନଙ୍କର ବିଶ୍ୱରୂପ । ସହସ୍ର ସୂର୍ଯ୍ୟ ଏକତ୍ର ଆକାଶରେ ଉଦୟ ହେଲେ ସେ ଜ୍ୟୋତିର ସମାନ ହେବ ନାହିଁ । ଏ ବିଶ୍ୱରୂପ ସମସ୍ତଙ୍କର ଦୃଷ୍ଟିଗୋଚର ହୁଏ ନାହିଁ କେବଳ ଜ୍ଞାନ ନେତ୍ରରେ ସେସବୁକୁ ଦେଖିହୁଏ । ତାଙ୍କ ମହିମାକୁ ଯିଏ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପ୍ରମାଣ, ସ୍ପନ୍ଦନ, ବନ୍ଦନ, ସଖ୍ୟପଣ, ଭୃତ୍ୟପଣ ଓ ଆତ୍ମସମର୍ପଣ କରେ ସେ ସିଦ୍ଧି ଲାଭ କରେ କିନ୍ତୁ ବେଳେବେଳେ ଏଭଳି ବିନ୍ଦୁଏ କୃପାଜଳ ପଡିଥାଏ ଭକ୍ତର ଦୁଇ ପାପୁଲିରେ । ବେଳେବେଳେ ରେଣୁଏ ରଶ୍ମୀ, ଭକ୍ତକୁ ଚକ୍ଷୁଷ୍ମାନ୍ କରିଦିଏ ଏବଂ ମୋକ୍ଷର ବାଟଟିଏ ଫିଟାଇ ଦିଏ । ଅଭୟ ବରଦାନର ମୁଦ୍ରାରେ ଯିଏ ଚିରନ୍ତନ ପ୍ରତିଭାତ ହୁଅନ୍ତି, ସେଇ ପରମତମ, ଶ୍ରେଷ୍ଠତମ ପ୍ରଭୁ ଶ୍ରୀ ଶ୍ରୀ ନୀଳାଂଜନଙ୍କୁ ମୋର ବିନମ୍ର ପ୍ରଣାମ ।

# ଚଣ୍ଡୀଗଡ଼ରେ ଚକାଡୋଳା



# ଜଗତଜନ ହୃଦବାସୀ- ଚଣ୍ଡୀଗଡ଼ରେ ଚକାଡୋଳା


## ଡକ୍ଟର ଫକୀର ମୋହନ ନାହାକ

ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ, ୟୁନିଭରସିଟି
ଇନଷ୍ଟିଚ୍ୟୁଟ୍ ଅଫ୍ ମିଡ଼ିଆ ଷ୍ଟଡ଼ିଜ୍, ଚଣ୍ଡୀଗଡ଼ ୟୁନିଭରସିଟି,
ମୋହାଲି, ପଞ୍ଜାବ-୧୪୦୪୧୩
ଫୋନ : ୯୯୩୭୨୫୨୪୬୪

ଫଟୋ ସୌଜନ୍ୟ : ଲେଖକ




ମୋ ପ୍ରଭୁ ଜଗନ୍ନାଥ, ସେ ଯେ କମଳାକାନ୍ତ... ପୁରୁଷୋତ୍ତମ କ୍ଷେତ୍ରବାସୀ । ଯୁଗଯୁଗ ଧରି ଆମ ଧମନୀରେ ପ୍ରବାହିତ ପ୍ରତିଟି ରକ୍ତକଣିକା ଏବଂ ପ୍ରତିଟି ଜୀବକୋଷରେ ଯଦିଓ ଏହି ଉକ୍ତି ସମାହିତ, କିନ୍ତୁ ଏଥିରେ ସାମାନ୍ୟ ବ୍ୟତିକ୍ରମକୁ ଏବେ ଆମକୁ ସ୍ୱୀକାର କରିବାକୁ ହେବ । ଏବେ କହିବାକୁ ହେବ..ମୋ ପ୍ରଭୁ ଜଗନ୍ନାଥ...ସେ ଯେ କମଳାକାନ୍ତ...ଜଗତଜନ ହୃଦବାସୀ । ଆଜ୍ଞା ହଁ.... ଜଗତଜନଙ୍କ ହୃଦୟ ସିଂହାସନରେ ଆସୀନ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥ ପୁରୁଷୋତ୍ତମ କ୍ଷେତ୍ରର ସୀମାକୁ କେଉଁକାଳୁ ଉଲ୍ଲଂଘନ କରିସାରିଛନ୍ତି । ଅକଳ୍ପ ବିସ୍ତୃତିର ଦିଗ୍‌ବଳୟ ବାହାରେ ଯାହାଙ୍କ ସତ୍ତାକୁ ପ୍ରତିମୂହୂର୍ତ୍ତରେ ଅନୁଭବ କରିହୁଏ ସେ ସେହି ଶତ ସହସ୍ର ଶାଳଗ୍ରାମ ଉପରେ ରତ୍ନସିଂହାସନରେ ବିରାଜମାନ କରିଥିବା ଶଙ୍ଖକ୍ଷେତ୍ରର ଅଧୀଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କୁ ଛାଡ଼ି ଆମ ବାସ୍ତବତା କଣ, ସ୍ୱପ୍ନ ବି ସମ୍ଭବ ନୁହେଁ ।

ଉତ୍କଳୀୟ ଭୂଖଣ୍ଡର ଭୌଗୋଳିକ ସୀମାରେଖା ବାହାରକୁ ଆସିଗଲା ପରେ ଜଣେ ଉତ୍କଳୀୟ ପାଖରେ କୌଣସି ପରିଚୟପତ୍ର ନଥାଏ । ସେ ଯେତେ ଧୀଶକ୍ତିସମ୍ପନ୍ନ ହୋଇଥାଉ କିମ୍ବା ପ୍ରତିପତ୍ତି ସମ୍ପନ୍ନ, ତାର କୌଣସି ପରିଚୟ ନାହିଁ । ସେ ନିଃସ୍ୱ । ତା ପାଇଁ ଏକମାତ୍ର ପରିଚୟ ଶ୍ରୀଜଗନ୍ନାଥ । ଓଡ଼ିଶାର ଯେକୌଣସି ସ୍ଥାନରୁ ଜଣେ ଆସିଥାଉନା କାହିଁକି, ସେ ଅନ୍ୟ ନିକଟରେ ନିଜକୁ ପରିଚିତ କରାଇଲା ବେଳେ ଅତ୍ୟନ୍ତ ଗର୍ବର ସହିତ କହେ, ମୁଁ କ୍ଷେତ୍ରବାସୀ । ଶ୍ରୀ ଜଗନ୍ନାଥଧାମରୁ ଆସିଛି । ମୁଁ ଶ୍ରୀଜଗନ୍ନାଥଙ୍କ ସନ୍ତାନ । ସେହି ମାଟିର ମଣିଷ । ଯୁଗଯୁଗ ଧରି ଓଡ଼ିଆଙ୍କୁ ଅସ୍ମିତା ଓ ପରିଚୟ ପ୍ରଦାନ କରି ଆସିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରୁ ବାହାରି ଆସି ବିଶ୍ୱର କୋଣ ଅନୁକୋଣରେ ନିଜର ଆସ୍ଥାନ ଜମାଇଛନ୍ତି । ନିଜର ଜଗନ୍ନାଥ ନାମକୁ ଚରିତାର୍ଥ କରାଇଛନ୍ତି । ଓଡ଼ିଶା ବାହାରେ ଓଡ଼ିଆଙ୍କୁ ଏକାଠି କରିବା ସହ, ସେମାନଙ୍କୁ ସମ୍ପର୍କର ଗୋଟିଏ ଡୋରିରେ ବାନ୍ଧି ରଖିବା ଲାଗି ସବୁବେଳେ ପାଲଟି ଯାଇଛନ୍ତି ମାଧ୍ୟାକର୍ଷଣର କେନ୍ଦ୍ର । ତାଙ୍କରି ଚାରିପାଖରେ ଘୂରି ବୁଲିଛି ଓଡ଼ିଆ ପ୍ରାଣ । ସମସ୍ତଙ୍କୁ ଏକାଠି କରିଛି, ହାତରେ ହାତ ମିଳାଇଛି, ଏବଂ ଠିଆ କରାଇଛି ମହାପ୍ରଭୁଙ୍କ ବିଶାଳ ମନ୍ଦିର । ଆଉ ତାଙ୍କୁ ହିଁ ମାଗିଛି ମହାପ୍ରସାଦର କୈବଲ୍ୟ କଣିକା ।



ଲେଖକ ଡକ୍ଟର ଫକୀର ମୋହନ ନାହାକ

ବିଗତ ଶତାବ୍ଦୀର ଅଶୀ ଦଶକରେ ଏମିତି ହିଁ କିଛି ଓଡ଼ିଆଙ୍କୁ ଏକାଠି କରାଇଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପୌରାଣିକ କାଳର କୁରୁକ୍ଷେତ୍ର ଓ ପାଞ୍ଚାଳର ମଧ୍ୟ ଭାଗରେ ଥିବା ଚଣ୍ଡୀ ଦେବୀ ଓ ମାତା ମନସା ଦେବୀଙ୍କ କ୍ଷେତ୍ର ଚଣ୍ଡୀଗଡ଼ରେ । ଜୀବନ ଜଞ୍ଜାଳର ଧାଁ ଦଉଡ଼ ଭିତରେ, ପେଟପାଟଣା ପାଇଁ କର୍ମସଂସ୍ଥାନର ସନ୍ଧାନରେ ନିଜ ମାଟି ଛାଡ଼ି ଏଇଠିକୁ ଆସିଥିବା ବିଭିନ୍ନ ବର୍ଗର ଓଡ଼ିଆଙ୍କ ଭିତରେ ଯେତେ ସାମାଜିକ, ଆର୍ଥିକ ବିଭେଦତା ଥାଉନା କାହିଁକି, ସେମାନଙ୍କ ଭିତରେ ଏକମାତ୍ର ସମାନତା ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ । ସେହି ଏକମାତ୍ର ସମାନତା ହିଁ ସେତେବେଳେ ଏଇଠିଥିବା କତିପୟ ଓଡ଼ିଆଙ୍କୁ ଏକାଠି କରାଇ ପାରିଥିଲା । ଆଉ ସେଇମାନଙ୍କ ପ୍ରୟାସରେ ଆଜି ଏଇଠି ମହାପ୍ରଭୁଙ୍କ ଭବ୍ୟ ମନ୍ଦିର ଏବଂ ବିଶ୍ୱବିଦିତ ଘୋଷଯାତ୍ରାର ଆୟୋଜନ ।

ଚଣ୍ଡୀଗଡ଼ରେ ଥିବା ସ୍ନାତକୋତ୍ତର ଭେଷଜ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନରେ

(ପିଜିଆଇଏମ୍‌ଇଆର) ଆରମ୍ଭରୁ ହିଁ କାର୍ଯ୍ୟ କରୁଛନ୍ତି ଅନେକ ଓଡ଼ିଆ ଭେଷଜ ବିଜ୍ଞାନୀ ଓ ବିଶେଷଜ୍ଞ ଡାକ୍ତର । ସେହିଭଳି ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ସହରରେ ବାୟୁସେନା ଏବଂ ସ୍ଥଳସେନାରେ କାର୍ଯ୍ୟରତ ଅନେକ ଓଡ଼ିଆ ସେନାନୀ ଓ ସେନାପତି, କେନ୍ଦ୍ରଶାସିତ ଅଞ୍ଚଳକୁ ପରିଚାଳନା କରୁଥିବା ବିଭିନ୍ନ ପ୍ରଶାସନିକ ସେବା ଅଧିକାରୀ, ଶିଳ୍ପପତି, ସ୍ଥପତି ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ଓଡ଼ିଆ କର୍ମଚାରୀ, ଏ ସମସ୍ତଙ୍କ ମିଳିତ ପ୍ରୟାସରେ ୧୯୮୨ ମସିହା ହୋଲି ଅବସରରେ ଚଣ୍ଡୀଗଡ଼ ଶ୍ରୀଜଗନ୍ନାଥ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବକ ଭୂମିପୂଜନ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଯେଉଁ କେତେଜଣ ଶ୍ରୀଜଗନ୍ନାଥ ପ୍ରାଣ ସେ ସମୟରେ ଉତ୍ସର୍ଗୀକୃତ ଭାବେ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ଥିଲେ ଆଇଏଏସ୍ ଅଧିକାରୀ ଗୋକୁଳ ପଟ୍ଟନାୟକ, ଏସ୍.କେ. ସିହ୍ନା, ଶ୍ରୀମତୀ ସୌଦାମିନୀ ବ୍ରହ୍ମା, ସୁଧାଂଶୁ କୁମାର ମଙ୍ଗରାଜ, କୈବଲ୍ୟ ବିଶ୍ୱାଳ, ଦୀପକ କୁମାର କବି, ଋଷିଚରଣ ମଲ୍ଲିକ, ନରୋତ୍ତମ ମଲ୍ଲିକ, ଜଗନ୍ନାଥ ମଲ୍ଲିକ, ମକର ଭଞ୍ଜ, ରଞ୍ଜନ ମିଶ୍ର, ସୁଧାକର ଭୂୟାଁ, ରବୀନ୍ଦ୍ର ପାଣିଗ୍ରାହୀ, ଗିରୀଶ କୁମାର ପଣ୍ଡା, ରବୀନ୍ଦ୍ର ନାଥ ତ୍ରିପାଠୀ ଏବଂ ଜଗନ୍ନାଥ ରାଉତରାୟଙ୍କ ସମେତ ଆହୁରି ଅନେକ ।

ଏଇମାନଙ୍କ ପ୍ରଚେଷ୍ଟାରେ ଗଢ଼ି ଉଠିଥିବା ଉତ୍କଳ ସାଂସ୍କୃତିକ ସଂଘ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ଟ୍ରଷ୍ଟ ମନ୍ଦିର ନିର୍ମାଣର ଦାୟିତ୍ୱ ନିର୍ବାହ କରିଥିଲେ । ସହରର ସେକ୍ଟର-୩୧ଡିରେ ଥିବା ବାୟୁସେନାର ଅଧିକୃତ ଅଞ୍ଚଳରେ ମନ୍ଦିର ନିର୍ମାଣ ହୋଇଛି । ଏଥିପାଇଁ ପ୍ରତିରକ୍ଷା ବିଭାଗ ପକ୍ଷରୁ ଜମି ମିଳିଥିଲା ବେଳେ, ଚଣ୍ଡୀଗଡ଼ ପ୍ରଶାସନ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିଛନ୍ତି । ଉତ୍କଳୀୟ ମନ୍ଦିର ଶିଳ୍ପକଳା ଶୈଳୀରେ ନିର୍ମାଣ ହୋଇଛି ମନ୍ଦିର । ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ମାଆ ମହାଲକ୍ଷ୍ମୀ ଓ ଦେବୀ ବିମଳାଙ୍କ ସମେତ ଶ୍ରୀଗଣେଶ ଏବଂ ମହାବୀର ହନୁମାନ ପାର୍ଶ୍ୱଦେବଦେବୀ ଭାବେ ପୂଜା ପାଉଛନ୍ତି । ଏହାସହ ମନ୍ଦିର ମୁଖ୍ୟ ପ୍ରବେଶ ଦ୍ୱାରର ବାମ ପାର୍ଶ୍ୱରେ ଦେବଦେବ ମହାଦେବଙ୍କ ଏକ ମନ୍ଦିର ବି ନିର୍ମାଣ କରାଯାଇଛି । ସାଧାରଣ ଲୋକଙ୍କ ଅନୁଦାନରେ ମନ୍ଦିର ପରିଚାଳନା କରାଯାଉଛି । ବିଶିଷ୍ଟ ଚିକିତ୍ସା ବିଜ୍ଞାନୀ ପଦ୍ମଶ୍ରୀ ଡାକ୍ତର ଦିଗମ୍ବର ବେହେରା ଏହି ଉତ୍କଳ ସାଂସ୍କୃତିକ ସଂଘର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିଲା ବେଳେ ଶରତ କୁମାର ଭୂୟାଁ ଉପାଧ୍ୟକ୍ଷ, ଅରୁଣ କୁମାର ମଲ୍ଲିକ ସାଧାରଣ ସମ୍ପାଦକ ଏବଂ ଅନୀଲ କୁମାର ମଲ୍ଲିକ ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି । ଏମାନେ ସମସ୍ତେ ପ୍ରତ୍ୟକ୍ଷ ଭାବେ ମନ୍ଦିରର ପରିଚାଳନାରେ ସାମିଲ ହୋଇ ପ୍ରତିଟି କାମର ତଦାରଖ କରୁଛନ୍ତି । ଏହି ସଂଘର ତତ୍ତ୍ୱାବଧାନରେ ଏକ ୩୫ ଜଣିଆ କାର୍ଯ୍ୟନିର୍ବାହୀ କମିଟି କାର୍ଯ୍ୟ କରୁଛି । ରାଷ୍ଟ୍ରୀୟ ଶିକ୍ଷା ତାଲିମ ଓ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଏହି କମିଟିର ସଭାପତି ଅଛନ୍ତି ।





ଏହା ବ୍ୟତୀତ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଆଜୀବନ ସଦସ୍ୟ ମନ୍ଦିର ପରିଚାଳନାରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଯୋଗଦାନ କରୁଛନ୍ତି ।

ବର୍ତ୍ତମାନ ମନ୍ଦିରରେ ତିନିଜଣ ସେବାୟତ ଦୈନନ୍ଦିନ ପୂଜା ଓ ନୀତିକାନ୍ତି କାର୍ଯ୍ୟ କରୁଛନ୍ତି । ଏମାନେ ସମସ୍ତେ ଓଡ଼ିଶାରୁ ଆସି ଏଠାରେ ଶ୍ରୀଜଗନ୍ନାଥଙ୍କ ସେବାରେ ନିୟୋଜିତ ଅଛନ୍ତି । ଶ୍ରୀ ଗୌତମ ପଣ୍ଡା ମୁଖ୍ୟ ପୂଜକ ଥିଲା ବେଳେ ତାଙ୍କୁ ସହଯୋଗ କରୁଛନ୍ତି ମିହିର ମିଶ୍ର ଏବଂ ସନ୍ତୋଷ ପାଢ଼ୀ । ମନ୍ଦିରର ନିତିଦିନିଆ ପୂଜା ବ୍ୟତୀତ, ସ୍ନାନ ଯାତ୍ରା, ନେତ୍ରୋତ୍ସବ, ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା, ନୀଳାଦ୍ରିବିଜେ, କାର୍ତ୍ତିକ ପୂର୍ଣ୍ଣିମା, ଗଣେଶ ପୂଜା, ଦୁର୍ଗାପୂଜା, ଶ୍ରୀପଞ୍ଚମୀ, ଜନ୍ମାଷ୍ଟମୀ ଓ ଗହ୍ମାପୂର୍ଣ୍ଣିମା ଅତି ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ । ଏହା ବ୍ୟତିରେକ ସହର ଓ ଆଖପାଖରେ ବାସ କରୁଥିବା ଓଡ଼ିଆମାନଙ୍କ ନିଜସ୍ୱ ବ୍ୟକ୍ତିଗତ ପୂଜାପାଠ ପାଇଁ ବି ସେମାନେ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ନିର୍ଭର କରନ୍ତି । ମୁଖ୍ୟପୂଜକ ଗୌତମ ପଣ୍ଡା କହନ୍ତି, "ଚଣ୍ଡୀଗଡ଼ ଶ୍ରୀଜଗନ୍ନାଥ ମନ୍ଦିରର ସମସ୍ତ ନୀତିକାନ୍ତି, ପୁରୀ ଶ୍ରୀମନ୍ଦିରର ନୀତିକାନ୍ତି ଅନୁସରଣରେ କରାଯାଉଛି ।"

ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହେବା ପରେ ୧୯୯୫ ମସିହାରେ ପ୍ରଥମଥର ପାଇଁ ଆୟୋଜନ କରାଯାଇଥିଲା ରଥଯାତ୍ରା । ଚତୁର୍ଦ୍ଧାବିଗ୍ରହଙ୍କୁ ରଥାରୂଢ଼ କରାଇ



ପ୍ରଥମଥର ପାଇଁ ଚଣ୍ଡୀଗଡ଼ବାସୀ ରଥ ଟାଣିବାର ସୌଭାଗ୍ୟ ଅର୍ଜନ କରିଥିଲେ । ମନ୍ଦିର ଓ ରଥଯାତ୍ରା ପରିଚାଳନାରେ ଥିବା ଅନୀଲ କୁମାର ମଲ୍ଲିକଙ୍କ କହିବା ଅନୁସାରେ, "ପ୍ରଥମ ରଥଯାତ୍ରାର ସେ ଅନୁଭବ ଅବର୍ଣ୍ଣନୀୟ ଏବଂ ଅବିସ୍ମରଣୀୟ । ମନ୍ଦିରର ଭୂମିପୂଜନ ବେଳେ ତାଙ୍କ ବାପା ସମୟଦାନୀ ଥିଲେ । ଆଜି ସେ ଦିବଙ୍ଗତ । କିନ୍ତୁ ପ୍ରତିବର୍ଷ ରଥଯାତ୍ରା ଆୟୋଜନ ଦେଖିଲେ ମନେହୁଏ ସତେ ଯେମିତି ସେ ଭକ୍ତଙ୍କ ଗହଣରେ ବାପା ବି ଅଛନ୍ତି । ଶ୍ରୀଜଗନ୍ନାଥଙ୍କ ରଥ ଟାଣିବା ପାଇଁ ସେ ସୂକ୍ଷ୍ମ ଶରୀରରେ ପ୍ରତିବର୍ଷ ଆସୁଛନ୍ତି ।" ସେବେଠାରୁ ଅନବରତ ଭାବେ ଆୟୋଜିତ ହେଉଛି ଘୋଷଯାତ୍ରା । ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ମହାର୍ଘ ବେଳାରେ ମେଘଡମ୍ବରୁର ଗର୍ଜନରେ ଯେତେବେଳେ ମହାପ୍ରଭୁ ରଥାରୂଢ଼ ହେଉଛନ୍ତି, ସେତିକିବେଳେ ସମସ୍ତ ଭକ୍ତ ଉର୍ଦ୍ଧ୍ୱବାହୁ ହୋଇ

ଗୁହାରୀ କରୁଛନ୍ତି ମହାପ୍ରଭୁଙ୍କୁ । ଆସ...ଆସ ପ୍ରଭୁ...ଆମ ମନ ମନ୍ଦିରକୁ ଓହ୍ଲାଇ ଆସ । ଆମକୁ ଦର୍ଶନ ଦିଅ ପ୍ରଭୁ । ଏ ପାତକୀ ପ୍ରାଣକୁ ମୁକ୍ତି ଦିଅ ହେ ମହାବାହୁ ।

ପ୍ରତିବର୍ଷ ଉତ୍କଳ ସାଂସ୍କୃତିକ ସଂଘ ପକ୍ଷରୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିବା ବ୍ୟକ୍ତି ରାଜାଙ୍କ ଦାୟିତ୍ୱ ନିର୍ବାହ କରନ୍ତି ଏବଂ ମହାପ୍ରଭୁଙ୍କ ରଥରେ ଛେରାପହଁରା ନୀତି ସମ୍ପାଦନ କରନ୍ତି । ଏଇଠି ତିନିଟି ରଥ ନିର୍ମାଣ ହୁଏ ନାହିଁ । ଗୋଟିଏ ରଥର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରାଇ ଭକ୍ତମାନେ ରଥରଜ୍ଜୁକୁ ଆନନ୍ଦରେ ଟାଣି ନିଅନ୍ତି । ହରିବୋଲ, ହୁଳହୁଳି ସାଙ୍ଗକୁ ଘଣ୍ଟ, ଘଣ୍ଟା, ମୃଦଙ୍ଗ ଓ କରତାଳର ଧ୍ୱନିରେ ପ୍ରକମ୍ପିତ ହୋଇଉଠେ ରଥପଥ । ସହରର ପ୍ରାୟ ଦଶ କିଲୋମିଟର ଅଞ୍ଚଳରେ ରଥ ଟଣାଯାଏ । କେବଳ ଚଣ୍ଡୀଗଡ଼ ନୁହେଁ, ପଞ୍ଜାବର ମୋହାଲି, ଲୁଧିଆନା, ଜଳନ୍ଧର, ଅମୃତସର, ହରିୟାଣାର ଅମ୍ବାଲା, ପଞ୍ଚକୁଲା, କୁରୁକ୍ଷେତ୍ର, କର୍ଣ୍ଣାଲ ଏବଂ ହିମାଚଳ ପ୍ରଦେଶର ବିଭିନ୍ନ ଅଞ୍ଚଳରୁ ଓଡ଼ିଆ, ଅଣଓଡ଼ିଆ ସମସ୍ତ ଜଗନ୍ନାଥପ୍ରେମୀ ଏହି ରଥଯାତ୍ରାରେ ସାମିଲ ହୁଅନ୍ତି । ବହୁ ସଂଖ୍ୟାରେ ମହିଳା ମହାପ୍ରଭୁଙ୍କ ଏହି ରଥଯାତ୍ରାରେ ଅଂଶ ଗ୍ରହଣ କରନ୍ତି । ରଥ ଟାଣିବା ପାଇଁ ସେମାନଙ୍କୁ ଅଗ୍ରାଧିକାର ଦିଆଯାଏ । ପ୍ରତିବର୍ଷ ରଥଯାତ୍ରା ପାଇଁ ଚଣ୍ଡୀଗଡ଼ ପ୍ରଶାସନ ପକ୍ଷରୁ ଅନୁମତି ଓ ସହଯୋଗ କାମନା କରେ ଉତ୍କଳ ସାଂସ୍କୃତିକ ସଂଘ । ରଥଯାତ୍ରା ସମୟରେ ନିରାପତ୍ତା, ଆଇନଶୃଙ୍ଖଳା ରକ୍ଷା ଏବଂ ରଥପଥ ପରିଚାଳନାରେ ଚଣ୍ଡୀଗଡ଼ ପୋଲିସ ଏବଂ ପ୍ରଶାସନ ସହଯୋଗ କରନ୍ତି । ରଥଯାତ୍ରା ସମେତ ବର୍ଷା ଅନ୍ୟ ସମସ୍ତ ସମୟରେ ଗୌଡ଼ୀୟ ଭକ୍ତ ଏବଂ ଅନ୍ତର୍ଜାତୀୟ କୃଷ୍ଣ ଚେତନା **ISKCON** ସଂଘର ସଦସ୍ୟମାନେ ସ୍ୱେଚ୍ଛାସେବୀ ଭାବରେ ମନ୍ଦିର ଓ ଯାତ୍ରା ପାଇଁ ସମୟ ଓ ଶ୍ରମଦାନ କରନ୍ତି । ରଥଯାତ୍ରା ସମୟରେ ସେମାନଙ୍କ ଉଦଣ୍ଡ କୀର୍ତ୍ତନରେ ରଥପଥ ପ୍ରକମ୍ପିତ ହୁଏ ।



ରଥ ସମ୍ମୁଖରେ ଉତ୍କଳୀୟ ଛତ୍ରୀ, ତରାସ ଦେଖିଲେ ଯେ କେହି କହିବ ଯେ ସତେ ଯେମିତି ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ ଉଠି ଆସିଛି ଚଣ୍ଡୀଗଡ଼କୁ । ପ୍ରତିବର୍ଷ ରଥଯାତ୍ରାରେ ପ୍ରାୟ ଆଠରୁ ଦଶ ହଜାର ଭକ୍ତ ସାମିଲ ହୁଅନ୍ତି । ମନ୍ଦିରରୁ ବାହାରିଥିବା ରଥ, ସମ୍ପୂର୍ଣ୍ଣ ରଥପଥ ଅତିକ୍ରମ କରିବା ପରେ ପୁଣି ଥରେ ସେଇଠାକୁ ହିଁ ପ୍ରତ୍ୟାବର୍ତ୍ତନ କରେ । ମୁଖ୍ୟ ମନ୍ଦିରର ପଛପାର୍ଶ୍ୱରେ ଥିବା ଏକ କୋଠରୀକୁ ଗୁଣ୍ଡିଚା ମନ୍ଦିର ବା ଆଡ଼ପ ମଣ୍ଡପର ମାନ୍ୟତା ଦିଆ ଯାଇଛି । ମହାପ୍ରଭୁଙ୍କୁ ବାହୁଡ଼ା ଯାଏଁ ସେଇଠାରେ ହିଁ ରଖାଯାଏ ଏବଂ ସମସ୍ତ ନୀତିକାନ୍ତ ସମ୍ପାଦନ କରାଯାଏ ।

ଦୂରଦୂରାନ୍ତରରୁ ଆସି ରଥଯାତ୍ରାରେ ସାମିଲ ହୋଇଥିବା ଭକ୍ତମାନଙ୍କ ପାଇଁ ମନ୍ଦିର ପରିସରରେ ଅପେକ୍ଷା କରି ରହିଥାଏ ମହାପ୍ରସାଦ । ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଏ । କେବଳ ଶ୍ରୀଗୁଣ୍ଡିଚା ନୁହେଁ, ରଥଯାତ୍ରାରୁ ନୀଳାଦ୍ରିବିଜେ ଯାଏଁ, ପ୍ରତିଦିନ ଭକ୍ତଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରୁଛି ଉତ୍କଳ ସାଂସ୍କୃତିକ ସଂଘ । ଏହି ନବଦିନାତ୍ମକ ଯାତ୍ରା ସମୟରେ ପ୍ରତିଦିନ ସନ୍ଧ୍ୟାରେ ମନ୍ଦିର ପରିସରରେ ଆୟୋଜିତ ହୁଏ ଭଜନ ସନ୍ଧ୍ୟା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପ୍ରବଚନ । ଏଥିରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଅତି ଆଗ୍ରହର ସହ ସାମିଲ ହୁଅନ୍ତି । ଯଦି କୌଣସି ଭକ୍ତ ମନ୍ଦିର ପରିସରରେ ରହିବାକୁ ଚାହାନ୍ତି, ସେଥିପାଇଁ ମନ୍ଦିରର ଅତିଥିଗୃହ ବି ରହିଛି । ଏହା ବ୍ୟତୀତ, ଦୈନନ୍ଦିନ ଆବଶ୍ୟକତା ପାଇଁ ମନ୍ଦିରର ନିଜସ୍ୱ ରୋଷଶାଳା ଏବଂ ଭୋଜନାଳୟ ରହିଛି । ରଥଯାତ୍ରା ପରିଚାଳନା ପାଇଁ ପ୍ରତିବର୍ଷ ଉତ୍କଳ ସାଂସ୍କୃତିକ ସଂଘକୁ ପ୍ରାୟ ଦଶ ଲକ୍ଷ ଟଙ୍କା ଆବଶ୍ୟକ ପଡ଼େ । ଭକ୍ତଙ୍କ ଅନୁଦାନରେ ହିଁ ଏହା ସମ୍ପନ୍ନ ହୁଏ । ଆଉ ମନ କହେ, "ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ । / ଗୃହାଣ ସମ୍ମୁଖୋ ଭୂତ୍ୱା ପ୍ରସୀଦ ପରମେଶ୍ୱର ।"



ହେ ପ୍ରଭୁ...ତୁମରି ପ୍ରଦତ୍ତ ସବୁ କିଛି ତୁମକୁ ହିଁ ସମର୍ପଣ କରୁଛୁ । ତେଣୁ ତୁମ ସମ୍ମୁଖରେ ଯାହା ବି ଅଛି, ତାକୁ ସପ୍ରସନ୍ନ ଗ୍ରହଣ କର ପ୍ରଭୁ । ...ହେ ଭୁବନକଲ୍ୟାଣ ଏ ବିଶ୍ୱର କଲ୍ୟାଣ କର । ଜୟ ଜଗନ୍ନାଥ ।




For Trade Enquiries :- 7325916233

ପ୍ରସଙ୍ଗ - ୮

# ଦିଲ୍ଲୀ ମହାନଗରରେ





ମହାବାହୁ

# ହାଉସ୍‌ଖାସ୍ ଜଗନ୍ନାଥ ମନ୍ଦିର


## ଶବନମ୍ ଆଦେନୀ

ଆର୍-୪୧, ଖିରକି ଏକ୍ସଟେନ୍‌ସନ୍, ମାଲବୀୟ ନଗର, ସାଉଥ୍ ଦିଲ୍ଲୀ, ଦିଲ୍ଲୀ-୧୧୦୦୧୭
ଫୋନ: ୯୫୯୯୨୨୮୭୮୯

ଫଟୋ ସୌଜନ୍ୟ : ଲେଖିକା




## ଦିଲ୍ଲୀରେ ପ୍ରତିଷ୍ଠିତ ପ୍ରଥମ ଏବଂ ପୁରାତନ ମନ୍ଦିର

ସେ ଜଗତର ନାଥ ଜଗନ୍ନାଥ । ଓଡ଼ିଶାର ଏକାଧିପତି ମହାରାଜା । ପ୍ରତି ଓଡ଼ିଆର ମଉଡ଼ମଣି । ଆରାଧ୍ୟ ଦେବତା । ସବୁ ଲୀଳାର ସୂତ୍ରଧର ସେ । ତା ଇଙ୍ଗିତରେ ଏ ସୃଷ୍ଟି ଚାଲେ । ସେ ଭାବର ଠାକୁର ଭକ୍ତ ପ୍ରେମରେ ବନ୍ଧା । ତା ରୂପ, ତା କଥା ବିଷୟରେ ଯେତେ ବଖାଣିଲେ ବି କମ୍ । ଆଜି ବିଶ୍ୱର ପ୍ରାୟ ସବୁ ସହରରେ ମହାପ୍ରଭୁ ଜଗନ୍ନାଥଙ୍କର ମନ୍ଦିର ଦେଖିବାକୁ ମିଳେ । ଭକ୍ତ ଯୋଉଠି ଠାକୁର ସେଇଠି । ଏହା ତାର ହିଁ ଲୀଳା । ତାର ହିଁ ଇଚ୍ଛାରେ, ଦିଲ୍ଲୀ ଭଳି ସ୍ଥାନରେ ତା ଭବ୍ୟ ମନ୍ଦିର ଗଢ଼ି ଉଠିଛି ଅବିକଳ ପୁରୀ ମନ୍ଦିର ଢାଞ୍ଚାରେ । ୧୯୬୭ ମସିହାରେ ଦିଲ୍ଲୀର ହାଉସ୍‌ଖାସ୍‌ରେ ପ୍ରତିଷ୍ଠା ହୋଇଥିଲା ପ୍ରଥମ ଜଗନ୍ନାଥ ମନ୍ଦିର । ଶ୍ରୀ ନୀଳାଚଳ ସେବା ସଂଘ ତରଫରୁ ଏଠାରେ ରଥଯାତ୍ରା ଅୟୋଜିତ କରାଯାଉଛି । ଏଇଠି ମାଉସି ମା, ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହିତ ପୂଜା ପାଉଛନ୍ତି ଜଗତ ଉଦ୍ଧାରକର୍ତ୍ତା । ତା ସହିତ ଲକ୍ଷ ଲକ୍ଷ ଓଡ଼ିଆ ଯୋଉମାନେ ଦିଲ୍ଲୀରେ ରହୁଛନ୍ତି ସେମାନଙ୍କ ପାଇଁ ଉପାସନା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଓଡ଼ିଶାକୁ ଅନୁଭବ କରିବାର ପେଣ୍ଠସ୍ଥଳି ପାଲଟିଛି ହାଉସ୍‌ଖାସ୍ ଜଗନ୍ନାଥ ମନ୍ଦିର । ୧୯୭୯ରେ ପ୍ରଥମଥର ଏଠାରେ ରଥଯାତ୍ରା ଆରମ୍ଭ ହୋଇଥିଲା । ସେହିବର୍ଷରୁ ୪୫ ବର୍ଷ ହେଲାଣି ଏଠାରେ ସମସ୍ତ ରୀତିନୀତି, ଏବଂ ପରମ୍ପରା ଅନୁସାରେ ମହାପ୍ରଭୁଙ୍କର ରଥଯାତ୍ରା ଏବଂ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେଇ ଆସୁଛି । ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବାକୁ ଦିଲ୍ଲୀ ଏବଂ ଦିଲ୍ଲୀ ବାହାରୁ ମଧ୍ୟ ଏଠାକୁ ଆସିଥାନ୍ତି ।

## ମନ୍ଦିରର ଅବସ୍ଥିତି

ରାଜଧାନୀ ଦିଲ୍ଲୀ । ତା ଦକ୍ଷିଣରେ ରହିଛି ହାଉସ୍‌ଖାସ୍ ଅଂଚଳ । ଏଇଠି ରହିଛି ମହାପ୍ରଭୁ ଜଗନ୍ନାଥଙ୍କର ମନ୍ଦିର । ୧୯୬୯ ମସିହାରେ ଦିଲ୍ଲୀ ବିକାଶ ପ୍ରାଧିକରଣର ସହଯୋଗ କ୍ରମେ ଶ୍ରୀ ନୀଳାଚଳ ସେବା ସଂଘ ହାଉସ୍‌ଖାସ୍‌ରେ ଜମି ନେଇଥିଲା । ତା ପରେ ଏଠାରେ ମନ୍ଦିର ନିର୍ମାଣ କାମ ଆରମ୍ଭ ହୋଇଥିଲା । ଯାହା ପରବର୍ତ୍ତୀ ସମୟରେ ହାଉସ୍‌ଖାସ୍ ଜଗନ୍ନାଥ ମନ୍ଦିର ଭାବେ ଦିଲ୍ଲୀରେ ପ୍ରସିଦ୍ଧ ହୋଇଛି । ଶ୍ରୀ ନୀଳାଚଳ ସେବା ସମତି ତରଫରୁ ଆଜି ବି ଏହାର ପରିଚାଳନା ଦାୟିତ୍ୱ ତୁଲାଯାଉଛି । ମୁଗୁନି ପଥର ପରି ଚକ୍ ଚକ୍ ଧଳା ଏ ମନ୍ଦିର, ସୂର୍ଯ୍ୟର ପ୍ରଥମ କିରଣରେ ହୀରା ପରି ଚମକି ଉଠେ । ଠିକ୍ ନୀଳଚକ୍ର ବାନା ପରି ହାଉସ୍‌ଖାସ୍ ଜଗନ୍ନାଥ ମନ୍ଦିରର ମୁଣ୍ଡିରେ ସୁଉଚ୍ଚ ବାନାକୁ ଦୂରରୁ ଦେଖିବାକୁ ମିଳେ । ଉପର ମହଲାରେ ମହାବାହୁ ପୂଜା ପାଉଥିବା ବେଳେ ତଳ ମହଲାରେ ମାଉସି ମାଆଙ୍କ ମନ୍ଦିର ରହିଛି । ବାଇଶି ପାହାଚ ପରି ଏଠାରେ ମଧ୍ୟ ବାଇଶି ପାହାଚ ରହିଛି । ଏବଂ ମନ୍ଦିର ବାହାରେ ଦ୍ୱାରରେ ଜଗିଛନ୍ତି ଦୁଇଟି ବଡ଼ବଡ଼ ସିଂହ । ପ୍ରବେଶ ଦ୍ୱାରରେ ଗଣେଷ ଏବଂ ଶିବଙ୍କ ଛୋଟିଆ ମନ୍ଦିର ଥିବା ବେଳେ ଉପର ଭାଗରେ ଜଗନ୍ନାଥଙ୍କ ମନ୍ଦିର ବେଢ଼ାରେ ମହାଲକ୍ଷ୍ମୀଙ୍କ ମନ୍ଦିର, ତା ପାଖରେ ଅବସ୍ଥିତ ତାରିଣୀ ମାତା ମନ୍ଦିର । ମୋଟା ମୋଟି ଦେଖିଲେ ଏହା ଅବିକଳ ପୁରୀ ବଡ଼ ଦେଉଳ ପରି ଦେଖାଯାଏ । ମନ୍ଦିର ପରିସରରେ ଛୋଟ ଉଦ୍ୟାନ ମଧ୍ୟ କରାଯାଇଛି ଯୋଉଠି ଜଗନ୍ନାଥଙ୍କର ପ୍ରିୟ ତୁଳସୀ ଗଛ ସହିତ ବିଭିନ୍ନ ପ୍ରକାର ଫୁଲ, କଦଳି ଗଛ ଆମ୍ବ ଗଛ ଲଗାଯାଇଛି । ଏହାର ବାସ୍ତୁ କଳା ଏବଂ ପାରିପାର୍ଶ୍ୱିକ



◄ ଲେଖିକା ଶବନମ୍ ଆଦେନୀ

ବାତାବରଣ ମଧ୍ୟ ଠିକ୍ ବଡ଼ଦାଣ୍ଡ ପରି । ଯେପରି ଜଗନ୍ନାଥ ମନ୍ଦିର ଆଗରେ ବଡ଼ଦାଣ୍ଡ ରହିଛି ହାଉସ୍‌ଖାସ୍ ମୁଖ୍ୟ ଦ୍ୱାର ଆଗରେ ପ୍ରଶସ୍ତ ରାସ୍ତା ରହିଛି । ଚତୁର୍ଦ୍ଧାମୂର୍ତ୍ତୀଙ୍କ ଆଗରେ ମନ୍ଦିରକୁ ଯେପରି ସମୁଦ୍ର ରହିଛି ଏଇଠି ମଧ୍ୟ ମନ୍ଦିର ନିକଟରେ ଦିଲ୍ଲୀର ପୁରୁଣା ହ୍ରଦ ରହିଛି । ଯେପରି ପୁରୀ ବଡ଼ ଦେଉଳ ନିକଟରେ ଜଙ୍ଗଲ ଦେଖିବାକୁ ମିଳେ ଠିକ୍ ସେହିପରି ହାଉସ୍‌ଖାସ୍ ଜଗନ୍ନାଥ ମନ୍ଦିରକୁ ଲାଗି ବିରାଟ ହରିଣ ଉଦ୍ୟାନ ଏବଂ ଏକର ଏକର ଜଙ୍ଗଲ ଦେଖିବାକୁ ମିଳେ ।



ମନ୍ଦିର ପରସରକୁ ଦେଖିଲେ ବଡ଼ଦେଉଳ ପରି ଅନୁଭବ କରିହୁଏ । ମହାନଗରର ଭିଡ଼ ଭିତରେ ଏପରି ଶାନ୍ତ, ଆଧ୍ୟାତ୍ମିକ ବାତାବରଣ ଦେଖଣାହାରି ଏବଂ ଶ୍ରଦ୍ଧାଳୁ ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇଯିବା ବଡ଼ କଥା ନୁହେଁ ।

## ମନ୍ଦିର ପ୍ରତିଷ୍ଠା ପଛର ନିଷ୍ପତ୍ତି

ଦିଲ୍ଲୀରେ ମନ୍ଦିର ପ୍ରତିଷ୍ଠାର ଲୀଳା ବି ସେଇ ଠାକୁରଙ୍କର ଇଚ୍ଛା । ଦେଖିବାକୁ ଗଲେ ୧୯୬୦ ମସିହାରେ ଜଗନ୍ନାଥ ମନ୍ଦିର ତିଆରି କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଦୁର୍ଯୋଧନ ପ୍ରଧାନ ଏବଂ ତାଙ୍କର ଦାଦା ଭ୍ରମରବର ପ୍ରଧାନ । ଦୁର୍ଯ୍ୟୋଧନ ପ୍ରଧାନଙ୍କ ସୁପୁତ୍ର ରବି ପ୍ରଧାନ ଯିଏ ବର୍ତ୍ତମାନ ଶ୍ରୀନୀଳାଚଳ ସେବା ସଂଘର ସଭାପତି ଭାବେ ଠାକରଙ୍କ ସେବା କରୁଛନ୍ତି, ସେ କୁହନ୍ତି, "ସେତେବେଳେ ଦିଲ୍ଲୀରେ ରହୁଥିବା କିଛି ବିଶିଷ୍ଟ ବ୍ୟକ୍ତିଙ୍କ ଭିତରେ ପ୍ରଧାନ ପରିବାର ଥିଲେ ଅନ୍ୟତମ । ସେମାନେ ହାଉସ୍‌ଖାସ୍ ଅଂଚଳରେ ନିଜ ପରିବାର ସହ ରହୁଥିଲେ । ଦିନେ ବାଣପୁରରୁ କିଛି ଲୋକ ଦୁର୍ଯ୍ୟୋଧନ ପ୍ରଧାନଙ୍କ ଘରେ ପହଁଚିଥିଲେ । ସେମାନଙ୍କ ହାତରେ ଠାକୁରଙ୍କ ପ୍ରତିମା, ମୁହଁରେ ଚିନ୍ତା ଥିଲା । ବ୍ୟସ୍ତ ବିବ୍ରତ ହୋଇ ନେହୁରା ହୋଇ କହିଥିଲେ ବାବୁ ଜଗନ୍ନାଥଙ୍କୁ ରଖନ୍ତୁ ଏବଂ ଆମକୁ କିଛି ଟଙ୍କା ଦିଅନ୍ତୁ । ବାଣପୁର ଯିବା ପାଇଁ ଦିଲ୍ଲୀ ଷ୍ଟେସନରେ ଅପେକ୍ଷା କରିବା ସମୟରେ ଆମ ଜିନିଷ ପତ୍ର ଟଙ୍କା ପଇସା, ଆସବାବ ପତ୍ର ସବୁ ଚୋରି ହୋଇଯାଇଛି । ଫେରିବା ପାଇଁ ଟଙ୍କାଟିଏ ନାହିଁ ଯାହା ସମ୍ବଳ ଏଇ କାଳିଆ ଠାକୁର । ଆପଣ ଯାଙ୍କୁ ରଖି ଆଉ କିଛି ଟଙ୍କା ଦେଲେ ଆମେ ଆମ ଗାଁକୁ ଯାଇପାରିବୁ ।"

ଏପରି କଥା ଶୁଣି ଯଦିଓ ପ୍ରଧାନ ପରିବାର ଠାକୁରଙ୍କୁ ରଖିବାକୁ ମନା କରି ଦେଇଥିଲେ ଏବଂ ସେମାନଙ୍କର ଖାଇବା ଏବଂ ଓଡ଼ିଶାକୁ ଫେରିବା ପାଇଁ ସମସ୍ତ ବନ୍ଦୋବସ୍ତ କରିଦେଇଥିଲେ । ଯିବା ବେଳେ ଜଗନ୍ନାଥଙ୍କୁ ଦୁର୍ଯ୍ୟୋଧନଙ୍କ ଘରେ ହିଁ ଛାଡ଼ି ଯାଇଥିଲେ ସେ ଲୋକମାନେ ।

ଏହି ଘଟଣା ତାଙ୍କୁ ଆନ୍ଦୋଳିତ କରିଥିଲା ଏବଂ ଏପରି  ଲୋକଙ୍କୁ ସାହାଯ୍ୟ ଏବଂ ସେବା ଯୋଗାଇ ଦେବାର ଇଚ୍ଛା ତାଙ୍କ ମନକୁ ଆସିଥିଲା । ମନ୍ଦିର କରିବା ପାଇଁ ଏ ଇଚ୍ଛାର ସଂଚାର ମଧ୍ୟ ଠାକୁରଙ୍କର ଲୀଳା । ସେଇଠୁ ଦିଲ୍ଲୀରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରି ଏହାକୁ ମାନବସେବା ପାଇଁ ସମର୍ପିତ କରିବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଥିଲା । ମନ୍ଦିର ନିର୍ମାଣରେ ଅନେକ ବାଧା ବିଘ୍ନ ଆସିଥିଲା କିନ୍ତୁ ମନ୍ଦିର କାମ ଅଟକିନଥିଲା । ଅନେକଙ୍କ ପ୍ରୟାସ, ଇଚ୍ଛା ଶକ୍ତି ଏବଂ ଠାକୁରଙ୍କ ଆଶୀର୍ବାଦରୁ ଧୀରେ ଧୀରେ ମନ୍ଦିର କାମ ଆରମ୍ଭ ହେଲା । ତାପରେ ଦୁର୍ଯ୍ୟୋଧନ ପ୍ରଧାନ, ଭ୍ରମରବର ପ୍ରଧାନ ଏବଂ କଳାହାଣ୍ଡି ମହରାଜା ପ୍ରତାପ କେଶରୀ ଦେଓ ଏବଂ ଅନ୍ୟ କିଛି ବିଶିଷ୍ଟ ବ୍ୟକ୍ତି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କାର୍ଯ୍ୟାରମ୍ଭ କରିଥିଲେ । ଆଜି ମଧ୍ୟ ମାଉସୀ ମା ମନ୍ଦିରରେ ଜଗନ୍ନାଥଙ୍କ ସେ ପ୍ରତିମା ରହିଛି ଏବଂ ପୂଜା ପାଉଛି ।

ମନ୍ଦିର ନିର୍ମାଣ ପାଇଁ ପ୍ରଥମେ ଗୋଟେ ଟ୍ରଷ୍ଟର ଆବଶ୍ୟକତା ଥିଲା । ତେଣୁ ୧୯୬୭ ମସିହା ଅକ୍ଷୟ ତୃତୀୟା ଦିନ ଶ୍ରୀ ନୀଳାଚଳ ସେବା ସଂଘ ଟ୍ରଷ୍ଟ ରେଜିଷ୍ଟ୍ରେସନ୍ ହୋଇଥିଲା । ତାପରେ ଆରମ୍ଭ ହେଲା ମନ୍ଦିର ପାଇଁ ଜମିଖୋଜା । ମିଭିନ୍ନ ଜାଗା ଦେଖିବା ପରେ ଶେଷରେ ହାଉସ୍‌ଖାସ୍‌ର ଜମିକୁ ମନ୍ଦିର ନିର୍ମାଣ ପାଇଁ ବଛା ଯାଇଥିଲା । ସେତେବେଳର ସାଂସଦ ଆର୍‌ଏନ୍ ସିଂଦେଓ ଏବଂ ଦିଲ୍ଲୀର ସେତେବେଳର ଏଲ୍‌ଟି ଗଭର୍ଣ୍ଣର ଏଲ୍. ଏନ୍. ଝା ଏବଂ ଦିଲ୍ଲୀ ବିକାଶ ପ୍ରାଧୀକରଣ ସହଯୋଗରେ ହାଉସ୍‌ଖାସ୍‌ର ଏହି ଜମି କିଣା ଯାଇଥିଲା ।

## ନିର୍ମାଣ କାର୍ଯ୍ୟ

ଭୂତଳକୁ ମିଶାଇ ଏହି ମନ୍ଦିର ୩ତଳ ବିଶିଷ୍ଟ । ପ୍ରଥମ ତଳରେ ବା ଫାଷ୍ଟ ଫ୍ଲୋର୍‌ରେ ମାଉସୀ ମା ମନ୍ଦିର ଅବସ୍ଥିତ । ଯାହାର ଆଗରେ ଏକ ଖୋଲା ଜାଗା ବା ହଲ୍ ରହିଛି ଯେଉଁଠି ପ୍ରସାଦ ସେବନ ହୋଇଥାଏ । ପଛପଟେ ଅଛି ମନ୍ଦିରର ରୋଷଶାଳ । ତାକୁ ଲାଗି ବଗିଚା ଏବଂ ତା ପାଖକୁ ଯାତ୍ରୀ ରହିବା ପାଇଁ ଡରମିଟୋରିର ବ୍ୟବସ୍ଥା ରହିଛି ।

ଭୂତଳ ଭାଗରେ ବିବାହ, ବ୍ରତ ଏବଂ ବିଭିନ୍ନ ସମ୍ମିଳନୀ ପାଇଁ ହଲ୍ ତିଆରି କରା ଯାଇଛି । ଯାହା ଫଳରେ ଦିଲ୍ଲୀରେ ଥିବା ଓଡ଼ିଆ ଗୋଟିଏ ଜାଗାରେ ଏକତ୍ରିତ ହୋଇ ବିଭିନ୍ନ ପର୍ବପର୍ବାଣି, ବିବାହ, ବ୍ରତ ପାଳନ କରନ୍ତି । ଆଉ ଏଇଠି ସମସ୍ତଙ୍କ ଭେଟଘାଟ ମଧ୍ୟ ହୋଇଯାଏ । ଏହାକୁ ମିନି ଓଡ଼ିଶା କହିଲେ ବି ଅତ୍ୟୁକ୍ତି ହେବ ନାହିଁ ।

ଏହାର ଉପର ଭାଗ ବା ୨ୟ ତଳ ବା ଦ୍ୱିତୀୟ ଫ୍ଲୋର୍‌ରେ ରହିଛି ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ମୁଖ୍ୟ ମନ୍ଦିର । ଲକ୍ଷ୍ମୀଙ୍କର ଏବଂ ନାରାୟଣିଙ୍କ ମନ୍ଦିର । ଏଇଠି ହିଁ ହୋଇଥାଏ ଠାକୁରଙ୍କ ପୂଜାର୍ଚ୍ଚନା ।

ମନ୍ଦିର ନିର୍ମାଣ କାର୍ଯ୍ୟ ୧୯୬୭ରୁ ହିଁ ଆରମ୍ଭ ହୋଇଥିଲା । ପ୍ରଥମେ ତଳ ଭାଗର କାମ ଆରମ୍ଭ ହୋଇଥିଲା । ଯାହାକୁ ସଂପୂର୍ଣ୍ଣ ହେବା ପାଇଁ ୫ ବର୍ଷ ଲାଗିଥିଲା । ତାପରେ ପ୍ରଥମ ତଳ ବା ଫାଷ୍ଟଫ୍ଲୋର୍‌ର କାମ ୧୯୭୧ରେ ସଂପୂର୍ଣ୍ଣ ହୋଇଥିଲା । ଦ୍ୱିତୀୟ ତଳ ବା ମୁଖ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ସଂପନ୍ନ ହେବା ପର୍ଯ୍ୟନ୍ତ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ମାଉସୀ ମା ମନ୍ଦିରରେ ହେଉଥିଲା ।

ଜଗନ୍ନାଥଙ୍କ ମୁଖ୍ୟମନ୍ଦିର ୨ୟ ତଳରେ ସଂପୂର୍ଣ୍ଣ ଭାବେ ତିଆରି ହେବାକୁ ୮ ବର୍ଷ ସମୟ ଲାଗିଥିଲା । ୧୯୭୧ରେ ଆରମ୍ଭ ହୋଇ ୧୯୭୮ରେ ଉପର ମହଲାରେ ଠାକୁରଙ୍କର ମୁଖ୍ୟ  ମନ୍ଦିର ନିର୍ମାଣ ଶେଷ ହୋଇଥିଲା ଏବଂ ଜନ୍ନାଥଙ୍କର ପ୍ରାଣ ପ୍ରତିଷ୍ଠା କରାଯାଇଥିଲା ।

ହାଉସ୍‌ଖାସ୍ ଜଗନ୍ନାଥ ମନ୍ଦିରର ସ୍ଥାପତ୍ୟ ଅବିକଳ ପୁରୀ ଜଗନ୍ନାଥ ମନ୍ଦିର ଭଳି କରାଯାଇଛି । ଏହାର ସ୍ଥାପତ୍ୟ ନିର୍ମାଣ କାମ କରିଥିଲେ ପ୍ରଧାନ ଏବଂ ଉତ୍ପଲ୍ ଘୋଷ କମ୍ପାନୀ ।



ଦୁର୍ଯୋଧନ ପ୍ରଧାନଙ୍କ ପୁତ୍ର ରବି ପ୍ରଧାନ ଯିଏ ବର୍ତ୍ତମାନ ଶ୍ରୀ ନୀଳାଚଳ ସେବା ସଂଘର ସଭାପତି ରୂପେ କାର୍ଯ୍ୟ କରୁଛନ୍ତି, ସେ କୁହନ୍ତି, "୧୯୬୭ ମସିହାରେ ଯେତେବେଳେ ତାଙ୍କ ବାପାଙ୍କ ପାଖକୁ ପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ଆସିଥିଲା ସେତେବେଳେ ମୂର୍ତ୍ତିକୁ ଘରେ ଥିବା ପୂଜା ଘରେ ରଖା ଯାଇଥିଲା । କିନ୍ତୁ ଚଳନ୍ତି ଠାକୁରଙ୍କୁ ଘରେ ପୂଜାର୍ଚ୍ଚନା କରିବା ସମ୍ଭବ ହୋଇ ପାରୁ ନଥିଲା । ପ୍ରତିମାର ଏତେ ତେଜ ଥିଲା ଏବଂ ଅଲୌକିକ ଶକ୍ତି ଥିଲା ଯେ ଠାକୁରଙ୍କ ପୂଜାଘରେ ରଖିବା ଗୋଟେ ପ୍ରକାର ଅସମ୍ଭବ ହୋଇଯାଇଥିଲା । ତେଣୁ ନିର୍ଣ୍ଣୟ କରାଗଲା ଯେ ଏହାକୁ ଜଣେ ପୂଜକଙ୍କୁ ଦିଆଯିବ ଯାହା ଦ୍ୱାରା ଜଗନ୍ନାଥଙ୍କ ପୂଜାର୍ଚ୍ଚନା ଉପଯୁକ୍ତ ପ୍ରଣାଳିରେ ହୋଇ ପାରିବ । କିନ୍ତୁ ସେ ମଧ୍ୟ ଠାକୁରଙ୍କ ଅଲୌକିକ ଅନୁଭବରୁ ବର୍ତ୍ତି ପାରି ନଥିଲେ । ଶେଷରେ ନିଷ୍ପତ୍ତି ନିଆଗଲା ଯେ, ଠାକୁରଙ୍କୁ ମନ୍ଦିର ପାଇଁ ନିଆ ଯାଇଥିବା ଜମିର ବଗିଚାରେ ରଖାଯିବ ଏବଂ ପୂଜାର୍ଚ୍ଚନା କରାଯିବ । ସେଇଆ ହିଁ ହେଲା । ମନୁଆ ଠାକୁର ନିଜେ ଯୋଉଠି ରହିବାକୁ ଚାହୁଁଥିଲେ ସେଇଠିକୁ ଆସିଲେ ଆଉ ସେହି ଦିନଠାରୁ ମନ୍ଦିର ସଂପୂର୍ଣ୍ଣ ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ପାଖାପାଖି ୧୨ବର୍ଷ ସେହି ବଗିଚାରେ ପୂଜା ପାଇଲେ । ସେତେବେଳେ ଠାକୁରଙ୍କ ପାଖରେ ବିଭିନ୍ନ ଫଳ ଏବଂ କିସ୍‌ମିସ୍ ଭୋଗ ଲଗା ଯାଉଥିଲା ।

ପୁରୀରେ ମୁକ୍ତିମଣ୍ଡପକୁ ଅନୁକରଣ କରାଯାଇ ଜଗନ୍ନାଥ, ସୁଭଦ୍ରା ଏବଂ ବଳଭଦ୍ରଙ୍କ ଠାକୁରଙ୍କ ପ୍ରତିମା ତିଆରି ହୋଇଥିଲା । ଯାହାକୁ ସଦାଶିବ ରଥ ଶର୍ମା, ପୁରୀ ମହରାଜା ଏବଂ କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓ, ଭ୍ରମରବର ପ୍ରଧାନ ଏବଂ ଦୁର୍ଯ୍ୟୋଧନ ପ୍ରଧାନ ସମସ୍ତ ରୀତିନୀତି ଏବଂ ନିୟମ ଅନୁସାରେ ପୁରୀରୁ ଦିଲ୍ଲୀ ଆଣିଥିଲେ ଏବଂ ୧୯୭୯ ମସିହା ସରସ୍ୱତୀ ପୂଜା ଦିନ ମନ୍ଦିରରେ ଚତୁର୍ଧାମୂର୍ତ୍ତିଙ୍କର ପ୍ରାଣ ପ୍ରତିଷ୍ଠା କରାଯାଇଥିଲା ।

ପ୍ରାଣ ପ୍ରତିଷ୍ଠା ଦିନ ପୁରୀ ଗଜପତି ମହାରାଜା, କଳାହାଣ୍ଡି ମହାରାଜ, ସଦାଶିବ ରଥ ଶର୍ମାଙ୍କ ସମେତ ଦିଲ୍ଲୀ ଏବଂ ଓଡ଼ିଶାର ଅନେକ ବିଶିଷ୍ଟ ବ୍ୟକ୍ତି ଏହି ଉତ୍ସବରେ ଉପସ୍ଥିତ ହୋଇଥିଲେ ।

ଏପରି ଭାବେ ଅନେକଙ୍କ ଉଦ୍ୟମ ଏବଂ ପ୍ରଚେଷ୍ଟାର ଫଳ ସ୍ୱରୂପ ଦିଲ୍ଲୀରେ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ହୋଇ ପାରିଲା ଏବଂ ସେହି ବର୍ଷରୁ ଜଗନ୍ନାଥଙ୍କ ରଥଯାତ୍ରା ସହ ବାହୁଡ଼ା ଯାତ୍ରା ଦିଲ୍ଲୀରେ ପାଳନ ହୋଇ ଆସୁଛି । ଏଠାରେ ରଥ ଯାତ୍ରା ଆରମ୍ଭ ହେବା ସମୟରେ କେବଳ ଆନୁମାନିକ ୫୦୦୦ ଭକ୍ତ ଆସୁଥିଲେ, ଆଜି କିନ୍ତୁ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଲୋକ ଠାକୁରଙ୍କ ଦର୍ଶନ ପାଇଁ ଏଠାକୁ ଆସନ୍ତି । ହାଉସ୍‌ଖାସ୍ ଅଂଚଳରେ ମେଳା ଲାଗିଯାଏ । ଯଦିଓ କରୋନା ପାଇଁ ଦୁଇବର୍ଷ ରଥଯାତ୍ରା ନିରାଡ଼ମ୍ବର ଭାବେ ହୋଇପାରି ନଥିଲା କିନ୍ତୁ ପରମ୍ପରାକୁ ବଜାୟ ରଖିବା ପାଇଁ କରୋନା ମହାମାରୀ ସମୟରେ ସମସ୍ତ ନିୟମ ମାନି ସାଙ୍କେତିକ ଭାବେ ରଥଯାତ୍ରା ବିନା ଭକ୍ତରେ ଅନୁଷ୍ଠିତ ହୋଇଥିଲା । ଏବେ ଯେତେବେଳେ କରୋନା ମହାମାରୀର ପ୍ରକୋପ କମି ଯାଇଛି ପୁଣିଥରେ ଭକ୍ତଙ୍କ ଭିତରେ ରଥଯାତ୍ରା ଅନୁଷ୍ଠିତ ହୋଇଛି ।

## ଅନ୍ନପ୍ରସାଦ ଏବଂ ରହଣି

୧୯୬୯ ମସିହାରୁ ଶ୍ରୀ ନୀଳାଚଳ ସେବା ସଂଘ ମନ୍ଦିରର ପରିଚାଳନା ଦାୟିତ୍ୱ ନିର୍ବାହ କରୁଛି । ମନ୍ଦିରରେ ପ୍ରତିଦିନ ମହାପ୍ରସାଦ ଲାଗି ହୁଏ । ଏହି ମହାପ୍ରସାଦ ମଧ୍ୟ ଅନୁରୂପ ପୁରୀ ଜଗନ୍ନାଥ ମନ୍ଦିରର ପ୍ରସାଦ ପରି । ଏଠାରେ ସକାଳୁ ରାତି ପର୍ଯ୍ୟନ୍ତ ସମସ୍ତ ନୀତିନିୟମ ଅବିକଳ ପୁରୀ ଜଗନ୍ନାଥ ମନ୍ଦିର ପରି ହୋଇଥାଏ । ପ୍ରତିଦିନ ୮୦୦ରୁ ଅଧିକ ଭକ୍ତ ଏଠାରେ ମହାପ୍ରସାଦ ସେବନ କରିଥାନ୍ତି । ଅରୁଆ ଅନ୍ନ, ଡାଲମା, ଖଟା, ଶାଗ, ବେସର, ଖିରି, ପ୍ରସାଦ ସେବନ କରିଥାନ୍ତି । ତା ସହିତ ବିଭିନ୍ନ ପୂଜା, ପର୍ବପର୍ବାଣୀ, ବାହାଘର, ନିର୍ବନ୍ଧ, ଜନ୍ମଦିନ ଏବଂ ଅନ୍ୟ ସମାରୋହ ସମୟରେ ମଧ୍ୟ ଶୁଦ୍ଧ ଅନ୍ନ ପ୍ରସ୍ତୁତ ହୋଇଥାଏ । ପୁରୀରେ ଜଗନ୍ନାଥଙ୍କ ପ୍ରସାଦ ପାଇଁ ବ୍ୟବହାର ହେଉଥିବା ପନିପରିବାରେ ହିଁ ହାଉସ୍‌ଖାସ୍ ଜଗନ୍ନାଥ ମନ୍ଦିରର ପ୍ରସାଦ ପ୍ରସ୍ତୁତ ହୋଇଥାଏ । ଏ ମନ୍ଦିରକୁ ସବୁଦିନ କେବଳ ଓଡ଼ିଆ ନୁହନ୍ତି ଅଣ ଓଡ଼ିଆ ହଜାର ହଜାର ଶ୍ରଦ୍ଧାଳୁ ଆସନ୍ତି ।

୧୯୭୯ ମସିହାରୁ ହିଁ ପ୍ରସାଦ ତିଆରି ଆରମ୍ଭ ହୋଇଥିଲା । ଯିଏ ଖାଇବ ଏବଂ ଅର୍ଡ଼ର ଦେବ ସେମାନଙ୍କ ପାଇଁ ପ୍ରସାଦ ତିଆରି ହେଉଥିଲା । ସେତେବେଳେ ଅନ୍ନ ପ୍ରସାଦ ୨୦ଟଙ୍କାରେ ଉପଲବ୍ଧ ହେଉଥିଲା ।

## ରହିବା ବ୍ୟବସ୍ଥା

ସେ ସମୟରେ ଦିଲ୍ଲୀକୁ ଓଡ଼ିଶାରୁ ବିଭିନ୍ନ କାମ ଏବଂ ଚିକିତ୍ସା ପାଇଁ ଅନେକ



ବ୍ୟକ୍ତି ଆସୁଥିଲେ । ଯାହା ପାଖେ ଟଙ୍କା ଥିଲା ସେମାନେ ଓଡ଼ିଶା ଭବନରେ ରହୁଥିଲେ । କିନ୍ତୁ ଗରୀବ ଲୋକଟିଏ ମୁଣ୍ଡ ଗୁଂଜିବା ପାଇଁ ଆଶ୍ରୟ ଖୋଜି ବୁଲୁଥିଲା । ବିଭିନ୍ନ ପରୀକ୍ଷା ଦେବାକୁ ଆସୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ । ତେଣୁ ଏହି ସମସ୍ୟାକୁ ଦୂର କରିବା ପାଇଁ ପରିଚାଳନା କମିଟି ୧୯୭୧ ମସିହାରୁ ମନ୍ଦିରରେ କିଛି ରୁମ୍ ଥିଲା, ସେଠାରେ ରହିବା ବ୍ୟବସ୍ଥା କରା ଯାଇଥିଲା । କିଛି ଲୋକ ହଲ୍‌ରେ ମଧ୍ୟ ଶୋଇ ଯାଉଥିଲେ । ଧୀରେ ଧୀରେ ମନ୍ଦିର କାମ ସରିବା ପରେ ଏଠାରେ ସ୍ୱତନ୍ତ ପ୍ରକୋଷ୍ଠ ତିଆରି କରାଗଲା । ସେତେବେଳେ ଯେଉଁ ଲୋକ ରହିବାକୁ ଆସୁଥିଲେ ସେମାନଙ୍କ ପାଖରୁ ୧ରୁ ୨ ଟଙ୍କା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ୨୫ ପଇସା ନିଆ ଯାଉଥିଲା । ଯେଉଁମାନେ ଚିକିତ୍ସା ପାଇଁ ଆସୁଥିଲେ ସେମାନେ ରହି ଚିକିତ୍ସା କରାଉଥିଲେ । ତା ପରବର୍ତ୍ତୀ ସମୟରେ ଅର୍ଥାତ ୧୯୮୭-୮୮ ବେଳକୁ ମନ୍ଦିର ପଛ ପଟେ ଆଉ କିଛି ଜାଗା ନେଇ ବାହାଘର, ସତ୍ୟନାରାୟଣ ପୂଜା, ବିଭିନ୍ନ ସାମାଜିକ ଆୟୋଜନ କରାଯିବା ପାଇଁ ହଲ୍ ତିଆରି କରାଗଲା । ବେଶ କମ ଟଙ୍କାରେ ଏଠାରେ ରହୁଥିଲେ ଓଡ଼ିଶାରୁ ଆସୁଥିବା ଲୋକମାନେ । ତା ପରେ ଧୀରେ ଧୀରେ ଏହି ଜାଗାକୁ ବିକଶିତ କରାଯାଇ ଏଠାରେ dormitory ତିଆରି କରାଯାଇଛି । ଆଜି ମଧ୍ୟ ବହୁତ କମ ଖର୍ଚ୍ଚରେ ଏଠାରେ କୋଠରୀ ମିଳୁଛି । ଏବଂ ଯୁଗ ସହିତ ତାଳ ଦେଇ ଅତି କମ୍ ମୂଲ୍ୟରେ ଏସି, ନନ୍‌ଏସି ରୁମ୍‌ର ମଧ୍ୟ ବ୍ୟବସ୍ଥା ରହିଛି । ଆଜି ବି ୯୦ ଟଙ୍କାରୁ ରୁମ୍ ଭଡ଼ା ଆରମ୍ଭ ହେଉଛି ଏବଂ ଏସି. ନନ୍ ଏସି ଏବଂ ସ୍ୱତନ୍ତ୍ର ରୁମ୍ ପାଇଁ କମ୍ ଟଙ୍କା ଦେଇ ଲୋକେ ଏଠାରେ ରହି ପାରୁଛନ୍ତି ।

## ମହାପ୍ରସାଦ

ପୁରୀ ମନ୍ଦିରରେ ରଥଯାତ୍ରା ସମୟରେ ଯେଉଁପରି ରଥଯାତ୍ରା ହୁଏ ଠିକ୍ ସେହିପରି ହାଉସ୍‌ଖାସ୍‌ରେ ମଧ୍ୟ ସେହିପରି ରଥଯାତ୍ରା ହୁଏ । ମନ୍ଦିର ପ୍ରଶାସନ ପକ୍ଷରୁ ସମାନ ଭାବେ ମହାପ୍ରସାଦ ଏବଂ ଅଭଡ଼ା ପ୍ରସ୍ତୁତ ହୁଏ । ଆଜକୁ ୪୨ବର୍ଷ ହେଲାଣି ଏଠାରେ ମହାପ୍ରଭୁଙ୍କର ମହାପର୍ବ ମହା ଆଡ଼ମ୍ବର ସହିତ ହୋଇ ଆସୁଛି ।

ମନ୍ଦିରରେ ଅନେକ ଚମତ୍କାର ମଧ୍ୟ ହୋଇଥିବା ନଜିର ରହିଛି । ଏଠାକାର ପୁରୁଣା ଲୋକ କହନ୍ତି ଅନେକ ଲୋକ ଏହାକୁ ଅନୁଭବ କରିଛନ୍ତି ଏବଂ ଅଙ୍ଗେ ନିଭେଇଛନ୍ତି । ଗୋଟେ କଥା ଅନୁସାରେ ୧୯୭୭-୭୮ ମସିହାରେ ଏଠାକୁ ନାଗ ନାଗୁଣି ଆସୁଥିଲେ । ଜଗନ୍ନାଥଙ୍କ ପାଖରେ ରହୁଥିଲେ ସ୍ୱୟଂ ନିଜ ଆଖିରେ ଲୋକେ ଦେଖନ୍ତି । ଅନେକ ଲୋକ ଏଇଠୁ ପ୍ରସିଦ୍ଧି ଲାଭ କରିଛନ୍ତି । ଭିକାରୀ ଜଗନ୍ନାଥ ପାଖକୁ ଆସି ଲକ୍ଷପତି ହେବାର ମଧ୍ୟ ନଜିର ରହିଛି ।

ମନ୍ଦିର ପ୍ରଶାସନର ସଭାପତି ରବି ପ୍ରଧାନ କୁହନ୍ତି, "ମୁଁ ବହୁତ କମ ବୟସରୁ ଠାକୁରଙ୍କୁ ଦେଖିଛି । ବାପାଙ୍କ ସହିତ ଠାକୁରଙ୍କ ସେବାର୍ଚ୍ଚନା କରିଛି । ସେତେବେଳୁ ଠାକୁରଙ୍କ ଅବସ୍ଥିତିକୁ ଅନୁଭବ କରିଛି, ସେ ଚଳନ୍ତି ଠାକୁର ଭକ୍ତଙ୍କ ମନ କଥା ଜାଣନ୍ତି । ଭକ୍ତି ଭାବରେ ଭକ୍ତର ସବୁ କଥା ଶୁଣନ୍ତି ଆଉ ଇଚ୍ଛା ପୂରଣ କରନ୍ତି । ମୋର ମନେ ଅଛି, ମୁଁ କେବେ ପୁରୀ ରଥଯାତ୍ରା ଦେଖି ନଥିଲି । ଦିନେ ଏମିତି କହିଥିଲି ଯେ ପ୍ରଭୁ ମୁଁ ଦିନେ ତମ ସ୍ନାନ ପୂର୍ଣ୍ଣିମା ଦେଖିବି । ଏଇଠି ସ୍ନାନ ପୂର୍ଣ୍ଣିମା ସାରି ପୂଜା ପାଠ ସାରି ପୁରୀ ଯିବାକୁ ବାହାରିଲି । ସେତେବେଳେ ଏୟାର ଇଣ୍ଡିଆର ଗୋଟିଏ ଫ୍ଲାଇଟ୍ ଯାଉଥିଲା ଯାହା ୨ ବେଳେ ଯିବାର ଥିଲା, କିନ୍ତୁ ଫ୍ଲାଇଟ୍ ଡିଲେ ହେଇ ଚାଲିଲା । ତେଣୁ ମୁଁ ଏଠି ସ୍ନାନ ପୂର୍ଣ୍ଣିମା ସାରି ଭୁବନେଶ୍ୱର ପହଁଚିବା ବେଳେ ରାତି ହେଇ ସାରିଥାଏ । ମୁଁ ଯେମିତି ସେମିତି ପହଁଚିଲି । ସବୁ ଚିହ୍ନା ଥାଇ ବି କାହାରି ଦେଖା ନଥିଲା । ସବୁ ପ୍ରୟାସ ନିରର୍ଥକ ଥିଲା । ମୁଁ ବାଇଶି ପାହାଚ ପାଖରେ ଘଣ୍ଟାଏ ଖଣ୍ଡେ ଠିଆ ହେଲି କିନ୍ତୁ କିଛି ହେଇ ପାରୁନଥିଲା । ସେଇଠି ଠିଆ ହେଇ ମୁଁ ଜଗନ୍ନାଥଙ୍କ ଉପରେ ରାଗିଲି । କହିଲି ଆଜି ମୁଁ ପ୍ରଥମଥର ଆସିଛି ଯଦି ଜଗା ତୋ ସହିତ ଦେଖା ନହୁଏ ତେବେ ଆଉ ଆସିବି ନାହିଁ । ମୁଁ ସ୍ନାନ ବେଦି ଉପରେ ତମକୁ ଦେଖିବି । ତାପରେ ସେଠାରେ ଥିବା ପୋଲିସ ମୋତେ କେମିତି ନେଇଗଲେ ସେ ଗହଳି ଭିତରୁ ଛୋଟିଆ ବାଟ ଦେଇ ମୁଁ ଜାଣେନା । ସେମାନେ ମୋତେ ଆଉ ମୋ ସହିତ ଯାଇଥିବା ମୋ ଭାଇକୁ ମଧ୍ୟ ନେଇଗଲେ । ଆଉ ତାପରେ ଭିତରକୁ ଯାଇ ଠାକୁରଙ୍କ ଦର୍ଶନ କଲି । ଏହା ୧୯୯୦ ମସିହା ପାଖାପାଖି କଥା । ଏମିତି ମୋ ଠାକୁରଙ୍କ ଲୀଳା, ଜଗନ୍ନାଥ ମୋତେ ଟେକି ନେଇ ସ୍ନାନ ବେଦି ଉପରେ ପହଁଚାଇଥିଲେ । ଆଜି ବି ଭାବିଲେ ମୋ ରୋମ ଟାଙ୍କୁରି ଯାଏ । ମୁଁ ଠାକୁରଙ୍କୁ ଅତି ନିକଟରୁ ଦେଖିଲି ତାଙ୍କ ଚନ୍ଦନ ବୋଳି, ଚନ୍ଦନ ଛଡ଼େଇଲି । ବାସ୍ନା ଅନୁଭବ କରିଥିଲି ଆଉ ପୁରା ନିକଟରୁ ଦର୍ଶନ କଲି ।"

ଆଜି ବି ମାନବ ସେବା ପାଇଁ ସମର୍ପିତ ରହିଛି ହାଉସ୍‌ଖାସ୍ ଜଗନ୍ନାଥ ମନ୍ଦିର । ଯଦିଓ ଦିଲ୍ଲୀରେ ଅନେକ ଜଗନ୍ନାଥ ମନ୍ଦିର ପରବର୍ତ୍ତୀ ସମୟରେ ନିର୍ମାଣ ହୋଇଛି କିନ୍ତୁ ଆଜି ବି ଏହି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଛୁଟେ । ଭକ୍ତ ଅନେକ ଦୂରରୁ ଏଠାକୁ ଚାଲି ଆସନ୍ତି ନିଜ ପରମ୍ପରାକୁ ନିଭେଇବା ପାଇଁ ନିଜ ଠାକୁରଙ୍କ ପାଖରେ ଅଳି କରିବା ପାଇଁ । ଠାକୁରଙ୍କ ପାଖରେ ଭକ୍ତିର ଦୀପଟିଏ ଜାଳି କେଜାଣି କେତେ ଅଭିମାନ କରନ୍ତି ଆଉ ସାଥୀରେ ନେଇଯାଆନ୍ତି ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଶୀର୍ବାଦ ।



# ମୁମ୍ବାଇ ରଥଯାତ୍ରାର ମାହାତ୍ମ୍ୟ

# ଖାର୍‌ଘର୍‌ରେ ରଥଯାତ୍ରା


## ପାରମିତା ଷଡ଼ଙ୍ଗୀ

ସ୍ୱପ୍ନେନ୍ଦୁ ମିଶ୍ର, ୨-ଡି ୨୦୪, ସନ୍‌ସିଟି, ଫେଜ୍-୧
ଠାକୁର ଭିଲେଜ, କାନ୍ଦିବଲି ପୂର୍ବ, ମୁମ୍ବାଇ-୪୦୦୧୦୧
ଫୋନ:୯୮୬୭୧୧୩୧୧୩


ଫଟୋ ସୌଜନ୍ୟ : ଲେଖିକା



**ମୁମ୍ବାଇ ଖାର୍‌ଘର୍‌ର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ଶ୍ରୀକ୍ଷେତ୍ରର ରଥଯାତ୍ରା ପରି ହୋଇଥାଏ । ସବୁ ନିୟମ ଓ ବିଧି ବିଧାନକୁ ଭକ୍ତି ଭାବରେ ଭକ୍ତମାନଙ୍କ ଦ୍ୱାରା ପାଳନ କରାଯାଇଥାଏ । ଶ୍ରୀକ୍ଷେତ୍ରର ରଥଯାତ୍ରାରେ ଥିବା ନିୟମ ପରି ଖାରଘରରେ ମଧ୍ୟ ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହ ବାଇଶି ପାହାଚରୁ ଓହ୍ଲାଇ ଆସନ୍ତି ଭକ୍ତମାନଙ୍କୁ ଦର୍ଶନ ଦେବାକୁ ।**

ଭାବ, ଶାସ୍ତ୍ର, ତତ୍ତ୍ୱ, ତନ୍ତ୍ର, ରହସ୍ୟ, ଜ୍ଞାନ, ଭକ୍ତି ସବୁ ଭାବ, ଭାବନା, ତାଙ୍କ ଚରଣେ ଠୁଳ । ଅନେକ ମତ, ତର୍କ ଓ ପଥ ର ସମନ୍ୱୟ, ସେଇ କାଳିଆ ସହ ମିଶି ଯାଇ ସ୍ୱଗୁଣ ହରାଇଥାନ୍ତି । ସେ ତର୍କରେ କି ଦର୍ଶନରେ ନୁହେଁ ବିଶ୍ୱାସରେ ସହଜରେ ଧରାଦିଏ । କି ଅପୂର୍ବ ତା ଲୀଳାଖେଳା । ସ୍ତ୍ରୀକୁ ଅଭିମାନ କରିବା ଶିଖାଏ, ପୁଣି ସ୍ୱାମୀକୁ ମନାଇବା । ଭାଇଭଉଣୀଙ୍କୁ ଭଲପାଇବା ଶିଖାଇ ପୁଣି ଧର୍ମ ପାଇଁ ଯୁଦ୍ଧ କରିବା ବି । କେତେବେଳେ ଅଣସର ଘରେ ପଶିଯାଏ ତ କେତେବେଳେ ପଡ଼ିଉଠି ବାହାରି ଆସେ ଭକ୍ତଙ୍କ ପାଖକୁ ଈଶ୍ୱର ପରି, ସ୍ୱାମୀ ସାଜି କି ସଖା ହେଇ । ସେ ସବୁଠି ଥାଏ, ପିଲା ଜନ୍ମର ଏକୋଇଶିଆରେ, ବ୍ରତୋପନୟନରେ, ବିବାହରେ, ମୃତ୍ୟୁ ସମୟରେ ମୁଖରେ ନିର୍ମାଲ୍ୟ ହେଇ । ସେ ସବୁ ଓଡ଼ିଆଙ୍କର ସଖା, ସହୋଦର, ବନ୍ଧୁ ଓ ସାକ୍ଷୀ । ଯୋଉଠି ଓଡ଼ିଆ ଥିବେ, ସେଇଠି ତା ପ୍ରଭୁ ଓ ପ୍ରଭୁଙ୍କ ଲୀଳା ।

ଜ୍ଞାନ, ଶାସ୍ତ୍ର ଓ ଦର୍ଶନରେ ଜଗନ୍ନାଥଙ୍କ ତତ୍ତ୍ୱସ୍ୱରୂପକୁ ଧ୍ୟାନ ମାଧ୍ୟମରେ ଅନୁଭବ କରିହୁଏ, କିନ୍ତୁ ସାଧାରଣ ମଣିଷର ହୃଦୟ ଆବେଗର ଜଗନ୍ନାଥ ଗତିଶୀଳ ହେଇ ରହିଛନ୍ତି ତାଙ୍କର କାହାଣୀ ଓ ମାନବୀୟ ଲୀଳାରେ । ମଣିଷ ଜୀବନରେ ଉଚିତ୍‌କୁ ମାନ୍ୟତା ଦେବା ଓ ଅନୁଚିତ କର୍ମକୁ ବର୍ଜିତ କରିବା ତାଙ୍କ ମାନବୀୟ ଲୀଳାର ଅନ୍ତର୍ନିହିତ ସନ୍ଦେଶ । ସେ ସାତ୍ତ୍ୱିକ ଆହାର ଗ୍ରହଣ କରନ୍ତି, ତାଙ୍କୁ ଗୀତ ଗାଇ ଶୁଆଇବାକୁ ହୁଏ । ସକାଳୁ ଉଠାଇବାକୁ ହୁଏ । ନିୟମ ଅନୁସାରେ ସେ ବିଶ୍ରାମ କରନ୍ତି । ଏସବୁ ତ ମଣିଷର ଜୀବନଶୈଳୀ । ସ୍ନାନ ସମୟରେ ତାଙ୍କ ଉପରେ ଶହେ ଆଠ ଗରା ଜଳ ଅଜାଡ଼ା ହୁଏ, ଯେଉଁଥିପାଇଁ ତାଙ୍କୁ ଜ୍ୱର ହୁଏ । ସେ ଅଣସର ଘରେ ରୁହନ୍ତି, ସେଠି ତାଙ୍କ ଉପଚାର ହୁଏ । ସୁସ୍ଥ ହେଇ ନବଯୌବନ ଲାଭ କଲା ପରେ ଭାଇଭଉଣୀଙ୍କ ସହ ମହା ସମାରୋହରେ ମାଉସୀ ଘରକୁ ବୁଲି ଯାଆନ୍ତି । ମଣିଷର ଜୀବନକୁ ରସମୟ କିପରି କରି ହେବ ସେ ଏଇ ଲୀଳାରେ ଶିଖେଇ ଦିଅନ୍ତି । ଈଶ୍ୱର ତତ୍ତ୍ୱ ଓ ଜୀବ ତତ୍ତ୍ୱର ସମନ୍ୱୟ ତାଙ୍କର ରଥଯାତ୍ରା । ବିଭିନ୍ନ ମତରେ ରଥଯାତ୍ରାର ୮ଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ । ୧.ସ୍ନାନ ଉତ୍ସବ, ୨. ଅନବସର, ୩.ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ, ୪. ଶ୍ରୀଗୁଣ୍ଡିଚା, ୫. ହେରାପଞ୍ଚମୀ, ୬. ଆଡ଼ପପର୍ବ, ୭. ବାହୁଡ଼ା ଯାତ୍ରା ଓ ୮. ନୀଳାଦ୍ରି ବିଜେ । ପୁନଶ୍ଚ ରଥଯାତ୍ରା ୫ ଭାଗରେ ବିଭକ୍ତ । ଯଥା: ୧.ଅନ୍ତର୍ବେଦୀ, ୨.ମହାବେଦୀ ମହୋତ୍ସବ, ୩. ଆଡ଼ପ ଉତ୍ସବ, ୪. ଦକ୍ଷିଣାମୁଖୀ ଉତ୍ସବ ଓ ୫. ନୀଳାଦ୍ରି ବିଜୟ । ଏହାକୁ ଗୁଣ୍ଡିଚା ପଞ୍ଚକ କୁହାଯାଏ ।

ବୈଷ୍ଣବ ଶାସ୍ତ୍ରରେ ଭଗବାନଙ୍କର ଅନେକ ରକମର ଲୀଳା ରହିଛି । ତା ଭିତରେ ରଥଯାତ୍ରା ଏକ । ସ୍ନାନଯାତ୍ରା ଠାରୁ ରଥଯାତ୍ରା ଶ୍ରୀଜଗନ୍ନାଥ ସଂସ୍କୃତିରେ ଏକ ଗୁରୁତ୍ୱପୂର୍ଣ୍ଣ ବିଧାନ । ପୁରୀରେ ପ୍ରଭୁଙ୍କ ରଥଯାତ୍ରା ଆଜି ବିଶ୍ୱ ଉତ୍ସବରେ ପରିଣତ ହେଇ ଗଲାଣି । ରଥଯାତ୍ରା ମଧ୍ୟ ଅନ୍ୟ କେତେକ ନାମରେ ପରିଚିତ ।

**ଘୋଷଯାତ୍ରା:** ବିଶ୍ୱର ମଙ୍ଗଳ ଘୋଷଣା କରୁଥିବାରୁ ବା ନନ୍ଦିଘୋଷ ରଥରେ ବସି ଯାତ୍ରା କରୁଥିବାରୁ ଘୋଷଯାତ୍ରା ।

**ଆଡ଼ପ ମଣ୍ଡପ ଯାତ୍ରା:** ଗୁଣ୍ଡିଚା ମଣ୍ଡପରେ ଥିବା ଆଡ଼ପ ମଣ୍ଡପରେ ବିଜେ



▲ ଲେଖିକା ପାରମିତା ଷଡ଼ଙ୍ଗୀ



କରୁଥିବାରୁ ଆଡ଼ପମଣ୍ଡପ ଯାତ୍ରା ।

**ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା:** ପ୍ରଭୁଙ୍କର ଜନ୍ମ ବେଦୀ ଆଡ଼ପ ମଣ୍ଡପ ଠାରେ ହୋଇଥିବାରୁ ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା ।

**ଦଶାବତାର ଯାତ୍ରା:** ଗୁଣ୍ଡିଚା ଘରେ ଦଶ ଅବତାର ବେଶ ହେଉଥିବାରୁ ଦଶାବତାର ଯାତ୍ରା ।

**ପତିତପାବନ ଯାତ୍ରା:** ପତିତମାନଙ୍କୁ ଉଦ୍ଧାର କରିବାକୁ ଏହି ଯାତ୍ରା ହେଉଥିବାରୁ ପତିତପାବନ ଯାତ୍ରା ।

**ନବଦିନାତ୍ମକ ଯାତ୍ରା:** ଏହି ଯାତ୍ରା ଯିବା ଆସିବା ଓ ରହଣିକୁ ମିଶେଇ ୯ ଦିନ ହେଉଥିବାରୁ ନବଦିନାତ୍ମକ ଯାତ୍ରା ।

**ଗୁଣ୍ଡିଚା ଯାତ୍ରା:** ଗୁଣ୍ଡିଚା ଘରକୁ ଯାତ୍ରା କରୁଥିବାରୁ ଏହା ଗୁଣ୍ଡିଚା ଯାତ୍ରା ।

ରଥଯାତ୍ରା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରାର ମଧ୍ୟରେ ପ୍ରଧାନ । ଏହି ଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ପାଳିତ ହେଇଥାଏ । ସେଥିପାଇଁ କୁହନ୍ତି ଯୋଉଠି ଓଡ଼ିଆ, ସେଇଠି ପ୍ରଭୁ ଓ ତାଙ୍କ ଲୀଳାଖେଳା । ମୁମ୍ବାଇରେ ମଧ୍ୟ ପ୍ରବାସୀ ଓଡ଼ିଆମାନେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦେଖିବା ପାଇଁ ଖାର୍‌ଘର୍, ସେକ୍ଟର-୫ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପହଞ୍ଚି ଯାଆନ୍ତି ।

ଖାରଘରର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା



ଶ୍ରୀକ୍ଷେତ୍ରର ରଥଯାତ୍ରା ପରି ଅନୁଷ୍ଠିତ ହୋଇଥାଏ । ସବୁ ନିୟମ ଓ ବିଧି ବିଧାନକୁ ଭକ୍ତି ଭାବରେ ଭକ୍ତମାନଙ୍କ ଦ୍ୱାରା ପାଳନ କରାଯାଇଥାଏ । ଶ୍ରୀକ୍ଷେତ୍ରର ରଥଯାତ୍ରାରେ ଥିବା ନିୟମ ପରି ଖାରଘରରେ ମଧ୍ୟ ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହ ବାଇଶି ପାହାଚରୁ ଓହ୍ଲାଇ ଆସନ୍ତି ଭକ୍ତମାନଙ୍କୁ ଦର୍ଶନ ଦେବାକୁ । ପ୍ରଭୁ ଜଗନ୍ନାଥଙ୍କ ଏହି ରଥଯାତ୍ରାରେ ଛେରାପହରା, ମହାରାଷ୍ଟ୍ରର ଓଡ଼ିଆ ୱେଲ୍‌ଫେୟାର ଏସୋସିଏସନ ଓ 'ଶ୍ରୀ ମନ୍ଦିର'ର ଟ୍ରଷ୍ଟି ତଥା ପ୍ରେସିଡେଣ୍ଟ୍ ଶ୍ରୀ ଭଗବାନ ପଣ୍ଡା କରିଥାନ୍ତି । ଯଦିଓ ଶ୍ରୀକ୍ଷେତ୍ର ପୁରୀ ପରି ଏଠି ବିଶାଳ ବଡ଼ଦାଣ୍ଡ ନାହିଁ କିମ୍ବା ବୃହତ ଆକାରରେ ରଥଯାତ୍ରା ପାଳନ ସମ୍ଭବ ହେଇ ନଥାଏ, ତଥାପି ଦୁଇ ହଜାର ଲୋକ ଏକ ସମୟରେ ଏକତ୍ରିତ ହୁଅନ୍ତି ଓ ପୁରା ଦିନରେ ପ୍ରାୟତଃ ତିରିଶ ହଜାର ଲୋକଙ୍କ ସମାବେଶ ହେଇଥାଏ ।

ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସହ ବାଇଶି ପାହାଚରୁ ଓହ୍ଲାଇ ରଥାରୂଢ଼ ହେବା ପରେ ମାଉସୀ ମା ମନ୍ଦିରକୁ ଯାଇଥାନ୍ତି । କିନ୍ତୁ ଏଠି ମନ୍ଦିରର



କମକର୍ତ୍ତାମାନେ ମନ୍ଦିରର ଅନତି ଦୂରରେ ଅନ୍ୟ ଏକ ସଂସ୍ଥା ସାହାଯ୍ୟରେ ତାଙ୍କର ପ୍ଲଟ୍‌କୁ ବାର ଦିନ ପାଇଁ ନେଇ ମାଉସୀ ମା ମନ୍ଦିର ତିଆରି କରିଥାନ୍ତି । ସ୍ନାନପୂର୍ଣ୍ଣିମା ପରେ, ଅଣସର ଘରେ ରୁହନ୍ତି ଠାକୁର । ଏହି ବିଧି ମନ୍ଦିରର ପରିସର ଭିତରେ ହିଁ ପାଳନ କରାଯାଏ । ଯେହେତୁ ମନ୍ଦିର ଦୁଆର ବନ୍ଦ କରି ଦିଆ ଯାଇଥାଏ, ପ୍ରଭୁଙ୍କର ଏକ ପଟ୍ଟଚିତ୍ର ପୂଜା ଅର୍ଚ୍ଚନା କରାଯାଏ । ମାଉସୀମାଙ୍କ ମନ୍ଦିରରେ ପହଁଚିବା ପୂର୍ବରୁ ପ୍ରଭୁଙ୍କ ରଥ ଖାରଘରର ପାଞ୍ଚ କିଲୋମିଟର ପାଖାପାଖି ଭ୍ରମଣ କରି ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ଏହି ସମୟରେ ମୁମ୍ବାଇର ବିଭିନ୍ନ ସ୍ଥାନରେ ଥିବା ଓଡ଼ିଆ ଓ ଅଣଓଡ଼ିଆମାନେ ପ୍ରଭୁଙ୍କ ରଥଯାତ୍ରାରେ ଯୋଗ ଦେଇ ନିଜକୁ ଧନ୍ୟ ମନେ କରନ୍ତି । ନ'ଦିନ ମାଉସୀମାଙ୍କ ମନ୍ଦିରରେ ଭୋଗ ଓ ବିଧିବଦ୍ଧ ପୂଜାଅର୍ଚ୍ଚନା ହେଇଥାଏ । ବର୍ତ୍ତମାନର ମନ୍ଦିର ପ୍ଲଟ୍ ନଂ ୨୯-ଏରେ ନିର୍ମିତ ହେଇଥିବା ବେଳେ, ମାଉସୀମା ମନ୍ଦିର ପ୍ଲଟ୍ ନଂ ୩୧-ଏରେ ଅସ୍ଥାୟୀ ଭାବରେ ଗଢ଼ା ଯାଇଥାଏ । ଏଇ ନଅଦିନରେ ବହୁଳ ଭାବରେ ଆସୁଥିବା ଭକ୍ତମାନଙ୍କୁ ମହାପ୍ରସାଦ ସେବନର ସବୁପ୍ରକାର ସୁବିଧା କରା ଯାଇଥାଏ । ମନ୍ଦିର ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ । ମୁମ୍ବାଇ ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଭଜନ ଗାୟକ, ଓଡ଼ିଶୀ ନୃତ୍ୟଶିଳ୍ପୀ, ଅନେକ ଲୋକନୃତ୍ୟ, ଲୋକଗୀତ ସହ ପ୍ରବଚନର କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥାଏ ।

ପୁରୀ ମନ୍ଦିରରେ ଅନୁଷ୍ଠିତ ମା' ଲକ୍ଷ୍ମୀଙ୍କ ଲୀଳା ବି ଏଠି ପାଳନ କରାଯାଏ । ଜଗନ୍ନାଥ ମହାପ୍ରଭୁ ସୁସ୍ଥ ହେବା ପରେ ନବଯୌବନ ଲାଭ କରି ନବବିବାହିତା ପତ୍ନୀ ଲକ୍ଷ୍ମୀଙ୍କୁ ସାକ୍ଷାତ ନକରି ଆଷାଢ଼ ଶୁକ୍ଳ ପୁଷ୍ୟା ନକ୍ଷତ୍ରଯୁକ୍ତ ଦ୍ୱିତୀୟା ତିଥିରେ ବାହାରନ୍ତି ରଥକୁ । ଏହାକୁ ମହାପ୍ରଭୁଙ୍କ ରଥଯାତ୍ରା ବୋଲି କହନ୍ତି । ତିନିରଥରେ ଭାଇଭଉଣୀଙ୍କୁ ସାଥିରେ ଧରି ନଅଦିନ ପାଇଁ ଯାତ୍ରା କରନ୍ତି ମହାପ୍ରଭୁ ତାଙ୍କ ଜନ୍ମସ୍ଥଳୀ ଗୁଣ୍ଡିଚା ଘରକୁ । ମୁକ୍ତିକାମୀ ପାପୀ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କର ଏ ଯାତ୍ରା- ଗୁଣ୍ଡିଚା ଯାତ୍ରା ବା ପତିତପାବନ ଯାତ୍ରା । ମହାପ୍ରଭୁ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ଧରି ଗୁଣ୍ଡିଚା ଘରକୁ ଯାତ୍ରା କଲାବେଳେ ନବବିବାହିତା ଲକ୍ଷ୍ମୀଙ୍କୁ ସାଥିରେ ନେବା ତ ଦୂରର କଥା, କଥା ପଦେ ବି କହିକି ଗଲେନି । ଏଭଳି ଦୁଃଖରେ ମ୍ରିୟମାଣ ହୋଇଛନ୍ତି ଲକ୍ଷ୍ମୀ । ପତି ବିରହ ବିଧୁରା ଅଭିମାନିନୀ ଲକ୍ଷ୍ମୀ ଆଜି ବିଚ୍ଛେଦ ଯନ୍ତ୍ରଣାରେ ଜର୍ଜରିତ । ଏହି ବିଚ୍ଛେଦ ଦୁଃଖର ଉପଶମ ପାଇଁ ପ୍ରିୟ ସଙ୍ଗିନୀ ଭଗ୍ନୀକଳ୍ପା ବିମଳା ଓ ସରସ୍ୱତୀଙ୍କ ପରାମର୍ଶ ଲୋଡ଼ିଛନ୍ତି । କାରଣ ପ୍ରାଣପ୍ରିୟ ପ୍ରଭୁ ତାଙ୍କ ପ୍ରତି ଉଦାସୀନ ହୋଇଥିବାରୁ ମହାଲକ୍ଷ୍ମୀ ଅଭିମାନ କରିବା ସ୍ୱାଭାବିକ । ଏଣେ ଭଗ୍ନୀକଳ୍ପା ବିମଳାଙ୍କ ପରାମର୍ଶ କ୍ରମେ ମୋହଚୂର୍ଣ୍ଣ ନେଇ ସ୍ୱାମୀଙ୍କ ନିକଟକୁ ଯାତ୍ରା କରିଛନ୍ତି । ଲକ୍ଷ୍ମୀଙ୍କ ଏ ଯାତ୍ରା ବିରହିଣୀର ଯାତ୍ରା ନୁହେଁ, ବରଂ ବୀରାଙ୍ଗନାର ଯାତ୍ରା ବା ବିଜୟୋତ୍ସବର ଯାତ୍ରା । ମହାଲକ୍ଷ୍ମୀ ଆଡ଼ପ ଅଭିଯାନରେ ବାହାରିଛନ୍ତି । ମନ୍ଦିର ପ୍ରବେଶ ଓ ପ୍ରଭୁଙ୍କ ଦର୍ଶନ ପାଇଁ ଅନୁମତି ଭିକ୍ଷା କରି ଆଜ୍ଞାମାଳ ପ୍ରେରଣ କରିଛନ୍ତି । ଆଜ୍ଞାମାଳ ପାଇଲା ପରେ ବିମାନରେ ବସି ଲକ୍ଷ୍ମୀ ଯାତ୍ରା କରିଛନ୍ତି । ମାତା ଲକ୍ଷ୍ମୀଙ୍କ ଅଭିମାନ ପଟୁଆରକୁ ଦେଖି ଶ୍ରୀଜଗନ୍ନାଥଙ୍କ ସେବକ ଦଇତାମାନେ ଗୁଣ୍ଡିଚା ମନ୍ଦିରର ମୁଖ୍ୟ ଦ୍ୱାର ଅବରୋଧ କରିଦିଅନ୍ତି; ମାତ୍ର ବିଦ୍ୟାପତି ବଂଶଜ ପତି ମହାପାତ୍ରମାନେ ଯଥାବିଧି ମା' ଲକ୍ଷ୍ମୀଙ୍କ ସେବା ବଢ଼ାଇ ନାକଚଣା ଦ୍ୱାର ବାଟେ ଆଡ଼ପ ମଣ୍ଡପକୁ ପ୍ରବେଶ କରନ୍ତି । ତା'ପରେ ମନ୍ଦିର ପ୍ରତ୍ୟାବର୍ତ୍ତନ ନିମନ୍ତେ ରଥଗୁଡ଼ିକ ଦକ୍ଷିଣମୋଡ଼ କରାଇବା ପାଇଁ ପ୍ରଭୁ ଆଦେଶ ଦିଅନ୍ତି । ତେଣୁ ହେରାପଞ୍ଚମୀ ଅର୍ଥାତ୍ ଷଷ୍ଠୀ ପର ଦିନ ପ୍ରଭୁଙ୍କ ରଥ ଦକ୍ଷିଣମୋଡ଼ ହୋଇଥାଏ ।

ଲକ୍ଷ୍ମୀଙ୍କୁ ସାଙ୍ଗରେ ନ ନେଇ ରଥଯାତ୍ରାରେ ଯାଇଥିବାରୁ ଏବଂ ଗୁଣ୍ଡିଚା

ଘରେ ସେବକମାନଙ୍କ ଆଚରଣରେ ଲକ୍ଷ୍ମୀ ଅପମାନିତା ହୋଇଥିବାରୁ ମା' ଲକ୍ଷ୍ମୀ କ୍ରୋଧ ଓ ଅଭିମାନରେ ବାହୁଡ଼ି ଆସିଲା ବେଳେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରୁ ଖଣ୍ଡେ କାଠ ସେବକମାନେ ଭାଙ୍ଗି ଆଣନ୍ତି । ଶେଷରେ ଶ୍ରୀଜଗନ୍ନାଥ ପତ୍ନୀ ଲକ୍ଷ୍ମୀଙ୍କ ନିକଟରେ ନିଜର ଭୁଲ ସ୍ୱୀକାର କରି ଆଉ ଦୁଇଦିନ ପରେ ଶ୍ରୀମନ୍ଦିରକୁ ଫେରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଲକ୍ଷ୍ମୀନାରାୟଣ ମିଳନ ପାଇଁ ବନ୍ଦାପନା ହୁଏ । ମହାଲକ୍ଷ୍ମୀଙ୍କ ନାରୀ ସୁଲଭ ରୋଷ ଓ ମାନ ଅଭିମାନ ଏଥିରେ ପରିଲକ୍ଷିତ ହୋଇଥାଏ । ପରିବାରରେ ସ୍ୱାମୀ ସ୍ତ୍ରୀ ସମ୍ପର୍କ କିପରି ଅବିଚ୍ଛେଦ୍ୟ ଓ ବିରହ ମିଳନର ସମନ୍ୱୟ ମଧ୍ୟରେ ଏହା କିପରି ଭାରତୀୟ ସଂସ୍କୃତିରେ ତିଷ୍ଠି ରହିଛି, ତାହା ହିଁ ଏହି ହେରାପଞ୍ଚମୀ ଯାତ୍ରାର ବୈଶିଷ୍ଟ୍ୟ ।



ରଥଯାତ୍ରା ସମାପ୍ତି ପରେ ପ୍ରଭୁଙ୍କ ସିଂହାସନରେ ବିଜେ ହେଲା ପର୍ଯ୍ୟନ୍ତ ସମସ୍ତ ପୂଜା ଅର୍ଚ୍ଚନା, ଖାରଘର ମନ୍ଦିରରେ ବି ସବୁ ବିଧି ବିଧାନ ସହ ପାଳନ କରାଯାଏ । ଗତ ଦୁଇବର୍ଷ ଧରି କରୋନାର ପ୍ରକୋପ ହେତୁ ନଭି ମୁମ୍ବାଇ, ଖାରଘର, ସେକ୍ଟର-ପାଞ୍ଚ ସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ପାଳନ କରା ଯାଇଥିଲା । ମନ୍ଦିରର ପୂଜକମାନେ ଠାକୁରଙ୍କୁ ସ୍ୱସ୍ଥାନରୁ ଆଣି ନଅଦିନ ପାଇଁ ମନ୍ଦିର ସଭାଗୃହରେ ରଖି ପୂଜା କରିଥିଲେ । ଭକ୍ତଙ୍କ ବିନା ଉପସ୍ଥିତିରେ ବିଶ୍ୱଶାନ୍ତି ଯଜ୍ଞର ଆୟୋଜନ, ଅଧର ପଣା ନୀତି, ବାହୁଡ଼ା ଯାତ୍ରା, ସୁନାବେଶ ସବୁକିଛି ସମ୍ପନ୍ନ ହୋଇଥିଲା । ଏହି ସମୟରେ ରଥଯାତ୍ରାର ଆନନ୍ଦ ଓ ଉତ୍ସାହକୁ ବଜାୟ ରଖିବାକୁ ମନ୍ଦିର ତରଫରୁ ଅନ୍‌ଲାଇନ୍‌ରେ ଭଜନ ପରିବେଷଣ, ପ୍ରବଚନରେ ଭକ୍ତଗଣ ଭାଗ ନେଇଥିଲେ । ଅନଲାଇନ ପ୍ରୋଗ୍ରାମ୍‌ରେ ଯୋଗ ଦେଇ ଭକ୍ତମାନେ ସ୍ୱାସ୍ଥ୍ୟ ରକ୍ଷାର ନିୟମକୁ ପାଳନ କରି, ନିଜର ଦୃଢ଼ ମନୋବଳ ଓ ସକାରାତ୍ମକ ଚିନ୍ତା ନେଇ, ଦୂରରେ ଥାଇ ମଧ୍ୟ ଜଣେ ଜଣଙ୍କ ସହ ଯୋଡ଼ି ହେଇ ପାରିଥିଲେ ।



ପୁଣି ଆଷାଢ଼ ଆସିଲାଣି । ସାରା ବିଶ୍ୱ ଅପେକ୍ଷା କରିଛି ଘୋଷଯାତ୍ରାକୁ । ଏ ବର୍ଷ ଖାରଘର ସେକ୍ଟର ପାଞ୍ଚ ମନ୍ଦିରରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଟ୍ରଷ୍ଟି ଏବଂ ପ୍ରେସିଡେଣ୍ଟ ଶ୍ରୀ ଭଗବାନ ପଣ୍ଡା କହିଛନ୍ତି । ସେଥିପାଇଁ ସେ ସଜାଗ ଓ ସବୁ ପ୍ରକାରର ପ୍ରସ୍ତୁତି କରିବା ପାଇଁ ଉଦ୍ୟମରତ ।

ଯେଉଁଠାରେ ଭଗବାନ ନିଜେ ହିଁ ନିଜକୁ ପ୍ରକାଶ କରନ୍ତି, ସେଇ ସ୍ଥାନ ତାଙ୍କ ଇଚ୍ଛାରେ ମହିମାନ୍ୱିତ ହେଇଥାଏ । ସ୍କନ୍ଦ ପୁରାଣରେ କୁହାଯାଇଛି ରଥଯାତ୍ରା କାଳରେ ଜଗନ୍ନାଥଙ୍କୁ ଦର୍ଶନ କଲେ କୋଟି ଜନ୍ମର ପାପ ନାଶ ହୁଏ । ରଥର ଛାୟାରେ ବ୍ରହ୍ମ ହତ୍ୟାର ପାପ ନଷ୍ଟ ହେଇଥାଏ । ବାସ୍ତବରେ ରଥଯାତ୍ରା ଏକ ପ୍ରତୀକ, ଭକ୍ତମାନଙ୍କ ମଧ୍ୟରେ ଭଗବାନଙ୍କ ଉପସ୍ଥିତିରେ ବିଶ୍ୱାସର ଜଗନ୍ନାଥ ଗରୁଡ଼ ଧ୍ୱଜ ରଥରେ, ବଳଭଦ୍ର ତାଳଧ୍ୱଜ ରଥରେ ଓ ସୁଭଦ୍ରା ଦର୍ପଦଳନ ରଥରେ ବିରାଜମାନ ହେଇ ଭକ୍ତମାନଙ୍କ ପାଖକୁ ଦୌଡ଼ି ଆସନ୍ତି । ସତ କହିଲେ ରଥଯାତ୍ରା ଭକ୍ତମାନଙ୍କ ପାଇଁ ହିଁ ଈଶ୍ୱରଙ୍କ ଯାତ୍ରା ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା



# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିର


## ମନୋଜ ଦଳବେହେରା

ପୂର୍ଣ୍ଣ ଶିବାଳୟ, ଫରେଷ୍ଟ୍ କଲୋନୀ
ବାରିପଦା-୭୫୭୦୦୨
ଫୋନ : ୭୯୭୮୭୫୪୯୦୭




**ବାରିପଦା ରଥଯାତ୍ରାର ସବୁଠାରୁ ମହତପୂର୍ଣ୍ଣ ଦିଗଟି ହେଲା ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣନ୍ତି । ୧୯୭୫ ମସିହାରେ ପ୍ରଥମ କରି ପାଳିତ ହୋଇଥିଲା ଆର୍ନ୍ତଜାତିକ ମହିଳା ଦିବସ । ସେହିବର୍ଷ ହିଁ ପ୍ରଥମ ଥର ପାଇଁ କେବଳ ମହିଳାମାନେ ଦେବୀ ସୁଭଦ୍ରାଙ୍କ ରଥ ଟାଣିଲେ ।**



◄ଲେଖକ ମନୋଜ ଦଳବେହେରା

କେଉଁ ଆବହମାନ କାଳରୁ ଜଗତର ନାଥ ଜଗନ୍ନାଥ ଓଡ଼ିଶା ଜାତିର ରାଜନୈତିକ, ସାମାଜିକ, ସାଂସ୍କୃତିକ ତଥା ଧର୍ମୀୟ ଜୀବନକୁ ପ୍ରଭାବିତ କରିଆସିଛନ୍ତି । ସେତେବେଳେ ହେଉ ଅବା ଏବେ ହେଉ ବହୁଧା ବିଭକ୍ତ ରାଜନୈତିକ ବିଚ୍ଛିନ୍ନତା ସତ୍ୱେ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଭାବରେ ସ୍ଥାନ ପାଇ ଆସିଛନ୍ତି କଳାଠାକୁର । ଅନେକ ଥର ଇତିହାସର କଳାବାଦଲ ପୁରୀର ଶ୍ରୀମନ୍ଦିରକୁ ଢାଙ୍କିଛି ସତ କିନ୍ତୁ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶାଇ ପାରିନି ଜଗନ୍ନାଥ ସଂସ୍କୃତିକୁ । କେତେକେତେ କଳା ପାହାଡ଼, କେତେକେତେ ତକି ଖାଁ ଆସିଛନ୍ତି ଓ ଯାଇଛନ୍ତି; କିନ୍ତୁ ଠାକୁରଙ୍କ ମହିମା କିଛି କମ୍ ହୋଇନାହିଁ । ସେହିଭଳି ଶ୍ରୀକ୍ଷେତ୍ର ପୁରୀଧାମର ଏକ ବିରାଟ ସଙ୍କଟ ସମୟରେ ନିର୍ମିତ ହୋଇଥିଲା ବାରିପଦାର ଶ୍ରୀଜଗନ୍ନାଥ ମନ୍ଦିର । ଯାହାର ଇତିହାସ ଖୁବ୍ ଚମକପ୍ରଦ ଓ ପ୍ରେରଣାଦାୟୀ ।

ମୟୂରଭଞ୍ଜ ଏକଦା ପୂର୍ବଭାରତର ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରେ ଅନ୍ୟତମ ତାରକା ରାଜ୍ୟ ଭାବରେ ମାନ୍ୟତା ପାଇଥିଲା । ରାଜାମାନଙ୍କ ଇତିହାସ ସଦାସର୍ବଦା ଗୌରବମୟ ଓ ଚିରସ୍ମରଣୀୟ । ଯେତେବେଳେ ପୁରୀଧାମ କଳାପାହାଡ଼ର ଆକ୍ରମଣରେ ଅତିଷ୍ଠ ହେଉଥିଲା, ସେତେବେଳେ ମୟୂରଭଞ୍ଜରେ ରାଜୁତି କରୁଥିଲେ ମହାରାଜା ବୈଦ୍ୟନାଥ ଭଂଜଦେଓ । ତାଙ୍କ ଜେଜେମା ତଥା ଜଗନ୍ନାଥ ଭଂଜଦେଓଙ୍କ ରାଣୀ ଉତ୍କଳର ଗଜପତି ପ୍ରତାପରୁଦ୍ରଙ୍କ କନିଷ୍ଠା କନ୍ୟା ଥିଲେ । ଏଣୁ ବୈଦ୍ୟନାଥ ଭଂଜଦେଓ ପିଲାଟି ଦିନରୁ ଜେଜେମାଙ୍କ ଠାରୁ ପୁରୀ ବଡଠାକୁର ଜଗନ୍ନାଥଙ୍କ ମହିମାରେ ଅନୁପ୍ରାଣିତ ହୋଇଥିଲେ । କଳାପାହାଡ଼ର ଆକ୍ରମଣ ତଥା ଅତ୍ୟାଚାର ସହି ନପାରି ପୁରୀର ବହୁତ ବ୍ରାହ୍ମଣ ଆତ୍ମହତ୍ୟା କଲେ, କିଛି ଭୟରେ ମୁସଲମାନ ଧର୍ମ ଗ୍ରହଣ କଲେ ; ଆଉ କିଛି ଘରଦ୍ୱାର ଛାଡି ଆତ୍ମଗୋପନ କଲେ । ବ୍ରାହ୍ମଣମାନଙ୍କ ରକ୍ତରେ ଶ୍ରୀକ୍ଷେତ୍ରର ମାଟି ଲାଲ୍ ହୋଇ ଯାଇଥିଲା । ଏଥିରେ ବୈଦ୍ୟନାଥ ଭଞ୍ଜଦେଓଙ୍କ ଜେଜେମା ଦୁଃଖରେ ଭାଙ୍ଗି ପଡିଲେ । ସେ ଭାବିଲେ ପୁରୀର ଜଗନ୍ନାଥ ମନ୍ଦିର ସବୁଦିନ ପାଇଁ ହଜିଯିବ । ଏଣୁ ଜଗନ୍ନାଥ ସଂସ୍କୃତିର ରକ୍ଷା ପାଇଁ ସେ ବାରିପଦାରେ ଏକ ଜଗନ୍ନାଥ ମନ୍ଦିର ଗଢାଇ ରଥଯାତ୍ରା କରିବା ପାଇଁ ନାତି ବୈଦ୍ୟନାଥ ଭଂଜଦେଓଙ୍କୁ ପରାମର୍ଶ ଦେଇଥିଲେ ।

ମହାରାଜା ବୈଦ୍ୟନାଥ ଭଂଜଦେଓ ଥିଲେ ପରମ ବିଷ୍ଣୁ ଭକ୍ତ । ରସିକାନନ୍ଦ ଦେବ ଗୋସ୍ୱାମୀତାଙ୍କୁ ବୈଷ୍ଣବ ଧର୍ମରେ ଦୀକ୍ଷିତ କରାଇଥିଲେ । ମହାରାଜା ନିଜେ ବିଦ୍ୱାନ ଥିଲେ । ତେଣୁ ତାଙ୍କ ରାଜ ଦରବାରରେ ବିଦ୍ୱାନ ପଣ୍ଡିତମାନେ ଶୋଭା ପାଉଥିଲେ । ଉପନିଷଦ ତଥା କାବ୍ୟଚର୍ଚ୍ଚା କରୁଥିଲେ । ମହାରାଜା ବୈଦ୍ୟନାଥ ଭଂଜଦେଓ ପୁରୀର ଅତ୍ୟାଚାରିତ, ପୀଡିତ ବ୍ରାହ୍ମଣମାନଙ୍କୁ ପୁରୀରୁ ଆଣି ବାରିପଦା, ପ୍ରତାପପୁର ଓ ହରିପୁର ଆଦି ସ୍ଥାନରେ ଆଶ୍ରୟ ଦେଇ ଅନ୍ନ, ବସ୍ତ୍ର, ଭୂମି, ସୁବର୍ଣ୍ଣ ଓ ଗୋଦାନ କରି ଥଇଥାନ କରିଥିଲେ । ଶେଷରେ ଜେଜେମାଙ୍କ ଶେଷ ଇଚ୍ଛାକୁ ପୂରଣ କରିବାକୁ ଯାଇ ସେହିବର୍ଷ ୧୫୭୦ ମସିହାରେ ବାରିପଦାରେ ଜଗନ୍ନାଥ ମନ୍ଦିର ନିର୍ମାଣର ଶୁଭାରମ୍ଭ କରିଥିଲେ । ମନ୍ଦିର ନିର୍ମାଣ ସରିବା ପାଇଁ ୫ ବର୍ଷ ଲାଗିଥିଲା । ୧୫୭୫ ମସିହାରେ ଗୁଣ୍ଡିଚା ରଥଯାତ୍ରା ଦିନ ମନ୍ଦିର ପ୍ରତିଷ୍ଠା କରି ତିନୋଟି ରଥ ଗଢି ରଥଯାତ୍ରା ଆରମ୍ଭ କରିଥିଲେ । ତାଙ୍କ ଜେଜେମା ରଥଯାତ୍ରା ଦେଖି ସାରି ପରମତୃପ୍ତି ଲାଭ କରି ଚିରନିଦ୍ରା ଯାଇଥିଲେ ।

ବିଡମ୍ବନାର କଥା ହେଉଛି ୧୫୬୮ସାଲରୁ ୧୫୯୦ ଯାଏଁ ବାଇଶିବର୍ଷ କାଳ ପୁରୀ ବଡ଼ ଦେଉଳ ଭଗ୍ନ ଅବସ୍ଥାରେ ପଡି ରହିଥିଲା । ଯବନମାନଙ୍କ ଅକ୍ତିଆରରେ ଉତ୍କଳ ଦେଶ ଥିବାରୁ ରତ୍ନସିଂହାସନରେ ଠାକୁର ନଥିଲେ । ତେଣୁ ରଥଯାତ୍ରା ଅନୁଷ୍ଠିତ ହେବା ତ ଦୂରର କଥା ହିନ୍ଦୁ ଧର୍ମର କୌଣସି ରୀତିନୀତି ପାଳିତ ହେଉ ନଥିଲା । କିନ୍ତୁ ଜଗନ୍ନାଥଙ୍କ ମହିମା କେଡେ ବିଚିତ୍ର, ଏହି ବାଇଶି

ବର୍ଷ କାଳ ଜଗନ୍ନାଥ ସଂସ୍କୃତିର ଗୌରବକୁ ବାରିପଦା ଶ୍ରୀମନ୍ଦିର ଅତୁଟ ରଖିବାରେ ସକ୍ଷମ ହୋଇପାରିଲା । ସେଇଥିପାଇଁ ବୋଧହୁଏ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବରେ ମାନ୍ୟତା ଦିଆଯାଏ ।

ମନ୍ଦିର ବେଢାର ପ୍ରାଚୀରରେ ଖୋଦିତ ଶିଳାଲିପିକୁ ଅଧ୍ୟୟନ କଲେ ମନ୍ଦିର ନିର୍ମାଣର ଇତିହାସ ସଂପର୍କରେ ସହଜରେ ଜାଣିହୁଏ । ଏଥିରେ ଲେଖା ଅଛି,

'ଶକାବ୍ଦେ ମୁନିରନ୍ଧ୍ରାବ୍ଧି ଶୁଭ୍ରାଂଶୁ ପ୍ରମିତେଶୁଭେ,
ଭନେ ବୈଦ୍ୟନାଥେନ ପ୍ରସାଦସ୍ତୁକୃତୋମୁଦା ।'

ମୁନି ଅର୍ଥାତ୍ ସାତ (୭), ପୁରାଣରେ ସପ୍ତର୍ଷିଙ୍କ ବର୍ଣ୍ଣନା ଅଛି । ରନ୍ଧ୍ରର ଅର୍ଥ ନଅ (୯), ଅବ୍ଧିର ଅର୍ଥ ଚାରି(୪) ଏବଂ ଶୁଭ୍ରାଂଶୁ ଅର୍ଥାତ୍ ଚନ୍ଦ୍ର ଏକ (୧) । ଏହାକୁ ବିପରୀତ ଭାବରେ ସଜାଇଲେ ହେବ ୧୪୯୭ । ଅର୍ଥାତ୍ ୧୪୯୭ ଶକାବ୍ଦ ବା ଇଂରାଜୀ ବର୍ଷ ୧୫୭୫ ମସିହାରେ ବାରିପଦାର ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିଲା ।

ବାରିପଦା ଜଗନ୍ନାଥ ମନ୍ଦିରର ନିଜସ୍ୱ କିଛି ବିଶେଷତ୍ୱ ରହିଛି । ୮୪ ଫୁଟ୍ ୬ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରଟି ମାଙ୍କଡା ପଥର ଅର୍ଥାତ୍ ଲ୍ୟାଟେରାଇଟ୍ ଷ୍ଟୋନ୍ ଦ୍ୱାରା ନିର୍ମିତ । ଏହାର ଶିଳ୍ପଚାତୁର୍ଯ୍ୟ ଭିନ୍ନ ତଥା ଅନନ୍ୟ । ମହାରାଜା ବୈଦ୍ୟନାଥ ଭଂଜଦେଓଙ୍କ ଦ୍ୱାରା ମୟୂରଭଞ୍ଜର ମାଣିତ୍ରୀ ଠାରେ ନିର୍ମିତ କଖାରୁଆ ବୈଦ୍ୟନାଥ ମନ୍ଦିର ଶୈଳୀରେ ବାରିପଦା ଜଗନ୍ନାଥ ମନ୍ଦିରର ବିମାନ, ଜଗମୋହନ ଏବଂ ନାଟମନ୍ଦିର ନିର୍ମିତ ହୋଇଅଛି । ଉଚ୍ଚ ପ୍ରାଚୀର ଦ୍ୱାରା ପରିବେଷ୍ଟିତ ଏହି ମନ୍ଦିରର ବେଢାରେ ୧୭ଟି ଛୋଟଛୋଟ ମନ୍ଦିର ରହିଛି । ମନ୍ଦିର ବେଢା ମଧ୍ୟରେ ନିର୍ମିତ ଛୋଟଛୋଟ କୋଠରୀ ଭିନ୍ନଭିନ୍ନ ଧର୍ମାବଲମ୍ବୀଙ୍କ ନିମନ୍ତେ ଉଦ୍ଦିଷ୍ଟ । ଏଥି ମଧ୍ୟରୁ ଆମେ ଅବଲୋକିତେଶ୍ୱର ପାରଶନାଥ ଏବଂ ଉମା-ମହେଶ୍ୱରଙ୍କ ଚିତ୍ର ଦେଖିବାକୁ ପାଉ । ଏହାର ଭିତର ପ୍ରବେଶ ପଥରେ କଳାମୁଗୁନି ପଥରରେ ଖୋଦିତ ଜୈନ ତୀର୍ଥଙ୍କର ଋଷଭନାଥ, ପାରଶନାଥ, ଏବଂ ମହାବୀରଙ୍କ ଚିତ୍ର ପରିଲକ୍ଷିତ ହୁଏ ।

ବାରିପଦା ଜଗନ୍ନାଥଙ୍କ ପୂଜା ପଦ୍ଧତି, ସେବା ଓ ନିଯୋଗ କେତେକାଂଶରେ ପୁରୀ ଠାରୁ ଭିନ୍ନ । ବାରିପଦାର ଜଗନ୍ନାଥଙ୍କ ଠାରେ ମୋଟା ବଗଡା ଅନ୍ନ ଭୋଗ ଲାଗେ । ଏହାକୁ 'ମୋଟାଉରିଆ' କୁହାଯାଏ । ଆଦିବାସୀ ବହୁଳ ମୟୂରଭଂଜରେ ସାଧାରଣ ଲୋକଙ୍କ ପ୍ରିୟଖାଦ୍ୟ ହେଲା ଏହି 'ମୋଟାଉରିଆ' । ସେଥିପାଇଁ ବୋଧହୁଏ ଭକ୍ତର ଭଗବାନ ପସନ୍ଦ କରିଛନ୍ତି ଏହି ଖାଦ୍ୟକୁ ଆପଣାର ଖାଦ୍ୟ ଭାବେ । ଅନ୍ୟାନ୍ୟ ଭୋଗ ବ୍ୟବସ୍ଥା ଓ ତାହାର ନାମକରଣଗୁଡିକ ମଧ୍ୟ ସ୍ୱତନ୍ତ୍ର । ଯଥା: ସକାଳ ୬ ଘଟିକା - ଅବକାଶ, ୧୦.୩୦ ଘଟିକା - ଦଳାଖେଚୁଡ଼ି, ୧୧ ଘଟିକା - ମୋଟାଉରିଆ, ଧୂପ ସନ୍ଧ୍ୟା ୬ଘଟିକା - ପହଡଭଙ୍ଗା (ପଣା, ଆରିସା, ପୁରୀ, ମୋହନଭୋଗ ଓ ମିଠାଇ), ରାତ୍ର ୮ ଘଟିକା- ରାଜଭୋଗ (ସରୁଉରିଆ), ରାତ୍ର ୧୧ ଘଟିକା- ମୋଟାଉରିଆ, ରାତ୍ର ୧୧.୩୦ - ବଡ଼ସଂଘାର (ବଲ୍ଲଭ, ଉଖୁଡା ଓ କାକରା) । ଏହା ହେଉଛି ବାରିପଦା ହରିବଳଦେବ ଜୀଉଙ୍କ ନିତିଦିନିଆ ଭୋଗର ଚିଠା । ବାରିପଦାର ଦଳାଖେଚୁଡ଼ି, ରାମରୋଚକ ତରକାରୀ, ପୋଡପିଠା, ଆରିଶା ପିଠା, ଗୁଡଲଡୁ ପ୍ରଭୃତି କେତେକ ଭୋଗ ଯେ କେବଳ ସ୍ୱତନ୍ତତାର ପରିଚୟ ଦିଏ ତାହା ନୁହେଁ; ଅନ୍ୟତ୍ର ମଧ୍ୟ ବେଶ୍ ଲୋକପ୍ରିୟ ।

ଆଷାଢ ମାସରେ ଅନୁଷ୍ଠିତ ହୁଏ ପବିତ୍ର ଘୋଷଯାତ୍ରା । ନେତ୍ରୋତ୍ସବ ବା ନବଯୌବନ ଦର୍ଶନ ପରେ ରଥଯାତ୍ରା ଅନୁଷ୍ଠିତ ହୁଏ ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ । ତିନିଠାକୁର ପହଣ୍ଡି ବିଜେ ହୋଇ ରଥ ଉପରକୁ ଆସନ୍ତି । ପୁରୀରେ ସେହିଦିନ ରଥଯାତ୍ରା ଅନୁଷ୍ଠିତ ହୁଏ । ମାତ୍ର ବାରିପଦାରେ ଠାକୁରମାନେ ରଥ ଉପରେ ସେହିଦିନ ବିଶ୍ରାମ ନେବା ପରେ ପରଦିନ ରଥଟଣା ଅନୁଷ୍ଠିତ ହୁଏ । ପ୍ରଥମ ଦିନ ବଡଭାଇ ବଳଭଦ୍ରଙ୍କ ରଥକୁ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଟଣା ଯାଇ ଦେବୀ ସୁଭଦ୍ରାଙ୍କୁ ଅଧବାଟ ପର୍ଯ୍ୟନ୍ତ ନିଆଯାଏ । ପରଦିନ ପୁଣି ଦେବୀଙ୍କ ଦେବଦଳନ ରଥକୁ ଆଉ ଅଧାବାଟ ଟଣା ଯାଏ । ପରେ ପରେ ସେହିଦିନ ନନ୍ଦିଘୋଷ ରଥ ଟଣାଗଲା ପରେ ଯାତ୍ରା ସମାପ୍ତ ହୋଇଥାଏ । ଏହିଭଳି ଭାବରେ ପୁରୀରେ ଗୋଟିଏ ଦିନରେ ଘୋଷଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ବାରିପଦାରେ ତିନି ଦିନ ଧରି ଅନୁଷ୍ଠିତ ହୁଏ ।

ବାରିପଦା ରଥଯାତ୍ରାର ସବୁଠାରୁ ମହତପୂର୍ଣ୍ଣ ଦିଗଟି ହେଲା ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣନ୍ତି । ୧୯୭୫ ମସିହାରେ ପ୍ରଥମ କରି ପାଳିତ ହୋଇଥିଲା ଆର୍ନ୍ତଜାତିକ ମହିଳା ଦିବସ । ସେହିବର୍ଷ ହିଁ ପ୍ରଥମ ଥର ପାଇଁ କେବଳ ମହିଳାମାନେ ଦେବୀ ସୁଭଦ୍ରାଙ୍କ ରଥ ଟାଣିଲେ । ସେତେବେଳେ ଦେଶର ପ୍ରଧାନମନ୍ତ୍ରୀ ଥାଆନ୍ତି ଇନ୍ଦିରା ଗାନ୍ଧି ଏବଂ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଥାଆନ୍ତି ନନ୍ଦିନୀ ଶତପଥୀ । ମହିଳା ସଶକ୍ତିକରଣର ଏହାଠାରୁ ବଡ଼ ସନ୍ଦେଶ ଆଉ କ'ଣ ହୋଇପାରେ ?

ବଡ଼ଦାଣ୍ଡର ଶେଷମୁଣ୍ଡରେ ଅମ୍ବିକା ମନ୍ଦିର ନିକଟରେ ଅବସ୍ଥିତ ରାଧାମୋହନ ମନ୍ଦିରକୁ ନଅ ଦିନ କାଳ ଗୁଣ୍ଡିଚା ମନ୍ଦିର ଭାବରେ ବ୍ୟବହାର କରାଯାଏ । ଏହି ନଅ ଦିନ ଭିତରେ ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ପ୍ରକାର ବେଶ ହୁଅନ୍ତି । ପୁରୀ ଠାକୁର ଏହି ସମୟରେ ଦଶ ଅବତାର ହୁଅନ୍ତି । ମାତ୍ର ବାରିପଦାରେ ମତ୍ସ୍ୟ, କୂର୍ମ, ଲକ୍ଷ୍ମୀନାରାୟଣ, ଗଜ ଉଦ୍ଧାରଣ, ପର୍ଶୁରାମ, ରାମ, ରତିମଦନ ଭସ୍ମ, ନୃସିଂହ, କାଳୀ, ଦ୍ୱାରିକା, କଳକୀ ଓ ବୌଦ୍ଧ ବେଶରେ ଭକ୍ତଗଣଙ୍କୁ ଦର୍ଶନ ଦିଅନ୍ତି । ଦଶମୀ ଦିନ ମହାପ୍ରଭୁ ତିନିଦିନାତ୍ମକ ବାହୁଡା ଯାତ୍ରା ଆରମ୍ଭ କରନ୍ତି ।

ଏତଦ୍ ବ୍ୟତୀତ ବାରିପଦାରେ ଆଉ ଏକ ଜଗନ୍ନାଥ ମନ୍ଦିର ଅଛି । ଯାହାକୁ ମହାରାଜା ଶ୍ରୀନାଥ ଭଞ୍ଜଦେଓ ନିର୍ମାଣ କରିଥିଲେ । ଏହାର ମନ୍ଦିର ଓ ଠାକୁର କ୍ଷୁଦ୍ରାକୃତି ହୋଇଥିବାରୁ ତାକୁ ବାଣ୍ଟିଆ ଜଗନ୍ନାଥ ମନ୍ଦିର ବୋଲି କୁହାଯାଏ ।

ବିଶ୍ୱର ଅନନ୍ୟ ସଂସ୍କୃତି ଜଗନ୍ନାଥ ସଂସ୍କୃତିର ଏକ ଭିନ୍ନ ମହକ ବାରିପଦାରେ ଦେଖିବାକୁ ମିଳେ । ନିଜ ଜେଜେମାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସେହିରାଜ ପୁରୁଷ ଯେଉଁ କୀର୍ତ୍ତୀରାଜି ସ୍ଥାପନା କରିଯାଇଛନ୍ତି ତାହା ସମଗ୍ର ସଂସାରରେ ବିରଳ ।



ପ୍ରସଙ୍ଗ - ୧୧

# ମହାଲକ୍ଷ୍ମୀଙ୍କ ମାନଭଞ୍ଜନ



ଫଟୋ : ଭିଓ

# ମାନମୟୀଙ୍କ ମାନଭଞ୍ଜନ ଓ ରସଗୋଲା ଭେଟି


## ଡକ୍ଟର ହେନେରିତା ମିଶ୍ର

ଠିକଣା : ସହକାରୀ ପ୍ରାଧ୍ୟାପିକା, ଓଡ଼ିଆ ବିଭାଗ, ସରକାରୀ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ,
ମାଲକାନଗିରି-୭୬୪୦୪୮, ଓଡ଼ିଶା
ଫୋନ: ୯୭୭୭୬୫୩୭୦୮

ଫଟୋ ସୌଜନ୍ୟ : ଲେଖିକା




▲ଲେଖିକା ହେନେରିତା ମିଶ୍ର

"ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ
ଜଗଦାନନ୍ଦକନ୍ଦାୟ ପ୍ରଣପର୍ତ୍ତିହରାୟ ଚ
ନୀଳାଚଳ ନିବାସାୟ ଜଗନ୍ନାଥାୟ ତେ ନମଃ ।"

ନୀଳାଦ୍ରିବିହାରୀ ଶ୍ରୀଜଗନ୍ନାଥ ବିଶ୍ୱର ଏଭଳି ଏକ ଦେବତା, ଯିଏ ତା ଭକ୍ତ ପାଇଁ ବ୍ୟାକୁଳ । ଯୁଗେ ଯୁଗେ ଭକ୍ତିରେ ବନ୍ଧା ପ୍ରଭୁ । ପୁଣ୍ୟ ଭାରତବର୍ଷର ନୀଳାଚଳ ପୀଠରେ (ପୁରୁଷୋତ୍ତମ କ୍ଷେତ୍ର)ରେ ଶ୍ରୀଜଗନ୍ନାଥ ରୂପରେ ମାନବୀୟ ଲୀଳା ସମ୍ପାଦନ କରନ୍ତି । ପ୍ରଭୁଙ୍କ ସ୍ୱରୂପ ଅନନ୍ୟ, ଅବର୍ଣ୍ଣନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ କେବଳ ଦାରୁମୂର୍ତ୍ତିରେ ସୀମିତ ନୁହଁନ୍ତି; ବରଂ ସେ ଏକ ଅଦୃଶ୍ୟ, ଅବ୍ୟକ୍ତ ଅନୁଭବ । ସେ ଏକ ଶାଶ୍ୱତ, ଚିରନ୍ତନ, ଅବିନାଶୀ ସତ୍ତା । ସ୍ଥାନାନ୍ତର, ରୂପାନ୍ତର ତାଙ୍କର ଏକ, ଏକ ଲୀଳା ମାତ୍ର ।

ବିଶାଳ ଭାରତବର୍ଷର ମହିମାଭରା, ଗୌରବମୟ ଇତିହାସର ମୂକସାକ୍ଷୀ ବହନ କରିଥିବା ଉତ୍କଳ ବା ଅଧୁନା ଓଡ଼ିଶା ପ୍ରଦେଶ ଏହି ଚିରନ୍ତନ, ଶାଶ୍ୱତ ଚେତନାକୁ ଏକ ସଂସ୍କୃତି ଭାବରେ ନିରାଜନା କରିଆସୁଛି । ସଂସ୍କୃତି ଓ ସଭ୍ୟତା ଜାତିର ଜୀବନୀ ଶକ୍ତି । ଯେଉଁ ଜାତିର ସଂସ୍କୃତି ଯେତେ ମାର୍ଜିତ, ତାର ସଭ୍ୟତା ସେତିକି ଶୃଙ୍ଖଳିତ । ଏହି ପରିମାର୍ଜିତ ସଂସ୍କୃତି 'ଶ୍ରୀଜଗନ୍ନାଥ'ଙ୍କୁ ତାର ସର୍ବସ୍ୱ ମନେକରିଛି । ତେଣୁ ତ, ଶ୍ରୀଜଗନ୍ନାଥ ଏକ Cultural faith ବା ସାଂସ୍କୃତିକ ପ୍ରତ୍ୟୟ ହୋଇ ଆମ ଗହଣରେ ରହିଛନ୍ତି । ବାସ୍ତବିକ ଶ୍ରୀଜଗନ୍ନାଥ, ଜଗତର ନାଥ । ସମଗ୍ର ବିଶ୍ୱର ବିସ୍ମୟ ସେ, କୌଣସି ନିର୍ଦ୍ଦିଷ୍ଟ ତତ୍ତ୍ୱର ସୀମା-ସରହଦରେ ଆବଦ୍ଧ ନହୋଇ ଏସବୁର ଉର୍ଦ୍ଧ୍ୱରେ ଏହି ଦେବତା ସମଗ୍ର ବିଶ୍ୱ ଦ୍ୱାରା ପୂଜିତ । ଓଡ଼ିଆଙ୍କ ଆଦରର ଠାକୁର ସେ । କିଏ, କଳାକାହ୍ନୁ ତ କିଏ କାଳିଆ, କଳାଦିଅଁ, କଳାଠାକୁର ବୋଲି ଡାକେ, ଅଭିମାନ କରେ ଓ ତାଙ୍କ ପାଦ ତଳେ ପଡ଼ି ପ୍ରଣତୀ ବାଢ଼େ । ଅଦ୍‌ଭୁତ ମନେହେଲେ ହେଁ ସତ୍ୟ । ଭକ୍ତ-ଭଗବାନଙ୍କର ଏ ଲୀଳା ଅନନ୍ୟ, ଦିବ୍ୟ । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ନ୍ୟାୟରେ ପ୍ରଭୁ ଶ୍ରୀଜଗନ୍ନାଥ ଦାରୁ ରୂପରେ ବିଦ୍ୟମାନ ଅଟନ୍ତି । ଓଡ଼ିଆର ଗଣ୍ଠିଧନ, ପ୍ରାଣର ଶଙ୍ଖୋଳି ତାର ମନୁଆଁ ଦିଅଁ, ଯାହାକୁ ନେଇ ସେ ଗର୍ବ କରେ ।

ସକଳ ଓଡ଼ିଆଙ୍କ ଠାକୁର ସେହି ଏକ ଜଗନ୍ନାଥ ଓ ଓଡ଼ିଶାର ରାଜା 'ଠାକୁର ରାଜା' ବା ଚଳନ୍ତି ବିଷ୍ଣୁ । ପୁରୁଷୋତ୍ତମ କ୍ଷେତ୍ର ବା ନୀଳାଚଳ ଧାମ ହେଉଛି ମର୍ତ୍ତ୍ୟ ବୈକୁଣ୍ଠ । ଯେଉଁଠି ପ୍ରଭୁ ବାରମାସରେ ତେରପର୍ବ ଭିଆଣ କରନ୍ତି । ପତିତପାବନ ସେ; ପତିତମାନଙ୍କୁ ଉଦ୍ଧାର କରିବା ଲାଗି ବର୍ଷକୁ ଥରେ ଓହ୍ଲେଇ ଆସନ୍ତି ବଡ଼ଦାଣ୍ଡକୁ । ଯେଉଁଠି ଭକ୍ତ ଓ ଭଗବାନଙ୍କର ହୁଏ ମିଳନ । ଦୟାମୟଙ୍କ ଲୀଳାର ପଟାନ୍ତର ବା କାହିଁ ? ସେ, ଯଥାର୍ଥରେ ନିଜେ ହିଁ ନିଜର ତୁଳନା, ନିଜେ ହିଁ ନିଜର ଉପମା ଏବଂ ନିଜେ ହିଁ ନିଜର ବର୍ଣ୍ଣନା । ଶାସ୍ତ୍ର, ପୁରାଣାଦିରେ ଅନେକ ରାଶି, ରାଶି କାହାଣୀ ପ୍ରଭୁଙ୍କର । ଶ୍ରୀଜଗନ୍ନାଥ, ଅଭୟଦାୟକ । କେବଳ ଭକ୍ତର ରକ୍ଷା ନିମନ୍ତେ, ସେ ଅବତରିଥାନ୍ତି ନାନା ରୂପରେ । ସ୍କନ୍ଦପୁରାଣ, ବ୍ରହ୍ମପୁରାଣ, ନୀଳାଦ୍ରି ମହୋଦୟ ଆଦିରେ ବର୍ଣ୍ଣିତ ଅଛି:

"ଭାରତେଚୋତ୍କଳ ଦେଶେ
ଭୂସ୍ୱର୍ଗେ ପୁରୁଷୋତ୍ତମେ
ଦାରୁରୂପୀ ଜଗନ୍ନାଥୋ
ଭକ୍ତାନାମ ଭୟପ୍ରଦଃ ।"

ଏଥିରୁ ସ୍ପଷ୍ଟ ଅନୁମେୟ, ପ୍ରଭୁ ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ଧାମରେ, ଭକ୍ତମାନଙ୍କ ନିମନ୍ତେ ପୂଜା ପାଇ ଆସୁଛନ୍ତି । ସେ ଜଣଙ୍କର ନୁହଁନ୍ତି, ସେ ସମସ୍ତଙ୍କର ଦେବତା । ସେଥିପାଇଁ ତ, ଆଷାଢ଼ ଗୁଣ୍ଡିଚା ତିଥିରେ ନିଜ ଅଗ୍ରଜ ବଳଭଦ୍ର, ଭଗିନୀ ସୁଭଦ୍ରାଙ୍କ ସହ ରଥଯାତ୍ରା ଭିଆଇଥାନ୍ତି । କେବଳ ସେହି ଭକ୍ତମାନଙ୍କ ନିମନ୍ତେ । ଏପରିକି ସ୍ୱର୍ଗରୁ ଅବତରିଥାନ୍ତି ଦେବତାମାନେ । କେବଳ ଚର୍ମଚକ୍ଷୁରେ ଦର୍ଶନ କରିବା ପାଇଁ, ହିଁ ସମସ୍ତଙ୍କର ଏ ବ୍ୟାକୁଳତା, ସମସ୍ତଙ୍କର ଏ ବ୍ୟଗ୍ରତା । ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବା ଗୁଣ୍ଡିଚାଯାତ୍ରାରେ 'ଲକ୍ଷ୍ମୀ-ନାରାୟଣ କଳି' ଏକ ମୁଖ୍ୟ ଆକର୍ଷଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ସତ୍ୟ ଯେ, ପ୍ରଭୁଙ୍କ ସ୍ୱରୂପ ଅବର୍ଣ୍ଣନୀୟ, ତଥାପି ଭକ୍ତପ୍ରାଣ ସିନ୍ଧୁଙ୍କୁ ତା' ଭକ୍ତିଟିଏ ହିଁ ଆଙ୍କିପାରେ, ବୁଝିପାରେ । ଏସବୁ ଭାବର କଥା; ଯେଉଁଠି ତର୍କ-ଜ୍ଞାନର ବହୁ ଉର୍ଦ୍ଧ୍ୱରେ ଭକ୍ତ ଓ ଭଗବାନଙ୍କ ସମ୍ପର୍କ ।

ଲକ୍ଷ୍ମୀ ହେଉଛନ୍ତି ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ । ବିଷ୍ଣୁ ସ୍ୱରୂପ ହେଉଛନ୍ତି ଜଗତର ନାଥ



ଜଗନ୍ନାଥ । ପ୍ରଭୁ, ଲୀଳାପ୍ରିୟ । ଭକ୍ତ ମନୋବାଞ୍ଛା ପୂରଣ ନିମନ୍ତେ ପ୍ରଭୁ ବିଭିନ୍ନ ଲୀଳା-ଖେଳା କରିଥାନ୍ତି । ସ୍ଥୂଳତଃ ଶ୍ରୀଜଗନ୍ନାଥ ସଂସ୍କୃତି, ଧର୍ମ ଓ ଭାବଧାରା ଓଡ଼ିଆର ପ୍ରାଣସର୍ବସ୍ୱ । ଶ୍ରୀଜଗନ୍ନାଥଙ୍କ ପର୍ବପର୍ବାଣି ଓ ଯାତ୍ରା, ବାସ୍ତବିକ ଅନନ୍ୟ । ତେଣୁ ତ ଶାସ୍ତ୍ରକାରଙ୍କ ମତରେ:

"ଦୋଳେ ଚ ଦୋଳ ଗୋବିନ୍ଦଂ ରୂପେ ଚ ମଧୁସୂଦନଂ
ରଥେ ତୁ ବାମନଂଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।"

ଫଗୁଣରେ ଦୋଳ, ବୈଶାଖରେ ଚନ୍ଦନ ଓ ତତ୍‌ପରେ ସ୍ନାନଯାତ୍ରା । ସ୍ନାନ ପୂର୍ଣ୍ଣିମାରେ ଶହେ ଆଠ ଗରା ପଣିରେ ଗାଧୁଆ ପରେ ପ୍ରଭୁଙ୍କୁ ହୁଏ ଜ୍ୱର । ସାଧାରଣ ମଣିଷ, ଯେମିତି ଜ୍ୱରରେ ଅତିଷ୍ଠ ହୋଇ ବିଶ୍ରାମ ନିଏ, ଫଳପଥି ସେବନ କରି ସୁସ୍ଥ ହୁଏ । ଠିକ୍ ସେହିପରି ପ୍ରଭୁ ଶ୍ରୀଜଗନ୍ନାଥ ପନ୍ଦରଦିନ ଅଣସର ଘରେ ବିଶ୍ରାମ କରନ୍ତି । ସୁସ୍ଥତା ପ୍ରାପ୍ତି ପରେ ନବଯୌବନ ବେଶ ହୁଅନ୍ତି, ନେତ୍ର ଉତ୍ସବ ପାଳନ ହୁଏ । ଅପୂର୍ବ, ଏ ସ୍ନିଗ୍ଧ ବେଶ । ଜୀବନ ହୁଏ କୃତାର୍ଥ । ତତ୍‌ପରେ ହୁଏ ଶ୍ରୀଗୁଣ୍ଡିଚା ଯାତ୍ରା । ପହଣ୍ଡି ବିଜେ ପୂର୍ବକ ତିନିରଥରେ ବିଜେ ହୁଅନ୍ତି ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ସୁଭଦ୍ରା । ନବଦିନ ବ୍ୟାପୀ ଏହି ଯାତ୍ରା ପାଳନ ହୋଇଥାଏ । ଏହିଠାରୁ ହିଁ ଆରମ୍ଭ ହୁଏ ଦାମ୍ପତ୍ୟ କଳହର ସୂତ୍ରପାତ ।

"ଯଥା ଦେହେ, ତଥା ଦେବେ" ନ୍ୟାୟରେ ପ୍ରଭୁ ଜଗନ୍ନାଥ, ସାଂସାରିକ ଲୀଳା ସମ୍ପାଦନ କରନ୍ତି । ନିଜ ନବବିବାହିତା ପତ୍ନୀ ଲକ୍ଷ୍ମୀଙ୍କୁ ଛାଡ଼ି ପ୍ରଭୁ, ଶ୍ରୀଗୁଣ୍ଡିଚା ଯାତ୍ରା କରିଥିବାରୁ ମାନମୟୀ ଲକ୍ଷ୍ମୀ ଠାକୁରାଣୀ ଅଭିମାନିନୀ ସାଜିଛନ୍ତି । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମାନ-ଅଭିମାନ, ରାଗରୁଷା ଅତି ସାଧାରଣ କଥା । ତଥାପି ବେଳେବେଳେ ଛୋଟ କଥାରୁ ମହାଭାରତ ସୃଷ୍ଟି ହେବାର ନଜିର୍ ଅଛି । ସମ୍ପର୍କ ଭିତରେ ମାନ-ଅଭିମାନ ହିଁ ତାହାକୁ ଆହୁରି ସୁଦୃଢ଼ କରେ । ସ୍ୱତନ୍ତ୍ରତଃ ଦାମ୍ପତ୍ୟ କଳହ କ୍ଷଣସ୍ଥାୟୀ । ପାଣିର ଗାର ପରି । ସେଥିପାଇଁ ତ ଓଡ଼ିଆ ଲୋକକଥା (ଢଗ-ଢମାଳି) ସ୍ୱୀକାର କରିଛି:

"ପଇତା କୋପ- କୋପ ନୁହେଁ,
ବାଇଗଣ ପୋକ- ପୋକ ନୁହେଁ ।"

"ସଂସାର ଭିତରେ ଘର କରିଥିଲେ, ପଥର ପଡ଼ିଲେ ସହି" । ବାସ୍ତବିକ ସଂସାରରେ ଛୋଟମୋଟ ଘଟଣା ଘଟିଥାଏ । ଏସବୁ ଅତିସାଧାରଣ । ସ୍ୱାମୀ-ସ୍ତ୍ରୀ ସମ୍ପର୍କ ଅତୁଟ, ଏଥିରେ କଥା କଟାକଟି ରାଗ-ରୁଷା ଅତି ମାମୁଲି କଥା । ସ୍ୱାମୀ, ଯେତେ ରାଗନ୍ତୁ, ଯେତେ ବିରକ୍ତି ହୁଅନ୍ତୁ ପଛେ; ତାର ପ୍ରାଣପ୍ରିୟା ପତ୍ନୀର ସ୍ମିତହାସ୍ୟରେ ସବୁ ଭୁଲିଯାଏ । ଆଉ, ସ୍ୱାମୀଙ୍କ କ୍ରୋଧ ନିମିଷକେ ପାଣି ଫାଟିଯାଏ । ଠିକ୍ ସେହିପରି ଅଭିମାନିନୀ ସ୍ତ୍ରୀ ଯେତେ ରାଗ କରୁ, ଅଭିମାନ କରୁ; ସ୍ୱାମୀଆ ଟିକିଏ ସୋହାଗଭରା କଥାରେ ତରଳି ଯାଏ । ତେଣୁ ତ, ଶାସ୍ତ୍ର ସ୍ୱୀକାର କରିଛି, ଏହି ଦାମ୍ପତ୍ୟ କଳହ ପଛର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା । ଯଥା:

"ଅଜା ଯୁଦ୍ଧେ ଋଷି ଶ୍ରାଦ୍ଧେ
ପ୍ରଭାତେ ମେଘ ଡମ୍ବରୁ
ଦାମ୍ପତ୍ୟ କଳହଶ୍ଚୈବ
ବହୁ ଆଡ଼ମ୍ବର ଲଘୁକ୍ରିୟା ।"

ମାନମୟୀ-ଶ୍ରୀମୟୀ-ଶ୍ରୀଲକ୍ଷ୍ମୀଙ୍କର କୋପ ବି କ୍ଷଣସ୍ଥାୟୀ । ନବବିବାହିତା ପତ୍ନୀଙ୍କୁ ଛାଡ଼ି ନିଜ ଭାଇ, ଭଉଣୀଙ୍କ ସହ ଏପରି ଯାତ୍ରା କରିବା, ତାଙ୍କ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି, ଫଳସ୍ୱରୂପ ଅଭିମାନିନୀ ମନ ନେଇ ମା' ପ୍ରତିଶୋଧ ପରାୟଣା ହୋଇ ଉଠିଛନ୍ତି । ସାଧାରଣ ନାରୀଟିଏ ଯେପରି ବେଳେବେଳେ, ଅସନ୍ତୋଷ ହୋଇଉଠେ, ଠିକ୍ ମା'ଲକ୍ଷ୍ମୀ ମଧ୍ୟ ଅସୂୟାପରବଶ ହୋଇ ସାଧାରଣ ଗୃହିଣୀଟିଏ ପରି ପ୍ରଭୁଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି । ସାଧାରଣ ସଂସାରୀ ମଣିଷ ଭଳି ଲକ୍ଷ୍ମୀ-ନାରାୟଣ କଳହ କରନ୍ତି । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଲକ୍ଷ୍ମୀ-ନାରାୟଣ ବା ଲକ୍ଷ୍ମୀ-ଜଗନ୍ନାଥଙ୍କ ଦାମ୍ପତ୍ୟ ଜୀବନରେ ଏ ଝଡ ଉଠିଲା କାହିଁକି ? ପ୍ରଭୁ ଓ ଆଦ୍ୟଶକ୍ତି ତ ଅଭିନ୍ନ । ପ୍ରକୃତି ଓ ପୁରୁଷ । ଦୁହେଁ, ମିଶି ଏକାକାର । ସତେ ତ, ଏ ଖୁବ୍ ଅଦ୍ଭୁତ ମନେ ହେଲେ ହେଁ, ସତ୍ୟ । ଶ୍ରୀଜଗନ୍ନାଥ ଓ ମା'ଲକ୍ଷ୍ମୀଙ୍କର ଏ ନାଟକୀୟତା ଅତ୍ୟନ୍ତ ହୃଦୟସ୍ପର୍ଶୀ । ଧୂଳିମାଟିର ମଣିଷମାନଙ୍କ ପରି ପ୍ରଭୁଙ୍କର ଲୀଳା । ଯେତେ ରାଗ-ରୁଷା-ଅଭିମାନ ସବୁ ଆମରିମାନଙ୍କ ପରି ।

ଶ୍ରୀଜଗନ୍ନାଥ ଗୁଣ୍ଡିଚାଯାତ୍ରା କଲେ । ଅଥଚ ମାନମୟୀ ଲକ୍ଷ୍ମୀଙ୍କୁ ଏକାକୀ ଶ୍ରୀମନ୍ଦିରରେ ଛାଡ଼ି, ପ୍ରଭୁ ଜନକପୁରୀ ବା ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କଲେ । ନିଜ ଭ୍ରାତା ପ୍ରଭୁ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସଙ୍ଗରେ ନେଇ ପ୍ରସ୍ଥାନ କଲେ, ଅଥଚ କମଳାଙ୍କୁ ନବା ତ ଦୂରକଥା କଥା ଦି'ପଦ ବି ହେଲେ ନାହିଁ । ଏଥିପାଇଁ

ମା'କମଳାଙ୍କ ଅସନ୍ତୁଷ୍ଟ ହେବା ସ୍ୱାଭାବିକ୍ ।

ଶ୍ରୀମନ୍ଦିର ଶୂନ୍ୟ । ଲକ୍ଷ୍ମୀଦେବୀ ମାନମୟୀ । ଅଭିମାନରେ ଆର୍ଦ୍ର ତାଙ୍କ ହୃଦୟ । ବିରହାନଳରେ ଦଗ୍ଧିଭୂତା ଲକ୍ଷ୍ମୀ । ମନେମନେ ପ୍ରଭୁଙ୍କୁ ଅଭିମାନ କଲେ । "ଆପଣ ପରା ଅନ୍ତର୍ଯ୍ୟାମୀ, ତ୍ରୈଲୋକ୍ୟଚିନ୍ତାମଣି, ଆପଣ ଏ ବିରହିଣୀ ନାରୀମନ ବ୍ୟଥା ବୁଝିଲେନି !"

ପ୍ରଭୁ ଧନ୍ୟ, ତୁମେ । ଧନ୍ୟ ତୁମର ଲୀଳା । ପ୍ରିୟସଙ୍ଗିନୀ ବିମଳା ଓ ସରସ୍ୱତୀଙ୍କୁ ଡାକି ଲକ୍ଷ୍ମୀ-ସରସ୍ୱତୀ ବିଚାର କଲେ । ପ୍ରଭୁଙ୍କୁ ଏହା ପଛରେ ଥିବା କାରଣର ଜିଜ୍ଞାସା ପାଇଁ, ଦାସୀ ପରିଚାରୀଙ୍କୁ ପ୍ରେରଣ କଲେ । ହେଲେ ପ୍ରଭୁଙ୍କ ଉତ୍ତରରେ ମା'ଲକ୍ଷ୍ମୀ ଅତ୍ୟଧିକ କ୍ରୋଧଶୀଳା ହେଲେ । ମାନମୟୀ ଲକ୍ଷ୍ମୀ କିନ୍ତୁ ନଛୋଡ଼ବନ୍ଧା; ନିଜ ଅଭିମାନରେ ହେଲେ ଦଗ୍ଧିଭୂତା । ଗୋଟିଏ ଦିନ, ତାଙ୍କୁ କୋଟିଏ ଦିନ ପରି ଲାଗୁଥିଲା । ମା'ଲକ୍ଷ୍ମୀ କିନ୍ତୁ ଅସୂୟା ପରାୟଣା ହୋଇ ପଞ୍ଚମୀ ତିଥିରେ, 'ହେରାପଞ୍ଚମୀ'ରେ ମା'ଲକ୍ଷ୍ମୀ ଠାକୁରାଣୀ ମହା ପଟୁଆରରେ ଗୁଣ୍ଡିଚାମନ୍ଦିର ଯାତ୍ରା କଲେ । ସତେ ଯେପରି ମାନମୟୀଙ୍କ ଏ ଯାତ୍ରା ବିରହିଣୀର ଯାତ୍ରା ନୁହେଁ, ବରଂ ଏକ ବୀରାଙ୍ଗନାର ଯାତ୍ରା । ରତ୍ନଖଚିତ, ଗଜଦନ୍ତ ପାଲିଙ୍କିରେ ବସି, ହେରାଗୋହିରୀ ସାହି ଅତିକ୍ରମ କରି ବଳଗଣ୍ଡି ପାର୍ ହେବାର ଖବର ପ୍ରଭୁଙ୍କ ଠାରେ ପହଞ୍ଚୁ ପହଞ୍ଚୁ ପ୍ରଭୁ ଜଗନ୍ନାଥ ମାମମୟୀଙ୍କ ମାନ କ୍ଷାନ୍ତ କରିବା ପାଇଁ ମଧ୍ୟସ୍ଥି ପଠାଇଲେ । ଶ୍ରୀ ଯମେଶ୍ୱର, ନାଭକେଶ୍ୱର, ମାର୍କଣ୍ଡେଶ୍ୱର ତିନି ଦେବତା ମଧ୍ୟସ୍ଥି ସାଜି ମା'ଙ୍କ ଠାରେ ଅନୁରୋଧ ଭିକ୍ଷା କଲେ । ତଥାପି, ମାନମୟୀଙ୍କ ରୋଷ କ୍ଷାନ୍ତ ହେବା ଦୂରେ ଥାଉ, ସୁସଜ୍ଜିତ ନନ୍ଦିଘୋଷ ରଥକାଠରୁ ଖଣ୍ଡେ ଭାଙ୍ଗି ଦେଇ ଗଲେ । ଅଥଚ ଶ୍ରୀଜଗନ୍ନାଥ, ଏଥିପ୍ରତି ଆକୃଷ୍ଟ ହୋଇ ମା'କମଳାଙ୍କୁ ଆଦର ସମ୍ଭାଷଣ କଲେ ।


ମାତ୍ର, ମାନମୟୀ କମଳା ପ୍ରଭୁଙ୍କ ଅବିବେକିତା, ଅନ୍ୟାୟ କାର୍ଯ୍ୟ ପାଇଁ ଭର୍ତ୍ସନା କଲେ । ପ୍ରଭୁଙ୍କ ପ୍ରୀତିନୈବେଦ୍ୟକୁ ଭ୍ରୁକ୍ଷେପ ନକରି ମା'ଲକ୍ଷ୍ମୀ ଶ୍ରୀମନ୍ଦିର ଫେରିଗଲେ । ଲକ୍ଷ୍ମୀ ନାରାୟଣଙ୍କ ଏ କଳହ ଦେଖି ସେବାୟତମାନେ ଆଶ୍ଚର୍ଯ୍ୟ ହୋଇଗଲେ । ଦୀର୍ଘଦିନର ବିଚ୍ଛେଦ ପରେ ଉଭୟେ ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀର ମିଳନ ବେଳା ପାଖେଇ ଆସିବାରୁ ସମସ୍ତେ ଯେପରି ଆନନ୍ଦିତ ହୋଇଉଠୁଥାନ୍ତି । ବାସ୍ତବରେ ଖୁବ୍ ସୁନ୍ଦର ଏ ଦାରବୀୟ ଲୀଳା । ଶ୍ରୀଜଗନ୍ନାଥଙ୍କ ନେତ୍ରଉତ୍ସବ ଠାରୁ ଶ୍ରୀଗୁଣ୍ଡିଚା ଉତ୍ସବ ମଧ୍ୟରେ ହେରାପଞ୍ଚମୀରେ ଲକ୍ଷ୍ମୀ ପରାୟଣ କଳହ ଏବଂ ପରବର୍ତ୍ତୀ କାଳରେ 'ଲକ୍ଷ୍ମୀ-ନାରାୟଣ ଭେଟ' ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ସମ୍ପାଦିତ ହୁଏ । ନବଦିନ ଯାତ୍ରା ଉପରାନ୍ତ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା କାଳକ୍ରମେ ନନ୍ଦିଘୋଷ, ତାଳଧ୍ୱଜ ଏବଂ ଦର୍ପଦଳନ ରଥରେ ଚଢ଼ି, ଯେତେବେଳେ ଶରଧାବାଲିରେ ଶ୍ରୀମନ୍ଦିରକୁ ଯାତ୍ରା କରନ୍ତି । ସେତେବେଳେ, ମା'ଲକ୍ଷ୍ମୀ ସଖୀ ପରିଚାରୀଙ୍କ ସହ ପ୍ରଭୁଙ୍କ ଆଗମନ ଦୃଶ୍ୟକୁ ଉପଭୋଗ କରନ୍ତି । ପ୍ରଭୁଙ୍କ ରଥ ଶ୍ରୀମନ୍ଦିର ପହଞ୍ଚିଲା ବେଳେ ଲକ୍ଷ୍ମୀ-ନାରାୟଣ ଭେଟ ପାଇଁ ପନ୍ତି ଭୋଗ ହୁଏ । ଠାକୁର ରାଜାଙ୍କ ଉପସ୍ଥିତିରେ ମହାଲକ୍ଷ୍ମୀ ପ୍ରଭୁଙ୍କୁ ବନ୍ଦାପନା କରନ୍ତି । ଆଲଟ-ଚାମର ସାଙ୍ଗକୁ ଶଙ୍ଖଧ୍ୱନିରେ ସର୍ବତ୍ର ପୁଲକିତ ହୋଇଯାନ୍ତି ।



ଏକାଦଶୀରେ ପ୍ରଭୁଙ୍କ ରଥରେ ସୁନାବେଶ ହୁଏ । ପ୍ରଭୁଙ୍କର ଶ୍ରୀମନ୍ଦିରରେ ବିଜେ ହୁଏ ଦ୍ୱାଦଶୀ ତିଥିରେ । ଏହିଦିନକୁ ବଡ଼ କୌତୂହଳରେ ଅପେକ୍ଷା କରିଥାନ୍ତି ସଭିଏଁ । କାରଣ, ଏହିଦିନ ବାସ୍ତବରେ ମାନମୟୀଙ୍କ ମାନଭଞ୍ଜନ କରନ୍ତି ପ୍ରଭୁ । ଏ ହେଉଛି ଓଡ଼ିଆଙ୍କ ଅନିନ୍ଦ୍ୟ ପରମ୍ପରା । ପ୍ରଭୁ ଶ୍ରୀଜଗନ୍ନାଥ ଯେତେବେଳେ ଶ୍ରୀମନ୍ଦିରର ସିଂହଦ୍ୱାରରେ ପହଞ୍ଚନ୍ତି, ମା'ଲକ୍ଷ୍ମୀଙ୍କର ଦାସୀ-ପରିଚାରୀ ଭିତରପଟୁ କବାଟ ବନ୍ଦ କରି ଦିଅନ୍ତି । ମନ୍ଦିର ଦ୍ୱାର ଅବରୁଦ୍ଧ ଥିବାର ଦେଖି ବିଚରା ପ୍ରଭୁ ଖୁବ୍ ହରବର ହୁଅନ୍ତି । ଆହା ! କି' ସୁନ୍ଦର ସତେ ! ମାନମୟୀ ଯେ' କୋପରେ ଇନ୍ଦ୍ରଙ୍କୁ ଆଜ୍ଞା ଦିଅନ୍ତି ବର୍ଷା କରିବାକୁ । ପ୍ରଭୁ, ଏଣେ ବର୍ଷାରେ ତିନ୍ତୁଥାନ୍ତି । ବିଚରା ପ୍ରଭୁ, କେତେ କାକୁତି, ମିନତୀ କରି ମାନମୟୀଙ୍କୁ ମୃଦୁ ସଂଭାଷଣରେ ଲାଗିଥାନ୍ତି । ନିଜ ଦୋଷ ସ୍ୱୀକାର କରି ପ୍ରଭୁ କ୍ଷମାପ୍ରାର୍ଥୀ ହୁଅନ୍ତି । ଦାସୀମାନଙ୍କ ହାତରେ ସମ୍ବାଦ ପ୍ରେରଣ କରି, ଶ୍ରୀଜଗନ୍ନାଥ ସାଧାରଣ ଗୃହୀଟିଏ ପରି ବାହାରେ ରହି ଆକୁଳ ନୟନରେ ଅପେକ୍ଷା କରନ୍ତି । କିଛି ସମୟ ଉପରାନ୍ତ ମା'ଲକ୍ଷ୍ମୀ ସ୍ୱାମୀଙ୍କ ପ୍ରତି ତାଙ୍କର ଏ ବ୍ୟବହାରର ନିନ୍ଦାପୂର୍ବକ ରୋଷ ତ୍ୟାଗ କରି ଦୁଆର ଫିଟାନ୍ତି । ପ୍ରଭୁ ଜଗନ୍ନାଥ ଲକ୍ଷ୍ମୀଙ୍କ ପ୍ରତି ନିଜ ପ୍ରେମର ସ୍ୱରୂପ, ରସଗୋଲା ଭେଟି ଦିଅନ୍ତି । ନାନା ଅଳଙ୍କାର ଆଦି ଉପହାର ଦେଇ ପ୍ରଭୁ ଶ୍ରୀଜଗନ୍ନାଥ, ମାନମୟୀ କମଳାଙ୍କ ମାନଭଞ୍ଜନ କରନ୍ତି । ଧନ୍ୟ ଏ ପ୍ରଭୁଙ୍କ ଲୀଳା । ଜଣେ ପତିପ୍ରାଣା ପତ୍ନୀର ଅଭିମାନ ଏବଂ ପତ୍ନୀପ୍ରାଣା ପତିଙ୍କ ମାନଭଞ୍ଜନ କରିବାର ପ୍ରୟାସକୁ ବର୍ଣ୍ଣନା କରିବା ଏ ଆଲେଖର ଉଦ୍ଦେଶ୍ୟ ।



ଓଡ଼ିଆ ଘରର ଚାଲିଚଳଣ, ଭାବଧାରା ବିଶେଷତଃ ଦେଢ଼ଶୁର, ଭାଇ-ବୋହୂ ଅଦେଖା-ଅଛୁଆଁ ପରଂପରା, ସ୍ୱାମୀ ନିକଟରେ ସ୍ତ୍ରୀର ଅଭିମାନିନୀ ହେବା ଓଡ଼ିଆ ସଂସ୍କୃତି ବା ଶ୍ରୀଜଗନ୍ନାଥ ସଂସ୍କୃତିର ପରିଚୟ ବହନ କରେ ।



# ବାପାଙ୍କ ସହିତ ଫଟୋ

## ସୁଧିର ପ୍ରଧାନ

୯୧/ଏ, ବିଡିଏଲ୍ ମ୍ୟୁଜିୟମ, ବୀରମାତା
ଜୀଜାବାଈ ଭୋଁସ୍ଲେ ଉଦ୍ୟାନ୍, ରାଣୀବାଗ୍,
ଆମ୍ବେଦକର ରୋଡ଼, ବାଇକୁଲ୍ଲା(ପୂର୍ବ),
ମୁମ୍ବାଇ-୪୦୦୦୨୭
ଫୋନ: ୮୮୭୯୮୯୯୭୨୮


ଚିତ୍ର : ଈପ୍ସିତା ଦେ



ଗାଳ୍ପିକ ସୁଧୀର ପ୍ରଧାନ

କ୍ୟାମେରା ଗୁଡ଼ିକର ସେତେଟା ସୁଲଭତା ନଥିଲା ଆଜିକାଲିକା ପରି । ଫଟୋଟିଏ ଉଠାଇବା ପାଇଁ ଷ୍ଟୁଡ଼ିଓ ଗୁଡ଼ିକୁ ହିଁ ଯିବାକୁ ପଡୁଥିଲା । ରାଜମହଲ, ତାଜମହଲ, ସୁଶୋଭିତ ଉଦ୍ୟାନ, ରଙ୍ଗୀନ କାର୍, ଉଡ଼ାଜାହାଜ ଆଦି ସବୁ ରହୁଥିଲା ଅଙ୍କିତ ହୋଇ ପୃଷ୍ଠଭୂମିରେ । କ୍ୟାମେରାମ୍ୟାନ୍‌ର ନିର୍ଦ୍ଦେଶନାରେ ଫଟୋ ଉଠେଇବାକୁ ହେଉଥିଲା । ଖୁବ୍ କମ୍ ଲୋକ କ୍ୟାମେରା ରଖୁଥିଲେ । ରାଜୀବର କିନ୍ତୁ ପିଲାବେଳର ଫଟୋ ବହୁତ ଗୁଡ଼ିଏ ଥିଲା । ମା, ମାଉସୀ, ମାମୁଁ କେତେ ବନ୍ଧୁବାନ୍ଧବଙ୍କ ସାଙ୍ଗରେ, କେତେ ଷ୍ଟୁଡ଼ିଓମାନଙ୍କରେ, ଚିତ୍ରିତ ପୃଷ୍ଠଭୂମିମାନଙ୍କ ସାଙ୍ଗରେ । ରାଜୀବ ପାଖରେ ଏବେ ଦାମୀ ମୋବାଇଲ୍ ଫୋନ୍, ନାମୀ କମ୍ପାନୀର କେତେ ସୁନ୍ଦର ଫଟୋ ସବୁ ନ ଉଠାଇ ପାରୁଛି ସେ ! ବେଳେବେଳେ ଭାବେ ରାଜୀବ, ଯେମିତି ଆଜି ବସି ଭାବୁଛି ନିଜ ମୋବାଇଲ୍‌ରେ ଥିବା ଫଟୋଗୁଡ଼ିକୁ ଦେଖି, ଆହା ପୁରା ପ୍ରଫେସନାଲ୍ ପଟୋଗ୍ରାଫର ଠାରୁ କେଉଁ ଗୁଣରେ କିଛି କମ୍ ନୁହେଁ ତ ତାର କରାମତି ! ଏକୁଟିଆ ବସିଲା ବେଳେ ମୋବାଇଲ୍‌ର ଫଟୋ ଗ୍ୟାଲେରୀର ଫଟୋ ସବୁକୁ ଉପର ତଳ କରି ଦେଖିଲା ବେଳେ ମନରେ କଣ ଗୋଟିଏ ଅନୁଭବ କରେ ସେ । ଚାଇଁ କରି କଣ ଗୋଟିଏ ହୋଇଯାଏ କେଉଁଠି ଭିତରେ ତାର ! ସେଇ ଚାଇଁଟା ପ୍ରକୃତରେ ଗୋଟିଏ ଇଚ୍ଛା, ଗୋଟିଏ ଅବଶୋଷ ରାଜୀବର ! ତା ବାପାଙ୍କ ସାଙ୍ଗରେ କେବେ ଗୋଟିଏ ଫଟୋଟିଏ ଉଠାଇ ପାରିନି ସେ । ସତେ ତ ! ସେ କଲେଜ୍‌ରେ ପଢ଼ିଲା ବେଳକୁ ଘରେ ତାର ଗୋଟିଏ କ୍ୟାମେରା କିଣା ସରିଥିଲା । ବିଭିନ୍ନ ପର୍ବପର୍ବାଣି, ବାହାଘର ବା ପରିବାର ଲୋକେ କେଉଁଠିକୁ ବୁଲିଗଲେ ସେହି କ୍ୟାମେରାରେ ଫଟୋ ଉଠା ହେଉଥିଲା । ପରିବାରର ସଦସ୍ୟମାନେ ଏକାଠି ହୋଇ ବା ନିଜ ନିଜର ଏକା ଏକା ଫଟୋ ଉଠାଇଛନ୍ତି । କିନ୍ତୁ ରାଜୀବର ତାର ବାପାଙ୍କ ସାଙ୍ଗରେ ଗୋଟିଏ ବି ଫଟୋ ନାହିଁ ।

ସେତେବେଳେ ରାଜୀବଙ୍କୁ ଫଟୋ ଉଠାଇବା ପାଇଁ ବହୁତ ଭଲ ଲାଗୁଥିଲା । ଏକରକମ ସଉକ ଥିଲା ତାର । ସାଙ୍ଗମାନଙ୍କ ସାଥିରେ କେତେ ଫଟୋ ନନେଇଚି ସେ ନିଜର ? ନିଜକୁ ଫଟୋରେ ଦେଖିବାକୁ ଓ ଅନ୍ୟମାନଙ୍କ ସାଙ୍ଗରେ ଫଟୋ ଉଠେଇବା ପାଇଁ ସବୁବେଳେ ତତ୍ପର ରହୁଥିଲା ସେ । ବାପାଙ୍କ ସାଥିରେ ସେ କିନ୍ତୁ ଉଠେଇ ପାରିନଥିଲା ଫଟୋଟିଏ । ପାଖରେ ତାର ଏତେ ଫଟୋଗ୍ରାଫ୍ ଗୁଡ଼ିକର ସଂଗ୍ରହ, ହେଲେ ତାର ବାପାଙ୍କ ସାଥିରେ ଗୋଟିଏରେ ବି ସେ ନାହିଁ ।

ଏହା ବିଲ୍‌କୁଲ୍ ନୁହେଁ ଯେ ତାର କେବେ ମନ ହୋଇନି ଫଟୋ ନେବାକୁ, ବା ସେଭଳି କିଛି ସୁଯୋଗ ଆସିନି... । ନା...ସୁଯୋଗ ଆସିଛି, ଏବଂ ତାର ମନ ବି ବହୁତ କରିଛି ତାର ବାପାଙ୍କ ସାଙ୍ଗରେ ଫଟୋଟିଏ ନେବା ପାଇଁ, କିନ୍ତୁ...କେଜାଣି, କ'ଣ ହୁଏ ତାର ? କଣ ଭାବେ ସେ... ! ବୋଧହୁଏ ସେ ଡରେ... ! ନା...ନା...ପ୍ରକୃତରେ ସଂଭ୍ରମରେ କିଛି କହି ପାରେନା । ରଖି ପାରେନା ତାର ଇଚ୍ଛାକୁ । ରୋକି ପାରେନା ତାର ବାପାଙ୍କୁ କ୍ଷଣଟିଏ ଛିଡ଼ା ହୋଇଯିବା ପାଇଁ ତା ପାଖରେ ଫଟୋଟିଏ ଉଠାଇବା ପାଇଁ । ଏବେ ଆଉ ସେତେଟା ମନେ ପକାଇ ପାରେନା ରାଜୀବ ସେ ପରିସ୍ଥିତି ସବୁକୁ... ।

ରାଜୀବ ମୁମ୍ବାଇରେ ରୁହେ । ଗଲା କୋଡ଼ିଏ ବର୍ଷ ଧରି ସେ ମୁମ୍ବାଇରେ ପ୍ରବାସୀ । ପ୍ରଥମଥର ପାଇଁ ମୁମ୍ବାଇ ଆସିଲା ବେଳକୁ ତାର ବାପା ଆସିଥିଲେ ରେଲୱେ ଷ୍ଟସନକୁ...ଏମିତି ବସିବୁ, ବ୍ୟାଗ୍ ବାଗେଇ ରଖିବୁ...କେତେ କଥା । ଏଯାଏଁ ମନେଅଛି ତାର, ଫଟୋ ଭଳି ରହିଯାଇଛି ତାର ବାପାଙ୍କ ବିଷର୍ଣ୍ଣ ମୁହଁଟି ତାର ମନରେ । ଗାଡ଼ି ଛାଡ଼ିଲା ବେଳେ କେମିତି ମେଘ ଢାଙ୍କିଲା ପରି ଦିଶୁଥିଲା ।

ରାଜୀବର ବାପା ତା' ପାଇଁ ସବୁବେଳେ ଅଧିକ ଚିନ୍ତା କରନ୍ତି । କ'ଣ କରୁଥିବ, କେମିତି ରହୁଥିବ

**ଗଳ୍ପ ପଛର କାହାଣୀ**

**ଗପଟି ପ୍ରତିନିଧିତ୍ୱ କରୁଛି ଗୋଟିଏ ପିଢିର ମନୋବସ୍ଥାକୁ , ସମୟର ଏକ ଅଧ୍ୟାୟକୁ । ସମୟ ବଦଳେ, ପିଢି ପରେ ପିଢି ଆଗେଇ ଚାଲେ । ପୂର୍ବ ପିଢି ଠାରୁ ପର ପିଢିରେ କିଛି ନୂତନତା ଦେଖା ଯାଇଥାଏ । ଏଇଟା ଅବିରତ, ପ୍ରବହମାନ । ଏଥିରେ ବିଚଳିତ ହେବାର କିଛି ନାହିଁ, ଏଇଟା ହିଁ ତ ପ୍ରକୃତି ! କିନ୍ତୁ କିଛି କଥା ରହିଯାଏ, ଉକୀର୍ଣ୍ଣ ହୋଇ ଦିଶେ, ଦୁଇ ପିଢି ଭିତରେ; କିଛି ବ୍ୟଥା, କିଛିଟା ଅବଶୋଷ । ଶିଳ୍ପ ଓ ଔଦ୍ୟୋଗିକ ବିକାଶ ଦ୍ୱାରା ବଦଳୁଥିବା ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ, ସାମାଜିକ ବ୍ୟବସ୍ଥା ଓ ସଂପର୍କରେ ପରିବର୍ତ୍ତନ ଆଦି କେଉଁଠି ନା କେଉଁଠି ଏହି ଅବଶୋଷାତ୍ମକ ଭାବନାର ଉନ୍ମେଷ କରାଏ ମନରେ । ମୁଁ ସେଇ ପିଢିର, ଯେଉଁଠି ଦୂରତାରେ ମଧ୍ୟ ସଂପର୍କରେ ମଧୁରତା ଥିଲା ଆଉ ଥିଲା ବହୁତ କିଛି କଥା ଯାହାକୁ ନେଇ କିଛିକ୍ଷଣ ଆନମନା ହୋଇପାରିବ ଜଣେ ! ମୋର କିଛି ବ୍ୟକ୍ତିଗତ ଅନୁଭୂତି ଏବଂ ମୋର ଆଖପାଖରେ ସଂଘଟିତ ହୋଇଥିବା କେତୋଟି ଘଟଣା, ମୋତେ ଭାବିବା ପାଇଁ ବାଧ କରିଥିଲା, ଯାହା 'ବାପାଙ୍କ ସହିତ ଫଟୋ' ରୂପରେ ପ୍ରତିଫଳିତ ।**

କ'ଣ ଖାଉଥିବ । ଦିନରେ ଅନେକଥର ଫୋନ୍ କରି ଅନେକ ପ୍ରଶ୍ନ କରିବସନ୍ତି । ରାଜୀବର ମା'ଙ୍କ ଦେହାନ୍ତ ପରେ ତା ପାଇଁ ତାର ବାପା ହିଁ ଏକା ରହି ଯାଇଥିଲେ, ଏସବୁ ଚିନ୍ତା କରିବା ପାଇଁ । ବଡ଼ ଭଉଣୀର ଆଗରୁ ବାହାଘର ହୋଇ ସାରିଥିଲା । ସେ ତା ଇଞ୍ଜିନିୟର ସ୍ୱାମୀ ସାଙ୍ଗରେ ରହୁଥିଲା ବ୍ରାଜିଲ୍‌ରେ । ତେଣୁ, ହିସାବ କିତାବ ସବୁ କେବଳ ବାପପୁଅ ଦୁହିଁଙ୍କ ମଧ୍ୟରେ ସୀମିତ ହୋଇଯାଇଥିଲା ।

ମା' ଚାଲିଗଲା ପରେ ରାଜୀବ କେବେ ଦେଖିପାରିନି ତାର ବାପାଙ୍କୁ ଏକୁଟିଆ ବୋଲି ନିରାଶ ହୋଇ ଯିବାଟା । ଯଦିଓ, ସେ ଜାଣେ ଲୋକଟା କେତେ ଏକୁଟିଆ, ତଥାପି କେବେ ଦେଖିବାକୁ ପାଇନି ବିଚରା ହୋଇ ବସିବା ତାର ବାପାଙ୍କୁ । ରାଜୀବ ଭାବେ ବୋଧହୁଏ ତାଙ୍କୁ ଜଣା ଦୁର୍ବଳ ହୋଇ କାହାରିକୁ ଆଶ୍ରା ଦେଇ ହୁଏନି, ସେଥିପାଇଁ ଦୃଢ଼ତା ଦରକାର । ଘରର ଛାତକୁ ଶକ୍ତ ହେବାକୁ ପଡ଼େ, ବେଯୋଡ଼ ହେବାକୁ ପଡ଼େ, ଦୃଢ଼ ଏକ ଆବରଣ ହେବାକୁ ହୁଏ, ତେବେ ଯାଇ ଘର ଓ ଘରେ ରହୁଥିବା ସମସ୍ତେ ଅଚିନ୍ତା ହୁଅନ୍ତି । ହଁ, ଏତେ ବର୍ଷର ଅନୁଭବ ତାଙ୍କ ପାଖରେ ।

ଚାକିରୀରୁ ଅବସର ନେଇ ସାରିଥିଲେ । ଚାଷବାସ, ଘରଦ୍ୱାର ନିଜେ ବୁଝୁଥିଲେ । ଚାକିରୀରେ ଥିଲା ସମୟରେ ଯଦିଓ ସେ ହିଁ ବୁଝୁଥିଲେ ଘରର ଚାଷବାସ, ଅବସର ପରେ କିନ୍ତୁ ନିଜକୁ ଏକରକମ ଉତ୍ସର୍ଗ କରି ଦେଇଥିଲେ ସେଥିରେ ନିଜକୁ । ବୋଧହୁଏ ସେ ନିଜକୁ ବ୍ୟସ୍ତ ରଖିବାକୁ ଚାହୁଁଥିଲେ ।

ରାଜୀବର ମନେଅଛି କଲେଜ୍‌ରେ ଆଡ୍‌ମିଶନ୍ ପରେ ହଷ୍ଟେଲ୍‌ରେ ତାକୁ ରଖେଇବାର ସବୁ ବନ୍ଦୋବସ୍ତରେ ଲାଗି ପଡ଼ିଥିଲେ ତାର ବାପା । ସଂଧ୍ୟାରେ ପାଖକୁ ଡାକି ବୁଝାଇଥିଲେ ଯିବା ଆସିବାରେ ସମୟ ଚାଲିଯିବ । ପାଠ ପଢ଼ିବୁ କେତେବେଳେ ? ହଷ୍ଟେଲ୍‌ଟିରେ ସବୁ ସୁବିଧା ଅଛି, ରହି ପାଠ ପଢ଼ିବୁ । ବହୁତ ଚେଷ୍ଟା କରିବାକୁ ପଡ଼ିଥିଲା ରାଜୀବକୁ ତାର ବାପାଙ୍କ ମନ ପରିବର୍ତ୍ତନ କରିବା ପାଇଁ । ପାରିନଥିଲା ପ୍ରଥମେ । କେମିତି ପାରନ୍ତା ? ସେ କଣ କେବେ କଥା କହି ଶିଖିଥିଲା ତାର ବାପାଙ୍କ ଆଗରେ । କହିଥିଲା ମାମୁଁଙ୍କୁ ତାର, ବାପାଙ୍କୁ ବୁଝାଇବା ପାଇଁ । ସେ ତା ବାପାଙ୍କ ସହିତ କଥା ହେଇ ପାରେନି, ସାଙ୍ଗରେ ବସି ଖାଇ ପାରେନି....କିନ୍ତୁ ସେ ବୋଧେ ଚାହିଁନଥିଲା, ଏକୁଟିଆ ମଣିଷଟା ଆଉ ଟିକେ ଏକୁଟିଆ ହୋଇଯାଉ । ଘରେ ରୋଷେଇବାସ ତା'ର ବାପା କରି ଦେଉଥିଲେ । କଲେଜ୍‌ରୁ ଫେରି ଆସିବା ପରେ ଯାହା ଯେମିତି ମନକୁ ଆସୁଥିଲା ରାଜୀବ କରୁଥିଲା, ଘରେ ଝାଡୁ ମାରିବା, କୋଣ ଗୁଡ଼ିକରୁ ଅଳନ୍ଧୁ ଝାଡ଼ି ଦେବା, ପରିବା କାଟିଦେବା ଇତ୍ୟାଦି.. । ସେମିତି କେହି ସାଙ୍ଗସାଥୀ ନଥିଲେ ତାର । ପାଠପଢ଼ିବା ଘରଦ୍ୱାରରେ ଆଖି ରଖିବା ଏଇତକ କେବଳ ଥିଲା ତାର ଜିମା ।

କଲେଜ୍ ପଢ଼ା ସରିବାର ଅଳ୍ପଦିନ ଭିତରେ ହିଁ ରାଜୀବର ଚାକିରୀ ହୋଇ ଯାଇଥିଲା । କେନ୍ଦ୍ର ସରକାରଙ୍କର ଏଇ ସଂସ୍ଥାରେ ପ୍ରଥମେ ପୋଷ୍ଟିଂ ମୁମ୍ବାଇ, ଯାହା ଏ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି ।

ଖୁସି ହୋଇଥିଲେ ଅନେକ ତାର ବାପା । ଯେଉଁଠି ଯିଏ ଦେଖାହେଲା ତାକୁ ରାଜୀବର ଚାକିରୀ ଖବରଟି କହି ନିଜର ଖୁସିକୁ ଆଉ ଟିକେ ଟାଣି ବର୍ଦ୍ଧିତ କରି ଦେଉଥିଲେ । ନିଯୁକ୍ତି ପତ୍ର ଆସି ପହଞ୍ଚିବାର ଅଳ୍ପଦିନରେ ଯୋଗ ଦେବାର ଥିଲ ଚାକିରୀରେ ସେଥିପାଇଁ ଖୁବ୍ କମ୍ ସମୟ ଥିଲା ରାଜୀବ ହାତରେ ତାର ବାପାଙ୍କ ପାଖରେ ରହିବାକୁ । ଯଦିଓ ସୁଖକର ଥିଲା ପରିବେଶଟି ତାର ଚାକିରୀକୁ ନେଇ ତଥାପି କେଉଁଠି ଗୋଟିଏ ଜାଗାରେ ରାଜୀବର ମନକୁ ଆଚ୍ଛନ୍ନ କରୁଥିଲା ବିଷାଦ । ସେ ତ ଚାଲିଯିବ ତାର ବାପା ଏକୁଟିଆ ରହିବେ କେମିତି ? ରହିବେ କେମିତି ମାନେ ଖାଇବେ କେମିତି, ରୋଷେଇ କରିବେ କେମିତି, ଶୋଇବେ କେମିତି...ନୁହେଁ....କଥା ହେଲା ବଞ୍ଚିବେ କେମିତି ଏକୁଟିଆ ? ଗୋଟି ଗୋଟି ହୋଇ ଘରୁ ସମସ୍ତେ




ଦୂରେଇ ଗଲା ପରେ ରାଜୀବ କେବଳ ଥିଲା ତାର ବାପାଙ୍କର ପାଖରେ । ଗୋଟିଏ ଛାଇ, ଗୋଟିଏ ଆଶ୍ରା, ଗୋଟିଏ ମଣିଷ ଯାହାକୁ ସେ ସବୁବେଳେ ଦେଖୁଥିଲେ ନିଜ ଘରେ ନିଜ ପାଖରେ ।

ବାପା ପୁଅ ନୁହେଁ ସବୁବେଳେ ସେମିତି କିଛି କଥୋପକଥନ ହେଉନଥିଲେ, ବା ବଖାଣି ବସୁ ନଥିଲେ ନିଜ ନିଜର ଦିନଚର୍ଯ୍ୟାର ବିବରଣୀ । ତଥାପି ଦୁହିଁଙ୍କ ଭିତରେ ଉତ୍କଣ୍ଠା ଥିଲା, ଇଚ୍ଛା ଥିଲା ପରସ୍ପରର ଭଲମନ୍ଦ-ରାଜୀବର ପାଠପଢ଼ା ବା ତା ବାପାଙ୍କର ଦେହପା, ସକାଳ ବୁଲା ଆଦି ବିଷୟରେ ବୁଝିବାକୁ ଏବଂ ବୁଝି ପାରୁଥିଲେ ମଧ୍ୟ । ଭାଷା କେବଳ ଗୋଟିଏ ତ ନୁହେଁ । ସୁଖ-ଦୁଃଖ, ଭଲ-ମନ୍ଦ କେବଳ କିଛି ଶବ୍ଦ ଭିତରେ ସୀମିତ ତ ନୁହେଁ ?

ସବୁ ପୂର୍ବ ନିର୍ଦ୍ଧାରିତ ପରି ରାଜୀବ ରହିଲା ମୁମ୍ବାଇରେ ଏବଂ ତାର ବାପା ଗାଁରେ । ଚାକିରୀ ଜଏନ୍ କଲା ପରେ ରାଜୀବ, ତାର ବାପା ସମୟ ବିତେଇବାକୁ ଗାଁ ମନ୍ଦିର କାମ, ନ୍ୟାୟ-ନିଶାପ, ଚାଷବାସ ଆଦି କାମରେ ନିଜର ପୁରା ସମୟ ବିନିଯୋଗ କରିବାକୁ ଲାଗିଲ । ଫୋନ୍ ହିଁ କେବଳ ଥିଲା । ରାଜୀବ କେବେ କେମିତି ଭୁଲିଯାଏ, ଅଫିସ୍, ସାଙ୍ଗସାଥୀ ବହୁତ କିଛି ଥିଲା କରିବାକୁ ତାକୁ । କିନ୍ତୁ ବାପା ତାର ଦିନକୁ ଅତି କମ୍‌ରେ ଚାରିଥର ଫୋନ୍ କରିବାଟା ଥିଲା ଚିର ନିର୍ଦ୍ଧାରିତ ! ଏଇ ଚାରିଥର କଥାବାର୍ତ୍ତାରେ ରାଜୀବର ବାପା ବୁଝୁଥିଲେ ତାଙ୍କ ପୁଅର ପରିବେଶ, ସାଙ୍ଗସାଥୀ, ଖିଆପିଆ, ନୂଆ ନୂଆ ଅନୁଭୂତି...ତାଙ୍କ ପୁଅର ମନସ୍ତତ୍ତ୍ୱ ! ରାଜୀବ ଅନୁଭବ କରୁଥିଲା ବାପା ତାର ବୁଝି ପାରୁନାହାନ୍ତି ତାର କଥା ଗୁଡ଼ାକୁ ତାର ପାରିପାର୍ଶ୍ୱିକ ଅବସ୍ଥା ସବୁକୁ । ବୁଝନ୍ତେ ବା କେମିତି ? ବୟସରେ ଫରକ, ସ୍ଥାନ ଦୁଇଟା ଭିତରେ ଏତେ ବିଭିନ୍ନତା... । ବୋଧହୁଏ ରାଜୀବ ସେତେଟା ମିଶେଇ ପାରୁନଥିଲା କଥୋପକଥନରେ ନିଜକୁ, ତେଣୁ ରାଜୀବର ଉତ୍ତର ସବୁ ଧିରେ ଧିରେ ହଁ...ନା...ଖାଇବି...ଖାଇନି...ଆଦିରେ ଆସି ପହଞ୍ଚିଥିଲା । ଏକା ସମୟରେ ଦୁହେଁ ବଞ୍ଚୁଥିଲେ କିନ୍ତୁ ଥିଲେ ଦୁଇଟି ଭିନ୍ନ ସମୟର । ବାପା ତାର ସମୟରେ ଥାଇ ବି ନଥିଲେ । ସମୟର ଗଳିକନ୍ଦି ଭିତରେ ଘୁରି ବୁଲୁଥିଲେ ବାପ ପୁଅ ।

ହଠାତ୍ ଥରେ ଫୋନ୍ ଆସିଲା ତା'ର ବାପାଙ୍କର । ଘରକୁ ଆସିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ପନ୍ଦର ଦିନ ଭିତରେ । ଝିଅ ଦେଖି ଯିବାକୁ ହେବ, ତାର ବାହାଘର ପାଇଁ । କେଜାଣି, କେମିତି ଓ କେବେ ଅନୁଭବ କଲେ ତାର ବାପା, ଯେ ପୁଅ ତାଙ୍କର ବିବାହ ଯୋଗ୍ୟ ହୋଇଗଲାଣି ବୋଲି ? ଆଉ କଣ, ବାହାର ଜାଗା,

କେତେବେଳେ ରୋଷେଇ କରିବ, ଅଫିସ୍ ଯିବ... । ଆଜିକାଲିକା ପିଲା, ଭଲରେ ଟିକେ ଖାଇପିଇ ପାରୁନଥିବ । ବାହାରେ କଣ ଖାଇବା ଭଲ ? ଆଉ କେତେଦିନ ଏକୁଟିଆ ରହିବ... । ବାହାଘର ଠିକ୍ ହେବାଦିନ, ରାଜବୀର ମାମୁଁ କହୁଥିଲେ ଏସବୁ ରାଜୀବକୁ ତା ବାହାଘରକୁ ନେଇ ବ୍ୟସ୍ତତା ତାର ବାପାଙ୍କର ।

ବାପାଘର ସରିଗଲା । ବାହାଘର ପାଇଁ କିଛିଦିନ ବହୁମାତ୍ରାରେ ବ୍ୟସ୍ତ ହୋଇପଡ଼ିଥିବା ତାର ବାପା ଏଥର ଖରାବେଳେ ଘୁଙ୍ଗୁଡ଼ି ମାରି ଶୋଇଲେ । ବାହାଘର ପାଇଁ ଆଣିଥିବା ଛୁଟି ସରି ଆସୁଥିଲା । ଯିବା ଦିନ ପାଖେଇ ଆସିବାରୁ ରାଜୀବ ଓ ତାର ସ୍ତ୍ରୀ ରଶ୍ମି ଦୁହେଁ ଅନେକ ଥର ଆଗ୍ରହ ପ୍ରକାଶ କରି ନିବେଦନ କରିଥିଲେ, ତାଙ୍କ ସହିତ ମୁମ୍ବାଇ ଯିବାପାଇଁ, ଅନ୍ତତଃ କିଛିଦିନ ହେଉନା କାହିଁକି । ରାଜି ହେଉନଥିଲେ ତାର ବାପା । ରାଜୀବର ମାମୁଁଙ୍କୁ କହିଥିଲେ- ଯାଇ ନୂଆ କରି ବାହା ହୋଇଥିବା ପୁଅବୋହୂଙ୍କ ପାଖରେ ରହିବାଟା ସତରେ ଜମା ଭଲ ଦିଶିବନି । ତାପରେ ଚାଷବାସ କଥା କିଏ ବୁଝିବ ।

ରଶ୍ମି ପାଲଟି ଯାଇଥିଲା ସେତୁ । ରାଜୀବର ଭଲମନ୍ଦ ଶ୍ୱଶୁରଙ୍କୁ ଏବଂ ଶ୍ୱଶୁରଙ୍କର ଖବର ସବୁ ରଶ୍ମୀ ହିଁ ଦେଉଥିଲା ରାଜୀବକୁ । ମଝିରେ ମଝିରେ ରଶ୍ମୀ ତାର ଶ୍ୱଶୁରଙ୍କୁ ମୁମ୍ବାଇ ବୁଲି ଆସିବାକୁ ଅନୁରୋଧ ମଧ୍ୟ କରୁଥିଲା । ବର୍ଷ ଦେଢ଼ଟା ଭିତରେ ଜନ୍ମ ହୋଇଥିଲା ରାଜୀବର ପୁଅ ଆକାଶ, ରୋକି ପାରିନଥିଲେ ଆଉ ଏଥର ନିଜକୁ ତାର ବାପା । ମନ ଭିତରୁ ଉତ୍ସାହ ଅନୁଭବ କରିଥିଲେ ମୁମ୍ବାଇ ଆସି ନାତିର ମୁହଁ ଦେଖିବା ପାଇଁ । ନାତିକୁ କୋଳରେ ଧରି ବଡ଼ ଖୁସି ହୋଇଥିଲେ ତାର ବାପା । ରାଜୀବ ବୁଲେଇ ନେଇଥିଲା ତାକୁ ମୁମ୍ବାଇ । ଏଲିଫାଣ୍ଟା, ହ୍ୟାଙ୍ଗିଙ୍ଗ୍ ଗାର୍ଡ଼ନ, ଜୁହୁ ଚୌପାଠୀ ଇତ୍ୟାଦି । ବାପା ତାର କିନ୍ତୁ ମନାକରି ଦେଉଥିଲେ ଦିନ, ଦୁଇଦିନ ବୁଲାରେ । କହିଲେ, ତୋର ବୁଲିବାର ଲମ୍ବା ତାଲିକା ପାଇଁ ମୋର ଆଉ ବୟସ ନାହିଁ ଥକି ଯାଉଛି ମୁଁ । ବରଂ ମୁଁ ଫେରିବା ଯାଏଁ ମୋ ନାତିକୁ ଦେଖିଲେ, ଧରିଲେ ଭଲ ହେବ । ରହିନଥିଲେ ବେଶୀଦିନ ତାର ବା'ପା ମୁମ୍ବାଇରେ । ଦିନେ ସକାଳେ ବସି କଣ ଭାବୁଥିଲେ, ରାଜୀବ ଆସିବାରୁ ହଠାତ୍ ପ୍ରକୃତିସ୍ଥ ହୋଇ କହିଥିଲେ- ଟିକେଟ୍‌ଟିଏ ବକ୍ କରି ଦଉନୁ...ଘରବାଡ଼ି ପୁଣି ଦେଖିବାକୁ ତ ପଡ଼ିବ । କେତେଦିନ ଆଉ ଏଠି ବସିବି ! ଏହି ସପ୍ତାହ ଶେଷ ଆଡ଼କୁ ଦେଖ । ଗଲାବେଳେ ବୋହୂର ମାନ-ଅଭିମାନର ଉତ୍ତର କହିଥିଲେ- ଏଥର ତ ଯିବା ଆସିବା ଲାଗି ରହିବ । ଟୋକାକୁ ମୂର୍ଚ୍ଛି ବେଶିଦିନ କ'ଣ ରହିହେବ ? ଟ୍ରେନ୍‌ରେ ବସେଇ ଦେଇ ଯିବା ପାଇଁ ଆସିଥିଲା ରାଜୀବ ଷ୍ଟେସନ୍ । ରଶ୍ମୀ କରିଦେଇ ଥିବା ଟିଫିନ୍ ଭର୍ତ୍ତୀ ଛୋଟ ବ୍ୟାଗ୍‌କୁ ବଢ଼େଇ ଦେଇ କହିଥିଲା ଟାଇମ୍‌ରେ ଖିଆପିଆ କରିବାକୁ । ଗାଡ଼ି ଛାଡ଼ି ଦେଇଥିଲା । ବାପାଙ୍କୁ ତାର ହାତ ହଲାଇ କିଛି ସମୟ ଚାହିଁ ରହିଥିଲା ରାଜୀବ ଟ୍ରେନ୍ ଯାଇ ସାରିବାର କିଛି ମିନିଟ୍ ପର୍ଯ୍ୟନ୍ତ ସେଇ ଏକା ଜାଗାରେ ଛିଡ଼ା ହୋଇ । ବୋଧହୁଏ ଭାବୁଥିଲା, ଏଇ କଣ ସମୟ ? ଆଖିରେ ଫିଲ୍ମ ପରି ଚାଲି ଯାଉଥିଲା ତାର ମୁମ୍ବାଇ ଆସିବାର ଦିନ । ରାଜୀବ ଦୀର୍ଘଶ୍ୱାସ ଛାଡ଼ିଲା ! କାଇଁ ସେତେବେଳେ ବି ତ ଫଟୋଟିଏ ଉଠାଇ ପାରିନି ସେ ତାର ବାପାଙ୍କ ସାଙ୍ଗରେ ।

ରାଜୀବର ଫୋନ୍ ସ୍କ୍ରିନ୍‌ରୁ ମୁହଁ କାଢ଼ି କିଛି ସମୟ ବାହାରକୁ ଚାହିଁଲା, ପୁଣି କଣ ସବୁ ଭାବିଲା... । ବାପା ତାର ସେଇ ଥରେ ହିଁ ଆସିଥିଲେ ମୁମ୍ବାଇ ତା ପାଖକୁ । ହଁ, ଯିବି, ଆସନ୍ତା ମାସରେ, କାମ ସରିଯାଉ- ଏଇ ସବୁରେ ହିଁ ତାଙ୍କ ଆସିବା କାର୍ଯ୍ୟକ୍ରମ ଛନ୍ଦିହୋଇ ରହି ଯାଇଛି । ରାଜୀବ ଯାଏ ଚାରିଛଅ ମାସରେ ଛୁଟି ମିଳିଲେ, କେବେ କିଛି କାମ ପଡ଼ିଲେ । ଯାନ୍ତି ତିନିଜଣ । ସନ୍ୟାସୀଟିଏ ପରି ରହୁଥିବା ବାପା ତାର ପୁନଶ୍ଚ ଗୃହସ୍ଥ ହୋଇ ପଡ଼ନ୍ତି ସେଇ କିଛିଦିନ । ନାତିକୁ ସାଙ୍ଗରେ ଧରି ଗାଁ ବୁଲାଇ ନିଅନ୍ତି । ମନ୍ଦିର ନେଇ ମୁଣ୍ଡିଆ ମରାଇ ଚଟାଣରୁ ଧୂଳି ଆଣି ନାତିର ମୁଣ୍ଡରେ ବୋଳି ପକାନ୍ତି । ଠାକୁରାଣୀ କେମିତି ରାତିସାରା ରାକ୍ଷସ ସାଙ୍ଗରେ ଯୁଦ୍ଧକରି ବଞ୍ଚାଇଥିଲେ ଗାଁଟି ଯାକଙ୍କୁ ପାଖରେ ବସାଇ ଗପରେ ଶୁଣାନ୍ତି ସେସବୁ । ବୁଲାଇ ନିଅନ୍ତି ଗାଁ ପାଖ ହାଟକୁ... । ରାଜୀବର ଫୋନ୍‌ରେ ଅନେକ ଫଟୋ ଜେଜେ ନାତିଙ୍କର... । କାଇଁ ସେତେବେଳେ ବି ତ ନେଇପାରିନି ଗୋଟିଏ ଫଟୋ ସେ ତା ବାପାଙ୍କ ସାଥିରେ !

ରଶ୍ମୀ ଖାଇବାକୁ ଡାକିବାରୁ ରାଜୀବ ଫେରି ଆସିଲା ତାର ଭାବନା ଗ୍ରହରୁ । ରବିବାର ପାଇଁ ରାଜୀବ ଘରେ ଅଛି । ଫୋନ୍‌କୁ ରଖିଦେଇ ଯାଇ ଡାଇନିଙ୍ଗ୍ ଟେବୁଲ୍ ପାଖରେ ବସିଲା ସେ, ଥିଲା କିନ୍ତୁ ଅନ୍ୟମନସ୍କ । ମନେମନେ କହୁଥିଲା ନାଇଁ, ଏଥର ଘରକୁ ଗଲେ ବାପାଙ୍କ ସାଙ୍ଗରେ ଫଟୋଟିଏ ଉଠେଇବ ସେ ନିଶ୍ଚୟ । ତାଙ୍କ ପାଖରେ ବସି ଉଠାଇବ, ବହୁତ ଗୁଡ଼ିଏ ଫଟୋ । ହଠାତ୍ ମୁହଁରେ ହସ ଚେନାଏ ଖେଳିଗଲା ତାର ଖାଉ ଖାଉ ।

କାନ୍ଥଘଣ୍ଟାଟିକୁ ଚାହୁଁ ଚାହୁଁ ସାର୍ଟର ବୋତାମ ଜଲ୍‌ଦି ଜଲ୍‌ଦି ଗୁନ୍ଥି ଚାଲିଥାଏ ରାଜୀବ, ହଠାତ୍ ମୋବାଇଲ୍ ଫୋନଟି ବାଜି ଉଠିଲା । ରାଜୀବ ଏଥର ରଶ୍ମୀକୁ ତାର ଫୋନ୍‌ଟି ଆଣି ଦେବାକୁ କହିଦେଇ ପୁଣି ବୋତାମ୍ ଗୁନ୍ଥାରେ ମନେଦେଲା । ମାମୁଁ କଲ୍ କରୁଛନ୍ତି କହୁକହୁ ରାଜୀବର ହାତକୁ ଫୋନ୍‌ଟି ବଢ଼ାଇଦେଲା ରଶ୍ମୀ । ରାଜୀବ କାନ୍ଧ ଟେକିଦେଇ କାନରେ ଫୋନ୍‌କୁ ଲଗେଇ, ଦୁଇ ହାତରେ ଅବଶିଷ୍ଟ ବୋତାମ ଦଉଦଉ ହ୍ୟାଲୋ କହିଲା । ତତ୍‌କ୍ଷଣାତ୍ ରାଜୀବର ମୁହଁର ମାଂସପେଶୀ ଶିଥିଳ ହୋଇ ଆସିଲା, ହାତ ଅଟକିଗଲା । ଫୋନ୍‌ଟି ଚଟାପଟ୍ ଗୋଟିଏ କାନରୁ ବାହାର କରି ଅନ୍ୟ କାନରେ ଚାପି ଦେଇ ପାଟିକରି ଉଠିଲା ରାଜୀବ କଣହେଲା.....କଣ ହେଲା....କେମିତି, କେତେବେଳେ ଏବେ କେଉଁଠି ? ସକାଳୁ ସକାଳୁ ମନ୍ଦିରରୁ ଫେରୁଥିବା ବେଳେ ପଡ଼ି ଯାଇଥିଲେ ବାଟରେ । ଗାଁ ଲୋକେ ନେଇ ଯାଇଥିଲେ ଡାକ୍ତରଖାନା, ସେତେବେଳକୁ ମୃତ୍ୟୁ ହୋଇ ସାରିଥିଲା ତାଙ୍କର । ରାଜୀବ ଆଉ କିଛି କହି ପାରୁନଥିଲା, ତା କଣ୍ଠରୁଦ୍ଧ ହୋଇ ଆସୁଥିଲା ।

ବମ୍ବେରୁ ଆସୁ ଆସୁ ସମୟ ଲାଗିଗଲା, ସଂଧ୍ୟା ହୋଇ ସାରିଥିଲା । ମୁଖାଗ୍ନି ଦେଲା ରାଜୀବ । ଛିଡ଼ା ହୋଇ ଚାହିଁ ରହିଥିଲା ନିଆଁର ଶିଖାଗୁଡ଼ିକୁ । ଶିଖାରେ ବିଲୀନ ହୋଇ ଯାଉଥିଲେ ତାର ବାପା । ତା'ର ଆକାଶ, ତାର ଜୀବନ ଫ୍ରେମ୍‌ରେ ଗୋଟିଏ ସନ୍ଦା ନିର୍ଦ୍ଧାରିତ ପୃଷ୍ଠଭୂମିଟି ।

ତା ବାପାଙ୍କ ମୃତ୍ୟୁ ଘଟଣା ବିଷୟରେ ସମସ୍ତେ ଅବଗତ ହେଲେ । ନିକଟ ସଂପର୍କୀୟମାନେ ହ୍ୱାଟ୍‌ସ୍ ଆପ୍ ଗ୍ରୁପରେ ତା ବାପାଙ୍କ ସାଙ୍ଗରେ ସେମାନଙ୍କର ଫଟୋ ସେୟାର୍ କରୁଥିଲେ । ଗୋଟିଏ ଭଲ ଫଟୋ ଖୋଜୁଥାଏ ରାଜୀବ ଏଗାରଦିନ ଶ୍ରଦ୍ଧାଞ୍ଜଳି ସଭାରେ ରଖା ହେବା ପାଇଁ ସ୍ୱତଃ ତା ମନକୁ ଚାଲି ଆସିଲା ଅବଶୋଷ । ତାର ଗୋଟିଏ ଫଟୋ ନାହିଁ ତାର ବାପାଙ୍କ ସାଙ୍ଗରେ ।

ଏଗାରଦିନରେ ସଂଧ୍ୟା ଘରଦ୍ୱାର ଭରି ଉଠିଥାଏ ସଂପର୍କୀୟମାନଙ୍କର ଚହଳ ପହଳରେ । ବିଦେଶରୁ ଫେରି ଆସିଥାନ୍ତି ତାର ଭଉଣୀ, ଭିଣୋଇ ଓ ତାର ପିଲାମାନେ । ରଶ୍ମୀ ତାଙ୍କ ସାଥିରେ ମିଶି ସବୁକଥା ବୁଝାବୁଝି କରୁଥାନ୍ତି । ପିଲାମାନେ ଏପଟସେପଟ ହେଉଥାନ୍ତି । ତା' ପୁଅ ରାଜୀବର ଫୋନ୍‌ଟି ଧରି ସବୁ ଜିନିଷର ଫଟୋ ନେଉଥାଏ । ରାଜୀବ ବନ୍ଧେଇ ହୋଇ ଆସିଥିବା ତାର ବାପାଙ୍କ ଫଟୋକୁ ଆଣି ଧଳା କପଡ଼ା ପଡ଼ିଥିବା ଚଉକି ଉପରେ ରଖିଦେଲା । ଫଟୋକୁ ରଖିଦେଇ ତାକୁ ଥରେ ନିରେଖି ନେଲା । ଫୁଲମାଳଟିଏ ଫଟୋଟି ଉପରେ ସଜେଇ ଦେଉଥିଲା ରାଜୀବ ହଠାତ୍ ତାର ପୁଅର ଡାକରେ ପ୍ରକୃତିସ୍ଥ ହୋଇପଡ଼ି ଚାହିଁଲା ବେଳକୁ ତା ପୁଅ ବାବା, ଲୁକ୍ ହିଅର୍ କହି ସ୍ନାପଟିଏ କ୍ଲିକ୍ କରିଦେଲା । କିଛି କହିବା ଆଗରୁ ପାଖରୁ ଦଉଡ଼ି ଆସି ଦେଖାଇଲା ଫଟୋଟି । ତା ବାପାଙ୍କ ଫଟୋରେ ଫୁଲମାଳ ପିନ୍ଧାଉଥିବା ବେଳେ ତା' ବାପାଙ୍କ ସାଙ୍ଗରେ ରାଜୀବର ଫଟୋ । ଝାପ୍‌ସା ହୋଇ ଆସିଲା ଫଟୋଟି ରାଜୀବକୁ । ରାଜୀବ ଆଖିରେ ଆଖିଏ ଲୁହ ।

# ସର୍ଜନଶୀଳତା ଓ ସତ୍‌ସଙ୍ଗ


ଆମେ ଯେଉଁମାନେ ସୃଜନାତ୍ମକ କାର୍ଯ୍ୟରେ ଲିପ୍ତ ରହି ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଥାଉଁ, ଆମର ପ୍ରତ୍ୟେକଙ୍କର କୌଣସି ନା କୌଣସି ପ୍ରକାର ମାନସିକ ଯୋଗ୍ୟତା ଥାଏ । ଯାହାଦ୍ୱାରା ଆମେ ଲେଖକ, କଳାକାର ବା ବୈଜ୍ଞାନିକ ବୋଲି ସମାଜରେ ବୋଲାଇଥାଉ । ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସୃଜନାତ୍ମକତାର ଅଭିବ୍ୟକ୍ତି ଥାଏ । ଏମିତିରେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସୃଜନଶୀଳ ହେବାର ଗୁଣ ନିହିତ ଥାଏ । କିନ୍ତୁ ସଠିକ୍ ବାତାବରଣ ବା ଅନୁକୂଳ ପ୍ରେରଣା ନମିଳିବା କାରଣରୁ ସୃଜନଶୀଳତା ବିକଶିତ ହୁଏ ନାହିଁ । ସର୍ଜନକ୍ଷମ ବ୍ୟକ୍ତିଟିଏ ନିଜର ନୂତନ ଓ ଭିନ୍ନ ଚିନ୍ତନ ଦ୍ୱାରା ନିଜର ଅଭିବ୍ୟକ୍ତିକୁ ସାକାର ରୂପ ଦେବାରେ ସକ୍ଷମ ହୋଇଥାଏ । ଯେଉଁମାନଙ୍କ ପାଖରେ ସୃଜନଶକ୍ତି ଥାଏ, ସେ ହିଁ ଲେଖକ ବୋଲାଏ । ଲେଖକର ବା ଜଣେ ସର୍ଜକର ବିଶେଷତା ହେଲା ତା'ର ବିଚାର ଓ ଅଭିବ୍ୟକ୍ତିରେ ମୌଳିକତା । ଏହା ବ୍ୟତୀତ ସେ ଅନ୍ୱେଷଣାତ୍ମକ ତଥା ଜିଜ୍ଞାସୁ ପ୍ରକୃତିର ହୋଇଥିବା ସହ ଦୂରଦୃଷ୍ଟି ସମ୍ପନ୍ନ ହେବା ଜରୁରୀ । ସ୍ୱତନ୍ତ୍ର ନିର୍ଣ୍ଣୟ କ୍ଷମତାର ଅଧିକାରୀ ହୋଇଥିବେ ମଧ୍ୟ । ଲେଖକଟି ପାଖରେ ଉଚ୍ଚ ଆକାଂକ୍ଷା ଥିବା ସହ ଅପାରମ୍ପରିକ ବିଚାର ପ୍ରତି ରୁଚି ନିଶ୍ଚିତ ଥିବ । ଅଭିବ୍ୟକ୍ତିରେ ବିବିଧତା ଏବଂ ବିସ୍ତାରଣ କ୍ଷମତା (ଛୋଟ କଥାଟିକୁ ନିଜର କଳ୍ପନା ଓ ଚିନ୍ତନ ଦ୍ୱାରା ବିସ୍ତାର କରି କହିବାର କ୍ଷମତା) ଜଣେ ଲେଖକର ସବୁଠୁ ବଡ଼ ଗୁଣ ।

ଲେଖକୀୟ ମନୋସ୍ଥିତିରେ ଯେକୌଣସି କଥାକୁ ଜଣେ ଲେଖକ ଅତି ସକାରାତ୍ମକ ଢଙ୍ଗରେ ପରିବେଷଣ କରିବା ଉଚିତ । ମାତ୍ର ସାଂପ୍ରତିକ ସମୟରେ ଲେଖକ ହେବାର ଏକ 'ତାଡ଼ନା' ଯେପରି ସମସ୍ତଙ୍କୁ କାବୁ କରିଛି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଲେଖକ ତା'ର ମୌଳିକ ଚିନ୍ତନରୁ ଓହରି ଆସି କେତେବେଳେ ଅନ୍ୟମାନଙ୍କୁ ନକାରାତ୍ମକ ଭାବେ ବିଚଳିତ କରିବା କିମ୍ବା ଘୃଣା, ଅସହିଷ୍ଣୁତା ସୃଷ୍ଟି କରୁଥିବା ପ୍ରସଙ୍ଗକୁ ପ୍ରୋତ୍ସାହନ କରିବା ଭଳି ବାଚାଳାମୀ ଦେଖାଉଛି । ବର୍ତ୍ତମାନ ଏସବୁ କରିବା ପାଇଁ ଫେସ୍‌ବୁକ୍ ଏକ ମୁକ୍ତ ଓ ଅବାଧ ମଞ୍ଚ ପାଲଟି ଯାଇଛି । ଯିଏ ଯାହା ଇଚ୍ଛା କରୁଛି ଅନ୍ୟକୁ ଆହତ ବା ଅପଦସ୍ତ କରିବା ଭଳି କଥା ଲେଖି ଆନନ୍ଦ ପାଇଛି । ଏ ଦିଗରେ ସାଧାରଣ ଲୋକଟିଏ ଯଦି ମନୋନିବେଶ କରୁଥାଏ ତେବେ ଆମର କିଛି କହିବାର ନାହିଁ । କିନ୍ତୁ ଜଣେ ସୃଜନଶୀଳ ବ୍ୟକ୍ତି ଏସବୁ କରିବାରେ ଯଦି ବେଶିରୁ ବେଶି ସମୟ ବ୍ୟୟ କରୁଥାଏ, ଏବଂ ତଦ୍ୱାରା ଅନ୍ୟଜଣେ ବା ଏକାଧିକ ସୃଜନଶୀଳ ବ୍ୟକ୍ତିର ମନୋସ୍ଥିତିରେ ଉଦ୍‌ବେଳନ ହେଉଥାଏ, ତେବେ ସେପରି କ୍ଷେତ୍ରରେ ଏହା ସର୍ଜନଶୀଳତା ଆଚରଣର ବିରୁଦ୍ଧାଚରଣ କରୁଛି ବୋଲି କହିବାରେ ଦ୍ୱିଧା ନାହିଁ ।

ସାହିତ୍ୟ ସମ୍ବନ୍ଧିତ କାର୍ଯ୍ୟକୁ ହିଁ ସର୍ଜନଶୀଳତା କୁହାଯାଏ ଯଦିଓ ଅନ୍ୟ କେତେକ ସୃଜନଶୀଳ କାର୍ଯ୍ୟ ବି ସଂଘଟିତ ହୁଏ । ତେବେ ମୁଖ୍ୟତଃ ସାହିତ୍ୟ କର୍ମରେ ଲିପ୍ତ ବ୍ୟକ୍ତିଟି ସାହିତ୍ୟିକ ବୋଲାଇଥାଏ ଏବଂ ତା' ପାଖରେ ସୃଜନଶୀଳତାର ଉପରୋକ୍ତ ବିଶେଷତାମାନ ରହିବା ବାଞ୍ଛନୀୟ । ମାତ୍ର ସମୟର ପରିବର୍ତ୍ତନ ସାଙ୍ଗକୁ ଲେଖକର ଆଚରଣ ଓ ପ୍ରକୃତିରେ ମଧ୍ୟ ଭୟଙ୍କର ଭାବେ ପରିବର୍ତ୍ତନ ଆସି ସାରିଛି । ଆଜିର ଆଧୁନିକ ଜୀବନଚର୍ଯ୍ୟାରେ ବଞ୍ଚୁଥିବା ପ୍ରତିଟି ମଣିଷ ପରି ଲେଖକଟିଏ ମଧ୍ୟ 'ସୁଅ ମୁହଁରେ ପତର' ହୋଇ ସାରିଲାଣି । ଆମେ ସେମାନଙ୍କ ଠାରୁ ସତ୍ ଆଚରଣ ବା ସତ୍ ବ୍ୟବହାର ଆଶା କରିବା ବୃଥା । କାରଣ ସମସ୍ତେ ଯେପରି ଗୋଟିଏ ଗୋଟିଏ ଗୋଷ୍ଠୀଗତ ଶୃଙ୍ଖଳା ତିଆରି କରି ତଦ୍ୱାରା ନିଜକୁ ପ୍ରତିପାଳିତ ତଥା ପ୍ରତିପାଦିତ କରିବାକୁ ତତ୍ପର । ନିଜର ସତୀର୍ଥ ବା ସହ-ଲେଖକଙ୍କୁ ସମ୍ମାନ ଓ ଆଦର ଜଣାଇବା ଭଳି ସାଧାରଣ ଶିଷ୍ଟାଚାର ଆଉ ନାହିଁ । ସମସ୍ତେ ନିଜକୁ ଜଣେ ଜଣେ ବଡ଼ ଲେଖକ ବୋଲି ବିବେଚନା କରି ନିଜକୁ ତଦନୁସାରେ ସାହିତ୍ୟ ଜଗତରେ ପେଶ୍ କରୁଛନ୍ତି । ଫଳରେ ସାହିତ୍ୟ କରୁଥିବା ଲୋକଙ୍କ ଭିତରେ ଯେଉଁ ସୌହାର୍ଦ୍ଦ୍ୟ ଓ ଶିଷ୍ଟାଚାର ଥିଲା ତାହା ଧୀରେ ଧୀରେ କ୍ଷୟ ହେବାରେ ଲାଗିଛି । ଅଧିକନ୍ତୁ ସତ୍ ସାହିତ୍ୟିକମାନେ କ୍ରମଶଃ ହତାଶବୋଧ ଅନୁଭବ କଲେଣି ।

ସର୍ଜନଶୀଳତା ଏପରି ଏକ ମହତ କର୍ମ ଯାହାଦ୍ୱାରା ଜଗତର ହିତ ସାଧନ ହୋଇଥାଏ । ମାତ୍ର ସତ୍‌ସଙ୍ଗର ଏକ ଅଭାବବୋଧ ଭିତରେ ସାହିତ୍ୟର କର୍ମୀମାନେ ରୁଗ୍‌ଣ ଓ କ୍ଷଣକାୟ ହୋଇ ଗଲେଣି । କଥାରେ ଅଛି: 'ଦୁର୍ଜନ ସଙ୍ଗେ କଲେ ବାସ, ନିଶ୍ଚେ ଘଟିବ ସର୍ବନାଶ ।' ଆଜିର ସମୟ ସେହିପରି । ଆମେ କେହି ସତ୍‌ସଙ୍ଗର ପ୍ରୟାସୀ ନୋହୁଁ । ଗୁଲିଖଟି କରିବା ଭିତରେ ଅନ୍ୟର ବିରୋଧରେ ଆଲୋଚନା କରିବା ଆମକୁ ଚରମ ଆନନ୍ଦ ଦେଉଛି । ଆମେ ଅନେକ ସମୟରେ ସତ୍‌ସଙ୍ଗର ଅଭାବରୁ ଗୋଟିଏ ଅସତ୍ୟ ବା ଅସାଧୁ କଥାକୁ ମଧ୍ୟ ସ୍ୱୀକାର କରି ତା ସପକ୍ଷରେ ମନ୍ତବ୍ୟ ଦେଇ ଅନ୍ୟକୁ ଦୁଃଖ ପହଞ୍ଚାଉ । ଆମେ ଭାବୁନା ଯେ, ସତ୍ୟକୁ ଯେତେ ବି ଅସ୍ୱୀକାର କଲେ, ସତ୍ୟ ସର୍ବଦା ସତ୍ୟ । ତେଣୁ ସତ୍ ବା ଉଚିତ ସଙ୍ଗର ସଂଧାନରେ ଆମେ ରହିବାର ଆବଶ୍ୟକତା ରହିଛି । ଦିବ୍ୟଚିନ୍ତା ଆଉ ଈଶ୍ୱରୀୟ ଗୁଣାବଳୀକୁ ଆଲୋଚନା କଲେ ନିଜ ଭିତରଟି ପରିଶୋଧିତ ହେବା ସହ ନିଜର ସାହିତ୍ୟ କର୍ମ ମଧ୍ୟ ଆଦର ଲାଭ କରିବ- ଏକଥା ଆମେ ବୁଝିବା ଦରକାର । ସେପରି ନକରି ନକାରାତ୍ମକ ତଥା ସମାଜକୁ ନଷ୍ଟ କରୁଥିବା ପରି କଥା ଦ୍ୱାରା ନିଜକୁ ପରିଚାଳିତ କରିବା ଆଦୌ ଜଣେ ସତ୍ ସାହିତ୍ୟିକର କାମ ନୁହେଁ । ଭଲ ସଙ୍ଗ ଲାଭ ପରି ଭଲ ଲେଖାଟିକୁ ପଢିବା ଏବଂ ପଢି ସାରି ଅନ୍ୟକୁ ଶୁଣାଇବା, ସଂପୃକ୍ତ ଲେଖକଙ୍କୁ ପ୍ରଶଂସା କରିବା ଭଳି କାର୍ଯ୍ୟ ଆମ ମଧ୍ୟରୁ ଅନେକ ଲେଖକ କରୁଛନ୍ତି । ନିକଟରେ ୯୬ ବର୍ଷ ବୟସ୍କ ଲେଖକ ଅଚ୍ୟୁତାନନ୍ଦ ପତି ଏ ସମ୍ପର୍କରେ ଭଲ କଥାଟିଏ କହିଲେ, "ପଢିଲେ ଜଣେ ବୟସକୁ ଭୁଲିଯିବ । ମୁଁ ମୋର ସମୟର ୯୦ ପ୍ରତିଶତ ପଢାପଢିରେ ବ୍ୟୟ କରେ । ମୋତେ ମିଳୁଥିବା ପତ୍ରପତ୍ରିକାକୁ ମୁଁ ନିଶ୍ଚିତ ପଢିଥାଏ ଓ ଭଲ ଲାଗିଲେ କି ନଲାଗିଲେ ଲେଖକଟିକୁ ଜଣାଇଥାଏ ।" ଅନୁରୂପ କଥା ବର୍ଷୀୟାନ କବି ଜୟନ୍ତ ମହାପାତ୍ର ଓ କଥାକାର ରାମଚନ୍ଦ୍ର ବେହେରାଙ୍କ ଠାରେ ମୁଁ ଲକ୍ଷ୍ୟ କରିଛି । ଆମେ କଣ ସେମାନଙ୍କ ପଦାଙ୍କ ଅନୁସରଣ କରିପାରିବା ନାହିଁ ନା ଆମେ ସତ୍‌ସଙ୍ଗ ସନ୍ଧାନୀ ହୋଇ ପାରିବା ନାହିଁ ? ନଜକୁ ଥରେ ଏ ପ୍ରଶ୍ନ ପଚାରନ୍ତୁ ତ ।





HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

The **REBATI AMA MATIRA SWARA** ● July 2022 Vol - 4 Issue -9 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50
Total Page : 108

SUPRATIK INFRAVENTURES

## *The best property in the town to live*






*Few Villas Available* *2BHK, 3BHK & 4BHK Flats Available*

**Ammenities**



**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**

**Supratik Infraventures Private Limited**
**Branch Office: Alupur,Near Laxminaryan Temple, O.T. Road, Balasore - 756001**
**+91-7205330222 I sales@supratikinfraventures.com**
**www.supratikinfraventures.com**